ରବି କାନୁନ୍‌ଗୋ

ମନେ ଥାଉ ସେମିତି ସେମିତି

ମନେ ଥାଉ ସେମିତି ସେମିତି

Digitized by srujanika@gmail.com

ସାହିତ୍ୟ ଏବଂ ସଂସ୍କୃତି କ୍ଷେତ୍ରରେ ନିଜର ଅବଦାନ ନିମନ୍ତେ ଶ୍ରୀଯୁକ୍ତ କାନୁନ୍‌ଗୋଙ୍କୁ 'ସୁରେନ୍ଦ୍ର ମହାନ୍ତି କଥା ସାହିତ୍ୟ ସମ୍ମାନ' (୧୯୯୪); 'ପ୍ରଜାତନ୍ତ୍ର ବିଷୁବ ସମ୍ମାନ' (୧୯୯୬); ଓଡ଼ିଆ ସାହିତ୍ୟରେ ସୃଜନାତ୍ମକ ରଚନା ସକାଶେ 'ଲାୟନ୍‌ସ କ୍ଲବ ଇଣ୍ଟରନ୍ୟାସନାଲ' ଦ୍ୱାରା (୧୯୯୮)ର ସ୍ୱତନ୍ତ୍ର ପରୁସ୍କାର; 'ନାରଦ ସମ୍ମାନ'(୨୦୦୯); 'ଡଃ ରାଧାନାଥ ରଥ ବିଶିଷ୍ଟ ସାମ୍ବାଦିକ ସମ୍ମାନ' (ଉତ୍କଳ ସାହିତ୍ୟ ସମାଜ, କଟକ, ୧୨୫ତମ ପ୍ରତିଷ୍ଠା ଦିବସ, ୨୦୧୧) ଇତ୍ୟାଦି ତାଙ୍କ ସହିତ ଯୋଡ଼ା ।

ଶ୍ରୀଯୁକ୍ତ କାନୁନ୍‌ଗୋଙ୍କ ରଚିତ କେତେକ ପ୍ରମୁଖ ପୁସ୍ତକ ହେଲା: 'କଥା କିଞ୍ଚିତ' (୧୯୮୯); 'କାଗଜ ବାଘ' (୧୯୯୪); 'କେଶବତୀ କନ୍ୟା' (୧୯୯୬); 'ଅଇନା (୧୯୯୮); 'ପୁଅ ଓ କୋଡ଼ିଏଟି ଗପ' (୨୦୦୪); 'ଆଶା ତମସା' (୨୦୦୮); 'ଏକ ରାଜ୍ୟପାଳଙ୍କ ଅନୁଭୂତି' (ଇଂରାଜୀରୁ ଅନୂଦିତ-୧୯୯୭), 'ସବୁ ନାରୀ ଟିକେ ଟିକେ ସୀତା' (୨୦୧୨) ଇତ୍ୟାଦି ୧୨ ଖଣ୍ଡ ।

Digitized by srujanika@gmail.com

ମନେ ଥାଉ ସେମିତି ସେମିତି

ରବି କାନୁନ୍‌ଗୋ

'ସୂର୍ଯ୍ୟପ୍ରଭା'
SURYAPRAVA

Digitized by srujanika@gmail.com

ମନେ ଥାଉ ସେମିତି ସେମିତି

ଲେଖକ : ରବି କାନୁନ୍‌ଗୋ

■ପ୍ରକାଶକ : ସୂର୍ଯ୍ୟପ୍ରଭା
୧, ଜନପଥ, ଖାରବେଳନଗର
ଭୁବନେଶ୍ୱର
■ମୁଦ୍ରଣ : ଥିମ୍ କ୍ରିଏଟିଭ୍‌ସ, ଭୁବନେଶ୍ୱର
■ଅକ୍ଷର : ସାବିତ୍ରୀ ତ୍ରିପାଠୀ, ଭୁବନେଶ୍ୱର
■ପ୍ରକାଶ କାଳ : ନୂଆ ବର୍ଷ, ୨୦୧୪
■ପ୍ରଚ୍ଛଦ ଶିଳ୍ପୀ : ସନ୍ତୋଷ ତ୍ରିପାଠୀ
©ସର୍ବସ୍ୱତ୍ୱ ପ୍ରକାଶକଙ୍କ ଦ୍ୱାରା ସଂରକ୍ଷିତ
■ମୂଲ୍ୟ : ₹ ୧୫୦/-

Mane Thau Semiti Semiti

Author : **Rabi Kanungo**

■Published By : **'SURYAPRAVA'**
1, Janapath, Kharvela Nagar,
Bhubaneswar
■Printed by: Theme Creatives, Bhubaneswar
■DTP : Sabitri Tripathy
Bhubaneswar
■First Edition : New Year, 2014
■Cover Designed by : Santosh Tripathy
© Reseved by the Publisher
■Price ₹ 150/-

Digitized by srujanika@gmail.com

ନିଜ ମତ - ନ କହିଲେ ଭଲ

ମୋ ଦ୍ୱାରା ଦୈନିକ 'ସୂର୍ଯ୍ୟପ୍ରଭା'ର ସଂପାଦକୀୟ ଲେଖା ପାଞ୍ଚ ବର୍ଷ ପୂରିଲା। ସେଥିରୁ କେବଳ ୨୦୧୩ ବର୍ଷର ୧୨୫ଟି ସ୍ତମ୍ଭକୁ ନେଇ ଏହି ସଂକଳନ।

ରାଲ୍ଫ ୱାଲ୍‌ଡୋ ଇମରସନ୍‌ଙ୍କ ଉକ୍ତି : Do not follow where the path may lead, go in stead where there is no path and leave a trail. ଏହା ମୋ ଲେଖକୀୟ ଜୀବନର ଅଭ୍ୟାସ। ଚାଲିଛି ତ।

ପାଠକମାନଙ୍କ ନିକଟରେ ମୁଁ କୃତଜ୍ଞ ଏବଂ 'ସୂର୍ଯ୍ୟପ୍ରଭା' ପବ୍ଲିକେସନ୍‌ସର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ବିକାଶ ସ୍ୱାଇଁଙ୍କୁ ଶ୍ରେୟ ଜଣାଉଛି ଏହାର ପ୍ରକାଶନ ପାଇଁ। ଥରେ ଲେଖିବା ଛଡ଼ା ଦ୍ୱିତୀୟ ଥର ଏଥିରେ ମୁଁ କିଛି କରି ନାହିଁ। ପୁସ୍ତକ ରୂପେ ଲୋକ ଲୋଚନକୁ ଆସିବା ପାଇଁ ଆଉ ଯେତେ କାମ, ସବୁ କରିଛନ୍ତି ଶ୍ରୀ ପ୍ରଶାନ୍ତ କୁମାର ଦାଶ (ବିଶ୍ୱମ୍ଭର), ଶ୍ରୀ ଶଶାଙ୍କ ଶେଖର ତ୍ରିପାଠୀ ଓ ଶ୍ରୀ ସନ୍ତୋଷ କୁମାର ତ୍ରିପାଠୀ। ସେମାନଙ୍କ ଅବଦାନକୁ ଧନ୍ୟବାଦ ସହ ସ୍ୱୀକାର କରୁଛି।

ଭୁବନେଶ୍ୱର
୫.୧.୨୦୧୪.

(ରବି କାନୁନଗୋ)

"There is no greater agony than bearing an untold story inside you."

- Maya Angelou

Digitized by srujanika@gmail.com

: ସୂଚୀପତ୍ର :

ବିଷୟ	ପୃଷ୍ଠା	ପୃଷ୍ଠା	ବିଷୟ
ଶୁଆ ସାରୀ କଥା	୦୭	୬୯	ତ୍ରିଶଙ୍କୁ ପାଇଁ ନିଆରା ସ୍ୱର୍ଗ
ବନ୍ଦେ ଉତ୍କଳ ଜନନୀ	୦୯	୭୧	ଆଞ୍ଜୁଳି ଭିତରେ କଣା
ସତ ଶୁଣିବାକୁ କିଆଁ ଡରିବି	୧୧	୭୩	ଜେନେରିକ୍ ମେଡିସିନ୍
ଡାଇରେକ୍ଟ - ଟୁ - ହୋମ୍	୧୪	୭୫	ପଣତ କାନି ତଳେ
ଏବଂ - ବନାମ - ଅଥବା	୧୬	୭୭	ରେଳ ବଜେଟ୍ ୨୦୧୩
ଆଦ୍ୟା	୧୮	୭୯	ନାରୀ - ସୁରକ୍ଷା ଓ ଠକ ଉପାଖ୍ୟାନ
ଭଲ ଖବର	୨୧	୮୧	ଖଡ଼ମ୍
ନାରୀ ସୁରକ୍ଷା: ଓଡ଼ିଶା ପୁଲିସ୍	୨୩	୮୩	ମଣ୍ଡୁକ କୃଷ୍ଣ ସର୍ପ କଥା
କ୍ଷୁଧା ଓ ଲଜ୍ଜା	୨୫	୮୫	ମାଗୁର ମାଛେର୍ ଝୋଲ୍
ତମେ ଯଦି ଥାଆନ୍ତ	୨୭	୮୭	ସେଇ ଗପ ଆଉଥରେ
ନିର୍ବାଚନ, ଯୋଜନା ଓ ଜୁଆଖେଳ	୨୯	୮୯	ପ୍ରମୋଦ ଗଣତନ୍ତ୍ର
ମନଇଚ୍ଛା ସ୍ୱାଧୀନ	୩୧	୯୧	ସଙ୍ଘୀୟ ଭାରତ ଓ କ୍ଷେତ୍ରପାଳମାନେ
ବସନ୍ତ ବିଳାସ	୩୩	୯୩	କ୍ରିମିନାଲ୍ ଲ' ସଂଶୋଧନ ବିଲ୍, ୨୦୧୩
ବାବାରେ ଆଲୁଅ	୩୫	୯୫	ୟୁପିଏ ନାଟକ ଦୃଶ୍ୟାନ୍ତର
ଗଣିତ ଓ ଗଣତନ୍ତ୍ର	୩୭	୯୭	ନୀତିଶ୍ - ନବୀନ: ବିହାର - ଓଡ଼ିଶା
ନ'ଅଙ୍କ ଦୁର୍ବିକ୍ଷରୁ ନବୀନ ପଟ୍ଟନାୟକ	୩୯	୧୦୦	ଦୃଢ଼ କାର୍ଯ୍ୟାନୁଷ୍ଠାନ
ଦ୍ରୌପଦୀ ବସ୍ତ୍ରହରଣ	୪୧	୧୦୨	ରଙ୍ଗଦେ ଚୁନ୍‌ରିୟା
ଅସହିଷ୍ଣୁ ଭାରତ ଓ କମଲ ହାସାନ	୪୩	୧୦୪	ଭକ୍ତି ଓ ପ୍ରେମ
ମତି ଅଶାନ୍ତ ଭାରତ କ୍ଲାନ୍ତ	୪୫	୧୦୬	ସାମ୍ବିଧାନିକ ସନ୍ତ୍ରାସବାଦ
ଦି'ନ ବଞ୍ଚୁଥିବା ମଣିଷ	୪୭	୧୦୮	କାଙ୍ଗାଳ ବୈରାଗ୍ୟ
ନେତାଜୀଙ୍କ 'ମୃତ୍ୟୁ'	୪୯	୧୧୦	ଚାଣକ୍ୟ, ନବବାବୁ ଓ ନାଲିବତି ଗାଡ଼ି
'ଜାତୀୟତା' / 'ସାମ୍ପ୍ରଦାୟିକତା'	୫୧	୧୧୨	ହୀନିମାନିଆକୁ 'ମାନ୍ୟତା'
ପୋସ୍କୋ: ସୁଆଙ୍ଗରେ ମଧ୍ୟାନ୍ତର ବିରତି	୫୩	୧୧୪	କାଚ ହେଉ ବଜର
ଅପଜଲ ଗୁରୁ ଫାଶୀ	୫୫	୧୧୬	ଧଡ଼ା ଆରପଟ
ପ୍ରେମ ପ୍ରହରୀ ପ୍ରତାରଣା	୫୭	୧୧୮	ଭାଷା ନା ମଣିଷ - କିଏ ଖରାପ ?
ମୁଗୁରା - ଡ୍ୟାସ୍ ମେଲା	୫୯	୧୨୦	ବ୍ୟାସଙ୍କ ବାପା ପରାଶର
ହାତ ଟାଇଟ୍ ପକେଟ୍ କଣା	୬୧	୧୨୨	ଭୁରସୁଙ୍ଗପତ୍ର ଓ କର୍ମୀ ଉପାଖ୍ୟାନ
ଅଧା ଆତ୍ମାର ବିଳାପ	୬୩	୧୨୪	ସପନ ସଂକେତ ପାଇଣ ...
ଅଥ ବିଲ୍ୱମଙ୍ଗଳ କଥା	୬୫	୧୨୬	ଶୂନ୍ୟ ଫଟକା ଗଣିତ
ଓଡ଼ିଶା ବଜେଟ୍	୬୭	୧୨୮	ଦୁଷ୍କର୍ମ

Digitized by srujanika@gmail.com

ବିଷୟ	ପୃଷ୍ଠା
ଧୀର ପାଣି ପଥର କାଟେ	୧୩୦
ଛାଇ ନାଚ	୧୩୨
ଅତନୁତନୁ ସେବା କାହିଁକି କଲୁ ମନ ?	୧୩୪
ଚାକିରି	୧୩୭
ମନେ ଥାଉ ସେମିତି ସେମିତି	୧୩୯
ଚେତନା ବିକ୍ରୟ କେନ୍ଦ୍ର	୧୪୧
ବିନ୍ଦୁ ବିସର୍ଗ	୧୪୩
ଲକ୍ଷ୍ୟ	୧୪୫
ପିଲାଙ୍କ ପରୀକ୍ଷା ଓ ଆଇପିଏଲ୍	୧୪୭
ମାଟି ମାୟା	୧୪୯
ଆମ ଭାଇଙ୍କ ନିଶ ଦେଖ !	୧୫୧
ଓଃ ମାଇ ଗଡ୍ !	୧୫୩
ମୋ କଳା ମାଣିକରେ	୧୫୫
ଅକଲ ସଲାମ	୧୫୭
ଲୁଣ ଗୁଜବ	୧୫୯
ବାଣୀ ବଚନ ପ୍ରତିଶ୍ରୁତି	୧୬୧
ଛନକା	୧୬୪
ଏ ପାପର ଇତି କାହିଁ ?	୧୬୬
ଦୀପ ଦେବତା	୧୬୯
ସବାଆଗ ପ୍ରେମ ଚିଠି ବେନାମୀ ବେନାମୀ	୧୭୧
ଅବୋଲକରା	୧୭୩
ବେଣ୍ଟ ନିରାମଶ ଚଟୁ ଆଇଁଷ	୧୭୫
ଏକଶ୍ଚନ୍ଦ୍ରସ୍ତମୋ ହନ୍ତି	୧୭୭
ଯଖ	୧୭୯
ସାହିତ୍ୟ ଏକାଡେମି ପୁରସ୍କାର	୧୮୧
ସୁନ୍ଦର	୧୮୩
ଜାତସ୍ୟ ହି ଧ୍ରୁବୋ ମୃତ୍ୟୁଃ	୧୮୫
ଆକାଶରେ ଚିଲ: ଆମର ଶାସ୍ତ୍ରୀୟତା	୧୮୭
ଆକାଶରେ ଚିଲ: ଆମର ଶାସ୍ତ୍ରୀୟତା(୨)	୧୮୯
ଆକାଶରେ ଚିଲ: ଆମର ଶାସ୍ତ୍ରୀୟତା(୩)	୧୯୧
ଆକାଶରେ ଚିଲ: ଆମର ଶାସ୍ତ୍ରୀୟତା(୪)	୧୯୩
ଆକାଶରେ ଚିଲ: ଆମର ଶାସ୍ତ୍ରୀୟତା(୫)	୧୯୫
ଆକାଶରେ ଚିଲ: ଆମର ଶାସ୍ତ୍ରୀୟତା(୬)	୧୯୭

ପୃଷ୍ଠା	ବିଷୟ
୨୦୦	ଭାଷାକୁ ଶିଖର ମାନ୍ୟତା ଦିଆଯାଉ
୨୦୨	ତୁମେ ନା ମୁ - କିଏ ବଡ଼ ?
୨୦୪	ଏକା ତୋ ଭକତ ଜୀବନ
୨୦୬	କାନ୍ତକବିଙ୍କ ଜଣାଣ: ଇତିଶ୍ରୀଙ୍କ ଜୀବନ
୨୦୮	ଠାକୁର ମାଗଣା: ଆଳୁ କିଲୋ ଅଶୀ
୨୧୧	ନବୀନଙ୍କୁ ସିବିଆଇ ଛୁଇଁବ !
୨୧୩	ଗଙ୍ଗା ଧୋଇଲା ଚିକୁର ଯାହାର
୨୧୫	ଆସ୍ଥା ଅନାସ୍ଥାର ଦୋଳି
୨୧୭	ଈଶ୍ୱରଙ୍କ ମାର୍ଫତଦାରମାନେ
୨୧୯	ଓଡ଼ିଆ ବୁଦ୍ଧିଜୀବୀ
୨୨୨	ପୀଡ଼ିତ ପତି ସମାଜ
୨୨୪	ବିଚାରୀ ପଦ୍ମଶ୍ରୀ ଏଲିଆନା
୨୨୬	ହୁସିଆର, ବାଘ ଖସିଛି
୨୨୮	ବିପିୟୁଟି ଆକ୍ଟ ୨୦୦୨ ସଂଶୋଧନ
୨୩୦	ନିଜଠୁଁ ନିଜର ଦୂରତା
୨୩୨	କୋଟିଏ ପ୍ରାଣ ଗୋଟିଏ କଥା
୨୩୪	ଗାନ୍ଧୀ ବୋଇଲେ ଥିବି
୨୩୬	ଅଜଣା ଓ ଲୁଅ
୨୩୮	ଜଗତୀକରଣ
୨୪୦	ପରଚର୍ଚ୍ଚା
୨୪୨	କେତେଦିନକୁ ମନ ବାନ୍ଧିଛୁ ଆଣ୍ଟ
୨୪୪	ରାଶି ଫଳ
୨୪୬	ଚୋରି ନାରୀ ଓ ଜୁଆବାଜି ସପକ୍ଷରେ
୨୪୮	ଭୂଷଣ ଦୁର୍ଘଟଣା - ଆଉଥରେ ଭୋପାଳ
୨୫୧	ଓପିନିଅନ୍ ପୁଲ୍
୨୫୩	ମନରେ ଅଧୀର ନୀଳ ତରଙ୍ଗ
୨୫୫	ପଣ୍ଡିତ ପୁଅ ମାଙ୍କଡ଼ ମାଇଲେ ବି
୨୫୭	ଅମୃତ ଅଣ୍ଡା ମଧ୍ୟାହ୍ନ ଭୋଜନ
୨୬୦	ନୂଆ ପରୀକ୍ଷା
୨୬୨	ଆଗେ ତମେ ଏମିତି ନଥିଲ
୨୬୪	ନବୀନ ନିର୍ମାଲ୍ୟ
୨୬୬	ବିଧାନସଭା : ଆଳୁଦୋଷ

●●●

Digitized by srujanika@gmail.com

৯

ଶୁ ଆ ସା ରୀ କ ଥା

ରାଜା ପାରିଧିରେ ଯାଇଥା'ନ୍ତି । କାଳ ମାଡ଼ି ଆସିଲା ପରି ଅଚାନକ ଆକାଶରେ ଝଡ଼ ଉଠିଲା । ସାଙ୍ଗରେ ଥିବା ଅଙ୍ଗରକ୍ଷୀ କିଏ କୁଆଡ଼େ ହଜିଗଲେ । ଛାମୁ ଦେଖିଲେ, ନିକଟରେ ଗୋଟିଏ ଗୁମ୍ଫା । ଗୋଟେ ଭୟ ମନରୁ ଆର ଭୟକୁ କାଢ଼ି ଫୋପାଡ଼ି ଦିଏ । ଭିତରେ ସିଂହ ଶୃଗାଳ କ'ଣ ଅଛନ୍ତି ନ ଭାବି ଖୋଳପାରୁ ଖଣ୍ଡା କାଢ଼ି ସେ ଜୀବନ ବିକଳରେ ପଶିଗଲେ ତା' ଭିତରେ । ସେଠି ପବନ କି ମେଘ ବିଜୁଳିର ତାତ ନ ଥିଲା କିମ୍ବା ନ ଥିଲା କୌଣସି ଆପାତ ବିପତ୍ତିର ସମ୍ଭାବନା । ସେମିତି ଖଣ୍ଡା ଟେକିଟେକି ରାଜା ଭିତରକୁ ପଶିଲେ । ଯେତେ ଆଗକୁ ପଶିଲେ କ୍ଷେତ୍ର ଆଉରି ଖୋଲା ଦେଖା ଯାଉଥାଏ । ଅନୁପମ ଇନ୍ଦ୍ର ରାଜାର ଉଦ୍ୟାନ ପରି । ସେଠି ଝଡ଼ ତ ଦୂରର କଥା, ମଳୟ ଛଡ଼ା ଆଉ କିଛି ବହୁ ନ ଥାଏ । ଫୁଲଗୁଡ଼ାକ ଅନୂଢ଼ା ଯୁବତୀ ପରି ଫୁଟିବାକୁ କନକନ ହେଉଥା'ନ୍ତି ଏବଂ ସୂର୍ଯ୍ୟଙ୍କ କିରଣରେ ତାପ ନ ଥାଏ । ତାଙ୍କୁ ଲାଗିଲା ସ୍ନେହିନୀର ସୋଗ ବା ସନ୍ତାପ ପରି - ମଜା ମଜା, ହାଲ୍‌କା ହାଲ୍‌କା । ଭୟ ଶୂନ୍ୟ ହୋଇ ରାଜା ଖୋଳରେ ଖଣ୍ଡା ପୂରେଇଲେ । ଆଗକୁ ଚାଲିଲେ । ଜାଣନ୍ତିନି, ପହଞ୍ଚି ଗଲେ ଏକ ଆଶ୍ରମରେ ।

ମୁନିଙ୍କୁ ପ୍ରଣାମ କରି ସେ ନିଜର ଦୁଃଖ କହିଲେ ।

ମୁନି ମହାରାଜ କହିଲେ, 'ତୋଷ ଓ୍ୱାରି । ଭୋକ ଲାଗୁଥିଲେ ଏଇଠି ଖାଅ । ଶୋଷ ଲାଗୁଥିଲେ ଏଇଠି ପିଅ । ଏଇଠି ଶାନ୍ତିରେ ବିଶ୍ରାମ ନିଅ । ବାହାରେ ଝଡ଼ ବର୍ଷା କମି ନାହିଁ । ଆହୁରି ଚାରି ପାଞ୍ଚ ଘଡ଼ି ସରିକି ହେବ । ବ୍ୟସ୍ତ ହୁଅନି । ତୁମ ସୈନ୍ୟସାମନ୍ତ ଅନ୍ୟତ୍ର ଆଶ୍ରୟ ନେଇଛନ୍ତି ଏବଂ ନିରାପଦରେ ଅଛନ୍ତି । ଆଶ୍ରମର ଶୁକପକ୍ଷୀ ତୁମକୁ ସେମାନଙ୍କ ସହିତ ଭେଟ କରାଇବ ଏବଂ ରାଜଧାନୀକୁ ରାସ୍ତା ଦେଖେଇ ଫେରି ଆସିବ ।'

'ରାତି ହୋଇଯିବ ଯେ!'

Digitized by srujanika@gmail.com

ମୁନି ହସିଲେ ଓ କହିଲେ, 'ଅନ୍ୟଥା ତୁମେ ମରିଥା'ନ୍ତ ଯେ! ଯେଉଁ ରାଜା ରାତିକୁ ଡରେ - ତାକୁ ତ ଦିନରେ ଲୋକ ଗୋଡ଼େଇ ମାରିଦେବେ ।' ମୁନି ଡାକିଲେ ଏବଂ ଏକ ଶୁକପକ୍ଷୀ ପାଖକୁ ଆସିଲା । ସବୁ କଥା ବୁଝେଇ ସେ ଧ୍ୟାନ କରିବାକୁ ଚାଲିଗଲେ କୁଡ଼ିଆ ଭିତରକୁ ।

ରାଜାଙ୍କୁ ଅବଶିଷ୍ଟାଂଶ ସମୟ ଓ ସାରା ରାତି ଶୁକର ଆତିଥ୍ୟ ଭିତରେ ବିତାଇବାକୁ ପଡ଼ିଥିଲା। ତାଙ୍କୁ ଲାଗିଲା, ନଅରର ଦାସୀ ମୃଦୁସୁଲୀଙ୍କ ଚାମର ଅତର ସେବା ସହିତ ବି ସେ ଏତେ ନିଶ୍ଚିନ୍ତରେ କେବେ ଶୋଇ ପାରି ନ ଥିଲେ । ଜଣେ କୃତଜ୍ଞ ଅତିଥି ପରି ପଚାରିଲେ - ଭୋ ଭୋ ଶୁକପକ୍ଷୀ, ତୁମେ ତ ମାତ୍ର ଚଢ଼େଇଟେ । କିନ୍ତୁ ମଣିଷ ପରି କଥା କହୁଚ ଓ ମେଜିକ୍ ପରି କାମ କରୁଚ କେମିତି ? ତୁମର ଅତ୍ୟଧିକ ଯୋଗ୍ୟତା ଦେଖି ମୋର ଡାଉଟ୍ ହେଉଚି। ସତ କୁହ - ମୁଁ ତରିବି ନା ମରିବି ? ଯାହାକୁ ଭେଟିଥିଲି ସିଏ ମୁନି ନା ମେଜିସିଆନ୍ ?

ଲାଜେଇ ଲାଜେଇ ଶୁକପକ୍ଷୀ କହିଲା - ହେ ରାଜା, ଏ ଗହନ କଥା ତୁମେ ବୁଝି ପାରିବନି । କାରଣ ଇଏ 'ସଂସର୍ଗ ଦୋଷ'। ତୁମେ ମଣିଷ ତ, ତେଣୁ ଅବିଶ୍ୱାସରେ ବଞ୍ଚ ଏବଂ ବିଶ୍ୱାସକୁ ସନ୍ଦେହ କର।

ରୁଟିନ ଦେଖି ଅନ୍ତରଙ୍ଗ ହେବା ଆମ ପିଢ଼ିର ଅଭ୍ୟାସ ନ ଥିଲା। କିନ୍ତୁ ପୁଅ ଝିଅ ଓ ସେମାନଙ୍କ ସଂସାର ରୁଟିନ ନ ଜଗିଲେ ବଞ୍ଚି ପାରିବେନି । ଆମେ ଶ୍ରମ ବିକି ପେଟ ପୋଷିଛୁ। ତେଣୁ ଭାବୁ ଯେ ସମୟର ଠିକ୍ ମୂଲ୍ୟ ଜାଣୁ। ଡିଉଟି, ଲିଜର ଓ ପ୍ଲେଜର - ଏ ସବୁ ଭିତରେ ସମୟ ବାଣ୍ଟି ଚଳି ପାରୁଥିଲୁ। ପିଲାଏ ପାରୁନାହାଁନ୍ତି। ଫୁର୍‌ସତ୍‌କୁ ବି ବିକି ଦେଉଛନ୍ତି ! ସକାଳ ସାତରେ ଅଫିସ ଯାଉଥିବା ବାପା ଫେରିବ ରାତି ଆଠରେ ଘରକୁ । ଚାକିରିର ଆଉ ଆଉ କାଳ ପାଇଁ ପ୍ରସ୍ତୁତ ରହି ସାଙ୍ଗରେ ଲ୍ୟାପ୍‌ଟପ୍ ଆଣିଥିବ । ସେ ଦାବି କରେ ଯେ ପୃଥିବୀର ଯେଉଁଠି କମ୍ପ୍ୟୁଟର ନିଆଁ ଲାଗିଲେ ବି ସିଏ କୁଆଡ଼େ ଏଇଠୁ ପାଣି ମାରି ତାକୁ ଲିଭେଇ ଦେବ ।

ଅବିଶ୍ୱାସ ଲାଗେ । ବେଶି ପଚାରିଲେ, କହନ୍ତି - ଇଏ ଅଲଗା ଯୁଗ । ନେଟ୍-କମ୍ପ୍ୟୁଟର କଥା। ତମେ ବୁଝି ପାରିବନି । ଫୁର୍‌ସତ ବିକୁଥିବା ପିଢ଼ି ବିଚରା ସମୟ କ'ଣ, ସେକଥା ଜାଣିନି । ସମୟ ପଚାରିଲେ, ପଲା ଓଲଟାଇ ତେଲ ମାପିଲା ପରି କହେ - ୟୁଏସ-ଟାଇମ ଏତେ, କାନାଡ଼ା-ଟାଇମ ଏତେ।

'ଆରେ ବାବୁ ଇଣ୍ଡିଆ ଟାଇମ କେତେ ?'

'ମଲା, ଟିକେ ଘଣ୍ଟା ଦେଖି ଦେଉନା।' ଏପରି ଭାରତୀୟଙ୍କୁ ନେଇ ଦେଶ ଚାଲିଛି । ରାଜା ଜଙ୍ଗଲରେ ବାଟ ହଜେଇଛନ୍ତି ଓ ଶୁକପକ୍ଷୀର ଆତିଥ୍ୟକୁ ବିଶ୍ୱାସ କରୁନାହାଁନ୍ତି ।

(୩.୧.୧୩)

Digitized by srujanika@gmail.com

ବନ୍ଦେ ଉତ୍କଳ ଜନନୀ

ଓଡ଼ିଆପଣର ପରିଚୟ

ଇତିହାସ ଟିକେ ନିଆରା ପାଠ । ରାବଣକୁ କହେ - ଜନମ ହ' ଓ ପାପ କର, ଆଉ ରାମକୁ କହେ- ମାର ତାକୁ ! ମଣିଷର ଚରିତ୍ରବତ୍ତା ନୁହେଁ, ସ୍ଖଳନ ହିଁ ଇତିହାସ ପାଇଁ ଅଧିକ ଉପାଦାନ ଯୋଗାଏ ।

ମାର୍ଚ୍ଚ ୩, ୧୯୩୬ - ବ୍ରିଟିଶ ସମ୍ରାଟ ଜର୍ଜ-୬ଙ୍କ ଅନୁମୋଦନ କ୍ରମେ 'ଦି କନ୍‌ଷ୍ଟିଚୁସନ ଅଫ୍ ଓଡ଼ିଶା ଅର୍ଡର, ୧୯୩୬' ପ୍ରବର୍ତ୍ତନ କରାଯାଇଥିଲା ଏବଂ ସ୍ୱତନ୍ତ୍ର ଓଡ଼ିଶା ଏପ୍ରିଲ ୧, ୧୯୩୬ରୁ ଆରମ୍ଭ ହେଲା । 'ମାନ୍ୟବର ସାର୍ ଜନ୍ ଅଷ୍ଟିନ ହବ୍ବାକ୍, ଏମ.ଏ., କେ.ସି.ଏସ.ଆଇ., ଆଇ.ସି.ଏସ. ନବ ଓଡ଼ିଶା ପ୍ରଦେଶର ପ୍ରଥମ ଗଭର୍ଣ୍ଣର' ଭାବେ ସେଦିନ କଟକ ରେଭେନ୍ସା କଲେଜ ହଲ୍‌ରେ ବିହାର-ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ସାର୍ କଟ୍‌ନି ଟେରେଲ୍‌ଙ୍କ ଦ୍ୱାରା ଶପଥ ଗ୍ରହଣ କଲେ । ('ବିଶ୍ୱକୋଷ') ଇତିହାସର ବୈଚିତ୍ର୍ୟ ଥିଲା ଯେ ୧୯୩୫ ଗଭମେଣ୍ଟ ଅଫ୍ ଇଣ୍ଡିଆ ଆକ୍ଟ ବିରୋଧରେ କଂଗ୍ରେସ ଦେଶରେ ସାଧାରଣ ନିର୍ବାଚନ ବଏକଟ୍ କରିଥିଲେ ସୁଦ୍ଧା ଓଡ଼ିଶାରେ ସେ ନିର୍ବାଚନ ହୋଇଥିଲା ୧୯୩୭ ଜାନୁଆରି ୧୮ରୁ ୨୭ ଭିତରେ ।

ଗଭର୍ଣ୍ଣର ହେବା ପୂର୍ବରୁ ହବାକ ସାହେବ ଯାଇତାଇ ଅଫିସର ନ ଥିଲେ । ଓଡ଼ିଆ ସମେତ ଏକାଧିକ ଭାରତୀୟ ଭାଷାରେ ସେ ଜଣେ ପଣ୍ଡିତ ଥିଲେ ଏବଂ ପୂର୍ବରୁ କଟକ କଲେକ୍ଟର ଏବଂ ଓଡ଼ିଶା କମିସନର ଭାବେ ଅବସ୍ଥାପିତ ହୋଇଥିଲେ । ସେଦିନ ନିଜ ଉଦ୍‌ବୋଧନରେ କହିଥିଲେ : ବ୍ରିଟିଶ ସମ୍ରାଟ ଏବଂ ଭାଇସ୍‌ରାୟ ଲର୍ଡ ଲିନ୍‌ଲିଥ୍‌ଗୋ "recognized the need of an exlusive identity of Oriyas by their distinct language, living and culture and the new Province would pave the way to reach the pride destination of their past."

Digitized by srujanika@gmail.com

ଭାରତର ସ୍ୱାଧୀନତା ହେଲା ୬୬ ବର୍ଷ । ଓଡ଼ିଶାର ସ୍ଥିତି ୭୭ ପୂରି ସାରିଲାଣି ।

୧୯୩୬ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଭିନ୍ସ ହେବା ଏବଂ ଭାରତୀୟ ଜାତୀୟ କଂଗ୍ରେସଦ୍ୱାରା ପରିଚାଳିତ ସ୍ୱାଧୀନତା-ଆନ୍ଦୋଳନ ଭିତରେ ବରଂ ବହୁ ବୈର-ସମ୍ବନ୍ଧ ଥିଲା; ସମନ୍ୱୟର ପ୍ରଶ୍ନ ନ ଥିଲା ।

ବ୍ରିଟିଶ ଶାସନର ଅବହେଳା ଯୋଗୁ ନ'ଅଙ୍କ ଦୁର୍ଭିକ୍ଷ ଯେଉଁ ଭୟାନକ ରୂପ ଧାରଣ କରିଥିଲା ଇଂରେଜ ଶାସକମାନଙ୍କୁ ତହିଁର ବିଭୀଷିକା ବର୍ଣ୍ଣନା କରି ଉତ୍କଳଗୌରବ ମଧୁସୂଦନ ଦାସ 'ସମଗ୍ର ଉତ୍କଳଭାଷୀ ଅଞ୍ଚଳକୁ ଏକ ଶାସନାଧୀନ କରିବା ଆନ୍ଦୋଳନରେ ୧୯୦୦ ସାଲରୁ ମଙ୍ଗଧରା ରୂପେ ରହି ଶେଷରେ ଓଡ଼ିଶା ପ୍ରଦେଶ ଗଢ଼ାଯିବା ଆଦେଶ ୧୯୩୪ ସାଲରେ ତାଙ୍କ ଜୀବନରେ ଶୁଣିଗଲେ ।' ('ପୂର୍ଣ୍ଣଚନ୍ଦ୍ର ଭାଷାକୋଷ' - ଗୋପାଳ ଚନ୍ଦ୍ର ପ୍ରହରାଜ)

ଅପରପକ୍ଷରେ, ସେତେବେଳକୁ କଂଗ୍ରେସର 'ସ୍ୱାଧୀନତା' ପରି କିଛି ବି ଏଜେଣ୍ଡା ନଥିଲା । କାଲକାଟା ୧୯୦୨ କଂଗ୍ରେସ ଅଧିବେଶନରେ ସେ ନିବେଦନ କଲେ: ଭାଷା ଭିତ୍ତିରେ ମହାରାଣୀଙ୍କ ସରକାର ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଭିନ୍ସର ମାନ୍ୟତା ଦେଉ । ଇଂରେଜ ସରକାର ପ୍ରାୟ ସେଇ ଦିଗରେ ବାଟ ଖୋଜୁଥିଲେ । ମଧୁବାବୁଙ୍କ ଦାବି ଥିଲା - 'ଭାଷା ଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ' - ଏବଂ ଏ ଦାବି ଭାଇସରାୟ ଲର୍ଡ କର୍ଜନଙ୍କ ନିକଟରେ କଂଗ୍ରେସ ଉପସ୍ଥାପନ କରୁ । ତାହା ହେଲାନି । କାରଣ ଅଧକ୍ଷ ସୁରେନ୍ଦ୍ର ନାଥ ବାନାର୍ଜୀ, କଂଗ୍ରେସର 'ଜାତୀୟ ଆନ୍ଦୋଳନ' ସହିତ ଏ ଦାବି ଫିଟ୍ ହେଉନି କହି ପ୍ରତ୍ୟାଖ୍ୟାନ କଲେ । ତା'ପରେ ସୂତ୍ରପାତ ହେଲା 'ଉତ୍କଳ ସମ୍ମିଳନୀ' (୧୯୦୩)ର ଆହ୍ୱାନ । ତା'ର ପ୍ରମୁଖ ଲକ୍ଷ୍ୟ ରହିଲା 'ଓଡ଼ିଶା' ଓ ଓଡ଼ିଆ-ଗୌରବର ପୁନଃପ୍ରତିଷ୍ଠା ପାଇଁ ନିଜ ଲୋକଙ୍କୁ ଏକାଠି କରିବା ଉଦ୍ୟମ ।

୧୯୪୭ରେ ଭାରତକୁ ସ୍ୱାଧୀନତା ମିଳିଲା ବହୁ ବିଡ଼ମ୍ବନା ସହିତ । ଇତିହାସର ଏ ତଥ୍ୟ ବିରୁଦ୍ଧରେ ଗତ ସତୁରି ଦଶକରେ ଗୋଟେ ପ୍ରକାର ସରକାରୀ ପ୍ରଚାର (ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ, ୧୮୫୭) ଆରମ୍ଭ ହେଲା - ଯାହା ଆଜି ବି ଚାଲିଛି । ଆମେ ବାରମ୍ବାର ପ୍ରଶ୍ନ କରିବୁ - ୧୮୦୩ (ପାଇକ ବିଦ୍ରୋହ) ଗଲା କୁଆଡ଼େ ? ସେତେବେଳେ ଓଡ଼ିଆ ଇଣ୍ଟେଲେକ୍‌ଚୁଆଲମାନଙ୍କର ଚିନ୍ତା କରିବା ଉଚିତ ଥିଲା - ଆମେ କେତେ 'ଓଡ଼ିଆ' ବା କେତେ 'ଭାରତୀୟ' ? ଆଜି ବି ଏକା ପ୍ରଶ୍ନ ସମାନ ଭାବେ ପ୍ରାସଙ୍ଗିକ । ଇତିହାସର ବହୁ ବେଧବୁଜୁଳା ଜଗି ଜଗି ଓଡ଼ିଆମାନଙ୍କ ସ୍ୱତନ୍ତ୍ର ପରିଚୟ 'ଭାରତ' ପରି ଏକ ଅଜୀର୍ଣ୍ଣ ନାଁରେ ଲୀନ ହୋଇଯାଇଛି ।

ଯେଉଁ ଗର୍ବ ଗୌରବ ଓ ଦାୟିତ୍ୱବୋଧ ଅଙ୍ଗୀକାରପୂର୍ବକ ଏକ ନୂଆ ଚେତନା ପାଇଁ ଆମର ପୁଣ୍ୟସ୍ମରମାନେ ଇଚ୍ଛା କରିଥିଲେ ଆଜିର 'ଉତ୍କଳ ଦିବସ' ତହିଁର ବୃହତ୍ତର ପରିପ୍ରକାଶ ମାତ୍ର । ଏ ଅବକାଶରେ ଆପଣଙ୍କୁ 'ସୂର୍ଯ୍ୟପ୍ରଭା'ର ସଶ୍ରଦ୍ଧ ଅଭିନନ୍ଦନ । ଏବଂ ଆଉ ଗୋଟିଏ ପ୍ରଶ୍ନ - ବିଚାରିବା, ୭୭ ବର୍ଷ ଭିତରେ ଆମ ମୂଳ ଆଭିମୁଖ୍ୟ ଠିକ୍‌ଠାକ୍ ଅଛି ତ ? ବା ଆମେ କେତେ ହାସଲ କରିଛୁ କି ହରେଇଛୁ କ'ଣ ?

(୧.୪.୧୩)

Digitized by srujanika@gmail.com

ସତ ଶୁଣିବାକୁ କିଆଁ ଡରିବି

"Rape is a national problem in India." - UN Human Right Commission

ମିଛ ଶୁଣି ପଛେ ମଲେ ମରିବି । 'ମତେ ଏତିକି ଶିଖାଅ ସାଇଁ ହେ । ମୋର ଧନ ଜନ ଲୋଡ଼ା ନାହିଁ ହେ ।' ରାମକୃଷ୍ଣ ନନ୍ଦଙ୍କ ଏ ପ୍ରାର୍ଥନା 'ଆହେ ଦୟାମୟ ବିଶ୍ୱବିହାରୀ' ମନେ ପକେଇବା । ପ୍ରାର୍ଥନାରେ ଯାହା କହୁ ପଛେ, ଆଜି 'ସତ ଶୁଣିବାକୁ କିଆଁ ଡରିବି ?' ଏବଂ 'ମିଛ ଶୁଣି ପଛେ ମଲେ ମରିବି' - ଏ ଦୁଇଟି ଦେଶ ପାଇଁ ହୋଇଛି ସର୍ବବୃହତ୍ ଗଣତାନ୍ତ୍ରିକ ଦ୍ୱିଧା । ନୂଆ ଦେଶ ଆରମ୍ଭରେ ମା'ରାଣ ପକେଇ ଯାହା କହିଥିଲୁ ପାଳିବୁ (ବାକ୍-ସ୍ୱାଧୀନତା) ବୋଲି ଏବେ ବୋପାରାଣ ପକେଇ ଆଗ ରାଣ ଢୋକି ଦେଉଚୁ ।

'ଆଲୁଦୋଷ' - ମଣିଷ ପାଇଁ ଏହା ଏକପ୍ରକାର ବ୍ୟବହାରିକ ଦୋଷ । ଏତେ ଭଲ ନୁହେଁ କି ଏତେ ଖରାପ ବି ନୁହେଁ - ସୁନ୍ଦରୀ ଦେଖିଲେ ଆଖି ଆପେ ଚାଲିଯାଉଥିବା ପରି । କଂଗ୍ରେସରେ ଦୁଇ ଜଣ ନେତା ନିଜ ନିଜ 'ଆଲୁଦୋଷ' ଯୋଗୁ ବିଖ୍ୟାତ । ଜଣେ ସତ କହି ଚର୍ଚ୍ଚିତ - କେନ୍ଦ୍ର ମନ୍ତ୍ରୀ ଶଶି ଥରୁର । ସବୁ ସତ କୁହାଯାଏନା - ଏତିକି ସେ ମନେ ରଖୁ ନାହାଁନ୍ତି । ମନ୍ତ୍ରୀ ହେଲେ ବି ଏଗୁଡ଼ାକ ଆପେ ବାହାରି ପଡୁଚି । ଆଉ ଜଣେ, କଂଗ୍ରେସ ସାଧାରଣ ସଂପାଦକ ଏବଂ ପ୍ରବକ୍ତା ଦିଗ୍‌ବିଜୟ ସିଂହ । ମିଛ କହିବା ପାରଙ୍ଗମପଣ ଯୋଗୁ ଦଳ ଭିତରେ ସମ୍ମାନିତ । ଇଏ ତ ଝୁଣ୍ଟିଲାବେଳେ ବି ମିଛ କହି ପାରନ୍ତି !

ଥରୁର ଟୁଇଟରରେ ଏମିତି କଥା କହନ୍ତି ଯାହା କଂଗ୍ରେସକୁ ବାରମ୍ବାର ଅଖରେ ପକାଏ । ଏବେ ସେ କହିଲେ - ଦିଲ୍ଲୀ ରେପ୍‌ରେ ମୃତା ହତଭାଗ୍ୟ ଝିଅଟିର ନାଁ ଲୁଚେଇବାର ଆଉ କିଛି ମାନେ ନ ଥାଏ । ଦେଶ ଯଦି ସତରେ ଟାଣ ଆଇନ ତିଆରି କରେ ତା'ହେଲେ ତାହା ସେହି ଝିଅଟି ନାଁରେ ହେଉ - ମାନେ, Eponymous Law ।

Digitized by srujanika@gmail.com

ସେ କିଛି ମିଛ କହିନାହାଁନ୍ତି । ଝିଅଟି ସାମଗ୍ରିକତାର ପ୍ରତୀକ ହେଲେ ବି, ସହିଥିବା ଦୁଃଖ ଯୋଗୁ ତା ବ୍ୟକ୍ତି-ସତ୍ତାକୁ ସମ୍ମାନ ଦିଆଯାଉ । କାରଣ, ସେ କେବଳ 'ରେପ୍-ଭିକ୍ଟିମ୍' ନୁହଁନ୍ତି - ଜଣେ ବ୍ୟକ୍ତି ମଧ୍ୟ । ନିଜସ୍ୱ ପରିଚୟ ପାଇଁ ତାଙ୍କର ଅଧିକାର ଅଛି । ସେ ନାଁକୁ ଦେଶ ସମ୍ମାନ ନ ଜଣେଇବ କାହିଁକି ? ବେନାମୀ-ପ୍ରତୀକ କି ଦୁଃଖ କହିବ ? ପ୍ରତୀକର ରୂପ ନାହିଁ ତ ପର ପିଢ଼ି ଆଇନରୁ ସାହସ ଖୋଜିବ କାହାକୁ ଅନେଇ ?

କଥିତା ଅଭାଗିନୀ ଆଜି ମୃତା । ତେଣୁ ସେଦିନର ଗୋଳମାଳିଆ 'ରେପ' (୩୭୫) - ଯାହାର ଜେଲ ଦଣ୍ଡ ସାତରୁ ଦଶ ବର୍ଷ, ତାହା ଏବେ ଆପେ ୩୦୨ ବା ଫାଶୀ-ଯୋଗ୍ୟ ଦଫାରେ ପରିଣତ ହୋଇ ସାରିଲାଣି । ଏଣିକି କୋର୍ଟ ହାତରେ କ୍ଷମତା । ବିଚାର ଶେଷରେ ଫାଶୀ ଦେଇପାରେ ମଧ୍ୟ । ଥରେ ବିଚାର ଆରମ୍ଭ ହେଲେ କୋର୍ଟରେ ଏ ନାଁ ମୁକ୍ତ ଭାବରେ କୁହାଯିବ । ମାତ୍ର ଏବେ କଥା ଉଠିଛି - ମନ୍ତ୍ରୀ ହୋଇ ଥରୁର କାହିଁକି ଏମିତି କହିଲେ ? ସେଥିପାଇଁ କୁଆଡ଼େ ବେଦ ଅଶୁଦ୍ଧ ହୋଇଯାଇଛି ।

ଭାରତୀୟ ସାମାଜିକ ବିନ୍ୟାସରେ ନାରୀର ନାଁ ମହତ । ଧାରଣାରେ ସେ ଗୋଟେ ପତଳା କାଚ କଣ୍ଢେଇ । ଛୁଇଁଲେ ତୁଟି ଯାଏ ।

ଡିସେମ୍ବର ୧୬ ଦିଲ୍ଲୀ ବସ-ବଳତ୍କାର ପୀଡ଼ିତାଙ୍କ ମୃତ୍ୟୁ ସାରା ବିଶ୍ୱରେ ଭାରତ ଓ ଭାରତୀୟମାନଙ୍କ ବିରୁଦ୍ଧରେ ବହୁ ଜଘନ୍ୟ ଓ ବିକୃତ ଧାରଣା ସୃଷ୍ଟି କରିବାକୁ ସକ୍ଷମ ହୋଇଛି । 'ଜାତୀୟ ଚେତନା' ବୋଲି ଭାରତରେ ଯଦି କିଛି ଥାଏ, ତାହା କେତେ ଉଦ୍‌ବେଳିତ - ଆକଳନ କରିବା ପରି ଅବକାଶ ଆସି ନାହିଁ । କାରଣ ଧୂଳିଉଡ଼ା ବନ୍ଦ ହୋଇନି । ଅଣରାଜନୀତିକ ଜନତାଙ୍କ ବିକ୍ଷୋଭ ଚାଲିଛି ଏହା ବିରୁଦ୍ଧରେ ଟାଣ ଆଇନ ପାଇଁ । ଏ ସମର ଭିତରକୁ ରାଜନୀତିର ପ୍ରବେଶ ନାହିଁ । 'ଆମ୍-ଆଦ୍‌ମୀ' ଟୋପି ପିନ୍ଧି ଅରବିନ୍ଦ କେଜିରୱାଲ ଥରେ ପଶିଥିଲେ ଯେ ଗୁରୁ-ନାମ ଧରି ବାହୁଡ଼ିଛନ୍ତି ସେଠୁଁ ।

ଦଳଗୁଡ଼ିକ ଲୋକଙ୍କ ଆବେଗ ପରିଧି ବାହାରେ ରହି ଇମୋସନର ଧୂଳି ଉଡ଼ୋଉଛନ୍ତି । କିଏ କାନ୍ଦୁଛି ତ ଆଉ କିଏ ସମବେଦନା ଜଣେଇବାକୁ ମଶାଣିକି ପଳୋଉଛି । ଦିଲ୍ଲୀ ସରକାର ପନ୍ଦର ଲକ୍ଷ ଟଙ୍କା କ୍ଷତିପୂରଣ ଦେଲେ । ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ କହିଲେ - ଅସହ୍ୟ ଅସଭ୍ୟତା ବିରୁଦ୍ଧରେ ଜନ ଅସନ୍ତୋଷ ଓ୍ୱାଜିବ୍ । ତାଙ୍କ ପୁଅ କଂଗ୍ରେସ ଏମପି ଅଭିଜିତ ଆନ୍ଦୋଳନକାରୀମାନଙ୍କୁ କହିଲେ - 'ଡେଣ୍ଟିଂ-ପେଣ୍ଟିଂ-ଲେଡି' ! ମିଡ଼ିଆ ରାଉରାଉ । ମହଜୁଦା ଅବସ୍ଥା ହେଲା ଯେ କାହାରି ମତି ସ୍ଥିର ରହୁନି । ଦଳୀୟ ନେତାମାନେ ବଛାବଛା ଶବ୍ଦ କହି ଘଟଣାର ନିନ୍ଦା କରୁଛନ୍ତି । ମାତ୍ର ଆଇନ କ'ଣ ହେବ ବା କେମିତି ହେବ - ଆମ ସଂସଦୀୟ ବାଗ୍-ବାଚସ୍ପତିମାନେ ସେ ଇଲାକାରେ ମୋଟେ ପଶୁ ନାହାଁନ୍ତି ।

ନାରୀର ସମ୍ମାନ ରକ୍ଷା କରିବା ଶକ୍ତି ଆଇନର ନାହିଁ । ଅଛି ସମାଜର । ଆଇନ ନର୍ଦ୍ଦମା ସଫା କରିପାରେ, ମାତ୍ର ଲୋକେ ଚାଲନ୍ତି ମେନ୍-ରୋଡ୍‌ରେ । ଆଇନ ତିଆରି କଲେ ଯେ ଅପରାଧ ବନ୍ଦ ହୁଏ, ଯା'ଠୁଁ ଜନପ୍ରିୟ ଅସତ୍ୟ ଆଉ କିଛି ନାହିଁ ।

Digitized by srujanika@gmail.com

ଭାରତୀୟ ସମାଜରେ ନାରୀ-ପରିଚୟ ବହୁ ଅଜବ କୁଣ୍ଡଳୀରେ ଘୂରେ । ଧାରଣାରେ ସେ ଗୋଟେ ପତଳା କାଚ କଣ୍ଢେଇ। ଛୁଇଁଲେ ତୁଟି ଯାଏ । ରେପ୍ ପାଇଁ 'ଫାଶୀ' ? ମଉଛୁକରେ 'ଆନନ୍ଦେକେବାର ହରିବୋଲ' ପରି କଥାଟା ବଢ଼ିଆ ଶୁଭୁଚି। ମାତ୍ର ଆଖିରେ ଦେଖୁଚୁ ଯେ ସ୍ୱାଧୀନ ଭାରତରେ ନାରୀକୁ ରକ୍ଷା କରିବା ପାଇଁ ଯେତେଗୁଡ଼ିଏ ଆଇନ ହୋଇଛି, ସବୁଥିରେ ନାରୀର ସମ୍ମାନ ହାନୀ ପାଇଁ ସେହି ଆଇନ 'ସହାୟକ' ହୋଇଥାଏ । ସହମତିସଂପନ୍ନ ଯୌନ ସଂପର୍କକୁ ସୁପ୍ରିମକୋର୍ଟ କହିଲେ - ହଁ। ସମସ୍ତେ କୋର୍ଟକୁ ପଚାରି ଏକାମ କରନ୍ତିନି କି ଏଥିପାଇଁ ରେଜେଷ୍ଟ୍ରି କରିବା ଦରକାର ହୁଏନା। ଅକସ୍ମାତ୍ ଯଦି ଏକ ଯୌନକ୍ରିୟା 'ରେପ୍'ରେ ପରିଣତ ହୁଏ ?

କିଏ ଫାଶୀ ପାଇବ ଓ କାହିଁକି ?

(୪.୧.୧୩)

Digitized by srujanika@gmail.com

ଡାଇରେକ୍ଟ - ଟୁ - ହୋମ୍

ସରକାରଙ୍କ ଗୁଟ୍‌କା ବିଜ୍ଞାପନ

'ଶୈଳେ ଶୈଳେ ନ ମାଣିକ୍ୟଂ / ମୌକ୍ତିକଂ ନ ଗଜେ ଗଜେ । ସାଧବାଃ ନ ହି ସର୍ବତ୍ର / ଚନ୍ଦନଂ ନ ବନେ ବନେ ॥'

ସବୁ ପଥର ମାଣିକ୍ୟ ନୁହେଁ । ସବୁ ହାତୀ ମୁଣ୍ଡରେ ମୁକ୍ତା ନ ଥାଏ । ସବୁଠିଁ ସାଧୁଲୋକେ ମିଳନ୍ତିନି ବା ସବୁ ବଣରେ ଚନ୍ଦନ ଗଛ ନ ଥାଏ ।

ସେମିତି, ସମସ୍ତଙ୍କ କପାଳରେ ଆତ୍ମ-ପ୍ରଚାରର ସୁଯୋଗ ନ ଥାଏ । ଯେତିକି ପାଆନ୍ତି, ତହିଁରୁ ଅତି ଅଳ୍ପ ଲୋକ ସେ ଟ୍ୟାଲେଣ୍ଟ୍ ତୁଲେଇ ସହି ଇସ୍ତମାଲ କରନ୍ତି । ଅଧିକ ଫିଉଜ୍ ହୋଇଯାଆନ୍ତି । ଆମ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ଦାମୋଦର ରାଉତ ସେମିତି ଜଣେ ଭାଗ୍ୟବାନ ଲୋକ, ଯିଏ କ୍ଷମତାରେ ଥା'ନ୍ତୁ କି ନା - ପ୍ରଚାରରେ ଥା'ନ୍ତି ।

ସେ ନୂଆ ବର୍ଷ ଆରମ୍ଭରେ ଗୋଟିଏ କନ୍‌ସର୍ଟ ଶୁଣେଇଦେଲେ । ଶୁଭୁଛି ତ ରୋମାଣ୍ଟିକ, ହେଲେ ପରିଣତି କଥା ଭାବିଲେ - ଏକ ବୃହତ୍ ଫୁଉସ୍ । ସରକାର ରାଜ୍ୟରେ ଗୁଟ୍‌କା ପ୍ରସ୍ତୁତି ଏବଂ ବିକ୍ରୟକୁ ନିଷେଧ କରିଛନ୍ତି । ଆଗେ ମଧ୍ୟପ୍ରଦେଶ ଏବଂ ପରେପରେ ପନ୍ଦର ରାଜ୍ୟରେ ଏ କାମ ଆଗରୁ ସରିଥିଲା । ଓଡ଼ିଶାରେ ଏବେ ହେଲା । ଆସନ୍ତା ଦୁଇ ତିନି ଦିନ ମଧ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏଥିପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରିବ ବୋଲି ମନ୍ତ୍ରୀ କହିଛନ୍ତି । ଗୁଟକାରେ ଥାଏ ନିକୋଟିନ ମିଶା ତମାଖୁ । ଏଥିଯୋଗୁ ମୁଖ-ଗହ୍ୱର କ୍ୟାନସର ହୁଏ । ଜନମଙ୍ଗଳ ସରକାର, ଲୋକଙ୍କ ସ୍ୱାସ୍ଥ୍ୟ କଥା ନ ବୁଝିବ କେମିତି ? ଅନେକ ବିଚାର ପରେ 'ଖାଦ୍ୟ ନିରାପତ୍ତା ଏବଂ ମାନକ (ବିକ୍ରୟ କଟକଣା ଓ ନିଷେଧ) ନିୟାମକ ୨୦୧୧ର ଧାରା ୨୩୪ ଅନୁଯାୟୀ ଏହାକୁ ନିଷେଧ କରାଯାଇଛି ବୋଲି ମନ୍ତ୍ରୀ କହିଲେ । ସେ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ

Digitized by srujanika@gmail.com

ଅନୁମୋଦନ ହାସଲ କରିଛନ୍ତି ବୋଲି କହିଲେ । ସରକାରଙ୍କର ଏ ଉଦ୍ୟମକୁ ଆମେ ସ୍ୱାଗତ କରୁଛୁ । ମାତ୍ର ଏକ ବୃହତ୍ 'କିନ୍ତୁ' ସହିତ । ତଥ୍ୟ ହେଲା ଯେ କୌଣିସ ସରକାର ମୁଣ୍ଡରେ ଏ ବୁଦ୍ଧି ଆଗରୁ ପଶି ନ ଥିଲା । ଏକ ବିଚାରରେ ସୁପ୍ରିମକୋର୍ଟ 'ଫୁଡ୍ ସେଫ୍‌ଟି ଏଣ୍ଡ୍ ଷ୍ଟାଣ୍ଡାର୍ଡ ଆକ୍ଟ' ଦେଖେଇଦେଲେ ।

ଏଥିପାଇଁ ଆମ ପାନ ଦୋକାନୀଙ୍କ ମନ କଷ୍ଟ । ଗରାଖ କହୁଛନ୍ତି - ପୁଡ଼ିଆ ବାନ୍ଧ । ଚକଚକ ଜରି ଖୋଳ ନ ହେଲେ ନାହିଁ । ଦୋକାନର ଶୋଭା ବଢ଼ାଉଥିବା ଗୁଟକା ହାରମାନ ଏଣିକି ହଟି ଯିବ ଓ ତଳେ ବାକ୍ସର ସାଇଜ ବଢ଼ି ଯିବ । ଆମର ଟିକେ କାମ ବଢ଼ିବ । ହଉ, ଲାଭ ବି ଆନୁପାତିକ ହେବ ।

ପ୍ୟାରୀ-ବିଦ୍ରୋହ ଦମନର ବହୁ କଳ୍ପିତ ଡାଇଲଗ୍ ଓ ମୁଖ୍ୟମନ୍ତ୍ରୀ, ନବୀନ ପଟ୍ଟନାୟକଙ୍କ ପ୍ରତି ଦୃଢ଼ ଦୃଢ଼ତର ଓ ଦୃଢ଼ତମ ସମର୍ଥନ - ଏହିପରି ଆଡ଼ମ୍ବରପୂର୍ଣ୍ଣ କଥାଗୁଡ଼ିଏ କହିକହି ବିଜଦ ନେତାମାନଙ୍କ ମନ ଚିଟା ଧରିଲାଣି । ତେଣୁ ସବ୍‌ଜେକ୍ଟ ବଦଳାଇବା ପାଇଁ ଏ ଟପିକ ଭଲ । ସେ କାମ ଦାମବାବୁ କରିବେନି ତ ଆଉ କରିବ କିଏ ? ଗୁଟକା ପୁଡ଼ିଆ ମଳିମଳି ପାଟିରେ ପକେଇଲା ପରି ଏ ଘୋଷଣା ଈଷତ୍ ଝଟକା ଦେବ ନିଶ୍ଚୟ । ମାତ୍ର ଅଧିକ କିଛି ନୁହେଁ ।

ନିଷେଧ ଆଇନ ପାଳନ / ପରିପାଳନ ପରି କାମ କରିବ କିଏ? ୧. ସରକାରଙ୍କ ଭାଷଣ କେହି ଶୁଣନ୍ତିନି ଏବଂ ନିଶାଖୋରମାନେ ତ ମୋଟୁରୁ ନୁହେଁ । ୨. ବ୍ୟବସାୟ ଚାଲେ ଡିମାଣ୍ଡ-ସପ୍ଲାଏ ଥିଓରିରେ, ଟ୍ୟାକ୍ସ ଆଦାୟ / ହଡ଼ପ ହୁଏ ବିଜ୍ଞପ୍ତି ଯୋଗୁ । ୩. ସରକାରଙ୍କ ପାଖରେ ଗୁଟକା ତଦାରଖ କରିବାକୁ ଉପାୟ କ'ଣ ? ମାର୍ ମାର୍ ଭଣ୍ଡାରିଆକୁ ମାର୍ । ଦାୟିତ୍ୱ ପହଞ୍ଚିବ ପୁଲିସ ପାଖରେ । ବିଚରା ରେପ୍ ଜଗି ପାରୁନି, ପାନ ଦୋକାନ ଉଣ୍ଡାଳିବାକୁ ଫୋର୍ସ ପାଇବ କେଉଁଠୁ ? ଏହାର ଅନ୍ଧାରୀ ଦିଗଟି ହେଲା - ଏଣିକି ଥାନାକୁ ଗୁଟକା ସପ୍ଲାଇ ଫ୍ରି ! ୪. ଅନ୍ୟ ସମ୍ଭାବିତ ବିଭାଗ - ମନ୍ତ୍ରୀଙ୍କ ନିଜ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ । ଯାହା ପାଖରେ ଆନ୍ତର୍ଜାତିକ ସଂସ୍ଥାରୁ ଦୟାରେ ମିଳୁଥିବା ଦାନ ଓଷଦ ଚୋରାରେ ବିକିବାକୁ ଗାଁ ଗଣ୍ଡାରେ କର୍ମଚାରୀ ଅଛନ୍ତି ପଛେ, ଭେଜାଲ ଓଷଦ ଚେକ୍ କରିବାକୁ ବା କୋଉଠି ମହାମାରୀ ହେଲେ ଟିକା ଦେବାକୁ ଲୋକ ନାହାଁନ୍ତି । ସେମାନେ ରାଜ୍ୟ ସାରା ଗୁଟକା ଖୋଜିବେ ?

ବିଜ୍ଞପ୍ତି ପ୍ରକାଶ ପୂର୍ବରୁ ଏ ସବୁ ଦିଗ ପ୍ରତି ସ୍ୱାସ୍ଥ୍ୟମନ୍ତ୍ରୀ ଦୃଷ୍ଟି ଦେବେ ବୋଲି ଆଶା କରିବା ।

(୫.୧.୧୩)

Digitized by srujanika@gmail.com

ଏବଂ - ବନାମ - ଅଥବା

୨୦୧୩ 'ସୂର୍ଯ୍ୟପ୍ରଭା' ସ୍ୱନକ୍ଷତ୍ର ଦିବସ : ନମସ୍କାର

'ଜନ୍ମଦିନମିଦଂ ଅୟି ପ୍ରିୟ ସଖେ ।' 'ସୂର୍ଯ୍ୟପ୍ରଭା' ୧୦ମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ପାଠକ, ସହଯୋଗୀ ଓ ଶୁଭେଚ୍ଛୁମାନଙ୍କୁ ଆମର ସାଦର ନମସ୍କାର ।

ମଣିଷ ପାଇଁ ସବୁକଥା ଜାଣିବା ହେଉଛି ଗୋଟେ ବଡ଼ କ୍ଷମତା । ତାକୁ ବୁଝିବା ହେଉଛି ସବୁଠୁଁ ବଡ଼ ବୁଦ୍ଧି । ସବୁ ଜାଣୁଥିବା ମଣିଷ ବି ବୋକା ହୁଏ ଏଇ ବୁଦ୍ଧି ଟିକକର ଅଭାବ ଲାଗି । ଯୁଗପୁରୁଷ କହ୍ନେଇ ଦାସମାନେ କହିଛନ୍ତି - ଦେଖିଲ ଯାହା ବୁଝିଲ ବି ଯଦି ସେଇଆ ତା'ମାନେ - ତମେ ମାଇଣ୍ଡ୍ ଆପ୍ଲାଏ କରିନା । ଆଜିର ବିକଶିତ ଯୁଗରେ ମିଡ଼ିଆ ପାଇଁ ଦ୍ୱନ୍ଦ୍ୱ ଉପୁଜିଛି ଏଇଠୁ । କେତେ ଦେଖିବୁ ଓ ସେଥିରୁ କେତେ କହିବୁ - ଏକଥା ତ ସହଜରେ ବୁଝି ହେଉଛି । ମାତ୍ର କାହିଁକି କହିବୁ ? ଏ ପ୍ରଶ୍ନର ଉତ୍ତର ଖୋଜିଲେ ଶୂନ୍ୟତା ଛଡ଼ା ଅଧିକ କିଛି ମାର୍ଗ ଦେଖିବାକୁ ମିଳେ ନାହିଁ ।

'ଏବଂ' ଓ 'ଅଥବା' - କାହାକୁ ଛାଡ଼ିବୁ ଓ କାହାକୁ ରଖିବୁ ? ପ୍ରିଣ୍ଟ୍ ଓ ଇଲେକ୍‌ଟ୍ରୋନିକ ମିଡିଆ ଉଭୟ ଏ ଦୁଃଖ ଭୋଗ କରନ୍ତି । ଖବରକାଗଜରେ ଯେମିତି 'ପ୍ରିଣ୍ଟ୍-ଏରିଆ'ର ସୀମା, ଟିଭି ନିଉଜରେ ବି ସେମିତି ଟାଇମ୍‌ର ସୀମା ଥାଏ । ତା' ଭିତରେ ରହିବ - ଖେଳ, ସିନେମା, 'ଭାରତ ମାତାକୀ ଜୟ', ସରକାରୀ ସଫଳତା, ଟ୍ରେନ ଚଢ଼ିଗଲା ହାତୀଙ୍କ ଉପରେ, ସରକାର ଓ ରେଳ ବିଭାଗ ଭିତରେ ଏଥିପାଇଁ ଚାଲୁଥିବା ତର୍କ, ଦିଲ୍ଲୀ-ରେପ୍, ପଞ୍ଚାୟତରୁ ପାର୍ଲାମେଣ୍ଟଯାଏଁ ଦୁର୍ନୀତି, ଗଢ଼ି ଉଠୁଥିବା ଗଣତନ୍ତ୍ରରେ ଆନୁଷ୍ଠାନିକ ବିଫଳତା, ସାମାଜିକ ଆସ୍ଥାହୀନତା, ଆଇନର ଅସହାୟ ଅବସ୍ଥା, ନର-ନାରୀଙ୍କ ନିରସ ଜୀବନରେ ଯୌନୋଚ୍ଛାଟ ପାଇଁ ଡିସ୍‌ଟାଣ୍ଟ୍-ଏଜୁକେସନ ମାନୁଆଲ ବା ସ୍ତନ-ବର୍ଦ୍ଧକ ତେଲର ବିଜ୍ଞାପନ - ସବୁ ରହିବ, ଏବଂ 'ନିଉଜ' ବି ରହିବ !

Digitized by srujanika@gmail.com

ବାପା ନାଁ ମନେ ରଖିବାକୁ ହେଲେ ଜେଜେଙ୍କ ନାଁ ଭୁଲିବାକୁ ବାଧ ପରି ଅବସ୍ଥା ।

କୃତଜ୍ଞତା ସହକାରେ କୁଳବୃଦ୍ଧ ମଧୁସୂଦନଙ୍କୁ ମନେପକେଇବା । ସାଇମନ କମିସନ (୧୯୨୭)କୁ କଂଗ୍ରେସର ବିରୋଧ କରିବା ଏବଂ ଉତ୍କଳ ସମ୍ମିଳନୀର ସ୍ୱତନ୍ତ୍ର ଓଡ଼ିଶା ଦାବି ସମସାମୟିକ । ଏପରି ପ୍ରସ୍ତାବରେ ହଁ ମାରିବା ସହଜ ହୋଇ ନ ଥିଲା ବୋଲି ସାର୍ ସାମୁଏଲ ଓ' ଡାନେଲଙ୍କ ଅଧକ୍ଷତାରେ 'ଓଡ଼ିଶା ବାଉଣ୍ଡରି କମିସନ' 'ଭାଇସ୍‌ରାୟ ଅଫ୍ କୁଇନ୍ସ ଇଣ୍ଡିଆ', ଗଠନ କରିଥିଲେ ।

ଦିନେ ସାମୁଏଲ ସାହେବ ପଚାରିଲେ, 'ମିଷ୍ଟର ଦାସ, ଆପଣଙ୍କ ସବୁ ଦାବି ଠିକ ବୋଲି ଧରିନେବା । ତେବେ କୁହନ୍ତୁ - ସେପରି ଓଡ଼ିଶାର ସୀମା କେଉଁଠୁ କେଉଁଯାଏ ? ବା କେମିତି ଚହ୍ନିବା ?'

ମଧୁବାବୁଙ୍କ ଉତ୍ତର ଥିଲା ଏକଦମ୍ ସହଜ । ସାର୍ ଯେଉଁ ସମଷ୍ଟି ଜଗନ୍ନାଥ ଦାସଙ୍କ 'ଭାଗବତ' ଓ ବଳରାମ ଦାସଙ୍କ 'ଲକ୍ଷ୍ମୀ ପୁରାଣ' ପଢ଼ନ୍ତି, ସେମାନେ ହେଲେ ଓଡ଼ିଆ ଓ ସେମାନେ ଯେଉଁଠି ବଞ୍ଚନ୍ତି ସେଇ ଭୂମି ହିଁ ଓଡ଼ିଶା !

ଜାତି ପାଇଁ ଏପରି ଅସ୍ମିତାବୋଧର ଅନ୍ୱେଷଣ ଆଉ ଥରେ ଦେଖିବାକୁ ମିଳିନାହିଁ । ଅଥଚ ହଜି ଯାଇଥିବା ଓଡ଼ିଆ ଯଶର ଆମେ ଅନେକ ଗବେଷଣା ଶୁଣୁ । ଏ ଭୂଇଁରେ ବୁଦ୍ଧଦେବ ଜନ୍ମ ହୁଅନ୍ତି । ଅଶୋକ ଜିତନ୍ତି 'କଳିଙ୍ଗ ଯୁଦ୍ଧ' । ଚଣ୍ଡାଶୋକରୁ ଧର୍ମାଶୋକ ହୁଅନ୍ତି । ମାତ୍ର କାହାକୁ ହରେଇଥିଲେ, ଜଣା ନାହିଁ । ଇତିହାସରେ ଖାରବେଳ ଓଡ଼ିଶା ପାଇଁ ଜଣେ ବହୁଚର୍ଚ୍ଚିତ ପରାକ୍ରମୀ ରାଜା । ତାଙ୍କ ସାମ୍ରାଜ୍ୟ ଅନେକ ବହୁଚର୍ଚ୍ଚିତ ସମ୍ରାଜ୍ୟଠାରୁ ମଧ ବଡ଼ ଥିଲା । ମାତ୍ର ତାଙ୍କ ନାଁ ଓଡ଼ିଶା ବୋର୍ଡ ଇତିହାସ ବହି ବାହାରକୁ ଯାଇ ପାରିନି । ୧୮୦୩ରୁ ୧୮୧୭ ପର୍ଯ୍ୟନ୍ତ ଓଡ଼ିଶାରେ ଚାଲିଥିଲା ଇଂରେଜ ବିରୋଧୀ 'ପାଇକ ବିଦ୍ରୋହ' । ତେବେ ବି, କିପରି ୧୮୫୭କୁ 'ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ' ଭାବେ ଘୋଷଣା କରାଗଲା - ଯା'ର ଉତ୍ତର ଜଣା ନାହିଁ । ଏବଂ ସମାନ ଭାବେ ଜଣା ନାହିଁ - ଆମେ କେତେ 'ଭାରତୀୟ' ଓ କେତେ 'ଓଡ଼ିଆ' !

ଆଦର୍ଶର ସୀମାହୀନ ଅନ୍ଧକାର ଭିତରେ ନ ଭ୍ରମି, 'ସୂର୍ଯ୍ୟପ୍ରଭା' ପାଠକୀୟ ସ୍ୱୀକୃତି ହାସଲ କରିଛି ଖବର ପରିବେଷଣରେ ଯଥାସମ୍ଭବ ସତର ନିକଟତର ହୋଇ ଏବଂ ନିରପେକ୍ଷ ଅନୁଶୀଳକୁ ପାଥେୟ କରି । ସଫଳତା ବା ବିଫଳତାକୁ ସଂଖ୍ୟାରେ ମାପିବା ଗୋଟେ କଥା; ବିଶ୍ୱାସରେ ମାପିବା ଆଉ ଗୋଟିଏ କଥା । ପାଠକୀୟ ଶ୍ରଦ୍ଧା ଆମର ବଡ଼ ମାପକାଠି । ସେମାନଙ୍କ ଅଭିଯୋଗ ଓ ସହଯୋଗ ଆମର ବଡ଼ ସମ୍ବଳ ।

'ନିଜେ ବଞ୍ଚିଲେ ବାପର ନାଁ' । ଓଡ଼ିଆ ଅସ୍ମିତାବୋଧ, ଓଡ଼ିଶାର ସ୍ୱାର୍ଥ ଏବଂ ଭାଷା ପାଇଁ କିଛି ସାଧାରଣ ଆବେଗ - ଏହିପରି କେତେଗୁଡ଼ିଏ ସରଳ ସତ୍ୟକୁ 'ସୂର୍ଯ୍ୟପ୍ରଭା' ଆଦର୍ଶ ରୂପେ ଗ୍ରହଣ କରେ ।

(୬.୧.୧୩)

Digitized by srujanika@gmail.com

ଆ ଦ୍ୟା

‘ନାରୀ ନ ଥିଲେ ସମର ନ ଥା’ନ୍ତା ।’

ଦ୍ରୌପଦୀରୁ କ୍ଲିଓପେଟ୍ରାଯାଏ ସାରା ଇତିହାସ ଏହାର ସାକ୍ଷୀ । ସାମାଜିକ ଚିତ୍ରଟିଏ ପୁରାଣ ବା ପୋଥିରେ ଥାନ ପାଇଲାବେଳକୁ ପୃଥିବୀରେ ଆମ-ତମଙ୍କ ଶିଳା ଗଡ଼ିଗଡ଼ି ଧୂଳି କି ବାଲିଗରଡ଼ାରେ ପରିଣତ ହୋଇସାରିଥା’ନ୍ତି । ତେଣୁ ଇତିହାସକୁ ସର୍ବଦା ଏକ ଦୂରଛଡ଼ା ମନ ନେଇ ଦେଖିବାକୁ ପଡ଼େ । ଏ ଶୃଙ୍ଖଳାକୁ ଆମେ କ୍ୱଚିତ୍ ମାନୁ । ମନୁଙ୍କୁ ମାୟାବତୀ ଶୋଧନ୍ତି ଏବଂ ପାର୍ଲାମେଣ୍ଟ କହେ - ସବୁ ସଜାଡ଼ି ଦେବ ! କାଳକୁ କୀଳା ମାରି ଅଟକାଇବା ଶକ୍ତି ରାଜନୀତି ଛଡ଼ା ଆଉ କାହାର ଥାଇପାରେ ?

ନର-ମାନସିକତାରେ ନାରୀ ଯେ ସମ୍ମାନିତା, ଏହା କହିବାକୁ ‘ବେଦ’ଠାରୁ ଆରମ୍ଭ କରି ପୁରାଣଯାଏଁ ନାନା ଚରିତ୍ର ଓ ବିବରଣୀ ରହିଛି । ‘ଆଦି ଶକ୍ତି’ - ମାନେ ହେଲା ନାରୀ । ଦୁର୍ଗା କାଳୀ ଲକ୍ଷ୍ମୀ ସରସ୍ୱତୀ ଆଦ୍ୟ ରୂପରେ ଉଭା ହେଲେ ତା’ପରେ ସେଠୁ ଅଜବ ମଣିଷଙ୍କ ସୃଷ୍ଟି ଆରମ୍ଭ ହୁଏ । ଥୋକେ ମରିବେ, ଆଉ ଥୋକେ ଉପୁଜିବେ । ବ୍ରହ୍ମା ବିଷ୍ଣୁ କି ମହେଶ୍ୱରଙ୍କ କାଟତି ନ ଥାଏ । ବର ମାଗିବାକୁ ରାବଣ ଶିବଙ୍କ ପାଖରେ କେତେ ତପସ୍ୟା କଲା । ଭୋଳା ମହେଶ୍ୱର ପଟିବାକୁ ସବୁବେଳେ ହୁକୁହୁକୁ । ହେଲେ ମା’ ସରସ୍ୱତୀ ସେତିକିବେଳେ ଆଦ୍ୟା ରୂପରେ ଓଏଦର୍ ଚେକ୍ କରିଦିଅନ୍ତି । ପ୍ରଭୁଙ୍କ ନିଶା ମଳୟରେ ଅଧିକ ପୁଲକିତ ହୁଏ । ସେ ରାବଣ କଥା ଭୁଲିଯା’ନ୍ତି । ହିନ୍ଦୁ ପୁରାଣରେ ଅଦ୍ୟା ଶକ୍ତି ସର୍ବଦା ବଳୀୟାନ । ବହୁ ଧ୍ୱଂସ କରୁ ପଛେ, ଜିତିବ ନିଶ୍ଚୟ ।

ରାବଣ ଦିନେ ରାଗିଗଲା । କହିଲା - ଭକ୍ତ ହୋଇ ଆଜିଯାଏଁ ତୋ ପାଦ ତଳେ ଅଧିଆ ପଡ଼ିନି କି ? ଆଉମାନେ କେଡ଼େ ସହଜରେ ବର ହାସଲ କରନ୍ତି ଓ ଶେଷରେ ତୋ’ରି ପଛରେ ଗୋଡ଼ାନ୍ତି - ସବୁ ଖବର ରଖିଚି । ଆଜି ମୋର

Digitized by srujanika@gmail.com

ବିଶ୍ୱାସ ହେଉଚି ଯେ ତୁ ସତ ବୁଝିବାକୁ ନିରପେକ୍ଷ ନୁହେଁ । ରାମଙ୍କ ପାଖରେ ମଥା ନୋଇଁବାକୁ ମତେ ଇନ୍‌ଡାଇରେକ୍ଟଲି ବାଧ କରୁଚୁ । ଗୋଟିଏ ପ୍ରଶ୍ନର ଉତ୍ତର ଦେ । ମୁଁ ରାମଙ୍କୁ କ୍ଷମା ମାଗି ସୀତାଙ୍କୁ ମା' କହି ଫେରେଇଦେଇ ଆସିବି । ଶକ୍ତି ରହିବ ଓ ସେଥିପାଇଁ ଅହଂକାର ରହିବନି - ଏ କେମିତି କଥା ହୋ ଭୋଳେଶ୍ୱର ? ଅସୁର ଛଳ କରନ୍ତି । ରାମଙ୍କ ପରି ଏକ-ପତ୍ନୀ ବ୍ରତ ଆମ ଜାତିର ଅଭ୍ୟାସ ନୁହେଁ ବା ସେ ଆମର ମଡେଲ୍ ନୁହଁନ୍ତି । ମୁଁ ସୀତାଙ୍କୁ ହରିଲି ତ ଭୋଗ କରିବାକୁ । କି ଭୁଲ କଲି ?

ଶିବ ଏହାର ଉତ୍ତର ଦେଇନାହାଁନ୍ତି । ଭାରତରେ ସୀତା ଶବ୍ଦର ମହିମା ପ୍ରାୟ ଏଇଠି ସ୍ଥାଣୁ । ସୀତା ରହିଲେ ପୂଜା ପାଇଁ । ଯୁଗୋପଯୋଗୀ ନାରୀ-ଜୀବନ ଆଗକୁ ଚାଲିଛି ।

'ପୃଥ୍ୱୀ ହୋଇବ ଗୋଳଗୁଣ୍ଡା - ମାତିବେ ମଦନ ଭୂଷୁଣ୍ଡା' ପରି ଇଦାନୀଂ କାଳରେ ସବାଆଗେ ଆଶା ନୁହେଁ, ଦେଖାଯାଉଛି - ଆତଙ୍କ । ଆମକୁ ଜଗିବା ଲୋକ ଫିକ୍ସର କରି ଦେଶକୁ ଖୋଳ କରି ସାରିଲେଣି । ଆଗେ, ଏକଲା ରାସ୍ତାରେ ଯିବାକୁ ଡର ମାଡୁନଥିଲା । ଯେତେ ଅଚିହ୍ନା ହେଉ ପଛେ, ମନ ସହଗାମୀ ସାଥୀଟେ ଖୋଜୁଥିଲା । ଆଜି ଆଉ ଜଣକୁ ଦେଖିଲେ ଡର ଲାଗୁଛି - ଲଏ ମତେ ମାରି ଦେବନି କି ରେପ୍ କରି ଦେବନି ତ ? ଏକଲା ଭଲ । ମଣିଷ ଡରରେ ମନରୁ ଭୂତପ୍ରେତ ଡର ଆପେ ହଜି ଗଲାଣି । ଏପରି ଅଭିଯୋଗ ଓ ଧାରଣାର ପିରାମିଡଗୁଡ଼ିଏ ଦେଶର ଗଣତନ୍ତ୍ର ଓ ଶାସନ ଉପରେ ଆସ୍ଥା ହରେଇବାକୁ ସମସ୍ତଙ୍କୁ ବାଧ କରୁଛି ।

ଆମେ ଏବେ ଇଲେକ୍‌ଟ୍ରୋନିକ ଜଗତରେ । ଆଗେ ଲାଞ୍ଜରେ ନିଆଁ ଲାଗିବା ପରେ ହନୁମନ୍ତ ଡେଇଁଥିଲେ, ମାତ୍ର ଏବେ ଏମିତି ରିମୋଟ୍-କଣ୍ଟ୍ରୋଲ୍‌ରେ ନିଆଁ ଲଗେଇ ହେଉଛି ଯେ ଆଉ କେଉଁଠି ଶୋଇଥିବା ହନୁମାଙ୍କଡ଼ମାନେ ସେଇଠି କୁଦୁଛନ୍ତି କାହିଁରେ କେତେ । ଶନିବାର (୫.୧) ଦିନ ହିନ୍ଦୀ 'ଜି ନିଉଜ' ଏକ ସାକ୍ଷାତକାର ପ୍ରଚାର କଲା । ସେଥିରେ ମୁହଁ ଲୁଚାଇ ରହିଥିଲେ ୧୬. ୧୨ ଦିଲ୍ଲୀ ବସ୍-ରେପ୍ ମୃତାଙ୍କ ବନ୍ଧୁ ଓ ସହଯାତ୍ରୀ । ବିଷୟବସ୍ତୁ ସ୍ୱାଭାବିକ ଭୟାନକ ଥିଲା । ଆହୁରି ଭୟାନକ ଲାଗୁଥିଲା - ଦୁର୍ଦ୍ଦଶା ଦେଖି ବି ପୁଲିସ- 'ଲଫଡ଼ା' ଡରରେ କେହି ସେମାନଙ୍କୁ ସାହଯ୍ୟ - ମାନେ, ଲଙ୍ଗଳା ଦେହରେ ଲୁଗାଖଣ୍ଡେ ଘୋଡ଼େଇବାକୁ ବି ଆସିଲେନି । ପୁଲିସ ଆସିଲା ତ ନିଶ୍ଚୟ, ହେଲେ ବିଳମ୍ବରେ ଆସିଲା । କାହା ଏରିଆ - ଏମିତିକା ଜୁରିସ୍‌ଡିକ୍ସନ ଖୋଜି ଆହୁରି କିଛି ସମୟ ସାରିଲା । ତା'ପରେ ଡେରି ହେଲା - ପୁଲିସ ନେଲା ସଫଦରଜଙ୍ଗ ସରକାରୀ ହସପିଟାଲକୁ ।

ଅଭିଯୋଗ ଅସତ୍ୟ ବୋଲି ପୁଲିସ ଜିପିଏସ ପ୍ରମାଣ ଦେଖାଉଛି ।

'ଫ୍ରିଡମ୍ ଅଫ୍ ସ୍ପିଚ୍ ଏଣ୍ଡ୍ ଏକ୍ସପ୍ରେସନ'କୁ ଜାବୁଡ଼ି ଧରିଲେ - ନିଉଜ ପର୍ଯ୍ୟନ୍ତ କଥାଟି ଠିକ୍ । ଆମ ସାମାଜିକ ଆଚରଣ ବି ସେଇଆ । ଦୁର୍ଘଟଣାଟିଏ ଦେଖିଲେ କେହି ସେ 'ଲଫଡ଼ା'ରେ ପଶନ୍ତିନି । ପ୍ରତିବାଦ କରିବାକୁ ମହମବତୀ ଜାଳିବା ସହଜ ଏବଂ ରୋମାଣ୍ଟିକ୍ ଲାଗେ । ପୁଲିସ ଦୁଷ୍କର୍ମଗୁଡ଼ିକ ମଧ ସବୁ ଜାଗାରେ ପ୍ରଚଳିତ ସତ ।

ଡେଡ୍-ବଡିକୁ ଲାଇଫ୍ ଜ୍ୟାକେଟ୍ ପିନ୍ଧେଇ ପହଁରେଇବା ପରି ଦେଢ ଶତାବ୍ଦୀ ପୂର୍ବର ଲ' ବାଟେ 'ରେପ୍'ର ସଜ୍ଞା ନିର୍ଦ୍ଧାରଣ ହେଉଛି । ଦିଲ୍ଲୀ ବସ୍-ରେପ୍‌ରେ ଜୀବନ ହାରିଥିବା ଅନାମିକା

Digitized by srujanika@gmail.com

ତରୁଣୀଟିର ମରଣ ଆଜି ଯୁଗ ଜୟ କରିଛି, କାରଣ 'ରେପ୍'ର ମାନେ କ'ଣ ଏବଂ ଆଇନରେ ତାହା କି ଶବ୍ଦରେ କୁହାଯିବ - ଏ ଜାଳ ଏବେ ପୃଥିବୀ ସାରା ସମସ୍ତଙ୍କୁ ଘାରିଛି । ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଆନୁମାନିକ ନାରୀ-ପରିଚୟ 'ସତୀ-ସାବିତ୍ରୀ'ରୁ ଓ ଆଇଟମ-ନମ୍ବରଯାଏଁ ମିଳାମିଶାରେ ଚାଲିଛି । ଯୁଗର ସୁଯୋଗ ଓ ମନସ୍ତାତ୍ତ୍ୱିକ ବିବର୍ତ୍ତନରେ ସମାଜ ଓ ନରନାରୀଙ୍କ ଆଚରଣ ବଦଳିଥିବା ନିହାତି ସତ ଏବଂ ସେଇ ଅନୁରୂପରେ ଆଇନ ଅଟଳ । ତେଣୁ ଅସତ୍ୟ । ସାରା ବିଶ୍ୱରେ ଏଇ ଚେତନାକୁ ହଲେଇ ପାରିଛି ଝିଅଟିର ମୃତ୍ୟୁ । ସରକାର ତା ନାଁରେ ଆଇନ କରନ୍ତୁ କି ନା, ସେ ପ୍ରତୀକ ହେଉ ବା ସତ ହେଉ - ବିଜୟିନୀ ହେବ ସେହି ଅନାମିକା ଝିଅଟି । ସାର୍ଥକ ହୋଇଛି ତା ସ୍ମୃତି । ସେ ଡାକ୍ତର ହୋଇ ଗାଁର ସେବା କରିଥା'ନ୍ତା, ଏବେ ତା ମରଣ ଓ ସଂଘର୍ଷ ପୃଥିବୀର ସେବା କରିଛି ।

(୯.୧.୧୩)

Digitized by srujanika@gmail.com

ଭ ଲ ଖ ବ ର

ଆସ୍ଥା ଅନାସ୍ଥାର ପୃଥ୍ୱୀ

ଯୁଗ ବଦଳିଲେ ଶୋଧା ଓ ସମ୍ବୋଧନର ଶବ୍ଦମାନେ ବଦଳିଯା'ନ୍ତି । ତିରିଶ ଚାଳିଶ ବର୍ଷ ବ୍ୟବଧାନ ଦେଖିବା । ଚିଠି ଯୁଗ, ଜିଜ୍ଞାସା ରହୁଥିଲା - ଭାଇ, କୁଶଳ ତ ? ଆସିଲା, ଲ୍ୟାଣ୍ଡଲାଇନ ଫୋନ ଯୁଗ । ଲୋକେ ପଚରାପଚରି ହେଲେ - ଆଉ ଖବର କ'ଣ ? ଏବେ ମୋବାଇଲ ଯୁଗ । ପ୍ରଶ୍ନ ବଦଳିଯାଇଛି - ସବୁ ଠିକ୍‌ଠାକ୍ ତ ? ସତେ ଯେମିତି ଲାଇଫ୍‌ରେ ଆଉ ଗ୍ୟାରେଣ୍ଟି ନାହିଁ । ଆଇଡିଆ ଓ ଆନ୍ଦାଜ କେତେ କ'ଣ ବଦଳି ଯାଏ ।

୨୦୦୧ ଏପ୍ରିଲ କି ମେ' ମାସ । ଯାଇଥିଲି ଅହମ୍ମଦାବାଦ । ହୋଟେଲ ରୁମ୍‌ରେ ଥିଲା ଏକ ନାମୀ ଇଂଲିଶ ଦୈନିକ ସମ୍ବାଦପତ୍ର ଏବଂ ଆଉ ଖଣ୍ଡେ ଟାବଲଏଡ୍ ଲୋକାଲ ଡେଲି । ଦୁଇଟି ଭିତରୁ ଟାବଲଏଡ୍ ଖଣ୍ଡିକ ଭରିଲା ପୂରିଲା ଶାଳୀ ପରି ସୁନ୍ଦର ଲାଗୁଥିଲା । ଦୁଇ ବା ତିନିଟା କମ୍ପାନୀର ପୁଲ୍‌ଆଉଟ୍ ଛାଡ଼ି, ତା ନିଜର ପୃଷ୍ଠା ସଂଖ୍ୟା ଥିଲା ଚାଳିଶରୁ ଅଧିକ । ମୂଲ୍ୟ - ଦି' ଟଙ୍କା । ଠୁଙ୍ଗାବାଲାଙ୍କୁ ପୁରୁଣା ଖବରକାଗଜ ବିକୁଥିବା ମନ । ଜଞ୍ଜାଳରେ ପଡ଼ିଲା । ଯଦି ଜଣେ ଷ୍ଟଲରୁ କିଣି ରଦ୍ଦିବାଲାଙ୍କୁ ବିକେ ତା'ର ତ ଡାଇରେକ୍ଟ ଲାଭ । କ୍ରେତା ପାଠକ ନ ହେଲେ ବି ଚଳିବ । ଖବର ସାଙ୍ଗରେ କିଛି ହାଲଚାଲ ନାହିଁ । ତା'ହେଲେ ଯା ନାଁ ଖବରକାଗଜ ହେଲା କାହିଁକି ? ବୋପାରାଣ ଭିଙ୍କି ଗିଳ ପରି କଥା । ରାଜି ହୁଅ କି ନ ହୁଅ, ତମକୁ ମାନିବାକୁ ପଡ଼ିବ । ସେଥିରେ ବିଜ୍ଞାପନଗୁଡ଼ିକ ଥିଲା ସୁଦୃଶ୍ୟ ଓ ଲୋଭନୀୟ । ପାଠଆଡ଼କୁ ନ ଯାଉ ପଛେ, ଆଖି ସେଆଡ଼କୁ ପଳେଇବ । ଗୁଜୁରାଟୀ ସଂସ୍କାରକୁ ଖାତିର କଲା ପରି - ନୋ ଭଲ୍‌ଗାରିଟି । ଦୈନିକୀ ହେଲେ ବି ନିଉଜ ଫିଚର ଓ ଆହୁରି କେତେ କଥା ସଜାସଜି ହୋଇ ଥାଆନ୍ତି । ସେଥିରେ ଦଶ ଇଞ୍ଚ ସିଙ୍ଗଲ କଲମ ସାଇଜର

Digitized by srujanika@gmail.com

ଗୋଟିଏ ହାଇଲାଇଟ୍ ନିଉଜ୍ । 'ଓଡ଼ିଆ ଶିକ୍ଷକ କରି ଦେଖେଇଛନ୍ତି!' ଅହମ୍ମଦାବାଦରେ ଓଡ଼ିଶା କଥା ପଢ଼ିବାକୁ ଭଲ ଲାଗିଥିବ ।

ତାହା ଥିଲା : ଗତ ୧୯୯୯ ମହାବାତ୍ୟାରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ଗୋଟିଏ ଗାଁ ସଡ଼କ ଧୋଇ ଯାଇଛି । ରାଜ୍ୟରେ ବହୁ ବିପର୍ଯ୍ୟୟ ହୋଇଥିଲା । ସେ ରାସ୍ତା ଉପରେ ନିର୍ଭରଶୀଳ ଲୋକେ ବିଡ଼ିଓଙ୍କୁ ଦରଖାସ୍ତ ଦେଇଦେଇ ନୟାନ୍ତ । ସେତେବେଳେ ସରକାର କିଛି ବି କରିପାରୁ ନ ଥିଲେ । ଏ ରାସ୍ତା କଥା ପଚାରେ କିଏ ? ହାକିମମାନଙ୍କୁ ଆଉ ମୁହଁଭୁରୁଡ଼ି ମାରିବା ବା ମିଛ କହିବାକୁ ପସନ୍ଦ ଲାଗୁ ନ ଥାଏ । ୨୦୦୧ରେ ସେଇ ଗାଁର ଜଣେ ବାସିନ୍ଦା ବାହାରେ ଶିକ୍ଷକ ଜୀବନରୁ ଅବସର ନେଇ ଗାଁକୁ ଆସିଲେ । ସେ ଯୁବକ ଓ ପିଲାମାନଙ୍କୁ ମିଶେଇ ରାସ୍ତା ରିପେୟାର କଲେ । ବିଡ଼ିଓଙ୍କୁ ଡାକିଲେ, ଉଦ୍‌ଘାଟନ କରିବାକୁ । ବିଡିଓ ବି ଆସିଥିଲେ ଏବଂ କଥା ଦେଲା ପରି ପାଞ୍ଚ ଦିନ ଭିତରେ ମୋରମ ପକେଇ ରାସ୍ତାରେ ରୋଲର ଚଳେଇଦେଲେ । ଆଗ ପରି ହୋଇଗଲା ।

ମନରେ କଥା ଉଠିଲା । ଅର୍ଥନୀତିରେ ଗ୍ରେସମ୍ ତତ୍ତ୍ୱର ଓଲଟା : Bad money drives good money out - ପରି ଖବର-ବଜାର ବି ତ ଠିକ ସେଇଆ । ଓଡ଼ିଶାରେ ମଦମୃତ୍ୟୁଠୁଁ ସେକ୍ସ-ସ୍କାଣ୍ଡାଲ କେତେ ପଢ଼ିଛି - କାଇଁ ଏ ନିଉଜ ତ ଦେଖିନି ? ଘରକୁ ଫେରି ପୁରୁଣା କାଗଜ ଉଣ୍ଡାଳିଲି । ବନ୍ଧୁମାନଙ୍କୁ ପଚାରିଲି । କେହି ଏ 'କୃତିତ୍ୱ' ଖବର ଜାଣିବା ପରି ଲାଗିଲାନି । ଆମ ଭଲ କଥା ଗୁଜୁରାଟ ଜାଣିଲା, ଅଥଚ ଆମେ ଜାଣି ପାରିଲୁନି ? ଯେଉଁ ଟାବଲଏଡ୍‌ରେ ଏ ସମ୍ବାଦ ବାହାରିଥିଲା ତା'ର ପଟ୍ଟାମୁଣ୍ଡାଇ କରେସ୍‌ପଣ୍ଡେଣ୍ଟ୍ ନିଶ୍ଚୟ ନ ଥିବେ । ଆମେ ଦେଖି ପାରିଲୁନି କାହିଁକି ?

ଇଏ ବାର ବର୍ଷ ତଳର କଥା । ଆଜି ବି ଓଡ଼ିଆ ସାମ୍ବାଦିକତାରେ କିଛି ଆଭିମୁଖ୍ୟ ବଦଳିଛି କି ? ଜଣେ ପାଠକ ଭାବେ ଆମେ କହିବୁ - ନା ।

୬. ୧. ୧୩. 'ସୂର୍ଯ୍ୟପ୍ରଭା'ର ୧୦ମ ସ୍ୱନକ୍ଷତ୍ର ପ୍ରତିନିଧି ସମାବେଶରେ ଗୋଟିଏ ଅପିଲ୍ କରିଛୁ । ଆମ ଚାରିପଟେ କ'ଣ ଖାଲି ଚୋରି, ତସ୍କର. ନାରୀ-ଅପରାଧ, କଳଙ୍କ, କୂଟକପଟ ହେଉଥାଏ ? କେହି କିଛି ଭଲ କାମ କରନ୍ତିନି ? ନା ଭଲ ଦେଖିବାକୁ ଆମେ ଅକ୍ଷମ ? ପଟୁଆରରେ ଚାଲିବା ପରି ସାମଗ୍ରିକ ଅନାସ୍ଥା ଭିତରକୁ ପଶିବା ଅତି ସହଜ । ବର୍ତ୍ତମାନ ଭାରତରେ ଆହୁରି ସହଜ ।

ସମସ୍ତେ ଚୋରି କରିବେ - ଆମେ ହୁରି କରିବୁ । ବାକ୍-ସ୍ୱାଧୀନତାର ଏଇ ସାମ୍ବିଧାନିକ ଅର୍ଥ ବଦଳେଇ ଭାବିବା କି - କାଳେ ଭଲ ଘଟଣା ବା ଲୋକ କିଏ କେଉଁଠି ଥିବେ, ସେକଥା ଶୁଣି ଆଉ ପାଞ୍ଚଜଣ ଭଲ ହୋଇପାରନ୍ତେ ? ଖୋଜି ଲେଖିବା କି ?

(୧୦.୧.୧୩)

Digitized by srujanika@gmail.com

ନାରୀ ସୁରକ୍ଷା ଓଡ଼ିଶା ପୁଲିସ

ଏପ୍ରିଲ ୧ - ସମସ୍ତେ କହନ୍ତି 'ଅଲ୍ ଫୁଲ୍‌ସ ଡେ' ବା ବୋକା-ଦିବସ । ମାତ୍ର ଓଡ଼ିଆଙ୍କ ପାଇଁ ଏ ଦିନର ତାତ୍ପର୍ଯ୍ୟ ରହିଛି । ଇଂରେଜ ଶାସନ ଅଧୀନରେ ୧୯୩୬ ଏଇ ଦିନ 'ଓଡ଼ିଶା' ରାଜ୍ୟ ଘୋଷଣା ହେଲା ଏବଂ 'ଓଡ଼ିଶା ପୁଲିସ'ର ପ୍ରତିଷ୍ଠା ଦିବସ ସେଇ ଦିନ ।

ଗୋଟିଏ ଗପ । ମରୁଡ଼ି ଯୋଗୁ ଲୋକ ପୋକମାଛି ପରି ମରିବା ସନ୍ଦେହ ବଢ଼ିଲା । ଭାରତର ଅନୁରୋଧକ୍ରମେ ଜାତିସଂଘ ପୃଥିବୀ ସାରା ବୁଲି ସର୍ଭେ କଲା । ପ୍ରଶ୍ନଟି ଥଲା ସରଳ । 'ଭାରତରେ ଖାଦ୍ୟ ଅଭାବ କାହିଁକି ହେଉଛି ? ଏହାର ସମାଧାନ କିପରି ସମ୍ଭବ ହେବ, ଦୟାକରି ନିଷ୍ଠାପୂର୍ଣ୍ଣ ଭାବେ ନିଜର ସାଧୁ ମତ ପ୍ରଦାନ କରନ୍ତୁ ।'

ସର୍ଭେ ସଫଳ ହେଲାନି । କାରଣ - ଜାତିସଂଘ ପୃଥିବୀ ସାରା ଯେତେ ଲୋକଙ୍କୁ ପଚାରିଥିଲା, ସେଥିରୁ କେହି ହେଲେ ପ୍ରଶ୍ନଟିକୁ ପୂର୍ଣ୍ଣଭାବେ ବୁଝି ପାରି ନ ଥିଲେ ।

ଆଫ୍ରିକା ଲୋକେ ଜାଣି ପାରିଲେନି - 'ଖାଦ୍ୟ' କାହାକୁ କହନ୍ତି । ଏସିଆ ଲୋକେ 'ନିଷ୍ଠା' କ'ଣ ଜାଣି ପାରିଲେନି । ୟୁରୋପ ଲୋକେ 'ଅଭାବ'ର ମାନେ ବୁଝି ପାରିଲେନି ବା ଚୀନ ଲୋକେ 'ନିଜ ମତ' କାହାକୁ କହନ୍ତି ନ ଜାଣି, ପରସ୍ପର ମୁହଁକୁ ବଲବଲ ଅନେଇଲେ । ମଧ୍ୟପ୍ରାଚ୍ୟ - ଅର୍ଥାତ୍ ଇରାନ, ଇରାକ, ଦୁବାଇ, କୁଏତ ଆଦି ଦେଶରେ 'ସମାଧାନ' କାହାକୁ କହନ୍ତି କେହି ଜାଣି ନଥିଲେ । ଦକ୍ଷିଣ ଆମେରିକା ଲୋକେ 'ଦୟା' କ'ଣ - ବୁଝି ପାରିଲେନି ଏବଂ ସେମିତି, ଆମେରିକାରେ କେହି 'ସାଧୁ' ଶବ୍ଦର ଅର୍ଥ ବୁଝି ପାରି ନ ଥିଲେ ।

କିଏ ବା କି ଉତ୍ତର ଦେଇଥା'ନ୍ତେ ? ଜାତିସଂଘ ରିପୋର୍ଟ ଭାରତ ଆସିଲା । ସେଥିରେ କିଛି ଲେଖା ନଥିଲା । ଭାରତୀୟ ଭାବିଲେ - ହ୍ୟାପ ସୁଦୁ

Digitized by srujanika@gmail.com

ବୋକାଗୁଡ଼ାକ । ଛୋଟିଆ କଥାଟେ ବୁଝିବାକୁ ଏତେ ଗବେଷଣା ? ସେମାନେ ପ୍ରସଙ୍ଗଟିକୁ ପାର୍ଲାମେଣ୍ଟରେ ପହଞ୍ଚାଇ ଦେଲେ । ଆଲୋଚନା ହବ କି ନା - କଥା ଗଲା ସିଲେକ୍ଟ କମିଟିକୁ । କମିଟି ମଧ୍ୟ କିଛି ସିଦ୍ଧାନ୍ତ ନେଇ ପାରିଲାନି । କାରଣ ପେଶ୍ କରାଯାଇଥିବା କାଗଜରେ ରହିଥିଲା କେବଳ ଛପା ହୋଇଥିବା ପ୍ରଶ୍ନଟି । ସରକାର 'ଖାଦ୍ୟାଭାବ'ର ଅର୍ଥ ବୁଝୁବୁଝୁ ଲୋକେ ଯେମିତି ଅନାହାରରେ ମରିବା କଥା ମଲେ ।

ମହିଳା ହିଂସା ରୋକିବା ପାଇଁ ଗତ ବୁଧବାର (୯.୧) ଦିନ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଯେଉଁ ନିଷ୍ପତ୍ତିମାନ ନିଆ ଯାଇଛି ତାହା ଆମେ ସ୍ୱାଗତ କରୁଛୁ । ଅଭିଯୋଗଗୁଡ଼ିକୁ କିପରି ଗ୍ରହଣ କରାଯିବ ଓ ତଦନ୍ତ ଶେଷ କରି ଦୁଇ ମାସ ଭିତରେ କୋର୍ଟରେ ଚାର୍ଜସିଟ ଦାଖଲ ହେବ - ଇଏ ହେଲା ମୂଳ ସମସ୍ୟା । ସ୍ଥିତ ଆଇନରେ ଏ ସମୟ ସୀମା ରହିଛି ୧୨୦ ଦିନ ବା ଚାରି ମାସ ।

ବାକି ଯେତେ ଘୋଷଣା - ପ୍ରତି ଜିଲ୍ଲା ଏସପି ଅଫିସରେ ମହିଳା-ସେଲ୍ ଖୋଲିବା, ସେଲ୍ କେମିତି ମହିଳାଙ୍କ ଅଭିଯୋଗ ଅନୁସନ୍ଧାନ ଇତ୍ୟାଦି ତଦାରଖ କରିବ କି ରାଜ୍ୟର ୫୩୭ଟି ଥାନାରେ ମହିଳା ଓ ଶିଶୁ ଡେସ୍କକୁ କ୍ରିୟାଶୀଳ କରାଯିବ, ସେଠି ଅନ୍ତତଃ ଜଣେଲେଖା ମହିଳା ପୁଲିସ ନିଯୁକ୍ତି, ୫୩୭ ମହିଳା ସବ୍-ଇନ୍ସପେକ୍ଟର ପୋଷ୍ଟ୍ ସୃଷ୍ଟି. ଅଧିକ ପବ୍ଲିକ ପ୍ରସିକ୍ୟୁଟର ନିଯୁକ୍ତି, ସେଥିପାଇଁ କ୍ୟାଡର୍ ଇତ୍ୟାଦି ସେ ଷାଠିଏ ଦିନିଆ ପ୍ରସ୍ତୁତି ପାଇଁ ସୂଚୀପତ୍ର । କେତେକ ବିଶେଷ କ୍ଷେତ୍ରରେ ପିପି ନିଯୁକ୍ତି କ୍ଷମତା ଡିଜିଙ୍କର - ଏହା ବିଶେଷ ଆଲୋଚନାକୁ ଅପେକ୍ଷା କରେ । ଯଦି ହୁଏ, ତା'ହେଲେ 'ଇନ୍‌ଭେଷ୍ଟିଗେସନ' (ଅନୁସନ୍ଧାନ) ଓ 'ପ୍ରସିକୁସନ' (ଅଭିଯୋଜନ) ଭିତରେ ଏଣିକି କିଛି ତାଳମେଳ ରହିବ ବୋଲି ଆଶା କରିବା । ପୁଲିସ ଏତଦ୍ୱାରା ନିଜ ବିଭାଗର ଉତ୍ତରଦାୟିତ୍ୱ ପ୍ରମାଣ କରିବାକୁ ଅବକାଶ ପାଇବ । 'ଜନସେବା ଅଧିକାର ଆଇନ, ୨୦୧୨'ରେ ଏହାକୁ ଅନ୍ତର୍ଭୁକ୍ତ କରାଯାଉ । ନବୀନ ସରକାର ଦୁଇ ଟଙ୍କିଆ ଚାଉଳ ବଣ୍ଟନରେ ଯେପରି ପ୍ରଶାସନିକ ଦକ୍ଷତା ହାସଲ କରିଛନ୍ତି ନାରୀ ସୁରକ୍ଷା କ୍ଷେତ୍ରରେ ଅନୁରୂପ ଉଦାହରଣ ସୃଷ୍ଟି କରନ୍ତୁ, । ଯେମିତି ମୁଖ୍ୟମନ୍ତ୍ରୀଙ୍କୁ ବାରମ୍ବାର କହିବାକୁ ନ ପଡ଼େ ଯେ 'ଆଇନ ତା' ବାଟରେ ଯିବ !'

୧୬ ଡିସେମ୍ବର ଦିଲ୍ଲୀ ବସ୍-ରେପ୍ ଓ ହତ୍ୟା ବିରୁଦ୍ଧରେ ଉଠିଥିବା ଅଣରାଜନୀତିକ ପ୍ରତିକ୍ରିୟା ଏବେ ବିଶ୍ୱସ୍ତରୀୟ । ଅମୁକ ଘଟଣା ଯା'ଠୁଁ ବଡ଼ କି ଛୋଟ - ଏପରି ବିବେଚନା କାହାରିକୁ ପ୍ରଭାବିତ କରୁନି । ସମସ୍ତେ ଭାବୁଛନ୍ତି ଯେମିତି ଇଏ ଗୋଟେ ରେପିଷ୍ଟଙ୍କ ଦେଶ ! ଆନ୍ତର୍ଜାତିକ ସ୍ତରରେ ବହୁ ବଦନାମୀ ମୁକାବିଲା କରିଥିବା ଭାରତ ଏତେ ସୀମା ଦେଖି ନ ଥିଲା ।

ଆମ ସରକାରଙ୍କର ଏ ତଦବିର୍ 'ବିରି ମାଡ଼ ଦେଖି କୋଳଥ ଚେପା' ପରି ହୋଇ ନ ଥିବ ବୋଲି ଆଶା କରିବୁ । ଏ କ୍ଷେତ୍ରରେ ଓଡ଼ିଶା ପୁଲିସ ଦେଶର ମଡେଲ ହେଉ । କାରଣ ଆମ ସାମାଜିକ ଶୈଳୀ ଉତ୍ତର-ଭାରତ ପରି ବିଗିଡ଼ା ନୁହେଁ ଏବଂ ଆମର ମେଟ୍ରୋ ନଗରୀ ନାହିଁ ।

(୧୨.୧.୧୩)

Digitized by srujanika@gmail.com

କ୍ଷୁଧା ଓ ଲଜ୍ୟା

ଜଣେ ବ୍ରିଟିଶ ତରୁଣୀ ଜର୍ଜିଆ ଅର୍‌ଲୋଲ ତିନି ବର୍ଷ ତଳର ନିଜ ଭାରତ ଭ୍ରମଣ ଅଭିଜ୍ଞତା କହିଛନ୍ତି । ୬. ୧. ୧୩ (ରବିବାର) 'ୟୁକେ ଟେଲିଗ୍ରାଫ୍ ତାହା ପ୍ରକାଶ କରିଛି । ସେ ଲେଖିଛନ୍ତି - ଅନୂଢ଼ା ମନରେ ଉଦ୍ଦାମତା ସହ ତିନି ସାଙ୍ଗ ଭାରତ ବୁଲିବାକୁ ଆସିଲୁ । କାରଣ, କୁମାରୀ ମନରେ ଏ ଭୂମି ଆମ ପାଇଁ ଥିଲା ସ୍ୱପ୍ନ ଓ କଳ୍ପନାର ଅନ୍ତିମ ଉଲାଖ । ଗାଇଡ୍ ବହି ପଢ଼ି ନିଜେ ହୁସିଆର ଥିଲୁ । ଯଥା ଭାରତୀୟମାନେ ଗରିବ । ତେଣୁ ଆଇ-ପଡ୍. କ୍ୟାମେରା, ମୋବାଇଲ ପରି ଜିନିଷ ହୁସିଆରିରେ ରଖିବା କଥା । ଜାଣି ନ ଥିଲୁ ଯେ ସାଙ୍ଗରେ ପୁରୁଷ ନ ଥିଲେ ବିଦେଶିନୀମାନେ ସେଠି କି ହରକତ୍ ନ ହୁଅନ୍ତି ଟି !

ପହଞ୍ଚିଲୁ । ଆରେ ବାବ୍‌ରେ - ଦେଖାଯାଉଥିଲା ତ ଚକ୍‌ଚକ୍ !

ଇଂଲିଶ ଝିଅଙ୍କୁ ଲୋକେ କାହିଁକି ଏମିତି ଅନାନ୍ତି ? ଏହା ଜର୍ଜିଆଙ୍କ ପ୍ରଥମ ପ୍ରଶ୍ନ । ସେ କେତେକ ଅନୁଭୂତି ବଖାଣିଛନ୍ତି । ଟାକ୍ସି ଫ୍ରଣ୍ଟ୍ ସିଟ୍‌ରେ ବସିଛ ତ, ଡ୍ରାଇଭର ତମ ଦି ଜଙ୍ଘ, ବକ୍ଷ ଓ ଶରୀରର ବିଭିନ୍ନ ଅଂଶ ଛୁଇଁ ଗାଡ଼ିର ଟେପ୍ ବାରମ୍ବାର ଆତଙ୍କଷ୍ଟ କରୁଥିବ ଏବଂ କହୁଥିବ - ମୁଁ ରେଡ଼ିଓ ଖୋଜୁଚି ! ଭୋଳ ହୋଇ ଆକାଶରେ ଆତସବାଜି ଦେଖିଲାବେଳେ ତମ ଲୁଗା ତଳେ କାହା ହାତ ପଶିଥିବ । ଦିନେ ଚେନ୍ନାଇ ତଟ ସମୁଦ୍ରରେ ପହଁରୁ ପହଁରୁ ଟିକେ ଦୂରକୁ ଚାଲିଗଲୁ । ଦେଖିଲାବେଳକୁ ଆମ ପଛରେ ଦଶ ବାର ଗୋଡ଼େଇ ଭିଡ଼ାଭିଡ଼ି କରିବାକୁ ଲାଗିଲେ । ଆମେ ଚିତ୍କାର କଲୁ । କୂଳରେ ଲୋକେ ମଜା ଦେଖୁଥା'ନ୍ତି । କେହି ଶୁଣୁ ନ ଥା'ନ୍ତି । ପଢ଼ିଥିବା ଇଣ୍ଡିଆନ ଷ୍ଟୋରି ଦ୍ରୌପଦୀ ପରି ! ଆମ ଭିତରୁ ଜଣେ ଗୋଟେ ରାସ୍‌କେଲ୍‌କୁ ଏମିତି ମୁଥଟେ ମାରିଲା ଯେ ତା ପାଟିରୁ ରକ୍ତ ବାହାରିଲା । ଦାନ୍ତ ଦି' ଚାରିଟା ଝଡ଼ି ଯାଇଥିବ । ତା'ପରେ ଦଳଟା ଡରି ଆମ ପିଛା ଛାଡ଼ିଲେ ଏବଂ ଆମେ ବି ଡରରେ ଚେନ୍ନାଇ ଛାଡ଼ି ପଳେଇ ଆସିଲୁ ।

ସାରା ଭାରତରେ ଗୋଟାଏ କଥା । ସମସ୍ତେ ନାରୀ ଦେହର ଜାଗା ଅଜାଗାରେ ହାତ ମାରିବାକୁ ହୁକୁହୁକୁ । ପୁଲିସଠାରୁ ସାହାଯ୍ୟ ଖୋଜିବା ବୃଥା ।

Digitized by srujanika@gmail.com

ଭାରତରେ ପୁଲିସ ବ୍ୟବସ୍ଥା ଅଦ୍ଭୁତ । ଗୋଳମାଳ ଦେଖିଲେ ସେମାନେ ଦୂରକୁ ପଳାନ୍ତି । ଲମ୍ବା ତାଲିକା ବଖାଣି ଶେଷରେ ସେ ପଚାରିଛନ୍ତି - ଭାରତୀୟମାନେ ଏ ରୁଗ୍‌ଣ ମାନସିକତାରୁ ମୁକୁଳି ପାରୁ ନାହାଁନ୍ତି କାହିଁକି ?

ଦୀର୍ଘ ପ୍ରବନ୍ଧରେ ସୁଶ୍ରୀ ଜର୍ଜିଆ ନିଜ ବିବେଚନାରେ ଭାରତୀୟମାନଙ୍କ ଏ ବିକୃତିର ତିନୋଟି କାରଣ ଦର୍ଶାଇଛନ୍ତି । ୧. ସେମାନେ ନିଜ ପ୍ରାଚୀନ 'ମୂଲ୍ୟବୋଧ'କୁ ବହିରେ ରଖନ୍ତି । ପଢ଼ନ୍ତିନି କି ହେଜନ୍ତିନି । ୨. ନାରୀକୁ ସାମଗ୍ରୀ ବୋଲି ବିଚାରିଥିବା ପ୍ରାଚୀନ ଭାରତ ଏବେ ବି ସେମିତି ଭାବୁଛି। ଆଇନ କରି ଲୋକଙ୍କ 'ମାଇଣ୍ଡ-ସେଟ୍' ବଦଳାଇବା ପରି ଉଦ୍ଭଟତାକୁ କେବଳ ଭାରତୀୟମାନେ ବିଶ୍ୱାସ କରନ୍ତି । ୩. ଇଣ୍ଟରନେଟ୍‌ରେ ପର୍ଣ୍ଣୋଗ୍ରାଫି ଆକ୍ସେସ ଦେଖି, ସାମ୍ନାରେ ଗୋରାଚମଡ଼ା ଝିଅଟେ ହାବୁଡ଼ିଲେ ସେମାନେ ତାକୁ ଭାବନ୍ତି ଇଏ ବି ପର୍ଣ୍ଣଷ୍ଟାର, ଇଏ ବି 'ସେକ୍ସି' । ତା' ସହିତ ମଜା କରିବା ଦରକାର ।

ଏବେ ଭାରତରେ ଚାଲିଥିବା ନାରୀର ଯୌନ ଅସହାୟତା ଅନୁଭବ କରି ସେ ତିନି ବର୍ଷ ତଳର ନିଜର ଏ ଅଭିଜ୍ଞତା ଅବତାରଣା କରିଛନ୍ତି ।

କଥାରେ ଅଛି - ମଣିଷର କୁଆଡ଼େ ଦି ରକମ କ୍ଷୁଧା । ଗୋଟିଏ ପେଟରେ ଏବଂ ଆରଟି ଟିକେ ତା ତଳେ । (ନସିରୁଦ୍ଦିନ ଶାହ, ହିନ୍ଦୀ ଚଳଚ୍ଚିତ୍ର 'ଅର୍ଦ୍ଧ ସତ୍ୟ') ଭାରତୀୟଙ୍କର ତିନି ରକମ । ଥାର୍ଡଟି ହେଲା - ଦାର୍ଶନିକ କ୍ଷୁଧା । ଏହା ମେଣ୍ଟାଇବାକୁ ସେମାନେ ପଥି କି ଔଷଦ କିଛି ଖାଆଁନି - ଖାଲି 'ମୋରାଲ' ବାନ୍ତି କରନ୍ତି !

୧୯୬୯ରେ ପ୍ରକାଶିତ ଉଇଲିଅମ ଏବଂ ପଲ୍ ପ୍ୟାଡକଙ୍କ ଏକ ପୁସ୍ତକ - 'ଫ୍ୟାମିନ୍ ୧୯୭୫ ! ଆମେରିକାସ୍ ଡିସିସନ: ହୁ ଉଇଲ ସର୍ଭାଇଭ ?' (ଦୁର୍ଭିକ୍ଷ ୧୯୭୫ ! କିଏ ବଞ୍ଚିବ - ତାହା ସ୍ଥିର କରିବ ଆମେରିକା ?) ଲେଖକଦ୍ୱୟଙ୍କ ଯୁକ୍ତି ଥିଲା - ଅନୁନ୍ନତ ଦେଶଗୁଡ଼ିକରେ ଦ୍ରୁତ ଗତିରେ ଜନସଂଖ୍ୟା ବଢୁଛି ଓ ସେମାନଙ୍କ କୃଷି ବିକାଶର ଅବସ୍ଥା ସ୍ଥାଣୁ। ତେଣୁ ୧୯୭୫ ବେଳକୁ ନିଶ୍ଚୟ ଦୁର୍ଭିକ୍ଷ ହେବ । ସେମାନଙ୍କୁ ଦାନା ଦେବାକୁ ୟୁଏସ, କାନାଡ଼ା, ଅଷ୍ଟ୍ରେଲିଆ ଓ ଆର୍ଜେଣ୍ଟିନାରେ ଅମଳ ହେଉଥିବା ଗହମ ଛଡ଼ା ଆଉ କିଛି ଖାଦ୍ୟ ନାହିଁ । ଏ ଚାରୋଟି ଦେଶ ଭିତରୁ ଏକା ୟୁଏସ ହିଁ ଗହମ ବଣ୍ଟାବଣ୍ଟି କରେ । ସେ ଯାହାକୁ ନ ଦେବ, ସେ ଦେଶର ବହୁ ଲୋକ ଅନାହାରରେ ମରିଯିବେ ।

ସେମାନଙ୍କ ଅନ୍ଦାଜ ଭୁଲ ନ ଥିଲା । ୧୯୬୫-୬୭ରେ ବିହାର ଦୁର୍ଭିକ୍ଷ ଓ ଆମେରିକା-ଭାରତ ପିଏଲ-୪୮୦ ଚୁକ୍ତି ଓ ଗହମ, ମିଲ୍କ-ପାଉଡର ଇତ୍ୟାଦି ସପ୍ଲାଇ କଥା ମନେ ପକାଇ ପାରିବା । ଆହୁରି ମନେ ପକାଇ ପାରିବା ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ 'ଜୟ ଯୱାନ ଜୟ କିଷାନ' ଓ 'ସବୁଜ ବିପ୍ଳବ'ର ସ୍ଲୋଗାନ ।

ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ଯଥେଷ୍ଟ ସଫଳତା ସତ୍ତ୍ୱେ ସେତେବେଳେ ଆମ ବିରୁଦ୍ଧରେ ଏକ ଆନ୍ତର୍ଜାତିକ ଦୁର୍ନାମ ରହିଗଲା - ଭୋକିଲା ଭାରତ ବା 'ହଙ୍ଗ୍ରି ଇଣ୍ଡିଆନ୍' । ପେଟ-କ୍ଷୁଧାକୁ ଜିତି ସାରିଲୁଣି ନାନା ବାଟେ, ଏପରି କି ସବ୍‌ସିଡି କ୍ୟାସ୍ ଟ୍ରାନ୍ସଫର କରି । ଏବେ କେଉଁ ବିଶେଷଣ ମିଳିବ, ଶୁଣିବାକୁ ଅପେକ୍ଷା କରିବା ।

(୧୪.୧.୧୩)

Digitized by srujanika@gmail.com

ତ ମେ ଯ ଦି ଥା ଆ ନ୍ତ

'ଯାହା ଆପଣା କିଆ (କର୍ମ), ତହିଁକି ଇଲାଜ କିଆଁ ?'

- 'ରେବତୀ' : ୧୮୯୭, ଫକୀର ମୋହନ

୧୪ ଜାନୁଆରି । ଭାରତୀୟ ଭାଷାରେ ପ୍ରଥମ କ୍ଷୁଦ୍ରଗଳ୍ପ ଲେଖକ ବ୍ୟାସକବି ଫକୀର ମୋହନଙ୍କ ୧୭୧ତମ ଜୟନ୍ତୀ ପାଳନ ସରିଛି । କୃତଜ୍ଞ ଦାୟାଦ ପରି 'ସୂର୍ଯ୍ୟପ୍ରଭା' ତାଙ୍କ ସ୍ମୃତିକୁ ପ୍ରଣିପାତ ଜଣାଉଛି ।

ସେନାପତିଙ୍କ ଜନ୍ମ ବିବରଣୀରେ ଦୁଇଟି ଘଟଣା ଗ୍ରହ ନକ୍ଷତ୍ରରେ ବିଶ୍ୱାସ ନ କରୁଥିବା ଲୋକଙ୍କୁ ନେଇ ଜଉତିଷ ପାଖରେ ପହଞ୍ଚାଇ ଦେବ । ଜନ୍ମ ହୋଇଥିଲେ - ମକର ସଂକ୍ରାନ୍ତିରେ (ଜାନୁଆରି ୧୩, ୧୮୪୩) ଏବଂ ମରଣ ବି ଆଉ ଏକ ସଂକ୍ରାନ୍ତି ଦିନ (ରଜ ସଂକ୍ରାନ୍ତି, ଜୁନ ୧୪, ୧୯୧୮) । ଏ ଦୁଇ ସଂକ୍ରାନ୍ତି ଭିତରେ ସେନାପତି ବିରାଜିଛନ୍ତି, ଓଡ଼ିଆ ଜାତି ପାଇଁ ସଂକ୍ରାନ୍ତି-ପୁରୁଷ ରୂପେ । କେବେ କର୍ଣ୍ଣରେ ମକରକୁଣ୍ଡଳ ତ ଆଉ କେବେ ବୈରାଗ୍ୟରେ ବ୍ରହ୍ମଚାରୀ । ଏ ଜାତି ଏବଂ ଏ ରାଜ୍ୟ ମହୀରେ ଥିବାଯାଏଁ ଉତ୍କଳଗୌରବ ମଧୁସୂଦନଙ୍କ ନାଁ ଯେମିତି ପୁଣ୍ୟ, ପବିତ୍ର ଓ ଅଭୁଲା, ଏ ଭାଷା ଥିବାଯାଏଁ ବ୍ୟାସକବି ଫକୀରମୋହନ ବି ସେଇଆ ।

ଫୁଲ ଥରେ ମା'-ଗଛକୁ ପଚାରିଥିଲା, 'ସତ କହ - ଝଡ଼ିବା ଭଲ ନା ମରିବା ଭଲ ?'

'ଆଗେ ତୁ କହ - ଦେଖେଇ ହେବା ଛଡ଼ା ଆଉ କିଛି ଶିଖିଲୁଣି କି ? ଝିଅ ଲୋ, ଫଳିଲେ ମରିବୁ ଓ ଝଡ଼ିଲେ ସରିବୁ - ନିଜେ ବିଚାରି ନେ କେଉଁଟା ଭଲ ।'

ଓଡ଼ିଆ ଭାଷା ଓ ଜାତିର ଗର୍ବ ଯେ ଫକୀରମୋହନ ଝଡ଼ି ନାହାଁନ୍ତି; ଫଳିଛନ୍ତି । ତାଙ୍କ ଗଳ୍ପ 'ଲଛମନିଆ', ('ବୋଧଦାୟିନୀ', ୧୮୬୮) ସମ୍ଭବତଃ ଭାରତୀୟ ଭାଷାରେ ସର୍ବପ୍ରଥମ କ୍ଷୁଦ୍ରଗଳ୍ପ । (ସୁରେନ୍ଦ୍ର ମହାନ୍ତି, 'ଫକୀର ମୋହନ

Digitized by srujanika@gmail.com

ସମୀକ୍ଷା’) । ତାଙ୍କୁ ‘ସରସ୍ୱତୀ’ ଉପାଧିରେ ମଣ୍ଡିତ କରିଥିଲେ ଭାଷା ପ୍ରିୟ ବାମଣ୍ଡା ରାଜା ସାର୍ ବାସୁଦେବ ସୁଢ଼ଳଦେବ । ଓଡ଼ିଆଙ୍କ ପାଇଁ ସେ ‘ବ୍ୟାସକବି’ । କାରଣ ବେଦର ବ୍ୟାଖ୍ୟାକାର ହିଁ ‘ବ୍ୟାସ’ । ଫକୀର ମୋହନ ‘ହରିବଂଶ’, ‘ମହାଭାରତ’, ରାମାୟଣ’, ଉପନିଷଦ୍ ଇତ୍ୟାଦି ବହୁ ଶାସ୍ତ୍ର ପୁରାଣ ଓଡ଼ିଆରେ ରଚନା କରିଥିଲେ । ତେଣୁ ସେ ଆମ ପାଇଁ ଥିଲେ ବ୍ୟାସଦେବ । ନେଉଳ ପାର୍ - ହାତରେ ପଡ଼ିଚି କେରାଏ ବାଳ । ଆମେ ତାଙ୍କୁ ବ୍ୟାସକବି କହୁ କିନ୍ତୁ କାହିଁକି କହୁ, ଜାଣୁନା । ବହୁପ୍ରଚାରିତ ସର୍ଜନାଗୁଡ଼ିକ ଛଡ଼ା ଅନାଲୋଚିତ ରହିଛି ଏପରି ବହୁ ସମ୍ଭାର । (‘ଫକୀର ମୋହନ ଆତ୍ମ ଜୀବନୀ’ - ଅଧ୍ୟାପକ ଦେବେନ୍ଦ୍ର ଦାସ ।)

ଗତ ସପ୍ତାହରେ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ରବି ନନ୍ଦ ଏକ ‘ହାଇ-ଲେଭଲ’ ନିଷ୍ପତ୍ତି ନେଇଛନ୍ତି । ଏହା ହାଇ-ଭୋଲ୍ଟେଜ୍ ମଧ୍ୟ । ସମସ୍ତେ ଜାଣନ୍ତି ଯେ ନବୀନଙ୍କ ବିନା କନ୍‌ସେଣ୍ଟରେ ମନ୍ତ୍ରୀମାନେ ଲୋ-ଲେଭଲ୍ ନିଷ୍ପତ୍ତି ବି ନେଇ ପାରନ୍ତିନି । ଜଣେ ମନ୍ତ୍ରୀ ଯେତେବେଳେ ମିଡ଼ିଆରେ କିଛି କହନ୍ତି ଧରିନେବାକୁ ପଡ଼େ ଯେ ସେଥିରେ ମୁଖ୍ୟମନ୍ତ୍ରୀଙ୍କ ସମ୍ମତି ‘ଓଭିଅସ୍ ଏଣ୍ଡ୍ ଅଟୋମେଟିକ୍’ ଭାବେ ରହିଥାଏ ।

ଗଣଶିକ୍ଷା ବିଭାଗ ଅଧୀନରେ ଥିବା ‘ଓଡ଼ିଆ ଭାଷା ପ୍ରତିଷ୍ଠାନ’ ଲକ୍ଷାଧିକ ସଂଖ୍ୟାରେ ଓଡ଼ିଆ ଭାଷାର ‘ନିଜସ୍ୱ’ ବ୍ୟାକରଣ, ବର୍ଣ୍ଣବୋଧ ଏବଂ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ମିଡିଅମରେ ପଢୁଥିବା ପିଲାଙ୍କ ପାଇଁ ସେମାନଙ୍କ କୋର୍ସର ଓଡ଼ିଆ ପାଠ୍ୟପୁସ୍ତକ ଛାପିବ । ବଣ୍ଟାବଣ୍ଟି ଯଦି ଠିକ୍ ହୁଏ, ତା’ହେଲେ ଶେଷଟି ସବୁଠୁ ଭଲ କଥା । ତେଲୁଗୁ କି ବଙ୍ଗଳା ବହି ପଢ଼ି ପିଲାଏ ଓଡ଼ିଆରେ ଉତ୍ତର ଲେଖୁଥିଲେ । ଏବେ ଅବସ୍ଥା ବଦଳିଯିବ ।

‘ନିଜସ୍ୱ’ ବ୍ୟାକରଣ - ସମ୍ଭବତଃ ଏହା ଏକ ଚିନ୍ତାହୀନ ପରିକଳ୍ପନା । ତାହା କେଉଁଠି ମିଳେ ବା ସେପରି ବ୍ୟାକରଣ ଉଦ୍‌ଭାବନ କଲାପରି ସରକାରର ଦକ୍ଷତା ଅଛି କି ? ନାନା ପ୍ରକାର ପାଠ୍ୟପୁସ୍ତକ ରଚିବା, ଛାପିବା ଓ ବାଣ୍ଟିବା କାମ ତ ଉଚ୍ଚଶିକ୍ଷା ମନ୍ତ୍ରଣାଳୟ ଅଧୀନସ୍ଥ ‘ରାଜ୍ୟ ଟେକ୍ସଟ୍ ବୁକ୍ ବ୍ୟୁରୋ’ କରେ । ପୁନର୍ବାର ତାହା ଗଣଶିକ୍ଷା ଅଧୀନରେ ଦୋହରାଇବା ମାନେ କ’ଣ ?

ଫକୀର ମୋହନଙ୍କୁ ଆଜି ମନେ ପକାଇବାକୁ ଇଚ୍ଛା କରୁଛୁ, କାରଣ ଏବେ ଜରୁରୀକାଳୀନ ଭିତ୍ତିରେ ଆମ ଭାଷାପ୍ରିୟ ସରକାର ଏବଂ ଏପର୍ଯ୍ୟନ୍ତ ଓଡ଼ିଆ କହି ଶିଖି ନ ଥିବା ମୁଖ୍ୟମନ୍ତ୍ରୀ ଓଡ଼ିଆକୁ ‘କ୍ଲାସିକାଲ୍’ କରିବାକୁ ଲାଗିଛନ୍ତି । କାର୍ବାଇଟ୍ ଫୁଙ୍କ କଦଳୀ ଓ ଗଛପାଚିଲା କଦଳୀ ଭିତରେ ସ୍ୱାଦର ଫରକ ଅତି ମାମୁଲି । ଏବେ ଦରକାର - ଭାଷାର ସ୍ଥିତି ‘କନ୍‌ଷ୍ଟିଟୁସନାଲ୍’ କି ନା ? ସମ୍ବିଧାନ ପରିଶିଷ୍ଟରେ ଜାଗା ନ ପାଇଲେ ସରକାରୀ ଗ୍ରାଣ୍ଟ୍ ବନ୍ଦ ।

ତେଣୁ ସତ କହୁଚୁ - ଏ ‘କ୍ଲାସିକାଲ’ର ମାନେ କ’ଣ ବୁଝି ହେଉନି । ଯୁରିଆ ପିଆଇ ଛାଡ-ଗାଈଠୁଁ ଅଧିକ ଦୁଧ ଦୁହିଁବା ପରି କଥା !

(୧୬.୧.୧୩)

Digitized by srujanika@gmail.com

ନିର୍ବାଚନ, ଯୋଜନା ଓ ଜୁଆଖେଳ

ଗୋଟିଏ ଢଗ : ପରତେ ନ ଯିବା କଥା / ମନ ଗହୀରର ବଥା / ସତୀ ସୁହାଗିନୀ ମଥା / କଥାରେ ନ ଥାଇ ଲଥା - ସଖି ଲୋ, ୟେ ବଡ଼ ମନ୍ଦ।

ଭାରତରେ ରାଜନୀତିର ଅନ୍ୟ ନାଁ ଭାଣ୍ଡାମି । ଭୋଟ ପାଇବା ପାଇଁ ଦଳଗୁଡ଼ିକ କି ଦୁର୍ଦ୍ଦଶା ନ ଭୋଗନ୍ତି ଟି!

'ନବୀନଙ୍କ ଦୁଇ ଟଙ୍କିଆ ଚାଉଳକୁ ଟକ୍କର - କଂଗ୍ରେସ ଦେବ ଟଙ୍କାକିଆ ଚାଉଳ ସହ ଡାଲି ଓ ଆଳୁ।' ('ସୂର୍ଯ୍ୟପ୍ରଭା', ୧୫. ୧. ୧୩) । ଏ ଖବର ପଢ଼ି ଜଣେ ପାଠକ ବନ୍ଧୁ ତତ୍କାଳ ମତ ଜଣେଇଛନ୍ତି - ଭାଜପା ଚେଲ ତେଜରାତି ଦେଉ । 'ମହାଜନୋ ଯେନ ଗତଃ ସ ପନ୍ଥା' ନୀତି ଅନୁସରଣପୂର୍ବକ ଅନ୍ୟ କ୍ଷୁଦ୍ର ଦଳଗୁଡ଼ିକ ପନିପରିବା ଆଇଁଷ ଅଣ୍ଡା ଇତ୍ୟାଦି ଦିଅନ୍ତୁ। ଇଣ୍ଡିପେଣ୍ଡେଣ୍ଟମାନେ ମଝିରେ ମଝିରେ ଆରକଥା ଯୋଗାଡ଼ କଲେ - ବୋଲ ଭାଇ - 'ରାମରାଜ୍ୟ' ଆସିବା ଗ୍ୟାରେଣ୍ଟେଡ୍! ବନ୍ଧୁଙ୍କ ଖେଦ ଓ ଅଭିମାନ ସହିତ ଆମେ ବି ଏକମତ ।

'କାଣ୍ଡଜ୍ଞାନ'। ଏକ ପ୍ରଚଳିତ ଶବ୍ଦ । ଏହା ଗଛର କାଣ୍ଡ, ବାଣର ସରୁ, ଶରର କାଠି କି ପୁରାଣର ଅଧ୍ୟାୟ ପରି କିଛି ନୁହେଁ। ମଣିଷ 'ଜ୍ଞାନ'ର ପ୍ରଚଣ୍ଡ ଅଧିକାରୀ - ଦର୍ଶନରୁ ଦାରୀଘର ଏକାସାଙ୍ଗରେ ଭାବିପାରେ । ତେବେ ବି 'କାଣ୍ଡଜ୍ଞାନ' ଶବ୍ଦ ସହିତ ଏ 'ଜ୍ଞାନ'ର ଦେଖାସାକ୍ଷାତ ହୁଏନି। ଜଣେ କୋଉଠି କେତେବେଳେ ବସିବ - ଏକଥା ତା 'କାଣ୍ଡଜ୍ଞାନ' ତାକୁ କହେ । ଏ ଶବ୍ଦର ବ୍ୟାଖ୍ୟା ସରଳ। ଜ୍ଞାନ ବେଶି ଲଟେଇଲେ ସେଗୁଡ଼ାକ ଗୋରୁ ଖୁରା କି ପାକୁଳିକୁ ଯୋଗ୍ୟ । ତେଣୁ ଏତେ ଜ୍ଞାନ କାହାର ଦରକାର ନ ଥାଏ । ଗୁରୁ ଗୁରୁଜନ କହନ୍ତି, ସେଠି କାଣ୍ଡ (ସରୁ କାଠି)ଟିଏ ପୋତି ଦିଅ। ତାକୁ ଆଶ୍ରା କରି ଯେତିକି ଲଟେଇଲା ସିଏ ତମ 'କାଣ୍ଡଜ୍ଞାନ' । ସମାଜକୁ ଚିହ୍ନିବା ପାଇଁ ସେଥିରେ ଆମର ବିଶ୍ୱାସ ତିଆରି ହୁଏ ।

ସାମ୍ବିଧାନିକ ହେଉ ବା ଆଇନସିଦ୍ଧ ହେଉ - ବିବେଚନା ଯେତେବେଳେ

Digitized by srujanika@gmail.com

ମାତ୍ରା ହୁଡ଼େ, ଲୋକେ କହନ୍ତି - କାଣ୍ଡଜ୍ଞାନ ନାହିଁ । ବିଭିନ୍ନ ଦଳର ସରକାର ଅଛନ୍ତି ଏବଂ ନେତାମାନେ ଭୋଟ-ରାଜନୀତିରେ ଢେର ଜ୍ଞାନୀ । ସରକାର ଚାଲୁଚି ସମ୍ବିଧାନରେ, ବେଶ୍ ମଜବୁତ ଭାବେ । ଶାସନ ଚାଲୁଛି ଷ୍ଟାଟିଷ୍ଟିକ୍ସରେ । ଲୋକଙ୍କ ପ୍ରଗତି ମପାଯାଏ 'ଜିଡିପି'ରେ ଓ ଦାରିଦ୍ର୍ୟ ଆକଳନ ହୁଏ ବିରୋଧୀଦଳ ଭାଷଣରେ । ଶରିଣି ଖାଇ ହରିବୋଲ ପକେଇ ଫେରୁଥିବା ଲୋକେ ବି ଭାବନ୍ତି - ସେପାଖ ଲୋକଙ୍କର 'କାଣ୍ଡଜ୍ଞାନ' ନାହିଁ !

ନିଜେ ନିଜକୁ ଗଢ଼ିବୁ ଏବଂ ଅନ୍ୟ ସହ ସମକକ୍ଷ ହେବୁ ବୋଲି ଦିନେ ପ୍ରତିଜ୍ଞା କରିଥିଲୁ ସମ୍ବିଧାନ ଲେଖି । କଳ୍ପନା କରିଥିଲୁ - ଆଉ ଗରିବ ହୋଇ ରହିବୁନି । ମାତ୍ର ସରକାରଙ୍କ ଦାରିଦ୍ର୍ୟ ନିରାକରଣ ଯୋଜନା ଯେତେ ବିସ୍ତାରିତ ହେଉଛି ଆମ ଦୁଃଖ ସେତେ ବଢୁଛି । 'ଗରିବ' ନ ରହିଲେ, ଯୋଜନା ବନ୍ଦ । ଯୋଜନା ନ ରହିଲେ ରାଜନୀତି ବଞ୍ଚିବ କେମିତି ? ତେଣୁ ସବୁ ତାମସା କରାଯାଏ 'ଗରିବ' ନାଁ ନେଇ । ଏ ଶବ୍ଦରେ ଚାଲେ ରାଜନୀତି ବେଙ୍ଗଳା । ଯୋଚା ବଳଦ ମଳ ତ୍ୟାଗ କଲେ ତାକୁ କାଢ଼ି ଫୋପାଡ଼ିବା ଛଡ଼ା ଆଉ କିଛି ବାଟ ନାହିଁ ।

ସମୟର ଅନିଶ୍ଚିତତା ସହ ସାଧାରଣ ନିର୍ବାଚନ ନିକଟତର ହେଲାଣି । ନିର୍ବାଚନ ଆଗକୁ ଥିବ, ଦଳଗୁଡ଼ିକ ନିଜ ପରାକ୍ରମ ନ ଦେଖେଇବେ କେମିତି ? ସନ୍ଧ୍ୟା ହେବ ଏବଂ କାକଳିର କଳରୋଳ ବଦଳିବ ନାହିଁ କି ମଶାଣିରେ ବିଲୁଆ ଭୁକିବେ ନାହିଁ - ଏକଥା ସମ୍ଭବ କି ? ଏକା ନ୍ୟାୟ । ଦି'ଟଙ୍କିଆ ଚାଉଳର ବାହାଦୁରୀ ଓ ଲୋକପ୍ରିୟତା ନବୀନ ପଟ୍ଟନାୟକଙ୍କ ଝୁଲାରେ ଦୃଢ଼ଭାବେ ସଂରକ୍ଷିତ । ତାଳି ମାରି କାଉ ଉଡ଼େଇବା ଢଙ୍ଗରେ କଂଗ୍ରେସ ସେଥିରୁ ତିଳେ ବି ନେଇପାରିନି । ଏବେ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ ଆଗାମୀ ନିର୍ବାଚନରେ ତାଙ୍କ ଦଳର ପ୍ରତିଶ୍ରୁତି ରହିବ - ଚାଉଳ ଟଙ୍କାଟେ । ଡାଲି ଆଳୁ ଫ୍ରି ! ଧରାଯାଉ, ଏ ସ୍ଲୋଗାନ ପାଇଁ କଂଗ୍ରେସ ଜିତିଗଲା । ତା'ପରେ କ'ଣ ହେବ ? ୨୦୧୦-୧୧ରେ ରାଜ୍ୟର 'ଜିଡିପି' ଥିଲା ୮. ୬୦% । ୧୧-୧୨ରେ କମି ତାହା ହୋଇଛି ୭. ୧୮% । ନବୀନ କହୁଛନ୍ତି - ରାଜ୍ୟ ପ୍ରଗତି କରୁଛି । କଂଗ୍ରେସ ସହିତ ଜିଦି ମରାମରି ହୋଇ ଯଦି ବିଜଦ କହିବ - ଚାଉଳ ପୂରା ଫ୍ରି ! ଏବେ ତ ବର୍ଷକୁ ହଜାର କୋଟି ଟଙ୍କା ସବ୍‌ସିଡି ଯାଉଛି । ଆଗକୁ ଦେଖାଯିବ ।

ନ'ଅଙ୍କଗ୍ରସ୍ତ ଓଡ଼ିଆ ମାନସିକତା ଏପରି କଥା ଶୁଣିବାକୁ ଭଲ ପାଏ କି ? ନା । ଲୋକେ କେତେ ଇଣ୍ଟେଲିଜେଣ୍ଟ ହେଲେଣି । ଏବେ ଭୋଟର କହୁଚି - ସିମ୍ କାର୍ଡ ପୂରେଇ ମୋବାଇଲ ଦିଅ, ମୁଁ ଭୋଟ ଦେବି । ସେମାନଙ୍କୁ ପ୍ରାଗ୍‌ଐତିହାସିକ ବା ଅଙ୍ଗୁଠାଛାପ ଭାବିବା ଠିକ୍ ନୁହେଁ । ତେଣୁ ଆଶା କରିବା, ସବୁ ଦଳ ନିର୍ବାଚନରେ ଭଣ୍ଡିବାର ପୁରୁଣାକାଳିଆ ଭୋକାବୁଲାରି ବଦଳାନ୍ତୁ । ଅନ୍ୟଥା, ସେଗୁଡ଼ିକ 'କାଣ୍ଡଜ୍ଞାନ'ବିବର୍ଜିତ ପରି ଲାଗୁଛି ।

(୧୭.୧.୧୩)

Digitized by srujanika@gmail.com

ମ ନ ଇ ଛା ସ୍ୱା ଧୀ ନ

"We feel free when we escape - even if it be but from the frying pan into the fire."

- Eric Hoffer

କେତେ 'ସ୍ୱାଧୀନ' ହେଲେ ଜଣେ 'ଗଣତାନ୍ତ୍ରିକ' ହୁଏ ? କେତେ ମୁକ୍ତ ହେଲେ ଜଣେ ବ୍ୟଭିଚାରୀ ହୁଏ ? ବା କେତେ ଫୋକଟ ହେଲେ ଜଣେ ଉଦାର ହୁଏ ? ଏହାର ଉତ୍ତର ନାହିଁ ।

ଭାରତ ଏବେ ପଡ଼ିଛି ନୈତିକତାର ବିପାକରେ । ଗୋଟିଏ ଡିଭର୍ସ-ଷ୍ଟୋରି : ୨୦୦୭ରେ ବିବାହ । ଆରମ୍ଭରୁ ପତ୍ନୀଙ୍କ ଦ୍ୱାରା ଅଜବ ପତି-ନିର୍ଯାତନା । ଆଇନରେ ସିଦ୍ଧ ନୁହେଁ । ସ୍ୱାମୀ ମନ ନରଖର ଅବସ୍ଥାରେ କେତେ ବର୍ଷ ବିତିଲା । ମହିଳା ଶିକ୍ଷିତା, ରୋଜଗାରକ୍ଷମ ଓ ସୁନ୍ଦରୀ । ସେ ଅନୁଭବ କଲେ ଯେ କମ୍ ଲୁଗା ପିନ୍ଧିଲେ ବେଶି ଲୋକ ତାଙ୍କୁ ଲାଳାୟିତ ହୋଇ ଅନାନ୍ତି । ସେ ଅଧିକରୁ ଅଧିକ ଖୋଲିବାକୁ ଲାଗିଲେ । ଯାତନା ଅସହ୍ୟ ହେବାରୁ 'ମାନସିକ ନିର୍ଯାତନା' ଅଭିଯୋଗ କରି ସ୍ୱାମୀ କୋର୍ଟରେ ଛାଡ଼ପତ୍ର ପ୍ରାର୍ଥନା କଲେ । ଅର୍ଜିରେ କହିଲେ - ଏତିକି ଛାଡିଦେଲେ ତାଙ୍କଠୁଁ ଉତ୍ତମ ରମଣୀ ମିଳିବା କଷ୍ଟ । ଚରିତ୍ରହୀନ ପରି କିଛି ୟାତୁସ୍ୟାତୁ ଅଭିଯୋଗ ବି କରି ନଥିଲେ ।

'ମାନସିକ ନିର୍ଯାତନା' - ଆଇନରେ ଉପସ୍ଥିତ ଥିଲେ ମଧ୍ୟ ତାହା ପୁରୁଷକୁ ପ୍ରାପ୍ୟ ନୁହେଁ । ପୁଣି ପତ୍ନୀ ଦେବ ପତିକୁ ? ନରକୁ ନାରୀ ଯୌନ-ଧର୍ଷଣ କଲା ପରି ହାସ୍ୟାସ୍ପଦ । ଭାରତୀୟ ଆଇନ ବିଶ୍ୱାସ କରେନି ।

କୋର୍ଟରେ ପତ୍ନୀଙ୍କ ଯୁକ୍ତି ଥିଲା - ମତେ ଡ୍ରେସ୍-କୋଡ୍ ଶିଖେଇବାକୁ ସେ କିଏ ? ଲୋକେ ମୋ ଷ୍ଟାଇଲ୍‌କୁ ଭଲ ପାଆନ୍ତି । ୟାଙ୍କ ରାଗ - ସମସ୍ତେ ମତେ କାହିଁକି ଦେଖୁଛନ୍ତି ? ମୁଁ ପରଦାନସୀନ ତ ନୁହେଁ - ମତେ କେହି ନ ଦେଖିବେ କାହିଁକି ? ତାଙ୍କ ସ୍ୱାମୀ-ଦାବି (Sire-sex-demand) ପୂରଣରେ କେବେ

Digitized by srujanika@gmail.com

ଅସହଯୋଗ କରିନି । ମୋର ଏ ସାମାନ୍ୟ ମୁକ୍ତ ଗଣତାନ୍ତ୍ରିକ ଅଧିକାର ତାଙ୍କ ପୁରୁଷାକାରକୁ ବାଧୁଛି କିଆଁ ? ହଜୁର, ମୁଁ ତ ପରକୀୟା କରିନି । 'ଆଇ ଲଭ୍ ହିମ୍ ଡିଅର୍ଲି' । ତାଙ୍କୁ 'ମାନସିକ ନିର୍ଯାତନା' ଦେଲି କେମିତି ?

କିନ୍ତୁ ସୁପ୍ରିମକୋର୍ଟ ମହିଳାଙ୍କ ଯୁକ୍ତି ଗ୍ରହଣ କଲେନି । ଡିଭର୍ସ ଗ୍ରାଣ୍ଟ କରିଦେଲେ । ମାତ୍ର ବିବାଦ ଏଇଠି ସରିବାର ନୁହେଁ । ନାରୀମୁକ୍ତି ସଂଗଠନର ନେତାମାନେ କହିଲେଣି - ନିଜ ପରିଧାନ ଅଧିକାର ନାରୀ କାହିଁକି ସ୍ୱାମୀ ହାତକୁ ଟେକି ଦେବ ? ସ୍ତ୍ରୀ କାହିଁକି ସ୍ୱାମୀ ମନ ମୁତାବକ ଲୁଗା ପିନ୍ଧିବ ? ଇଏ ହେଲା, କୋର୍ଟର ଡ୍ରେସ୍-କୋଡ୍ ଇମ୍ପୋଜିସନ । ଚଳିବନି । 'ହିନ୍ଦୁ ମ୍ୟାରେଜ ଆକ୍ଟ'ରେ ଯାହା ନାହିଁ, କୋର୍ଟ ସେପରି 'ଆଇନ' ଆବିଷ୍କାର କଲେ କେଉଁଠୁ ?

ଚଢ଼ିବା ସହଜ । ଖସିବା କଷ୍ଟ । ଶିଖରରେ ପହଞ୍ଚି ତଳ ଦେଖିବା ଆହୁରି କଷ୍ଟ । ସ୍ୱାଧୀନତା ପରେ ଆମେ କେତେ 'ସ୍ୱାଧୀନ' ହେବାକୁ ଇଚ୍ଛା କରିଚୁ - କଳନା କରିବା ଉପାୟ ନାହିଁ । ଯେତେବେଳେ ଆଉଟିକେ 'ସ୍ୱାଧୀନ' ହେବାକୁ ଭାବୁ, ଆଇନଟେ କରିଦେଉ । ଦୁର୍ଭାଗ୍ୟ, ନାରୀ ହୋଇଛି ଏ ଆଇନ ସଂସ୍କାରର ପ୍ରଥମ ଶରବ୍ୟ । ଫାଶୀ ଦଣ୍ଡ କଥା ଭାବିଲାବେଳକୁ ଆଇନର ଗହୀର ଦେଖାଯାଉଛି । ନାରୀ ସୁରକ୍ଷା ପାଇଁ ଚତୁର୍ଦ୍ଦିଗ ଅନ୍ଧାର । ବୋଧେ ସ୍ୱାଧୀନ-ସ୍ୱାଧୀନ ରଟି ଆମେ ଅନେକ ଦୂର ପଳେଇ ଆସିଛୁ, ଯେଉଁଠୁଁ ଫେରିବାକୁ ବାଟବଣା ହେଉଛୁ । ରେପ୍ ବିରୁଦ୍ଧରେ ଦେଶ ହୋ ହୋ ହେଉଛି ।

ବୁଧବାର ଦିନ କୋଲକାତାରେ ପୁରୀ ଗୋବର୍ଦ୍ଧନମଠ ଶଙ୍କରାଚାର୍ଯ୍ୟ ଜଗଦ୍‌ଗୁରୁ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ କହିଲେ, 'ଦିଲ୍ଲୀ-ରେପ୍ ପରି ଜଘନ୍ୟ କାଣ୍ଡ ହଠାତ୍ ଘଟେନି । ସେଥିପାଇଁ ଆଗରୁ କ୍ଷେତ୍ର ପ୍ରସ୍ତୁତ ଥାଏ ।' ପାଶ୍ଚାତ୍ୟ ସଂସ୍କୃତିକୁ ନିର୍ବିଚାରରେ ଆପଣେଇ ନେଉଥିବାରୁ ଏଗୁଡ଼ା ହେଉଛି । ଫିଲ୍ମ, କ୍ଲବ, ଡଗ୍‌ସ, ଡ୍ରିଙ୍କ୍‌ସ (ସ୍ୱାମୀ ଜୀ ଆଉ ଗୋଟେ ଛାଡ଼ିଦେଲେ - ଇଣ୍ଟରନେଟ୍) ଭାରତୀୟ ମାନସିକାକୁ ଧ୍ୱଂସ ଆଡ଼କୁ ଟାଣି ନେଉଛି । 'ମାଙ୍କଡ଼ ହାତରେ ଶାଳଗ୍ରାମ / ନଚେଇ ନଚେଇ ନବ ପ୍ରାଣ ।' ଏଠି ଶାଳଗ୍ରାମ ଶାନ୍ତ; ମାଙ୍କଡ଼ ମରୁଚି ନାଚିନାଚି । ପୁରୁଣା ମନର ଭାରତ ଏତେ ନୂଆ ଆବିଷ୍କାରଗୁଡ଼ାକ ତୁଳେଇ ପାରୁନି ।

ଆଗରୁ ଏକଥା ମୋହନ ଭାଗବତ କହିଛନ୍ତି, ଆଉ କେତେ ନେତା କେତେ ଢଙ୍ଗରେ କହିଛନ୍ତି । ରାଜନୀତିର ଦ୍ୱାହି ଓ ନାନା ଗଣତାନ୍ତ୍ରିକ ଯୁକ୍ତି ଦେଖେଇ ତାହା କଦାଷ ସ୍ୱୀକାର କରୁନା । ଯିଏ କହିବ, ତାକୁ ଗାଳି ଦବୁ ।

ହେଲା, ଆମକୁ କିଛି ଉପାୟ ଜଣା ଅଛି କି ? ତା' ବି ନୁହେଁ । ମଲା ଘୋଡ଼ାକୁ ବାଡ଼ୋଉଥିବୁ - ସରକାର କରୁ ! ସତେ ଯେମିତି ସରକାର ରେପ୍ କରୁଥାଏ ! ଏ ମନ୍ତବ୍ୟ ପାଇଁ ଜଗଦ୍‌ଗୁରୁ ଅଲବତ୍ ବିବାଦରେ ପଶିବେ । ତେବେ ବି ଆମେ ତାଙ୍କୁ ସମର୍ଥନ କରୁ ।

ସ୍ୱାଧୀନତାର ୬୫ ବର୍ଷ ପରେ ଭାବି ପାରିବା - ଆଗେ ଦେଶ ପରାଧୀନ ଥିଲା, ଚଳଣି ଥିଲା ଭାରତୀୟ । ଏମିତି ତ ହେଉ ନଥିଲା । ଏତେ ଆତଙ୍କ ତ ଗ୍ରାସି ନ ଥିଲା ? ଏବେ 'ଇଣ୍ଡିଆ' ସ୍ୱାଧୀନ । ମୁକ୍ତିକାମୀ ମାଛ ତାଉଲାରୁ ଚୂଲି ଭିତରକୁ ତେଇଁ ପଡୁଛି କି ?

(୧୮.୧.୧୩)

Digitized by srujanika@gmail.com

ବସନ୍ତ ବିଳାସ

"If winter comes, can spring be far behind?"
- Ode to West Wind, PB Shelley

ମକର ସଂକ୍ରାନ୍ତି ଆଗ ଦିନଯାଏ ଫୁଲବାଣୀରେ ବରଫ ପଡୁଥିଲା ଏବଂ ପଶ୍ଚିମ ଓଡ଼ିଶାର ସର୍ବନିମ୍ନ ତାପମାତ୍ରା ଥିଲା ୪ରୁ ୫° ସେଲ୍‌ସିଅସ । ମକର ଦିନ ସୂର୍ଯ୍ୟଦେବ ବକ୍ର ହୁଅନ୍ତି - ଏ ଭୌଗୋଳିକ ବିଦ୍ୟା ସତ ଯେ ହେଲେ ଏତେ ବକ୍ର ନା ? ଥରେ ମୁହଁ ଫୁଲାଫୁଲି, ତା'ପରେ ଛାଡ଼ପତ୍ର ପରି ! ୧୫ ତାରିଖ ଦିନ ଲୋକେ ଦେହରୁ ଶୀତ କପଡ଼ା ଉତାରିଲେ । ଆଉ ଦି' ଚାରି ଦିନେ ଫ୍ୟାନ ଚଳେଇବା ଦରକାର ହେବ । ଛଅ ଋତୁର ନାଁ ମନେ ରଖିବା ଆଉ ଦରକାର ହେଉନି । ଅନୁଭବ କରିହେଉଚି ମୋଟେ ତିନି । ଖରା, ବର୍ଷା ଓ ଶୀତ । ବାକି ତିନୋଟି ତମାଦି ଲଭିଲେଣି ।

ବିଷାଦଗ୍ରସ୍ତ ମଣିଷ ଆଜି ପଚାରୁଚି - କୋଇଲି କାହିଁକି ରାବୁନାହିଁ ? ତେଣୁ ତା ମନରେ ପ୍ରଶ୍ନ । କେଉଁ ଦୋଳିରେ ଝୁଲିଝୁଲି ଆସିବେ ଆମ୍ବ ମହୁଲର ବାସ୍ନାମାନେ ? କେମିତି ମୁକୁଳି ଉଠିବ ପ୍ରେମିକ ପ୍ରେମିକାଙ୍କ ମନରେ ଆଶା-ଉଦନ୍ତର ଆବେଗ ? ସବୁଜ ପ୍ରଲେପ ମାଖି ଗଛବୁର୍ଛର ବର୍ଣ୍ଣ ବଦଳିବ ତ ? ମନ ମୁକୁଳା ଓ ତନୁ ଆକଟ କରି ପ୍ରକୃତି ନିଜ ବୟସ ଏବଂ ଯୌବନକୁ ପ୍ରମାଣ କରିବ କିପରି ? ଦୃତୀୟ ଶତାବ୍ଦୀର ପ୍ରେମ ବିରୋଧୀ କ୍ରୂର ରୋମାନ୍ ସମ୍ରାଟ କ୍ଲଡିଅସ୍‌ଙ୍କ ପ୍ରତିବାଦରେ କେଉଁ ରେଣୁ ବିଞ୍ଚିବା ପରି ସ୍ୱପ୍ନ ସହ ସେଣ୍ଟ୍ ଭାଲେଣ୍ଟାଇନ୍‌ମାନେ ଆଉ ଜନ୍ମ ନେବେ ତ ? ଅଥବା କେଉଁ ଉଦ୍‌ବେଗରେ ପଦ୍ମାବତୀଙ୍କୁ ଖୋଜି ଖୋଜି ଜୟଦେବ ଗାଇବୁଲିବେ 'ଦେହି ପଦପଲ୍ଲବ - ମୁଦାରମ୍' ? ନ ହେଲେ ପରଦେଶୀ ପତି ଦୋଳଯାତ୍ରା ନାଁ କହି ଘରକୁ ଆସିବ

Digitized by srujanika@gmail.com

କେମିତି ? ଫଗୁଣ ଫୁଲ ଫୁଟିବ ତ ? ବସନ୍ତ ଆସିବ ତ ? ତା'ହେଲେ କୋଇଲି କାହିଁକି ରାବୁନାହିଁ ?

ନା, ଏତେ କଥା ଦରକାର ହେଉନି । ସବୁ ରେପ୍‌ରେ ସରିଯାଉଛି ।

କୋଇଲି ରାବୁନାହିଁ ନା ତାହା ଆମକୁ ଶୁଭୁନାହିଁ ?

'ସର୍‌ଫରୋଶି କୀ ତମନ୍ନା ଅବ୍ ହମାରା ଦିଲ୍‌ମେ ହୈ / ଦେଖନା ହୈ ଜୋର୍ କିତ୍‌ନା ବାଜୁ-ଇ-କାତିଲ୍ ମେଁ / ରବ୍-ଇ-ରାହ୍ ମୋହବତ୍ ରହ ନ ଯାନା ରାହ୍ ମେଁ / ଲଜ୍ଜତ-ଇ-ସହାରା ନବାର୍ଦି ଦୂର-ଇ-ମଂଜିଲ ହୈ ।' (ବିଜୟ ଲଭିବି ଆଶା ରଖି ତେଣୁ ମଥା ପାତିଦେଲି, ପ୍ରିୟତମା / ପାରୁଅଛ ଯଦି ନିଷ୍ଠିହ୍ନ କର, ଶଙ୍କିବ ନାହିଁ ମୋତେ ଜମା । ଅଟକି ଯାଅନା, ବାହୁଡ଼ି ଯାଅନା ପ୍ରୀତି ବିନିମୟ ବାରତାରୁ / ମରୁ-ଭ୍ରମଣର ଉନ୍ମାଦ ମିଳେ ଅତିକ୍ରମଣର ଦୂରତାରୁ ।)

ଅତିକ୍ରମଣ ପରି ପ୍ରତିଜ୍ଞା-ଉତ୍ସର ନାଁ ବସନ୍ତ କି ? ଏବେ ଆମେ କ'ଣ ଅତିକ୍ରମ ନ କରୁଛୁ ? ଏମିତି ବିଜୟୀ ଯୁଗରେ ପହଞ୍ଚିଛୁ ଯେ ସମୟ ମଣିଷ ସହିତ ସାଲିସ କରିବାକୁ ବ୍ୟସ୍ତ । ରୁଚିଶୀଳତାର ପରିଭାଷା ବଦଳିଯାଇଛି । ଆହୁରି ବି ବଦଳିଯାଇଛି ବଞ୍ଚିବା ପାଇଁ ଅଭ୍ୟସ୍ତ ମନର ଅନେକ ମାନସାଙ୍କ । ବାପା-ମା'ଙ୍କୁ ଶୋଇବା ଘରେ ଏକାଠି ଦେଖି ନଥିବା ପୁଅ, ନିଜ ପୁଅ-ବୋହୂଙ୍କୁ ହନିମୁନ୍ ଏୟାର୍ ଟିକେଟ କାଟି ଉପହାର ଦେଉଛି ।

ଅପଦସ୍ଥ ଲାଗୁନି, ଅବସାଦ ନାହିଁ । ଅତିକ୍ରମଣର ପ୍ରତିଜ୍ଞା ନିଜ ଅଜାଣତରେ ତାକୁ ଆଗକୁ ଟାଣି ନେଉଛି ।

ମଣିଷ ଯେ ଏସବୁ ଲୁଚାଇଚୋରାଇ କରିଛି, ତାହା ନୁହେଁ । ସେଥିପାଇଁ ସେ ସମାଜର ସ୍ୱୀକୃତି ହାସଲ କରିଛି ।

ଯେତେବେଳେ ମୂଲ୍ୟବୋଧର ପରିବର୍ତ୍ତନ ହୁଏ ତା ସହିତ ମିଶି ବିଚାରର ମଧ୍ୟ ପରିବର୍ତ୍ତନ ହେଉଥାଏ । ବେଣ୍ଟ ନିରାମିଷ ଚଟୁ ଆଇଁଷ ପରି ହସ୍ୟାସ୍ପଦ କଥା ମଧ୍ୟ ଓ୍ୱାଜିବ୍ ଲାଗେ । ଅଡିଓ କେସେଟ୍ ବା ମୋବାଇଲ୍ ରିଙ୍ଗ୍‌ଟୋନ୍ ଡାଉନ୍‌ଲୋଡ୍ କରି ସେସବୁରୁ କୋଇଲିର କୁହୁତାନ ଶୁଣି ଆମେ କାମ ଚଳେଇ ପାରିବା ପରି ପାରଙ୍ଗମ ହୋଇନୁ କି ?

(୧୯.୧.୧୩)

Digitized by srujanika@gmail.com

ବା ବା ରେ ଆ ଲୁ ଅ !

ନାଲିବତି ଓ ସମାଧି

ଏବେ ସୁପ୍ରିମକୋର୍ଟ ଦୁଇଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଶୁଣାଇଛନ୍ତି, ଯାହା ପରିବର୍ତ୍ତିତ ଭାରତ ପାଇଁ ଢେର କିଛି ଅର୍ଥ ରଖେ । ହାଇଦ୍ରାବାଦ-କୈନ୍ଦ୍ରିକ ଏକ ଛୋଟ ରାଜନୀତି ଦଳ 'ଅଲ୍ ଇଣ୍ଡିଆ ମଜ୍‌ଲିସ-ଇ-ଇତ୍ତେହାଦ୍-ଉଲ୍ ମୁସ୍‌ଲିମିଁ' (ଏମଆଇଏମ)ର ଜଣେ ନେତା କହିଲେ -ମହାତ୍ମା ଗାନ୍ଧି କିଏ ଯେ ତାଙ୍କ ପ୍ରତିମୂର୍ତ୍ତି ଆନ୍ଧ୍ର ବିଧାନସଭା ଭିତରେ ରହିବ ? ସେ ଭବନ ତ ନିର୍ମାଣ କରିଥିଲେ ନିଜାମ । ତାଜମହଲ, ଲାଲକିଲ୍ଲା, କୁତବମିନାର, ଚାରମିନାର - ଏମିତି ସାରା ଦେଶରେ ହଜାର ହଜାର ସୌଧ ସ୍ମାରକୀ 'ଆମେ' ନିର୍ମାଣ କରିଥିଲୁ । 'ସେମାନେ' କରିଛନ୍ତି କ'ଣ ? ଏ 'ଆମେ' ଓ 'ସେମାନେ'ର ଅର୍ଥ ଭିତରେ ରହିଛି ଯୁଗଯୁଗର ଅସୂୟା ।

କୋର୍ଟର ପ୍ରଶ୍ନ - ଆଇନ ବା ସମ୍ବିଧାନରେ 'ଭିଆଇପି' କିଏ ? ସେମାନେ ନାଲିବତି ଗାଡ଼ିରେ ବୁଲି ଧୁମ୍‌ଧାମ୍ ହେଉଛନ୍ତି । ପୁଲିସ ଆଇନଶୃଙ୍ଖଳା ରକ୍ଷା ପରି ଗୁରୁତ୍ୱପୂର୍ଣ୍ଣ କାମ ଛାଡ଼ି ସେମାନଙ୍କୁ ଜଗୁଛି କାହିଁକି ? ସେମାନଙ୍କ ଆତଯାତ ପାଇଁ ଏମିତି ବନ୍ଦୋବସ୍ତ ହେଉଛି ଯେ ରାସ୍ତାରେ ଲୋକ ହଇରାଣ ହେଉଛନ୍ତି । ଟ୍ରାଫିକ ଗୋଳମାଳ ଯୋଗୁ ଗର୍ଭିଣୀ ହସପିଟାଲ ପହଞ୍ଚି ନପାରି ରାସ୍ତାରେ ପିଲା ଜନ୍ମ କରୁଛି । ଦୁର୍ଘଟଣାରେ ଲୋକେ ମରୁଛନ୍ତି । ଗଣତନ୍ତ୍ରରେ ଏମିତି ଗେଟାପାର୍ଟୀ ସମ୍ଭ୍ରାନ୍ତପଣିଆ ହାସଲ କରିବାକୁ ଇଏ କି ଶସ୍ତା ସଂସ୍କୃତି ?

ଦୁଃଖ ବ୍ୟକ୍ତ କରି କୋର୍ଟ ପ୍ରଶ୍ନ କରିଛନ୍ତି ଏବଂ ସବୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି - ଜବାବ ଦାଖଲ କର : ଏତତ୍ 'ଭିଆଇପି'ମାନେ କିଏ ? ସେମାନଙ୍କ ସୁରକ୍ଷା ପାଇଁ ଯେତେ ଖର୍ଚ୍ଚ ହୁଏ ସେ ଟଙ୍କା ଆସେ କେଉଁଠୁ ?

୧୯୯୦ରେ ବିଜୁବାବୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେଲେ । ପେଟ୍ରୋଲ ଡିରୋଟ

Digitized by srujanika@gmail.com

ଅବସ୍ଥା ମୁକାବିଲା କରିବାକୁ ଓ ସେ ସରକାରଙ୍କ ଖର୍ଚ୍ଚକାଟ ଯୋଜନା ପ୍ରଚାର କରିବାକୁ କହିଲେ - ସମସ୍ତେ ସାଇକେଲ ଚଢ଼ । ଦିନେ ନିଜେ ସାଇକେଲ ଚଲେଇ ତାଙ୍କ ଘର ନବୀନ ନିବାସରୁ ସେକ୍ରେଟାରିଏଟ ଚାଲିଲେ । ଆଉ ଦିନେ ରିକ୍ସାଟେ ଚଢ଼ି । ବିଜୁବାବୁ ଜଣେ ମଡେଲ୍ ମାଇଣ୍ଡ୍ ନେତା। ଓଡ଼ିଆମାନେ ସନ୍ଦେହ କରନ୍ତି ନାହିଁ । ତେବେ ବି, ଏହା ସେତେବେଳେ ମିଡ଼ିଆ (ଖବରକାଗଜ)ରେ ବେଶ୍ ହାସ୍ୟୋଦ୍ଦୀପକ ଢଙ୍ଗରେ ପ୍ରଚାର କରାଯାଇଥିଲା । ଜଣେ କାର୍ଟୁନିଷ୍ଟ ଚିତ୍ରରେ ବିଜୁବାବୁଙ୍କ ରିକ୍ସା ଉପରେ ଗୋଟିଏ ନାଲବତି ଲଗେଇ ଦେଲେ। ଆମେ ବି ଲେଖିଥିଲୁ - ବଥ ପୀଡ଼ା ଯେମିତି ମନକୁ ଦହେ, ସେମିତି ବାବୁ ସୁଖ ହୃଦରେ ଥାଏ । ବଥ ସିନା କୋରି ଦେଲେ ଧକଧକ କମିଯାଏ, ହୃଦ କୋରିବ କିଏ ? ତାକୁ ସେଠୁ ନ ନିକାଳିଲେ ଜଣେ 'ଭିଆଇପି' - ଲୋଏଷ୍ଟ ଇମ୍ପୋଟେଣ୍ଟ (ନପୁଂସକ) ପର୍ସନ (ଏଲଆଇପି) ବା ଆଜି ଭାଷାରେ 'ଆମ୍ ଆଦ୍‌ମୀ' ହେବ କେମିତି ?

କୋର୍ଟର ଦ୍ୱିତୀୟ ଆଦେଶଟି ଶୁକ୍ରବାରର । ତାହା ହେଲା - ସର୍ବସାଧାରଣ ସ୍ଥାନ ଦଖଲ କରି ଯେମିତି ଖୋଲାମୁକୁଳା ବା ଲୁଚେଇଚୋରେଇ ମନ୍ଦିର ମସଜିଦ ଗୀର୍ଜା ଗୁରୁଦ୍ୱାର ଆଦି 'ପବିତ୍ର' ସ୍ଥଳଗୁଡ଼ିଏ ତିଆରି ହେଉଛି ବା ମୃତ ଜୀବିତ ନେତାମାନଙ୍କୁ 'ଫେମସ୍' କହି ସେମାନଙ୍କ ପ୍ରତିମୂର୍ତ୍ତି ଠିଆ କରାଇଦିଆଯାଉଛି - ଏଥିପାଇଁ ସରକାର ବା ମୁନିସପାଲିଟି ଅନୁମତି ଦେଇପାରିବେ ନାହିଁ । ଜଜ୍‌ମାନଙ୍କ ମତ ଥିଲା ରୁକ୍ଷ । 'ରାସ୍ତା କି ସର୍ବସାଧାରଣ ଜାଗା କାହାରି ବ୍ୟକ୍ତିଗତ (ଆମ ଗାଉଁଲି ଭାଷାରେ - ବୋପାର) ସଂପତ୍ତି ନୁହେଁ । ତା' ଉପରେ ସମସ୍ତଙ୍କର ସମାନ ଅଧିକାର ରହିଛି। ତାକୁ କ୍ଷୁଣ୍ଣ କରିବା କ୍ଷମତା କାହାର ଅଛି ଏବଂ କାହିଁକି ?'

ଜର୍ମାନରୁ ବନ୍ଧୁ ଡକ୍ଟର ରାଜେନ୍ଦ୍ର ଦାସ ଜଣେଇଛନ୍ତି ଆଉ ପ୍ରକାରେ ସୂଚନା । ଦେଶ ସାରା ଲକ୍ଷାଧିକ ଯୋଜନାର ନାମକରଣ ହୋଇଛି ଜବାହରଲାଲ ନେହେରୁ, ଇନ୍ଦିରା ଗାନ୍ଧି ଓ ରାଜୀବ ଗାନ୍ଧିଙ୍କ ନାଁରେ । ନେହେରୁ-ଗାନ୍ଧି ପରିବାରର ଏଇ ତିନି ଜଣଙ୍କ ନାଁରେ ରହିଛି - ୧୨ କେନ୍ଦ୍ରୀୟ ଏବଂ ୫୨ ରାଜ୍ୟ ଯୋଜନା । ୪୭ ଖେଳକୁଦ ଜାତୀୟ ପୁରସ୍କାର। ୫ ବିମାନବନ୍ଦର। ୭୪ ଜାତୀୟ ରାଜପଥ। ୯୮ ବିଶ୍ୱବିଦ୍ୟାଳୟ। ୧୫ ଅଭୟାରଣ୍ୟ, ମିଉଜିଅମ ଓ ଜାତୀୟ ଉଦ୍ୟାନ। ୩୯ ମେଡିକାଲ କଲେଜ ଓ ଡାକ୍ତରଖାନା। ୩୭ ଅନୁଷ୍ଠାନ, ଉତ୍ସବ ଓ ଚେୟାର। ୫୨ ଆନ୍ତର୍ଜାତିକ ସମ୍ମାନ। ୧୫ ଫେଲୋସିପ୍ ଓ ସ୍କଲାରସିପ୍।

ରାଜେନ୍ଦ୍ରବାବୁଙ୍କ ପ୍ରଶ୍ନ : ଦେଶରେ ଆଉ କେହି ସ୍ମରଣୀୟ ନେତା ଜନ୍ମି ନଥିଲେ କି ?

(୨୧.୧.୧୩)

Digitized by srujanika@gmail.com

ଗଣିତ ଓ ଗଣତନ୍ତ୍ର

ବିହାର-ଓଡ଼ିଶା ଲେଜିସଲେଟିଭ କାଉନସିଲରେ ମଧୁବାବୁ କହିଲେ - ଯଦି ଦର୍ପଣ ଉଦ୍‌ଭାବନ ହୋଇନଥା'ନ୍ତା ତା'ହେଲେ ମଣିଷର ଅଧାରୁ ଅଧିକ ଦୁଃଖ ମୋଟୁରୁ ନଥା'ନ୍ତା । ଯାକୁ ଜୀବନ-ଫର୍ମାରେ ହିସାବ କଲେ ବି ଆମେ ଜାଣିପାରିବା ଯେ ମଧୁବାବୁ ଏକଦମ୍ ଠିକ୍ । ରୂପର ତୁଳନା ଆଗରେ ଗୁଣ ସବାଆଗେ ମାଡ଼ ଖାଏ । ଯଦି ଅଇନା ନଥା'ନ୍ତା, ତୁଳନା ବି ନଥା'ନ୍ତା ।

ନହେଲେ କୁଆଡ଼େ ମଣିଷର ଅର୍ଜିନାଲ ଦୁଃଖ ଏରିଆ ବେଶି ନୁହେଁ ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବେ ଦୁଇଟି କଥା ପାଇଁ ଚର୍ଚ୍ଚାକୁ ଆସିଛନ୍ତି । ୧. ଅଳିଆ ଝଡ଼ାଝଡ଼ି ସରିଲା । ସେ ଦଳ ଅଧକ୍ଷ ହେବେ । ୨. ତାଙ୍କ ସରକାର ଆସନ୍ତା ଫେବ୍ରୁଆରିରୁ ରାଜ୍ୟର ୫୮ ଲକ୍ଷ ବିପିଏଲ ପରିବାର, ସମସ୍ତ ଦଳିତ, ଜନଜାତି ଛାତ୍ର, ଭିନ୍ନକ୍ଷମ ଏବଂ କଳାହାଣ୍ଡି, ବଲାଙ୍ଗିର ଓ କୋରାପୁଟ ଜିଲ୍ଲାର ସମସ୍ତ ଅନ୍ତୋଦୟ କାର୍ଡଧାରୀଙ୍କୁ ଟଙ୍କାକିଆ ଚାଉଳ ଦେବ । (କଟକ ଗଣତନ୍ତ୍ର ଦିବସ ଭାଷଣ)

'ନବୀନଙ୍କ ଦୁଇ ଟଙ୍କିଆ ଚାଉଳକୁ ଟକ୍କର - କଂଗ୍ରେସ ଦେବ ଟଙ୍କାକିଆ ଚାଉଳ ସହ ଡାଲି ଓ ଆଳୁ ।' ('ସୂର୍ଯ୍ୟପ୍ରଭା', ୧୫. ୧. ୧୩) । ୨୦୧୪ ନିର୍ବାଚନକୁ ଲକ୍ଷ୍ୟ ରଖି ପ୍ରତିଯୋଗିତାର ଯେଉଁ ଧୂଳି ଉଡ଼ିବ, ଏହା ଅନୁମାନ କରିବା କଷ୍ଟ ନୁହେଁ । ଭୋଟରଙ୍କୁ ଲୋଭାସକ୍ତ କରାଇଲେ ତଦ୍ଦ୍ୱାରା ପ୍ରଗତି ହୁଏ କି ?

ନୋବେଲ ବିଜେତା ଅମର୍ତ୍ତ୍ୟ ସେନ ତାଙ୍କ 'ଡେଭଲପମେଣ୍ଟ ଆଜ୍ ଫ୍ରିଡମ୍ : ଏ ଭର୍ଚୁଅସ ସର୍କଲ' ତତ୍ତ୍ୱରେ ଗଣତନ୍ତ୍ରରେ କେଉଁ ପାଞ୍ଚଟି ସ୍ୱାଧୀନତା ପ୍ରଗତି ପାଇଁ ଅପରିହାର୍ଯ୍ୟ ତାହା କହିଛନ୍ତି । ୧. ରାଜନୀତିକ ସ୍ୱାଧୀନତା, ୨. ଅର୍ଥନୈତିକ ସୁଯୋଗ, ୩. ସାମାଜିକ ସୁବିଧା, ୪. ଶାସନିକ ସ୍ୱଚ୍ଛତାର

Digitized by srujanika@gmail.com

ଗ୍ୟାରେଣ୍ଟି, ଏବଂ ୫. ସୁରକ୍ଷା । ନହେଲେ ଗଣତନ୍ତ୍ରରେ ମିଳୁଥିବା ନାଗରିକ ସମାନତା ଅଧିକାର ଆପେଆପେ ସମସ୍ତଙ୍କୁ ବିଶୃଙ୍ଖଳା ଆଡ଼କୁ ଟାଣିନିଏ ।

ଇଂରେଜଙ୍କ ବିରୁଦ୍ଧରେ ଅଭିଯୋଗ ଥିଲା, ସେମାନେ କୁଆଡ଼େ ଭାରତୀୟ ବୁଣାକାରଙ୍କ ଆଙ୍ଗୁଠି କାଟି ଦେଉଥିଲେ । ତେଣୁ ଆମ ପ୍ରାଚୀନ ଶିଳ୍ପ ଓ ତା'ର କଳା କୌଶଳ ସବୁ ଲୋପ ହୋଇଗଲା । ଏ ସଂପର୍କରେ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ୧୧ ଅକ୍ଟୋବର, ୧୯୧୭ ଢାକ୍‌କା ଭାଷଣରୁ ପଦେ ଶୁଣିବା । "ବହୁ କାଳରୁ ଆମେ 'ଏମ୍ପାୟର' ଅଧୀନରେ ଭାଗଭାଗ ହୋଇ ରହିଛୁ । ଏକଥା କଦାପି ଭୁଲି ପାରିବୁ ନାହିଁ ଏବଂ ଆହୁରି ଭୁଲି ପାରିବୁ ନାହିଁ ଯେ ପ୍ରଭିନ୍ସଗୁଡ଼ିକ ନିଜ ଭିତରେ ଯୋଡ଼ି ହୋଇ ଭାରତ ନାମକ ଏକ କୃତ୍ରିମ ଜାତୀୟତା ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି । ଆମ ସ୍ୱାର୍ଥ କ'ଣ, ଆମେ ଜାଣି ପାରୁନୁ । 'ଏମ୍ପାୟାର'ର ସ୍ୱାର୍ଥ ଓ ଆମର ସ୍ୱାର୍ଥ ଏକା ନୁହେଁ । ମାଞ୍ଚେଷ୍ଟର ଧୋତି ଆସିଲା । ଇଂଲିଶମାନେ ଭାରତ ଆସି ଲୁଗା କଳ ବସେଇଲେ । ଗାଁ ଗାଁରୁ ତନ୍ତ ଉଠିଗଲା । କେବଳ ଜେସୋର ନୁହେଁ, ସାରା ଦେଶର ତନ୍ତୁକାରଙ୍କ ଆଙ୍ଗୁଠି କାଟି ଦିଆଗଲା ।"

ଦେଶବନ୍ଧୁ କହିଥିବା ଏ 'ଆଙ୍ଗୁଠି-କଟା' କଥା ଥିଲା ଉପମା ଉପମେୟ ଆଧାରିତ ବର୍ଣ୍ଣନା ଶୈଳୀ । ସତ୍ୟ ଥିଲା ଯେ କଳ ତିଆରି ସୁନ୍ଦର ଲୁଗା ଶସ୍ତାରେ ମିଳୁଥିଲା । ମାତ୍ର ଦୁଃଖ ଥିଲା ଯେ ତାହା କିଣିବାକୁ ଲୋକଙ୍କ ପାଖରେ ପଇସା ନଥିଲା । ଗାଁରେ ତନ୍ତ ବନ୍ଦ ଓ ତନ୍ତୀ କୁଳବୃତ୍ତି ଉଚ୍ଛନ୍ନ ହେଲା । ଏହା ଆର୍ଥନୀତିକ ଲଢ଼େଇ। ଗୋଟାଏକୁ ହରାଇ ଆଉ ଗୋଟେ ବ୍ୟବସ୍ଥା ତା ଜାଗା ଅକ୍ତିଆର କରେ । 'ମ୍ୟାଞ୍ଚେଷ୍ଟର ଧୋତି' ଯେମିତି ଭାରତୀୟ ବୁଣାକାରଙ୍କ 'ଆଙ୍ଗୁଠି କାଟିଲା', ସେ ଅବସ୍ଥାରେ ପଶିବାକୁ ଭାରତ ଆଉଥରେ ପ୍ରସ୍ତୁତ ।

ଭାରତୀୟ ପ୍ରେକ୍ଷାପଟ୍ଟରେ ଓଡ଼ିଶାକୁ ଚିହ୍ନିବା ପାଇଁ ବହୁ ମନ୍ଦ ସୂଚନାର ମୁକାବିଲା କରିବାକୁ ପଡ଼େ । ମୃତ୍ୟୁଦୂତ ଅଶୋକଙ୍କୁ 'ଧର୍ମାଶୋକ' କହି ଗୌରବ ଲଭୁଥିବା ଓଡ଼ିଆ ଜାତି ତେଣୁ 'ପରମ ବୀରଚକ୍ର' ଭେଟେ ନାହିଁ - ବରଂ ଖୋଳରେ ପଶି ଶବଗୁଡ଼ିକ ଶହିଦ ନାଁ ନେଇ ଏଠିକି ଆସନ୍ତି। ଏଠି ମୂଲିଆ ମିଳନ୍ତିନି । ସେମାନେ ଯା'ନ୍ତି ଦାଦନ ଖଟିବାକୁ ଓ ଓଡ଼ିଶାରେ କାମ କରିବାକୁ ଆସନ୍ତି ବିହାରୀ, ତେଲେଗୁ ଓ ଛତିଶଗଡ଼ୀ ଶ୍ରମିକ ଓ ଦେଶର ଦରିଦ୍ରତମ ରାଜ୍ୟର ବଦାନ୍ୟ ମୁଖ୍ୟମନ୍ତ୍ରୀ ଲୋକଙ୍କୁ ଟଙ୍କାକରେ ଚାଉଳ ଦିଅନ୍ତି ।

(୨୯.୧.୧୩)

Digitized by srujanika@gmail.com

ନ'ଅଙ୍କ ଦୁର୍ଭିକ୍ଷରୁ ନବୀନ ପଟ୍ଟନାୟକ

'କେତେ ବର୍ଷ ଧରି ଏପରି ଅନଟନ ଘାରିଲା ଯେ ପୁଡୁଗେ ଧାନର ଭାଉ ହୋଇଗଲା ଏକ ଟଙ୍କା।'

ଗଣତନ୍ତ୍ର ଦିବସ ଭାଷଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକ ବାରବାଟି ପଡ଼ିଆରେ କହିଲେ, 'ଏକ କ୍ଷୁଧାମୁକ୍ତ ଓଡ଼ିଶା ତାଙ୍କ ସ୍ୱପ୍ନ। ସାରା ଦେଶରେ ଓଡ଼ିଶାକୁ ଏକ ବିକଶିତ ରାଜ୍ୟଭାବେ ପରିଣତ କରିବାକୁ ତାଙ୍କ ସରକାର ସଂକଳ୍ପବଦ୍ଧ' ଏବଂ ସେହି ଅନୁକ୍ରମରେ ତାଙ୍କ ସରକାର ଟଙ୍କାକୁ କିଲେ ଭାଉରେ ଲୋକଙ୍କୁ ଚାଉଳ ଦେବ। ଧୁଆ ପାଛୁଡ଼ା ଦରକାର ନାହିଁ। 'ଗରିବ'ଙ୍କ ପାଇଁ ଡି-ଟି-ଏଚ ପରି। ଦାଣ୍ଡରୁ ଆସି ହାଣ୍ଡିରେ ପଡ଼ିବ।

ତାଙ୍କ ସରକାର ଏଥିପାଇଁ କୁଆଡ଼େ ଗତ ତେର ବର୍ଷ ଧରି - ମାନେ, ସେ ମୁଖ୍ୟମନ୍ତ୍ରୀ ହେବା ଦିନଠାରୁ ଏଥିପାଇଁ ନିରବଚ୍ଛିନ୍ନ ଉଦ୍ୟମ କରି ଚାଲିଛନ୍ତି। ରାଜ୍ୟ ସମୃଦ୍ଧ ହୋଇଛି ଓ ଲୋକଙ୍କ ଜୀବନଧାରଣ ମାନ ସହିତ ସାକ୍ଷରତା ହାର ବଢିଛି। ଦାରିଦ୍ର୍ୟ କମିଛି। କୃଷି ଓ କୃଷକ ଉନ୍ନତି ପାଇଁ ସରକାର ଏକାଧିକ ଯୋଜନା ହାତକୁ ନେଇଛନ୍ତି। ଚଳିତବର୍ଷ ରାଜ୍ୟରେ ଖାଦ୍ୟଶସ୍ୟ ଉତ୍ପାଦନ ବଢ଼ିଛି। ବିପିଏଲ ପରିବାରର ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିବାକୁ ସରକାର ବହୁ ଯୋଜନା ହାତକୁ ନେଇଛନ୍ତି। ୨୦୦୮ ମସିହାରୁ ସରକାର ବିପିଏଲ ପରିବାରଗୁଡିକୁ କିଲୋ ପ୍ରତି ୨ଟଙ୍କା ଲେଖାରେ ୨୫କିଲୋ ଚାଉଳ ଯୋଗାଇ ଦେଉଥିଲେ ଏବଂ ଏବେ ତାହା ଅଧିକ ବିସ୍ତାରିତ ହୋଇଛି।

ଆମ ପ୍ରଶ୍ନ, ସବୁ ଯଦି ଭଲ ତା'ହେଲେ ଏ ମଗୁଡ଼ିଆ ରିଲିଫ କାହିଁକି ଓ କାହାପାଇଁ? ନବୀନବାବୁ ତିନି ଥର ମୁଖ୍ୟମନ୍ତ୍ରୀ ରହି ସାରିଲେଣି। ପ୍ରଥମ ଥର ତାଙ୍କ ଖ୍ୟାତ ପିତା ବିଜୁବାବୁଙ୍କ ପୁଅ ଭାବେ, ଆଉ ଦୁଇ ଥର ପ୍ୟାରୀବାବୁଙ୍କ ଦମ୍ଭୋକ୍ତି ଅନୁଯାୟୀ, 'ତାଙ୍କ ନେତୃତ୍ୱ ଓ ପରିଚାଳନା ଯୋଗୁ'। ପ୍ୟାରୀମୋହନ

Digitized by srujanika@gmail.com

ଲୋକହସା ହେବାପରି ଫୁସ୍‌କା ବାଣରେ ପରିଣତ ହୋଇଛନ୍ତି । ଅତଏବ, ୨୦୧୪ରେ ଆଉ ଥରେ ସରକାର ଗଢ଼ିବାକୁ ବିଜଦ ଦମ୍ଭ ରଖିବା ସ୍ୱାଭାବିକ । ତା'ହେଲେ ଏମତି ଅକାରଣ କାମ କାହିଁକି କରାଯାଉଛି, ଏକଥା ପଚାରିବାକୁ କେହି ନାହାଁନ୍ତି ।

୨୦୧୧ ଜନଗଣନା ଅନୁଯାୟୀ ଓଡ଼ିଶାର ଲୋକସଂଖ୍ୟା - ୪୧,୯୪୭,୩୫୮ । ସେମାନଙ୍କ ଭିତରୁ ଆସନ୍ତା ଫେବ୍ରୁଆରି ୧ ତାରିଖଠାରୁ ୫୮ ଲକ୍ଷରୁ ଅଧିକ ପରିବାର (ସଂଖ୍ୟା ୧ ଗୁଣନ ୫ = ୨ କୋଟି ୯୦ ଲକ୍ଷ) + ଜନଜାତିର ସବୁ ଛାତ୍ରଛାତ୍ରୀ + ଅନ୍ତୋଦୟ କାର୍ଡଧାରୀ + ଭିନ୍ନକ୍ଷମ + କେବିକେ ୮ ଜିଲ୍ଲା (ନୂଆପଡ଼ା, ବଲାଙ୍ଗିର, ସୋନପୁର, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି)ର ସମସ୍ତ ଏପିଏଲ ପରିବାର ଚାଉଳ କିଲୋପିଛା ଟଙ୍କାଏ ଦରରେ ପାଇବେ ।

'ଦି ଗ୍ରେଟ୍ ବେଙ୍ଗଲ ଫ୍ୟାମିନ' ବା ଓଡ଼ିଆଙ୍କ ନ'ଅଙ୍କ ଦୁର୍ଭିକ୍ଷ (୧୮୬୬-୬୭) ଓଡ଼ିଶା ଇତିହାସର ଏକ ବହୁଚର୍ଚ୍ଚିତ ଅଧ୍ୟାୟ । ଏ ପାଣ୍ଡୁର ସ୍ମୃତି ବାହାରକୁ ଓଡ଼ିଶା ଯାଇପାରୁନି କି ? ସ୍ଥୂଳ ଭାବେ ବିଚାରିଲେ ସ୍ୱାଧୀନତା ପରେ ଓଡ଼ିଶାକୁ ଆମେ ଦୁଇଟି ରୂପରେ ଚିହ୍ନିବାକୁ ଚେଷ୍ଟା କରୁ ।

ଏକ: ଗୁଡ଼େ ପ୍ରଶଂସା (ତହିଁରୁ ଅନେକ ଅଯଥା) ଗପି ଓଡ଼ିଶାର ଇତିହାସକୁ ଏତେ ବଡ଼ କରିଦେଉ ଯେ ତା' ତଳେ ଆଜିର ଲିଲିପୁଟ୍‌ମାନେ ରାହା ପାଆନ୍ତିନି । ଭୂମିର ଇତିହାସ ଏବଂ ଭାଷାର ଇତିହାସ ଭିତରେ ବିଭାଜନ ରେଖା ବାରି ଚଳିବା ଏକ ସୁନ୍ଦର ଅଭ୍ୟାସ । ଆମର ଏହା ଅଛି କି ନା, ଏକଥା ଆମେ ନିଜେ ଜାଣିଥିବା । ଦୃଶ୍ୟରୂପ ଦୁଇ: ରାଜ୍ୟର ପ୍ରଗତି ବା ବିକାଶର କଳ୍ପନା । ଏଥିପାଇଁ ରଥ ନାହିଁ କି ପଥ ନାହିଁ । ଦି' ଟଙ୍କିଆ ଚାଉଳ ଟଙ୍କାଏ ହୋଇଛି ।

କିନ୍ତୁ ଡାହୁକ-ଡାକରେ ବଡ଼ଦାଣ୍ଡ କମ୍ପୁଥାଏ । ପ୍ରାଚୁର୍ଯ୍ୟ ଭିତରେ ଦାରିଦ୍ର୍ୟ କାହିଁକି ବିରାଜେ ? ରାଜ୍ୟ ଧନୀ ତ ପ୍ରଜା କାହିଁକି ଗରିବ ? ରାଜ୍ୟର ମୁଣ୍ଡପିଛା ଆୟ ଏବଂ ବିପିଏଲ ସଂଖ୍ୟା ଏକାପରି ବଢ଼େ କେମିତି ? ଏମିତି କୋଟୋଟି ବେଧ-ବୁଜୁଳା ପରିଚୟ ଛଡ଼ା, କୁହା ଯାଉଥିବା ଓଡ଼ିଆ ଜାତି ଯା'ଠାରୁ ଅଧିକ କିଛି ହାସଲ କରି ପାରି ନାହିଁ । ଏ ଦୁଇଟି ସମସ୍ୟା ରାଜନୀତି ଅକ୍ତିଆର ଭିତରକୁ ଚାଲି ଯାଇଛି ।

ନ'ଅଙ୍କ ଦୁର୍ଭିକ୍ଷ କାହାଣୀ କହି କମିସନରଙ୍କୁ ପେଟିସନ ଲେଖି ୧୮୭୫ରେ ('କଂଗ୍ରେସ' ଉତ୍ପତ୍ତିର ଦଶ ବର୍ଷ ପୂର୍ବରୁ) ମୁକ୍ତାର ବିଚିତ୍ରାନନ୍ଦ ଦାସ, ରାଜା ବୈକୁଣ୍ଠନାଥ ଦେ, କର୍ମବୀର ଗୌରୀ ଶଙ୍କର ରାୟ ଏବଂ ଆହୁରି ଅନେକ ଓଡ଼ିଶାଟିଏ ତିଆରି କରିବା କଥା ଭାବିଲେ । ସେମାନେ ରାଜନୀତିକଠାରୁ ବେଶି ଥିଲେ ଓଡ଼ିଆ ଏବଂ ଏହି ଭାବାବେଗ ପ୍ରଚାର କରି ଆଗେଇ ଚାଲିଥିଲେ । ମୁଣ୍ଡି ମରା ହେଲା ଏକଷଠି ବର୍ଷ ପରେ । ଏବେ ଆମେ ଏମିତି ଏକ ଓଡ଼ିଶାରେ - ଯେଉଁଠି ନେତାମାନେ ସୁଯୋଗ ଯୋଗାଡ଼ କରି ନ'ଅଙ୍କ ତିଆରି କରନ୍ତି ।

(୩୦.୧.୧୩)

Digitized by srujanika@gmail.com

ଦ୍ରୌପଦୀ ବସ୍ତ୍ରହରଣ

ଆଜି ଯୁଗର ପିଲା । ବୟସ ବାର କି ତେର । କମ୍ପୁଟର ଜାଣେ, ଟିଭି ଦେଖେ, ସ୍କୁଲ ରୁଟିନ ମାନି ଗପ କବିତା ଲେଖେ, ଖେଳକୁଦ କରେ ଏବଂ ଭଲ ପଢ଼େ । ସେ ଦିନେ ଏମିତି ଭାବୁକତାପୂର୍ଣ୍ଣ ପ୍ରଶ୍ନଟିଏ ପଚାରିଲା ଯେ ତା ପାଇଁ ପଚାରିବା ଥିଲା ସହଜ ଏବଂ ମୋ ପାଇଁ ଉତ୍ତର ଦେବା ଥିଲା କଷ୍ଟ । ପ୍ରଶ୍ନଟି ଥିଲା - ଯଦି ଦୁଃଶାସନ ଟିକେ ଜୋରରେ ଟାଣିଥା'ନ୍ତା କି ଅଦୃଶ୍ୟ କୃଷ୍ଣ ଦୃଶ୍ୟ ଲୁଗା ପଠେଇବାରେ ଟିକେ ଡେରି କରିଥା'ନ୍ତେ ଏବଂ ସେଥିଯୋଗୁ ଯଦି ଦ୍ରୌପଦୀ ବିବସ୍ତ୍ର ହୋଇଥା'ନ୍ତେ ତା'ହେଲେ ଖରାପ କ'ଣ ହୋଇଥା'ନ୍ତା ? ଏମିତି ତ କୁରୁ ପାଣ୍ଡବ ଯୁଦ୍ଧ କଲେ - ସେମିତି ବି କରିଥା'ନ୍ତେ ।

'ଦୂରଦର୍ଶନ' ଓ ବି. ଆର. ଚୋପ୍ରାଙ୍କଠାରୁ ଆରମ୍ଭ ହୋଇ ଏପର୍ଯ୍ୟନ୍ତ ଟିଭି ଚ୍ୟାନେଲଗୁଡ଼ିକ ପିଲାଙ୍କୁ ଯେତିକି ପୁରାଣର କଥାକାହାଣୀ ଦେଖେଇଛନ୍ତି, ଶିଖେଇଛନ୍ତି, ଶୁଣେଇଛନ୍ତି କି ଜଣେଇଛନ୍ତି, ସେମାନଙ୍କ ଆଗ ପିଢ଼ି ସେଥିରୁ ଅଧଲାଏ କି ପାହୁଲାଏ ଜାଣିଥିଲା କି ନା ସନ୍ଦେହ । ଦ୍ରୌପଦୀ ଲଙ୍ଗଳା ହେବେନି ବୋଲି ଆଗେ ଭାବି ସାରିବା ପରେ ଯାଇଁ ବ୍ୟାସଦେବ 'ମହାଭାରତ' ଲେଖିଥିବେ । ଏହା ଥିଲା ମୋର ବିଶ୍ୱାସ । ସେ ଅବୁଝା ବାଳକକୁ କେମିତି ବୁଝେଇଥା'ନ୍ତି - ବାବୁରେ, ପୁନମ ପାଣ୍ଡେ (ଅହରହ ଉଲଗ୍ନ ହେବାକୁ ଉଦ୍ୟତ ଚିତ୍ରତାରକା) ଓ ପାଞ୍ଚାଳ-ତନୟା ଯାଜ୍ଞସେନୀ ଦ୍ରୌପଦୀ ଏକାପରି ନାରୀ ନୁହଁନ୍ତି ? କହିଲି, 'ପୁରାଣ ପୁରାଣ, ସିନେମା ସିନେମା । ଦି'ଟାକୁ ଗୋଳିଆମିଶା କରିବାନି ।' ପିଲାଟି କ୍ଷଣକ ପାଇଁ ମୋ କଥାରେ ରାଜି ହେଲା ମାତ୍ର ତା' ପରବର୍ତ୍ତୀ ପ୍ରଶ୍ନଗୁଡ଼ିକ ଆହୁରି କଠୋର ହେବାକୁ ଲାଗିଲା । ମୁଁ ତା ଅବୁଝାପଣ ବୁଝିପାରୁଥିଲି ଏବଂ ଏକାସାଙ୍ଗରେ ଅନୁଭବ କରିପାରୁଥିଲି ନିଜ ଅଜ୍ଞତା ।

ଡିସେମ୍ବର ୩୧, ୨୦୧୨, 'ଅଲ୍-ଜାଜିରା' ଲେଖିଲା, 'ଭାରତୀୟମାନେ

Digitized by srujanika@gmail.com

ଭୟାନକ ଅପରାଧ କରୁଥିବା ଘଟଣା ନୂଆ ନୁହେଁ। ସେମାନେ କୌଣସି ଆଦର୍ଶ ଅନୁସରଣ କରି ଧର୍ମ କରନ୍ତିନି କି ପାପ ବି କରନ୍ତିନି। ପୃଥିବୀର ସବୁଠୁଁ ବଡ଼ ଗଣତନ୍ତ୍ରର ରାଜଧାନୀ ଦିଲ୍ଲୀ ୧୯୪୭ ପୂର୍ବରୁ ବାରମ୍ବାର ଆକ୍ରମଣକାରୀଙ୍କ କବଳରେ ପଡ଼ିଛି। ପ୍ରତି ଥରର ଢଙ୍ଗ ଓ ଶୈଳୀ ନିଆରା।' ଇତିହାସ ପଇଁ ସାକ୍ଷୀ ପ୍ରମାଣରେ ଏ ଅଭିଯୋଗ ଏକଦମ୍ ସତ, ମାତ୍ର ସହି ନ ପାରିଲା ପରି ନିଷ୍ଠୁର କଥାଟେ। ଏ ମନ୍ତବ୍ୟ ସହିତ ଯୋଡ଼ାଯୋଡ଼ି ନିଉଜ ଥାଏ କଳଙ୍କିତ ଡିସେମ୍ବର ୧୬ ଦିଲ୍ଲୀ ବସ୍-ଗ୍ୟାଙ୍ଗ୍ ରେପ୍ ସଂପର୍କରେ।

ସେଥିରେ ଅପରାଧୀ ଥିଲେ ଛଅ ଜଣ। ଏବେ କଥା ଦାନା ଧରିଛି, କାରଣ ସେମାନଙ୍କ ଭିତରୁ ଜଣେ ଥିଲା 'ବାଳ ଅପରାଧୀ'। ଅପରାଧ ଦିନ ତା ବୟସ ଥିଲା ୧୭ ବର୍ଷ ୮ ମାସ। ସ୍କୁଲ ରେକର୍ଡ ବି ସେଇଆ କହେ। ତା ଉଦ୍ୟମରୁ ମୃତକା ବସ୍‌ରେ ଚଢ଼ିଲା। ଅନ୍ୟ ପାଞ୍ଚ ଜଣ ମଦ୍ୟପଙ୍କ ପରି ସେ ମଧ ଝିଅଟି ସହିତ ବଳାତ୍କାର, ଯୌନକ୍ରିୟା ସଂପନ୍ନ କଲା ଏବଂ ତା ହତ୍ୟାର କାରଣ ମଧ ହେଲା। କିନ୍ତୁ ପୁଲିସ ଫୌଜଦାରି ଆଇନରେ ସମସ୍ତଙ୍କ ପାଇଁ ଫାଶୀ ଦଣ୍ଡ ଦାବି କଲା, କେବଳ ତାକୁ ଛାଡ଼ି। କାରଣ ଆମ ବ୍ୟବସ୍ଥା ଅନୁଯାୟୀ ତା' ଅପରାଧର ବିଚାର ପେନାଲକୋର୍ଡରେ ହୋଇ ପାରିବନି। ହେବ 'ଜୁଭେନାଇଲ ଜଷ୍ଟିସ ଆକ୍ଟ'ରେ ଏବଂ ଅଲଗା ବିଧି ମତେ। ଦୋଷୀ ସାବ୍ୟସ୍ତ ହେଲେ ସମସ୍ତେ ୩୦୨ ଦଫା ପାଇଁ ହୁଏତ ଫାଶୀ ପାଇ ପାରନ୍ତି, ମାତ୍ର ଯେହେତୁ ଏ ଜଣକ 'ବାଳୁତ' ସେ ଜେଲରେ ରହିବ ନାହିଁ ଏବଂ ସମସ୍ତ ରାଜଦଣ୍ଡରୁ ମୁକ୍ତ ରହିବ!

ନେସନାଲ କ୍ରାଇମ ରେକର୍ଡ ବ୍ୟୁରୋ (ଏନସିଆରବି) ରିପୋର୍ଟ ଅନୁଯାୟୀ ୨୦୧୧ ବର୍ଷରେ ୧,୧୬୮ ମର୍ଡର ଏବଂ ୧,୨୩୧ ରେପ୍ ୧୬ରୁ ୧୮ ବର୍ଷ ବୟସର 'ବାଳୁତ'ଙ୍କ ଦ୍ୱାରା କରାଯାଇଛି। ସମ୍ଭବତଃ ୨୦୧୨ର ଏ ରିପୋର୍ଟ ଆହୁରି ପ୍ରସ୍ତୁତ ହୋଇନି। ଇଣ୍ଡିଆନ ପେନାଲକୋଡ୍ ୧୮୬୦ର।

ସେତେବେଳର 'ଯୁଭେନାଇଲ' ଓ ଆଜିର 'ବାଳୁତ' ଏକା କି?

୨୦୧୧ ମୁମ୍ବାଇ ସନ୍ତ୍ରାସବାଦୀ ଆକ୍ରମଣରେ ଅଭିଯୁକ୍ତ ଅଜମଲ କସବର ବୟସ ଯଦି ୧୮ ହୋଇ ନ ଥା'ନ୍ତା, ସେ ତ ଫାଶୀ ପାଇ ନ ଥା'ନ୍ତା?

(୩୧.୧.୧୩)

Digitized by srujanika@gmail.com

ଅସହିଷ୍ଣୁ ଭାରତ ଓ କମଲ ହାସାନ

ଦେଖ ଏ କଳିଯୁଗ ରୀତି / ଲୋକେ ହୋଇବେ ଦୁଷ୍ଟମତି ।
ପୃଥ୍ୱୀ ହୋଇବ ଗୋଳଗୁଣ୍ଡା / ମାତିବେ ମଦନ ଭୁଷୁଣ୍ଡା ।
ଅଗମ୍ୟେ କରିବେ ଗମନ / ନିନ୍ଦିବେ ନିଗମ ବଚନ ।
ଏଣୁ ହୋଇବେ ଅଳ୍ପାୟୁଷ / ପାପେ ସକଳେ ଯିବେ ନାଶ ।

(୧୨ଶ ସ୍କନ୍ଧ: ଭାଗବତ)

'ଗଣତନ୍ତ୍ର' ତୁଲେଇବାକୁ 'ଭାରତ' କେତେ ସକ୍ଷମ ବା 'ଭାରତ' ତୁଲେଇବାକୁ ଦେଶବାସୀ କେତେ ଯୋଗ୍ୟ - ଏହା ତନଖିବାକୁ ଉଦାହରଣ ସର୍ବତ୍ର । ୟୁପିଏ-୨ ସରକାରର ଶେଷ ଅଂଶରେ ଦେଶର ଯେତେ କାମଳଗ୍ରସ୍ତ ରୂପ ସବୁ ଦେଖାଯାଉଛି । ଯେମିତି ସମସ୍ତେ ହରିଲୁଟ୍ ପାଇଁ ଜାଗତିଆର । ହଉ ହେଲା, ସେଥିପାଇଁ ବି ଚିନ୍ତା ନାହିଁ । କାରଣ ଭୋଟ୍ ଆସିଲେ, କ୍ଷମତାରୁ ଚୋରମାନଙ୍କୁ ନିକାଳି ସାଧୁ ପୂରେଇ ଦେବା ଏବଂ ଆଶ୍ୱାସନାରେ ରହିବା ଯେ 'ସାଧୁ'ମାନେ ପରେ ଅନ୍ୟ ଚୋରମାନଙ୍କୁ ଧରି ସାବାଡ଼୍ କରିଦେବେ । ଏହା କଦାପି ହୁଏ ନାହିଁ ଏବଂ ଏହାଠୁଁ ଅଧିକ ସର୍ବମୋକ୍ଷ ଅବସ୍ଥା କୌଣସି ଗଣତନ୍ତ୍ରରେ ବି ସମ୍ଭବ ନୁହେଁ ।

୬୨ ବର୍ଷର ଗଣତନ୍ତ୍ର । ପାଚିଲା କି କଞ୍ଚା ଜଣା ପଡୁନି । 'ଇଞ୍ଚଡ଼୍-ପାକା' ପଣସ ପରି । ତରକାରି ପାଇଁ କଠା ନଥାଏ କି ସୁଆଦିଆ ଖୋସା ମିଳେନି ସେଥିରୁ । ଦେଶର ଗଣତନ୍ତ୍ର ପାଇଁ ଏକନମ୍ବର ଦସ୍ତାବିଜ ଭାବେ ବିଚାର କରାଯାଏ ନେହେରୁଙ୍କ 'ଟ୍ରାଏଷ୍ଟ ଉଇଥ୍ ଡେଷ୍ଟିନି' (ଅଗଷ୍ଟ ୧୫, ୧୯୪୭) ଭାଷଣ । ସେଥିରୁ ପଦେ - ସ୍ୱାଧୀନତା ଓ କ୍ଷମତା ଆମକୁ ଦାୟିତ୍ୱବାନ୍ କରାଇବ । ଦେଶବାସୀଙ୍କ ସାର୍ବଭୌମ ଅଧିକାର ନ୍ୟସ୍ତ ରହିବ ବିଧାନମଣ୍ଡଳୀ ହାତରେ । ନୂଆ ଦେଶଟେ ଗଢ଼ିବାକୁ ଆମେ ଯେଉଁ ଗର୍ଭବେଦନା ସହିଛୁ ସେ ଦୁଃଖ ଭୁଲିବାର ନୁହେଁ ।

Digitized by srujanika@gmail.com

୬୬ ବର୍ଷ ପରେ, ରାଷ୍ଟ୍ରପତି କହୁଛନ୍ତି - ଦେଶର ଆଇନଶୃଙ୍ଖଳା ଯୋଗୁ ଲାଜ ମାଡୁଛି (୨୬.୧.୨୦୧୩, ଗଣତନ୍ତ୍ର ଦିବସ ଭାଷଣ), ସରକାର କହୁଛନ୍ତି - ଆମେ ନିର୍ଲଜ୍ଜ ହେଲେ ବି ଚଳିବ। ପ୍ରଧାନ ବିଚାରପତି କହୁଛନ୍ତି - ପଦରେ ନ ଥିଲେ ମୁଁ ମଧ୍ୟ ଯୁବ-ଆନ୍ଦୋଳନରେ ସାମିଲ ହୋଇଥା'ନ୍ତି । ଭିଡିଓ ପ୍ରମାଣ ଦେଖେଇ ଦିଲ୍ଲୀ ପୁଲିସ କହୁଚି - ଆମେ କିଛି ଭୁଲ କରିନୁ। ଶୀଲା ଦିକ୍ଷିତ କହୁଛନ୍ତି - ପୁଲିସ ଠିକ୍। କେନ୍ଦ୍ର ସରକାର ମୁଖ୍ୟମନ୍ତ୍ରୀଙ୍କୁ କହୁଚି - ଥ୍ୟାଙ୍କ୍ ୟୁ। ଏହିପରି ଗୋଳଗୁଣ୍ଡା, ମଦନ ଭୁଷୁଣ୍ଡା ଓ ଅଗମ୍ୟେ ଗମନକାରୀଙ୍କ ଅଶୁଚିତ୍ରମାନ ଚାରିଆଡ଼େ । ସବୁ ତିଷ୍ଠିଛନ୍ତି ଗଣତନ୍ତ୍ରର ନାଁ ନେଇ ।

ଧନ ଓ ମନ - ଏ ଦୁଇଟିକୁ ଛାଡ଼ି ମଣିଷ ପାଖରେ ଆଉ କିଛି ସମ୍ପତ୍ତି ନାହିଁ । ଧନ ହଜିଲେ ଆଶ୍ୱାସନା ଥାଏ - ପୁଅରେ, ମନ ହଜାନା। ଆଉ ଥରେ ଅର୍ଜିବୁ । ପୁଅ ଏକଥାକୁ ବିଶ୍ୱାସ କଲେ ବଞ୍ଚିବ, ନହେଲେ ଯଦି ସୁଇସାଇଡ୍ କରେ - ବାପ କାନ୍ଦିବା ଛଡ଼ା ଆଉ କ'ଣ କରିପାରିବ ? ତେଣୁ କୁହାଯାଏ - ଚଷମା ପନ୍ଧି ଘରସାରା ଚଷମା ଖୋଜୁଥିବା ପରି ବାଚାଳ ହୋଇ ମନ ମୋଟେ ହଜେଇବନି । ଥରେ ହଜିଲେ, ଇଏ ଆଉ ଧରା ଦିଏନି । ମନ ହଜିଲେ ସବୁଠୁଁ ବଡ଼ କଷଣ ହେଲା ଯେ ତା' ସାଙ୍ଗରେ ବୁଦ୍ଧି ବି ଆପେ ହଜିଯାଏ । ତେଣୁ ଶାସ୍ତ୍ରବାଣୀ - ସରସ୍ୱତୀ ଧୀରା, ଲକ୍ଷ୍ମୀ ଚଞ୍ଚଳା।

ଖ୍ୟାତ ଚିତ୍ରତାରକା କମଲ ହାସାନଙ୍କ 'ବିଶ୍ୱରୂପମ୍' ଚଳଚ୍ଚିତ୍ରର ଅବସ୍ଥା ଦେଖାଯାଉ। ତାହା ଫିଲ୍ମ ସେନ୍ସର ବୋର୍ଡ (ସାମ୍ବିଧାନିକ ସଂସ୍ଥା)ର ଅନୁମୋଦନ ପାଇଲା । ଚଳଚ୍ଚିତ୍ରର ବିଷୟବସ୍ତୁ ସନ୍ତ୍ରାସବାଦ ସଂପର୍କୀୟ। ମୋଟୁରୁ ଫିଲ୍ମ ନ ଦେଖି କିଛି ଲୋକ ପାଟି କଲେ ଯେ ଗୋଟେ ସଂପ୍ରଦାୟକୁ କାହିଁକି 'ଟେରରିଷ୍ଟ୍' ବୋଲି କହି ବଦ୍‌ନାମ କରାଯାଉଛି ? ଆମେ ତାମିଲନାଡୁରେ ଏ ଫିଲ୍ମ ରିଲିଜ୍ କରେଇଦବୁନି । 'ଧାର୍ମିକ ଭାବପ୍ରବଣତା' ପରି ପ୍ରଚଳିତ ବାହାନାରେ ରାଜ୍ୟ ସରକାର ତତ୍କାଳ ବ୍ୟାନ୍ କରିଦେଲେ । ମାଡ୍ରାସ ହାଇକୋର୍ଟର ସିଙ୍ଗଲ ଜଜ୍ ଆଦେଶ ଦେଲେ - ବ୍ୟାନ୍ ଅସିଦ୍ଧ । ମଙ୍ଗଳବାର ରାତି ପାହିନି, ଡିଭିଜନ ବେଞ୍ଚ୍ ଏ ଆଦେଶକୁ ରଦ୍ଦ କଲେ ।

ତା'ଭିତରେ ସ୍ୱରାଷ୍ଟ୍ରମନ୍ତ୍ରୀ ସୁଶୀଲ କୁମାର ସିନ୍ଦେ 'ହିନ୍ଦୁ ଟେରରିଷ୍ଟ' କଥା କହି ସାରିଥା'ନ୍ତି ।

ବିଚରା, କମଲ ହାସାନ ! କହିଲେ, 'ମୁଁ ଜଣେ କଳାକାର । ରାଜନୀତି ବୁଝେନା । ବୁଦ୍ଧି ଛଡ଼ା ମୋ ପାଖରେ ଆଉ କିଛି ନାହିଁ । ସଂପତ୍ତି ବନ୍ଧା ପକେଇ ୯୦ କୋଟି ଟଙ୍କା ଯୋଗାଡ଼ କରିଥିଲି । ରହିଗଲା 'ବିଶ୍ୱରୂପମ୍'ରେ । ଏବେ ମୁଁ ତାମିଲନାଡୁ ଛାଡ଼ି କୌଣସି 'ସେକୁଲାର' ରାଜ୍ୟକୁ - ନ ହେଲେ ଏମ.ଏଫ. ହୁସେନଙ୍କ ପରି - ଦେଶ ଛାଡ଼ି ପଳେଇବି।'

ଆମେ ନିବେଦନ କରିବୁ - ଓଡ଼ିଶା ତାଙ୍କୁ ଆମନ୍ତ୍ରଣ କରୁ। କାରଣ ଆମ ସରକାର ଦୃଢ଼ ଏବଂ 'ସେକୁଲାର' । ଜନସମଷ୍ଟି ଧର୍ମାନ୍ଧ ନୁହଁନ୍ତି । ଉଦାହରଣ - କୋଉଠି ଖେଳିବାକୁ ଜାଗା ନ ପାଇ ପାକିସ୍ତାନ ମହିଳା କ୍ରିକେଟ୍ ଟିମ୍ ପୁଣି ଓଡ଼ିଶା ଆସିଲା କି ନା ?

(୧.୨.୧୩)

Digitized by srujanika@gmail.com

ମତି ଅଶାନ୍ତ ଭାରତ କ୍ଳାନ୍ତ

"The hottest places in hell are reserved for those who, in times of great moral crisis, maintain their neutrality."

- Dante

ଇତସ୍ତତଃ ଖେଦି ଯାଉଥିବା ଚୁଚୁନ୍ଦ୍ରୀବାଣ ପରି ଇତିମଧ୍ୟରେ ନାରୀ-ଅତ୍ୟାଚାରର କେତେ ନୂଆ ରୂପ ଭାରତୀୟ ସମାଜରେ ପଶି ସାରିଛି । 'ଡିସ୍‌ରବିଂ' - ନାରୀକୁ ବିବସ୍ତ୍ର କର, ମଜା ନିଅ (୨୦୧୨ ଜୁଲାଇ, ଗୌହାଟି ମୋଲେଷ୍ଟେସନ କେଶ) । 'ଦ୍ରୋପଦୀ ବସ୍ତ୍ରହରଣ' ଥିଲା ଆମ ପାଇଁ ଭୟାନକ ଗପ । ପରିଣତି ଆପେ ଭାବି ହେଉଥିଲା । ପାପୀ କୌରବ ଦଳ ଶଳେ ନିର୍ଘେଁ ମରିବେ ! କିନ୍ତୁ ଏପରି ଘଟଣା ଏବେ ରେଳଷ୍ଟେସନ, କଲେଜ କ୍ୟାମ୍ପସ୍ ସବୁଠିଁ ଘଟୁଚି । 'ଭଏରିଜିମ୍' (ଅନ୍ୟର ଯୌନକ୍ରିୟା ଦେଖି ନିଜେ ଆମୋଦିତ ହେବା), 'ଷ୍ଟାକିଂ (ପିଛା କରିବା), 'ଇଭ୍-ଟିଜିଂ', ଟ୍ରାଫିକିଂ (ଚାଲାଣ/ବ୍ୟବସାୟ), ଏସିଡ୍ ଫିଙ୍ଗା, ଗ୍ୟାଙ୍ଗ୍-ରେପ୍ ଇତ୍ୟାଦି । ଯୁଗ ଇଲେକ୍‌ଟ୍ରୋନିକ, ଅସ୍ତ୍ର ଇଣ୍ଟରନେଟ୍ । ଯୁଦ୍ଧ କରିବାକୁ ପାଣ୍ଡବ ନାହାଁନ୍ତି ବା ଧର୍ମର ଜୟ ହେଉନାହିଁ ।

'ସେକ୍ସ' ଆମର ଆଦି-ପ୍ରବୃତ୍ତି । ଧର୍ମ ଜ୍ଞାନ ଶାସ୍ତ୍ର - ସବୁଠୁଁ ଇଏ ବଳଶାଳୀ । ବରଂ ସେଗୁଡ଼ିକ ଯାକୁ ଜଗି ନିଜକୁ ସଜାଡ଼ନ୍ତି । 'କାମ ଲୋଭରେ ତପ ନାଶ କରି ତପସ୍ୱୀମାନେ କି ବିକୃତ ଯୌନକ୍ରିୟାରେ ନ ପଶିଛନ୍ତି ! (ସାରଳା 'ମହାଭାରତ')

ଦିଲ୍ଲୀ ବସ୍ ଗ୍ୟାଙ୍ଗ-ରେପ୍ (୧୬.୧୨.୧୨) ପରେ ଦେଶରେ ଆଇନର ଅଜଗର ଟିକେ ହଲିଚି । ଅତ୍ୟଧିକ ତତ୍ପରତା ସହ ୨୩.୧୨.୨୦୧୨ ଦିନ ସରକାର ପୂର୍ବ ପ୍ରଧାନବିଚାରପତି ଜେ.ଏସ. ବର୍ମାଙ୍କ ଅଧ୍ୟକ୍ଷତାରେ ଗୋଟିଏ କମିଟି ଗଠନ କଲେ । ତହିଁରେ ଅନ୍ୟ ଦୁଇ ଜଣ ସଦସ୍ୟ ରହିଲେ ପୂର୍ବ

Digitized by srujanika@gmail.com

ବିଚାରପତି ଲୀଳା ସେଠ ଏବଂ ପୂର୍ବ ଆଟର୍ଣ୍ଣି ଜେନେରାଲ ଗୋପାଳ ସୁବ୍ରମନ୍ୟମ୍। ସରକାରଙ୍କର 'ରେଫରେନ୍ସ' ବା ନ୍ୟସ୍ତ ଦାୟିତ୍ୱ ରହିଲା ଯେ 'ଫୌଜଦାରୀ ଆଇନ ସଜାଡ଼ିବା ପାଇଁ, ନାରୀ ବିରୁଦ୍ଧରେ ଘଟୁଥିବା ଜଘନ୍ୟ ଅପରାଧଗୁଡ଼ିକ କିପରି ତ୍ୱରିତ ବିଚାର ହେବ ଏବଂ କିପରି ଦୋଷୀ ଅଧିକ ଦଣ୍ଡ ପାଇବ' - ସେଥିପାଇଁ କମିଟି ସରକାରଙ୍କୁ ପରାମର୍ଶ ଦେବ । ଅବସ୍ଥାର ଗୁରୁତ୍ୱ ଅନୁଭବ କରି ୨୩ ଜାନୁଆରି ଦିନ କମିଟି ପ୍ରଧାନମନ୍ତ୍ରୀଙ୍କୁ ରିପୋର୍ଟ ଦାଖଲ କଲା ।

ଟୋକ୍ ନାହିଁ କି ଟାକ୍ ନାହିଁ - ଜୁଡ଼ିସିଆଲ ରିପୋର୍ଟ ମାସେ ଭିତରେ ଦାଖଲ ? ଏହା 'ଗିନିଜ୍ ବୁକ୍'ର ବିଶ୍ୱ ରେକର୍ଡରେ ରହିବା କଥା ! ଜଷ୍ଟିସ ବର୍ମା କହିଲେ - ମତେ ୮୦ ବର୍ଷ ହେଲାଣି, ଏପରି ଅନାଚାର ପାଇଁ ଆଇନ ନାହିଁ। ମୁଁ ତ ଅଧୈର୍ଯ୍ୟ ହୋଇପଡୁଛି । ଯୁବକୁଳ ଅସ୍ଥିର ହେଲେ ତ ଭୁଲ କ'ଣ ?

ପରାମର୍ଶ ରହିଛି, ଗ୍ୟାଙ୍ଗ-ରେପ୍ ଦଣ୍ଡ - ସର୍ବନିମ୍ନ ୨୦ ବର୍ଷ ଜେଲ ବା ଅପରାଧୀ ଯେତେଦିନ ସ୍ୱାଭାବିକ ବଞ୍ଚିବ । ରାସାୟନିକ ନିଷ୍କ୍ରିୟକରଣ, ଯୌନାଙ୍ଗ ଛେଦନ, ଫାଶୀ - ଏଗୁଡ଼ା କିଛି ନୁହେଁ । ରେପ୍ ପରେ ନାରୀର ଜୀବନ ଥାଏ, ପ୍ରାଣ ନ ଥାଏ (vegetative life) । ୧୯୭୩ରୁ ମୁମ୍ବାଇ କେଇଏମ ହସପିଟାଲ ନର୍ସ ଅରୁଣା ସନଭାଗ ୩୮ ବର୍ଷ ଏ ଅବସ୍ଥାରେ ଥିଲେ। ୨୦୧୨ ପିପିଲି ଧର୍ଷଣ ପୀଡ଼ିତା ଛଅ ମାସ। ପୀଡ଼ିତାମାନଙ୍କର ଏପରି ଅବସ୍ଥାକୁ ନୂଆ ଅପରାଧ ଭାବେ ନିଆଯାଇଛି ଓ ଅଧିକ ଦଣ୍ଡ ପାଇଁ ପରାମର୍ଶ ଦିଆଯାଇଛି। ପ୍ରାୟ ୬୦୦ ପୃଷ୍ଠା ସମ୍ବଳିତ ଏ ରିପୋର୍ଟରେ ଆଉ ଗୋଟିଏ ପରାମର୍ଶ ବି ରହିଛି । ଯଦି ଏମଏଲଏ, ଏମ୍‌ପି ଏ ଅଭିଯୋଗ ଭିତରକୁ ଆସନ୍ତି ତା'ହେଲେ ସେମାନଙ୍କୁ ଆଗେ ଇସ୍ତଫା ଦେବାକୁ ହେବ !

ବୁଧବାର (୩୦.୧) ଦିନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହ ଜଷ୍ଟିସ ବର୍ମାଙ୍କୁ ଚିଠି ଲେଖିଛନ୍ତି ଯେ 'ଦେଶବାସୀଙ୍କୁ ବିପଦରୁ ଦୂରେଇ ରଖିବାକୁ ଆମେ ଆପଣଙ୍କ ପରାମର୍ଶ ଅତି ଶୀଘ୍ର ମାନିବୁ ବୋଲି ସରକାରଙ୍କ ତରଫରୁ ମୁଁ ଆପଣଙ୍କୁ ଭରସା ଦେଉଛି।'

ଦଣ୍ଡ ବ୍ୟବସ୍ଥା କଲେ ଅପରାଧ ବନ୍ଦ ହୁଏନି, ମାତ୍ର କିଛି ପରିମାଣରେ ସମାଜ ଆଶ୍ୱସ୍ତ ହୁଏ। ଏଣିକି କଥା ରହିଲା - ପାର୍ଲାମେଣ୍ଟ ହାତରେ। ଆଇନ ମନ୍ତ୍ରୀ କହିଛନ୍ତି ଯେ ଆଗାମୀ ବଜେଟ ଅଧିବେଶନରେ ବର୍ମା କମିଟି ସୁପାରିଶ ସଂପର୍କରେ ପଦକ୍ଷେପ ନିଆଯିବ। ଆମ ପାର୍ଲାମେଣ୍ଟର ଗତି ଯାହା ତାହା ଠିକ ଚାଲିବ (!) ଓ ବିଧାନ ତିଆରି କରିବ, ଏଥିପାଇଁ ଆଶା ସହକାରେ ଅପେକ୍ଷା କରିବା।

(୨.୨.୧୩)

Digitized by srujanika@gmail.com

ଦି'ନ୍ ବଞ୍ଚୁଥିବା ମଣିଷ

କେହି ବିଶ୍ୱାସ କଲେ କରନ୍ତୁ ନ ହେଲେ ନାହିଁ, ଏମିତିକା ଲୋକ ଅବଶ୍ୟ ଅଛନ୍ତି ଏବଂ ପ୍ରଚୁର ପରିମାଣରେ।

ଗତକାଲି ବୋଲି ଦିନଟିଏ ଥିଲା - ଏକଥା ଆପେ ମନେ ରହେ, କାରଣ ସେଦିନ ତା'ର ଆକ୍ସିଡେଣ୍ଟ ହୋଇନଥାଏ ବା ପୁଲିସ କି ମୁନିସପାଲିଟିବାଲା ନାଲି ଆଖି ଦେଖେଇ ନଥା'ନ୍ତି । ଆସନ୍ତାକାଲି ? ଏତେ ଦୂର ଅନେଇବାକୁ ଡର ପାଏନି। ଦିନରେ ଖଟୁଖଟୁ ରାତି ଆସି ଯାଏ । ନିଦ ଭାଙ୍ଗିଲାବେଳକୁ ଆଉ ଦିନେ । ବଞ୍ଚିବା ଗରଜରେ କଳ୍ପନାର ସ୍ୱପ୍ନ ଦେଖିବା ଅଭ୍ୟାସ କରି ନଥା'ନ୍ତି ସେମାନେ । ଯେହେତୁ ଇଚ୍ଛାର ମାନସାଙ୍କ ଜଣା ନଥାଏ ଜୀବନ ପାଇଁ ଭବିଷ୍ୟତ ସୌରଭର କି ସ୍ୱପ୍ନ ଦେଖିବେ ସେମାନେ ?

ସୁନ୍ଦରୀ ମନର କଳ୍ପନା କ'ଣ ଏବଂ ସେମାନଙ୍କୁ ନେଇ କବି ମନର କଳ୍ପନା କ'ଣ - ଏ ତୁଳନା ବିପିଏଲ ହିସାବ ଓ ସରକାରୀ ଯୋଜନା-ଆୟୋଜନ ପରି ! କାହାକୁ ରୂପସୀ କହି ତା ନାଁରେ ଗୀତ ଫାନ୍ଦିବାକୁ ଜୟଦେବ କି ଭକ୍ତକବିମାନେ ବହୁ ସଂଖ୍ୟାରେ ମିଳନ୍ତି । ଗରିବଙ୍କ ଲାଗି ସରକାର ଭାବନ୍ତି କ'ଣ ଓ ଗରିବ ନିଜ ଲାଗି ଭାବେ କେମିତି ?

'ମୁଁ ସବୁଦିନ ଗରିବ ରହିବି - ଏକଥା କୌଣସି ଗରିବ କେବେ ବି ଭାବିବା ସମ୍ଭବ ନୁହେଁ।

ଅପରନ୍ତୁ, ଦୃଢ଼ ସରକାରଗୁଡ଼ିକ ଗଣତନ୍ତ୍ରକୁ ମଜବୁତ ରଖିବା ପାଇଁ 'ଗରିବ'-ଗଠନ ଶିଳ୍ପକୁ ଓଭର୍‌ଟାଇମ୍ କରି ବଢ଼େଇ ଚାଲିଛନ୍ତି କୋମଳ ଲଳିତ ନାମକରଣ ସହ, ବେଶ୍ ପୁଞ୍ଜି ବିନିଯୋଗ କରି । ସେଥିପାଇଁ ଅତୀତର ଗରିବ ଉତ୍ପାଦନକାରୀ କୁଟୀର ଶିଳ୍ପଗୁଡ଼ିକ ଏବେ ଗୁରୁଶିଳ୍ପରେ ପରିଣତ ହୋଇଛି। ଗ୍ରାମୀଣ ବିକାଶ ବଜେଟ୍ ବଢ଼ି କାହିଁ କେଉଁଠି ପହଞ୍ଚିଲାଣି । ପାନୀୟଜଳ,

Digitized by srujanika@gmail.com

ସ୍ୱାସ୍ଥ୍ୟସେବା - ୧୧ରୁ ୧୪ ହଜାର କୋଟି ହେଲା । ହେଉ ପଛେ ରାଜୀବଙ୍କ ନାଁରେ, ଆହୁରି ୨୪ ହାଜର କୋଟି ବରାଦ ହେଲା ସେଥିପାଇଁ । 'ରୁରାଲ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଡେଭେଲପ୍‌ମେଣ୍ଟ ଫଣ୍ଡ' (ଆରଆଇଡିଏଫ) ପାଇଲା ଆହୁରି ୨୦ ହଜାର କୋଟି । ଆଲୋଚନା ପାଇଁ ଏତିକି କହିଲୁ, ଆହୁରି କେତେ ନକ୍ସା ଓ ଯୋଜନାର ହିସାବ ଥିବ । ମାତ୍ର, ଲୋକେ କାହିଁକି ପଦାରେ ଦୁଇ କରୁଛନ୍ତି - ସେଥିପାଇଁ ମନ୍ତ୍ରୀ ଜୟରାମ ରମେଶଙ୍କୁ ଲାଜ ଲାଗୁଛି ।

ଆସନ୍ତାକାଲି ପାଇଁ ଆଜି ବଞ୍ଚିବା ପରି ଦୀର୍ଘସୂତ୍ରୀ ଆଦର୍ଶ ଆଉ ଗୋଟେ କଥା ।

ଅନ୍ୟ ଆଦର୍ଶରେ ବଞ୍ଚୁଥିବା ଲୋକଙ୍କ ସଂଖ୍ୟା ବି କମ୍ ନୁହେଁ । ସେମାନେ ମୃତ୍ୟୁ-ଆଶାକୁ 'ଜୀବନ-ବୀମା' କହି ସେଥିପାଇଁ ପ୍ରିମିଅମ୍ ଦିଅନ୍ତି । ଟିଭିରେ ବଜାର ଦର ନଦେଖି, ରାଶିଫଳ କି ରିଏଲିଟି-ସୋ' ଦେଖନ୍ତି । ଧର୍ମପରାୟଣ ହୋଇଥିଲେ, କିଛି ବାବା-ଜ୍ଞାନ ବି ଶୁଣନ୍ତି । ପୃଥିବୀର ସବୁ କଥା ଜାଣନ୍ତି । ଏମିତି ଟିକେଟିକେ ପବିତ୍ର ଓ ଟିକେଟିକେ ପାପ ମିଶେଇ ସେମାନେ ଆଉ କିସମର ମଣିଷ । ସେମାନେ ପ୍ରାୟ ବର୍ତ୍ତମାନ କାଳରେ ବଞ୍ଚିବା ଶିଖି ନଥା'ନ୍ତି ।

'ବୁଦ୍ଧିଜୀବୀ' - ହାତ ଯୋଡ଼ି କହୁଚୁ, ଏହା ଏକ ଭୟାନକ ଶବ୍ଦ ! ସେମାନେ କୁଆଡ଼େ ବେଶି ଗରିବଙ୍କ କଥା ଭାବନ୍ତି । ସେମିନାର ସିମ୍ପୋସିଅମ୍ କରନ୍ତି । ମିଡିଆରେ ଶବ୍ଦ କରି କମ୍ପେଇଦିଅନ୍ତି ।

ଏ ଦୁଇଟିଯାକ ଆବେଗ ପରସ୍ପର ବିରୋଧୀ ! 'ଗରିବ' ସମ୍ବିଧାନ ତିଆରି କରି ନଥିଲା । ଅଥଚ ସେ ତାକୁ ସଲାମ ମାରୁଥାଏ ଦୁଇଟି କାରଣ ପାଇଁ । ଏକ - ମା' କହୁଥାଏ, ସିଏ କୁଆଡ଼େ ତା ବାପା । ଲାଜରେ ଗରିବ ପଚାରି ପାରେନି - ମା' ଲୋ, ତୋ ରାତି ଠିକ୍ ଥିଲା ତ ! ଦୁଇ - ବୋଧହୁଏ ସେ ପୁସ୍ତକର କିଛି ବଳ ଅଛି ଯାହା ମତେ ଗରିବରୁ ଉପରକୁ ଯିବାକୁ ଦେବ ନାହିଁ । ବଶମ୍ବଦ ଭାବେ କାହାକୁ ତ ପୁଣି ଗୋଟେ ସଲାମ କରବ । ସିଂହାସନରେ ଢେଳି ବସିଥିଲେ ବି ସେ ଯୁବରାଜ !

ଆମ ଦେଶର ଅବସ୍ଥା - ଅଜ୍ଞାତବାସରେ ତୃତୀୟ ପାଣ୍ଡବ ବୀରଶ୍ରେଷ୍ଠ ଅର୍ଜୁନଙ୍କ ପରି । ନର ନୁହେଁ କି ନାରୀ ନୁହେଁ । ନପୁଂସକପ୍ରାୟ ବୃହନ୍ନଳା ସାଜି ନାଚ ଶିଖୋଉଥାଏ ବିରାଟ ରାଜକୁମାରୀ ଉତ୍ତରାଙ୍କୁ ।

(୪.୨.୧୩)

Digitized by srujanika@gmail.com

ନେ ତା ଜୀ ଙ୍କ 'ମୃ ତ୍ୟୁ'

ଅନେକ ଅଯଥା ନେତାଙ୍କଠାରୁ ଜାତୀୟ ସମ୍ମାନ ପାଇଁ ତାଙ୍କର ଅଧିକ ହକ୍

ସୁଭାଷ ବୋଷ । ଭାରତ ପାଇଁ ରାଜନୈତିକ ଆଦର୍ଶର ଏକ 'ୟୁଫୋରିଆ' । ୧୯୩୯ରେ କଂଗ୍ରେସ ଛାଡ଼ିବା ପରେ ସେ ଆଉ କିଛି କଳ୍ପନା କଲେ । ତାହା କଂଗ୍ରେସର 'ଶାନ୍ତି' ସହ ମେଳ ଖାଇଲାନି । ସେ 'ଫରଓ୍ୱାର୍ଡ-ବ୍ଲକ୍' ଗଢ଼ିଲେ । ସେ ଭାବୁଥିଲେ, ଯୁଦ୍ଧଗ୍ରସ୍ତ ବ୍ରିଟେନ୍ ଠାରୁ ଧମକେଇ ଫାଇଦା ନେବାର ଏହା ହିଁ ଠିକ୍ ସମୟ । ସେମାନଙ୍କ ଅନୁମତି ପତ୍ରରେ ମିଳୁଥିବା ସ୍ୱାଧୀନତାର ମାନେ କ'ଣ ? ତାହା ହିଂସାରେ ଆସିଲେ ବି ଚଳିବ । ଏହା ଥିଲା ତାଙ୍କ ଆଦର୍ଶ । ଦେଶବ୍ୟାପୀ କଂଗ୍ରେସ ଥିଲା ଏକ ବୃହତ୍ ଅନୁଷ୍ଠାନ । ସ୍ୱାଧୀନତା ସଂପର୍କରେ ସବୁ କଥା କଂଗ୍ରେସ କହୁଥିଲା ଏବଂ ପଛୁଆ ଖସୁଥିବା ବ୍ରିଟିଶ ସରକାର କଂଗ୍ରେସ ଓ ମୁସଲିମ୍ ଲିଗ୍ ଉପରେ ନିର୍ଭର କରି ସମ୍ଭାବିତ ସ୍ୱାଧୀନତାର ପ୍ରକ୍ରିୟା ଆଗକୁ ବଢ଼ାଉଥାଏ ।

ଏହିପରି ପ୍ରତ୍ୟୟ ସହ ସେ ବ୍ରିଟିଶ ବିରୋଧୀ ଶକ୍ତି ଜାପାନ ସହିତ ମିଶିଲେ ନିଜର ଇଣ୍ଡିଆନ୍ ନେସନାଲ୍ ଆର୍ମି ବା ଆଜାଦ୍ ହିନ୍ଦ୍ ଫଉଜ ପରି ଛୋଟିଆ ଭଲେଣ୍ଟିଅର ସେନାବାହିନୀ ଧରି ବ୍ରିଟିଶ ବିରୁଦ୍ଧରେ ଲଢ଼େଇ କରିବାକୁ ହାତ ମିଶେଇଲେ ନାଜୀ ଜର୍ମାନ ଓ ଜାପାନ ସହିତ । ତାଙ୍କ ସୈନ୍ୟ ପହଞ୍ଚିଗଲେ ବର୍ମା (ମିଆଁମାର)ରେ । ଦେଶ ଭିତରେ ସେ ହିଂସାକାଣ୍ଡ କରିନଥିଲେ । ଯୁଦ୍ଧ ବେଳେ ଧର୍ମ ବିଚାରିବା ଦରକାର ନଥିଲା ବା କେହି ସେପରି କରନ୍ତି ନାହିଁ । ସେଥିରେ ସୁଭାଷ ହାରି ଗଲେ । ସମାପ୍ତ ହୋଇ ମିଉଜିଅମ୍‌ରେ ରହିବା ବେଳକୁ 'ଆଇଏନଏ'ର ସଦସ୍ୟ ସଂଖ୍ୟା ଥିଲା ମୋଟୁରୁ ୮ରୁ ୧୦ ହଜାର । ଭଲେଣ୍ଟିଅର ଲିଷ୍ଟରେ ଥିଲେ ଆହୁରି ୪୦ ହଜାର । ଯଦି ସୁଭାଷ ହାରି ନ ଥା'ନ୍ତେ ... ଏହିପରି ଶୂନ୍ୟମଣ୍ଡଳ ଆପେ ତିଆରି ହୋଇଯାଏ ଲୋକଙ୍କ ମନରେ । ସ୍ୱାଧୀନତାକୁ ଅଲଗା ରୂପ ଦିଆ ଯାଇପାରିବ ପରି ଆସ୍ପର୍ଦ୍ଧା ସହିତ ।

Digitized by srujanika@gmail.com

ସ୍ୱାଧୀନ ହୋଇ ଦେଶ ବଢୁଥାଏ ଆଗକୁ ଏବଂ ଲୋକେ ଭାବୁଥା'ନ୍ତି – ସୁଭାଷମାର୍ଗୀ ସ୍ୱାଧୀନତା ଠିକ୍ ହୋଇଥା'ନ୍ତା କି !

'ତଦନ୍ତ' ମଣିଷର ବଢ଼ିଆ ଜ୍ଞାନ । କାରଣ ଶାସ୍ତ୍ର ଶିଖେଇଚି: ବାବୁରେ, ପରତେ ନ ଯିବ ଗୁରୁ ବଚନେ ! ସୁଭାଷ ବୋଷ ମରିବା ନ ମରିବା ଏକ ଇଣ୍ଟେଲେକ୍‌ଚୁଆଲ ତଦନ୍ତ । ଏଥିପାଇଁ କେତେ କମିସନ ବସିଲାଣି, କୋର୍ଟ କେତେ ପ୍ରକାର ବଚନ ଶୁଣେଇଲେଣି । ବିମାନ ଦୁର୍ଘଟଣାର ଦଲିଲ ଦସ୍ତାବିଜ ଓ ବିଶ୍ୱାସ କରାଯାଉଥିବା ନେତାଜୀଙ୍କ ଚିତା-ଭସ୍ମ ସବୁ ସଂଗ୍ରହ କରି ସୁଦ୍ଧା ଦେଶ ତାଙ୍କୁ ମୃତ ବୋଲି ଘୋଷଣା କରୁନାହିଁ । ମିଡ଼ିଆ ବି ଏ ଖେଳ ସହ ହାତ ମିଶେଇ କହନ୍ତି – ଅମୁକ ଆଶ୍ରମ ଅମୁକ ବାବା କୁଆଡ଼େ ନେତାଜୀ ପରି ଲାଗନ୍ତି !

ମାତ୍ର କେହି ତାଙ୍କୁ ପଚାରି ନାହାଁନ୍ତି – ବାବା, ଆପଣ ସୁଭାଷ ବୋଷ କି ?

ଯଦି ସୁଭାଷ ବଞ୍ଚିଥା'ନ୍ତି ତାଙ୍କ ୧୧୬ତମ ଜନ୍ମଦିନ ଜାନୁଆରି ୨୩ରେ ଗଲା । ଭାରତ ସ୍ୱାଧୀନ ହେଲା । ୧୮୬୦ ଫୌଜଦାରି ଆଇନ ମୁତାବକ ତାଙ୍କ ନାଁରେ ଥିବା ବ୍ରିଟିଶ ସରକାରର 'ଦେଶଦ୍ରୋହୀ' ୱାରେଣ୍ଟ୍ ସ୍ୱାଧୀନ ସରକାର ଆସିଲେ ବି କଟିଲାନି । ତାକୁ କାଟିବାକୁ ନୂଆ ସରକାର ହାତରେ ଅସ୍ତ୍ର କିଛି ନଥିଲା । ସୁଭାଷଙ୍କ ହିରୋ ପଦ ବରଂ ଏତଦ୍ୱାରା ଅଧିକ ଉଦ୍ଭାସିତ ହେଉଥିଲା । ପବିତ୍ର ଦାୟିତ୍ୱ ସଂପାଦନ କରିବାକୁ ତାଙ୍କ ପାଇଁ ସମ୍ମାନ ଜଣେଇ ଜାନୁଆରି ୨୩କୁ ଜାତୀୟ ଛୁଟି ଭାବେ ଘୋଷଣା କରାଗଲା । ତାକୁ ବି, ଯିଏ ମାନିଲେ ମାନିଲା – ନ ହେଲେ ନାହିଁ । ବ୍ୟକ୍ତି ପୂର୍ଣ୍ଣାଙ୍ଗ ପାଏ – ଜୀବନଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଏକ ସାମଗ୍ରିକ ଆକଳନରେ । ନେତାଜୀଙ୍କ ଜୀବନୀକୁ ଭାରତ ଅପୂର୍ଣ୍ଣ ରଖିବାକୁ ଚାହେଁ । କାହିଁକି ? ଉତ୍ତର ଦେବାକୁ କେହି ନାହାଁନ୍ତି ।

ନେତାଜୀଙ୍କ କନ୍ୟା ଶ୍ରୀମତୀ ଅନିତା ବୋଷ ଫାଫ (ଚଳବଳଲ) ଜି-ନିଉଜକୁ ଏକ ଇଣ୍ଟରଭିଉରେ କହିଛନ୍ତି ଯେ ସେ ତାଇପେଇ ବିମାନ ଦୁର୍ଘଟଣା ଓ ବାପାଙ୍କ ମୃତ୍ୟୁ ଘଟଣାକୁ ବିଶ୍ୱାସ କରନ୍ତି । ବାବା ଥିଲେ ବିଶ୍ୱାସରେ ହିନ୍ଦୁ, ତେଣୁ ତାଙ୍କ ଚିତା-ଭସ୍ମ ଗଙ୍ଗାରେ ବିସର୍ଜନ କରାଯାଉ । ଏହା ଥିଲା ଅନିତାଙ୍କ ନିବେଦନ ।

ଦୁଃଖର ସହ ଆମେ ଅନୁଭବ କରୁ ଯେ କେତେକ ଅତିରିତ ବଙ୍ଗାଳୀ ଚିନ୍ତା ଉପରେ ଭରା ଦେଇ ଅଟକିଛି ସୁଭାଷଚନ୍ଦ୍ରଙ୍କ ଜୀବନ । ସ୍ୱୀକାର କରିବା ଯେ ଏହି ଚିନ୍ତଶୀଳମାନେ ହିଁ କିଛି ସୁଭାଷ-ଆଦର୍ଶର ପୂଜା କରନ୍ତି । ଏବଂ ଏକାପରି ବଜାରରେ ସୁଭାଷ-ମାର୍କା ବିଡ଼ି ବି ମିଳେ । କଂଗ୍ରେସ ମାର୍ଫତରେ ମହାତ୍ମାଙ୍କ ବାଣୀ ପ୍ରଚାର ପରି ଏମାନେ ମଧ୍ୟ ସୁଭାଷ-ବାଣୀ ପ୍ରଚାର କରନ୍ତି ଏବଂ ରାଜନୀତିରେ କମ୍ୟୁନିଷ୍ଟଙ୍କ ସହ 'ଏଲି' କରନ୍ତି । ଅତି ଭଲ ପାଇଲେ ଡେଡ୍-ବଡି କୋଳରେ ଧରି ସତକୁ ଅବିଶ୍ୱାସ କରିବାକୁ ଚିତ୍କାର କରୁଥିବା ବାପ ମା'ଙ୍କ ପରି ସେମାନଙ୍କ ବ୍ୟବହାର । ଲାଗେ, ସୁଭାଷ ମଲେ ବୋଧେ ଏମାନେ ବଞ୍ଚି ପାରିବେନି ! କୋର୍ଟରେ କେଶ୍ ଫାଇଲ କରି ଦିଅନ୍ତି ।

ମୃତ୍ୟୁ ଦିନ ଘୋଷଣା – ପୁଣି ଷ୍ଟେ ! ଏମିତି ୬୮ ବର୍ଷ ହେଲା ପେଣ୍ଡିଙ୍ଗ୍ ରହିଛି ତ !

ଏବେ ଜଣେ କନ୍ୟାର ନିବେଦନ ଦେଶ ଶୁଣିବ କି ନା ? ସୁଭାଷଙ୍କ ମୃତ୍ୟୁ-ଦିବସ ପାଳନ ହେବନି କାହିଁକି ? ଆପଣ ବି କହନ୍ତୁ ।

(୬.୨.୧୩)

Digitized by srujanika@gmail.com

'ଜାତୀୟତା' / 'ସାମ୍ପ୍ରଦାୟିକତା'

କମର ଛୁଇଁଲେ କାହିଁକି କୁତୁକୁତୁ ଲାଗେ ବା ଲୁଗା ଖସିଗଲେ କାହିଁକି ଅପ୍ରସ୍ତୁତ - ଏକଥା ଜଣଜଣକା ନିଆରା। କେଉଁ ନାଡ଼ କାହାକୁ ଛୁଇଁଚି। କିଏ ହସାଏ ବା କିଏ କନ୍ଦାଏ। ସେମିତି, ଭାରତ ପାଇଁ 'ସାଂପ୍ରଦାୟିକତା' ଏବଂ 'ଜାତୀୟତା' ଦୁଇଟି ବଡ଼ ବୋଝ। ଦୁଇଟିଯାକ କହିବା ବାରମ୍ବାର ଆବଶ୍ୟକ ପଡୁଛି। ହାଟରେ ନାକଚଣା ହଜେଇ ରାତିରେ ଗେରସ୍ତକୁ ଝିଙ୍ଗାସୁଥିବା ନାରୀ ପରି ଦୟନୀୟ ଅବସ୍ଥାରେ ପଡ଼ିଛି ଏ 'ସାମ୍ପ୍ରଦାୟିକ' ବୋଝ। ଖାଲି ଧର୍ମ ବୋଲି ଭାବିବାନି, ଆହୁରି ବହୁ କାରଣରୁ ରଏଟ୍ ହୁଏ। ଆମ ଗଣତାନ୍ତ୍ରିକ ଗହଳିରେ କିଏ ସତୀ-ନାରୀ କିଏ ନଅର-ଦାରୀ ଠଉରେଇବା ଅସମ୍ଭବ ପ୍ରାୟ। ଭାରତ କେତେ 'ଜାତୀୟ' ବା କେତେ 'ସାମ୍ପ୍ରଦାୟିକ'? ଏହାର ଠିକ୍ ଅର୍ଥ ମୋଟେ ଦି' ଜଣ କାଳେ ଜାଣିଥିବେ - ଭଗବାନ ଓ ପାଗଳ।

ସ୍ୱାଧୀନତା ପୂର୍ବରୁ 'ଭାରତ' ନ ଥିଲା। ମାତ୍ର ତା ସମାଜ ସବୁଦିନେ ଥିଲା ଏବଂ ସର୍ବଦା ଥିଲା ସାମ୍ପ୍ରଦାୟିକ। ଏହାର ଉତ୍ପାତ ଉଦ୍‌ବେଗ ଏବଂ ସହାବସ୍ଥାନ ଭିତରେ ଯେମିତି ଜନସମଷ୍ଟି ଚାଲିବା ଉଚିତ, ସେମିତି ଚାଲୁଚାଲୁ ହଠାତ୍ 'ଇଣ୍ଡିଆ' ନାମକ ଏକ ଭୂଖଣ୍ଡ 'ଭାରତ' ନାମକ ଏକ ସ୍ୱାଧୀନ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ ହୋଇଗଲା ଏବଂ ଅର୍ଜେଣ୍ଟଲି ଦରକାର ପଡ଼ିଲା 'ଭାରତୀୟତା' ପରି ଗୋଟେ ବ୍ରାଣ୍ଡ୍। ସରକାରୀ ସହୟତାରେ ତାହା ଚଟ୍ କରି ମିଳିଗଲା। ପାଠ, ପାସପୋର୍ଟ, ଭୋଟ୍, ଚାକିରି, ଏପିଏଲ, ବିପିଏଲ କାରଣରୁ ସମସ୍ତେ 'ଭାରତୀୟ' ହେଲେ। ନ ହେଲେ, ସେ ଜଣକ ସବୁମନ୍ତେ ବିହାରୀ, ବଙ୍ଗାଳୀ ଓ ଓଡ଼ିଆ କି ମାରୁଆଡ଼ି - ଧର୍ମ ଜାତି ଗୋତ୍ରାଦିର ଆକଟ ବା ଉତ୍ସାହ ସହ ତା'ର ସ୍ୱତନ୍ତ୍ର ପରିଚୟ ଥାଏ।

ରାଜ ଥାକ୍‌ରେ ସେପରି 'ଭାରତୀୟ'ଙ୍କୁ ବିହାରୀ କହି ମୁମ୍ବାଇରୁ ଖେଦି

Digitized by srujanika@gmail.com

ଦିଅନ୍ତି । ସେ ଭାରତରେ ଧର୍ମ, ଜାତି, ଗୋଷ୍ଠୀ, ବିବାହ ବା ନାରୀ-ଭୋଗ ପାଇଁ ରଏଟ୍ ହୁଏ । ଅପରାଧ ଯଦିଓ 'ଭାରତୀୟ' ଆଇନରେ ବିଚାର କରାଯାଏ, ଦୋଷୀ କହେ - ମୁଁ 'ଖାପ୍' ଅନ୍ତର୍ଭୁକ୍ତ । ଭାରତ-ଫାରତ କିଛି ଜାଣେନି । ଉପର କୋର୍ଟରୁ ବେଲ୍ ଯୋଗାଡ଼ କରି ସେ ଅସଲ କୋର୍ଟରେ ହାଜର ହୁଏନି କି କେହି ତା'ର କିଛି କରି ପାରନ୍ତିନି । 'ପନ୍ଦର ମିନିଟ ଛାଡ଼ । ଦେଖିବ ...' କହିଥିବା 'ମଜଲିସ୍-ଇ-ଇତେହାଦୁଲ' (ଏମଆଇଏମ) ନାମକ ଏକ ଅଜ୍ଞାତ ହାଇଦ୍ରାବାଦୀ ରାଜନୀତିକ ଦଳର ଏମଏଲଏ ଆକବରୁଦ୍ଦିନ ଓଏସିଙ୍କ ପାଇଁ ଏ ଭାରତ ଗୋଟେ ପ୍ରକାର ତ ଜୟଲଳିତାଙ୍କ ପାଇଁ ତାମିଲନାଡୁରେ କି କୋଲକାତାରେ ମମତା ବାନାର୍ଜୀଙ୍କ ପାଇଁ ଭାରତ ଆଉ ଆଉ ପ୍ରକାର । ଏବଂ ଏ ସମସ୍ତେ ବିଜେତା । ଅଛି ବୋଲି ଦେଖେଇବାକୁ ଛିଣ୍ଡା କାର୍ପେଟ ଦୂରେଇ ପକେଇଲା ପରି 'ଆଇନ ତା ବାଟରେ ଯିବ' କହି ଆମେ ଖୁସି ହେଉ । ହୁସିଆର ଥାଉ, ଅତିଥିଙ୍କ ଗୋଡ଼ ଯେମିତି ନ ବାଜେ । ଇଏ ଆମ 'ଭାରତୀୟତା' । ଏପରି ଦୟନୀୟ ସରକାରୀ ମାନ୍ୟତାରେ 'ଭାରତୀୟତା'କୁ ଆଗ୍ରହ ସହ ପ୍ରଚାର କରାଗଲା । 'ବାଏ ୱାନ ଗେଟ୍ ୱାନ ଫ୍ରି' ପରି 'ଜାତୀୟତା' ମିଳିଗଲା ।

ସ୍ୱାଧୀନତା ଆଗରୁ ଏ ଶବ୍ଦର ଦରକାର ନଥିଲା । ବିଦ୍ରୋହ, ଆନ୍ଦୋଳନ ଯାହା ଚାଲିଲା ସବୁ ସହିତ ଯୋଡ଼ି ହୋଇଥିଲା - କାହାକୁ 'ଭାରତ' କୁହାଯାଏ ଜାଣି ନଥିବା - 'ଭାରତୀୟତା' । ସ୍ୱାଧୀନତା ମିଳିଲା ବେଳକୁ - ଠୋ ! ଥିଲା ଗୋଟାଏ ଭାରତ, ହେଲା ଦି'ଟା ଦେଶ । ଅଟ୍ଲି ପ୍ରଧାନମନ୍ତ୍ରୀ । ସରକାରଙ୍କୁ ଚର୍ଚିଲ କହିଥିଲେ - 'ଭାରତ' ଇକୁଏଟର୍ ପରି ଗୋଟେ ନାଁ - ଦେଶ ନୁହେଁ । ମୋଟେ ସ୍ୱାଧୀନତା ଦିଅନି । ଲୋକେ ଫାଟାଲ୍ ଅବସ୍ଥାରେ ପଡ଼ିଯିବେ । ତାଙ୍କ କଥା ଆମ ପରି ଜାତୀୟତାବାଦୀଙ୍କୁ ନିଶ୍ଚୟ ନିଷ୍ଠୁର ଲାଗିବ । ଆଶ୍ଚର୍ଯ୍ୟ ବି ଲାଗିବ । ଆମ ବିଷୟରେ କେତେ ଠିକ୍ ଅନୁମାନ କରିଥିଲେ ଟି ସିଏ !

ଏ ବ୍ରାଣ୍ଡ 'ଜାତୀୟତା' ପ୍ରଥମରୁ ଲଟକିଛି - 'ବନ୍ଦେ ମାତରମ୍' ଗୀତଠାରୁ । ସାଙ୍ଗରେ ଚାଲିଛି, ହାସାନଙ୍କ 'ବିଶ୍ୱରୂପମ୍'କୁ ଜଖମ କରିବା ପର୍ଯ୍ୟନ୍ତ । 'ସାମ୍ପ୍ରଦାୟିକ' ସ୍ୱଭାବରେ ବଞ୍ଚୁଥିବା ଜୀବନଗୁଡ଼ିକ ଗଣତନ୍ତ୍ର ଛୁଇଁଲେ ଏମିତି ଚମକୁଛନ୍ତି କାହିଁକି ? ଏହା 'ଗଣତନ୍ତ୍ର'ର ଭୁଲ ନା 'ସଂପ୍ରଦାୟ'ର ଭୁଲ ?

(୭.୨.୧୩)

Digitized by srujanika@gmail.com

ପୋସ୍କୋ ସୁଆଙ୍ଗରେ ମଧ୍ୟାନ୍ତର ବିରତି

'ଚାକିରି ଭିତରେ ପୁଲିସ । ମାଛ ଭିତରେ ଇଲିଶି । ଶଶୁରଘର ଯଦି ଧୋୟା / ବେଟା, ହରିକି ଡାକ୍‌ରେ ଭାୟା ।' ମାନେ - ଡେମ୍‌କେୟାର୍ । ଆଗ କାଳ କଥା ଅନୁଯାୟୀ ଏ ତିନୋଟିଯାକ ଥିଲା ହରିବୋଲିଆ ସୁଖ । ଶଶୁରଘର ଯଦି ଧୋୟା ଅଞ୍ଚଳ, ଜ୍ୱାଇଁଙ୍କ ଚର୍ଚ୍ଚା ପାଇଁ ମାଛ ଘିଅ ଦୁଧ ଗ୍ୟାରେଣ୍ଟେଡ୍ ।

'ହରିବୋଲିଆ ସୁଖ' । ଏ ସୁଖର ଟୋଟାଲ୍ କମିଟ୍‌ମେଣ୍ଟ୍ - ଆଭିମୁଖ୍ୟ, ଆଦର୍ଶ ବା ଆଉ ଯାହା କିଛି - ହେଲା ମାତ୍ର ଗୋଟିଏ । ଭୋଜନ ପରେ ନିର୍ମଳ ଚିତ୍ତରେ (ବେଇମାନ ନୁହେଁ!) ଦାତାକୁ କଲ୍ୟାଣ କରି 'ଆନନ୍ଦେକେବାର ହରିବୋଲ' ଗାଇ ଘରକୁ ବାହୁଡ଼ିବ । ପେଟ ଚାଖଣ୍ଡକ ପୂରେଇବା ଛଡ଼ା ଏ ସୁଖରେ ଖାସ୍ କିଛି ପରିଣତି ନ ଥାଏ ବା ପାଇବା ପାଇଁ ନୀତି ନକ୍ସାର ବି ଠିକଣା ନ ଥାଏ । ହେଲେ ହେଲା, ନ ହେଲେ ନାହିଁ ପରି ।

ନବୀନଙ୍କ ଶାସନ ଆରମ୍ଭ କାଳରେ ସରକାରୀ ପ୍ରଚାରରେ 'ପୋସ୍କୋ' କେବଳ ଓଡ଼ିଶା ପାଇଁ ନୁହେଁ - ଦେଶର ଶିଳ୍ପ ଭିତରେ କୁହାଯାଉଥିଲା - କୋହିନୁର ମଣି । ସବୁଠୁଁ ବଡ଼ ଇନ୍‌ଭେଷ୍ଟମେଣ୍ଟ୍ - ପ୍ରାୟ ୫୧ ହଜାର କୋଟି ଟଙ୍କା । ୪୮ ହଜାର ନିଯୁକ୍ତି । ନିର୍ମାଣ ପାଇଁ ଆବଶ୍ୟକ ହେବ ୪୬୭,୦୦୦ ମାନବ ଶ୍ରମ-ବର୍ଷ । ବାର୍ଷିକ ବୈଦେଶିକମୁଦ୍ରା ଉପାର୍ଜନ ହୋଇଥା'ନ୍ତା ୨୩ ବିଲିଅନ ଡଲାର । ଟାକ୍ସ ଓ ରୟାଲ୍‌ଟି ବାବଦରେ କେନ୍ଦ୍ର ପାଇବ ୨୦.୩ ଏବଂ ରାଜ୍ୟ ପାଇବ ୫.୧ - ସବୁ ବିଲିଅନ ଡଲାର । ସେତେବେଳକୁ ୨-ଜି ଓ କୋଇଲା ସ୍କାମ ଭିତରେ ଭିତରେ ଗାଭିଲି ହେଉଥାଏ । ଏଗୁଡ଼ିକର ହଡ଼ପ ପରିମାଣ ଥିଲା ଯଥାକ୍ରମେ ୧,୭.୬୦୦.୪୫ ହଜାର କୋଟି ଏବଂ କୋଇଲା ଦୁର୍ନୀତି ୧,୮୬,୦୦୦ ହଜାର କୋଟି । 'ପୋସ୍କୋ'ର ପ୍ରି-ପ୍ରଚାରଠାରୁ କାହିଁ କେତେ ଉପରେ ।

Digitized by srujanika@gmail.com

ଜୁନ ୨୦୦୫ରେ ଏଥିପାଇଁ ରାଜ୍ୟ ସରକାର ଦକ୍ଷିଣ କୋରିଆର ପୋହଙ୍ଗ ଷ୍ଟିଲ ସହିତ ଏମଓୟୁ ସ୍ୱାକ୍ଷର କଲାବେଳେ ତାକୁ 'ଐତିହାସିକ' କହିବା ପାଇଁ ବେଶ୍ କିଛି କାରଣ ଥିଲା । ପର୍ଯ୍ୟାୟକ୍ରମେ ଉତ୍ପାଦନ ୨୦୧୦ ଜୁଲାଇରୁ ଆରମ୍ଭ ହେବା କଥା । ମାତ୍ର ସର୍ତ୍ତାନୁଯାୟୀ ସରକାର ଆବଶ୍ୟକ ଜମି ଅଧିଗ୍ରହଣ କରି ବା ଜବରଦଖଲ ଉଚ୍ଛେଦ କରି ପୋସ୍କୋକୁ ହସ୍ତାନ୍ତର କରି ପାରି ନାହାଁନ୍ତି ।

ବାସ୍ତବତଃ, 'ପୋସ୍କୋ' ଓ ଓଡ଼ିଶା ଟାଇମ୍-ଜୋନ୍‌ରେ ରାଜ୍ୟ ଶାସନରେ କେବଳ ବିଜୁ ଜନତା ଦଳ ହିଁ ରହିଛି । ଭଲ କି ମନ୍ଦ - ସବୁ ନାଁ ତା'ର । କଂଗ୍ରେସ, ଭାଜପା ବା ଅନ୍ୟ ବିରୋଧୀ ଦଳଠାରୁ ପ୍ରେସ୍-ଷ୍ଟେଟ୍‌ମେଣ୍ଟ ପ୍ରତିବାଦ ଛଡ଼ା ଅଧିକ କିଛି ଆଶା କରାଯାଏନା । ଓଡ଼ିଆଏ 'ପୋସ୍କୋ'-ସ୍ୱପ୍ନ ଦେଖିବାକୁ ଚେଷ୍ଟା କରୁଥିଲେ ବିଜଦ ଜରିଆରେ । ତା ଆଗରୁ 'ପୋସ୍କୋ'କୁ ଦେଖେଇ ଓଡ଼ିଶା ପାଇଁ ସ୍ୱପ୍ନ ବାଣ୍ଟୁଥିଲେ ୟୁପିଏ-୧ ପ୍ରଧାନମନ୍ତ୍ରୀ ମନ ମୋହନ ସିଂହ । ଏମଓୟୁ ସ୍ୱାକ୍ଷର ପରେ ଏ ଦାୟିତ୍ୱ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତକୁ ଆସିଲା । କାର୍ଯ୍ୟକ୍ରମ ଏତେ ତ୍ୱରିତ ଚାଲିଲା ଯେ 'ପୋସ୍କୋ' ଅଞ୍ଚଳରେ ଛଅ ଲକ୍ଷ ଗଛ କାଟି ଦିଆଗଲା । ଅଥଚ, ଚାରିଆଡ଼ ଖୋଲା ଓ ରାସ୍ତାରେ ବାଉଁଶ ପାତିଆ ତିଆରି ଚିଆରିବାଡ଼ ଗେଟ୍ ଦେଖି ପୁଲିସ ତା ଭିତରେ ପଶିଲାନି । ଆଠ ବର୍ଷ ବିତିଗଲା । ଷ୍ଟିଲ ପ୍ଲାଣ୍ଟ ଦେଖା ନାହିଁ । ୨୦୧୦ରୁ ଏମଓୟୁର ପରମାୟୁ ସରିଗଲା । 'ପୋସ୍କୋ' ଆଉ ଧରାଛୁଆଁ ଦେଉନି । ସର୍ତ୍ତ ବଦଳାଇବାକୁ ରାଜ୍ୟ ସରକାରର ନାକ ଝିଙ୍କି ସାରିଲାଣି । ଆଗରୁ ଚିଫ୍ ସେକ୍ରେଟାରି ଏ ସଂପର୍କରେ କିଛି ବୟାନ ଦେଉଥିଲେ, ଏବେ ସେ କାମ କରୁଛନ୍ତି ଜଗତସିଂହପୁର ଜିଲ୍ଲାପାଳ । ଏହା ଛଡ଼ା ଆଉ କିଛି ବିଶ୍ୱାସର ଡକୁମେଣ୍ଟ ନାହିଁ । ମାତ୍ର ବିତିଥିବା ସମୟ ଭିତରେ ସମସ୍ତେ ଲକ୍ଷ୍ୟ କରିଛନ୍ତି ଯେ ନବୀନଙ୍କ ରାଜନୀତିକ ପରାକ୍ରମ ବଢ଼ିଛି ।

ଗତ ବୁଧବାର ଦିନ ପ୍ରସ୍ତାବିତ ପୋସ୍କୋ ଅଞ୍ଚଳରେ ଚାଲିଥିବା ଜମି ଅଧିଗ୍ରହଣ କାର୍ଯ୍ୟ ଲୋକଙ୍କ ବିରୋଧ ଯୋଗୁ 'ସାମୟିକ' ସ୍ଥଗିତ ରଖାଗଲା । ସକାଳୁ ୧୨ ପ୍ଲାଟୁନ୍ ପୁଲିସ୍ ଫୋର୍ସ୍ ସହ ଜିଲ୍ଲାପାଳ ଓ ଏସ.ପି.ଙ୍କ ସମେତ ଜିଲ୍ଲାର ବହୁ ଅଫିସର ଜାଗତିଆର ହୋଇ ଗୋବିନ୍ଦପୁର ପହଞ୍ଚିଲେ । ଗୋଟେପଟେ ସରକାରଙ୍କ ଫଉଜ ଓ ଅଫିସର, ତ ସାମ୍ନାରେ ବିରୋଧୀ । ଜମି ଅଧିଗ୍ରହଣ ବନ୍ଦ ।

ସରକାରଙ୍କର ଏ 'ହରିବୋଲିଆ ସୁଖ'କୁ ଆମେ ଶିଷ୍ଟ କହିବା ନା ଶଠତା ?

(୯.୨.୧୩.)

Digitized by srujanika@gmail.com

ଅ ଫ ଜ ଲ ଗୁ ରୁ ଫା ଶୀ

ଶନିବାର (୯.୨) ସକାଳୁ ଶୁଣିଲାବେଳକୁ ଅଫଜଲ ଗୁରୁ ଶେଷ । ତିହାର ଜେଲ ଭିତରେ ତା' ଫାଶୀ ଓ କବର ସବୁ କାମ ସରିଛି । ତିନି ମାସ ତଳେ ମହାରାଷ୍ଟ୍ର ୟେରଓ୍ୱାଡ଼ା ଜେଲରେ ହୋଇଥିବା ଅଜମଲ କସବ ଫାଶୀ ପରି । ଆଗରୁ କାନୁଁ କାନ୍ ତକ୍ ଖବର ନଥିଲା ।

୨୦୦୧ ଡିସେମ୍ବର ୧୩ । କାଲି ପରି ଭୟାବହତା ମନେପକେଇ ହେଉଛି । ସନ୍ତ୍ରାସବାଦୀମାନେ ପାର୍ଲାମେଣ୍ଟ ଆଟାକ୍ କଲେ । ସେତେବେଳେ କକ୍ଷରେ ଥିଲେ ପ୍ରଧାନମନ୍ତ୍ରୀ ବାଜପେୟୀ, ତାଙ୍କ ମନ୍ତ୍ରୀମଣ୍ଡଳର ସଦସ୍ୟ ଏବଂ ସବୁ ଦଳର ପୂଜ୍ୟପ୍ରତିମ ନେତାମାନେ । ଆତଙ୍କରେ ଦେଶ ଥରି ଉଠିଥିଲା । ସୁରକ୍ଷା ଫଉଜଙ୍କ ଭିତରୁ ଦଶଙ୍କ ଜୀବନ ଗଲା ଏବଂ ପାର୍ଲାମେଣ୍ଟ ରକ୍ଷା ପାଇଲା ।

କିଛିଦିନ ତଳେ କଂଗ୍ରେସ ସାଧାରଣ ସଂପାଦକ ଦିଗବିଜୟ ସିଂହ ନିଜ ଚରିତ୍ର ନଷ୍ଟ କରି ଭାଜପା ଖୁସି ହେବା ପରି କଥାଟେ କହିଥିଲେ । ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ ବା ଭାଜପାକୁ ଆକ୍ଷେପ କରିବାକୁ ସେ ଅନାବଶ୍ୟକ ଭାବେ ହିନ୍ଦୁ ବିରୋଧୀ କଥା କହିପାରନ୍ତି । ୨୦୧୪ ନିର୍ବାଚନ ନେତୃତ୍ୱ ପାଇଁ ରାହୁଲ ଗାନ୍ଧି କଂଗ୍ରେସର ଉପାଧ୍ୟକ୍ଷ ଦାୟିତ୍ୱ ନେବାପରେ ଦିଗ୍‌ବିଜୟ ଦାବି କଲେ ଯେ ଅଫଜଲ ଗୁରୁକୁ ଶୀଘ୍ର ଫାଶୀ ଦିଆଯାଉ ।

ଏକଥା କଂଗ୍ରେସର ଏବେ କାହିଁକି ମନେପଡ଼ିଲା ? ବା କାହା ପାଖରେ ଆଜିଯାଏ ଲଟକି ରହିଥିଲା କି ?

ଆଶ୍ଚର୍ଯ୍ୟ ଯେ ଭାଜପା ବିରୋଧ କଲା ।

ପାର୍ଲାମେଣ୍ଟ ଆକ୍ରମଣଠାରୁ ଆଜିଯାଏଁ ୧ ୨ ବର୍ଷ ଧରି ପାକିସ୍ତାନୀ-କାଶ୍ମୀରୀ ସନ୍ତ୍ରାସବାଦୀ ଅଫଜଲ ଗୁରୁ ହେଉ ବା ୨୦୦୮ ମୁମ୍ବାଇ ଆତଙ୍କବାଦରେ

Digitized by srujanika@gmail.com

ପାକିସ୍ତାନୀ ଅଜମଲ କସବ - ଭାରତରେ କିଛି ଲୋକ ଭାବନ୍ତି ଯେ ଏମାନଙ୍କୁ ଫାଶୀ ଦିଆଯାଇ ପାରିବନି । ସେମାନଙ୍କୁ 'ଦେଶଦ୍ରୋହ' କାଳ୍ପନିକ ଅପରାଧ ପରି ଲାଗେ । ସରକାର ସବୁବେଳେ ଭୁଲ କରେ - ଏହା ଏକ ଜନପ୍ରିୟ ସିଦ୍ଧାନ୍ତ । ମାତ୍ର ଆମର ଏମିତି ରାଜନୀତିକ ସମାଜ ଯେଉଁଠି ସର୍ବଦଳୀୟ ସହମତି ଯୋଗାଡ଼ ନ ହେଲେ କସବ କି ଗୁରୁମାନଙ୍କୁ ଫାଶୀ ଦେଇ ହୁଏନି । ଅନ୍ତତଃ ସେମିତି ଦଳଗୁଡ଼ିକ ଭାବନ୍ତି । ଅଥଚ ଧନଞ୍ଜୟ ଚାଟାର୍ଜୀ ଫାଶୀରେ (କୋଲକାତା ଆଲିପୁର ଜେଲ, ୨୦୦୪) ମାନବାଧିକାର ଓ ଫାଶୀ ବିରୋଧୀ ଏନଜିଓ ଓ କର୍ମୀଙ୍କ ଛଡ଼ା ଆଉ କାହାର କିଛି ଆପତ୍ତି ଉଠେନି ।

ଅଫଜଲର ଫାଶୀ ଭଲ ହେଲା କି ଭୁଲ ହେଲା ବା ତାହା କାହିଁକି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବା କିଏ ସେଥିରୁ କି ଫାଇଦା ପାଇବ - ଗଣତନ୍ତ୍ରରେ ଏ ସମସ୍ତ ଆଲୋଚନା ରହିବ ହିଁ ରହିବ । ମାତ୍ର ଦେଶକୁ ପବିତ୍ର ଅର୍ଥରେ 'ମାତୃଭୂମି' ବୋଲି ଭାବିଲେ, ସେପରି ଦୃଢ଼ତା ଆମେ ସର୍ବଦା ସରକାରଠାରୁ ଆଶା କରିବୁ । ସିଏ ଯେଉଁ ଦଳ ବା ଧର୍ମାଶ୍ରିତ ହୋଇଥା'ନ୍ତୁ ନା କାହିଁକି, କୋର୍ଟ ଆଦେଶ ପାଳନ କରାଯାଉ ।

ଦେଶର ଦୁର୍ଭାଗ୍ୟ ଯେ ଅଫଜଲ କେବେ ଫାଶୀ ଚଢ଼ିବ - ଏହା ଧର୍ମରେ ଡେଣ୍ଟିଙ୍ଗ୍ ପେଣ୍ଡିଙ୍ଗ୍ ହୋଇ ଭୋଟଯୋଗ୍ୟ ହୋଇଛି ! ଏବଂ କଂଗ୍ରେସ ଓ ଭାଜପା ଉଭୟ ତାକୁ ଧରି ଫାଉଲ ମରାମରି ହେଉଛନ୍ତି । ମାନେ - ଭାରତକୁ ଗୁଳି ମାର୍ - ଆଇନ କାନୁନ୍ ସବୁ ଠିକ୍ ଥିଲେ ବି ଅଫଜଲ ଗୁରୁ ବା ତତ୍ତୁଲ୍ୟ ଅପରାଧୀମାନେ ମରିବା ତ ଦୂରର କଥା, ଜେଲ ଦଣ୍ଡ ପାଇବା ବି ଉଚିତ ନୁହେଁ - କାରଣ ସେମାନେ ଧାର୍ମିକ ! ଏହାକୁ କେତେକ 'ଆଦର୍ଶ' କହି ପ୍ରଚାର କରନ୍ତି ଏବଂ ସେଥିପାଇଁ ସମର୍ଥନ ମଧ୍ୟ ହାସଲ କରନ୍ତି । ତିହାର ଜେଲରେ ଫାଶୀ ଦିଆହେଲାବେଳେ, କାଶ୍ମୀରରେ କର୍ଫ୍ୟୁ ହୁଏ ଓ ଇଣ୍ଟରନେଟ୍ ମୋବାଇଲ ଲାଇନ୍ କାଟି ଦିଆଯାଏ ।

ଅଫଜଲ ଗୁରୁର ଦଣ୍ଡ - ଆମେ ତ ଜାଣିଲୁ ଶୁଦ୍ଧ ବିଚାରରେ ହୋଇଛି । ରାଷ୍ଟ୍ରପତିଙ୍କ କ୍ଷମାପ୍ରାର୍ଥନା ନାମଞ୍ଜୁର ହେଲା । ନୂଆ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କର ଏହା ଥିଲା ଦେଶ ପାଇଁ ପ୍ରଥମ ନିରପେକ୍ଷତାର ବାର୍ତ୍ତା । 'ମୋ ସରକାର ଦେଶଦ୍ରୋହୀକୁ କଠୋର ଭାବେ ଦଣ୍ଡିବାକୁ ଚାହେଁ । ଏଥିରେ ଧର୍ମଫର୍ମ କିଛି ଚଳିବନି ।'

(୧୨.୨.୧୩.)

Digitized by srujanika@gmail.com

ପ୍ରେମ ପ୍ରହରୀ ପ୍ରତାରଣା

ଫେବୃଆରି ୧୪ - ଢାକଢମକରେ ଭ୍ୟାଲେଣ୍ଟାଇନ୍ ଡେ' ପାଳନ ସରିଛି। 'ଭାରତୀୟ ସଂସ୍କୃତି' ନାଁରେ ଜମ୍ମୁ, ଦିଲ୍ଲୀ, ଇନ୍ଦୋର, ତାମିଲନାଡୁରେ ହୁଏତ କିଛି ଅଘଟଣ ଘଟିଛି । ପାକିସ୍ତାନର ମୁସଲମାନ ଧର୍ମବାଦୀମାନେ ମଧ୍ୟ ଏପରି ବାଜେ ଦିବସ ପାଳନର ବିରୋଧୀ । ଧରାପଡ଼ିବା ପ୍ରେମୀମାନେ କିଛି ଯାତନା ପାଆନ୍ତି । ପୁଣି ସେମାନେ ମନକୁ ବୁଝାଇ ଦିଅନ୍ତି - ପ୍ରେମ ପାଇଁ କେତେ କୁର୍ବାନ ଲୋଡ଼ା ଟି ! ତା ତୁଳନାରେ ଇଏ କି କଷ୍ଟ ଅବା ? ଧାର୍ମିକ କେବେ ବି ସାଧାରଣ ଅର୍ଥରେ ପ୍ରେମକୁ ପ୍ରଶ୍ରୟ ଦିଏନା । ରାଧା-କୃଷ୍ଣ ପ୍ରେମ କଥା କହିଲେ - ହଁ, ଭାରି ବଢ଼ିଆ । ସେଥିରେ କାୟା, ମାୟା, ଦିବ୍ୟତା ଓ ଦର୍ଶନ କୁଆଡ଼େ ସବୁ ଅଛି ଏବଂ କିଛି ନାହିଁ । ଆଉ ତମ-ଆମ କଥା ସେଇଆ ହେଲେ - ଘୋର ପାପ ! ଆମର ଗୋଟିଏ ଢଗ ଏହିପରି । ଯେତେ ବାନ୍ଧ - ପାଣି ଝରରେ ଯାଏ । ଯେତେ ଜଗ - ପ୍ରୀତି ଗୋପନେ ହୁଏ । ମନ ବୁଲୁଥାଏ ଲୁଚିଲୁଚିକା । ପ୍ରେମ ହଲୁଥାଏ ଘୁଞ୍ଚିଘୁଞ୍ଚିକା । କାରଣ ଆମ ଶାସ୍ତ୍ରରେ ପ୍ରେମର ଠାକୁର ଠାକୁରାଣୀ - ରତିଦେବୀ ଓ କାମଦେବ - ଦିହେଁ ଅଦୃଶ୍ୟ । ସେମାନେ ଯାଇତାଇ ଲୋକଙ୍କ ସାଙ୍ଗରେ ଲାଗନ୍ତିନି । କୁସୁମ ଶର ମାରି ଶିବ ପାର୍ବତୀ ଇତ୍ୟାଦିଙ୍କୁ ଘାଇଲା କରନ୍ତି ।

ଖ୍ରୀଷ୍ଟ ଧର୍ମର ବହୁ ସେଣ୍ଟ୍ ଓ ସହୀଦଙ୍କ ନାଁ ଭ୍ୟାଲେଣ୍ଟାଇନ । ରୋମ୍‌ର ସେଣ୍ଟ୍ ଭ୍ୟାଲେଣ୍ଟାଇନ ପ୍ରେମକୁ ପ୍ରଶ୍ରୟ ଦେଇ ପ୍ରେମୀମାନଙ୍କୁ ବିବାହ କରାଇ ଦେଉଥିଲେ ଏବଂ ସେଥିଯୋଗୁ ତାଙ୍କୁ 'ଧର୍ମଦ୍ରୋହୀ' ଅଭିଯୋଗରେ ମୃତ୍ୟୁଦଣ୍ଡ ଦିଆଯାଇଥିଲା ଓ ସେ ସହୀଦ ହୋଇଥିଲେ ୨୬୯ ଖ୍ରୀଷ୍ଟାବ୍ଦରେ । ଏ ଭ୍ୟାଲେଣ୍ଟାଇନ ନିଜେ କାହାକୁ ପ୍ରେମ କରିବା ବିଷୟ କେହି କହନ୍ତିନି ।

ଫେବୃଆରି ୬, ୨୦୦୯ ଦିନ ପ୍ରମୋଦ ମୁଥାଲିକଙ୍କ ନେତୃତ୍ୱରେ 'ଶ୍ରୀ

Digitized by srujanika@gmail.com

ରାମ ସେନା' ନାମକ ଏକ ହିନ୍ଦୁ ସଂଗଠନ ମାଙ୍ଗାଲୋରର ହୋଟେଲ ରେଷ୍ଟୁରାଣ୍ଟରେ ପଶି ପ୍ରେମୀଯୁଗଳଙ୍କୁ ବାଡ଼େଇଲେ । ସେମାନଙ୍କ ଯୁକ୍ତି ଥିଲା: ତମେ ଯଦି ହିନ୍ଦୁ ତା'ହେଲେ ଏମିତି ପ୍ରେମ କରିପାରିବନି । କେମିତି କରିବା ଉଚିତ ବା ନ କରିବା ବିଧେୟ, ସେକଥା ବି କେହି କହିଲେନି । ମୁଥାଲିକ ଆଉ ଦି' ପାହୁଣ୍ଡ ଆଗକୁ ଯାଇ ଘୋଷଣା କଲେ - ଭ୍ୟାଲେଣ୍ଟାଇନ ଡେ' ଦିନ ଆମ କର୍ମୀ ଚାରିଆଡ଼େ ବୁଲିବେ । ସେମାନଙ୍କ ପାଖରେ ଥିବ ଦୁର୍ବାକ୍ଷତ, ହଳଦୀ, ମଙ୍ଗଳସୂତ୍ର ଏବଂ ସାଙ୍ଗରେ ଥିବେ ପୁରୋହିତ । ଏମିତିକା ଯୋଡ଼ି ମିଳିଲେ ସେମାନେ ସ୍ପଟ୍‌ରେ ମାଡ଼ିବସି ଦି' ଜଣଙ୍କୁ ବାହା କରିଦେବେ । 'ଭାରତୀୟତା'କୁ ଲାଂଛିତ କଲା ପରି ଏ ଅପ-ସଂସ୍କୃତିର ପ୍ରବେଶ ଆମେ କରାଇ ଦେବୁ ନାହିଁ ।

ଆଜିକାଲି ଗାଁଗଣ୍ଡାରେ ବି ବଢ଼ିଆ କାର୍ଡ ଓ କେତେ ପ୍ରକାର ଗିଫ୍ଟ ମିଳୁଛି । ମେସେଜ ତ ଚତୁର୍ଦ୍ଦିଗ । ରିପିଟ୍ ଫରୱାର୍ଡ କଲେ ବି ଚଳୁଛି । ଏ ଦିବସର ଆନୁଷ୍ଠାନିକ ଆୟୋଜନ କୁଆଡ଼େ ଆମ 'ସଂସ୍କୃତି'ର ଦିବ୍ୟମୟ ସ୍ତମ୍ଭଗୁଡ଼ିକୁ ହଲେଇ ଦେଉଛି ଏବଂ ବିବାହ ପାଇଁ ରହିଥିବା ଭାରତୀୟ ଧାର୍ମିକ ବିଶ୍ୱାସକୁ ଅପଦସ୍ଥ କରୁଛି । ଏହା ବିରୁଦ୍ଧରେ ସଂସ୍କାରବାଦୀମାନେ ସର୍ବଦା ହୁରି କରୁଥା'ନ୍ତି । ଅନ୍ୟ ଦିନ ଯୁବକ ଯୁବତୀ ଏକାଠି ବସି ଖିଆପିଆ କଲେ କିଛି ଆପତ୍ତି ନାହିଁ, ମାତ୍ର ସେ କାମ ଫେବ୍ରୁଆରି ୧୪ରେ ହେଲେ କଥା ସଇଲା । 'ଶିବ ସେନା' ପରି ହିନ୍ଦୁ ତରଫଦାରି ଦଳର କର୍ମୀମାନେ ହୋଟେଲରେ ପଶିବେ । ସେଠି ମାରପିଟ୍ ଓ ଭଙ୍ଗାରୁଜା କରି ଧର୍ମଧ୍ୱଜା ଥାପି ବାହୁଡ଼ି ଆସିବେ ।

ମାତ୍ର ପ୍ରେମ ନିଜ ଦିବ୍ୟ ପଥରେ ଚାଲିଥାଏ । ସେଥିରେ ଇଂଲିଶ କ୍ୟାଲେଣ୍ଡର ମୁତାବକ - ଫେବ୍ରୁଆରିରେ ଭ୍ୟାଲେଣ୍ଟାଇନ ଡେ' । ମେ' ମାସ ୨ୟ ରବିବାର ମଦର୍‌ସ ଡେ' । (ତା' ପର ବର୍ଷ) ମେ' ୨ - ବେବି ଡେ' । ଜୁନ - ଫାଦର୍‌ସ ଡେ' । ଜୁଲାଇ - ପ୍ୟାରେଣ୍ଟ୍‌ସ ଡେ' ।

ସେଦିନରୁ ଆଜି ପର୍ଯ୍ୟନ୍ତ 'ଅପ-ସଂସ୍କୃତି'ର ବେଗ ବନ୍ଦ ହୋଇନି ତ । ବରଂ କାୟାରେ ତାହା ଢେର ବଢ଼ିଛି । 'ସଂସ୍କୃତି' - ଘଣ୍ଟାକୁ ୫୦୦ କିଲୋମିଟର ବିଜୁଳି ବେଗରେ ଦଉଡୁଥିବା ରେଳଗାଡ଼ିର ସ୍ଥିର ଚିତ୍ର - ଯାହା ଶାଢ଼ିରେ ଆସେନି କି ବଢ଼ିରେ ଯାଏନି ।

(୧୬.୨.୧୩.)

Digitized by srujanika@gmail.com

ମୁଗୁରା - ଡ୍ୟାସ୍ ମେଳା

ମୁଗୁରାର ମୁହଁ ବାଟେ ମାଛ ପଶେ ଯେ ଆଉ ବିଚରା ବାହାରି ପାରେନି । ତା ଅବତାର ଶେଷ ହୁଏ । ଆଉ ଯଦି ମୁଗୁରା ପଛ ଖୋଲା ତା'ହେଲେ କଥା ସରିଲା । ବାପ ପୁଅ ରାତି ଅନିଦ୍ରା ହୋଇ ମାହାରା ଜଗି ବସିଥା'ନ୍ତୁ। କ'ଣ ପାଇବେ ? ତେଣେ ମାଛଙ୍କର ଯିବା ଆସିବା ପାଇଁ ନେସନାଲ ହାଇ-ୱେ ତ ଖୋଲା !

ସରକାର ଓ ଶାସନରେ ଅସଂଖ୍ୟ ବରବାଦୀ ପରେ ଗତ ଫେବ୍ରୁଆରି ୯ ଦିନ ଜଣେ ସନ୍ତ୍ରାସବାଦୀ ଅଫଜଲ ଗୁରୁକୁ ଫାଶୀ ଦେଇ ଗଡ଼ ଜିତିଲା ପରି ୟୁପିଏ-୨ (କଂଗ୍ରେସ) ସରକାର ଭୋଟରଙ୍କ ଆସ୍ଥା ହାସଲ କରିଛି ବୋଲି ପଡିଆରାରେ ଗଣ୍ଠି ପକେଇ ଶାନ୍ତିରେ ଆଗାମୀ ନିର୍ବାଚନ କଥା ଭାବିଥା'ନ୍ତା । ଏବେ ଷ୍ଟେଜ୍ ସେଟ୍ । ରାହୁଲ ଗାନ୍ଧିଙ୍କ ଅଭିଷେକ ସରିଛି । ଅପେକ୍ଷା ରହିଛି - ନିର୍ବାଚନ ହେବ ଓ ସେ ପ୍ରଧାନମନ୍ତ୍ରୀ ହେବେ ।

ଯଦି ... ? ମାତ୍ର କଥା ଯଦି ଗଣତନ୍ତ୍ର, ଏ ଆଶଙ୍କା ଏକଦମ ଓ୍ୱାଜିବ ।

୧୯୯୯-୨୦୦୦ର ଘଟଣାବଳୀ । ଏନଡିଏ ଶାସନ । ମନେ ପକାଇପାରିବା । କେତେ ମନ୍ତ୍ରୀ ଭାରି ଲିବରାଲ ଓ ସୋସାଲିଷ୍ଟ ଥିଲେ । ପ୍ରତିରକ୍ଷାମନ୍ତ୍ରୀ ଜର୍ଜ ଫର୍ଣ୍ଣାଣ୍ଡେଜ ସେଥିରୁ ଜଣେ । ସେ ଜଓ୍ୱାନ-ଫ୍ରେଣ୍ଡଲି ହେଲେ । ହିମାଳୟର ପୂର୍ବ କାରାକୋରମ ପର୍ବତ ଶୃଙ୍ଖଳାରେ ଅବସ୍ଥିତ ୭୦ କିଲୋମିଟର ବିସ୍ତୃତ ସିଆଚେନ ଗ୍ଲେସିଅରରେ ଦେଶକୁ ଜଗୁଥିବା ସୈନ୍ୟଙ୍କୁ ଭେଟିଲେ । ଏହା ଜନଶୂନ୍ୟ ବରଫ ଅଞ୍ଚଳ । ସମୁଦ୍ର-ପତ୍ତନରୁ ୧୧,୮୭୫ରୁ ୧୮୮୭୫ ଫୁଟଯାଏ ଉଚ୍ଚରେ । ସେଥିରେ ରହିଛି ଭାରତ ଓ ପାକିସ୍ତାନ ଭିତରେ ନିର୍ଦ୍ଧାରିତ 'ଲାଇନ ଅଫ୍ କଣ୍ଟ୍ରୋଲ' । ସେଠି ଅଧିକ ଯୁଦ୍ଧ ହୁଏ ଏବଂ ଉଭୟ ସୈନ୍ୟ ଜାଗତିଆର ରହନ୍ତି । ପୂର୍ବକୁ, ଚୀନର ସୀମା । ଫର୍ଣ୍ଣାଣ୍ଡେଜ ପ୍ରତିରକ୍ଷାମନ୍ତ୍ରୀ ଥିବା ତିନି ବର୍ଷ ଭିତରେ ପ୍ରାୟ ପଚିଶ ଥର

Digitized by srujanika@gmail.com

ସିଆଚେନ ଗସ୍ତରେ ଯାଇଥିଲେ। ସେଠିକି ମୁଖ୍ୟ ସେନାଧ୍ୟକ୍ଷ ବି ଯଆନ୍ତି ନାହିଁ।

ଯାହାହେଉ, ସେତେବେଳେ ଭିଭିଆଇପିଙ୍କ ଯାତାୟତ ପାଇଁ ସରକାର ୧୨ଟି ଅତ୍ୟାଧୁନିକ ହେଲିକେପ୍ଟର ଖର୍ଦ୍ଦି କରିବାକୁ ବିଚାରିଲେ, ଯାହା ୧୮ ଶହ ଫୁଟରୁ ଅଧିକ ଉଞ୍ଚା ଉଡ଼ିବାକୁ ଯୋଗ୍ୟ ହୋଇଥିବ । ବାୟୁସେନା ମୁଖ୍ୟ ଥିଲେ ଅନିଲ ଟିପ୍‌ନିସ। ଜଣାଗଲା ଯେ ପୃଥିବୀରେ ଏମିତିକା ହେଲିକେପ୍ଟର କେହି ନିର୍ମାଣ କରନ୍ତିନି । ଗୋଟିଏ କମ୍ପାନୀ ମିଳିଲା - 'ୟୁରୋକୋପ୍ଟର'। ପୁଣି ଭୟ ରହିଲା, ସିଙ୍ଗଲ୍-ଟେଣ୍ଡର୍ । ଏହା ଆଭଏଡ୍ କରିବାକୁ ଜାତୀୟ ସୁରକ୍ଷା ପରାମର୍ଶଦାତା ବ୍ରଜେଶ ମିଶ୍ର ୨୦୦୩ରେ ହେଲିକେପ୍ଟର ଉଡ଼ାଣ ଦକ୍ଷତାକୁ ୧୮ରୁ ୧୫ ହଜାର ଫୁଟକୁ କମାଇବାକୁ ଓ କ୍ୟାବିନ ନିର୍ମାଣରେ 'ଏସପିଜି' 'ଓକେ' କହିବା ଦରକାର କହି ସୁପାରିଶ କଲେ । ବାୟୁସେନା ମୁଖ୍ୟ ଥିଲେ ଏସ.ପି. ତ୍ୟାଗୀ । ୨୦୦୬, ସରକାର ୟୁପିଏ । ନୂଆ ବରାଦ ମୁତାବକ ବିକ୍ରେତା ଆହ୍ୱାନ କରାଗଲା। 'ଏସପିଜି' ସୁପାରିଶ ଅନୁଯାୟୀ ଉଚ୍ଚା ଛାତ, ଚଉଡ଼ା ବଡ୍ଡି ଓ ଏଙ୍ଗଲ୍ଚ-୧୦୧ ତିନି-ଇଂଜିନିଆ ହେଲିକେପ୍ଟର ଉପଯୁକ୍ତ ଲାଗିଲା। ୩୬ ହଜାର କୋଟି ମୂଲ୍ୟରେ ୧୨ଟି। ସେତେବେଳକୁ ବାୟୁସେନା ମୁଖ୍ୟ ଫଲି ମେଜର । 'ସିକରସ୍କାଏ' ଓ 'ଅଗଷ୍ଟା-ୱେଷ୍ଟ୍‌ଲ୍ୟାଣ୍ଡ' - ଏ ଦୁଇଟି କମ୍ପାନୀ ପ୍ରତିଯୋଗିତା ଭିତରକୁ ଆସିଲେ। ଦରଦାମ୍ ମୂଲଚାଲ ଆରମ୍ଭ ହେଲା । ୨୦୧୦ରେ ସପ୍ଲାଇ ପାଇଁ ଚୁକ୍ତି ହେଲା ଇଟାଲି କମ୍ପାନୀ 'ଫିନ୍‌ମେକାନିକା' ସହିତ 'ଅଗଷ୍ଟା-ୱେଷ୍ଟ୍‌ଲ୍ୟାଣ୍ଡ' ସପ୍ଲାଇ ପାଇଁ। ପ୍ରଥମ ୩ଟି ହେଲିକେପ୍ଟର ୨୦୧୨ରେ ପହଞ୍ଚିଲା । ଥ୍ୟାଙ୍କ୍ସ ବ୍ୟୁରୋକ୍ରାସି! ଫର୍ଣ୍ଣାଣ୍ଡେଜ ଚଢ଼ି ପାରି ନ ଥିଲେ ବା ତାଙ୍କ ପରେ ଆଉ କେହି ପ୍ରତିରକ୍ଷା ମନ୍ତ୍ରୀ ସିଆଚେନ ଯାଇନାହାଁନ୍ତି ।

ଏବେ କଥା ବିଗିଡ଼ିଛି । ବାକି ସପ୍ଲାଇ କ୍ୟାନ୍‌ସେଲ କରି କମ୍ପାନୀ ବ୍ଲାକ୍-ଲିଷ୍ଟ୍ ଯାଏଁ କଥା ଗଲାଣି । କାରଣ, ଭାରତରେ ଏ ବେପାର ହାସଲ କରିବାକୁ 'ଫିନ୍‌ମେକାନିକା' ୫୧ ମିଲିଅନ ୟୁରୋ-ଡଲାର ବା ୩୬୨ କୋଟି ଟଙ୍କା ଲାଞ୍ଚ ଦେବା କଥା କମ୍ପାନି ହିସାବ ତଦାରଖ ବେଳେ ଇଟାଲିରେ ଧରା ପଡ଼ିଗଲା । ସାରୁ ଖୋଳଖୋଳୁ ମହାଦେବ ଅବିର୍ଭାବ ହେଉଥିବା ପରି ଭାରତରେ ଏବେ ଚାଲିବ ସେକେଣ୍ଡ ଷ୍ଟେଜ୍ ଡ୍ରାମା ବା ଦୁର୍ନୀତିର ଗବେଷଣା ।

ଲାଞ୍ଚ ନେଲା କିଏ? ସବିଆଇ ତଦନ୍ତ ଜାରି। ଇଟାଲି କୋର୍ଟ ଏ ବାବଦରେ କିଛି ଡକୁମେଣ୍ଟ ଭାରତକୁ ଦେବନି ବୋଲି ଶନିବାର ଦିନ ଆଦେଶ କରିଛନ୍ତି । ୮୦ ଦଶକର 'ବୋଫର୍ସ'-ଲାଞ୍ଚ - ଏହା ପୂର୍ବ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧି ଓ କଂଗ୍ରେସ ଦଳର ସର୍ବନାଶ କରିଥିଲା। ଯୋଗସୂତ୍ର ପରି, ତା'ର ଖଳନାୟକ ଅତ୍ତାଭିଅନ କତ୍ରୋଚି ଓ ସୋନିଆ ଗାନ୍ଧି - ଉଭୟଙ୍କ ଜନ୍ମ ଇଟାଲିରେ। ଡିଫେନ୍ସ ହେଲିକେପ୍ଟର ଲାଞ୍ଚ - ଏଠି ବି ଇଟାଲି କନେକ୍ସନ! ଅନ୍ତତଃ ଭାଜପା ଏକଥା ଡାଉଟ୍ କରୁଛି। ୨-ଜି ହେଉ ବା ଡିଫେନ୍ସ ହେଉ - ସବୁ ଦୁର୍ନୀତି ମାନେ ହେଲା ରୁପେୟା । କୌଣସି ଚୋରିରେ ଦେଶ-ଭକ୍ତି ନ ଥାଏ । କିନ୍ତୁ କେଜାଣି କାହିଁକି ଆମେ ଭାବୁ ଯେ ପ୍ରତିରକ୍ଷା-ଚୋରି ଦେଶ-ଦ୍ରୋହୀ ଏବଂ ଅନ୍ୟ ଦୁର୍ନୀତିଗୁଡ଼ିକୁ ଦେଶ-ଭକ୍ତମାନେ କରନ୍ତି !

(୧୮.୨.୧୩.)

Digitized by srujanika@gmail.com

ହାତ ଟାଇଟ୍ ପକେଟ୍ କଣା

ଗତ ଶନିବାର ବିଧାନସଭା ବିବରଣୀରେ 'ଧାନ-ବୋନସ, ଚାଷୀ-ପେନ୍‌ସନ' ଶୀର୍ଷକ ମୁଲତବୀ ପ୍ରସ୍ତାବ ଆଲୋଚନା ଏତେ କୁତୂହଳୀ ଥିଲା ଯେ ତାହା ଲୀଳାବତୀଙ୍କୁ ମାନସାଙ୍କ ଭୁଲେଇଦେବ । ବିରୋଧୀଦଳ ନେତା ପ୍ରସାଦ ହରିଚନ୍ଦନ (କଂଗ୍ରେସ) ବଢ଼ିଆ ସାମ୍ନୁଲଟେ ରଖିଲେ । ୫୦ ବର୍ଷ ତଳେ ୧୦ ଗ୍ରାମ (ଆମେ ଜାଣିବାରେ, ତୋଳାଏ ବା ୧୧.୬୬ ଗ୍ରାମ) ସୁନାର ଦାମ ଥିଲା - ୧୫୦ ଟଙ୍କା । ତାହା ଏବେକୁ ୧୫୦ ଗୁଣ ବଢ଼ି ଦଶ ଗ୍ରାମ ରହିଛି ତିରିଶ ହଜାର ଉପରେ । ମାସକୁ ୧୦୦ ଟଙ୍କା ବେତନ ପାଉଥିବା ଲୋକର ରୋଜଗାର ୧୫୦ ଗୁଣ ବଢ଼ି ୧୫ ହଜାର ଟଙ୍କା ହୋଇଛି ।

ତେଣୁ ହେ ସରକାର, ଜବାବ ଦିଅ - ୧୯୫୦ରେ ଧାନର ମୂଲ୍ୟ ଥିଲା କୁଇଣ୍ଟାଲ ୮୦ ଟଙ୍କା । (ବୋଧେ ଏତେ ନୁହେଁ ।) ତାହା ଯଦି ୧୫୦ ଗୁଣ ବଢ଼ିଥା'ନ୍ତା ତା'ହେଲେ କୁଇଣ୍ଟାଲ ଦାମ ହୋଇଥା'ନ୍ତା ୧୨ ହଜାର ଟଙ୍କା । ମୁକ୍ତାଠୁଁ ବି ମୂଲ୍ୟବାନ୍! କବିତା ପାଇଁ ଠିକ୍ ଯେ ହେଲେ ମୁକ୍ତା ତ ଚାଉଳର ବିକଳ୍ପ ନୁହେଁ । ମଣିଷ ବଞ୍ଚିଥା'ନ୍ତା କିପରି ? ଯାହା ହେଉ, ସେମିତି କିଛି ହୋଇନି । ସବୁ ଦର ବଢୁ ପଛେ, ଷାଠିଏ ବର୍ଷ ଭିତରେ ଶସ୍ତାରୁ ଶସ୍ତା ଯୋଜନା ଚାଉଳ ବଜାରରେ ପଶିଛି । ଧାନର ସରକାରୀ ଦର ରହିଛି ୧୨୫୦ ଟଙ୍କା, ପ୍ରାଇଭେଟ୍ ଦର ଡିପେଣ୍ଡ୍ କରେ ଚାଷୀ ଓ ମହାଜନଙ୍କ ଡିମାଣ୍ଡ-ସପ୍ଲାଇ ଥିଓରି ଉପରେ ।

ତେଣୁ ଏବେ କୁଇଣ୍ଟାଲ ପିଛା ୧୦ ହଜାର ୭୫୦ ଟଙ୍କା ଡେଫିସିଟ୍ ହିସାବକୁ ସମୁଦ୍ର ବେଳାରେ ଶିପ ଶାମୁକାର ରଙ୍ଗ ଓ ଗଠନ ଦେଖି ସେଗୁଡ଼ାକୁ ପ୍ରେମ କଲା ପରି ଭୁଲି ଯିବା ଉଚିତ । ଚାଷ ସତ ନ ହେଉ ପଛେ - ଚାଉଳ ସତ । ଭୋକ ସତ ନ ହେଉ ପଛେ - ଗରିବ ସତ ।

ସବୁ ବଢ଼ିଲା ତ, ଚାଷ କାହିଁକି ବଢ଼ିଲାନି ? ଦଳମତ ନିର୍ବିଶେଷରେ

Digitized by srujanika@gmail.com

କୌଣସି ସରକାର କେବେ ବି ଚାଷକୁ ପ୍ରାଧାନ୍ୟ ଦେଇନାହାଁନ୍ତି । ଶିଳ୍ପ ଓ ଖଣି ଛାଡ଼ି ଆଉ କିଛି ଦେଖିବାକୁ ମନ କରିନାହାଁନ୍ତି । ଯୋଜନାରେ କୃଷି - ବହୁତ ହୋଇଛି ସରକାରଙ୍କ କର୍ପୋରେସନ ବେପାରରେ। ଚେୟାରମ୍ୟାନଙ୍କ ଆଇଏଏସ ପଦ କୁଆଡ଼େ ଯାଏନା - ଚାଷୀ ବିଲକୁ ପାଣି ପାଏନା । ପଏଣ୍ଟ ଶୁଖି ଯାଇଥାଏ। କାରଣ ସରକାର 'ଲିଫ୍ଟ-ଇରିଗେସନ ଡିପାର୍ଟମେଣ୍ଟ' ଉଠେଇ ଦିଅନ୍ତି। ଏପରି ଅସରନ୍ତି ଉଦାହରଣ । ନୂଆ ତାଲିକା ଘୋଷଣା କରିବାକୁ ଅକ୍ଷମ ସରକାର ଏବେ କହୁଛନ୍ତି ଯେ ପ୍ରାଚୀନ ୧୯୯୭-ହିସାବ ଅନୁଯାୟୀ ରାଜ୍ୟରେ ବିପିଏଲ ସଂଖ୍ୟା ୧୨% କମିଛି । ଭଲ ହେଲା। ତା'ହେଲେ ଚାଉଳ କାହିଁକି ଟଙ୍କାଏ ହେଲା ? ଏହା ଭିତରେ ଗାଁରେ ବିପିଏଲଙ୍କ ପୁଅଝିଅମାନେ ସରକାରୀ ବେସରକାରୀ ଚାକିରି କରି ସହରରେ, ରାଜଧାନୀରେ କୋଠା କଲେଣି। ସମୃଦ୍ଧି ପାଇଁ ସରକାର ସାବାସି ପାଇବା କଥା । ମାତ୍ର 'ସମୃଦ୍ଧ' କାହିଁକି ଟଙ୍କାକିଆ ଚାଉଳ ପାଇବ ? ସରକାରଙ୍କ ପାଖରେ ଏ ପ୍ରଶ୍ନର ଉତ୍ତର ନାହିଁ ।

ଶେଷ ସମ୍ବାଦ ଅନୁଯାୟୀ, କଂଗ୍ରେସ ଧାନ କୁଇଣ୍ଟାଲ ପିଛା ୩ ଶହ ଟଙ୍କା ବୋନସ୍ ଏବଂ ଚାଷୀକୁ ମାସିକ ୫ ହଜାର ଟଙ୍କା ପେନ୍‌ସନ ଦାବି କଲା । କେନ୍ଦ୍ର ସରକାରର ବାହାଦୁରୀ ଓ ଅନ୍ୟ ରାଜ୍ୟର ଚାଷୀ-ହିତ କଥା କହିଲା । ତା'ପରେ ଓଡ଼ିଶା ବିଧାନସଭାର ଗତିପଥ ସରଳ ଓ ସୁଗମ । କିଛି ଉଚ୍ଚବାଚ, କଂଗ୍ରେସ-ବିଜଦ ବା କେନ୍ଦ୍ର-ରାଜ୍ୟ ଭିତରେ ପରସ୍ପର ଦୋଷାରୋପ ଏବଂ ସର୍ବଶେଷରେ କକ୍ଷତ୍ୟାଗ ।

ଏଥର ବି ସେଇଆ ହେଲା । ପ୍ରସଙ୍ଗକୁ ହେୟଜ୍ଞାନ କଲାପରି କୃଷିମନ୍ତ୍ରୀ ଦେବୀପ୍ରସାଦ ମିଶ୍ର କହିଲେ 'ଧାନ-ବୋନସ୍ କି କୃଷି-ପେନ୍‌ସନ' - ଏ କଥାଗୁଡ଼ାକ ସରକାର ମୋଟେ ଭାବି ନାହାଁନ୍ତି । ବରଂ ଆମେ ଚାଷୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଅନେକ ପଦକ୍ଷେପ ନେଇଛୁ ଓ ସେ ସବୁ କଥା 'ରାଜ୍ୟ କୃଷି ନୀତି, ୨୦୦୮'ରେ ଲେଖିଚୁ । ଆପଣମାନେ ତାକୁ ପଢ଼ିଦେବେ । ଲେଖା ଅଛି ମାନେ - ସରକାର ନିଶ୍ଚେ ସବୁ କାମ କରୁଛନ୍ତି !

ଏବଂ ଏପରି ଉତ୍ତରରେ ଅସନ୍ତୁଷ୍ଟ ହୋଇ ବିରୋଧୀମାନେ କକ୍ଷତ୍ୟାଗ କଲେ।

(୧୯.୨.୧୩.)

Digitized by srujanika@gmail.com

ଅଧା ଆତ୍ମାର ବିଳାପ

ଫେବ୍ରୁଆରି ୨୦-୨୧ : ଅଲ୍-ଇଣ୍ଡିଆ ଟ୍ରେଡ୍-ୟୁନିଅନ ଷ୍ଟ୍ରାଇକ୍

ଫେବ୍ରୁଆରି ୧୫, ୨୦୧୩ ଥିଲା ଏକ ଅଶୁଭ ଶୁକ୍ରବାର । ପ୍ରଚଣ୍ଡ ବିସ୍ଫୋରଣ ଓ ଆଲୋକ ସହ ସେଦିନ ଏକ ପ୍ରକାଣ୍ଡ ଉଲ୍‌କାପିଣ୍ଡ ପୃଥିବୀ ଉପରେ ପଡ଼ିଲା । ଦୀର୍ଘ ଦିନରୁ ଏହାର ଗତିପଥ ସାରା ବିଶ୍ୱର ବୈଜ୍ଞାନିକମାନେ ନିରୀକ୍ଷଣ କରୁଥିଲେ । ଯେତେବେଳେ ଜଣା ପଡ଼ିଲା ଯେ ଗତି ନାହିଁ, ଏ ଉଲ୍‌କା ପୃଥିବୀରେ ନିଶ୍ଚୟ ବାଜିବ - ସେତେବେଳେ ଅନ୍ତରୀକ୍ଷରେ ତା' ସାଇଜ ଥିଲା ପ୍ରାୟ ଫୁଟ୍‌ବଲ ପଡ଼ିଆ ପରି ବିଶାଳ । ଏମିତି ଏକ ଉଲ୍‌କା ଯୋଗୁ ପୃଥିବୀପୃଷ୍ଠରୁ ଡାଇନୋସର କୁଳ ଲୋପ ହୋଇଥିଲା ।

ମନେ ପଡ଼ିଲା ତହିଁର ଢେର ଆଗରୁ - ପ୍ରାୟ ଡିସେମ୍ବରରେ, 'ଅଚ୍ୟୁତାନନ୍ଦ ମାଳିକା'ର ପଦ ବୁଝେଇ ଟିଭିରେ ଜଣେ ବ୍ୟାଖ୍ୟାକାର କହୁଥିଲେ - ୨୦୧୩ ଅମୁକ ଦିନ ଏତେ ତାରିଖରେ ପୃଥ୍ୱୀ ଶେଷ ହେବ ! ଆଳୁ ଶବ୍ଦର ଅର୍ଥ କଦଳୀ ଓ ଛେନା ମାନେ କନ୍ଦମୂଳ - ଶବ୍ଦ-ଶୃଙ୍ଖଳାକୁ ଯଥେଚ୍ଛା ବିବସନ କରି ମାଳିକା ଗଣନାର ସେ ଭୟାନକ ତାରିଖ ଥିଲା - ୧୩ ଫେବ୍ରୁଆରି ୨୦୧୩ । ମାତ୍ର ଦୁଇ ଦିନ ପରେ ଉଲ୍‌କାପିଣ୍ଡ ବାଡ଼େଇ ହେଲା ପୃଥିବୀ ସହିତ, ରୁଷିଆର ଏକ ବରଫ ହ୍ରଦରେ ।

ମାଳିକା ସତରେ କ'ଣ କହେ ଏବଂ ଲୋକେ ତାକୁ କାହିଁକି ଭବିଷ୍ୟବାଣୀ ବୋଲି ବୁଝନ୍ତି ? ଡରିବା ମଣିଷ ପାଇଁ ବଡ଼ ସାହିତ୍ୟ । ଡରୁ ପୁଣି କିପରି ? ନିଅତହୀନ ନିଷ୍ଠା ସହକାରେ । ହେଲା, ବିଶ୍ୱାସ କରିବା ଯେ ପ୍ରଭୁ ଅଚ୍ୟୁତ ଆଗତ-ଭବିଷ୍ୟ କଳ୍ପନା କରି ତାକୁ ତାରିଖରେ ସଜେଇ ଆମକୁ ହୁସିଆର କରିବାକୁ 'ମାଳିକା' ଲେଖିଲେ । ହେଲେ ଆମେ ତାହା ସାରା ଜୀବନ ମାନି ପାରିବୁନି ବୋଲି ଅଷ୍ଟପହରୀ-ଚବିଶପହରୀ ଭିତରେ ଲିମିଟ୍ କରିଦେଲୁ ।

Digitized by srujanika@gmail.com

ସେତିକି ଦିନ ନିଶ୍ଚୟ ସାଧୁ ରହିବୁ । ପାପ ବାଚକ କୌଣସି କର୍ମର ପାଖ ମାଡ଼ିବୁନି । ସେତେବେଳେ ପିନ୍ଧୁଥିବୁ ଶାନ୍ତିପୁରୀ ଯୋଡ଼, ନାଉଥିବୁ ରାମାନନ୍ଦୀ ଚିତା ଏବଂ ସିଲିକ୍ ପଞ୍ଜାବି ତଳୁ ଦେଖା ଯାଉଥିବ ଜୟ ବୀର ବଜରଙ୍ଗବଳୀଙ୍କ ନିଦା ଲକେଟ୍ ।

ଟିଭି ଚ୍ୟାନେଲ ବୁଝେଇଲେ ବି ଆମେ ଏ ପପୁଲାର ଆଇଡିଆର 'ଶ୍ରୀମଦ୍‌ଭାଗବତ' ପବିତ୍ର ପଦଟି ମନେ ପକେଇବା : 'ନିମିଷେ ହେବ ପୃଥ୍ୱୀ ନାଶ' । ଯେମିତି ନାନା ମହାଜାଗତିକ ବିସ୍ମୟରୁ ସୃଷ୍ଟି ସମ୍ଭବ ହୋଇଥିଲା, ସେମିତି ଲୋପ ହୋଇପାରେ । ମଣିଷ ଆକସ୍ମିକତାକୁ ଡରେ । କାରଣ ସେ ପ୍ଲାନିଂରେ ବଞ୍ଚିବା ଶିଖି ତା'ପରେ 'ମହାଭାରତ'ର ଅଭିମନ୍ୟୁଙ୍କ ପରି ମାତୃଗର୍ଭରୁ ଜନ୍ମ ନିଏ - ଅଧା ବିଦ୍ୟା ଶିଖି ମରିବା ଲାଗି । ତେଣୁ ତା ପ୍ରଥମ ଗରଜ ରହେ - ମୁଁ ଯଦି ଧ୍ୱଂସ ହେବି, ଶାସ୍ତ୍ର ମୋର କେଉଁ କାମକୁ ? ଡାଇନୋସର କଥା ଜାଣିଥିବା ମଣିଷ ଏ ଉଲ୍‌କାକୁ ନ ଡରିବ କେମିତି ?

ଏଥିରେ କିଛି ପଲିଟିକ୍ସ ନାହିଁ । ମାତ୍ର ଫେବ୍ରୁଆରି ୨୦ ଓ ୨୧ ଧର୍ମଘଟ ଧମକରେ ରାଜନୀତି ଛଡ଼ା ଆଉ କିଛି ନାହିଁ । ଦେଶର ଏକ ପ୍ରମୁଖ ୟୁନିଅନ ହିନ୍ଦ୍ ମଜଦୁର ସଭାର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ତଥା ଦିଲ୍ଲୀ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ରାଜେନ୍ଦ୍ର ସାଚାର ଓ ଆଇନ ଭିତରେ ସମାଜବାଦୀ ଚିନ୍ତାଧାରା ବାରମ୍ବାର ବ୍ୟକ୍ତ କରିଥିବା ବିଚାରପତି ଭି.କେ.କ୍ରିଷ୍ଣା ଆୟାରଙ୍କୁ ଯଦି ବିଶ୍ୱାସ କରାଯାଏ, ଉଭୟ ନିଜ ନିଜ ଢଙ୍ଗରେ କହିଛନ୍ତି ଯେ : ସ୍ୱାଧୀନ ଭାରତରେ ଶ୍ରମିକର ସ୍ଥିତିକୁ ଏହି ଆଇନ କେବଳ କିଛି ମାତ୍ରାରେ ସ୍ୱୀକୃତି ଦେଇ ପାରିଛି; ହେଲେ କାମୁଡ଼ିବାକୁ ତା'ର ଦାନ୍ତ ନାହିଁ ।

ଆଜି ଅବସ୍ଥା ସେପରି ନାହିଁ । ଜଗତୀକରଣ ଅର୍ଥନୀତିରେ ଶ୍ରମ ରୂପାନ୍ତରିତ ହୋଇସାରିଛି । ୟୁନିଅନ-ତତ୍ତ୍ୱର ସମର୍ଥକମାନେ ନିଜ ଜ୍ଞାତ ଅଭ୍ୟାସ ଜାହିର କରିବାକୁ ଚାହଁନ୍ତି । ନୂଆ ପିଢ଼ି ଶ୍ରମିକଙ୍କ ମନୋଭାବ ଯୋଗୁ ନିରୁପାୟ ଅବସ୍ଥାରେ ରହିଛନ୍ତି ୟୁନିଅନଗୁଡ଼ିକ । ତହିଁର ପ୍ରତିଫଳନ ଆଇନଶୃଙ୍ଖଳା ସୃଷ୍ଟି କରୁଛି । ପ୍ରାୟ ଅଶୀ ଦଶକରୁ ଅସଂଗଠିତ ଶ୍ରମିକଙ୍କୁ ସଂଗଠିତ କରିବା ଉଦ୍ୟମ ୟୁନିଅନଗୁଡ଼ିକ ଆରମ୍ଭ କରିଛନ୍ତି ।

ଭାରତରେ ଶ୍ରମର ରୂପ କ'ଣ ଏହା ସେମାନେ ଅନୁଭବ କରିବା ପୂର୍ବରୁ ଶ୍ରମିକ ନିଜ ରୂପ ବଦଳାଇ ଦେଇଛି । ଯେଉଁମାନଙ୍କୁ ସେମାନେ 'ଅସଂଗଠିତ' ବୋଲି କହୁଛନ୍ତି, ସେମାନେ ଅଣ-ୟୁନିଅନ ଉପାୟରେ ରୋଜଗାର କରିବାକୁ ଅଭ୍ୟାସ କଲେଣି । ଏହି ନିଷ୍ଠୁର ସତ୍ୟକୁ ଉପଲବ୍ଧି କରିବାକୁ ହୁଏତ ନେତାମାନଙ୍କର ସାହସ ନାହିଁ ଅଥବା ସେମାନେ ନିଜର ପୁରୁଣାକାଳିଆ ଅଭ୍ୟାସ ବଦଳାଇବାକୁ ଚାହଁନ୍ତି ନାହିଁ ।

(୨୦.୨.୧୩.)

Digitized by srujanika@gmail.com

ଅଥ ବିଲ୍ୱମଙ୍ଗଳ କଥା

ଅନାଦରେ ସ୍ନେହ ମିଳେ, ସ୍ନେହେ ସ୍ନେହ ମିଳେନା

ବିଟପୀ ନାରୀକି ଶେଯ ସୁପାତି / ସତୀ ନାରୀ ହୁଏ ଦାସୀ ।
ଗୋରସ ବିକନ୍ତି ସାଇ ଧାଇ ବୁଲି / ମଦ ବିକାଯାଏ ବସି ।।

ଢଗର ବୋଧଗମ୍ୟତା ସର୍ବକାଳୀନ ଏବଂ ଜୀବନ୍ତ । ପର ପିରତିର ମାୟା - ଏକଥା ମାଇପଠୁ କାହୁଁ ମିଳିବ ? ମାଇପ ମନ ରଖିବାକୁ କେଉଁଦିନ ସୁଆଗରେ ବେଡ୍‌ସିଟ୍ ଖଣ୍ଡେ ଘରକୁ ନ ଆଣିଥିବା ବହୁ ଗେରସ୍ତ ଥିବେ । ସେମାନେ ଆନ-ପ୍ରୀତି ପାଇଁ କି କାର୍ଯ୍ୟ ନ କରନ୍ତି ? ହୋଟେଲର ରୁମ୍-ବୟ ହାତରୁ ଛଡ଼େଇ ବେଡ୍ ସଜାଡ଼ନ୍ତି ! ସେଥିପାଇଁ ପରା ବିଲ୍ୱମଙ୍ଗଳ ଝଡ଼, ବତାସ, ଅନ୍ଧାର, ବନ୍ୟା, ବିସ୍ମୟ, ବିପଦ କିଛି ମାନି ନଥିଲା । ଆଖି ବୁଜିଲେ ବି ଦେଖା ଯାଉଥାଏ ବେଶ୍ୟାର କୋମଳ କାନ୍ତ କାୟା । ସୁନ୍ଦରୀ ସ୍ତ୍ରୀକୁ ଆଡ଼ଆଖିରେ ଅନେଇଲାନି । ସେ ଦିନେ ଶବ ଉପରେ ନଈ ପାରି ହୋଇ ଓ ସାପକୁ ବରଓହଳ ଭାବି ତାକୁ ଧରି ଚଢ଼ିଲା । ଚିନ୍ତାମଣି ପାଖରେ ହାଜର ହୋଇ କେମିତି ଆସିଛି, ସବୁ ବାହାଦୁରି ଗପିଲା ଏବଂ ସେଇ ଦିନ ତା ମନରୁ ପ୍ରେମର ଏ ନୁଙ୍ଗୁରା ଝୁଙ୍କ ଉତୁରି ଗଲା ସେ ବେଶ୍ୟାଗାମୀ ଯୁବକ ପରେ ହେଲେ ବିଖ୍ୟାତ ବିଲ୍ୱମଙ୍ଗଳାଚାର୍ଯ୍ୟ ।

ଇଏ ସିନା ପଣ୍ଡିତଙ୍କ ଗପ । ଅନ୍ୟ ବିଲ୍ୱମଙ୍ଗଳମାନେ କ'ଣ କରିବେ ?

'ସତୀ ନାରୀ' କି ସମାର୍ଥବୋଧକ 'ସତିଆ ପୁରୁଷ' - ଏମାନେ ପୁରୀ ଭିତର ପାରା । ଚଣା ଛଡ଼ା ଦାନା ଜାଣିନି । ଡେଣାରେ ମାମୁଲି ବଳ । ଉଡ଼ି ଶିଖିନି । ଗହନ ଜଙ୍ଗଲ ଦେଖିନି କି ସବୁ ଫଳଫୁଲ ଚିହ୍ନିନି । କାଳେ ବିଷ ଫଳରେ ଥଣ୍ଟ ମାରିଦେବ, ଏ ଡରରେ ତାକୁ ସଂସାର ଉପଦେଶ ଦିଏ - ଜାଣିଚୁ, ଦେହରେ ଆଲେର୍ଜି ହେବା ଯାହା, ମନରେ ଆଲେର୍ଜି ହେବା ସେଇଆ ।

Digitized by srujanika@gmail.com

ଚିନ୍ତା କରନା, ଦେହ-ବେମାରି ଓଷଦରେ ଭଲ ହେବ । ମନ-ଆଲେର୍ଜି - ଆପେ ସଜାଡ଼ି ହୁଏ । ବେଶିରୁ ବେଶି ହେଲେ ସେଇଟା 'ଚରିତ୍ର' ଭିତରେ ପଶି ଯାଏ । ତେଣୁ ଆମେ କହୁ - ପାରାରେ, ଅଜଣା ପରିବା ମୋଟେ ଖାଇବୁନି । ଯୁଆଡ଼େ ବୁଲୁଚୁ ବୁଲୁ, ସଞ୍ଜ ଆଗରୁ ଆସି ପୁରୀରେ ପଶିଯିବୁ ।

ଆଜି ଭାଷାରେ - ଏଇ ତୋ ଫ୍ରିଡମ୍, ଏଇ ତୋ ଫୁଡ୍-ସିକୁରିଟି ।

'ଗୋରସ ବିକନ୍ତି ସାଇ ସାଇ ବୁଲି / ମଦ ବିକାଯାଏ ବସି' - କ୍ୱାଲିଟି ପାଇଁ କ୍ଷୀରବାଲା ସବୁଦିନେ ଶୋଧା ଖାଏ । ମାତ୍ର ମଦ କାଉଣ୍ଟରରେ ? ଆଗେ ପଇସା ଦାଖଲ, ପରେ ଭିତରୁ ଆସିବ ବୋତଲ । ସେଥିରେ ମଦ ଥିବା କେହି ଜାଣିବେନି - ଆଇନର ଏ ଆବଶ୍ୟକତା ପାଳନ କରିବାକୁ ବୋତଲକୁ କାଗଜରେ ଲୁଚେଇ ଡେଲିଭରି ଦିଆଯାଏ । ଲୁଚେଇବା ବେଳେବେଳେ ଦେଖେଇବାଠାରୁ ବି ଅଧିକ ଦୌରାତ୍ମ୍ୟ କରିପାରେ । ସବୁ ବୋତଲ ତ ମୁକୁଳା ମିଳେ, ଯଦି କାଗଜ ଗୁଡ଼ା ହୋଇଛି - ତା'ହେଲେ ସେଇଟା ନିଶ୍ଚୟ ମଦ । ଏଥରେ କୋଉ କଥା ଲୁଚିଲା ?

ଯାହାହେଉ, ମଣିଷ ମନରେ ବାରଣକୁ ଅନେଇବା ଲୋଭ ସବୁବେଳେ ଟାଣ । ଡ୍ରେସ୍‌ରେ କଣାଟା ଆଗେ ଆଖିରେ ପଡ଼େ । ସେମିତି ବିଷ ଫଳ ଚାଖିବା ଲୋଭ ବି ଗ୍ରାସେ ।

ଲମ୍ବା ବିରତି ପରେ ଗତ ଶନିବାର ଦିନ ନିଜକୁ 'ବିଦ୍ରୋହୀ' କହୁଥିବା ବିଜୁ ଜନତା ଦଳର ରାଜ୍ୟସଭା ସାଂସଦ ପ୍ୟାରୀ ମୋହନ ମହାପାତ୍ର ମିଡିଆକୁ କହିଲେ ଯେ ତାଙ୍କର କୁଆଡ଼େ ମାଓବାଦୀଙ୍କ ସହିତ ସଂପର୍କ ଅଛି ବୋଲି ଭଡ଼ାଟିଆ ଅଭିଯୋଗକାରୀ ଯୋଗାଡ଼ କରି ମୁଖ୍ୟମନ୍ତ୍ରୀ ତାଙ୍କୁ ଗିରଫ କରିବା ପରି 'ମାରାତ୍ମକ ଷଡ଼ଯନ୍ତ୍ର'ରେ ଲାଗି ପଡ଼ିଛନ୍ତି । ଏଥିରୁ ସେ ନିବୃତ୍ତ ହୁଅନ୍ତୁ । ନ ହେଲେ, ପରବର୍ତ୍ତୀ ପରିଣତି ଆହୁରି ଭୟାବହ ହେବ ଏବଂ ତାଙ୍କ ସିଂହାସନ ବି ଟଳିଯିବ ! କ୍ରିମିନାଲ ଲ'ରେ 'ପ୍ରିଭିଲେଜ୍ ଅଫ୍ ଆକିଉଜ୍‌ଡ' ପରି ଗୋଟେ ଆଇଡିଆ । ଚୋର କୋଉ ବାଟେ ପଶି ସିନ୍ଧି କରିଥିଲା, ତାହା ସେ ଜାଣେ । ଏପରି ଜାଣିବା ତା' ପାଇଁ ଅପରାଧ ନୁହେଁ । କନ୍‌ଫେସନ କରିବାକୁ କେହି ଚୋରି କରନ୍ତିନି, ତେଣୁ ପ୍ରମାଣ ହେଲେ ଦଣ୍ଡ ମିଳିବ ।

'ଆଲିବାବା-ଚାଲିଶ ଚୋର୍' ଭାଗବାଣ୍ଟ ପରି ଲାଗିଲା ଏ ଡାଇଗଲ୍ । ଧରି ନେବା ଯେ ଦୀର୍ଘ କାଳ ଧରି ଦଳର ମଉଡ଼ମଣି ଥିବା ପ୍ୟାରୀ ବାବୁ ମୁଖ୍ୟମନ୍ତ୍ରୀଙ୍କର ବହୁ ଗଫଲତି ଜାଣନ୍ତି । ନିଜେ ଲୋକହସା ହେବା ଛଡ଼ା ନବୀନ ସରକାର ବିରୁଦ୍ଧରେ କିଛି ସେ କରି ପାରିନାହାଁନ୍ତି ।

ତାଙ୍କ 'ବିଦ୍ରୋହ' ଆରମ୍ଭ - ମେ' ୨୯, ୨୦୧୨ରୁ ଆଜି ପର୍ଯ୍ୟନ୍ତ ସବୁବେଳେ ସେ ଟୁ-ଦି-ପଏଣ୍ଟ୍ କଥା କହୁଛନ୍ତି । ଏଥର କହିଲେ, ଶ୍ରମିକଙ୍କ ପାଇଁ ନବୀନ କରିଛନ୍ତି କ'ଣ ? ତୁଚ୍ଛା ନିର୍ବାଚନୀ ଚାଲବାଜି ଘୋଷଣା । ଏ ଅଭିଯୋଗ ପ୍ରାୟ ସତ । କିନ୍ତୁ, 'ମଦ ବିକାଯାଏ ବସି' । ଭିଡ଼ ନବୀନଙ୍କ ପାଖରେ । କ'ଣ କରିବା - ଭଲ କଥା ସବୁବେଳେ ଚାଲେନି ଏବଂ ଦୁର୍ଭାଗ୍ୟ ଯେ ପ୍ୟାରୀ ବାବୁଙ୍କ 'ପଏଣ୍ଟ୍'ର ସମର୍ଥକ କେହି ମିଳୁନାହାଁନ୍ତି । ତେଣୁ ଦଳରେ ଏବଂ ସରକାରରେ ନବୀନଙ୍କ କୁର୍ତ୍ତା ପାଇଜାମା ବି ହଲିନି ।

(୨୧.୨.୧୩.)

Digitized by srujanika@gmail.com

ଓ ଡ଼ି ଶା ବ ଜେ ଟ

ଗିଫ୍ଟରେ ମୋବାଇଲ ପୋକଟରେ ସିମ୍-କାର୍ଡ

ଗତ ମଙ୍ଗଳବାର ଅର୍ଥମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ୨୦୧୩-୧୪ ପାଇଁ ୬୦ ହଜାର ୩୦୩ କୋଟି ଟଙ୍କାର ବଜେଟ ଆଗତ କରିଛନ୍ତି, ଯାହା ଚଳିତ ସରକାରର ଶେଷ ବଜେଟ । ତା ଆଗକୁ ସାଧାରଣ ନିର୍ବାଚନ। କାୟା ଓ ମାୟାରେ ଏ ବଜେଟ ଯେ ସଭାବଡ଼ା ମଉଛୁକ ବା ହରିବୋଲିଆ ଶିରିଣି ପରି ହେବା କଥା ଜଣାଥିଲା। ତାହା ହିଁ ହୋଇଛି।

ଅଣଯୋଜନା - ୩୭୯୫୮.୫୭ କୋଟି, ରାଜ୍ୟ-ଯୋଜନା - ୧୯୩୬୭ କୋଟି, କେନ୍ଦ୍ର-ଯୋଜନା -୧୮୮୧.୭୨ କୋଟି ଏବଂ କେନ୍ଦ୍ର-ପ୍ରବର୍ତ୍ତିତ ଯୋଜନା - ୧୮୮୧.୭୨ କୋଟି । ରାଜସ୍ୱ ବଳକା ୧୯୦୪ କୋଟି ୬୧ ଲକ୍ଷ ଟଙ୍କା ହେବ । ଏହା ମୋଟ ଘରୋଇ ଉତ୍ପାଦନ (ଜିଏସଡ଼ିପି)ର ୦.୬୫ ପ୍ରତିଶତ। ସେହିପରି ରାଜସ୍ୱ ନିଅଣ୍ଟ ହେବ ୫୯୪୫ କୋଟି ୧୩ଲକ୍ଷ । ଏହା 'ଜିଏସଡ଼ିପି'ର ୨.୦୩%। ଆର୍ଥିକ ବର୍ଷ ଶେଷରେ ଋଣ ଭାର ୪୫୫୫୬ କୋଟି ୧୨ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଲୋକସଂଖ୍ୟା ଅନୁଯାୟୀ ମୁଣ୍ଡପିଛା ଦଶ ହଜାର ଟଙ୍କାରୁ ଅଧିକ। ଏହା ମୋଟ ଘରୋଇ ଉତ୍ପାଦର ୧୫.୫୮% ହେବ ବୋଲି କୁହାଯାଇଛି। ବିସ୍ତାରିତ ଏ ତାଲିକା । ଟିକସ ବଢ଼ିନି । ବଳକା ବଜେଟ। ଟଙ୍କାକିଆ ଚାଉଳ ପାଇଁ ୧୩୧୨ କୋଟି। 'ଆମ୍-ଆଦ୍‌ମୀ' - ମାନେ, ଲୋକସମସ୍ତାଃ ବା ଆମେ ପୁରସ୍ତମମାନେ, ବଜେଟକୁ ଯେଉଁ ଅର୍ଥରେ ବୁଝୁ, ସେ ମାପରେ ଇଏ ଏକ ଭଲ ବଜେଟ। ବାଣ୍ଟିକୁଣ୍ଟି ଚାରିଆଡ଼େ କିଛିକିଛି ଦିଆ ଯାଇଛି । କେଉଁଠି କଟାକଟି ହୋଇନି । ବ୍ୟୟର ଅଟକଳ ବଢ଼ିଛି ୧୬% ଏବଂ ସୁଖ ଲାଗୁଛି ଯେ ଶିଳ୍ପ ଉପରୁ ସରକାରଙ୍କ ଝୁଙ୍କ ଉତୁରି ଯାଇଛି ।

Digitized by srujanika@gmail.com

କଂଗ୍ରେସ ଓ ଭାଜପା ନାନା ବାହାନାରେ ନିନ୍ଦା କରିଛନ୍ତି ଓ ଏକା 'ଆସୋକାମ' (ଆସୋସିଏଟେଡ୍ ଚ୍ୟାମ୍ବର ଅଫ୍ କମର୍ସ ଏଣ୍ଡ୍ ଇଣ୍ଡଷ୍ଟ୍ରି) କହିଛି - ବଢ଼ିଆ ବଜେଟ । ଅନ୍ୟ ରାଜ୍ୟ ନବୀନଙ୍କ ପନ୍ଥା ଅନୁସରଣ କରନ୍ତୁ ।

ଏଥିପାଇଁ ଦେଖାଯାଏ ଦୁଇଟି କାରଣ । ୧. ଶିଳ୍ପ ନାଁରେ ଯେମିତି ପ୍ରଚାର ସେପରି ସଫଳତା ହାସଲ କରିବା ସରକାର ପକ୍ଷରେ ସମ୍ଭବ ହୋଇନି । ବିଫଳତାର ଲମ୍ବା ଦସ୍ତାବିଜ୍ । ସବୁଠୁଁ ଅଧିକ ଏଫଡିଆଇ 'ପୋସ୍କୋ' ଲଟକି ରହିଛି । ଲକ୍ଷ୍ମୀ ମିତ୍ତଲ 'ଆର୍‌ସେଲ ଷ୍ଟିଲ' ଆସି ପାରିଲାନି । 'ବେଦାନ୍ତ' - ଯା ଶିଳ୍ପ-ସୁନାମିରେ ଓଡ଼ିଶା ଆକ୍ରାନ୍ତ । ପୁରୀରେ ଜମି ଓ ଘର ହେଲା ଅମୂଲ ମୂଲ । ଏବେ ଝାରସୁଗୁଡ଼ାରେ ତା' ସୁରମ୍ୟ ଆପାର୍ଟମେଣ୍ଟ ବିକ୍ରି ହେଉଛି । ନିୟମଗିରି ଦୂର ଲାଗୁଛି । 'ଟାଟା'ର ଓଡ଼ିଶା ସହିତ ପ୍ରାଚୀନ ସଂପର୍କ ଯେ ଲାଗୁଛି ଟା-ଟା ପରି । ଶହେରୁ ଅଧିକ ବର୍ଷ ତଳେ ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଲିଜ୍ ଅର୍ଡରରେ 'ଟାଟା'କୁ ଗୋରୁମହିଷାଣି ବାଦାମପାହାଡ଼ରୁ ଲୁହାପଥର ଦେଲେ । ମହାରାଜା କହିଥିଲେ - ଆମ ପିଲାଙ୍କ ଶିକ୍ଷା ସ୍ୱାସ୍ଥ୍ୟ ବୁଝିବ । ଟାଟା ନେଇ ଜାଣେ, ଓଡ଼ିଶାକୁ ଦେଇ ଜାଣେନି । ୨. ଶିଳ୍ପ ନାଁ ଶୁଣିବାକୁ ଲୋକେ ଆଉ ଭଲ ପାଉନାହାଁନ୍ତି । ସରକାର ଭିତ୍ତିଭୂମି ଯୋଗାଇ ପାରୁନାହାଁନ୍ତି । ପାଣି ମିଳୁନି କି ଖଣି ମିଳୁନି । ଶିଳ୍ପ ପାଇଁ ପୁଲିସ ଓ ଲୋକଙ୍କ ଭିତରେ ସବୁବେଳେ ଫୌଜଦାରି ।

ଆଗକୁ ନିର୍ବାଚନ । ସରକାର ମନ ଭୁଲେଇ ଦେଲେ । ଏଥର ଧାନ କୃଷି ଆଡ଼କୁ ଦେଲାପରି ଲାଗୁଛି । ସେଥିପାଇଁ ୭ ହଜାର ୧୬୧ କୋଟି ୮୪ ଲକ୍ଷ ଟଙ୍କାର ସେପାଲ ବଜେଟ । ବଢ଼ିଛି ଏକାଥରେ ୨୭% ।

ଗତ ବର୍ଷ ବଜେଟ ପରିମାଣ ଥିଲା ପ୍ରାୟ ୫୦ ହଜାର କୋଟି ଟଙ୍କା । ସେଦିନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ ଉଲ୍ଲସିତ ହୋଇ ମେହେର କବିଙ୍କ କବିତାରୁ କୋଡେଟି ପଙ୍‌କ୍ତି ଗାଇଥିଲେ ।

'ଉଠ ଭାଇ ଉଠ ନବୀନ ଆଲୋକେ । ଶୋଇଥିଲେ ଚାହିଁ ହସୁଥିବେ ଲୋକେ ।।
ଶୁଭ କର୍ମପଥେ ହୁଅ ଅଗ୍ରସର । ଚକ୍ଷୁ ମଳିବାକୁ ନାହିଁ ଅବସର ।।
ମାତୃଭୂମି ମାତୃଭାଷାର ବଦନ । ଦୀପ୍ତ କର ଦେଇ ଧନ ଧାନ୍ୟ ମାନ ।।' (ଅର୍ଘ୍ୟଥାଳ)

ତତ୍କାଳ ଆମର ମତ ଥିଲା ଯେ ଗଙ୍ଗାଧରଙ୍କ ଗୀତ ସହିତ ସାମ୍ୟ ଖୋଜିବା ତ ଦୂରର କଥା, ସରକାରର ତା' ସହିତ କିଛି ଭାବନାବ ବି ନାହିଁ । ବୋଧେ 'ନବୀନ' ନାମକ ଶବ୍ଦଟି ମନ୍ତ୍ରୀଙ୍କୁ ବିମୋହିତ କରିଛି । ଶାସ୍ତ୍ର ପୁରାଣରେ ମନ୍ତ୍ର-ନିନ୍ଦା ଗୋଟେ ବଡ଼ ଦ୍ରୋହ । ବିଶ୍ୱାସୀମାନେ ଧରି ନିଅନ୍ତି ଯେ ମନ୍ତ୍ରର ଉଚ୍ଚାରଣ ଭୁଲ ହେଲେ ଠାକୁର କି ପିଶାଚ ଶାନ୍ତି ହେବେ କ'ଣ, ଆଉ ବାଗେ ମାଡ଼ି ବସନ୍ତି । ପୁରୋହିତର ମନ୍ତ୍ର ଉଚ୍ଚାରଣ ଭୁଲ ହେଲେ କର୍ତ୍ତାର ହୁଏ ସର୍ବନାଶ । 'ହସ' ହଜିଛି ପ୍ରଫୁଲ୍ଲଙ୍କ ଓଠରୁ ଏବଂ 'ଶୁଭ କର୍ମପଥ'ରେ ଚାଲିଛନ୍ତି ପ୍ରସନ୍ନ ଆଚାର୍ଯ୍ୟ । ସେ ଚାଷୀକୁ ମୋବାଇଲ ଓ ମାଛୁଆଙ୍କୁ ସିମ୍-କାର୍ଡ ଦେବେ ।

(୨୨.୨.୧୩.)

Digitized by srujanika@gmail.com

ତ୍ରିଶଙ୍କୁ ପାଇଁ ନିଆରା ସ୍ୱର୍ଗ

ବିରସ ବିମନା ଆଶାରେ ହସେ
ଗୁଣ୍ଡାମାଳି ନାଇ କତିରେ ବସେ
କହେ କାହାକୁ ?
ହାତ କାତ ମେଲି ପତି ଶୋଇ ଥାଏ
ମନ ପାତି ଦିଏ ଚଉବାହାକୁ ॥

ନାରୀ ଜୀବନରେ ବହୁ ଦୁଃଖ । କିନ୍ତୁ ଏ ଯାତନା ନିଆରା । ଓଢ଼ଣା ଓ ଶଙ୍ଖା ସିନ୍ଦୂରର ଆଟୋପ ଆଡୁଆଳରେ ସେ ନିଜର ସ୍ଥିତି ଜାହିର କରୁଥାଏ - ପିଲା ମୋର, ସ୍ୱାମୀ ମୋର। ଘର ଓ ଜମିବାଡ଼ି ମୋ ନାଁରେ। ବ୍ୟାଙ୍କରେ ଜଏଣ୍ଟ୍ ଆକାଉଣ୍ଟ୍। ଲକର୍, ମୋ ନାଁରେ। ହୁକୁମ ଶୁଣିବାକୁ ଚାରିପଟେ ସେବାକାରୀ । ସବୁ ମୋର ! ମନର ସେତିକି ଇଚ୍ଛା ଛଡ଼ା - ଡାଉଟ୍ ନାହିଁ - ତା' ପାଇଁ ଜଗତ ସତରେ ସୁଖମୟ ।

'ମନ' ତାକୁ କାହା ପାଖକୁ ନେଇଥିଲା ଏବଂ ଶେଷରେ ଡିପୋଜିଟ୍ କଲା କାହା ପାଖରେ ? ଦିନକର ହୁତାଶନ ସେ ନିଜ ଭିତରେ ପୋଡ଼ି ଦିଏ । ବେଶି ଅଶାନ୍ତ ହେଲେ ? ତେଣିକି ସବୁକଥା ଡିପେଣ୍ଡ୍ କରେ। ଯାଡୁସ୍ୟାଡୁ କଲେ ମନ୍ଦ ଲାଗେନି ।

ଯଦି ତାହା ବି ହେଲା, ଆମେ ଏ ନାରୀର କାମୁକତାକୁ ନିନ୍ଦା କରିବା ନା ସ୍ୱାମୀର 'ଅସିଦ୍ଧତା'କୁ ?

୨୯. ୫. ୨୦୧୨ । ପ୍ୟାରୀଙ୍କ ନବୀନ-ବିଦ୍ରୋହ ଦିବସ । ସତ କି ଭୁଲବୁଝାମଣା ଯାହା ହେଉ ପଛେ - 'ପଞ୍ଚତନ୍ତ୍ର' ଗପ ପରି ସେଦିନୁଁ ଦିହେଁ ଚଦାଚଦି ହୋଇ ରହିଲେ । ବିଶ୍ୱାସ ହଜି ଗଲା । ମାତ୍ରା ଟପିଲା । ଇଏ କହିଲେ 'ଭସ୍ମାସୁର', 'କୃତଘ୍ନ'; ସିଏ କହିଲେ 'ବେଇମାନ୍' । ବିଜୟର ସ୍ୱର ସବୁବେଳେ

Digitized by srujanika@gmail.com

ଗହଳିଆ । ତେଣୁ ନବୀନ ଶୁଭିଲେ । ପ୍ୟାରୀ ବି ଶୁଭିଲେ, କିନ୍ତୁ ଅଲଗା ରକମ । ସେତେବେଳକୁ ସେ ଦଳରେ ଥିଲେ ବାର ବର୍ଷର ଦିଗ୍‌ଦର୍ଶକ । ସରକାରରେ ଥିଲେ ମୁଖ୍ୟମନ୍ତ୍ରୀଙ୍କ ସୁପର୍-ପ୍ରକ୍ସି । ସଚରାଚର ଶୁଣିବାକୁ ମିଳୁଥିଲା, କୁଆଡ଼େ ଇଏ କହିଲେ ସିଏ ସାଇନ୍ କରନ୍ତି । 'ଅଙ୍କଲ' ଗପ ଷ୍ଟାର୍ଟ ହେଲା ନବୀନଙ୍କ ପ୍ରଥମ ମନ୍ତ୍ରିମଣ୍ଡଳ ଆରମ୍ଭରୁ ଏବଂ କ୍ଲୋଜ୍ ହେଲା ପୋସ୍‌କୋ 'ଏମଓୟୁ' ପରେ । ପ୍ୟାରୀଙ୍କୁ ବିଭିନ୍ନ ଉପାଧିରେ ସମ୍ବୋଧନ କରା ଯାଉଥିଲା । ପୋଷ୍ଟରରେ ନବୀନଙ୍କ ଫଟୋ ଯେମିତି କି ସେମିତି ରହି, କ୍ରମେ ବିଜୁଙ୍କ ଫଟୋ ମଳିନ ହେଲା ଓ ପ୍ୟାରୀଙ୍କ ଫଟୋ ହେଲା ଉଜ୍ଜ୍ୱଳ ।

ବାପାଙ୍କ ନାଁ ଛାଡ଼ି ନବୀନଙ୍କ ପାଖରେ ଥିଲା କ'ଣ ? ହଁ, ଓଡ଼ିଆଙ୍କ ମନରେ ବିଜୁ ପଟ୍ଟନାୟକ ଏକ ଆବେଗ । ତାହା କେତେ ଲାଷ୍ଟିଙ୍ଗ୍ କରିବ ? ଇତିହାସର ବିସ୍ତର ମରୁଭୂମିରେ ଏ ଯଶ କ୍ରମେ ମ୍ଳାନ ହୁଏ । ଆଜିର ଯୁବ ପିଢ଼ି ଆକ୍ଷେପ କରେ ମହାତ୍ମା ଗାନ୍ଧିଙ୍କ ନିରପେକ୍ଷତାକୁ ଓ ତା' ପର ପିଢ଼ି ପଚାରିବ - ସେ ଲୋକଟା କିଏ ! ଏ ଅବସ୍ଥାରେ ଫାଙ୍କା ବେଲୁନ୍ ଉଡ଼େଇ ବିଜୁ-ସ୍ମୃତିକୁ ଦୀର୍ଘସ୍ଥାୟୀ ବା ଚିରସ୍ଥାୟୀ କରିବା ଅସମ୍ଭବ ଥିଲା । ଷଣ୍ଢଠାରୁ ଚୂଳ ବଡ଼ ହେଲା । 'ବିଜୁ ଆଦର୍ଶ'ର ମ୍ୟାନୁଫ୍ୟାକ୍‌ଚରିଙ୍ଗ୍ ଆରମ୍ଭ ହେଲା । ବିଡ଼ମ୍ବନାର ଅତିସାର ଥିଲା ଏହା ଯେ ବିଜୁ ବାବୁଙ୍କ 'ସ୍ୱପ୍ନ'ଗୁଡ଼ାକ ପୁଅ ପାଖକୁ ଟ୍ରାନ୍ସଫର ହେଉଥିଲା ପ୍ୟାରୀ ବାବୁଙ୍କ ଜରିଆରେ । ଅନ୍ୟଥା, ପୁଅ ବାପାଙ୍କ 'ସ୍ୱପ୍ନ' ଜାଣି ନ ଥିଲେ ! ଫିଲ୍ମ ଷ୍ଟୋରି ପରି ଲାଗୁନି ?

ପ୍ୟାରୀ ବାବୁ ଭାବନ୍ତି ଯେ 'ବିଜୁ ଜନତା ଦଳ' ଗୋଟେ ଆଖଡ଼ା ଥିଲା । ସତ ପରି ଲାଗେ ବି । 'ଅଙ୍କଲ' ପ୍ରଥମେ ଆଖଡ଼ା ରିପେୟାର କଲେ । ଦଳକୁ ନଖ-ଦର୍ପଣରେ ରଖିଲେ । ଆଗକୁ ଆଗ କମାଲ କରି ଦଳ ଜିତିଲା ତିନି ଥର । ବି' ତିନି ଥର ଥଇମଇ ନହେଲେ ମୁଖ୍ୟମନ୍ତ୍ରୀ ସବୁ ମନ୍ତ୍ରୀ କି ଏମଏଲଏଙ୍କ ନାଁ କହି ପାରିବେନି, ମାତ୍ର ପ୍ୟାରୀ ବାବୁ ? କିମିଆ ଜାଣିଲା ଭଳି ପ୍ରତି ପଞ୍ଚାୟତର ସବୁ ୱାର୍ଡମେମ୍ବରଙ୍କୁ ଚିହ୍ନନ୍ତି ଏବଂ ସେହି କ୍ରମରେ, ମାଓବାଦୀଙ୍କୁ ବି ଚିହ୍ନନ୍ତି । ଆଜି ଏଥିପାଇଁ ମୁଖ୍ୟମନ୍ତ୍ରୀ ତାଙ୍କୁ ଉଘୋଉଛନ୍ତି ବୋଲି ପ୍ୟାରୀଙ୍କର ସନ୍ଦେହ ।

'କହିଲ 'ବିଦ୍ରୋହ', ମୁଁ କହିଲି - ହଉ ।' କ୍ଷମତା ନ ଥାଇ ମତେ ଦଳରୁ ସସ୍‌ପେଣ୍ଡ କଲ । ମୁଁ ବିଜଦର ରାଜ୍ୟସଭା ନେତା ପଦରୁ ଇସ୍ତଫା ଦେଲି । ଏମପି ରହିଲି । ମତେ ଦଳରୁ ବହିଷ୍କାର କଲ । ଏ ଖବର ମତେ ଚିଠି ଦେଇ ଜଣେଇଲ ଅଥଚ ରାଜ୍ୟସଭା ଅଧ୍ୟକ୍ଷଙ୍କୁ ଜଣାଉନା କାହିଁକି ? ମୁଁ ଦଳ ହୁଇପ୍ ମାନିବି କି ନା ? ଏଥିପାଇଁ ପ୍ୟାରୀ ବାବୁ ସୁପ୍ରିମକୋର୍ଟରେ ନିବେଦନ କଲେ । ମଙ୍ଗଳବାର କୋର୍ଟ ଆଦେଶ ଦେଲେ - ତାଙ୍କ ଅବଧି (ଜୁଲାଇ ୨୦୧୬) ପର୍ଯ୍ୟନ୍ତ ସେ ସ୍ୱାଧୀନ ରହିବେ ।

ଚୁପ୍-ସଇତାନୀ ବା 'ନୁଇସେନ୍ସ ଅଫ୍ ସାଇଲେନ୍ସ' - ଇଏ ଗୋଟେ ଭୟଙ୍କର ବଦମାସୀ । ହଁ - କହିବନି କି ନା - କହିବନି - ଇଏ କି କଥା ? ବହୁ ମନ୍ତ୍ରୀଙ୍କୁ ଭିନ୍ନଭିନ୍ନ ଆଳରେ ପଦଚ୍ୟୁତ କଲାବେଳେ ଏ ବୁଦ୍ଧି ଥିଲା ପ୍ୟାରୀଙ୍କର ଅର୍ଜିନାଲ । ଏବେ 'ମେରେ ବିଲ୍ଲି ମୁଝେ ମ୍ୟାଓଁ' - ନବୀନ କେବଳ ତାହା ରିପିଟ୍ କରୁଛନ୍ତି ।

(୨୩.୨.୧୩.)

Digitized by srujanika@gmail.com

ଆ ଞ୍ଜୁ ଳି ଭି ତ ରେ କ ଣା

‘ମୋରାଲିଟି’ ବଜାରରେ ମିଳେନି
- ପିସିଆଇ ଚେୟାରମ୍ୟାନ ଜଷ୍ଟିସ ମାର୍କଣ୍ଡେୟ କାଟଜୁ

ଗତ ଜାନୁଆରିରେ ପୁରୀ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ କହିଲେ ଯେ ଏବେ ଆମ ସମାଜରେ ରେପ୍ ବା ଆଉ ଯେତେ ପ୍ରକାର ବଦମାସୀ ଦେଖିବାକୁ ମିଳୁଛି ସବୁ ପଶ୍ଚିମୀ ପ୍ରଭାବ। ‘ଫିଲ୍ମ-କ୍ଲବ୍-ଡ୍ରଗ୍ସ’ - ଭାରତୀୟ ସଂସ୍କୃତିର ବହୁ ସୁନ୍ଦର ବିଭବ ଲୋପ କରି ଦେଉଛି। ‘ସ୍ୱାଧୀନତା ପୂର୍ବରୁ ଆମେ ମଡର୍ଣ୍ଣ ନ ଥିଲୁ, ମାତ୍ର ଭଲରେ ଥିଲୁ। ଆମ ଚଳିବା ଅଭ୍ୟାସ ଯଦି ବଦଳାଇ ନ ଥା’ନ୍ତୁ ତା’ହେଲେ ଦିଲ୍ଲୀ-ରେପ୍ ପରିକା ଜଘନ୍ୟତା ଘଟି ନଥା’ନ୍ତା। ଲାଗୁଛି, ମଣିଷ ମନରୁ ଦୟା-ଧର୍ମ ଓ ଲାଜ-ସରମ ବୋଧେ ପୋଛି ହୋଇଗଲା। ସେ କାହାକୁ ଡରି ଚଳିବ ? ମଡର୍ଣ୍ଣ ନାଁରେ କ’ଣ କରୁଚ ? ଯେତେ ଟିଭି ଦେଖିଲେ ଦେଖ ପଛେ, ନିଜକୁ ମିଶେଇ ଟିକେ ସମାଜକୁ ଦେଖ। ଲୋକ ମା’ ଭଉଣୀ ମାନୁ ନାହାଁନ୍ତି ! ସରକାର କରୁଛି କ’ଣ ?’ ସେ ପରାମର୍ଶ ଦେଲେ - ସମସ୍ତେ ମିଶି ଜଲ୍‌ଦି ବଦଳିବାକୁ ଚେଷ୍ଟା କର, ନହେଲେ ‘ଭାରତୀୟତା’ର ବିନାଶ ସ୍ଥିର।

ପ୍ରାଇଭେଟ୍‌ଲି ଅନେକେ ତାଙ୍କ ଉକ୍ତିକୁ ସମର୍ଥନ କଲେ। ମାତ୍ର ଅ-ଶଙ୍କରମାନେ ପବ୍ଲିକ୍‌ଲି ବିରୋଧ କଲେ। କାରଣ ସେଥିରେ କୁଆଡ଼େ ‘ହିନ୍ଦୁତ୍ୱ’ ଇତ୍ୟାଦି ନାନା ଧାର୍ମିକ ଜଞ୍ଜାଳ ଥିଲା - ଯାହା ଭାରତୀୟ ‘ସେକୁଲାର’ମାନେ ସହିପାରି ନଥା’ନ୍ତେ। ଏତଦ୍ୱାରା ନାରୀ-ସ୍ୱାଧୀନତା ଶଙ୍କାଗ୍ରସ୍ତ ହୋଇପାରେ ବୋଲି ମୁକ୍ତିକାମୀମାନେ ଅଭିଯୋଗ କଲେ। ନାରୀ ନେତ୍ରୀମାନେ ତାଙ୍କ ନିନ୍ଦା କଲେ। ଶଙ୍କରାଚାର୍ଯ୍ୟ ସେକଥା ଶୁଣି ବିଚଳିତ ହୁଅନ୍ତୁ କି ନା, ମିଡିଆ କଭରେଜ୍‌ରେ ନିଜକୁ ଦେଖିବା ପର୍ଯ୍ୟନ୍ତ ସେମାନେ ନିଷ୍ଠା ସହକାରେ ଇସ୍ୟୁକୁ ଅନେଇ ରହିଲେ।

ପୂର୍ବରୁ ପ୍ରେସ କାଉନ୍‌ସିଲ ଚେୟାରମ୍ୟାନ୍ ଜଷ୍ଟିସ ମାର୍କଣ୍ଡେୟ କାଟଜୁ ‘ଭାରତୀୟ ଶିଷ୍ଟାଚାର’ ନାଁରେ ପର୍ଣ୍ଣ-ଷ୍ଟାର ସନି ଲିଅନଙ୍କ ଯାଏଁ କଥା ନେଇଥିଲେ

Digitized by srujanika@gmail.com

। ସେ କହିଲେ - 'ଡ୍ରେସ୍-କୋଡ୍' ଶବ୍ଦଟା ହୁଏତ ଅନେକଙ୍କୁ ଆକଟ ପରି ଲାଗିପାରେ - ମାତ୍ର ସମାଜ ପାଇଁ ଚମତ୍କାର 'ଭଲେଣ୍ଟିଅରିଙ୍ଗ୍' (ସ୍ୱେଚ୍ଛାକୃତ) ହୁଅନ୍ତା ଯଦି ନାରୀ ପୁରୁଷ ଉଭୟ ନିଜ ଆଡୁ ଶିଷ୍ଟ ବସନାବୃତ୍ତ ଓ ଶ୍ଳୀଳ ଆଚରଣଯୁକ୍ତ ହୁଅନ୍ତେ।

ଏ ଆଇଡିଆ ପ୍ଲାଟୋନିକ୍ । କାରଣ, କେବଳ ଭାରତକୁ ଛାଡ଼ି ପୃଥିବୀର ଅନ୍ୟ ସବୁ ଦେଶ ଲୋକେ ନିଜ 'ସଂସ୍କାର' ଜାଣନ୍ତି। ଏଠି ଏ ଶବ୍ଦର ଅର୍ଥ ଖୋଜିଲେ ତାହା ନିରୁପାଖ୍ୟ ଏବଂ ହୁସିଆରି ପ୍ରୟୋଗ ନ କଲେ - ରେପ୍-ରଏଟ୍-ରିଟ୍ ପରି ନାନା ବିପଦ ସୃଷ୍ଟି ହୋଇପାରେ। ଯାହାକୁ 'ସଂସ୍କାର' ବୋଲି କହୁ ତାହା ବେଗବାନ୍ ଅତୀତର ସ୍ଥିର ଚିତ୍ରଗୁଡ଼ିଏ। ମନେ ରଖିଲେ ତାହା 'ଆଦର୍ଶ' ହୁଏ - ନ ହେଲେ ନାହିଁ।

ଭାରତୀୟମାନେ 'ଭାରତୀୟ' କ'ଣ, ସେକଥା ଜାଣନ୍ତିନି, ତେଣୁ ଏଠି 'ଜାତୀୟ ସଂସ୍କାର' ଖୋଜିବା ଦରକାର ନଥାଏ। ଆମ ପାଇଁ 'ଆଦର୍ଶ' ସବୁବେଳେ ତିନି ପ୍ରକାର ପ୍ୟାକେଟ୍‌ରେ ମିଳେ - ଗ୍ରହଣ, ବାଚନ ଓ ପାଳନ । ଖାଇବା, କହିବା ଓ ସହିବା। ଜଣେ ବାପକୁ ଶଳା କି ମା'କୁ ମାଇପ କହିବନି। କାରଣ ସେପରି ଅଭ୍ୟାସ ସେ 'ଗ୍ରହଣ' କରି ନାହିଁ। ଯେହେତୁ ଦେଶ 'ଗଣତନ୍ତ୍ର' ତେଣୁ ଆମର 'ଆଦର୍ଶ' ହେଲା - ଭୋଟ୍ ଯାହାର ଭାଟ ତା'ର। ମା' ରାଣ ପକେଇଲା ପରି ଅନେକ କଥା କହି ପାରିବୁନି। ସାର୍ଟିଫିକେଟ ଦେଲାବେଳେ ଜାତିର ନାଁ ଲେଖିଥିବା ଏମଏଲଏ, ସେ ଶବ୍ଦକୁ ତୁଣ୍ଡରେ ଧରିଲେ 'ଏଟ୍ରୋସିଟି ଆକ୍ଟ'ରେ ପଡ଼ନ୍ତି! ମଧୁବାଳାଙ୍କୁ ମନେ ପକେଇବା ବା ତ୍ରିରଙ୍ଗାକୁ ସଲାମ ମାରିବା 'ସଂସ୍କାର' ନୁହେଁ। ଇମୋସନ ବା ଆଇନ। ଦ୍ୱିତୀୟଟିରେ କେହି ଯାଉ୍ସ୍ୟାତୁ କଲେ, ବିଚରା ପୁଅ ଜେଲ୍‌ରେ ପଶିଥିବ ।

ବର୍ଷ ପଚାଶଟା ତଳକୁ ଭାବିବା। ଯେତେବେଳେ ଚନ୍ଦ୍ରମଣି ଦାସଙ୍କ ରହସ୍ୟ-ଉପନ୍ୟାସ 'ନରବଳି' ଥିଲା ବେଷ୍ଟ୍ ଓଡ଼ିଆ ଥ୍ରିଲର୍। ଆଜିର ଆଇ-ମା'ମାନେ କୁମାରୀ ଥିଲେ। ଯୁଗ ଅନୁରୂପ ଶିକ୍ଷିତା ବି ଥିଲେ। କିନ୍ତୁ ପ୍ରେମ ମାଡ଼ିଲେ ଚିଟାଉ ଖଣ୍ଡେ ଲେଖିପାରୁ ନ ଥିଲେ। କାଉକୁ ଅନେଇ ନିରାଶ ହେଉଥିଲେ ଓ କୋଇଲିକି ଅନେଇ ଗୀତ ଗାଉଥିଲେ - ସବୁ ଲୁଚେଇ ଲୁଚେଇ। ଆଜି ସେ ସବୁ କାମ ନାତୁଣୀ କରୁଛି - ଦେଖେଇ ଦେଖେଇ। କାରଣ ତା ସହିତ ଯୁଗର ସପୋର୍ଟ ଅଛି। ଆଇ-ମା' ଯେମିତି ଡରୁଛନ୍ତି, ନାତୁଣୀ ସେମିତି 'ବିନାଶ୍ରୟେ ନ ବର୍ତ୍ତନ୍ତେ' ପରି 'ଅବଳା' ନୁହେଁ।

ଆଇମା' କହନ୍ତି - ନାତୁଣୀ ଲୋ, ତୁ 'ସଂସ୍କାର' ମାନୁନୁ।

ନାତୁଣୀ କହେ - ଗ୍ରାଣ୍ଡ୍-ମା' ୟୁ ଆର୍ ଓଲ୍ଡ-ଫେସନଡ୍।

ଗ୍ରାଣ୍ଡ୍-ମା' ବେଡ୍-ସାଇଡ୍ ଅଇନାରେ ନିଜକୁ ଦେଖନ୍ତି। ବୟସ ଅଧିକ ହେଲେ ବି, ବାକି ସବୁ ସେଟିଙ୍ଗ୍ ଠିକ ଅଛି ତ! ତାଙ୍କ 'ସଂସ୍କାର' ତାଙ୍କ ପାଖରେ ରହିଯାଏ, କେବଳ ନଭେଲ ଲେଖିବା ପାଇଁ।

ଗଣତନ୍ତ୍ରରେ 'ସ୍ୱାଧୀନତା' ଓ 'ସ୍ୱେଚ୍ଛାଚାରିତା' ଏକା ନୌକାର ଯାତ୍ରୀ। ଏପରି ଅବସ୍ଥାରେ 'ନନ୍-ସେନ୍ସ' ସହଜରେ ମିଳେ, ମାତ୍ର 'କମନ୍-ସେନ୍ସ' ମିଳିବା ଭାରି କଷ୍ଟ। 'କଲେକ୍ଟିଭ୍ କମନ୍-ସେନ୍ସ' - ସାମୂହିକ ଅକଲ? 'ଗଜେ ଗଜେ ନ ମୌକ୍ତିକଂ ଚନ୍ଦନଂ ନ ବନେ ବନେ' ପରି ଅତି ବିରଳ।

(୨୫.୨.୧୩.)

Digitized by srujanika@gmail.com

ଜେ ନେ ରି କ ମେ ଡି ସି ନ

ଶସ୍ତା ଓଷଦ : ଆହୁରି ଶସ୍ତା ପ୍ରତିଶ୍ରୁତି

'ଗହଣା ଭିତରେ ନିମ କାଠି ଥାନେ' ପରି କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ଓଡ଼ିଶାରୁ ଜଣେ ମାତ୍ର ମନ୍ତ୍ରୀ - ବାଲେଶ୍ୱର କଂଗ୍ରେସ ସାଂସଦ ଶ୍ରୀକାନ୍ତ ଜେନା। ପରିସଂଖ୍ୟାନ ଓ ଯୋଜନା ପରିଚାଳନା ବିଭାଗ ରାଜ୍ୟମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ)। ତାହା ପୁଣି ଅନେକ ଧକଡ଼ଚକଡ଼ ପରେ। ୨୦୦୯ରେ ସେ ଥିଲେ କେମିକାଲ ଏଣ୍ଡ୍ ଫର୍ଟିଲାଇଜର ବିଭାଗ ରାଜ୍ୟମନ୍ତ୍ରୀ।

ସେ କହିଥିଲେ ଯେ ଓଡ଼ିଶାରେ ଏଣିକି ଧୂମ ଜେନେରିକ ମେଡିସିନ ମିଳିବ। ସରକାର ପ୍ରଥମ ସବୁ ଜିଲ୍ଲାସ୍ତରୀୟ ୩୨ଟି ହସପିଟାଲ (ଜିଲ୍ଲା-୩୦ + କ୍ୟାପିଟାଲ ହସପିଟାଲ ଓ ରାଉରକେଲା ଗଭ୍‌ମେଣ୍ଟ ହସପିଟାଲ)ରେ ତହିଁର ବିକ୍ରି ପାଇଁ କାଉଣ୍ଟର ଖୋଲିବ, ସେଠି ଯୋଗ୍ୟ କର୍ମଚାରୀ ରହିବେ ଏବଂ କଳାବଜାରୀ ମୁନାଫାଖୋରୀ ରୋକିବାକୁ ଅନ୍ୟ କେହି ସେ ଓଷଦ ବିକି ପାରିବେ ନାହିଁ। ଡାକ୍ତରମାନେ ଏଣିକି ବରାଦ ତାଲିକାରେ ଜେନେରିକ ଔଷଧ ଲେଖିବେ ବୋଲି ରାଜ୍ୟ ସରକାର ସେମାନଙ୍କୁ ନିର୍ଦ୍ଦେଶ ଦେବେ। କ୍ରମେକ୍ରମେ ଏ ବ୍ୟବସ୍ଥା ସବ୍‌ଡିଭିଜନ, ବ୍ଲକ୍ ଓ ଗାଁ ଗଣ୍ଡା ଚାରିଆଡ଼େ ମେଲିଯିବ। ଘୋଷଣା ଚହଟ ଚାନ୍ଦିନୀ ରାତି ପରି ଚିକ୍କଣ ଦେଖାଗଲା। କାରଣ ତତ୍‌ପୂର୍ବରୁ ନକଲି ଔଷଧ ବିକ୍ରି ପାଇଁ ଓଡ଼ିଶା ଥରୁଥିଲା ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ଦୁର୍ଯ୍ୟୋଧନ ମାଝି ପଦରୁ ଇସ୍ତଫା ଦେଇଥିଲେ। ସରକାର ନୀତି ବଦଳାଇ ଜେନେରିକ ଔଷଧ ପ୍ରବର୍ତ୍ତନ କରିବେ ବୋଲି ସେତେବେଳର ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ମଧ୍ୟ କହିଥିଲେ।

ପକ୍କା ଅନାସ୍ଥା ଏବଂ କିଛି ଛଳରେ ଏହି ସ୍ତମ୍ଭରେ ଆମେ ଲେଖିଥିଲୁ -

Digitized by srujanika@gmail.com

ବିଜଦ ଗାଁ ଗଣ୍ଡାରେ ସରକାରୀ ମଦ ସେଣ୍ଟର ଖୋଲିଲା । ଏବେ କଂଗ୍ରେସ ଖୋଲିବ ଓଷଦ କାଉଣ୍ଟର । 'ଯିଏ ମଦ ପିଇ ବେମାରି ହେବ ସେ ଶସ୍ତା ଓଷଦ ଖାଇ ଭଲ ହେବ। ରାଜନୀତି ଜିନ୍ଦାବାଦ, ଦାରିଦ୍ର୍ୟକୁ ଡବଲ୍ ଜିନ୍ଦାବାଦ।'

ମାତ୍ରାଧିକ ଦାରିଦ୍ର୍ୟ ଓ ତା ସାଙ୍ଗକୁ ସ୍ୱାସ୍ଥ୍ୟସେବାରେ ଅତ୍ୟାଚାର ଏବଂ ସରକାରୀ-ବେସରକାରୀ ଅବହେଳା - ଏଗୁଡ଼ିକ ଓଡ଼ିଶାର ଜଣା ତଥ୍ୟ । କାହାରି ଅନୁମୋଦନ କି ଅସ୍ୱୀକାରକୁ ଅପେକ୍ଷା କରେନାହିଁ । ଯା' ସାଙ୍ଗକୁ ରହିଛି ଆହୁରି ଅନେକ ଅସହାୟ ସତ୍ୟ । ଆମ ଲୋକଙ୍କ ମନରେ ସ୍ୱାସ୍ଥ୍ୟ ମୋଟେ ଏକ ଚେତନା ନୁହେଁ; କେବଳ ଚିନ୍ତା । ବେମାରି ହେଲେ ରୋଗୀ ଅଙ୍ଗୁର ନାସପାତି ଖାଏ । ସରକାରୀ ଶୃଙ୍ଖଳାହୀନତା ଓ ଡାକ୍ତରଙ୍କ ବ୍ୟବସାୟିକ ଲୋଲୁପତା ଇତ୍ୟାଦି ଏତେ ଭୟାନକ ଯେ ଅନ୍ତତଃ ଅଣ-ସହରୀ କି ନିର୍ଦ୍ଧନ ରୋଗୀ ଡାକ୍ତରଙ୍କ ପାଖକୁ କି ନର୍ସିଙ୍ଗହୋମ ଯିବା ଆଗରୁ ଯମରାଜାଙ୍କ ଉଦ୍ଦେଶ୍ୟରେ ଶେଷ ପ୍ରାର୍ଥନା କରି ଘରୁ ବାହାରେ ।

ୟୁକେ ସରକାରଙ୍କ ଡିପାର୍ଟମେଣ୍ଟ ଅଫ୍ ଇଣ୍ଟରନେସନାଲ ଡେଭେଲପ୍‌ମେଣ୍ଟ (ଡିଏଫଆଇଡି) ସହାୟତାରେ 'ଏସିଆନ ଇନ୍‌ଫରମେସନ ମାର୍କେଟିଙ୍ଗ ଏଣ୍ଡ୍ ସୋସିଆଲ ରିସର୍ଚ୍', 'ଓଡ଼ିଶା ରାଜ୍ୟ 'ଏଡସ' କଣ୍ଟ୍ରୋଲ ସୋସାଇଟି' ଏବଂ 'ଫ୍ୟାମିଲି ହେଲଥ୍ ଇଣ୍ଟରନେସନାଲ' ମିଶି ୨୦୦୧ରେ ରାଜ୍ୟ ସ୍ୱାସ୍ଥ୍ୟସେବା ସଂପର୍କରେ ଅଧ୍ୟୟନ କରିଥିଲେ । ସେଥିରେ ପ୍ରକାଶ ପାଇଥିବା ଗୋଟିଏ ମତ ହେଲା - ଷାଠିଏରୁ ଅଧିକ ଭାଗ ଲୋକ ଡାକ୍ତରଙ୍କ ପାଖରେ ପହଞ୍ଚି ପାରନ୍ତି ନାହିଁ । ୨୦୦୪-୦୫ରୁ ୧୩ ଯାଏ କ୍ରମାଗତ ଭାବେ ରାଜ୍ୟ ବଜେଟର ଅଙ୍କ ବଢୁଛି । କିନ୍ତୁ ସ୍ୱାସ୍ଥ୍ୟସେବା ବଜେଟ କମୁଛି । ୪.୬୯%ରୁ ଏହା ପହଞ୍ଚିଛି ୩.୫୭%ରେ ।

ଓଡ଼ିଶାରେ ବାର୍ଷିକ ପ୍ରାୟ ୧୦୦୦ କୋଟି ଟଙ୍କାର ଔଷଧ ବେପାର ଚାଲେ । ସେଥିରେ ସରକାରଙ୍କ ଭାଗ ମାତ୍ର ୨୦ କୋଟି । ସମାନ ଗୁଣର ଜେନେରିକ ଓଷଦର ମୂଲ୍ୟ ପେଟେଣ୍ଟେଡ୍ ବ୍ରାଣ୍ଡ୍ ମୂଲ୍ୟର ଦଶ ବା କୋଡ଼ିଏ ଭାଗରୁ ଭାଗେ। ଜେନେରିକ୍ ମେଡିସିନ ପାଇଁ ଲୋକଙ୍କ ଆଶା ଓ ଆଦର କାହିଁରେ କେତେ। ହେଲେ, ଆକାଶ କଇଁଆ ଚିଲିକା ମାଛ - ଏଗୁଡ଼ିକ ମିଳିବା ଚିଜ କି ?

ସବୁଠି ନୁହେଁ - କେତେକ ଡାକ୍ତରଖାନାରେ ଏ ଔଷଧ ପାଇଁ ବିକ୍ରି କାଉଣ୍ଟର ଖୋଲିଲା। କିନ୍ତୁ ସେଠି କିଛି ମିଳିଲାନି ଏବଂ ଡାକ୍ତରମାନେ ସହଯୋଗ କଲେନି । ଏବେ ଶ୍ରୀକାନ୍ତ ବାବୁ ରାଜ୍ୟ ସରକାରଙ୍କୁ ଦୋଷ ଦେଇ ସବୁଥର ପରି ଏଥିପାଇଁ ବି କହୁଛନ୍ତି - ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ! ମୁଖ୍ୟମନ୍ତ୍ରୀ ଶୁଣିବାକୁ କେୟାର କରନ୍ତିନି। ରାଜନୀତି ତା' ବାଟରେ ଚାଲେ ଓ ଲୋକେ ଜେନେରିକ୍ ମେଡିସିନ୍ ପାଆନ୍ତିନି।

(୨୬.୨.୧୩.)

Digitized by srujanika@gmail.com

ପ ଣ ତ କା ନି ତ ଳେ

'ଅର୍ଦ୍ଧଂ ଭାର୍ଯ୍ୟା ମନୁଷ୍ୟସ୍ୟ / ଭାର୍ଯ୍ୟା ଶ୍ରେଷ୍ଠତମ ସଖା ।
ଭାର୍ଯ୍ୟା ମୂଳଂ ତ୍ରିବର୍ଗସ୍ୟ / ଭାର୍ଯ୍ୟା ମୂଳଂ ତରିଷ୍ୟତି ।'

ପୁରୁଷ ଜୀବନରେ ଭାର୍ଯ୍ୟାର ସ୍ଥିତି ଏକଦମ୍ ହାଫ୍ । ସେ ବେଷ୍ଟ୍-ଫ୍ରେଣ୍ଡ୍ । ଧର୍ମ, ଅର୍ଥ ଓ କାମ - ତିନି ବର୍ଗର ସିଏ ମୂଳ ଏବଂ ପୁରୁଷ ମାତ୍ର ମୌଳିକ । ତା ବିନା ପୁରୁଷ ପାଇଁ ତାରଣର ବାଟ ନାହିଁ ।

ପତି ଓ ପରନାରୀ । ମିଶେଇ ଭାବିଲେ ନାରୀ-ମନ ଛି ହୋଇଯାଏ । ହାତରୁ ସବୁ ଖସିଗଲା ପରି ଲାଗେ । ସେ ଚାହେଁ - ମୋ ଅଧିକାର ଅନାହତ ରହୁ । 'ଅଧିକାର' କ'ଣ ? ହୁଏତ ଜାଣେନା ବା ସଂସ୍କାରିକ ସରମ ଯୋଗୁ କଥାକୁ ବୁଲେଇ ବଙ୍କେଇ କହେ । ପ୍ରେମକୁ କହେ ପ୍ରଜାପତି । ବଗକୁ କହେ ବନସ୍ପତି । ଆଉ ଚିତ୍ରଟି - ବସନ ଭୂଷଣ ହେମ-କଙ୍କଣ କାର୍ ବ୍ୟାଙ୍ଗ୍ଲୋ ମାଲ ଟଣଟଣ - ସବୁ ଦେଇ ମାଇପକୁ ଫୁଲ୍ ଷ୍ଟାଟସ୍‌ରେ ରଖି ପର-ମାଇପକୁ ଗେହ୍ଲା କରିବା ପୁରୁଷଙ୍କ ସଂଖ୍ୟା ବି କମ୍ ନୁହେଁ । 'କୃଷ୍ଣ ଏକା ମୋର' - ନିଜକୁ ଭୁଲେଇବା ପାଇଁ ସବୁ ରାଧା ଏମିତି ରାଣ ପକାଉଥା'ନ୍ତି ଏବଂ କିନ୍ତୁ କୃଷ୍ଣମାନେ ନିର୍ଧୂମ ଠକୁଥା'ନ୍ତି । ତେବେ ବି, ପ୍ରେମ-ପୃଥିବୀରେ ରାଧାକୃଷ୍ଣଙ୍କ ରାସ ଚାଲିଥାଏ । କାଳେ ତାଙ୍କୁ ପାଇବେ କି - ପରି ଏକ ଚାନ୍ସ ସହ ଆଗ କାଳ ରାଧାମାନେ କେତକୀ ପାଖୁଡ଼ାରେ କଜଳ-ଚିଟାଉ ଲେଖି ପବନରେ ଉଡ଼ାଇ ଦେଉଥିଲେ । ଏ ବାଙ୍କେ ରେମାନ୍ସ ପାଇଁ ଏବେ ବେଳ ନାହିଁ । ହୋଟେଲର ନାଁ ଅମୁକ । ରୁମ୍ ନମ୍ବର ଏତେ । ସେଇଠିକି ଆସ ।

'ଭୋଗ' ଶବ୍ଦକୁ ଯେତେ ସହଜରେ ବୁଝିହୁଏ, 'ଯୋଗ' ବୁଝିବା ସେମିତି

Digitized by srujanika@gmail.com

ସମ୍ଭବ ନୁହେଁ । କାରଣ ସେ ଚିଜ ପ୍ରତ୍ୟେକଙ୍କର ଗୋଟିଗୋଟିକିଆ । କେଉଁଠି ଛୁଇଁଲେ ବିସ୍ଫୋରଣ ତ, ଆଉ କେଉଁଠି ନିଦା ଗଦା। ମଣିଷ ମନ ବିଚିତ୍ର । ମିଶିଲେ, ସହସ୍ର ଗୋଟାଏ କଇଁଆପତ୍ରରେ ଜାଗା ଧରନ୍ତି । ନ ମିଶିଲେ, ସମଗ୍ର ସସାଗରା ଧରାରେ ବି' ଜଣ ବି ଜାଗା ଧରନ୍ତିନି । ମେଦିନୀ ଫାଟି ଯାଏ ଓ ମା' ସୀତା ଭଲେଣ୍ଟାରିଲି ପଳାନ୍ତି ଭିତରକୁ । ତା'ପରେ 'ମୌଳିକ' ରାମ ହୁଅନ୍ତି 'ମର୍ଯ୍ୟାଦାପୁରୁଷ' !

ବଞ୍ଚିବା କଷ୍ଟ ଭାବି ଯୋଗୀମାନେ ଆତ୍ମାକୁ ରକ୍ତାକ୍ତ କରୁଥିବା ଇଲାକାରେ ମୋଟେ ପଶନ୍ତିନି। ମେଣ୍ଢା ହରିଣଙ୍କୁ ଗେଲ କରି ଫଟୋ ଉଠେଇବେ ପଛେ, ନାରୀ ଦେହ କି ମାଛ ଶୁଖୁଆ - କାହରିକୁ 'ସୋଗ' କରନ୍ତିନି। ଏହା ଯୋଗୀକୁଳର ଶୃଙ୍ଖଳା । ମାନିଲେ - ସ୍ୱାମୀ ବିବେକାନନ୍ଦ । ଧରା ପଡ଼ିଲେ - ସ୍ୱାମୀ ନିତ୍ୟାନନ୍ଦ !

ନାରୀ ମାମଲାରେ ଭାଣ୍ଡାମି ଓ ଭାରତ ଏକାକାର । ଏପରି ଅନେକ ଗୌରଚନ୍ଦ୍ରିକା ସମ୍ଭବ । ଏବେ ପ୍ରସଙ୍ଗକୁ ଆସିବା । ସଂସାର ପାଇଁ ନାରୀ ଯେ ଅପରିହାର୍ଯ୍ୟ ଏହା କେବଳ ବାଏଲୋଜିକାଲ (ଜୈବିକ) ନୁହେଁ - ସୋସିଆଲ (ସାମାଜିକ), ପଲିଟିକାଲ (ରାଜନୀତିକ), ଫିଜିକାଲ (ଭୌତିକ) ଏବଂ ଲିଗାଲ (ଆଇନ ସଙ୍ଗତ) ମଧ୍ୟ ।

ଏବେ ଗଣତାନ୍ତ୍ରିକ ନାରୀ-ସୋଗର ଚିତ୍ରଗୁଡ଼ିଏ ଦେଖିବା ।

୧୯୯୩ରେ ମହିଳା ଆରକ୍ଷଣ (୧୦୮ ସମ୍ବିଧାନ ସଂଶୋଧନ) ବିଲ୍ ଆଗତ ହେଲା । ଆଜି ବି ଅସଂପୂର୍ଣ୍ଣ ଅବସ୍ଥାରେ ରହିଛି । ପାର୍ଲାମେଣ୍ଟରେ ଲାଗୁ ହୋଇନି । ସେତେବେଳେ ପ୍ରଶ୍ନ କରିଥିଲୁ - ଲୋକସଂଖ୍ୟାର ଅଧା ପାଇଁ ଏ ୩୩% କେଉଁ ଗଣିତରେ ମିଳିଲା ? ନାରୀ ଚିନ୍ତା କରୁ - ଦୟା ଚାହେଁ ନା ଦାବି ଚାହେଁ। ପରେ କଥା ଉଠିଲା : ୫୪୫ ଲୋକସଭା ଓ ୨୫୦ ରାଜ୍ୟସଭାର ସିଟ୍ ସଂଖ୍ୟା ଆଗେ ୩୩% ବଢ଼ାଯାଉ - ତା'ପରେ 'ଲେଡିଜ୍ ଓ୍ୱେଲକମ୍' ! ମନେପକାଇବା, ସମାଜବାଦୀ ପାର୍ଟି ମୁଖ୍ୟ ମାୟାବତୀ ଏହାକୁ ତାଚ୍ଛଲ୍ୟ କରି କହିଥିଲେ - ଇଏ 'ଲିପିଷ୍ଟିକ୍ୱାଲୀ' (ରାଜନୀତିକ ପରିବାରର) ମହିଳାଙ୍କ ଆରକ୍ଷଣ ପାଇଁ ଚକ୍ରାନ୍ତ ।

ଏପରି ଦ୍ୱିଧାଗ୍ରସ୍ତ ଭାରତ ହିଁ ସତ୍ୟ। ୪୯୮-ଏ (ବଧୂ ନିର୍ଯାତନା) ଆଇନ ଏବେ 'ପୀଡ଼ିତ ପତି-ସାମାଜ' ତିଆରି କରିବାକୁ ଉସ୍କେଇଲାଣି। ବଦାନ୍ୟ ବିଜୁବାବୁ ମହିଳାଙ୍କ ପାଇଁ କୋର୍ଟ-ଫି' ଛାଡ଼୍ କଲେ। ଏହାର ପରିଣତି : 'ଡିଫାମେସନ' ସାଙ୍ଗରେ ନାରୀ ଆଉ କୋଟିଏରୁ କମ୍ ଟଙ୍କାରେ 'ଡ୍ୟାମେଜ୍' ସୁଟ୍ ଫାଇଲ୍ କରୁନି। ପୁରୁଷ କ୍ଷେତ୍ରରେ, ଆଗ କୋଡିଏ ଲକ୍ଷ ଥୁଅ - ତା'ପରେ କୋର୍ଟ ତୁମ ଇଜ୍ଜତର ଆକଳନ କରିବ । କେତୋଟି ଅଣ୍ଡିରି ପୁଅ ଏ କାମ କରିପାରିବେ ଟି ?

ଶିଖଣ୍ଡୀକୁ ଡରି ଅସ୍ତ୍ର ଛାଡ଼ି ନରଖର ହୋଇ ମରିଥିବା ଭୀଷ୍ମଦେବଙ୍କ ବୀରତ୍ୱରେ ମୁଗ୍ଧ ଭାରତୀୟ, ତେଣୁ କଦାପି ନାରୀକୁ ଡରିବା ଛାଡ଼ି ପାରିବନି ଏବଂ ଦୀର୍ଘ ପରମ୍ପରାକୁ ଆଦରି ଥିବାରୁ - ଠକିବା ବି ଛାଡ଼ି ପାରିବନି । ଏକଥା ନାରୀ-ପୁରୁଷ ଉଭୟ ଜାଣନ୍ତି, କିନ୍ତୁ ପାର୍ଲାମେଣ୍ଟ ଜାଣେନା ।

(୨୮.୨.୧୩.)

Digitized by srujanika@gmail.com

ରେଳ ବଜେଟ ୨୦୧୩

ରେଳମନ୍ତ୍ରୀ ପଓ୍ବନ ବଂଶାଲ ପାର୍ଲାମେଣ୍ଟରେ ପଞ୍ଚମ ଶ୍ରେଣୀର ଗୋଟିଏ ଇଂଲିଶ ଗୀତ ଶୁଣେଇ ୨୦୧୩ ରେଳ-ବଜେଟ ଉପସ୍ଥାପନ କଲେ । ଗୀତର ଦୃଶ୍ୟପଟ୍ଟ ଥିଲା ୧୮ଶ ଶତାବ୍ଦୀ । ଆମ ମନ୍ତ୍ରୀ କହୁଥିଲେ ଏକବିଂଶ ଶତାବ୍ଦୀରେ । ସେତେବେଳେ ଥିଲା ଘୋଡ଼ା-ଟଣା ରେଳଗାଡ଼ି । ଏବେ ଡିଜେଲ - ସମୁଦାୟ ଖର୍ଚ୍ଚର ୪୦% ଏବଂ ପ୍ୟାସେଞ୍ଜର ଲସ୍ - ୨୫ ହଜାର କୋଟି ଟଙ୍କା ।

ନିଜ ବାହାଦୁରିରେ ନିଜେ ଖୁସି ହେବା ଅଧିକାର ସମସ୍ତଙ୍କର ଅଛି, ମନ୍ତ୍ରୀଙ୍କର ବି । ମାତ୍ର, ଥରେ ତିନି ମାସ ତଳେ ଯାତ୍ରୀ-ଭଡ଼ା ବଢ଼ାଇ ଆଉ ଥରେ ନ ବଢ଼େଇବା କେମିତି 'ଗୌରବ' ହେବ ? ଭାଷଣରେ ମନ୍ତ୍ରୀ ମହୋଦୟ ଯେତେ କଥା ଭୁଲିଛନ୍ତି, ସବୁ ଖବର ପଦାକୁ ଆସିବ । କିନ୍ତୁ - ରାଜୀବଙ୍କ ଯୋଗୁ ସେ ରାଜନୀତିକୁ ଆସିଲେ ଓ ସୋନିଆଙ୍କ ଯୋଗୁ ରେଳମନ୍ତ୍ରୀ ହେଲେ - ଏ ଦୁଇଟି କଥା ଭୁଲି ନ ଥିଲେ । କୃତଜ୍ଞତା ସହକାରେ କହିଦେଲେ । ଜୟ ସୋନିଆ ଜୟ, ତେଣିକି ରେଳଗାଡ଼ି ଯୁଆଡ଼େ ଯାଉଚି, ଯାଉ ! ଗୀତ ଗାଇଲେ ବା ଷ୍ଟାଟିଷ୍ଟିକ୍ସ ଶୁଣେଇଲେ ବଜେଟ 'ସ୍ପେସାଲ୍' ହୁଏନି, ସେଥିପାଇଁ ଅଧିକ ଅଙ୍ଗୀକାରବଦ୍ଧତା ଦରକାର । ଏହା ଅନୁଭବ କରିହେଉ ନାହିଁ ।

ରେଲ-ବଜେଟ୍ ଓ ଓଡ଼ିଶା ଭିତରେ ସଂପର୍କ ଏକଦମ୍ ନିଆରା । ବିହାର-ଓଡ଼ିଶା ଆସେମ୍ବ୍ଲିରେ ଗଭର୍ଣ୍ଣରଙ୍କୁ ଶୁଣେଇ ଗୋପବନ୍ଧୁ ୧୯୧୭ରେ କହିଥିଲେ - ସମ୍ଭବ ଥିଲେ, ଇଂରେଜ ସରକାର ଓଡ଼ିଶା ନ ଛୁଇଁ 'ବେ ଅଫ୍ ବେଙ୍ଗଲ୍' ବାଟେ ରେଲ-ଲାଇନ ନେଇ ଯାଇଥା'ନ୍ତା । ପ୍ରାୟ ଶହେ ବର୍ଷ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବି ଏକାପରି କହୁଛନ୍ତି । ରେଲ-ବଜେଟ୍ ସଂପର୍କରେ ବିଜୁ ଜନତା ଦଳ ନିଶ୍ଚୟ କହିବ - ପାତରଅନ୍ତର ହୋଇଛି ଏବଂ କଂଗ୍ରେସ ନିଶ୍ଚୟ କହିବ - ଏକଦମ୍ ଠିକ୍ ବଜେଟ୍ । କାହିଁକି 'ଠିକ୍' ବା କାହିଁକି 'ପାତରଅନ୍ତର'

Digitized by srujanika@gmail.com

ସେକଥା କେହି କହନ୍ତି ନାହିଁ । ବା କେହି ସେମାନଙ୍କୁ ପଚାରନ୍ତିନି । ସମସ୍ତେ ଥୋବରା ।

ଏଥର ଓଡ଼ିଶାକୁ କେବଳ ୫ଟି ନୂଆ ଏକ୍ସପ୍ରେସ ଚାଲିବ । ଦୁଇଟି ଓଡ଼ିଶା ବାଟ ଦେଇ ଯିବ ଓ ତିନୋଟି ସମ୍ପ୍ରସାରିତ । ଭୁବନେଶ୍ୱର-ନିଜାମୁଦ୍ଦିନ ଭାୟା ସମ୍ବଲପୁର ସାପ୍ତାହିକ, ପୁରୀ-ଆଜମେର ଭାୟା ଆବୁରୋଡ୍ ସାପ୍ତାହିକ, ତିରୁପତି-ଭୁବନେଶ୍ୱର ଭାୟା ବିଶାଖାପାଟଣା ସାପ୍ତାହିକ ଏବଂ ପୁରୀ-ସାଇନଗର ସିରିଡି ଭାୟା ସମ୍ବଲପୁର, ଟିଟିଲାଗଡ ସାପ୍ତାହିକ ଏକ୍ସପ୍ରେସ ଚଳାଚଳ କରିବ । ଏହାଛଡ଼ା, ବିଶାଖାପାଟଣା-ଯୋଧପୁର ଭାୟା ଟିଟିଲାଗଡ ସାପ୍ତାହିକ ଏବଂ ହାଓଡା-ଚେନ୍ନାଇ ଭାୟା ଭଦ୍ରକ ସପ୍ତାହକୁ ଦୁଇଥର ଚଳାଚଳ କରିବ । ଭୁବନେଶ୍ୱର-ଭବାନୀପାଟଣାକୁ ଜୁନାଗଡ ଯାଏ, ପୁରୀ-ଦରଭଙ୍ଗା ଏକ୍ସପ୍ରେସକୁ ଜୟନଗର ପର୍ଯ୍ୟନ୍ତ ଏବଂ ଏଲଟିଟି ଏକ୍ସପ୍ରେସ ଭୁବନେଶ୍ୱରରୁ ପୁରୀକୁ ସମ୍ପ୍ରସାରିତ ହେବ । ସମ୍ବଲପୁର-ହଜୁରସାହେବ ନାନ୍ଦେଦ ଏକ୍ସପ୍ରେସ ସପ୍ତାହରେ ୨ରୁ ୩ ଦିନକୁ ବୃଦ୍ଧି କରାଯିବ । ଓଡ଼ିଶା ପାଇଁ ନୂଆ ପାସେଞ୍ଜର ଟ୍ରେନ ନାହିଁ ।

ସମ୍ଭବତଃ ରାଜ୍ୟ ସରକାର ଜମି ଯୋଗାଇବାକୁ ଅସମର୍ଥ ହୋଇଥିବାରୁ ଏଥର ବଜେଟରେ ତାଳଚେର-ବିମଳାଗଡ଼ ପ୍ରୋଜେକ୍ଟ ଲାଇନ ନାଁ ଲୋପ ହୋଇଯାଇଛି । ଇଷ୍ଟ-କୋଷ୍ଟ ଡିଭିଜନରୁ ଅଲଗା ସାଉଥ୍-ଇଷ୍ଟର୍ଣ୍ଣ ରେଲୱେ ଅଧୀନରେ ଥିବା ରାଉରକେଲା ସେଗମେଣ୍ଟ ବାଟେ ନୂଆ ଗାଡ଼ି କିଛି ନାହିଁ । ହରିଦାସପୁର-ପାରାଦୀପ ଲାଇନର ଭାଗ୍ୟ 'ପୋସ୍କୋ'କୁ ଅନେଇଛି ଓ ତା' ଗତି ସେହପରି ମନ୍ଥର । ତେଣିକି ରାଜ୍ୟ ଓ ରେଲ୍‌ର ସଂପର୍କ - ସବୁ ନାହିଁ ନାହିଁର ତାଲିକା । କେତେ ତୁମ୍ବିତୋଫାନରେ ରାଜ୍ୟ ସରକାର ଧାମରା ବନ୍ଦର (ଡିପିସିଏଲ) କଲେ । ତାହା ପୂର୍ବ ଉପକୂଳରେ ଅତ୍ୟନ୍ତ ସମ୍ଭାବନାମୟ ହେଲା । ଏବେ ତା' ଭାଗ୍ୟ ପେଣ୍ଡୁଲମ୍ ପରି ହଲୁଛି । ଟାଟା ଏଲ-ଏଣ୍ଡ-ଟି ଫିଫ୍ଟି-ଫିଫ୍ଟି ରହିବ ନା ଆଉ କ'ଣ ହେବ ? ସରକାର ହୁଇସିଲ୍ ଫୁଙ୍କିବା ଅବସ୍ଥାରେ ବି ନାହାଁନ୍ତି । ଏହା ଚାକ୍ଷୁଷ ରେଳ ମନ୍ତ୍ରଣାଳୟର ଓଡ଼ିଶା ପ୍ରତି ପାତରଅନ୍ତରର ଫଳ ।

ଶୁଣି ଖୁସି ଲାଗିଲା ଯେ ୨୫ଟି ରେଲୱେ-ଟ୍ରେଡ୍ ଟ୍ରେନିଂ ସେଣ୍ଟରରୁ ଗୋଟିଏ କୋରାପୁଟରେ ହେବ । ତା'ପରେ, ଶଙ୍କା ଆସେ - ହେଲେ ତ ? କାରଣ କଂଗ୍ରେସ କି ବିଜଦ ଯେଉଁ ଦଳ ଶାସନରେ ଥାଉ ପଛେ - ରେଲୱେର ସବୁକଥା ଓଡ଼ିଶାରୁ ଉଠିଯାଏ । ରାଜ୍ୟର ବିକାଶ ପାଇଁ ରେଳ ବିଭାଗ ଆଜି ପର୍ଯ୍ୟନ୍ତ ନିଜଆଡୁ କିଛି କମିଟ୍‌ମେଣ୍ଟ କରିନି, ବରଂ ଅସହଯୋଗର ବହୁବିଧ ପ୍ରମାଣ ରହିଛି ବିଭାଗ ଓ ମନ୍ତ୍ରଣାଳୟ ବିରୁଦ୍ଧରେ । ଆହୁରି ଦୁଃଖର କଥା, ଆମ ଏମପିମାନେ ରାଜ୍ୟର ହିତ ପାଇଁ ଥରେ ବି ଏକଜୁଟ ହୋଇ ରେଳମନ୍ତ୍ରୀଙ୍କୁ ଭେଟନ୍ତି ନାହିଁ । ଲାଲୁ ପ୍ରସାଦ ଯାଦବ ବି ସେକଥା କହିଥିଲେ । ଆମେ କହୁଛୁ - ସେମାନେ ଇ-ମେଲ୍ ବି ଖୋଲନ୍ତି ନାହିଁ ।

ହିମାଳୟ, ଗଙ୍ଗାଜଳ ପରି ଭାରତରେ ରେଲ୍-ୱେ । ଲୋକେ ହରକତ ହେଲେ ବି, ନୂଆ ସକାଳଟେ ଦେଖିବେ - ଏ ଆଶା ରଖନ୍ତି ।

(୧.୩.୧୩.)

Digitized by srujanika@gmail.com

ନାରୀ-ସୁରକ୍ଷା ଓ ଠକଉପାଖ୍ୟାନ

ରାଜା ଗୋପାଳଭାଣ୍ଡଙ୍କୁ ପଚାରିଲେ - କଟୁଆଳ ବୁଦ୍ଧିଆ ନା ଚୋର ବୁଦ୍ଧିଆ ?

ଭାଣ୍ଡେ ଚଟାପଟ ଉତ୍ତର ଦେଲେ - ଚୋର, ହଜୁର ।

: କେମନ୍ତ ?

: କଟୁଆଳ ପଗାର ନିଏ । ରାଜାଙ୍କ ଆଦେଶ ମାନେ । ମାତ୍ର, ଆଇନକୁ ଡରିବନି ବୋଲି ସ୍ଥିର କରି ଚୋର ନିଜ ରୋଜଗାର ନିଜେ କରେ । ହଜୁର ଟିକେ ଭାବୁନାହାଁନ୍ତି - ଆମ ରାଜ୍ୟରେ ଯଦି ଚୋର ମୋଟୁରୁ ନ ଥା'ନ୍ତେ ଆପଣ କଟୁଆଳ ରିକ୍ରୁଟ୍‌ମେଣ୍ଟ୍ କମେଇ ଦିଅନ୍ତେନି ? ତେଣୁ ମହାଭାଗ - ଆମ୍ଭର ବିନୀତ ଉତ୍ତର ହେଲା ଯେ ଚୋର ଯେମିତି ହେଲେ ବି ନୂଆ ବୁଦ୍ଧି ବାହାର କରିବ । ନହେଲେ ତା ଜୀବିକା ମାରା । ତାକୁ ଧରିବା କାମ, କଟୁଆଳ କରିପାରେ ବା ନ ପାରେ ବି । ଏଥିପାଇଁ ବୁଦ୍ଧି କି ପ୍ରୟୋଜନ ? ନିଜ ବାହାଦୁରୀ ଶୁଣେଇବାକୁ ହଜୁରଙ୍କ ସାମ୍ନାରେ କଟୁଆଳ ହାଜର ହୋଇପାରେ । ଚୋରର ସେ କେପାସିଟି ନାହିଁ । ଖ୍ରୀଷ୍ଟପୂର୍ବ ୫ମ ଶତାବ୍ଦୀ ଗ୍ରୀକ୍ ଦାର୍ଶନିକ ଓ ନାଟ୍ୟକାର ସୋଫୋକ୍ଲେସ୍‌ଙ୍କ ଉକ୍ତି - No law is ever an impediment to a cheat."

ଖବର ଅନୁଯାୟୀ, ('ସମାଜ', ୨୬.୨.୧୩) ଗତ ସୋମବାର ଦିନ ଦି'ପହରେ ରାଜଧାନୀ ଭୁବନେଶ୍ୱରର ଜନଗହଳି ରାଜମହଲ - ମିଉଜିଅମ୍ ରାସ୍ତାରେ ଘଟିଥିବା ନୂଆ ପ୍ରକାର ଛିନ୍‌ତାଇ । ତିନି ଯୁବତୀ ମିଶି ଜଣେ ଯୁବକର ମୋବାଇଲ ଓ କେତେ ହଜାର ଟଙ୍କା ଲୁଟ୍ କଲେ । ଯୁବକ ପ୍ରତିବାଦ କଲେ ବି କିଛି କରି ପାରିଲାନି । ରାଜମହଲ ଛକରୁ ମିଉଜିଅମ୍ ଛକ (ପୁରୀ ବସ୍-

Digitized by srujanika@gmail.com

ଷ୍ଟାଣ୍ଡ) ଭିତରେ କାମ ଶେଷ କରି ଯୁବତୀମାନେ ପାଟି କଲେ ଯେ ଏ ଲୋକଟା ସେମାନଙ୍କ ସହ ବଦ୍ମାସି କରୁଚି।

ପୀଡ଼ିତର ଦୁଃଖ କେହି ଶୁଣୁ ନ ଥା'ନ୍ତି । ବରଂ 'ମୋରାଲିଷ୍ଟ୍'ମାନେ ତାକୁ ବିଧା ଗେବା ବସେଇ ପୁଲିସ ଡାକି 'ଧରେଇ' ଦେଲେ। ପିସିଆର ଭ୍ୟାନ୍ ଆସି ତାକୁ 'ଧରିନେଲା' ଥାନାକୁ । ସେଠି ଶୁଣିଲାବେଳକୁ ଷ୍ଟୋରି ଓଲଟା - ଯିଏ 'ଆକିଉଜଡ୍' ସିଏ 'କମ୍ପ୍ଲେନାଣ୍ଟ'। ଅସଲ ଅପରାଧୀ - ତିନି ଯୁବତୀ - ଙ୍କୁ ।

ଆଇନରେ ଓ ଇମୋସନରେ ନାରୀ ଶକ୍ତିଶାଳୀ । ଆଶାର ସହ କହି ପାରିବୁ ଯେ ଅନ୍ତତଃ ଓଡ଼ିଆ ସମାଜରେ ସେ ଇମୋସନ୍‌ର ଆଦର ରହିଛି । ଗୁଣ୍ଡା ଗପ ଶୁଣି ଭାବିବା ଉଚିତ ନୁହେଁ ଯେ ସମାଜଟା ସାରା ଗୁଣ୍ଡା । କେତେ ଭଲ ଲୋକ ଅଛନ୍ତି। ଆସ୍ଥା ନେଇ ପୁଣି ସମାଜଟା ରହିଛି ନା!

ଦୟା ଲାଗୁଛି, ଯୁବକର ଅସହାୟତା ପ୍ରତି। ନାରୀ-ଜାଗରଣର ଢୋଲ-ପିଟା ମାହୋଲ ଭିତରେ ଲୋକଟି ବିଚରା ନିଜ ସତ କହି ପାରିନି। ଅନେକ ହୁଏତ ଭାବପ୍ରବଣତା ଯୋଗୁ ଚଞ୍ଚଳ-ସିଦ୍ଧାନ୍ତରେ ପହଞ୍ଚି 'ଠକ'ମାନଙ୍କୁ ସତ-ନାରୀ ବୋଲି ଭାବିନେଲେ। ପୁଲିସ କି ଅଧିକ ବୁଦ୍ଧିର କାମ କଲା କି ? 'ଅପରାଧୀ' ଭାବି ଲୋକଟିକୁ ଉଠେଇ ନେଲା। ହେଲେ ଯିଏ ଅଭିଯୋଗ କରିଛନ୍ତି ସେମାନଙ୍କୁ ଛାଡ଼ି ଦେଲା କେମିତି ? ବସ୍-ଷ୍ଟାଣ୍ଡରେ କ୍ଷଣକ ପାଇଁ ଯଦି ପୁଲିସ ଯୁବକର କଥା ବିଶ୍ୱାସ କରିଥା'ନ୍ତା ତତ୍କାଳ ହୁଏତ ଠକ ଯୁବତୀମାନେ ଧରା ପଡ଼ିଥା'ନ୍ତେ । ନେଉଳକୁ ଛାଡ଼ି ତା' ଲାଞ୍ଜରୁ କେରାଏ ବାଳ ଧରିଲା ପରି ପୁଲିସ ପଛରେ ଯୁବତୀଙ୍କ ମୋବାଇଲ ନମ୍ବରକୁ ଡାଏଲ କରିବା ବା ତାହା ସୁଇଚ୍-ଅଫ୍ ଅଛି ବୋଲି କହିବାର ମାନେ କିଛି ନଥାଏ ।

ଉପରୋକ୍ତ ଘଟଣା ପୁଲିସ ଓ ସର୍ବସାଧାରଣଙ୍କ ପାଇଁ ଚିନ୍ତାର କାରଣ ହେବାକୁ ବାଧ୍ୟ । ନର ନାରୀ ଗୋଟିଏ ଅଟୋରେ ସହଯାତ୍ରୀ ହେଉଥିବା, ପଛ ସିଟ୍‌ରେ ତିନି ଜାଗାରେ ଚାରି ଜଣ ବସିବା ଏବଂ ଚାଳକ ପାଖରେ ଆଉ ଜଣେ ବା ଦୁଇ ଜଣ ବସିବା ବ୍ୟବସ୍ଥା ମଧ୍ୟ ସବୁ ଅଟୋରେ ଥାଏ। ସବୁ ପୁଲିସର ଜ୍ଞାତସାରରେ ।

ଏବେ ଆସ୍ଥା ଏବଂ ଅନାସ୍ଥାର ମଝି ଛକରେ ସମସ୍ତେ ଠିଆ ହେବେ । ଅଟୋରେ ନାରୀ ଯାତ୍ରୀ ଥିଲେ, ସେଥିରେ ଆଉ ପୁରୁଷ ଚଢ଼ିବାକୁ ସାହସ କରିବେନି ଏବଂ ଅଟୋଚାଳକ ମହିଳା ପ୍ୟାସେଞ୍ଜର ନେବାକୁ ଆଭଏଡ୍ କରିବେ। ହେ ଭଗବାନ, ମାତ୍ର ତିନି ଜଣଙ୍କ ଶଠତା ଯୋଗୁ, ଲୋକଙ୍କ ମନରୁ ଏଡ଼େ ବଡ଼ ଆସ୍ଥା ଯେ ହଜି ଯିବ!

'ଅଲ୍-ଲେଡିଜ୍' ଅଟୋ ଚଳେଇବା କ୍ଷମତା କମିସନରେଟ୍‌ର ଅଛି କି ?

(୨.୩.୧୩)

Digitized by srujanika@gmail.com

ଖ ଡ଼ ମ

'ଖଡ଼ମ', 'କଠୋଉ' ଓ 'ପାଦୁକା' - ସେଇ ଚୂଳୀ, ସେଇ ଫେର, ସେଇ ବଇଠ, ସେଇ ଖିଲ । ପାଦ ଛୋଟ ବଡ଼ ହେଲେ ସାଇଜ ଅଲଗା ଅଲଗା । କିନ୍ତୁ ପିଲେ ଜାଣିଛ, ଆମେ ଯାଇତାଇମାନେ ପିନ୍ଧିଲେ ଯାହାକୁ କୁହାଯାଏ 'ଖଡ଼ମ', ଋଷି ମୁନି ମହନ୍ତ ଅଧିକାରୀ ପିନ୍ଧିଲେ ତାକୁ କୁହାଯାଏ - କଠୋଉ । ପ୍ରଭୁ ରାମଚନ୍ଦ୍ର ବନସ୍ତକୁ ଗଲାବେଳେ ଯାହା ନ ପିନ୍ଧି ସାବତ ଭାଇ ଭରତଙ୍କ ପାଖରେ ଛାଡ଼ି ଗଲେ ତା ନାଁ ଥିଲା - ପାଦୁକା ।

ପିଲାଦିନେ ସାହିତ୍ୟ ସାର୍ ବୁଝେଇଥିଲେ - ହୁସିଆର୍, ଗୋଟାଏକୁ ଆର ଜାଗାରେ ମୋଟେ ଲଗେଇବନି । ଚୈତନ୍ୟ ଦେବ 'ଖଡ଼ମ' ପିନ୍ଧି ନଥିଲେ କି ଶ୍ରୀମନ୍ଦିର ବେଢ଼ାରେ ଲକ୍ଷ ଭକ୍ତ ଦଣ୍ଡବତ କରୁଥିବା ବିଷ୍ଣୁଙ୍କ ପଦଯୁଗଳର ଇମ୍ପ୍ରେସନ ଚିହ୍ନ (ଭକ୍ତ-ଶବ୍ଦ : ପାଦପଦ୍ମ)କୁ ତମେ 'କଠୋଉ' ବା 'ପାଦୁକା' କହି ପାରିବନି । ଏମିତି ଆମେ ଯେତେ ଶବ୍ଦ ଶୁଣୁ ସେଗୁଡ଼ିକର ଅର୍ଥ ପୂର୍ବରୁ ନିର୍ଦ୍ଧାରିତ ହେଇଚି । ଏକଥା ବୁଝିବାରେ ମୋଟେ ଅଗଲ ଚଗଲ କରିବନି । ଏବେ ତ ଖାଲି ମାର୍କ କଟିବ, ଭବିଷ୍ୟ ଜୀବନରେ ଗୋବିନ୍ଦ ଗୋପାଳ (ମାଡ଼) ଦର୍ଶନର ଚାନ୍ସ ଅଧିକ । ତେଣୁ ଘୋଷ ପଛେ, ମନେ ରଖିବ । ଶବ୍ଦାର୍ଥ - ଯିଏ ଯାହା ପାଇଁ ନା !

'ଖଡ଼ମ'ର ବ୍ୟବହାର ସଂସାରରୁ ଲୋପ । ଯା ସପକ୍ଷରେ ଆଗେ ମିଥ୍ ଥିଲା ଯେ ବ୍ରହ୍ମଚର୍ଯ୍ୟ ରକ୍ଷା କରିବାକୁ ଏହା କୁଆଡ଼େ ଅତ୍ୟନ୍ତ ସହାୟକ । ଏବେ ବାବାମାନେ ତ ପିନ୍ଧୁ ନାହାଁନ୍ତି । ଆସନ ତଳେ ଫୁଲ ଚନ୍ଦନ ସହ ତାହା ସନ୍ୟାସୀଙ୍କ 'କଠୋଉ' ରୂପେ ପୂଜା ପାଉଛି । ଭକ୍ତମାନେ ବି ସେଠି ସେକେଣ୍ଡ୍ ଦଣ୍ଡବତ କରୁଛନ୍ତି । ସାହିତ୍ୟ ସାର୍ଙ୍କ ଖଡ଼ମ-ପାଠ ଆମର ତୁହାକୁ ତୁହା ମନେ ପଡ଼ିଲା ଯେତେବେଳେ ବିଜୁ ଜନତା ଦଳର ବରିଷ୍ଠ ଏବଂ ବିବାଦାସ୍ପଦ

Digitized by srujanika@gmail.com

ନେତା, ଇଦାନୀଂ ମନ୍ତ୍ରୀ ଡକ୍ଟର ଦାମୋଦର ରାଉତଙ୍କ ବିରୁଦ୍ଧରେ 'ହରିଜନ' କେଶ୍ ହେଲା। କାଳେ ଆଇନ ଅବମାନନା ହୋଇପାରେ, ସେ ଡରରେ ସେତେବେଳେ ଆମେ ନିଜକୁ ପଚାରିଥିଲୁ - କି ଦ୍ୱିଧାଗ୍ରସ୍ତ ଅବସ୍ଥାରେ ଅଛି ଏ ଭାରତ ? ଦାମବାବୁ କହିଛନ୍ତି କି ନା, ଆମେ ଜାଣୁନା ଏବଂ ତାହା ବି ଆମର ପ୍ରସଙ୍ଗ ନୁହେଁ ।

ସତକୁ ସମ୍ମାନ କରିବାକୁ ଟିକେ ଭାବିବା । ଏମଏଲଏ କାଷ୍ଟ-ସାର୍ଟିଫିକେଟ୍ ଦିଅନ୍ତି। ଆଇନର ଆବଶ୍ୟକତା ଅନୁଯାୟୀ ସେଥିରେ ତାଙ୍କୁ ବ୍ୟକ୍ତିଙ୍କ ଜାତିର ବିଣ୍ଡ-ନାଁ ଲେଖିବାକୁ ପଡ଼ିଥାଏ। ଲେଖିବା ଯଦି ଭୁଲ ନୁହେଁ, କହିବା ଭୁଲ ହେଲା କେମିତି ? ବରଂ ଓଲଟାଟି ଅଧିକ ଆପ୍ରୋପ୍ରିଏଟ୍। ବହୁ କଥା କହି ହୁଏ, କିନ୍ତୁ ଲେଖିଲାବେଳକୁ ଅଟକି ଯାଏ। ଯଥା - ଅସଭ୍ୟ ଲେଖିବନି, ଅର୍ଥ ଅମାନ୍ୟ କରିବନି. ଡିକ୍ସିନାରିରେ ମୋଟରୁ ଚାଳିଶ ହଜାର ଏଣ୍ଟ୍ରି। କେତେ ଲେଖିବୁ ଲେଖ। ଯାହା କହୁଚ କୁହ। ଲିମିଟ୍ ନାହିଁ ।

ଏ ଅଭ୍ୟାସରେ ସାହିତ୍ୟ ତିଆରି ହୋଇଛି । 'ଅମୁକ'-ବାଜା ନ ବାଜିଲେ ଅହିଅ ଶବ ଭିଅରୁ ଉଠେ ନାହିଁ। ଶବ୍ଦରେ କେବେ ବି ଅସୂୟା ନ ଥିଲା ବା ନାହିଁ । ଆଜି ବି ଅହିଅ ନାଗରା ସାଙ୍ଗରେ ସେ ବାଜା ବାଜୁଛି । ରେଟ୍ ବଢ଼ି ଯାଇଛି। ହଁ ସବୁ ବଢ଼ିଲା ତ, ଇଏ ଛିଡ଼ିଥା'ନ୍ତା କାହିଁକି ? ଯାହାହେଉ ଏହିପରି ଅସଂଖ୍ୟ ଶବ୍ଦ ଏବଂ ତହିଁର ଅସଂଖ୍ୟ ବ୍ୟବହାରକୁ ଯଦି ଗଣତାନ୍ତ୍ରିକ ଆଟ୍ରୋସିଟି ଆଇନର ପରିଧିରେ ଦଣ୍ଡନୀୟ ଭାବେ ବିଚାର କରାଯାଏ - ହେ ଭଗବାନ, ଖୁସି ଲାଗୁଛି ଯେ ଫକୀର ମୋହନ, ଗୋପାଳ ପ୍ରହରାଜ ଆଦି ମରି ଯାଇଛନ୍ତି ! କିଏ ଜାଣେ, ନ ହେଲେ ବିଚରାମାନେ କୋର୍ଟକୁ ଟଣା ହୋଇ ନଥାନ୍ତେ ?

ଦାମବାବୁ କହିଲେ ଶବ୍ଦଟିଏ, କଥା ଗଲା କୋର୍ଟକୁ । ମାତ୍ର ସମସ୍ତେ ଦେଖିଛନ୍ତି ତାହା ଥିଲା ବିଜଦ ଭିତରର ନୁଙ୍ଗୁରା ରାଜନୀତି । ସେତେବେଳେ ଏ ଶବ୍ଦ (ଦାମବାବୁ ଦିସ୍ ଦ୍ୟାଟ୍ କହିଦେଲେ) ଥିଲା ମାତ୍ର ଏକ ବାହାନା। ସାହିତ୍ୟ ସାର୍‌ଙ୍କ ଖଡ଼ମ-କଠୋଉ-ପାଦୁକା ବାଣୀ ମନେ ପଡ଼ିଲା। 'ଶବ୍ଦାର୍ଥ - ମାନେ ଯିଏ ଯାହା ପାଇଁ ନା!'

(୪.୩.୧୩)

Digitized by srujanika@gmail.com

ମଣ୍ଡୂକ କୃଷ୍ଣସର୍ପ କଥା

'ପୋସ୍କୋ'ରେ ତିନି ମଲେ - ଜମି ଅଧିଗ୍ରହଣ ଏକାସାଙ୍ଗରେ

ଦୁଷ୍ଟ ବେଙ୍ଗ ଗଙ୍ଗଦତ୍ତ ଦିନେ ବିରାଦରୀ ପ୍ରତିଶୋଧ ପାଇଁ ପଣ କଲା। କଷ୍ଟେମଷ୍ଟେ ପଦାକୁ ପଳେଇଲା। କୂଅ ବେଙ୍ଗ - ପାଣିରୁ ପୋକଜୋକ ଖାଇ ବଞ୍ଚୁଥିଲା। ଉପରେ ଦେଖିଲା, ଏ ପୃଥିବୀ ନିଆରା । ଏଠିକା ପୋକ ତାକୁ ଡରୋଉଥା'ନ୍ତି । ଭୋକରେ ପେଟ ଆଉଟୁପାଉଟୁ ଓ ପ୍ରତିଶୋଧ ନେବାକୁ ମନରେ ନିଆଁ । ଖାଦ୍ୟ ପାଇଁ ବାତୁଳପ୍ରାୟ ବୁଲୁବୁଲୁ ଦେଖିଲା ଗୋଟେ ସାପ । ପ୍ରିୟଦର୍ଶନ । ଗଙ୍ଗଦତ୍ତ ଚମକି ପଡ଼ିଲା। ତେବେ ବି, ମନରେ ଜଳୁଥିବା ଅହଙ୍କାର ନିଆଁ ତାକୁ ବାଟ ବତେଇଲା - ନେ ବେ, ଚାନ୍ସ ନେ । ମୋଟେ ଛାଡ୍‌ନି । ସାହସ କୁଳେଇ ଲୁଚିଲୁଚି ତା କତିକି ଗଲା । ନିରାପଦ ଦୂରଛଡ଼ାରେ ଥାଇ କହିଲା - କି'ରେ ସାପ ଭାଇ, ଭୋକ କରୁଚି କି ?

ସେ ଜାଣିଥିଲା ଯେ ଏ ସାପ ଏବେ ଭୋକିଲା। କ୍ଷୁଧାର ଅଦେଖା ଆଖି ରହିଛି ଯାହା ଖାଦ୍ୟକୁ ଦେଖିପାରେ । ଖାଦ୍ୟର ବି ସେମିତି ଅବୁଝା ମନଟିଏ ଥାଏ ଯାହା ଖାଦକକୁ ଚିହ୍ନିପାରେ। ଯାହାହେଉ, ଏପରି ଆତୁର ଅସ୍ଥିରତା ଭିତରେ ଦୁହେଁ ଚିହ୍ନାପରିଚ ହେଲେ । ବେଙ୍ଗ ଡାକିଲା - ଆ ମୋ ସାଙ୍ଗରେ ।

ସାପ ପଚାରିଲା, 'ଡେଇଁ ପଡ଼ି ସିନା ପଶିଯିବି, ସେଠୁ ବାହାରିବି କେମିତି ?'

'ଦରକାର ହେବ କି ? କୂଅ ଭିତରେ ଏମିତି ଗୁପ୍ତ ଜାଗା ସବୁ ଦେଖେଇଦେବି ଯେ ତୁ ଯେତେ ଖାଇଲେ ବି ବେଙ୍ଗ ସରୁ ନ ଥିବେ । ପଦାକୁ ଆସିବୁ କାହିଁକି ?'

ସଂସାର ପଦାରେ ଛାଡ଼ି ସେ କୂଅରେ ରହିବ କାହିଁକି ? ଭୋକ ଦାଉରୁ ଏପରି ବହୁ ବିଚାର ପଛକୁ ପକେଇ ସାପ ଡେଇଁ ପଡ଼ିଲା । ଏଣିକି ଶତ୍ରୁମାନେ

Digitized by srujanika@gmail.com

କ୍ରମେକ୍ରମେ ସଂଖ୍ୟାରେ କମିବାକୁ ଲାଗିଲେ । ଗଙ୍ଗଦତ୍ତ ଲୀଳା ଦେଖେଇ ଦେଖେଇ ଦର୍ପରେ ଭିତରକୁ ଆସୁଥାଏ । ସାପର ଭୋକ ତା ନିଜ ପରିଧିରେ ସୃଷ୍ଟି ହୁଏ । ଗଙ୍ଗଦତ୍ତର ଶତ୍ରୁ କୁଳ ଲୋପ ହେଲେ । ସେ କହିଲା, 'ଭାଇ ଏବେ ତୁ ଯା ।'

'ମୁଁ ଏଠିକି ଆଇଲା ବେଳେ କହିଥିଲି ଉଠିବା ମୋ ଦେହି ହବନି। ହେଲେ ମିତ୍ର ତମେ ମୋତେ ଡରନି । ତମେ ରାଜା ହବ ଓ ମୁଁ ପବନ ଖାଇ ବଞ୍ଚିଯିବି ।' ମାତ୍ର ସାପ ନିଜ କଥା ରଖି ପାରିଲାନି । ଲୁଚେଇ ଚୋରେଇ ଗଙ୍ଗଦତ୍ତର ପ୍ରଜାମାନଙ୍କୁ ଖାଇ ଶେଷରେ ରାଜାଙ୍କ ପିଲାଛୁଆଙ୍କୁ ବି ଖାଇଗଲା । ଶତ୍ରୁଙ୍କୁ ଲୁଚେଇ ଖାଉଥିଲା, ଏବେ କୁଟମ୍ବକୁ ଦେଖେଇ ଖାଇଲା । 'ପଦାରୁ ତମ ପାଇଁ ଆଉ ବେଙ୍ଗ ଆଣିବି ଯାଉଚି' କହି ଗଙ୍ଗଦତ୍ତ ସେଠୁ ଛୁ।

ଖାଇବାକୁ ନ ପାଇ ପ୍ରିୟଦର୍ଶନ ମଲାଣି କି ନା, ଲୁଚିଲୁଚି ସେ ଉପରୁ ଦେଖୁଥାଏ । ଦିନେ ଦିହିଁଙ୍କ ଆଖି ମିଳିଗଲା । ସାପ କହିଲା, 'ଏଠି କେହି ନାହାଁନ୍ତି । ମତେ ଭାରି ଲୋନ୍‌ଲି ଲାଗୁଚି । ଆ ଭାଇ, ମିଶି ଏଇଠି ରହିବା ।'

ବେଙ୍ଗ କହିଲା, 'ବୁଭୁକ୍ଷିତୋ କିଂ ନ କରୋତି ପାପମ୍' - ଶିକ୍ଷା ପାଇଛି । ଏବେ କହୁଚୁ, ମିତ୍ର ? ବଚନ ଦ୍ରୋହ କରି ମୋ କୁଟୁମ୍ବ ଖାଇଲୁ। ମୁଁ ଆଉ ନ ଯାଏ। ତୁ ସେଇଠି ମର । ଥ୍ୟାଙ୍କ୍ ୟୁ ।'

ଏ ଗପର ସେକେଣ୍ଡ୍ ଟ୍ୟାଗ୍ ବା ଆର ଖିଅଟି ହେଲା - 'ପୋସ୍କୋ' ହେବ ନା ପାନ ବରଜ ରହିବ ? ଶିଳ୍ପ ପାଇଁ ଓଡ଼ିଶାରେ ଫ୍ରଣ୍ଟ୍-ଗିଅର୍ ବ୍ୟାକ୍-ଗିଅର୍ ଧକଲ ଚଳଲର ଦୀର୍ଘ ପରମ୍ପରା ରହିଛି । ୧୯୯୫ରେ ଏମଓୟୁ ପରେ କିଆଫୁଲ ଚାଷର ସୁରକ୍ଷା ଲାଗି ଗୋପାଳପୁର (ଗାମ) ଟାଟା ଷ୍ଟିଲ ପ୍ରକଳ୍ପ ବନ୍ଦ ହୋଇଗଲା। ଫୁଲ ଉତ୍ପାଦନ ବା ରପ୍ତାନି କେତେ ବଢ଼ିଲା କେହି ଜାଣନ୍ତିନି, ଶିଳ୍ପ ପାଇଁ ଗାମବାସୀଙ୍କ ମନ-ଡଙ୍କ ମୋଡ଼ି ହୋଇଗଲା। ଫୁସ୍ ବେଲୁନ୍‌ରେ ପମ୍ପ୍ ଭରି ୨୦୧୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେଠି ୧୦ ହଜାର କୋଟି ଟଙ୍କା ବ୍ୟୟରେ ଟାଟା ଷ୍ଟିଲର ଇଣ୍ଡଷ୍ଟ୍ରିଆଲ୍ ପାର୍କ ପାଇଁ ଶୁଭ ଦେଲେ । ତିନି ବର୍ଷ ପରେ, ଯେଉଁ କଥାକୁ ସେଇ କଥା । ଏବେ ସେଠି ଜମି ଭାଉ ପଚାମାଛ ପରିକା ଶସ୍ତା ।

ଶନିବାର 'ପୋସ୍କୋ' ଅଞ୍ଚଳରେ ବୋମା ବିସ୍ଫୋରଣରେ ତିନି ଜଣ ମୃତ ଏବଂ ଜଣେ ଗୁରୁତର ଭାବେ ଆହତ। ରବିବାର ଦିନ ପ୍ରଶାସନ ତିନୋଟି ପାନ ବରଜ ଭାଙ୍ଗି ନିର୍ବିଘ୍ନରେ ଜମି ଅଧିକାର କଲା । ୟା' ପରେ 'ପୋସ୍କୋ' କାରଖାନା ହେବ ତ ? ସରକାର ଗଙ୍ଗଦତ୍ତ ତିଆରି ଇଣ୍ଡଷ୍ଟ୍ରି କରିବାକୁ ଚେଷ୍ଟା କରୁଛନ୍ତି ବୋଲି ଆମର ଧାରଣା।

(୫.୩.୧୩.)

Digitized by srujanika@gmail.com

ମା ଗୁ ର୍ ମା ଛେ ର୍ ଝୋ ଲ୍

ବିଧାନସଭାରେ ପ୍ୟାରୀ ବାବୁ ଜିତିବେ ୮୦ରୁ ୮୫ ସିଟ୍ : ଖବର

'ମାଗୁର୍ ମାଛେର ଝୋଲ୍ - ବେଟା ହରିଆ ହରିଆ ବୋଲ୍' - ଏହା ଗାଁଗଣ୍ଡାର ଗୋଟିଏ ପ୍ରଚଳିତ ଢଗ।

ମାଗୁର ମାଛ ଓ ମୋ ଭିତରେ ଗୋଟେ ଅଖଣ୍ଡ ସଂପର୍କ। ମେଟ୍ରିକ ପରୀକ୍ଷା ଆଗରୁ ବୋଉ ମତେ ସବୁଦିନେ ଖାଲି ସେ ଝୋଳ ଖୋଇଲା। କାରଣ ସେ କାଳେ କୋଉଠୁ ଶୁଣିଥିଲା ଯେ ଏ ଝୋଳ ପିଲାଙ୍କୁ ଇଣ୍ଟେଲିଜେଣ୍ଟ୍ କରେ । ମାତ୍ର ବୋଉର ତଥ୍ୟ ସୂଚନା ଠିକ୍ ନ ଥିଲା । ରେଜଲ୍ଟ ବାହାରିଲା - ଥାର୍ଡ ଡିଭିଜନ ! ତା'ଠୁ ତଳକୁ କ'ଣ ଯାଇ ପାରିଥା'ନ୍ତି ? ଆଇଁଷ ଭାବେ ମତେ ମାଗୁର ଭଲ ଲାଗେନି ବା ମାଛ ହିସାବରେ ମୁଁ ତାକୁ ଘୃଣା ବି କରେନି ।

ଏହା ଏକ ତତ୍ତ୍ୱ-ବୁଦ୍ଧି ସଂପନ୍ନ ମାଛ । ରହେ ସାତ ଗହୀର ପଙ୍କ ତଳେ। ପଚଣ୍ଡ ଗୁପ୍ତମାରୁ। ଥରେ ଯଦି ବିନ୍ଧି ଦେଲା - ସାପ ବିଷ ପଛେ ଝଡ଼ି ଯିବ, ଏ ପୀଡ଼ା ଛାଡ଼ିବ ନାହିଁ। ଯାକୁ ସାହିତ୍ୟ ଭାଷାରେ ବୁଝିବା ବୁଝେଇବା ଅସମ୍ଭବ । ବରଂ ପଚରାଯାଉ କେବେ ଯଦି କାହାକୁ ଶିଙ୍ଘି କି ମାଗୁର ବିନ୍ଧିଥିବ, ସେ କହିବ - କେମିତି ଲାଗେ !

ଏ ପଙ୍କୁଆ ମାଛଙ୍କର ଆଉ ଏକ ବୈଶିଷ୍ଟ୍ୟ ହେଲା, କରାଣ୍ଡି ଦଣ୍ଡିକିରି ପରି ଏମାନେ ମୋଟେ ଛଟକ ଦେଖେଇବାକୁ ପଦାରେ ବୁଲନ୍ତିନି । ତେଣୁ କ୍ୱଚିତ୍ ଖେପା-ଜାଲରେ ପଡ଼ନ୍ତି । 'ସବୁ ତ ଶେଷରେ ତଳକୁ ଯିବେ' - ପୃଥିବୀର ଏହି ଶ୍ରେଷ୍ଠ ସତ୍ୟକୁ ମାନି ନିଜ ଖିଆପିଆ କାମ ସେଇ ତଳେ ତଳେ ଶେଷ କରି ଦିଅନ୍ତି । ପଦାକୁ କିଛି ଜଣା ପଡ଼େନି । ପଙ୍କବାସୀ ହୋଇଥିବାରୁ ଏ ମାଛର ମିଜାଜ ଥଣ୍ଡା। ଇଏ ମଣିଷ ପାଇଁ ଯାଇତାଇ ଆମିଷ ନୁହେଁ, ବରଂ ଏକ

Digitized by srujanika@gmail.com

ଆଶ୍ଚର୍ଯ୍ୟ ମହୌଷଧି । ନିମୋନିଆ ଟାଇଫଏଡ଼୍‌ରୁ ଉଠିଥିବା ମଲୁ ଯା ଝୋଳ ହାପୁଡ଼ିଲେ ଚେଙ୍ଗା ହୋଇ ଉଠନ୍ତି । ଡାକ୍ତର ବରାଦ କରନ୍ତି - ଦେହରେ ରକ୍ତ ବଢ଼ିବ, ଯାକୁ ଖା' । ବୈଦ୍ୟ କହନ୍ତି - ଇଏ ପଥି । ଯା' ପାଇଁ ହବିଷ-ବାରଣ ନାହିଁ । କାର୍ତ୍ତିକରେ ବି ଚଳିବ ।

ଏ ମାଛ ମିଳିବା ଅପେକ୍ଷାକୃତ କଷ୍ଟ । ଜେଣ୍ଟେଲ୍‌ମେନ୍ ମାଛୁଆଙ୍କ ଜାଲ ଯା ପାଇଁ ନୁହେଁ। ଗାତରେ ହାତ ନ ପୂରେଇଲେ ନ ଚଳେ । ଧରିଲେ ବି ଖସିଯା'ନ୍ତି - ନିହାତି ନାଲୁଆଗୁଡ଼ାକ। ଡହଡହ ଜ୍ୟେଷ୍ଠ ଖରାରେ ଦଳ କଳମ ଶୁଖି ଝାଟି ହୋଇ ଯାଇଥିବ, ଗଡ଼ିଆ ମାଟି ଫାଟି ଆଁ କରିଥିବ ପଛେ, ତେବେ ବି କୋଉ କନ୍ଦିସନ୍ଧିରେ ବଞ୍ଚିଥା'ନ୍ତି ଏଗୁଡ଼ାକ । ଦି ଅସରା ବର୍ଷା ହେଲେ, ଆଉ ତାଙ୍କ ଲାଙ୍ଗୁଡ଼ରେ ହାତ ମାରି ହେବନି । ଢଗ କହୁଚି - ମାଗୁର ଝୋଳ ମନକୁ ଉତ୍‌ଫୁଲ୍ଲିତ (intoxicate) କରେ। ଗଳାରେ ତିନି ସରି ତୁଳସୀ-ମାଳି ପକେଇ ସତତ ହରିନାମ ସ୍ମରଣ କରୁଥିବା ଭକ୍ତକୁ ବି ଭୋଳ କରି ଦିଏ । ସେ ଗଞ୍ଜେଇ ଟାଣିଲା ପରି ହରିଙ୍କି ଡାକେ - 'ହରିଆ' ! ବାପା ନାଁ ମନେ ନ ପଡ଼ିବା ପରି ଏ ଅପରାଧ !

କଥିତ ମାଗୁର ଝୋଳର ମାଦକତା ଓ ନିର୍ବାଚନ ଭିତରେ କିଛି ସମ୍ବନ୍ଧ ଅଛି କି? ଆମକୁ ଲାଗୁଛି - ହଁ। ଭକ୍ତ ହରିଙ୍କି 'ହରିଆ' ଡାକିବା ପରି - ମୂଳରୁ ମାଇପ ନାଇଁ, ପୁଅ ନାଁ ଗୋପାଳିଆ ! ଦଳ ଦାନା ଧରିନି. ପ୍ୟାରୀ ବାବୁ କହନ୍ତେ ନା - ଆମେ ପାଇବୁ ୮୦ରୁ ୮୫ ? ବିଜୁ ଜନତା ଦଳର ବିଶେଷଣହୀନ ଅନନ୍ୟ ନେତା ରାଜ୍ୟସଭା ସାଂସଦ ପ୍ୟାରୀ ମୋହନ ମହାପାତ୍ର ଏବେ ଏକ ପତିତ ଉଲ୍‌କା ପରି । ଯେତେ ତଳକୁ ଖସୁଛି, ସେତେ ପାଉଁଶ । ୨୦୦୯ରେ ୧୩୦ ପ୍ରାର୍ଥୀ ଠିଆ କରି ବିଜଦ ପାଇଥିଲା ୧୦୩। କର୍ଣ୍ଣଧାର ଥିଲେ ପ୍ୟାରୀ ବାବୁ । ଏବେ ସେ ଅଭିଯୋଗ କରନ୍ତି ଯେ ମୁଖ୍ୟମନ୍ତ୍ରୀ ତାଙ୍କ ବିରୁଦ୍ଧରେ 'ଷଡ଼ଯନ୍ତ୍ର' କରୁଛନ୍ତି । ମିତ ଶତ୍ରୁ ହେଲେ ଯେଉଁ ବିପଦ ! ଏ ଗ୍ରହାଚାର ଅବସ୍ଥାରେ ଅଛନ୍ତି ସିଏ ।

ସାମ୍ବାଦିକ ପଚାରିଲେ - ଏ ରହସ୍ୟ ସଂଖ୍ୟା କେମିତି ମିଳିବ ?

ପ୍ୟାରୀ ବାବୁଙ୍କ ଉତ୍ତର ଥିଲା ଅଜବ । ଲେଫ୍ଟ, ରାଇଟ୍ ସେଣ୍ଟର - ସବୁ ଦଳ ଓଲଟ ହୋଇପଡ଼ିବେ ।

କାହିଁକି ?

ଦେଖିବ ରହ ।

❐

(୭.୩.୧୩.)

Digitized by srujanika@gmail.com

ସେଇ ଗପ ଆଉ ଥରେ

"Be not simply good; be good for something."
- Henry David Thoreau

ବିଜୁଳି ଦେଖି ନ ଥିବା ଆଗକାଳିଆ ଗାଁ ପରିବେଶ । ସନ୍ଧ୍ୟା ବେଳ । ବାଲ୍ୟତରୁ ପୌଗଣ୍ଡ ପର୍ଯ୍ୟନ୍ତ ଶିଶୁ ମଣ୍ଡଳୀକୁ ସନ୍ଧ୍ୟାବେଳେ ତୁଲେଇବା କାମ ଥିଲା ଜେଜେମା ବା ଆଈମା'ମାନଙ୍କର । ସହଜ ଉପାୟ ଅବଲମ୍ବନପୂର୍ବକ ସେମାନେ ତାହା କରି ପାରୁଥିଲେ । ରାଜାପୁଅର ମନପବନ ଘୋଡ଼ା ଏମିତି ଉଡ଼େ ଯେ ପିଲେ ଚାଳକୁ ଅନେଇ କଣା ଖୋଜନ୍ତି । ଉଚ୍ଚାଟ ହେଉଥିବେ । ବୁଢ଼ୀ ଅସୁରୁଣୀ ମାୟା କରି ରାଜାପୁଅକୁ ମୋଟେ ଜେମାଙ୍କ ନଅର ଭିତରେ ପୂରେଇ ଦେଉ ନଥିବ । ରାଜାପୁଅ ନିଶ୍ଚେ ଜିତିବ - ଏ ଇଚ୍ଛା ପିଲାଙ୍କ ମନକୁ ମାଡ଼ି ବସିଥାଏ । ସୁନ୍ଦରୀ ରାଜଜେମା ଆତୁର ହୋଇ ଅନେଇଥା'ନ୍ତି ଅଭୀଷ୍ଟ ବୀରଙ୍କୁ । ଅସୁରୁଣୀର କେତେ ମନ୍ତ୍ର କେତେ ମାୟା, ବିଚରା ରାଜାପୁଅ ଜିତି ପାରୁ ନଥାଏ । ଆଈ କିମ୍ବା ଶିଶୁ କିମ୍ବା ଉଭୟ ନ ଶୋଇବା ଯାଏ ଏ ଗପ ଚାଲେ ।

ଆଈ-ନାତୁଣୀ ଗପ ଅଭ୍ୟାସରୁ ଆମେ ଦୂରଛଡ଼ା । ନାତୁଣୀ ଶୁଣିବାକୁ ଚାହେଁନା ଏବଂ ଆଈ ଗପିବାକୁ ଚାହେଁନା ମଧ୍ୟ । ଆଈ ଟିଭି ସିରିଏଲ ଦେଖିବାରେ ବ୍ୟସ୍ତ, ନାତୁଣୀ ନେଟ୍‌ରୁ ମନ ଉଠାଉନି । ମଝି ପିଢ଼ିର ପାଠେଇ ମା' ଝିଅକୁ ଆକଟ କରି କହୁଛନ୍ତି - ୟାଡୁସ୍ୟାଡୁ ସାଇଟ୍‌ରେ ପଶିବୁନି । ସମସ୍ତେ ନିଜନିଜ ଦାୟିତ୍ୱ ଶେଷ କରୁଛନ୍ତି ଏବଂ ଆଈ-ନାତୁଣୀ ଗପର ପରମ୍ପରା ଲୋପ ହୋଇଛି ।

ଗପ ପାଇଁ କିଛି ସ୍କେଲ୍ କି ମିଟର୍ ଅଛି କି ନା ତାହା ଆମେ ଜାଣୁନା । ମାତ୍ର ଗୋଟିଏ ଆବଶ୍ୟକତା ସିଓର୍ । ମାପିବା ଆଧାରଟିଏ । ୟା' ବିନା ଗପ ସମ୍ଭବ ନୁହେଁ । ଭୂତ-ଗପ - ଥରେ ଆଇଡିଆ ହାତ ଚଢ଼ିଲେ ଆଈମାନଙ୍କର କଚେପୋ'ବାର୍ । ଭୂତପ୍ରେତ ମାମଲାରେ ଭେରିଫାଏ କରିବା ଭାରି କଷ୍ଟ । ଯାହା ହେଉ, ଆଈ କହୁଥିଲେ ଯେ ଗାଁ ନଈ ମଶାଣି ଗଛବୁଦ୍ଧି କାୟାରେ ଭୂତ

Digitized by srujanika@gmail.com

ଡାହାଣୀ ଅଶରୀରୀମାନେ କେମିତି ବିରାଜୁଥିଲେ । ସହରରୁ ଆସିଥିବା ନାତି-ନାତୁଣୀଙ୍କ ଛୁଟି ସରିଯାଏ ପଛେ ଆଈଙ୍କ ଗପ ସରେନି ।

ସେଥିରୁ ଗୋଟେଅଧେ କେବେ କେମିତି ଜୀବନ୍ତ ହୋଇଯା'ନ୍ତି । ଯେମିତି ପାଳଧୁଆ ଗଛ ବାଳଝାମ୍ପୁରୀ ।

ଜହ୍ନ ଆଲୁଅ ତୋଫା । ଆଈ କହିଲେ, 'ଚଉରା ପଛ ଖାନାବାଡ଼ି ଆଡ଼କୁ ଅନା । ଯେଉଁ ପାଳଧୁଆ ଗଛ ? ତା'ରି କଥା । ମୋଟେ ଡରିବନି । ଆଗେ ସେଠି ଗୋଟେ 'ବାଳଝାମ୍ପୁରୀ' (ପ୍ରେତ ପିଶାଚୀଙ୍କ ଲୋକାଲ ନାଁ) ରହୁଥିଲା । ସେ ଗଛ ଉପରେ ବସେ । ତା' ଗୋଡ଼ ଲାଗିଥାଏ ଭୂଇଁରେ । ଯାହା ସାଙ୍ଗରେ ଭେଟଣା ହେଉଥିଲା, ତା'ର ସର୍ବନାଶ । ସେ ନିଶ୍ଚେ ରକ୍ତ ବାନ୍ତି କରିବ ଓ ସେଇଠି ଠୋ ପଡ଼ିଲା ପରି ମରିବ ।'

'କେତେ ଲୋକ ସେଠି ମରିଛନ୍ତି ?'

'ସିଏ କ'ଣ ଖାଲି ସେଇଠି ବସିଥାଏ - ଆଉ କିଛି କରେନି ?'

ଆଈ କହନ୍ତି, 'କହିବି କହିବି, ସବୁ କହିବି ।'

ପିଲେ ଜାଣନ୍ତି ଯେ ଅଗଣା ଭିତରର ସେଇ ଗଛ ତଳେ ସେମାନେ ଦିନ ତମାମ ଖେଳିଛନ୍ତି । ଆହୁରି ଯୋଜନା ଅଛି, ରଜରେ ସେଠି ଦୋଳି ଲାଗିବ ପାଖ ଆମ୍ବ ଗଛରେ । ଯା, ସବୁ ଚଉପଟ୍ । ଆଈଙ୍କ ଅକାଟ୍ୟ ବଚନରେ ଭୂତପ୍ରେତମାନେ ଜୀବନ୍ତ ହେଉଥିଲେ । ହେ ଆଈ, ତମକୁ କ'ଣ ଦୂରିଆ ଜାଗା ମିଳିଲାନି - ଭୂତକୁ ଏକଦମ୍ ଘରକୁ ଟାଣି ଆଣିଲ ? ଆଈଙ୍କ ଆଡ଼କୁ ଜାକି ହୋଇ ସମସ୍ତେ ଝରକା ବାଟେ ପାଳଧୁଆ ଗଛଆଡ଼େ ଅନେଇଲେ । 'ପାଦ ଯଦି ତଳ ଛୁଉଁଥିଲା ଆକାଶ ଆଡ଼କୁ ମୁଣ୍ଡ କେତେ ଉଞ୍ଚା ଯାଇଥିବ ?' ମୁଣ୍ଡ ଟେକିଲେ, ଚାଳ ଉହାଡ଼ । ଗଛଟା ବି ପୂରା ଦେଖାଗଲାନି । ପିଲାଙ୍କ ଭୟ ଦେଖି ଆଈ ଟପିକ୍ ମଡିଫାଏ କରିଦେଲେ । ଏବେ କିଛି ହବନି । ତା ଯୋଗୁ କେତେ ଡରିଛନ୍ତି କେତେ ମରିଛନ୍ତି ଏବଂ କାହିଁକି ସେ ଏଠିକି ଆସିଥିଲା ଏବଂ କେମିତି ସାବାଡ୍ ହେଲା - ଏହି ଗୋଟିଏ ଭୂତର କାହାଣୀରେ ସାରା ଛୁଟି ସରେ । ସେ ଯେଉଁ ମନ୍ତ୍ରରେ ରାମାୟ ସ୍ୱାହା କହିଥିଲେ ଠିକ ସେଇ ମନ୍ତ୍ରରେ ରାବଣାୟ ସ୍ୱାହା କହି ବୁଝେଇ ଦେଲେ - ଭୂତ ସାବାଡ୍ ହୋଇଯାଇଛି ! ତମେ ନିର୍ଭୟରେ ଖେଳ ।

ଜଣେ ପଚାରିଲା - ତମେ ତାକୁ ଦେଖିଚ ?

: ନା । ଶୁଣିଛି ।

ଆଉ ଜଣେ ପଚାରିଥିଲା - ଏଡ଼େ ବଡ଼ ପ୍ରେତ ବସେ ନସମା ପାଳଧୁଆ ଗଛରେ । ଡାଳ ଭାଙ୍ଗିଯାଏନା ?

: ଭାକ୍ ବୋକା । ଭୂତଙ୍କର କ'ଣ ଓଜନ ଥାଏ ? ସେମାନେ କେବଳ ରୂପରେ ଦେଖାଯାଆନ୍ତି । ଆଈଙ୍କ ଗପ ଆଗକୁ ଚାଲେ ।

(୧୮.୩.୧୩.)

Digitized by srujanika@gmail.com

ପ୍ର ମୋ ଦ ଗ ଣ ତ ନ୍ତ୍ର

ମରଣ ପଚାରେ ଜୀବନକୁ । 'ତୁ ନ ଥିଲେ ମୁଁ ନାହିଁ । ମୁଁ ନ ଥିଲେ ଧର୍ମ ନ ଥା'ନ୍ତା । ତେବେ ବି ସମସ୍ତେ ତତେ ଭଲ ପାଆନ୍ତି ଆଉ ମତେ ଘୃଣା କରନ୍ତି କାହିଁକି ?'

'ଏକଦମ୍ ସିମ୍ପଲ୍ । ମୁଁ ଅସଂଖ୍ୟ ଅସତ୍ୟର ସମାରୋହ ଏବଂ ତୁ ହେଉଛୁ ଅନ୍ତିମ ମର୍ମନ୍ତୁଦ ସତ୍ୟ । ଜାଣିନୁ କି - ସହୁଥିବା ସତ କେହି ଭଲ ପାଆନ୍ତିନି ଓ ମନଗଢ଼ା ମିଛକୁ 'ସତ' ବୋଲି କହି ତା ଚାରିପଟେ ରୋଳ ରାସ ସଂକୀର୍ତ୍ତନ କରନ୍ତି ?'

ଶନିବାର (୧୬.୩.୧୩) ଦିନ ରାଜ୍ୟ ବିଧାନସଭା ଅଧିବେଶନ ଚାଲିଲା ମାତ୍ର ସତର ମିନିଟ । ବାକି ସବୁ ସମୟ ବିତିଥିଲା ହୁମ୍‌ଦସ୍ତି, ବାକ୍‌ବିତର୍କ ଏବଂ ମାନନୀୟ ବିଧାୟକମାନଙ୍କ ଜ୍ଞାନ-ବିଜ୍ଞାନ ଚର୍ଚ୍ଚାରେ । କାରଣ ? ଗଣତନ୍ତ୍ରର ଚଢ଼ାଉତୁରା ପାହାଚରେ ଆଜି ଯେଉଁ ଦୃଶ୍ୟ ତାହା ହେଲା - ପାର୍ଲାମେଣ୍ଟ ବା ବିଧାନସଭା ନ ଚାଲିବା ନିଉଜ୍ ନୁହେଁ; ବରଂ ସୁରୁଖୁରୁରେ ଚାଲିବା ହେଉଛି ବ୍ୟତିକ୍ରମ ଏବଂ ତାହା ହିଁ ନିଉଜ୍-ଯୋଗ୍ୟ । ସେ ସୁଯୋଗ ଆଉ ଭାରତରେ ନାହିଁ । ମିଡିଆ ଏକ ଚାଷ-ଧର୍ମୀ ବ୍ୟବସ୍ଥା । ଧର୍ମରୁ ଧର୍ମଛଡ଼ା କି ନାଗାରୁ ଜନାକାରୀ ପର୍ଯ୍ୟନ୍ତ ଯାହା ପାଇବ, ଚାଲିଲା ତା ଲଙ୍ଗଳ । ଏବେ ଚଷୁଚି - ରଘୁନାଥ ମହାନ୍ତି କାହିଁକି ଗିରଫ ହେଲେନି ବା ବିବାହର ବର୍ଷେ ପୂରି ନ ଥିବା ତାଙ୍କ ବୋହୂଙ୍କ ଯୌତୁକ-ନିର୍ଯାତନା (୪୯୮-ଏ) ଅଭିଯୋଗ ସଂପର୍କରେ ।

ସମସ୍ତେ ଖୋଜନ୍ତି, କାମ କରିବାକୁ ସୁଗମ ଉପାୟ । ତେଣୁ ଧାନଠୁଁ ଚଷୁ କୁଟିବା ସହଜ । ସେତେବେଳେ ଢିଙ୍କି ଚାଲେ ଉପର୍ ଡାଏଁ ।

ଆଇନ ବହିରେ ଥାଏ ଏବଂ ସମସ୍ତଙ୍କୁ ଏକାପ୍ରକାର ମିଳେ ବୋଲି ସମ୍ବିଧାନ କହିଛି । ବିଧାୟକଙ୍କ ପାଣ୍ଡିତ୍ୟ, ମନ୍ତ୍ରୀଙ୍କ କ୍ଷମତା ବା ଦଳଗୁଡ଼ିକର ନାରାବାଜିରେ ତାହା କାହାରି ପାଇଁ 'ଏକ୍ସକ୍ଲୁସିଭ' (ଏକଚାଟିଆ) ହୁଏନି ବା ହେବା ଉଚିତ ନୁହେଁ । ବିରୋଧୀ ଦଳ ଭାଜପାର ଦାବି - ଅଭିଯୁକ୍ତ ମନ୍ତ୍ରୀ ଶ୍ରୀ ରଘୁନାଥ ମହାନ୍ତି ଯଦି ମୁଖ୍ୟମନ୍ତ୍ରୀଙ୍କ

Digitized by srujanika@gmail.com

ନିବାସକୁ ଯାଇ ଇସ୍ତଫାପତ୍ର ଦେଲେ ସେତେବେଳେ ପୁଲିସ ଡାକି ତାଙ୍କୁ ସେଇଠି ଗିରଫ ନ କରେଇ ତାଙ୍କଠୁଁ ଇସ୍ତଫା ରଖିଲେ କେମିତି ? କଂଗ୍ରେସ କହିଛି, 'ଅଭିଯୁକ୍ତଙ୍କୁ କୋର୍ଟ ପଠାଅ ।' ୨୦୦୧ରେ ନିର୍ମିତ ଅନିଲ କପୁର, ଅମରେଶ ପୁରି, ପରେଶ ରାୱଲ ଇତ୍ୟାଦି ଅଭିନୟ କରିଥିବା ଜନପ୍ରିୟ ହିନ୍ଦୀ ଚଳଚିତ୍ର 'ନାୟକ'ଙ୍କୁ ମନେ ପକେଇବା । ସେଥିରେ ଅନିଲ କପୁର ଚବିଶ ଘଣ୍ଟିଆ ମୁଖ୍ୟମନ୍ତ୍ରୀ ହୋଇ କେତେ କମାଲ କରିଥିଲେ । ମୁଖ୍ୟମନ୍ତ୍ରୀ ସେମିତି କରିଥିଲେ ବୋଧେ ବିରୋଧୀମାନେ ସନ୍ତୋଷ ଲଭିଥା'ନ୍ତେ । କଥାଟି ପିଲାଖେଳ ପରି ଲାଗୁଛି । କାରଣ ସମ୍ବିଧାନ ଓ ଆଇନର ବିଧି ମୁତାବକ ମୁଖ୍ୟମନ୍ତ୍ରୀ ଇସ୍ତଫା ରଖନ୍ତି ଓ ପୁଲିସ ଗିରଫ କରେ । ମୁଖ୍ୟମନ୍ତ୍ରୀ ଯଦି ଗିରଫ କରାଇଥା'ନ୍ତେ, ରଘୁନାଥ ଥାନାରେ ଯାଇ ଇସ୍ତଫା ଦେଇଥା'ନ୍ତେ କି ?

ଗୋଟିଏ କଥା 'ଲୋକେ' କହିବେ ଏବଂ ସେଇ କଥା କୌଣସି ଦଳ କହିବ - ଏ ଦୁଇଟି ଭିତରେ ସଣ୍ଢଣାର ଢେର ପ୍ରଭେଦ ରହିବା ଉଚିତ । ମାମଲାରେ ସବୁ ଅଭିଯୁକ୍ତ ବା ପୂର୍ବତନ ମନ୍ତ୍ରୀ ରଘୁନାଥ କେତେ ଦାୟୀ ବା ଦୋଷୀ, ଆଇନର ଆବଶ୍ୟକତା ଅନୁଯାୟୀ ଏ କଥା କେବଳ କୋର୍ଟ କହିବ ଏବଂ ସେଥିପାଇଁ ବିଧି ଓ ଢଙ୍ଗ ଯାହା, ସମସ୍ତେ ଜାଣନ୍ତି । ବରଂ ଆମର ଏକ ନାଗରିକ ପ୍ରଶ୍ନ - ଅଧିବେଶନ କାହିଁକି ମାତ୍ର ୧୭ ମିନିଟ ଚାଲିଲା ?

ଦଫା ୪୯୮-ଏ, ତାହା ଯଦି ରାଜନୀତି ଛୁଏଁ ଅବସ୍ଥା ଛାଁକୁ ଛାଁ ଗ୍ଲସ୍ ମରା ଲିପ୍‌ଷ୍ଟିକ ପରି ଦାଉଦାଉ କରେ । ଜାଣିଥିବା ଘଟଣାଟିଏ ଅବତାରଣା କରୁଛୁ । ଗତ ଅକ୍ଟୋବରରେ ରାଉରକେଲାରେ ଘଟିଥିଲା ଏକ ସାଧାରଣ ମୃତ୍ୟୁ । ସେତେବେଳେ ମିଡିଆ ଏ ଖବର ଖେଳେଇବାକୁ ଉଚ୍ଛୁଳି ପଡ଼ିଥିଲା । ତାକୁ 'ବଧୂହତ୍ୟା' ରୂପ ଦିଆଯାଇଥିଲା ଜଣେ ମହିଳା ନେତ୍ରୀଙ୍କ ତଥାକଥିତ ବିପ୍ଲବ ଯୋଗୁ । ପୁଲିସ ବିଶ୍ବାସ କରି ନ ଥିଲେ ମଧ୍ୟ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦଫା ଲାଗିଲା ୪୯୮-ଏ, ୩୦୨ (ମର୍ଡର), ୩୪ ଆଇପିସି (ବହୁ ଜନ ମିଶି ଯେଉଁ ଅପରାଧ କରନ୍ତି) ଓ ୪ ଡାଓରି ପ୍ରିଭେନ୍‌ସନ ଆକ୍ଟ । ଅଭିଯୁକ୍ତ ପାଞ୍ଚ ଜଣ । ତିନି ଜଣ ଜେଲ ଗଲେ ଓ ଦୁଇ ଜଣ ଫେରାର ହେଲେ । ହାଇକୋର୍ଟ ଆଦେଶରେ ସମସ୍ତେ ଜାମିନ ପାଇଲେ ଗତ ଜାନୁଆରିରେ । ପକ୍ଷ ଓ ପ୍ରତିପକ୍ଷ ଏବଂ ସେମାନଙ୍କ ଓକିଲ, ପୁଲିସ ଅଫିସର, ନେତ୍ରୀ ସମସ୍ତେ ଆମର ଚିହ୍ନା ।

ଗତ ସପ୍ତାହରେ ଏ ଲେଖକ ଦିନକ ପାଇଁ ରାଉରକେଲା ଯାଇଥିଲା । କନ୍ୟା ପିତା ଓ ତାଙ୍କ ଓକିଲ ଦେଖା କରି କହିଲେ, 'ଟିକେ କମ୍ପ୍ରମାଇଜ୍ କରାନ୍ତୁ । ଡାଓରି କ୍ୟାସ ଫେରାଇ ଦିଅନ୍ତୁ । କଥା ସରିବ ।'

'ଅଭିଯୋଗରେ ଯେତିକି ଲେଖିଥିଲ, ପରିମାଣ ସେତିକି ତ ?'

ବାପା ତଳକୁ ମୁହଁ ପୋତି କହିଲେ, 'ନା । ଅମୁକ (ନେତ୍ରୀ) ସବୁକଥାକୁ ବିଭ୍ରାଟ କରିଦେଲା । ଆମ ଜ୍ବାଇଁ ଭଲ ପିଲା । ସମୁଦି ସମୁଦୁଣୀ ଆହୁରି ଭଲ ।'

ନେତ୍ରୀଙ୍କୁ ଫୋନ କଲି । ସେ କହିଲେ, '(କନ୍ୟା-ପିତା) ଡରୁଆଟା । ନହେଲେ ସାବାଡ୍ କରି ଦେଇଥା'ନ୍ତି ।'

'କାହିଁକି ?' ଏଣିକି ନେତ୍ରୀଙ୍କ ଉତ୍ତର ୟାଡୁସ୍ୟାଡୁ ହେଲା ।

ଓକିଲ ବାବୁଙ୍କୁ ପଚାରିଲି, 'ସାର୍ ଜି.ଆର. କେଶ୍ - କମ୍ପ୍ରମାଇଜ୍ ହେବ କେମିତି ?'

କନ୍ୟା-ପିତାଙ୍କୁ ପଚାରିଲି, 'ପ୍ରାଣପ୍ରତିମ କନ୍ୟାର 'ହତ୍ୟା' ସତ୍ତ୍ୱେ ଏବେକୁ ମାସ ତିନିଟା ସରିନି, ତମ ମନ ବଦଳିଗଲା କାହିଁକି ?'

(୧୯.୩.୧୩.)

Digitized by srujanika@gmail.com

ସଙ୍ଘୀୟ ଭାରତ ଓ କ୍ଷେତ୍ରପାଳମାନେ

ଗତ ରବିବାର ଦିନ ଜେଡିୟୁ ନେତା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଦିଲ୍ଲୀ ରାମଲୀଳା ମଇଦାନରେ 'ବିହାର ଅଧିକାର ର୍‍ୟାଲି' ନାମରେ ଏକ ବିଶେଷ ସମାବେଶ କଲେ । ଏଥିପାଇଁ ପନ୍ଦର ଦିନ ଆଗରୁ ତାଙ୍କ ଦଳର ମନ୍ତ୍ରୀ ବିଧାୟକ ସାଂସଦ ଓ ନେତାମାନେ ଦିଲ୍ଲୀରେ ବସି ଆୟୋଜନରେ ଲାଗିଥିଲେ । ତାଙ୍କ ଦାବି - ବିହାରକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା କେନ୍ଦ୍ରର ଦୟା ନୁହେଁ ବା ସେ ସେଥିପାଇଁ ଭିକ୍ଷା ମାଗୁ ନାହାଁନ୍ତି । 'ଆମେ ଯେମିତି ହେଲେ ତାହା ହାସଲ କରିବୁ ।' ତାଙ୍କ ଇକୁଏସନ ଅତି ନିର୍ମଳ । କେନ୍ଦ୍ରରେ ଆଗାମୀ ସରକାର ଗଠନ ପାଇଁ ତାଙ୍କ ଦଳର ସମର୍ଥନ ଅତି ଗୁରୁତ୍ୱପୂର୍ଣ୍ଣ ହେବ। ଯେଉଁ ଦଳ ବିହାରକୁ ଏ ମାନ୍ୟତା ଦେବ ସେ ଦଳକୁ ଜେଡିୟୁ ସମର୍ଥନ କରିବ। ମନେପକାଇ ପାରିବା ଯେ ଏ ଦାବି ନୀତୀଶଙ୍କ ରାଜନୀତିକ ଗୁରୁ କର୍ପୁରୀ ଠାକୁରଙ୍କ ଅମଳରୁ ଚାଲିଛି । ହେଇନି ।

ଯୋଜନା କମିସନ ଉପାଧକ୍ଷ ମନ୍ତେକ ସିଂହ ଆଲୁୱାଲିଆ କହିଛନ୍ତି - ଇମ୍ପସିବ୍‌ଲ।

History repeats itself - first as a tragedy and second as farce. ଇତିହାସର ପୁନରାବୃତ୍ତି ହୁଏ - ଥରେ ଦୁଃଖ ଯୋଗୁ ଏବଂ ଆଉ ଥରେ ସୁଦୁ ଭାଣ୍ଡାମି ସହ । କହିଛନ୍ତି କାର୍ଲ ମାର୍କ୍‌ସ।

ଇଣ୍ଡିଆ 'ଭାରତ' ହେଲା ଏବଂ ଭାରତ ବିଚିତ୍ର ଢଙ୍ଗରେ 'ସଂଘ'ରେ ପରିଣତ ହେଲା - ଏ ଦୁଇଟିର ତାରିଖ ୧୯୫୦ ମାତ୍ର । ମୁଣ୍ଡ ଓ ମୁକୁଟର ମାପ ବେଯୋଡ଼ ହେଲେ ବାହାବେଦୀରେ ବର ଅପଦସ୍ତ ହେବା ଯାହା - ଗତି ଗୋତ୍ରହୀନ ଭାରତୀୟ ସଂଘର ଅବସ୍ଥା ଆଜି ସେହିପରି ଲାଗୁଛି ।

ଇତିହାସର ଆଉ ଗୋଟେ ବେତାମ । ୧୮୪୮ରେ ଲର୍ଡ ଡେଲାହୁସି

Digitized by srujanika@gmail.com

'ଇଷ୍ଟ-ଇଣ୍ଡିଆ କମ୍ପାନୀ'ର 'ଗଭର୍ଣ୍ଣର ଅଫ୍ ବେଙ୍ଗଲ' ଓ ପ୍ରଥମ 'ଗଭର୍ଣ୍ଣର ଜେନେରାଲ ଅଫ୍ ଇଣ୍ଡିଆ' ଭାବେ ନିଯୁକ୍ତ ହେଲେ। ତତ୍ପୂର୍ବରୁ 'ଭାରତ' ପରି ନାଁ ତ ଦୂରର କଥା - ଶାସନିକଭାବେ କେଉଁ ଜାଗାକୁ 'ଇଣ୍ଡିଆ' କୁହାଯାଏ ତାହା ସେତେବେଳେ ଇତସ୍ତତଃ କ୍ଷେତ୍ର ଅଧିକାର କରୁଥିବା କମ୍ପାନୀ କମାଣ୍ଡରମାନଙ୍କୁ ଜଣା ନ ଥିଲା। ଆଉ ଦଶ ବର୍ଷ ପରେ (୧୮୫୮) କମ୍ପାନୀ ବିତାଡ଼ିତ ହୋଇ ମହାରାଣୀଙ୍କ ସରକାର ଆସିଲା। ଡେଲାହୁସି ଦେଖିଲେ ଯେ କୋଉଠି ପଟେଇ ବା କୋଉଠି ଲଢ଼ି ଇଷ୍ଟ-ଇଣ୍ଡିଆ କମ୍ପାନି ପୂର୍ବ ପଶ୍ଚିମ ଉତ୍ତର ଦକ୍ଷିଣ ପ୍ରାୟ ସାରା ଭୂଖଣ୍ଡ ଜୟ କରି ସାରିଛି। ଏସବୁକୁ ଗୋଟେ ପ୍ରକାର ଆଇନରେ ଆବଦ୍ଧ ନ କଲେ ଶାସନ ତୁଲେଇବା ଅସମ୍ଭବ। ସେ ଆଗେ 'ଦେଶ' ବୋଲି ସୀମାଟିଏ କହିଲେ। ତା ନାଁ ଦେଲେ - 'ଇଣ୍ଡିଆ'। ଏହା ବି ସୁଗମ ହୋଇ ନ ଥିଲା। କାରଣ କମ୍ପାନୀ ଅଧିକାର କଲାବେଳେ କେଉଁ ରାଜାକୁ କେଉଁ ସର୍ତ୍ତରେ ପଟେଇଥିଲା। ସେଗୁଡ଼ିକ ତାଏତାଏ ବାତେଇ ହେଲେ ଡେଲାହୁସିଙ୍କ 'ଇଣ୍ଡିଆ' ସହିତ। ରାଜାମାନଙ୍କ ସହିତ କମ୍ପାନୀ କରିଥିବା ସର୍ତ୍ତକୁ ରାଣୀଙ୍କ ସରକାର ମାନି ପାରିଲାନି।

୧୮୨୭ରେ ସମ୍ବଲପୁରର ନିଃସନ୍ତାନ ରାଜା ମହାରାଜ ସିଂହଙ୍କ ମୃତ୍ୟୁ ଏବଂ ଉତ୍ତରାଧିକାରୀ ଦାବିରେ ବୀର ସୁରେନ୍ଦ୍ର ସାଏଙ୍କ ଇଂରେଜ ବିରୋଧୀ ଲଢ଼େଇ ପର୍ଯ୍ୟନ୍ତ - ଇଏ ଆମ ଉଦାହରଣ। ଲର୍ଡ ଡେଲାହୁସି କହିଥିଲେ ଯେ ଇଂଲିଶ ଶାସନର ସୁବିଧା ପାଇଁ ସେ ଆଇନକୁ 'ଫେଡେରାଲ' କରିଛନ୍ତି - ଦେଶକୁ ନୁହେଁ। ଇଣ୍ଡିଆନମାନେ ନିଜ ଭିତରେ ଯେତେ ଲଢ଼ିବେ ତାହା ଏ ଭୂଇଁରେ ବ୍ରିଟିଶ୍ ଅଧିକାରକୁ ସେତେ ମଜବୁତ୍ କରିବ। ତେଣୁ ୧୮୪୮ରୁ ୧୯୪୭ ପର୍ଯ୍ୟନ୍ତ ଆଜିର ଭାରତରେ ଦି' ପ୍ରକାର 'ଇଣ୍ଡିଆ' ଥିଲା। ଗୋଟେ ବ୍ରିଟିଶ-ଇଣ୍ଡିଆ ଓ ଆରଟି ନେଟିଭ୍-ଇଣ୍ଡିଆ। ବୁଦ୍ଧଦେବଙ୍କ ଧାର୍ମିକ ଚେତନା ଛଡ଼ା, ଶାସନିକ କ୍ଷେତ୍ରରେ ସଂଘୀୟ ବିଚାରଧାରା ସହିତ ଭାରତୀୟ ସମାଜର ପରିଚୟ ନ ଥିଲା।

ସମ୍ବିଧାନ ନିର୍ମାଣ ବେଳେ 'ଭାରତ ଗଣରାଜ୍ୟ'କୁ ଅନେକ ଶବ୍ଦରେ ସଜ୍ଜିତ କରାଯାଇଥିଲେ ସୁଦ୍ଧା, 'ସଂଘ' ନାଁ ଧରାଯାଇ ନ ଥିଲା। ଏକା ନୀତୀଶ କୁମାର ନୁହଁନ୍ତି - ନରେନ୍ଦ୍ର ମୋଦୀ, ମୁଲାୟମ, ମାୟାବତୀ, ମମତା, କରୁଣାନିଧି, ଜୟଲଳିତା ଇତ୍ୟାଦି ବହୁ କ୍ଷେତ୍ରପାଳ ଅଛନ୍ତି ଯେଉଁମାନେ କେନ୍ଦ୍ର ସରକାର ନାକରେ ଦଉଡ଼ି ବାନ୍ଧି ଟାଣନ୍ତି। କେନ୍ଦ୍ର କହେ - ଆମେ ଫେଡେରାଲ୍, ଆମେ ମଜବୁତ୍ ଏବଂ କ୍ଷେତ୍ରପାଳମାନେ କହନ୍ତି - ହମ୍ କିସି ସେ କମ୍ ନେହିଁ!

ଭାରତରେ ଫେଡ଼େରାଲ୍ କ'ଣ? ପୋଷ୍ଟାଲ ଷ୍ଟାମ୍ପ, ବ୍ୟାଙ୍କ୍, ସିଭିଲ-ସର୍ଭେଣ୍ଟ, ମିଲିଟାରି ପରି କେତେକ ବ୍ୟବସ୍ଥା। ଏବଂ ଟେରରିଷ୍ଟରୁ ରେପିଷ୍ଟ୍ କଂଟ୍ରୋଲ ଯାଏଁ - ବାକି ସବୁ କଥା ଲୋକାଲ୍।

(୨୦.୩.୧୩.)

Digitized by srujanika@gmail.com

କ୍ରିମିନାଲ ଲ' ସଂଶୋଧନ ବିଲ୍, ୨୦୧୩

ଗତ ମଙ୍ଗଳବାର ଦିନ ବହୁ ଚର୍ଚ୍ଚିତ 'ରେପ୍ ଆଇନ' ଲୋକସଭାରେ ମଂଜୁରୀ ପାଇଛି । ଦେଶରେ ମହିଳା ସୁରକ୍ଷା ସୁନିଶ୍ଚିତ କରିବା ଲାଗି ଏଥିରେ ନାନାବିଧ ବ୍ୟବସ୍ଥା ରହିଛି ।

ଆଇନ ଦ୍ୱାରା ଅପରାଧ କମେ ଓ ମୋରାଲ୍ ପ୍ରତିଷ୍ଠା ହୁଏ - ଏକଥା କେହି ବିଶ୍ୱାସ କରନ୍ତିନି । କାରଣ ଏହା ପ୍ରମାଣ କରିବାକୁ ଆମେ କୌଣସି ସାବୁତ୍ ପାଇନୁ । ମାତ୍ର ଗଣତାନ୍ତ୍ରିକଭାବେ ଏ କଥା ବିଶ୍ୱାସ କରିବାକୁ ବାଧ୍ୟ ରହୁ କାରଣ ବୋପାରାଣ ପକେଇ କହିଚୁ - ଆଇନ ସବୁଠୁଁ ବଡ଼ । ଡିସେମ୍ବର ଦିଲ୍ଲୀ ବସ୍-ରେପ୍ ଘଟଣା ପରେ ନାରୀକୁ ଆହୁରି ସୁରକ୍ଷିତ କରିବାକୁ ସେଥିପାଇଁ ନୂଆନୂଆ ଆଇନ ପାଇଁ ଯେପରି ମିଡ଼ିଆ ତତ୍ପରତା ଦେଖେଇଲା - ତାହା ଥିଲା ଲାଜୱାବ୍ ! ଶାନ୍ତିରେ ବୁଲୁଥିବା ଷଣ୍ଢଙ୍କୁ ଏନ୍‌କୋର୍ ଏନ୍‌କୋର୍ କହି ଲଢ଼େଇରେ ମତେଇଲା ପରି । ସବୁ ରାଜନୈତିକ ଦଳ ଚଟାପଟ୍ ଆଇନ ଗଢ଼ିବାରେ ଲାଗିପଡ଼ିଲେ । ସେତେବେଳେ ଏହି ସ୍ତମ୍ଭରେ ଆମେ ଡାଉଟ୍ କରିଥିଲୁ । 'ଦିନ ଗୁଜୁରାଣ ମେଣ୍ଟାଇବା ପରି ତରତରରେ ଆଇନ କରାଯାଏନି ବା 'ନିର୍ଭୟ ଫଣ୍ଡ୍' କର୍ପସ୍‌ରେ ନାରୀ ପାଇଁ ସୁରକ୍ଷାର ଆଶା ନ ଥାଏ ।'

ଫାଶୀ ପାଇଁ ବରାଦ କରିବା ସହଜ । ପାଳିବା କଷ୍ଟ । ଫଳରେ ଦେଖାଯାଏ ଯେ କ୍ରିମିନାଲ୍ ପୋଷା ଯାଆନ୍ତି । କେବେ ମରିବେ, ଜାଣନ୍ତିନି ।

ପଛରେ ଗୋଡାଇବା (stalking), ଅଶ୍ଳୀଳ ଇଙ୍ଗିତ, ଶରୀରକୁ ଛୁଇଁବା, ଏସିଡ୍ ପକେଇବା - ସବୁ ପାଇଁ ଅଲଗା ଅଲଗା ଦଣ୍ଡର ବିଧାନ କରାଯାଇଛି । ଏଣିକି ନାରୀକୁ ସରକାର ରାସ୍ତାଘାଟରେ ଜଗିବେ - ଏପରି ହିତକାରୀ ବ୍ୟବସ୍ଥା ବି ରହିଛି । 'ଷ୍ଟାକିଂ' କେତେ ମାରାତ୍ମକ, ଜଣେ ଯୁବକ ନିଜ ଅଭିଜ୍ଞତା ବର୍ଣ୍ଣନା କରିଛନ୍ତି । ମା'ଙ୍କୁ ସାଙ୍ଗରେ ନେଇ ଡାକ୍ତରଖାନା ଗଲେ । ଡାକ୍ତରାଣୀ ସୁନ୍ଦରୀ । କେତେଥର ଭିଜିଟ୍ ଭିତରେ ଜାଣି ସାରିଥିଲେ ସେ ଅବିବାହିତା । ତାଙ୍କୁ 'ଭଲ

Digitized by srujanika@gmail.com

ଲାଗିଲେ'। ଯୁବ ମନରେ ହଜାରେ କଳ୍ପନା ଥାଇପାରେ। ଚିକିତ୍ସାର ଶେଷ ଦିନ ଯୁବକ କୃତଜ୍ଞତା ବ୍ୟକ୍ତ କରିବା ବାହାନାରେ ଡାକ୍ତରଙ୍କୁ କହିଲେ - ମ୍ୟାମ୍, ଫ୍ରି' ଟାଇମ୍ ଯଦି ଥାଏ ମୁଁ ଆପଣଙ୍କୁ କପେ କଫି ଦିଅନ୍ତି। ମା' ଖୁସି ହୁଅନ୍ତେ।'

'ଆମେ ଟ୍ରିଟ୍‌ମେଣ୍ଟ୍ ଫି' ପୂରା ନେଇ ସାରିଛୁ। ଆଉ କିଛି ଓବ୍ଲିଗେସନ୍ ଦରକାର ନାହିଁ।'

ଯୁବକର କଣ୍ଠ ଶୁଖିଗଲା। କହିଲା, 'କ'ଣ କି, ଆପଣ ମତେ ଟିକେ ଭଲ ଲାଗୁଛନ୍ତି ତ।'

ସବୁ କଥା ଠିଆ ଠିଆ। ହଁ ନା କିଛି ନ କହି ଟିକିଏ ହସି ଡାକ୍ତର ରୁମ୍ ଭିତରକୁ ଗଲେ। ନିରାଶ ଯୁବକ ମା'ଙ୍କୁ ନେଇ ଡାକ୍ତରଖାନା ଗେଟ୍ ପାରି ହୋଇନି, ପୁଲିସ ଓ ସିକ୍ୟୁରିଟି ଗାର୍ଡ ତାକୁ ମାଡ଼ି ବସିଲେ। ତା' ବିରୁଦ୍ଧରେ 'ଷ୍ଟାକିଂ' ଅଭିଯୋଗ। ନାନା ଦଣ୍ଡ ଭୋଗି ଫେରିଲା। ଭାଗ୍ୟ ଭଲ, ଇଏ ଆଗର କଥା। ଏବେ ହୋଇଥିଲେ, ସିଧା ଦଶ ବର୍ଷ! ଯେତେବେଳେ ବିଲ୍ ପାର୍ଲାମେଣ୍ଟରେ ଘମାଘୋଟ ଆଲୋଚନା ହେଉଥିଲା ଯୁବକ ଜଣକ ଶିଷ୍ଟ ସମାଜକୁ ପଚାରିଲା - ମୁଁ 'ଷ୍ଟାକିଂ' କରିଥିଲି କି? କାହିଁକି ସେ ମତେ ଭଲ ଲାଗିଲେ, ମୁଁ ଜାଣିନି। ତାହା ହୁଏତ ମୋ ମନରେ କଫି-ଅଫର୍ କରିବା ପରି ବାହାନା ତିଆରି କରି ପାରିଥାଏ। ଏଗୁଡ଼ିକ ତ ମନର କଥା। କାହା ମନ ଠଉରେଇବାକୁ ବା ଆକଟିବାକୁ କେଉଁ ଆଇନର କ୍ଷମତା ଅଛି ଯେ? ଡାକ୍ତର ମୋ ପ୍ରସ୍ତାବକୁ ତତ୍‌କ୍ଷଣାତ୍ ମନା କରି ପାରିଥା'ନ୍ତେ ତ? ମୁଁ ତାଙ୍କ ପଛରେ ଗୋଡେଇନି କି କିଛି ନୁଗୁରାମି ତ କରିନି। 'ଷ୍ଟାକିଂ' କଲି କେମିତି?

ପାର୍ଲାମେଣ୍ଟ ଆଇନ କଲେ ସମାଜ ସଜାଡ଼ି ହୁଏ - ଏ କଥା ଆଉ କେହି ମାନନ୍ତୁ କି ନା, ରାଜନୀତି କହେ ହଁ। ଶାସ୍ତି ଦ୍ୱାରା ଶାନ୍ତି ପ୍ରତିଷ୍ଠା ସମ୍ଭବ - ଏ ବିଶ୍ୱାସ ଆଜି ବି ଆମ ମନରେ ଜଡ଼ ବାନ୍ଧି ରହିଛି। ଏ ଧାରଣା ବସ୍ତୁତଃ ୧୮ଶ ଶତାବ୍ଦୀର। ତମାଦି ହୋଇଛି ୧୭୪୭ରେ। ସ୍କଟଲ୍ୟାଣ୍ଡର ଲର୍ଡ ଲୋଭାର୍ଟ ସାଇମନ ଫ୍ରାସରଙ୍କର ଶିରଚ୍ଛେଦନ ପରେ ଆଇନକୁ ଫାଶୀ ଦଣ୍ଡ ଆଉ ସହଜ ଲାଗିଲା ନାହିଁ।

ଆମ ନୂଆ ଆଇନରେ ଫାଶୀ ରହିଛି।

ନର-ନାରୀ ସଂପର୍କକୁ ଅନାବଶ୍ୟକ ଢଙ୍ଗରେ ଆଇନରେ ପୂରାଇବା ଯୋଗୁ (୧୯୮୭ କ୍ରିମିନାଲ ଲ' ଆମେଣ୍ଡମେଣ୍ଟ, ୪୯୮-ଏ ଇତ୍ୟାଦି) - ଭଲ ମନ୍ଦ ଆମେ କି ଫଳ ପାଇଛୁ, କାଳର ଦୀର୍ଘ ବ୍ୟବଧାନରେ ଏହା ପରଖିବା ଏକ ନାଗରିକ ଦାୟିତ୍ୱ। ଯାହାହେଉ, ଏଣିକି ଆଇନ ହେଲା ଯେ ବଳାତ୍କାରୀଙ୍କୁ ଆଜୀବନ ଜେଲ ତଥା ବାରମ୍ବାର ଏଭଳି ଘଟଣା ଘିଆଉଥିବା ଅପରାଧୀଙ୍କୁ ଫାଶୀ ଦିଆଯିବ। ସ୍ୱରାଷ୍ଟ୍ର ମନ୍ତ୍ରୀ ବଚନ ଦେଲେ ଯେ ଏ କଠୋର ଆଇନକୁ ଆମେ ଯଦି ସୁଚାରୁ ରୂପେ ଚଳେଇ ପାରିବା ତା'ହେଲେ ବହୁ ଉପକାର ମିଳିବ। ରିଏଲି!

କେମିତି ଚଳେଇବା? ଜଖମ ଏଇଠି। ପୁରୁଷ ତଳକୁ ମୁହଁ ପୋତି ଚାଲିଲେ ବି ନିରାପଦ ରହିପାରିବ ନାହିଁ। ସୁରକ୍ଷା ବିପର୍ଯ୍ୟସ୍ତ ହେଉ ପଛେ, ମହିଳାଙ୍କ ପାଇଁ ଆଇନଗୁଡ଼ିକ ବହୁକାୟ, ଭୟାନକ ଓ ବିସ୍ତାରିତ ହେବାକୁ ଲାଗିଛି ଏବଂ ଦୁରୁପଯୋଗର ବହୁ ଉଦାହରଣ ସମାଜ ପ୍ରତ୍ୟକ୍ଷ କରୁଛି।

ଏ ଆଇନ ସଂପର୍କରେ ଲାଲୁ ପ୍ରସାଦ ଯାଦବଙ୍କ କଥା ରାଇଟ୍ ଲାଗେ। ଏବେ ଜେଲ ଉଚ୍ଛୁଳିବ - ରେଡ଼ି ରହ।

(୨୨.୩.୧୩.)

Digitized by srujanika@gmail.com

ୟୁପିଏ ନାଟକ ଦୃଶ୍ୟାନ୍ତର

ଷ୍ଟେଜ୍‌ରୁ କରୁଣା ଗଲେ : ମମତା କହିଲେ - ଡରନି, ମୁଁ ଅଛି

ତାମିଲ ବିଦ୍ରୋହୀ ଏଲ.ଟି.ଟି.ଇ.ଙ୍କ ବିରୁଦ୍ଧରେ ଶ୍ରୀଲଙ୍କା ସୈନ୍ୟଙ୍କ ଅତ୍ୟାଚାରକୁ ଆନ୍ତର୍ଜାତିକ ଯୁଦ୍ଧ-ଅପରାଧ (Genocide) ଭାବେ ଗ୍ରହଣ କରାଯାଉ ଏବଂ ଜାତିସଂଘ ମାନବାଧିକାର ନିୟମରେ ଏଥିପାଇଁ ପରିବର୍ତ୍ତନ ହେଉ। ଏ ଦିଗରେ ପଦକ୍ଷେପ ଭାରତ ନେବା ଉଚିତ ବୋଲି ୟୁପିଏର ସହଯୋଗୀ ଦଳ ଡିଏମକେ ଦାବି କଲା। ଶ୍ରୀଲଙ୍କାରେ ତାମିଲମାନଙ୍କ ବିରୁଦ୍ଧରେ ହୋଇଥିବା ନରସଂହାରକୁ ଅନ୍ତର୍ଜାତୀୟ ନିରପେକ୍ଷ ତଦନ୍ତ କରିବାକୁ ଭାରତ ପ୍ରସ୍ତାବ ଆଣୁ ବୋଲି ଡିଏମକେ ଦାବି କରୁଛି । ମାତ୍ର ଏହା ଆମ ବିଦେଶ ନୀତିର ବିରୋଧୀ । କାରଣ ଇତିହାସର ଆଉ ଏକ ଦୁଃଖଦ ସତ୍ୟ ରହିଛି। ରାଜୀବ ଗାନ୍ଧି ପ୍ରଧାନମନ୍ତ୍ରୀ ସମୟରେ ୧୯୮୭ରୁ ୯୦ ପର୍ଯ୍ୟନ୍ତ ଭାରତୀୟ ସେନା 'ଇଣ୍ଡିଆନ ପିସ୍ କିପିଙ୍ଗ୍ ଫୋର୍ସ' (ଆଇ.ପି.କେ.ଏଫ.) ନାଁରେ ଶ୍ରୀଲଙ୍କା ସରକାରକୁ ସହାୟତା ଦେବା ପାଇଁ ସେଇ ଭୂଇଁରେ ସେହି ବିଦ୍ରୋହୀଙ୍କ ସହିତ ଲଢ଼ିଥିଲେ। ଏ ତାମିଲ ବିଦ୍ରୋହ ଚାଲିଥିଲା ୨୬ ବର୍ଷ - ୧୯୮୩ରୁ ୨୦୦୯ ପର୍ଯ୍ୟନ୍ତ। ଭାରତ ସମେତ ୩୨ଟି ଦେଶ ଏଲ.ଟି.ଟି.ଇ.କୁ ସନ୍ତ୍ରାସବାଦୀ ଘୋଷଣା କରିଥିଲେ। ସେତେବେଳେ ରାଜୀବ ସରକାର ପାଇଁ କରୁଣାନିଧିଙ୍କ ସମର୍ଥନ ଦରକାର ନ ଥିଲା ।

କୌଣସି ବିଦ୍ରୋହ ଓ ତହିଁର ଦମନ ସେହି ସମାଜରେ ଘୃଣା ଛଡ଼ା କଦାପି ସଂସ୍କାର ବା ସହମତି ସୃଷ୍ଟି କରି ପାରେନା । କରୁଣାନିଧି ଜଣେ ତାମିଲ ଗୌରବବୋଧର ପ୍ରତିନିଧି - ଏ କଥା ଅସ୍ୱୀକାର କରାଯାଇ ପାରିବ ନାହିଁ। ଏବଂ ଆହୁରି ଅସ୍ୱୀକାର କରାଯାଇ ପାରିବ ନାହିଁ ଯେ ଭାରତ କାଶ୍ମୀରରେ

Digitized by srujanika@gmail.com

ନିଜ ମାନବାଧିକାର ରେକର୍ଡ ପାଇଁ ଅଧିକ ସ୍ପର୍ଶକାତର । ଶ୍ରୀଲଙ୍କା ତାମିଲ-ସଂହାର ଏବେ ତା ପାଇଁ ପ୍ରମୁଖ ପ୍ରସଙ୍ଗ ନୁହେଁ ।

ସରକାର ଦମ୍ଭ ଭାବେ ହଁ କି ନା କହିଲେନି । ଡିଏମକେ ମୁଖ୍ୟ କରୁଣାନିଧି ମଙ୍ଗଳବାର ଦିନ ସରକାରଠାରୁ ନିଜ ଦଳର ସମର୍ଥନ ପ୍ରତ୍ୟାହାର କରିନେଲେ । ପରେପରେ ଡିଏମକେର ପାଞ୍ଚ ଜଣଯାକ ମନ୍ତ୍ରୀ - କିଏ ଇଚ୍ଛାରେ ବା ଆଉ କେହି ଅନିଚ୍ଛାରେ ଇସ୍ତଫା ଦେଲେ । ଇସ୍ତଫା ଗୃହୀତ ହୋଇଛି ଏବଂ ସରକାର ସହିତ ଦଳର ଆନୁଷ୍ଠାନିକ ସଂପର୍କ ଛିନ୍ନ ହୋଇଛି । ଷୋଡ଼ଶୀ ମତିରୁ ରାଜନୀତିର ମନ ଆହୁରି ପତଳା । ଗତ ସେପ୍ଟେମ୍ବରରେ ଏଫ.ଡି.ଆଇ. ରିଟେଲ୍, ଡିଜେଲ ଦର ବୃଦ୍ଧି, ଇନ୍ଧନ ଗ୍ୟାସ ଇତ୍ୟାଦି ଅଭିଯୋଗ କରି ୟୁପିଏ ସରକାରଠାରୁ ସମର୍ଥନ ପ୍ରତ୍ୟାହାର କରି କଂଗ୍ରେସ ବିରୁଦ୍ଧରେ ଛୁରି ପଜେଇ ବସିଥିବା ତୃଣମୂଳ କଂଗ୍ରେସ ନେତ୍ରୀ ପଶ୍ଚିମବଂଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଚଟାପଟ ନିଜ ଷ୍ଟାଣ୍ଡ୍ ବଦଳେଇ ଦେଲେ । କହିଲେ - ଡରନା, ଆମେ ଅଛୁ । ଡିଏମକେର ମୋଟୁରୁ ୧୪ ଏମ.ପି., ସେଥିରେ ଥିଲେ ଯାବତ୍ କାଳେଙ୍କାରି ସହ ସରକାରକୁ ନିନ୍ଦାରେ ପକେଇଥିବା ୫ ମନ୍ତ୍ରୀ । ଆମର ତ ୧୯, ମନ୍ତ୍ରୀଫନ୍ତ୍ରୀ କିଛି ଦରକାର ନାହିଁ ।

ଡିଏମକେ କଂଗ୍ରେସର ୯ ବର୍ଷର ସହଯୋଗୀ ଥିଲା। ସୋନିଆ ଗାନ୍ଧିଙ୍କ ସିରସ୍ତାଧୀନ ଓ ମନମୋହନ ସିଂହଙ୍କ ନେତୃତ୍ୱରେ ପରିଚାଳିତ ୟୁପିଏ-୨ ସରକାରର ଟ୍ରାକ୍-ରେକର୍ଡ ଏମିତି ବି ବଋବାଦ୍। ସେଥିରେ ଡିଏମକେର ଯୋଗଦାନ - ୨ ଜି ଦୁର୍ନୀତି, ଏ. ରାଜା ଇତ୍ୟାଦି କାହିଁରେ କେତେ । କରୁଣାନିଧି ସମର୍ଥନ ପ୍ରତ୍ୟାହାର କରୁକରୁ ଭାଜପା ନେତା ଅରୁଣ ଜେଟଲି ଉଲ୍ଲସିତ ହୋଇ କହିଲେ - ଏବେ ସରକାର ଆପେ ଭାଙ୍ଗି ଯିବ, ବେସ୍ତ ହୁଅନି। କେହି ବ୍ୟସ୍ତ ହୋଇ ନ ଥିଲେ କେବଳ ଭାଜପା ଛଡ଼ା। କାରଣ ମାୟାବତୀ (୨୧), ମୁଲାୟମ (୨୨), ଲାଲୁ ଯାଦବ (୪)ଙ୍କର କଂଗ୍ରେସ ପାଇଁ ଅଜଣା ହେଉ ପଛେ କିଛି ସର୍ତ୍ତଯୁକ୍ତ ସମର୍ଥନ ରହିଛି।

କେନ୍ଦ୍ରରେ ଯିଏ ସରକାରରେ ଥାଏ ସେ କହେ ସିବିଆଇ 'ନିରପେକ୍ଷ'। ବିରୋଧୀମାନେ କହନ୍ତି - ଏକଥା ସତ ନୁହେଁ। ନାଟକର ଭିଲିଏନ ସିନ୍ । କରୁଣାନିଧିଙ୍କ ପୁଅ ଏମ.କେ. ଷ୍ଟାଲିନଙ୍କ ଘରେ ସିବିଆଇ ରେଡ୍ ହେଲା । ସୋନିଆ ଗାନ୍ଧି ଓ ଚିଦାମ୍ବରମ ଏହାକୁ ନାପସନ୍ଦ କଲେ । କରୁଣାନିଧି କହିଲେ - ମତେ ବୋକା ଭାବନା।

ୟୁପିଏକୁ ଆଉଥରେ ସମର୍ଥନ ଜଣାଇବାକୁ ମମତାଙ୍କ ଯୁକ୍ତି ଥିଲା - ଦେଶର ମାନ ଆଗ । ବିଦେଶୀ ଲୋକ (ଶ୍ରୀଲଙ୍କା ତାମିଲ - କହିନାହାଁନ୍ତି)ଙ୍କ ସମସ୍ୟା ପଛ କଥା । ତେଣୁ ଏ ସରକାର ଅଲବତ୍ ରହିବ । ପିଲାଙ୍କ ଗୀତ : ଚାଲୁଚି ରୋଷଣି ବାଜୁଚି ବାଜା । ଥାକୁଲ ଥୁକୁଲ ଭାଲୁର ମଜା । ବାଘ ନାଚ କରେ ବଜେଇ ଢୋଲ । ଗଧ କରୁଥାଏ ଗଧାକି ଗେଲ। ନିର୍ବାଚନଯାଏଁ ପ୍ରାୟ ଏମିତି ଚାଲିବ ।

(୨୩.୩.୧୩.)

Digitized by srujanika@gmail.com

ନୀତୀଶ - ନବୀନ : ବିହାର - ଓଡ଼ିଶା

ବିହାର ମୁଖ୍ୟମନ୍ତ୍ରୀ ଜେଡିୟୁ ନେତା ନୀତୀଶ କୁମାର ଏବଂ ଆମ ମୁଖ୍ୟମନ୍ତ୍ରୀ ବିଜୁ ଜନତା ଦଳ ନେତା ନବୀନ ପଟ୍ଟନାୟକଙ୍କ ଶାସନ ଭିତରେ ସମାନତା ବା ଫରକ ବାରିବାକୁ ଇଚ୍ଛା ହୁଏ । ଦୁଇଟିଯାକ ରାଜ୍ୟ ଦରିଦ୍ର ଏବଂ ଶାସନ ରାଜନୈତିକ ଭାବେ ସ୍ଥିର । ଦୁଇ ରାଜ୍ୟ ଲୋକଙ୍କ ଚଳନ ଶୈଳୀ ଭିନ୍ନ । ବିହାରୀମାନେ ଅଧିକ ଇଣ୍ଡିଆନାଇଜ୍ ହୋଇ ପାରନ୍ତି । ଓଡ଼ିଆଙ୍କ ସହନଶୀଳତା ଟିକେ ଅଧିକ । ନୀତୀଶ ମୁଖ୍ୟମନ୍ତ୍ରୀ ହେବା ପୂର୍ବରୁ ବିହାରର ଇମେଜ୍ ଥିଲା କ'ଣ ? ଆଜି ସେ ଅବସ୍ଥା ନାହିଁ ।

ନବୀନଙ୍କଠାରୁ ଓଡ଼ିଶା ଆଶା କରେ କ'ଣ ? 'ବିଜୁ-ସ୍ୱପ୍ନ' ଇତ୍ୟାଦି ଇମୋସନାଲ୍ କଥାଗୁଡ଼ିକ ପଛକୁ ଥାଉ । ୧୯୯୭ ବିପିଏଲ ତାଲିକାରେ ଚାଲିଛି ଆଜିର ଦାରିଦ୍ର୍ୟ ନିରାକରଣ ଯୋଜନା । ଗରିବ ଓ ବିପିଏଲ ଦୂରଛଡ଼ା ହେଲେଣି । ବିପିଏଲ ଗରିବ ନୁହଁନ୍ତି ଏବଂ ଗରିବ ପାଖରେ ସରକାର ପହଞ୍ଚିବା ସମ୍ଭବ ହେଉନାହିଁ । ସେଠି ମାଓବାଦୀ ପଶୁଛନ୍ତି । ଗତ ବର୍ଷ ପ୍ୟାରୀ-ବିଦ୍ରୋହ ପରେ ମୁଖ୍ୟମନ୍ତ୍ରୀ ଦଳ ସଜାଡ଼ିବାକୁ ସରକାର ସଜାଡ଼ିବା ବୋଲି ଧରିନେଲେ । ସେ ତ ପିରାମିଡ୍‌ର ମମି ପରି ସୁଶୋଭିତ - କେହି ଦେଖନ୍ତିନି କି କେହି ଜାଣନ୍ତିନି । ଓଡ଼ିଶାବାସୀ ତାଙ୍କୁ ଘମାଘୋଟ ସପୋର୍ଟ କରନ୍ତି, ତେବେ ବି ସେ ନୀତୀଶ କୁମାରଙ୍କ ପରି ପପୁଲାର ହେଉ ନାହାଁନ୍ତି କାହିଁକି ?

ସ୍ୱାଧୀନତା ପରେ ଭାରତର ବୃହତ୍ତର ପଟ୍ଟଭୂମିରେ ଓଡ଼ିଶାର ରାଜନୈତିକ ନେତା କେବେ ବି ରାଜ୍ୟର ସ୍ୱାର୍ଥ ଓ ମର୍ଯ୍ୟାଦା ପ୍ରତିପାଦନ କରିପାରିନାହାଁନ୍ତି । ୫ ମାର୍ଚ୍ଚ, ୨୦୦୦ - ବିଜଦ କ୍ଷମତାକୁ ଆସିବା ପରେ ତାହା ଏକ ପ୍ରଭାବସଂପନ୍ନ ପ୍ରାନ୍ତୀୟ ଦଳ ଭାବେ କାମ କରିବ ବୋଲି ଆଶା କରାଯାଉଥିଲା । ୧୩ ବର୍ଷ ପରେ ଦେଖାଯାଉଛି ଯେ ସେପରି କିଛି ହୋଇନାହିଁ ।

Digitized by srujanika@gmail.com

୧୯୩୬ ଆଗରୁ ବିହାର ଓ ଓଡ଼ିଶା ଗୋଟିଏ ପ୍ରଭିନ୍ସ ଥିଲା । ୭୭ ବର୍ଷ ସ୍ୱତନ୍ତ୍ର ପରିଚୟରେ ଓଡ଼ିଆ ଜାତି ଭାରତ ଗଣରାଜ୍ୟରୁ ପାଇଛି କ'ଣ ଓ ହରେଇଛି କେତେ ? ତେର ବର୍ଷ ଧରି ନିରବଧି ନବୀନ ପଟ୍ଟନାୟକଙ୍କ ସରକାର ଚାଲିଛି । ଓଡ଼ିଆଙ୍କର ପ୍ରିୟ ନେତା ତାଙ୍କ ବାପା ବି ଏ ଚାନ୍ସ ପାଇ ନ ଥିଲେ । ନବୀନ ଓଡ଼ିଆ ପରିଚୟ ସୃଷ୍ଟି କରିବାକୁ ଅସଫଳ ରହିଛନ୍ତି । ବରଂ ବହୁ ପ୍ରକାରେ ଭାଷାର ନାଶ ହେଉଛି ତାଙ୍କ ଶାସନ କାଳରେ । ନିଜେ ଭାଷା ଜାଣି ନ ଥିବାରୁ ଧ୍ୱଂସର ବହୁ ଦୁର୍ନାମ ତାଙ୍କ ନାଁରେ ଯୋଡ଼ା ହେବ । କ୍ରାଇମ୍, କରପ୍ସନ, ଇଲିଟରେସି - ଏ ସବୁ ଦୁର୍ନାମ ଓଡ଼ିଶା ନାଁରେ । ବାକି ଯଶ ପାଇଁ ସୁଦର୍ଶନ ପଟ୍ଟନାୟକ ଅଛନ୍ତି ! ନବୀନଙ୍କ ଏ 'ଇମେଜ୍-କ୍ରାଇସିସ୍' ଓଡ଼ିଆ ପରିଚୟକୁ ଭାରି ମହଙ୍ଗା ପଡ଼ିବ ।

ଓଡ଼ିଶାର (ପରବର୍ତ୍ତୀ 'ଭାରତ'ର ବି) ଶେଷ ସ୍ୱାଧୀନ ହିନ୍ଦୁ ରାଜା ମୁକୁନ୍ଦ ଦେବଙ୍କର ୧୫୬୮ ଗୋହିରା ଟିକିରି (ଧାମନଗର: ଭଦ୍ରକ ଜିଲ୍ଲା) ଯୁଦ୍ଧରେ ମୃତ୍ୟୁ ପରେ ଏ ଭୂମି ଭାରତର ଭୂଗୋଳରେ ଫେଣ୍ଟି ହୋଇଗଲା । ଜାତି ଓ ଭାଷାର ପ୍ରତିପନ୍ନତା ଚାପି ହୋଇ ରହିଲା । ଯେ କୌଣସି ପାଠୁଆଶାଠୁଆ ଓଡ଼ିଆଙ୍କୁ ପଚରାଯାଉ, ସେ କହିବେ - ଆଜି ଭାରତରେ ଓଡ଼ିଶା ଏବଂ ଓଡ଼ିଆଙ୍କ ପରିଚୟହୀନତା ହେଉଛି ଏକନମ୍ବର ଦୁଃଖ । ଟଙ୍କାକିଆ କାହିଁକି, ମାଗଣାରେ ଚାଉଳ ବାଣ୍ଟିଲେ ବି ଏ ଦୁଃଖ ଦୂର ହେବାର ନୁହେଁ । ନବୀନ ପଟ୍ଟନାୟକଙ୍କୁ ଭଲ ପାଉଥିବା ଲୋକଙ୍କର ଏ ଅବସାଦ ।

ଭାଗ୍ୟ ଭଲ, ମୁକୁନ୍ଦଙ୍କ ପରାଜୟ ବେଳକୁ ଓଡ଼ିଆ ପରିଚୟର ଜଡ଼ ଭିଡ଼ି ଧରିବାକୁ ମହାପ୍ରଭୁ ଜଗନ୍ନାଥ ବିଜେ ହୋଇ ସାରିଥିଲେ । ସମ୍ରାଟ ଆକବରଙ୍କ ଶାସନ ଅନ୍ତରେ ପୁରୀ ଗଜପତି ରାଜା ଦିଲ୍ଲୀ ମୋଗଲ ଦରବାରରେ ଆଉ ପୂର୍ବ ପରି ସମ୍ମାନ ପାଉ ନ ଥିଲେ । ସମ୍ରାଟ ଜାହଙ୍ଗିର ଓଡ଼ିଶାକୁ ସ୍ୱତନ୍ତ୍ର ସୁବା କରି ନିଜ କୋର୍ଟରୁ କାସିମ ଖାଁଙ୍କୁ ସୁବେଦାର ନିଯୁକ୍ତ କରି ପଠେଇଦେଲେ । ଏଇ ସୁବେଦାରର ଶାସନ କାଳରେ କେସୁ ଦାସ ନାମକ ଜଣେ ଶଠ ବହୁ ସହଯୋଗୀଙ୍କ ସହ ଯାତ୍ରୀ ଭାବେ ପୁରୀ ଆସି ମୋଗଲ ସୈନ୍ୟଙ୍କ ଡ୍ରେସ୍ ପିନ୍ଧି ମନ୍ଦିର ଲୁଣ୍ଠନ କଲା । ଅପ୍ରସ୍ତୁତ ଗଜପତି ରାଜା ପୁରୁଷୋତ୍ତମ ଦେବଙ୍କ ସୈନ୍ୟ ତାହା ରକ୍ଷା କରି ପାରିଲେନି । ସେ ରାଜାଙ୍କ ଗୋଟିଏ ଝିଅକୁ ନିଜେ ଜବରଦସ୍ତ ବାହା ହେଲା ଓ ଆଉ ଜଣଙ୍କୁ ଜାହାଙ୍ଗିରଙ୍କ ହାରେମ୍‌କୁ ପଠେଇଲା । ସମ୍ରାଟ୍ କହିଲେ - ସାବାସ୍ !

ସେଦିନୁଁ ଓଡ଼ିଶା ଦିଲ୍ଲୀରୁ ଦୂର ହୋଇ ରହିଛି । ଆଜି ବି ସେମିତି । ସେଦିନର ଶାସକ ଥିଲେ ଜଣେ ପରାଜିତ ଗଜପତି ରାଜା । ଆଜିର ଶାସକ - ଗଣତନ୍ତ୍ରରେ ତିନି ଥରର ପ୍ରବଳ ବିଜେତା ଏବଂ ଚତୁର୍ଥ ଥରକୁ ଆଶା ଥିବା ବିଜୁ ଜନତା ଦଳର ଏକମାତ୍ର ନେତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

ଇତିହାସର ଦୟନୀୟ ଅବସ୍ଥା ଭିତରେ ଓଡ଼ିଶାର ସ୍ଥିତି ଉଣ୍ଡାଳିବା ସହଜ ନୁହେଁ । ଦିନେ ଓଡ଼ିଶାର ସମ୍ରାଟ କି ଓଡ଼ିଆ ଜାତି ଚାହିଁ ନ ଥିଲେ ପରାଧୀନ ହେବାକୁ - କିନ୍ତୁ ହେଲେ । ଏବଂ 'ଓଡ଼ିଆ' ହେବାକୁ ଚାହୁଁଚାହୁଁ ମେଜିକ୍-ସୋ'ରେ ଖାଲି ରୁମାଲରୁ ଫୁର୍‌କିନା ଉଡ଼ିଯାଉଥିବା ପାରା ପରି ସେମାନେ ଭାରତୀୟ ହୋଇଗଲେ । ଏବେ ଓଡ଼ିଶା ଓ ଓଡ଼ିଆଙ୍କ ସ୍ଥିତି ଫିଜିକାଲି - ଭାରତ ଏବଂ ଇମୋସନାଲି - ନଥିଙ୍ଗ୍ ।

ମହାରାଣୀଙ୍କ ସରକାରର ସେକ୍ରେଟାରି ଅଫ୍ ଷ୍ଟେଟ୍ସ (୧୯୦୩-୦୫) ସାର୍ ହର୍ବର୍ଟ ହୋପ୍ ରିସ୍‌ଲେ (୪.୧.୧୮୫୧-୩୦.୯.୧୯୧୧) ବା ହଣ୍ଟର, ଟୟନ୍‌ବି ସାହବମାନଙ୍କ ଅବଦାନକୁ ମନେ ପକାଇ

Digitized by srujanika@gmail.com

ପାରିବା । କାରଣ, ଯିଏ ଯେଉଁ କ୍ଷେତ୍ରରେ ଥା'ନ୍ତୁ ପଛେ, ସେମାନେ ଶାସନର ଗଡ଼ ଭେଦ କରି 'ଓଡ଼ିଆତ୍ୱ'ର ସନ୍ଧାନ କାଢ଼ିଲେ। ରିସ୍‌ଲେ କହିଥିଲେ - When people speaking a distinct language were distributed over areas too small to constitute a substantial portion of a province they were neglected. ଏହା ନ' ଅଙ୍କ ଦୁର୍ଭିକ୍ଷ ପରର କଥା। ଓଡ଼ିଆ ଜାଗରୁକତା ଇତ୍ୟାଦି କେତେ ପଥ ଅତିକ୍ରମ କରି ୭୭ ବର୍ଷ ତଳେ - ଏପ୍ରିଲ ୧, ୧୯୩୬ ଦିନ ବିହାରଠାରୁ ଓଡ଼ିଶା ଅଲଗା ହୋଇ ଏକ ସ୍ୱତନ୍ତ୍ର 'ପ୍ରଭିନ୍ସ' ଗଠିତ ହେଲା।

ସେତେବେଳେ ଓଡ଼ିଆତ୍ୱର ସ୍ୱପ୍ନ ଥିଲା - ନୂଆ ଗୌରବ ତିଆରି କରିବା ନୁହେଁ, କେମିତି ଆମେ ଜାତିର ହୃତ-ଗୌରବ (୧୫୬୮ରୁ ୧୯୩୬) ଫେରେଇ ଆଣିବୁ । 'ଭାରତୀୟ' ହେବା ପରି ଆବେଗିକ ଡାକ ସ୍ୱାଭାବିକ ସେ କାଳରେ ଆବଶ୍ୟକ ନ ଥିଲା ।

ଗୋଟିଏ କଥା ଉଠେ। ଏତେ ବର୍ଷ ଶାସନ କରି ବି ମୁଖ୍ୟମନ୍ତ୍ରୀ ଓଡ଼ିଆ କହି ପାରୁନାହାଁନ୍ତି ବା କହୁନାହାଁନ୍ତି - ଏହା ତାଙ୍କର ଭାଷା ପ୍ରତି ଅବଜ୍ଞା। ତାଙ୍କ ବିରୁଦ୍ଧରେ କୁହାଯାଉଥିବା ନାନା ବିରୋଧୀ କଥାରୁ ଇଏ ହୁଏତ ଗୋଟିଏ ହୋଇପାରେ, ମାତ୍ର ରାଜ୍ୟର ଗୌରବ ସହିତ ଏହାର କିଛି ସମ୍ବନ୍ଧ ନାହିଁ । କାରଣ ତାଙ୍କ ପୂର୍ବ ସବୁ ମୁଖ୍ୟମନ୍ତ୍ରୀ ତ ଓଡ଼ିଆରେ ପଣ୍ଡିତ, ଓଡ଼ିଶା ପରିଚୟ ପାଇଲାନି କାହିଁକି ?

ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ସମସ୍ତ କେନ୍ଦ୍ରୀୟ ପିଏସ୍‌ୟୁରୁ ଓଡ଼ିଆ ଭାଷା ଉଠାଇ ଦିଆଗଲା । 'କମ୍ପଲସରି ନୋଟିଫିକେସନ ଅଫ୍ ଏମ୍ପଲୟମେଣ୍ଟ୍ ଆକ୍ଟ' ନ ମାନିବା ଆଦତ୍ ନିର୍ବିଘ୍ନରେ ଚାଲିଲା। ନନ୍-ଏକ୍‌ଜିକ୍ୟୁଟିଭ ଚାକିରିରେ ଓଡ଼ିଶାରେ ଯୋଗ ଦେଉଛନ୍ତି ବାହାର ପିଲା ।

ଗତ ରବିବାର (୧୭.୩) ଦିନ ଦଲ୍ଲୀ ରାମଲୀଳା ମଇଦାନରେ ଜେଡିୟୁ ନେତା ତଥା ବିହାର ମୁଖ୍ୟମନ୍ତ୍ରୀ ରାଜ୍ୟର ସ୍ୱତନ୍ତ୍ର ମାନ୍ୟତା ଦାବି କରି ଏକ ବିଶାଳ ବିହାରୀ ସମାବେଶ 'ବିହାର ଅଧିକାର ର୍‍ୟାଲି' କଲେ । ଓଡ଼ିଶାର ସେଇ ସ୍ୱତନ୍ତ୍ର ମାନ୍ୟତା ଦାବି ପେଣ୍ଡିଂ ଅଛି । ଏନଡିଏ ସରକାର ବେଳେ ଭେଙ୍କିଆ ନାଇଡୁ ତାଚ୍ଛଲ୍ୟ କରିଥିଲେ। ୟୁପିଏ ସରକାରର ମତିଗତି ବି ସେହପରି। ଯୋଜନା କମିସନ ଉପାଧକ୍ଷ ମନ୍ତେକ ସିଂହ ଆଲୁଓ୍ୱାଲିଆ କହିଛନ୍ତି - ଇମ୍ପସିବ୍‌ଲ।

ନୀତୀଶ କୁମାର ଓ ନବୀନ ପଟ୍ଟନାୟକ - ଉଭୟ ନେତା ନିଜ ନିଜ ଦଳର ଏକାଙ୍ଗଚକ୍ରବର୍ତ୍ତୀ। ଉଭୟ ସମସାମୟିକ ମୁଖ୍ୟମନ୍ତ୍ରୀ। ଦୁହିଁଙ୍କ ପାଇଁ ଆଗକୁ ନିର୍ବାଚନ । ଏକଦା ଉଭୟ ଥିଲେ ଏନଡିଏର ସହଯୋଗୀ । ନବୀନ ଖସିଲେଣି କାହିଁ କେବେଠୁଁ - ନୀତୀଶ ଭାବୁଛନ୍ତି ଏବେ। ନୀତୀଶ ଜାତୀୟ ପ୍ରଚାରରେ ତୁଙ୍ଗ। ଏବେ ସେ ଭାଜପାର ନରେନ୍ଦ୍ର ମୋଦୀଙ୍କୁ କଣଠେସା ଦେବାକୁ ଆଗଭର ହେଲେଣି।

ଆଉ ନବୀନ ପଟ୍ଟନାୟକ ? ଗାଁରେ ବୁଲି ପ୍ୟାରୀ-ବ୍ରାଣ୍ଡ୍ ଲୋକ ଖୋଜୁଛନ୍ତି । ଦେଖୁଛନ୍ତି, କିନ୍ତୁ ଧରି ପାରୁନାହାଁନ୍ତି କି ଛାଡ଼ି ପାରୁନାହାଁନ୍ତି । ତାଙ୍କ ଦଳର ଏମପିମାନେ ନାଲ୍‌କୋ ଡିସ୍‌ଇନ୍‌ଭେଷ୍ଟମେଣ୍ଟ୍‌କୁ ବିରୋଧ କରି ପ୍ଲାକାର୍ଡ ଧରି ପାର୍ଲାମେଣ୍ଟ ବାହାରେ ଗାନ୍ଧି ଷ୍ଟାଚ୍ୟୁ ପାଖରେ ଠିଆ ହେଉଛନ୍ତି ଏବଂ ଦୁଃଖ ଲାଗେ ଯେ ସେଠିକି ନେସନାଲ ଟିଭିବାଲା ଆସୁ ନାହାଁନ୍ତି ।

(୨୪.୩.୧୩)

Digitized by srujanika@gmail.com

'ଦୃଢ଼ କାର୍ଯ୍ୟାନୁଷ୍ଠାନ'

"People sleep peaceably at night because rough men stand ready to do violence on their behalf."

- George Orwell

ଗୁରୁବାର ଦିନ ବିଧାନସଭାରେ ଖର୍ଚ୍ଚ ଦାବି ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ଜଣେଇଲେ ଯେ ଆଗାମୀ ଦିନରେ 'ରାଇଟ୍ ଟୁ ପବ୍ଲିକ ସର୍ଭିସ ଆକ୍ଟ, ୨୦୧୨' ଅନୁଯାୟୀ ଗୃହ ବିଭାଗ ପକ୍ଷରୁ ରାଜ୍ୟବାସୀଙ୍କୁ ତେରଟି ସେବା ଯୋଗାଇ ଦିଆଯିବ । ପ୍ଲସ୍ ଏପ୍ରିଲ ପହିଲାଠାରୁ ରାଜ୍ୟର କେତେକ ବଛା ସହରରେ 'କମ୍ୟୁନିଟି ପୁଲିସିଂ' ବ୍ୟବସ୍ଥା ପ୍ରବର୍ତ୍ତନ କରାଯିବ ଏବଂ ଖୁବ୍ ଶୀଘ୍ର ଥାନା ପୁନର୍ଗଠିତ ହେବ ।

ଆଗକୁ କ'ଣ ହେବ ଦେଖିବା - ମାତ୍ର ମୁଖ୍ୟମନ୍ତ୍ରୀ ବଚନ ରକ୍ଷା କଲା ପରି ନିଜ ତିଆରି ଆଇନରେ ନିଜ ସରକାରକୁ ଲୋକଙ୍କ ପାଖରେ ଦାୟବଦ୍ଧ କରିବାକୁ ଯେ ଉଦ୍ୟମ କରିଛନ୍ତି, ତାହା ପୁଣି ନୋଟିସ ଜାରି କରି ନୁହେଁ - ବିଧାନସଭାରେ - ସେଥିପାଇଁ ସରକାରକୁ ଆମେ ନିଶ୍ଚେ ଧନ୍ୟବାଦ ଜଣେଇବୁ । ମାତ୍ର ସାଙ୍ଗରେ ରହିବ ଏକ ଦୁଷ୍ଟ ଶବ୍ଦ - କିନ୍ତୁ ! କାରଣ ସେହି ଅଧିବେଶନ ବିବରଣୀ ମୁତାବକ, ସରକାରଙ୍କ କ୍ରାଇମ୍-ପ୍ରିଭେନ୍ସନ ରେକର୍ଡ ଭଲ ନୁହେଁ ।

ଗୃହ ବିଭାଗ ଶ୍ୱେତପତ୍ର କହେ ୨୦୧୧ଠାରୁ ୧୨ରେ ଚୋରି, ହତ୍ୟା, ଲୁଣ୍ଠନ, ବଳାତ୍କାର ବୃଦ୍ଧି ପାଇଛି । ହତ୍ୟା, ଲୁଣ୍ଠନ, ସିନ୍ଧିଚୋରି, ଚୋରି, ପ୍ରତାରଣା, ଧର୍ଷଣ ଓ ଦଙ୍ଗାର ସଂଖ୍ୟା ବୃଦ୍ଧି ପାଇଥିବା ବେଳେ ଡକାୟତି ସଂଖ୍ୟା ବଢ଼ିନି । ଅନ୍ୟ ଚୋରି ସହଜ ବେଳେ କିଏ କାହିଁକି ଡକେଇତି ପରି ରିସ୍କି କାମ କରିବ ?

ଧର୍ଷଣ ମାମଲା ବଢ଼ିଛି । ୨୦୧୦ରେ ଥିଲା - ୧୦୨୫, ୨୦୧୧ - ୧୧୨୨ ଏବଂ ୨୦୧୨ରେ ହୋଇଛି - ୧୪୫୮ । ସେହିପରି ୪୮୯୮ଟି

Digitized by srujanika@gmail.com

ଯୌତୁକଜନିତ ମାମଲା ହୋଇଛି ଏବଂ ୨୭୧୩ ଚାର୍ଜସିଟ୍ ଦାଖଲ ହୋଇଛି। ଯୌତୁକଜନିତ ହତ୍ୟା - ୫୨୬, ଚାର୍ଜସିଟ୍ - ୨୯୬। ଯୌତୁକ ଯୋଗୁ ୮୨ଜଣଙ୍କ ଆତ୍ମହତ୍ୟା, ୩୦୫୪ଟି ନିର୍ଯାତନା ମାମଲା ଓ ୧୨୩୬ଟି ଅଣ-ଯୌତୁକ ନିର୍ଯାତନା ମାମଲା ରୁଜୁ ହୋଇଛି। ହତ୍ୟାରେ ସବାଆଗରେ ଥିବା ପୁଲିସ ଜିଲ୍ଲାଗୁଡ଼ିକ ହେଲେ - କେନ୍ଦୁଝର (୯୭), ତା' ପଛକୁ ଗାମ (୮୬), ତା'ପରେ ରାଉରକେଲା (୮୦)। ଡକାୟତିରେ ଗଞ୍ଜାମ (୩୯), ବାଲେଶ୍ୱର (୩୨) ଓ ତୃତୀୟରେ ଜଗତସିଂହପୁର(୩୦)। ତିନି ବର୍ଷ ଭିତରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ୯ ଜଣ। ଗୋଟିଏ ସମସ୍ୟା ସଂପର୍କରେ ସରକାରଙ୍କ ବିଶ୍ଳେଷଣ ହେଲା ଯେ ବିବାହ ଆଶାରେ ଯୁବକ ଯୁବତୀ ଅବାଧ ଭାବେ ମିଳାମିଶା ହେଉଛନ୍ତି। ଆଗରୁ ସବୁ ଚାଲିଥିବ ଠିକ୍‌ଠାକ୍, ବାହାଘର ହୋଇ ନ ପାରିଲେ - ଧର୍ଷଣ! ସରକାରଙ୍କ ପାଖରେ ପ୍ରମାଣ ଅଛି। ଖାସ୍ ଏ ଅଭିଯୋଗରେ ୨୦୮ଟି ମାମଲା।

ମୁରିଏଲ ୱେବର ନାମକ ଜଣେ ଫାନ୍ସ ଭଦ୍ରମହିଳା ଇ-ମେଲ୍‌ରେ ବିକଳପ୍ରାୟ ଗୋଟେ ଏସଓଏସ-ମେସେଜ ବା ତ୍ରାହି-ବାର୍ତ୍ତା ପଠାଇଛନ୍ତି ଗତ ୫ ତାରିଖ ଦିନ। ସ୍ୱାମୀ ଡେନିସ ହଜକ୍ସଙ୍କ ସହ ଭାରତ ଆସି ଦୁହେଁ ଚାରିଆଡ଼େ ବୁଲିଲେ। ଡେନିସ ଜଣେ ବିଶ୍ୱବିଖ୍ୟାତ ଫଟୋଗ୍ରାଫର। ତାଙ୍କ କ୍ୟାମେରାରେ ରହିଥିଲା ଅସଂଖ୍ୟ ଫଟୋ ସମ୍ଭାର। ସେ ଫେରି ଫ୍ରାନ୍ସରେ ପ୍ରଦର୍ଶନୀ କରିଥା'ନ୍ତେ। ଚାରିଆଡ଼ ପରି ପୁରୀ ବି ଗହଳିଆ ଲାଗିଲା। ସେଠି ଲୋକଙ୍କୁ ପଚାରି ନିଆରା ସମୁଦ୍ର ତଟ ଖୋଜିବାକୁ ଅଧ ଘଣ୍ଟା ଚାଲିବା ପରେ ସେମିତିକା ଜାଗାଟେ ପାଇଲୁ। ଶାନ୍ତ ମନୋରମ - ଭାରତର ସବୁ ଜାଗାଠାରୁ ଭିନ୍ନ ଲାଗିଲା। ଥକ୍କା ମାରି ଶାନ୍ତିରେ ଗୋଟେ ଜାଗା ନିରୋଳା ଦେଖି ସେଠି ବସି ପଡ଼ିଲୁ। ଡେନିସ ଗଡ଼ି ପଡ଼ିଲେ। ମୁଁ ସମୁଦ୍ରଆଡ଼କୁ ଅନେଇଥାଏ। ଦି' ଜଣଙ୍କ ଭିତରେ ଆମ ବ୍ୟାଗ୍। କ୍ୟାମେରା ଥାଏ ସେଥିରେ। ଜାଣି ପାରିନି, କିଏ ତାକୁ ହରଣଚାଳ କରିନେଲା। ଅଜଣା ଲୋକ, ବିଦେଶରେ କି ଦୁଃଖ ପାଇଥିବେ ଇତ୍ୟାଦି ବିବରଣୀ ଏବଂ ସବୁଠୁ ବଡ଼ କଥା ଥିଲା କ୍ୟାମେରା ଯୋଗୁ ଡେନିସ ପାଗଳ ହୋଇ ଯାଇଛନ୍ତି। ତାଙ୍କ ଆପତ୍ତି ପୁରୀ ପୁଲିସ ମୁଖ୍ୟଙ୍କୁ ଜଣେଇବାକୁ ଦେବତୋଷ ନାମକ ଜଣେ ଭଦ୍ରଲୋକ ତାଙ୍କୁ ବଚନ ଦେଇଛନ୍ତି।

ଆଇନ ଶୃଙ୍ଖଳାକୁ ପରିସଂଖ୍ୟାନରେ ବୁଝି ବଞ୍ଚିବା ସହଜ ନୁହେଁ। ସମାଜ ବଞ୍ଚେ ବିଶ୍ୱାସରେ। ଅପରାଧ ପୁଲିସ କରେନି, ଆମେ କରୁ। ପୁଲିସ୍ କେଶ୍ ଦରଜ କରେ। ଆଜି ଓଡ଼ିଶାର ସହର ଏବଂ ଗ୍ରାମାଞ୍ଚଳ ସବୁଠିଁ ଏହି ଆସ୍ଥାହୀନତା। ଦିନେ ଗୋଟିଏ ଛବିରାଣୀ ହତ୍ୟା ପାଇଁ ରାଜନୀତି ଦୋହଲି ଯାଇଥିଲା ଏବଂ ଆଜି କେତେ ଛବିରାଣୀ ଥାନାରେ ବୁଲୁଛନ୍ତି ଏଫଆଇଆର ଦରଜ କରିବାକୁ। ଚାରିଆଡ଼େ ପଡ଼ିଛି ପ୍ରଧାନମନ୍ତ୍ରୀ ଗ୍ରାମ-ସଡ଼କ ଯୋଜନାର ରାସ୍ତା। ଗମନାଗମନ ସୁଯୋଗ ନ ଥିବା ବେଳର ଭୂତପ୍ରେତମାନେ କୁଆଡ଼େ ଉଭାନ ଏବଂ ଏବେର ସଇତାନମାନଙ୍କ ଯୋଗୁ ନିଛାଟିଆ ବେଳ କି ରାତିରେ ସେ ରାସ୍ତାରେ ଯିବା ଆସିବା ବନ୍ଦ। ଛିନତାଇରୁ ରେପ୍ ଯାହା କିଛି ଘଟି ପାରେ।

ରାସ୍ତାର ପ୍ରଗତି ଯଦି ରାତିର ଆସ୍ଥା ଲୁଟି ନିଏ - ଆମେ ତାକୁ ପ୍ରଗତି କହିବା ନା ଦୁର୍ଗତି କହିବା ? ଏହା ଏକ ବୈଚାରିକ ପ୍ରଶ୍ନ।

(୨୫.୩.୧୩.)

Digitized by srujanika@gmail.com

'ରଙ୍ଗ୍ ଦେ ଚୁନରିୟା'

ଫଗୁଣ ଓ ପାଇଲାମି ଭିତରେ କି ସମ୍ବନ୍ଧ ? ଜାଣୁନା । ଜାଣୁନାର ତାଲିକା କାହିଁରେ କେତେ ଲମ୍ବା । ମଣିଷ ମନରେ ଯେତିକି ରସ ବିରସ ଆତଯାତ ହୁଅନ୍ତି, ସେମାନଙ୍କ ସହାବସ୍ଥାନ ନୀତି କ'ଣ ? ତାହା ବି ଜାଣୁନା । ମୋଟାମୋଟି ଅନୁମାନ କଲେ ଲାଗେ ଯେ ଆଭରେଜ୍ (ହାରାହାରି) ଏବଂ ଆପ୍ରୋକ୍ସିମେଟ୍ (ଆନୁମାନିକ) - ଏଇ ଦୁଇଟିକୁ ଚାରୁଶୀଳ ଭାବେ ଜଗି ଜଗି ଆମେ ଦିବ୍ୟ ହୋଇଯାଇଛୁ । ନୀତି ଅନୀତି ବିଚାରିଲା ବେଳେ ଯେତେ ଟାଣିଭିଡ଼ି ହେଲେ ବି ସମୟ ଚକରେ ଉଡ଼ିଥିବା ଧୂଳିକଣାର ଆସ୍ତରଣ ତଳେ ପୋତି ହୋଇପଡୁ । ସେଠୁ ଝାଡ଼ିଝୁଡ଼ି ହୋଇ ଉପରକୁ ଉଠୁଁ । ତା'ପରେ ନୂଆ ଜଗନ୍ନାଥ ମଣୋହିରେ ଗୋଲାଆଳୁ ଖାଆନ୍ତି । ପାଞ୍ଜିରେ ନୂଆ କଥା ଲେଖା ହେବାକୁ ବାଧ୍ୟ, ନହେଲେ ତାକୁ କେହି କିଣିବେନି ।

ସବୁ ସଂସ୍କୃତିରେ ସଙ୍କେତଗୁଡ଼ିକ ପୂର୍ଣ୍ଣକାୟାରେ ଯୁଗ ଅତିକ୍ରମ କରିବାକୁ ହୁକୁହୁକୁ ହେଉଥା'ନ୍ତି । ମାତ୍ର ପାରନ୍ତିନି । ବିପଦରେ ପଡ଼ିଲେ ଏଣ୍ଡୁଅ ଅଧା ଲାଙ୍ଗୁଡ଼ ଛାଡ଼ି ଯେମିତି ଆଗକୁ ଯାଏ, ସେମିତି ଆମ ଅବସ୍ଥା ।

ସାଂସ୍କୃତିକ ଛିଟାଗୁଡ଼ିକ କାଟି ଛଡ଼େଇ ଗାଁରୁ ସହରକୁ ପଳେଇ ଆସିଛନ୍ତି । ନାଁ ରହିଥାଏ ସେଇଆ । ଚନ୍ଦ୍ରଶାଳା ବା ବଡ଼ଭିର ବିଭା ବଦଳି ଯାଇଥାଏ ଯ୍ୟାଛାତା । ମନ ରହିଥାଏ ଅତୀତର ସ୍ମରଣ ଓ ଭବିଷ୍ୟତ ପାଇଁ ଅନ୍ୱେଷଣ ଉଣ୍ଡାଳି । ଚାଳିଶ ପଚାଶ ବର୍ଷ ତଳେ - ଗୋପୀନାଥଙ୍କ ବିମାନ ବୋହିବାକୁ ବଦଳିଆଙ୍କ ସହ ଥିଲେ ଦଶ ଖୁମ୍ବ ହୃଷ୍ଟପୁଷ୍ଟ ଗୋପାଳ । ସାଙ୍ଗରେ ଥିଲା ମାଳି । ହାତରେ କାଟେଣୀ । ବିମାନର ଚୂଳ ଲାଗିବ ତ, କାହା ଗଛ ଭାବିବା ଦରକାର ନାହିଁ, କଟ୍ । ଠାକୁର ଯାଉଛନ୍ତି ଟି ! ଏହିପରି ବଶମ୍ୱଦପଣ । ଭଣ୍ଡାରୀ - ଭୋଗ ଯୋଗାଡୁଥିବ । ରାତି ହେଲା ତ ତା' ହାତରେ ଜଳି ଉଠିବ ଜଡ଼ାତେଲର

Digitized by srujanika@gmail.com

ମଶାଲ । ପୃଥିବୀ ଅନ୍ଧାରରେ ରହୁ ପଛେ, ଠାକୁରଙ୍କୁ ଆମେ ସେମିତି ରଖେଇ ଦେବୁନି ପରି ପ୍ରତିଜ୍ଞା । ନନାଙ୍କ ଛଡ଼ା ସଂକୀର୍ତ୍ତନିଆ, ଆଡ଼ଣି, ଚାମର, ଛତା, ବାଘ, ଷଣ୍ଢ, ରାକ୍ଷସଙ୍କ ମୂର୍ତ୍ତି ମୁଣ୍ଡେଇ ଦିନ ରାତି ସମାନ ଉତ୍ସାହରେ ବୁଲିବାକୁ ଆହୁରି କେତେ ଭକ୍ତ ଥିଲେ । ମେଲଣ କଣ୍ଟିନ୍‌ଜେଣ୍ଟ୍‌ରେ ସେ ସଂଖ୍ୟା ସର୍ବଦା ଶହେରୁ ଅଧିକ ଓ ଭୋଗଖିଆ ବେଳେ ପଚିଶ ତିରିଶରେ କାମ ଚଳୁଥିଲା । ସେମାନେ ଖାଉଥିଲେ ଥରେ ପେଟପୂରା ଠାକୁର ପ୍ରସାଦ । ବାସ୍ ଶେଷ । ତା'ପରେ ଭୋଗ - ମାନେ ଚୂଡ଼ାଘଷା, ହୁଡୁମ, କାକରା, ଉଖୁଡ଼ା, ଛେନା, ଗୁଡ଼ ଇତ୍ୟାଦି । ପାଉଥିଲେ ଅବିର ଟିକିଏ । ଗାଉଥିଲେ କୃଷ୍ଣ-କଥାରୁ ପଦେ । ଫଗୁଣ ପୂନେଇ ଏପଟ ସେପଟ ପାଞ୍ଚରୁ ସାତ ଦିନ ଏମିତି ବିତୁଥିଲା । ସେତେବେଳେ ଗୋପାଳଙ୍କ କାନ୍ଧ ଗୋପୀନାଥଙ୍କୁ ଗୋପ-ଦାଣ୍ଡ ପରି ନିରାମୟ ଲାଗୁଥିଲା । ସେ ଗାଁ ଗାଁ ବୁଲି ମେଲଣ କରୁଥିଲେ ଓ ଭକ୍ତଙ୍କ ଦୁଆରେ ଭୋଗ ଖାଉଥିଲେ ।

ଭକ୍ତ କତି ଛାଡ଼ିଲେ ଭଗବାନ ବି ରିଫିଉଜି । ଏ କଥା ଏକଦମ୍ ଠିକ୍ । ଭକ୍ତମାନେ ଗାଁ ଛାଡ଼ିଲେ । ସେ ଠାକୁର ବେକାର ହେଲେ । ସେଠିକା ବାସିନ୍ଦାମାନେ ନୂଆ ଭକ୍ତି ଆରମ୍ଭ କଲେ । ତେଣୁ ମୂଳ ବିଛେସ୍ଥଳୀ ଗାଁରେ - ଆଜି ସର୍ବନିମ୍ନ ନରେଗା-ରେଟ୍‌ରେ ହିସାବ କଲେ ଅତୀତର ଏ ଆଡ଼ମ୍ବର ପାଇଁ ଖର୍ଚ୍ଚ ଓ ସାମର୍ଥ୍ୟ ଯେତିକି ଲୋଡ଼ା, ତାହା ଆଉ ଗୋପୀନାଥ ତୁଲେଇ ପାରୁନାହାଁନ୍ତି । ତେଣୁ ଚେତନାରେ ସେ ଟାଉନକୁ ମାଇଗ୍ରେଟ୍ କରିଛନ୍ତି । ଗଳିକନ୍ଦିରେ ଅଟୋ-ରିକ୍ସା ଚଢ଼ି ସରସର ବୁଲି ପଡୁଛନ୍ତି ଓ ବେଶି ସଂଖ୍ୟକ ଭକ୍ତଙ୍କ ଦୁଆରେ ଉପସ୍ଥିତ ହେଉଥିବା ଯୋଗୁ ଲାଗୁଛନ୍ତି ଅଧିକ ସୋସାଲିଷ୍ଟ ଏବଂ ଇଗାଲିଟେରିଆନ ।

ମୀରା-ଭଜନରୁ ଗୋଟିଏ ପଙ୍‌କ୍ତି : ଲାଲ୍ ନା ରଙ୍ଗାଉଁ ମୈଁ ହରି ନା ରଙ୍ଗାଉଁ / ଅପନା ହି ରଙ୍ଗ୍ ମୈଁ ରଙ୍ଗ୍ ଦେ ଚୁନରିୟା । ସମର୍ପଣର ଅନ୍ତରଙ୍ଗ ଆବେଦନରେ ମୀରା କହନ୍ତି - ନାଲି ହଳଦୀ କୋଉ ରଙ୍ଗରେ ରଙ୍ଗେଇବୁ ଜାଣେନା - କିନ୍ତୁ ହେ କହ୍ନେଇ, ତୁ ଯେତିକି ଭଲ ମତେ ସେଇଥିରେ ରଙ୍ଗେଇ ଦେ । ଭକ୍ତି ପାଇଁ ମଣିଷ କେବେ ବି ଅସମର୍ଥ ନୁହେଁ - ମାତ୍ର ସେ ଏବେ ଏକ ଯୁଗ-ଯନ୍ତ୍ରଣାରେ ପଡ଼ିଛି । ବିଚରା ଭକ୍ତି ଓ ଲଢ଼େଇ ଭିତରେ ପାର୍ଥକ୍ୟ ବୁଝି ପାରୁନି ।

ପ୍ରୀତି-ପର୍ବ ଫଗୁଯାତ ଓ ରଙ୍ଗ-ଉତ୍ସବ ହୋଲି ଉପଲକ୍ଷେ ସମସ୍ତଙ୍କୁ 'ସୂର୍ଯ୍ୟପ୍ରଭା'ର ଅଭିନନ୍ଦନ ଓ ନମସ୍କାର ।

❒

(୨୭.୩.୧୩.)

Digitized by srujanika@gmail.com

ଭକ୍ତି ଓ ପ୍ରେମ

'ଜିୟା ବେକରାର ହେ / ଛାଇ ବାହାର ହେ । ଆ ଯା ମୋରେ ବାଲ୍ମା ତେରେ ଇନ୍ତେଜାର୍ ହେ' - ୧୯୪୯ ହିନ୍ଦୀ ମୁଭି 'ବରସାତ୍'ର ଗୀତଟିଏ । ସେତେବେଳର ମାନସିକତା ଥିଲା - ତୁ ନାହୁଁ ତ ମୋର ଆଉ କେହି ନାହିଁ। ଯେତେ ଦୁଃଖ ଦଉଚୁ ଦେ, ତତେ ପାଇବାକୁ ମୁଁ ସେତେ 'ଇନ୍ତେଜାର୍' କରିବି। ଯୁଗ ବଦଳି ଯାଇଛି । ଆଜି - ତୁ ନେହିଁ ତ ଔର୍ କୋଇ। କାରଣ କାହାରି ଟାଇମ୍ ନାହିଁ। ଯଦିଓ ସେତେବେଳେ ବି ଆଜି ପରି ଦିନକ ଥିଲା ଚବିଶ ଘଣ୍ଟା । ଘଣ୍ଟାକ ଷାଠିଏ ମିନିଟ । ସେତେବେଳେ ପୃଥିବୀ ବଢୁଥିଲା କଳ୍ପନାରେ, ଆଜି ବଞ୍ଚୁଛି ଲାବୋରଟରି ବାସ୍ତବତାରେ ।

ପ୍ରେମ ଓ ଭକ୍ତି - ଏ ଦୁଇଟି କାମରେ ନାଲଛେଇ ହେବା ଏବଂ ନେହୁରା ହେବା ଏକଦମ୍ ଯାଏଜ୍ । କାରଣ ଉଭୟ ମାନସିକ ଉଚ୍ଚାଟନ ବା ଉତ୍ପୀଡ଼ନ ସୃଷ୍ଟି କରିବାକୁ ସକ୍ଷମ । 'ପ୍ରେମ' ଓ 'ଧର୍ମ' କୁଆଡ଼େ 'ମାଡ଼େ' । ଏବଂ ବିସ୍ମିତ ହେବା ପରି - ତାହା କେତେକଙ୍କୁ ମୋଟେ 'ମାଡ଼ି' ନ ଥାଏ ! ସେମାନେ ବଢ଼ିଆ ସ୍ୱାମୀ - ମାତ୍ର ଭଲ ପ୍ରେମିକ ନୁହଁନ୍ତି। ବଢ଼ିଆ ଭକ୍ତ - କିନ୍ତୁ ଜଟାଧାରୀ ବାଆଜୀ ନୁହଁନ୍ତି । ଜନସଂଖ୍ୟା ତୁଳନାରେ ପ୍ରେମିକ ଓ ଧାର୍ମିକ - ଏମାନଙ୍କ ସଂଖ୍ୟା ସବୁଠୁଁ କମ୍ । ସୁତରାଂ ଅ-ପ୍ରେମିକ ଏବଂ ଅ-ଧାର୍ମିକଙ୍କ ଗହଳ ସମାବେଶରେ ଏ ଧରା ହାରାହାରି ଚାଲେ ତ ! ଦୁଇଟିଯାକ 'ବିଶ୍ୱାସ' ନାମକ ଗୋଟିଏ ଫଲକ୍ରମ୍ ଉପରେ ଠିଆ ହୁଅନ୍ତି । ସେଠୁ ପଡ଼ିଲେ, ଦି' ପଟେ ନର୍କ । ଉଭୟ ନିଜ ପାଇଁ ଚିହ୍ନ ରଖନ୍ତିନି । ସାକ୍ଷୀ ପ୍ରମାଣ ଇତ୍ୟାଦି ରାଜକୀୟ ହରକତଠାରୁ ଦୂରଛଡ଼ା ରହିଲେ ସେଗୁଡ଼ିକ ଅଧିକ ବିକଶିତପ୍ରାୟ ଲାଗନ୍ତି । 'ରାଣାନେ ବିଷ ଦିୟା ମାନୋ ଅମୃତ ପିୟା' (ମୀରା ଭଜନ) ପରି । ବିଶ୍ୱାସରେ ମରି କେଦାର-ଗୌରୀ ହୁଅ, କିଏ ମନା କରିବ ? ମାତ୍ର ବଞ୍ଚିବ ତ ପ୍ରେମ ଲୁଚେଇବାକୁ ପଡ଼ିବ ।

Digitized by srujanika@gmail.com

ବିଶ୍ୱାସ ମାନେ, ବିଶ୍ୱାସ । ତହିଁକି ପ୍ରମାଣ ଖୋଜିଲେ, ମିଳେ ଚୋପା । ଧରାଯାଉ, ଦେଖୁଚୁ ତାଜମହଲ । ଦେଖିବାକୁ ମିଳେନି ସମ୍ରାଟ ଶା' ଜାହନ୍ ଓ ବେଗମ ମମତାଜଙ୍କ ପ୍ରେମର ଇଜ୍‌ରା । ଭକ୍ତି ଓ ପ୍ରେମର ଦୃଶ୍ୟ ଅଦୃଶ୍ୟ ଦିଗଗୁଡ଼ିକର ତଉଲ ବିଚାର ଭାରି କଷ୍ଟ । ତେଣୁ ହରିବୋଲିଆ ଢଙ୍ଗରେ ଶା' ଜାହାନ୍‌ଙ୍କ ପ୍ରେମକୁ ନିଜ ପ୍ରେମ ବୋଲି କହି ଗୋଟିକରେ କାମ ଚଳେଇନେବା ଅଭ୍ୟାସ ମଣିଷ ପାଇଁ ଏକ ମୌଳିକ ସତ୍ୟ । ମୁଣ୍ଡିରେ ରୋମାନ୍ସ - ତେଣୁ କଥା 'ଇନ୍ତେଜାର' ଆଡ଼କୁ ଗଲା । ମାତ୍ର ସବୁ 'ଅପେକ୍ଷା' ମିଳନରେ ଶେଷ ହୁଏନି । ପ୍ରେମ ଇଲାକାରେ - ଅପେକ୍ଷା ଭାରି ସଟ୍‌କଟ୍ । ହେଲେ ହେଲା, ନ ହେଲେ ନାହିଁ । ତେଣିକି ଜଣେ ସୁଇସାଇଡ୍ କରିବ କି ନୂଆ ପ୍ରେମ ଉଣ୍ଡାଳିବ - ସେ ଦାୟିତ୍ୱ ତା'ର । ଏଥିପାଇଁ କେହି ତା' ପିଠିରେ ପଡ଼ିବେନି - ତାକୁ ଆଗରୁ ବୁଝେଇ ଦିଆ ଯାଇଛି । ଆଜି ଯୁଗ କରାଳ । ଜୀବନର ଦାରୁଣ ସତକୁ ପାଉଡର୍‌ମରା ଗପରେ ପରିଣତ କରି ଟିଭିବାଲା ତା ଉପରେ ସିରିଏଲ କରି ଦେଉଛନ୍ତି ।

ପ୍ରେମରେ ଯାହା 'ଚାନ୍ସ-ଏଣ୍ଡ୍-ଇନ୍ତେଜାର୍', ଧର୍ମରେ ତା ନାଁ - ବିଶ୍ୱାସ । ତାହା ଠାକୁର ଠାରୁ ଅସୁର ଯାଏ ସବୁ ପରିଚାଳିତ କରେ । ମନରେ ଶୂନ୍ୟେ ଶୂନ୍ୟେ ଆଶା କଳ୍ପନା ଆଶଙ୍କା ଇତ୍ୟାଦି ତିଆରି କରି ପରମ ବୀର ପରି ସମୟ ସହିତ ଲଢ଼ିବାକୁ ବାହାରି ମଣିଷ ଚଟାପଟ୍ ଠାକୁରଙ୍କ ବେକରେ ଲଦି ହୋଇପଡ଼େ । ପ୍ରେମ ଓ ଧର୍ମ - ଯେହେତୁ ଉଭୟ ଅଧିକ ଭାବ-ଇଲାକାର କଥା, ସେଠି ଲୁଚେଇ ଲୁଚେଇ ନିଜକୁ ସମର୍ପଣ କରିବା ସହଜ ଲାଗେ ।

ଜଣେ କେତେ ଭକ୍ତ ହେବ ବା କେତେ ମଣିଷ କି ଅମଣିଷ ହେବ - ଏକଥା ଶ୍ରୀମଦ୍‌ଭଗଦ୍‌ଗୀତାରେ ପ୍ରାୟ ସ୍ଥିର ହୋଇଛି । 'ବାପରେ, କର୍ମ କରି ଯା । ଫଳ ଆଡ଼କୁ ମୋଟେ ଅନେଇବୁନି । ସିଏ ଆପେ ମିଳିବ । ନ ମିଳିଲେ ନାଇଁ, ଚିନ୍ତା ନ କରି ଆଗକୁ ଯିବୁ । କର୍ମ ପାଖରେ ଅଟକିବା ତୋ ଧର୍ମ ନୁହେଁ । ହୁସିଆର, ଧର୍ମଛଡ଼ା ହେବୁନି । କେହି ତୋ ପିଠିରେ ପଡ଼ିବେନି ।' ଏ ଭାବକୁ କେହି ଅବିଶ୍ୱାସ କରନ୍ତିନି କାରଣ ସମସ୍ତେ ସେପରି ଅଭ୍ୟାସରେ ହିଁ ବଞ୍ଚନ୍ତି । ଯିଏ ଚୋର ନୁହେଁ - ସିଏ ଆଇପିସି ଦଫା ନ ଜାଣିଲା ତ କି ଭୁଲଟେ କଲା ?

ଟରକି ଥିବା କୋକିଶିଆଳ ଖସିଲା ବେଳେ ପଛକୁ ନ ଅନେଇବ କେମିତି ? କର୍ମକୁ ବିଶ୍ୱାସ କରୁଥିବା ଲୋକେ ବି ପଛକୁ ଅନାନ୍ତି - କାଇଁ କିଛି ହଉନି ତ ! ମଣିଷ ଏକ ଅସାଧ ଜୀବ । ଏତେ ବଡ଼ ଶୂନ୍ୟତା ସହି ପାରେନି । ବଞ୍ଚିବାକୁ ନାନା ଫନ୍ଦି ଫିକ୍ରର କରେ ଓ ଗପ ତିଆରି କରେ । 'ଗୀତା'କୁ ଗାଦିରେ ପୂଜି ଗୁପ୍ତେଗୁପ୍ତେ ଆମେ ଠାକୁରଙ୍କୁ ମାନସିକ ଯାଚୁ । ସେଥିପାଇଁ ଶକ୍ତ ନିୟମ ରହିଛି । ଏ ପ୍ରତିଜ୍ଞା ଭକ୍ତ ଓ ଭଗବାନଙ୍କ ଭିତରେ ମିଉଚୁଆଲ । 'ହେ ଠାକୁରେ - ମୋର ଅମୁକ ହଉ ମୁଁ ତମକୁ ତମୁକ ଦେବି ।' ଭୋଗ ପାଇଲା ଦିନ ସମସ୍ତେ ଜାଣିବେ ତମ ମହିମା । ତା' ଆଗରୁ ସବୁ କଥା ଗୁପ୍ତ । ବିଫଳ ଭକ୍ତଙ୍କ ତାଲିକା ପ୍ରକାଶ ହୁଏନି, ମାତ୍ର ସଫଳ ଭକ୍ତ କହୁଥିବ - ମୁଁ ଅକିଞ୍ଚନ ମାତ୍ର !

(୨.୪.୧୩.)

Digitized by srujanika@gmail.com

ସାମ୍ବିଧାନିକ ସନ୍ତ୍ରାସବାଦ

'ଭାରତୀୟତା' - ଏକ ଅଜଣା ଫଳ

ସଦ୍ୟ ଘଟଣାଟିଏ ମନେ ପକାଇପାରିବା । 'ତାମିଲ ଜାତୀୟତା' ଓ 'ଭାରତ ଜାତୀୟତା' ଲଢ଼େଇ ଭିତରକୁ ପଶିଛି ତାମିଲନାଡୁ ବିଧାନସଭା । ଗତ ମାର୍ଚ୍ଚ ୨୭ ତାରିଖରେ ତାମିଲନାଡୁ ବିଧାନସଭା କେତେକ ସର୍ବସମ୍ମତ ପ୍ରସ୍ତାବ ଗ୍ରହଣ କଲା । ସବୁମନ୍ତେ ତାହା ଥିଲା ଭାରତରେ ବିଚ୍ଛିନ୍ନତାବାଦ ପାଇଁ ମୁକ୍ତ ସାମ୍ବିଧାନିକ ଆହ୍ୱାନ । ପ୍ରସ୍ତାବଗୁଡ଼ିକ - ୧. ଭାରତ ସରକାର ଶ୍ରୀଲଙ୍କାକୁ ଏକ ଶତ୍ରୁ ଦେଶ ଭାବେ ଘୋଷଣା କରନ୍ତୁ । ୨. ଶ୍ରୀଲଙ୍କା ବିରୋଧରେ ଭାରତ ଆର୍ଥନୀତିକ ପ୍ରତିବନ୍ଧକ ଲାଗୁ କରୁ । ୩. 'ଏଲଟିଟିଇ'ର ସନ୍ତ୍ରାସବାଦୀ ବିଦ୍ରୋହ ସମୟରେ ଶ୍ରୀଲଙ୍କା ସରକାର ଯେଉଁ ତାମିଲ-ଦମନ କାର୍ଯ୍ୟ କରିଛି ସେଗୁଡ଼ିକୁ 'ୱାର୍ ଜେନୋସାଇଡ୍' (ଯୁଦ୍ଧ ଗଣହତ୍ୟା) ଭାବେ ଆନ୍ତର୍ଜାତିକ ଅଦାଲତରେ ବିଚାର କରାଯାଉ । ଏବଂ ୪. ଶ୍ରୀଲଙ୍କା ବିଭାଜନ କରି ସେଠି ତାମିଲ 'ଇଲମ' (ରାଷ୍ଟ୍ର) ପ୍ରତିଷ୍ଠା କରିବାକୁ ଜନମତ ସଂଗ୍ରହ (ରେଫରେଣ୍ଡମ୍) ପାଇଁ ଭାରତ ଜାତିସଂଘରେ ପ୍ରସ୍ତାବ ଆଣୁ । ଦଳମତ ନିର୍ବିଶେଷରେ ସେ ନେତାମାନଙ୍କ ମନରେ ଭାରତର ବୈଦେଶିକ ନୀତି ପାଇଁ ମୋଟେ ଦରଦ ନ ଥିଲା - ମାତ୍ର ତାହା ଥିଲା ତାମିଲ ଭ୍ରାତୃତ୍ୱବାଦ ପାଇଁ ।

ଅଗଷ୍ଟ ୨୦୦୩ । ବାଜପେୟୀ ପ୍ରଧାନମନ୍ତ୍ରୀ । କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧିଙ୍କୁ ତାଙ୍କ ପ୍ରଶ୍ନ ଥିଲା - ନୂଆ ଦେଶଟେ ହେବ ତ ନୂଆ 'ଜାତୀୟତା' ତିଆରି ଉଦ୍ୟମ ଭୁଲ ହେବ କାହିଁକି ? ମାତ୍ର କାହା ଆଧାରରେ ? କଂଗ୍ରେସ ଭୋଟକୁ ଜାତୀୟତା ବୋଲି ଭାବିପାରେ, ମୋ ସରକାର ସେମିତି ଭାବିବ ନାହିଁ ।

ଆଜି ବାଜପେୟୀଙ୍କ ସେ ପ୍ରଶ୍ନ ଏକ ଦୁରନ୍ତ ଆଶା ହୋଇ ରହି ଯାଇଛି ଏବଂ ସେ ଆଇଡିଆର ଗଙ୍ଗା-ଗଙ୍ଗୋତ୍ରୀ ଶୁଖି ଗଲେଣି । କେବଳ ପ୍ରତ୍ନତତ୍ତ୍ୱ

Digitized by srujanika@gmail.com

ମାନଚିତ୍ରରେ ନଦୀର ନକ୍ସା ରହିଛି । ଉପର ସାଦା ସିଲପଟ୍ । କଂଗ୍ରେସ ଏମପି ଶକିଲ୍ ଅହମ୍ମଦ ଖାଁ, ଲାଲକୃଷ୍ଣ ଆଡଭାନୀଙ୍କୁ କହୁଛନ୍ତି - ତମେ ପାକିସ୍ତାନୀ ଅନୁପ୍ରବେଶକାରୀ । ଫେରି ଯା' ପାକିସ୍ତାନ ! ଏପରି ନାନା ସଇତାନୀ ଆର୍ତ୍ତନାଦ ଭିତରେ ଦଶ ବର୍ଷ ତଳେ ବାଜପେୟୀ ପଚାରିଥିବା ପ୍ରଶ୍ନର ବୌଦ୍ଧିକ ବା ଲଳିତ ଉତ୍ତର ଶୁଣିବା ସମ୍ଭବ ନୁହେଁ । ଦେଶର ମାଟି ତଳେ ଖଣି ଖାଦାନ ଲୁଟ୍ । ଆକାଶରେ ଦୁର୍ନୀତି ଉଡ଼େ । ନାଗରିକ ମନ ଭଡ଼ାରେ ଲାଗି ଥାଏ ।

ଶ୍ରୀଲଙ୍କା ଏକ ସାର୍ବଭୌମ ରାଷ୍ଟ୍ର । ତା' ନିର୍ବାଚିତ ସରକାର ନିଜ ସୀମାରେ ଦେଶ-ବିଭାଜନ ଦାବିରେ ଚାଲୁଥିବା ବିଦ୍ରୋହକୁ ଦମନ କଲା । ଭାରତ ଯେମିତି କାଶ୍ମୀରରେ କରୁଛି । ସେଠି ଯାଦୁ ଶୁଖୁନି କି ଗଲୁ ଛାଡୁନି । ଶ୍ରୀଲଙ୍କାରେ ବିଦ୍ରୋହୀ ଥିଲେ ତାମିଲ । 'ଲିବରେସନ ଟାଇଗର ଅଫ୍ ତାମିଲ ଇଲମ୍'କୁ ଇଣ୍ଟରନେସନାଲ ଟେରରିଷ୍ଟ୍ ସଂଗଠନ ବୋଲି ଘୋଷଣା କରାଯାଇଥିଲା । ଏ ବିଦ୍ରୋହ ୧୯୮୩ରେ ଆରମ୍ଭ ହୋଇ ୨୦୦୯ରେ ଦମନ ହେଲା । ବିଦ୍ରୋହର ଉଭୟ ସପକ୍ଷ ଏବଂ ବିପକ୍ଷ ସେବା ଭାରତ ଯୋଗାଉଥିଲା । ଭ୍ରାତୃତ୍ୱ-ବନ୍ଧନ ଯୋଗୁ ତାମିଲନାଡୁରୁ ବିଦ୍ରୋହୀଙ୍କୁ ତୋପଠୁଁ ଖାଦ୍ୟଯାଏଁ ସବୁ ପ୍ରକାର 'କନ୍‌ସାଇନମେଣ୍ଟ୍' ଏବଂ ବିଦ୍ରୋହୀ-ଅପରାଧୀକୁ ଏଠି ଲୁଚିବା ସୁଯୋଗ ଯୋଗାଇ ଦିଆଯାଉଥିଲା । ସେଥିପାଇଁ ସ୍ଥାନୀୟ ରାଜନୀତିରେ ପ୍ରତିଯୋଗିତା ହେଉଥିଲା । ତେଣେ, ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧି 'ଶାନ୍ତି ବାହିନୀ' ନାଁରେ ଶ୍ରୀଲଙ୍କାକୁ ସୈନ୍ୟ ପଠାଉଥିଲେ ତାମିଲ-ବିଦ୍ରୋହ ଦମନ କରିବାକୁ ।

ଶାସକଦଳ ଜୟଲଳିତାଙ୍କ ଏଆଇଡିଏମକେ ଓ ତା'ର ଏକନମ୍ବର ଶତ୍ରୁ କରୁଣାନିଧିଙ୍କ ଡିଏମକେ ଏକମନରେ ଏ ପ୍ରସ୍ତାବ ନେଇଛନ୍ତି । ଗୋଟିଏ ବିଧାନସଭାର ଅବସ୍ଥା ଯଦି ଏଇଆ, 'ଭାରତୀୟ'ଙ୍କ ପାଇଁ 'ଜାତୀୟତା'ର ଅନ୍ୱେଷଣ ଏକ ନିରର୍ଥକ ସାଧନା । ମଞ୍ଜ ଧରି ଭାରତ ଗୋଟିଏ ଦେଶରେ ପରିଣତ ହୋଇ ନାହିଁ । 'ଜନଗଣମନ', ଜାତୀୟ-ପତାକା, ଡାକ ଟିକଠ, ସିଭିଲ୍-ସର୍ଭେଣ୍ଟ୍ - ଏମିତି କୋଡ଼ୋଟି ହୁଏତ ଭାରତର ପ୍ରତୀକ ହୋଇପାରନ୍ତି । ବାକି ସବୁ - 'ଇଉନିଟି-ଇନ-ଡାଇଭର୍ସିଟି' । ଆମ ଧାରଣାରେ ଯା ଅର୍ଥ - ଜୋର୍ ଯା'ର ମୁଲକ ତା'ର ।

ଏ ଦେଶରେ ଯେ ସଂଘୀୟ ଗଣତନ୍ତ୍ର ସମ୍ଭବ ନୁହେଁ - ଏହି ସତ୍ୟ ୧୯୪୭ରୁ ଆଜି ପର୍ଯ୍ୟନ୍ତ ପ୍ରତିପାଦିତ ହେବାକୁ ଲାଗିଛି । ଉତ୍ତର-ପୂର୍ବ ସାତରୁ ଚାରି ରାଜ୍ୟର ଲୋକେ ନିଜକୁ 'ଭାରତୀୟ' ବୋଲି ଆଜି ବି ଭାବନ୍ତିନି, ପଞ୍ଜାବ ଅଲଗା ହେବାକୁ ଲଢ଼େଇ କରି ଏବେ ସ୍ୱଳ୍ପବିରାମରେ ରହିଛି ଏବଂ ଜାମ୍ମୁ-କାଶ୍ମୀର ସବୁବେଳେ ବାରୁଦ ଗଦା ଉପରେ ।

ସମ୍ବିଧାନ ତୁଲେଇବାକୁ ଅକ୍ଷମ 'ଭାରତୀୟ' ମାନେ 'ଜାତୀୟତା' ଖୋଜିବା ପରି ବାଜେ ଆଇଡିଆରେ ମନୋନିବେଶ କରନ୍ତିନି । ସବୁ କାଳରେ ଆମ ସମାଜ 'ସାଂପ୍ରଦାୟିକ' ଥିଲା । କିନ୍ତୁ ଏ ଶବ୍ଦଟି ଏବେ ମଧୁ ବର୍ଣ୍ଣବୋଧର 'ଅରଣା ମଇଁଷି' ପରି ଭୟାନକ ଲାଗୁଛି ନା ?

(୩.୪.୧୩.)

Digitized by srujanika@gmail.com

କା ଙ୍ଗା ଳ ବୈ ରା ଗ୍ୟ

'କାଙ୍ଗାଳ' - ଏକ ଅଦ୍ଭୁତ ଶବ୍ଦ । ଭିନ୍ନ ଭିନ୍ନ ପ୍ରୟୋଗରେ ଏଇ ନାଁଟି ଆମ ଗଣତନ୍ତ୍ରର ଦୀପଦଣ୍ଡିରେ ଦିକ୍ ଦିକ୍ ଜଳୁଥାଏ । କେତେବେଳେ ତେଜ୍ ତ କେବେ ଡୁନ୍ । ଏ ଶବ୍ଦର ମହିମା ବହୁ ନିଷିଦ୍ଧ ବିନୋଦନ ପରି । ଭୋଗ କଲେ ମନ୍ଦ ଲାଗେନି, ନ ମିଳିଲେ ଚଳେ ଏବଂ ନିଜ ଛଡ଼ା ଆଉ କେହି ନ ଜାଣିଲେ ଆହୁରି ଭଲ । ଗୋପନ ଆତୁରତା ଥାଏ ଏଥିରେ । ଏହାର ରୂପ ମୋଟେ ଦୁଇଟି : ପେଟ-କାଙ୍ଗାଳ ଓ ମନ-କାଙ୍ଗାଳ । ଆଉ ଗୋଟେ ଛାଇ-ରୂପ ଅଛି - ଆତ୍ମା-କାଙ୍ଗାଳ । ହେଲେ ସେ ସବ୍‌ଜେକ୍ଟ କେବଳ ଭାଷଣ ପାଇଁ ରିଜର୍ଭ । ପ୍ରାକ୍ଟିସ୍ କେହି କରନ୍ତିନି । ଏ କାଙ୍ଗାଳପଣ ଯୋଗୁ ଚାଷୀ ଆତ୍ମହତ୍ୟା କରେନି ବା ପ୍ରେମିକା ସୁଇସାଇଡ୍ କରେନି ।

ମନ-କାଙ୍ଗାଳମାନେ ପବ୍ଲିକ୍‌ଲି ଆପତ୍ତି କରି ପାରନ୍ତିନି । ବାଇଚାନ୍ସ ସେଥିରୁ କିଛି କ୍ରାଇମ୍‌ରେ ରୂପାନ୍ତରିତ ନ ହେବା ପର୍ଯ୍ୟନ୍ତ ସରକାର ସେ ବିଷୟରେ କିଛି ଜାଣନ୍ତିନି ।

କାଙ୍ଗାଳ ନ ରହିଲେ ଆମେ ଦୟାବନ୍ତ ହୋଇ ପାରିବୁ ନାହିଁ । ସତ ପରି କଥାଟିଏ । କାର୍ତ୍ତିକ ପୂନେଇ ସକାଳୁ ପବିତ୍ର ମନ୍ତ୍ର ସ୍ମରି ଆଧାବୁଜା ଆଖିରେ ସ୍ନାନ ଓ ଦେବାର୍ଚ୍ଚନାଦି ଶେଷ କରି ମନ୍ଦିରରୁ ବାହାରି ବନ୍ଧୁ କଦମ୍ବକେଶରୀ ବାୟା ହୋଇଗଲେ । ଭିକାରି ନାହାଁନ୍ତି । ଦାନ ନ ଦେଇ ତାଙ୍କୁ ଧର୍ମଛଡ଼ା ପରି ଲାଗିଲା । ସେତେବେଳ ଯାଏଁ ଧ୍ୟାନରେ ରହିଥିବା ଠାକୁର ଠାକୁରାଣୀମାନେ ମନରୁ ହଟିଗଲେ । କାରଣ ସେ ଭିକାରି ଖୋଜୁଥିଲେ । ମନରୁ ଥରେ ଧର୍ମ ଓହ୍ଲେଇଗଲା ପରେ ସେ ସଂଗ୍ରହ କରି ସାଥିରେ ଆଣିଥିବା କଏନ୍‌ର ମୁଣି ବି ତାଙ୍କୁ ଓଜନିଆ ଲାଗିଲା ।

ସେ ନିଜକୁ ପଚାରିଲେ - ରାତି ଅଧରୁ ଗାଧୁଆ ପାଧୁଆ ଠିକ୍ କରିଛି ।

Digitized by srujanika@gmail.com

ପାଟ ପିନ୍ଧିଛି, ମନ୍ତ୍ର ପଢ଼ିଚି । ଧର୍ମ ପ୍ରାପ୍ତ ନ ହେବ କିପରି ? ବ୍ୟର୍ଥ ଲାଗିଲା ସବୁ କଥା । ସେ ଗଳି ଗଳି ବୁଲି ଭିକାରି ଖୋଜିଲେ । ପାଇଲେନି । ଜାଣିଲେ ଯେ ନୂଆ ଏସପିଙ୍କ ନିର୍ଦ୍ଦେଶରେ ଭିକାରି-ନିବାରଣ କାର୍ଯ୍ୟକ୍ରମ ପୁଲିସ ହାତକୁ ନେଇଛି । ସେତେବେଳେ ପଡ଼ିଗଲା କାର୍ତ୍ତିକପୁନେଇଁ । ମହାନ୍ ପର୍ବଟେ । ଥାନାବାବୁ କି କାର୍ତ୍ତିକ ମାର୍ଗଶିର ବୁଝନ୍ତି ? ଅର୍ଡର ମାନେ ଅର୍ଡର । ମନ୍ଦିର ଦୁଆରୁ ବାଡ଼େଇ ଭଗେଇ ଦେଲେ ଭିକାରିଙ୍କୁ । ପୂର୍ଣ୍ଣିମାର ପବିତ୍ରତା ଓ କାର୍ତ୍ତିକର ପୁଣ୍ୟ ଉଭୟ ହାତଛଡ଼ା ହେବାରୁ କଦମ୍ବକେଶରୀ ପୁଲିସ୍‌କୁ ବହେ ଗାଳି ଦେଲେ । ହ୍ୟାପ ରେପ୍ କଣ୍ଟ୍ରୋଲ କରି ପାରୁନି - ବେଗାରି (ଭିକାରି) ଲୁଚୋଉଚି ! ମନ ଦିଲିଗିଲି । ଭାବିଲେ ଷ୍ଟେଟ୍‌ମେଣ୍ଟ ଦେବେ - ଇଏ କି 'ସେକୁଲାରିଜିମ୍' ? ପୁଲିସ - ଆଇନ ଶୃଙ୍ଖଳା କଥା ବୁଝୁ । ମନ୍ଦିର ଆଗରୁ ଭିକାରି ତଡ଼ିବ କେମିତି ? ସେଥିପାଇଁ ଆଇନ ଅଛି କହିଲେ, ଚଳିବନି । ଆମେ କହିବୁ ଏ ଆଇନ ଆମ ଧର୍ମ ବିରୋଧୀ । ଦାନ-କାର୍ଯ୍ୟ କମ୍ପ୍ଲିଟ୍ ନ ହେଲେ ବ୍ୟକ୍ତି ଧର୍ମ-ପ୍ରାପ୍ତି ଅଧା ରହିଯାଏ । ଏସ୍‌ପିଙ୍କର ଏମିତି ଆଦେଶ ଧର୍ମରେ ହସ୍ତକ୍ଷେପ ପରି ତାଙ୍କୁ ଲାଗିଲା । ଭାବିଲେ, ପିଆଇଏଲ୍ ଫାଇଲ୍ କରିବେ । ଇନ୍ଦିରା ଗାନ୍ଧିଙ୍କ 'ଇମରଜେନ୍ସି' ଚାଲିଥାଏ । ସଂପାଦକଙ୍କୁ ଚିଠି ଖଣ୍ଡିଏ ଲେଖିବାକୁ ସୁଦ୍ଧା ତାଙ୍କ ସାହସ କୁଳେଇଲାନି ।

କିନ୍ତୁ ପେଟ-କାଙ୍ଗାଳଙ୍କ ହାଲ୍‌ହରକତ ସୋସାଲିଷ୍ଟ-ଗଣତନ୍ତ୍ର ବୁଝେ । କେନ୍ଦ୍ର ଓ ରାଜ୍ୟ ପ୍ରତିଯୋଗିତା କରି 'କାଙ୍ଗାଳ' ନାଁକୁ ମହିମାମଣ୍ଡିତ କରିବାକୁ ଲାଗିଛନ୍ତି । ଏ ଶବ୍ଦ ପୁରାଣର ରକ୍ତବୀଜ ପରି । ସେ ଅସୁର ବର ହାସଲ କରିଥିଲା, ମେଦିନୀରେ ତା ରକ୍ତ ଯେଉଁଠି ପଡ଼ିବ, ପ୍ରତି ବୁନ୍ଦାରୁ ସୃଷ୍ଟି ହେବ ଆଉ ଗୋଟେ ରକ୍ତବୀଜ । ଯା ସମର ମା' ଦୁର୍ଗାଙ୍କୁ ସବୁଠୁଁ ଅଧିକ ହରକତ କରିଥିଲା । ସେ କରାଳରୂପୀ କାଳୀ ହେଲେ ।

ରାଜ୍ୟକୁ କ୍ଷୁଧାମୁକ୍ତ କରିବାକୁ ଗତ ଗଣତନ୍ତ୍ରଦିବସ ଅବକାଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଚାଉଳ-କେଜି-ଟଙ୍କାଏ' ଯୋଜନା ଘୋଷଣା କଲେ । ଆମେ ଲକ୍ଷ୍ୟ କରିଛୁ ଯେ ବିଜୁ ଜନତା ଦଳର ସେଣ୍ଟର-ଷ୍ଟେଜ୍‌ରୁ ପ୍ୟାରୀବାବୁ ବିଦା ହେବା (ଜୁନ ୨୦୧୨) ପରେ ସରକାର ତରଫରୁ ଘମାଘୋଟ ପ୍ରଗତି-ପ୍ରଚାର ଚାଲିଛି । ଯଦି ପ୍ରଗତି ହୋଇଛି, ତାହେଲେ କେଜି ପିଛା ଦି' ଟଙ୍କା ଦେଉଥିବା ଦରିଦ୍ର ଅଧିକ ଦରିଦ୍ର ହେଲେ କିପରି ଯେ ସେଥିପାଇଁ ଟଙ୍କାଟେ ସବ୍‌ସିଡି ଦରକାର ପଡ଼ିଲା ? ଆହୁରି ବଡ଼ ପ୍ରଶ୍ନ - ଏ ସବ୍‌ସିଡି ଦେବାକୁ ସରକାର ସୂତ୍ର ପାଇଲେ କେଉଁଠୁ ?

(୫.୪.୧୩.)

Digitized by srujanika@gmail.com

ଚାଣକ୍ୟ, ନବବାବୁ ଓ ନାଲିବତି ଗାଡ଼ି

"People hate red lights" - ସୁପ୍ରିମ୍‌କୋର୍ଟ, ୩.୪.୧୩

ଚାଣକ୍ୟ (କୌଟିଲ୍ୟ ବା ବିଷ୍ଣୁଗୁପ୍ତ - ଖ୍ରୀ.ପୂ. ୩୭୦-୨୮୩) ଥିଲେ ଜଣେ ରୁଦ୍ର-ରୂପୀ ପଣ୍ଡିତ । ତାଙ୍କ ବୁଦ୍ଧି ଯୋଗୁ ନନ୍ଦବଂଶର ବିନାଶ ଓ ମୌର୍ଯ୍ୟ ସମ୍ରାଜ୍ୟ ପ୍ରତିଷ୍ଠା ହେଲା । ସେ ଥିଲେ ସମ୍ରାଟ ଚନ୍ଦ୍ରଗୁପ୍ତଙ୍କର ପରାମର୍ଶଦାତା ଏବଂ ପ୍ରଧାନ ଅମାତ୍ୟ । 'କୌଟିଲ୍ୟ ଅର୍ଥଶାସ୍ତ୍ର ଏବଂ 'ଚାଣକ୍ୟ ନୀତିଶାସ୍ତ୍ର' - ତାଙ୍କ ରଚନା ।

ତକ୍ଷଶିଳା । ଦିନେ ସନ୍ଧ୍ୟାରେ ଘରେ ଲେଖାପଢ଼ା କାମରେ ସେ ବ୍ୟସ୍ତ ଥା'ନ୍ତି । ପରିଚାରକ ଖବର ଦେଲା ଯେ ଚୀନ ଦେଶରୁ ଆସିଥିବା ଜଣେ ପରିବ୍ରାଜକ ତାଙ୍କ ସହିତ ସାକ୍ଷାତ କରିବାକୁ ବାହାରେ ଅପେକ୍ଷା କରିଛନ୍ତି । ଚାଣକ୍ୟ ତାଙ୍କୁ ପାଛୋଟି ଆଣିବାକୁ କହି ନିଜେ ସିରସ୍ତା ବନ୍ଦ କଲେ । ଗୋଟିଏ ଦୀପ ଜଳେଇ ଅନ୍ୟଟି ଲିଭାଇ ଦେଲେ । ସେତେବେଳକୁ ଅତିଥି ନିକଟରେ ପହଞ୍ଚି ଗଲେଣି । ଅଭ୍ୟାଗତଙ୍କୁ ସ୍ୱାଗତ କରିବା ପାଇଁ କାଳେ ଏମିତି କରିବା ଏଠିକା ସିଷ୍ଟମ୍ ହୋଇଥିବ ଭାବି ସେ କିଛି କ୍ଷଣ ଚୁପ୍ ରହିଲେ । ପରେ ପଚାରିଲେ, 'ମହାଶୟ, ଏକା ତେଲ ତ ପୋଡ଼ିବ । ଆପଣ କାହିଁକି ବଦଳାଇଲେ ?'

ଚାଣକ୍ୟ କହିଲେ, 'ମୁଁ ରାଜକାର୍ଯ୍ୟ କରୁଥିଲି । ରାଜାଙ୍କ ତେଲରେ ଦୀପ ଜଳୁଥିଲା । ବନ୍ଧୁ ଭାବେ ମୁଁ ଆପଣଙ୍କ ସହିତ ବସିଛି । ଆମ ଗପସପରେ ରାଜାଙ୍କର କିଛି ଲେଣ୍‌ଦେଣ୍ ନାହିଁ । ଏବେ ମୋ ଦୀପ ଜଳିବ ।'

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ (୨୩.୧୧.୧୯୦୧-୨୪.୬.୧୯୮୪)ଙ୍କ ସାଧୁତା ସଂପର୍କରେ ଗୋଟିଏ ଗପ ଆମେ ଜଣେ ବାବୁଙ୍କଠାରୁ ଶୁଣିଛୁ । ସୌଭାଗ୍ୟରୁ ନବ ବାବୁଙ୍କ ସାମାନ୍ୟ ସଂସ୍ପର୍ଶରେ ଆସିଥିବାରୁ ସେ କଥା ସତ ପରି ଲାଗେ । ୧୯୫୦ରେ ମୁଖ୍ୟମନ୍ତ୍ରୀ ହେବା ପାଇଁ ପଣ୍ଡିତ ନେହେରୁ ପଠେଇଲେ ତାଙ୍କ ପାଖକୁ ଟେଲିଗ୍ରାମ୍ । ସେ ଥା'ନ୍ତି ଅନୁଗୁଳ ବେସିକ୍ ସ୍କୁଲ ଇନ୍ସପେକ୍ଟର । ରିପ୍ଲାଇ ଟେଲିଗ୍ରାମ୍‌ରେ ଜଣେଇଲେ -

Digitized by srujanika@gmail.com

ମୋଠୁଁ କିଏ ଚାର୍ଜ ନ ନେଲେ ମୁଁ କେମିତି ଯିବି? ତାଙ୍କ ଅଫିସରେ ଥା'ନ୍ତି ପାଞ୍ଚ ଜଣ ଷ୍ଟାଫ୍ । ପ୍ରତ୍ୟକ୍ଷଦର୍ଶୀ ବାବୁ ଶରତ ଚନ୍ଦ୍ର ମହାନ୍ତି ସେମାନଙ୍କ ଭିତରୁ ଜଣେ। ବହୁ ବର୍ଷ ପୂର୍ବରୁ ଡିପିଆଇ ଅଫିସରେ କାମ କରି ସେ ଅବସର ନେଇଛନ୍ତି ।

ଏମିତି ମାସେ ଖଣ୍ଡେ ପରେ ହେଡ୍-କ୍ଲର୍କଙ୍କୁ ଚାର୍ଜ ଦେଇ ନବ ବାବୁ କଟକ ବାହାରିଲେ ମୁଖ୍ୟମନ୍ତ୍ରୀ ହେବା ପାଇଁ । ହେଲେ ବି। ପ୍ରାୟ ବର୍ଷେ ଖଣ୍ଡେ ପରେ ମୁଖ୍ୟମନ୍ତ୍ରୀଙ୍କ ଟୁର୍ ପଡ଼ିଲା ଅନୁଗୁଳ । ଥା'ନ୍ତି ପୁଲିସ-ଲାଇନ୍ ପାଖ ଆଇ.ବି.ରେ । ସେଠି ହାକିମ ଓ ଲୋକଙ୍କ ଭିଡ଼। ମୁଖ୍ୟମନ୍ତ୍ରୀ ଦେଖିଲେ, ତାଙ୍କ ପୁରୁଣା ଅଫିସ ଷ୍ଟାଫ୍ ଗୋଟେ ଆମ୍ବ ଗଛ ମୂଳେ ଲାଇଲାଇ ଏବଂ ଦୂରଛଡ଼ା ହୋଇ ଠିଆ ହୋଇଥା'ନ୍ତି । ସେମାନଙ୍କୁ କତିକି ଡକେଇଲେ । ସମସ୍ତଙ୍କ କୁଶଳ ପଚାରିଲେ। ହେଡ୍-କ୍ଲର୍କ ବାବୁଙ୍କୁ ପଚାରିଲେ, 'ତରତରରେ ତ ସବୁ କାମ ହେଲା। ଚାର୍ଜ ଦିଆନିଆରେ କିଛି ଭୁଲ ହେଇନି ତ ?'

କାନ କୁଣ୍ଡେଇ ବଡ଼ବାବୁ କହିଲେ, 'ହଁ ସାର୍, ସବୁ ଠିକ ଅଛି ଯେ କେବଳ କଣ୍ଟିଜେନ୍ସି ହିସାବରେ ମୋଟେ ବାର ଅଣାର ହିସାବ ମିଳୁନି । ଆପଣ କିଛି ବ୍ୟସ୍ତ ହେବେନି।'

'ମୋ ଚାର୍ଜ ଦେବା ଭୁଲ ହେଇଚି ତ, କାହିଁକି ମୁଁ ବ୍ୟସ୍ତ ନ ହେବି ?' ସେ ଟିକେ ଭାବିଲେ ଓ ତା'ପରେ ସମସ୍ତଙ୍କୁ ସାଙ୍ଗରେ ଧରି ମୁଖ୍ୟମନ୍ତ୍ରୀଙ୍କ ଜିପ୍ ଚାଲିଲା ଇନ୍ସପେକ୍ଟର ଅଫିସ। ଗୋଟେ ଠଣା ଆଡ଼େ ଆଙ୍ଗୁଠି ଦେଖେଇ କହିଲେ - ଶରତ, ଅମୁକଟା କାଢ଼ । ଖୋଲିଲେ । ସାଲୁ କନା ବନ୍ଧା ସେ ନଥି ବସ୍ତାନିରେ ଥିଲା ଗୋଟିଏ ଛୋଟିଆ ଟିଣ ଡବା ଓ ସେଥିରେ ଅଧୁଲା ପାହୁଣା ଅଣି ଦୋଅଣି ମିଶେଇ ବାରଣା ହିଁ ଥିଲା। ସେ ହେଡ୍-କ୍ଲର୍କବାବୁଙ୍କୁ ଧରେଇ ସେଠି ପାଣି ଗିଲାସେ ପିଇ ବାହୁଡ଼ି ଆସିଲେ ଆଇ.ବି. ।

'ଭବସାଗର ତାରଣ କାରଣ ହେ / ରବିନନ୍ଦନ-ଗନ ଖଣ୍ଡନ ହେ । ଶରଣାଗତ କିଙ୍କର ଭୀତ ମନେ / ଗୁରୁଦେବ ଦୟା କର ଦୀନ ଜନେ ।' ବୈଷ୍ଣବ ଚେତନାପ୍ଳୁତ ଏ ବନ୍ଦନା । ଗୁରୁଙ୍କ ପାଖରେ ସଂପୂର୍ଣ୍ଣ ସମର୍ପଣ। କେମିତି ବା କେତେ କିଏ ଏ ବାଣୀ ମାନୁଛି ତାହା ଏକ ଭିନ୍ନ କଥା - ମାତ୍ର ଏ ଜିନ୍ ମଣିଷ ମାତ୍ରକେ ସମସ୍ତଙ୍କ ପାଖରେ ଉପସ୍ଥିତ ଥାଏ। କମୁନିଷ୍ଟ, କ୍ୟାପିଟାଲିଷ୍ଟ, ସୋସାଲିଷ୍ଟ, ସେକୁଲାର - କିଛି ଯାଏଆସେ ନାହିଁ । ସମସ୍ୟା ବଡ଼ ହେଲେ, ଲୋକଟା ଯେତେ ବାଢ଼େଇ ଛାତି ହେଉ ପଛେ 'ଭବସାଗର ତାରଣ କାରଣ'ଙ୍କ ଆଡ଼କୁ ମନ ନେବ କି ନା ?

ବହୁ ଦିନୁ ଆମ ଗଣତନ୍ତ୍ର କୁମ୍ଭି ବାଣ ଆଲୁଅରେ ଉଜ୍ଜ୍ୱଳୁଛି । ସବୁଠିଁ ଗୁପ୍ତ, ମାତ୍ର ଗୋଟିଏ ଜାଗାରେ ତାହା ଆଖିରେ ପଡ଼ିଲା ପରି । ନେତା ହାକିମଙ୍କ ନାଲିବତି ଗାଡ଼ି ଝୁଙ୍କ ଏବଂ ସେଥିଯୋଗୁ ସୃଷ୍ଟି ହେଉଥିବା ଟ୍ରାଫିକ୍-ଉତ୍ପାତ ।

ଏକ ପିଆଇଏଲ ବିଚାର କରି ସୁପ୍ରିମକୋର୍ଟ ସରକାରଙ୍କୁ ଜବାବ ମାଗିଛି - କାହିଁକି ଏତେ ଲୋକ ନାଲିବତି ଗାଡ଼ି ଚଢ଼ିବେ ? ବେକନ୍-ଲାଇଟ୍ ଜଳେଇ ସାଇରେନ୍ ବଜେଇ ସର୍ବସାଧାରଣ ରାସ୍ତାରେ ଯିବା କେମିତି ହେଲା ଷ୍ଟାଟସ୍? ଯେଉଁମାନେ ଏ କାମ କରୁଛନ୍ତି ସେମାନଙ୍କ ପଦର ନାଁ ହେଲା 'ଜନ ସେବକ' (Civil Servant) ବା 'ଜନ ପ୍ରତିନିଧି' (Peoples' Representative)। ସେମାନଙ୍କ ଫୁଟାଣି ଯୋଗୁ ଦୁଃଖ ପାଉଛନ୍ତି ଜନସାଧାରଣ। ଇଏ କି ନ୍ୟାୟ ? ଦେଶ ପରା ଗଣତନ୍ତ୍ର !

(୭.୪.୧୩)

Digitized by srujanika@gmail.com

ହୀନିମାନିଆକୁ 'ମାନ୍ୟତା'

ରାଜ୍ୟରେ ସତ୍ୟଯୁଗ ଆସିଛି । କମ୍‌ସେ କମ୍ ବିଧାନସଭା ଦେଖିଲେ ସେୟା ଲାଗୁଚି ତ !

ବାଇଚାନ୍ସ ଗତ ଗୁରୁବାର (୪. ୪. ୨୦୧୩) ଦିନଟି ଆମ ପାଇଁ ଏକ ସ୍ୱର୍ଣ୍ଣ ସ୍ୱପ୍ନିଳ ସ୍ମୃତି । ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ପେଶ୍ କଲେ - ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦେବାକୁ କେନ୍ଦ୍ରକୁ ଅନୁରୋଧ କରାଯାଉ । ଆମ ବିଧାୟକମାନେ ନିଜ ଅଭ୍ୟାସ, ଯଥା - କକ୍ଷତ୍ୟାଗ, ବାଡ଼ିଆବାଡ଼ି, ତେରିମେରି ଏଥିରୁ କିଛି ନକରି - ସବୁ ଦଳ ଏକାଠି ମିଶି ଏ କଥାରେ କହିଲେ ହଁ - ଆନନ୍ଦେକବାର ହରିବୋଲ ! କଷ୍ଟରେ ଦି' ଅଢ଼େଇ ମିନିଟ୍ ଚାଲିପାରୁ ନଥିବା ଅଧିବେଶନ ସେଦିନ ଖାସ ଏଇ ପଏଣ୍ଟ୍ ଉପରେ ଚାଲିଲା ସାତ ଘଣ୍ଟା । ସମୟ ଥିଲା ୬ ଘଣ୍ଟା । ତା' ମାନେ, ଘଣ୍ଟେ ଓଭର୍-ଟାଇମ ! ମାନ୍ୟବର ବିଧାୟକମାନଙ୍କ ବାଗ୍ମିତା ଓ ପ୍ରସଙ୍ଗ-ପ୍ରବେଶର ବହୁ ନିଦର୍ଶନ ଆମେ ଦେଖି ମୁଗ୍ଧ ହେଲୁ ।

ରସେଲ କହିଥିଲେ, 'ମୁଁ ବି' ପ୍ରକାର ବହି ପଢ଼େ । ଖୁସି ହେବାକୁ ବା ଅମୁକ ବହି ପଢ଼ିଚି କହି ଦେଖେଇ ହେବାକୁ । ପ୍ରସ୍ତାବ ଭଲ କି ଭେଲ - କହି ପାରିବୁନି । ଡାଉଟ୍ ଅଛି ନିଅତରେ । ଏ ପ୍ରସଙ୍ଗରେ ଆଉ ଥରେ ଏକ ସର୍ବସମ୍ମତ ପ୍ରସ୍ତାବ ନଭେମ୍ବର ୧୮, ୧୯୯୭ ଦିନ ନିଆ ଯାଇଥିଲା । ସେତେବେଳେ Orissa - Odisha ହୋଇ ନଥିଲା ଏବଂ ସରକାର ଥିଲା କଂଗ୍ରେସର । ଓଡ଼ିଶା ବିଧାନସଭାର ଏପରି କୌଣସି ପ୍ରସ୍ତାବ ସମ୍ବାଦପତ୍ର ଟପି ପଦାକୁ ଯାଏନା । କାରଣ ସେଥିପାଇଁ କାହାରି ସାଂଗଠନିକ ପ୍ରସ୍ତୁତି ନଥାଏ । ତା'ପରେ ନୂଆ ଗପ ଫାନ୍ଦି ଦଳଗୁଡ଼ିକ ଉଘା-ଉଘିରେ ରାଜନୀତି କାମ ଚଳେଇ ନିଅନ୍ତି । ସମସ୍ୟା ଯେମିତି କି ସେମିତି ରହିଯାଏ ।

'ସ୍ୱତନ୍ତ୍ର ମାନ୍ୟତା' - ମାନେ, ସେହି ଭିତ୍ତିରେ କେନ୍ଦ୍ର ରାଜ୍ୟ ପାଇଁ ଆର୍ଥିକଭାବେ ଉଦାର ହେବ । ଋଣ, ଗ୍ରାଣ୍ଟ, ଟିକସ-ଛାଡ୍ ଇତ୍ୟାଦି ଆୟକାରୀ ବ୍ୟବସ୍ଥା ରହିଛି ଏଥିରେ । ଭାରତ ଗୋଟିଏ ହୋଇ ରହିବାକୁ କେନ୍ଦ୍ର ସରକାର ହାତରେ ଏମିତିକା ଅସ୍ତ୍ର ରହିବା ଜରୁରୀ ଅନୁଭବ କରି ୧୯୬୯ରେ ଖ୍ୟାତ

Digitized by srujanika@gmail.com

'ଗାଡ୍‌ଗିଲ୍ ଫର୍ମୁଲା'କୁ ସରକାର ଆପଣେଇଲେ । ସେଦିନୁ ଆଜିଯାଏ କିଛି ନୂଆ ହୋଇନି । ଫର୍ମୁଲା ଆମେଣ୍ଡମେଣ୍ଟରେ ଚାଲୁଛି । ବ୍ଲାକ୍-ମେଲିଂରେ ସ୍ପେସାଲ ଗ୍ରାଣ୍ଟସ୍ ମିଳୁଛି ରାଜ୍ୟଗୁଡ଼ିକୁ । ଓଡ଼ିଶାର ରାଜନୈତିକ ନେତୃତ୍ୱ ଦୁଇଟାରୁ କିଛି ପାଇବାକୁ ଭାଜନ ହୋଇ ନାହିଁ ।

ସଂଘୀୟ ଗଣତନ୍ତ୍ରରେ ସ୍ଥାନୀୟ ଆସ୍ପର୍ଦ୍ଧାର ବିଜୟ ପାଇଁ ହିଁ ରାଜନୀତି ଦରକାର ହୁଏ ।

'ଓଡ଼ିଶାର ସ୍ୱାର୍ଥ' - ଏଥିରେ ଧାଡ଼ିଏ ଇମୋସନ ନାହିଁ; ପୂରା ଫାଇନାନ୍ସ କଥା । ବିବାଦର ସମ୍ଭାବନା ସବୁବେଳେ ଉପସ୍ଥିତ । ଏମିତି କି ଯୋଗ ହେଲା ଯେ ସବୁ ଦଳକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବ ଏକା ବସନ୍ତରାସ ପରି ଲାଗିଲା । ବିସ୍ମିତ ଲାଗୁନି କି ? କେନ୍ଦ୍ରରୁ ଅର୍ଥ ଆସି ଏଠି କାହିଁକି ଦୁର୍ନୀତିରେ ବରବାଦ ହେବ - ଏ କଥା କଂଗ୍ରେସ କହିଲାନି । ବରଂ ବିରୋଧୀ ଦଳ ନେତା ଭୂପିନ୍ଦର ସିଂହ କହିଲେ, 'ଆମେ ଓଡ଼ିଶା ଲୋକଙ୍କ ସ୍ୱାର୍ଥ କଥା ଭାବି ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବରେ ଷ୍ଟଙ୍ଗ୍‌ଲି ରାଜି ହେଉଚୁ ।' ବା ଅକୁହା ପଦଟି ହୋଇପାରେ - ଦେଖିବା, ଏଠି ଏ ପ୍ରସ୍ତାବ ପାଶ୍ କରେଇ ନବୀନ କ'ଣ କରିବେ ! କଂଗ୍ରେସ ଚିଫ-ହୁଇପ୍ ପ୍ରସାଦ ହରିଚନ୍ଦନ ମଞ୍ଜି କଥାଟେ କହିଲେ - ହଁ, ଆମେ ରାଜି ହେଲୁ ତ ଠିକ୍, କିନ୍ତୁ ୟାକୁ ନେଇ କେହି ରାଜନୀତି କରିବା ଉଚିତ ନୁହେଁ । ତାଙ୍କ ବୌଦ୍ଧିକ ବିଚକ୍ଷଣତା ଉପରେ ଆମର କିଛି ଭରସା ଅଛି । ତେଣୁ ପଚାରୁଛୁ - ଟାଲ୍ ସାଇକେଲ ଚଢ଼ି ଏମିତିକା ପ୍ରସ୍ତାବ ପଛରେ ଦଉଡ଼ିଲେ ରାଜନୀତି ହେବନି ତ ଆଉ କୋଉ ଶାସ୍ତ୍ର ସେ ବାଲିରେ ଚାଲିବ ? ଏ ପ୍ରସ୍ତାବ ତ ଆରମ୍ଭରୁ ରାଜନୀତିରେ ପ୍ରେଗ୍‌ନେଣ୍ଟ୍ । ଓଡ଼ିଶାର ସ୍ୱାର୍ଥ, କିଏ ନାଇଁ କରିବ କରୁ । ବଢ଼ିଆ ବୁଦ୍ଧି ଦେଖେଇଲା ଭାଜପା । ପୂଜା ଆରମ୍ଭରୁ ଭଜନ କୀର୍ତ୍ତନ ଓ ସମାପନାଦି ସବୁ ତନ୍ମୟ ଭାକ୍ତଭାବେ ଦେଖିଲା । ଭୋଗ ଶିରିଣି ପାଇ, ପଙ୍ଗତ ସମାପନ ପରେ ସମସ୍ତଙ୍କ ସାଙ୍ଗରେ ମିଶି ହରିବୋଲ ପକେଇଲା ସିନା - ନିଜ ଭଜନଟେ ପଦେ ଗାଇଲାନି । କେହି ବିଧାୟକ କିଛି କହିଲେନି । ସେମାନଙ୍କ ଅକୁହା କଥା - ତମ ଆମ ରିଲେସନ ଭଲ ନୁହେଁ, ଚୁପ୍‌ଚାପ୍ ରହ । ଭୋଟ ତ ନେଲ, ପ୍ରସ୍ତାବ 'ସର୍ବସମ୍ମତ' ହେଲା - ଆଉ କହିବୁ କ'ଣ ?

ଏକା କଂଗ୍ରେସ ନୁହେଁ ଓଡ଼ିଶା ଓ ଓଡ଼ିଆ ପାଇଁ କୌଣସି ଦଳର କିଛି ନୀତି ନାହିଁ । ଫ୍ଲଡ୍ ହେଲେ ରିଲିଫ୍ କଥା ବୁଝିବା ପରି ହେୟ ଭାବ । 'ସ୍ପେସାଲ ଷ୍ଟାଟସ୍ କେଉଁ ଗଛରେ ଫଳେ ?' ଏନଡିଏ ଶାସନ କାଳରେ ଭାଜପା ନେତା ଭେଙ୍କିଆ ନାଇଡୁ ଏ ଦାବିକୁ ଏହି ବାକ୍ୟରେ ତାଚ୍ଛଲ୍ୟ କରିଥିଲେ । ତାହା ପୁଣି ଭୁବନେଶ୍ୱରରେ । ସେଦିନ ଏ ଅଶିଷ୍ଟତା ବା ଅବଜ୍ଞାଭାବ ସାଧାରଣ ଓଡ଼ିଆଙ୍କୁ ଭଲ ଲାଗି ନଥିଲା । ହେଲେ ରାଜ୍ୟ ନେତାମାନଙ୍କୁ ତାହା ମନ୍ଦ ଲାଗି ନଥିଲା ବି । ଏକାଭଳି 'ସର୍ବସମ୍ମତ'ଭାବେ ତା ବିରୁଦ୍ଧରେ କେହି ମୁହଁ ଖୋଲି ନଥିଲେ । ସେତେବେଳେ ଦି' ଦଳ ଛନ୍ଦାଛନ୍ଦି ଥିଲେ । ବିଜଦ ଏନଡିଏରେ ଏବଂ ରାଜ୍ୟରେ ଚାଲିଥିଲା ଭାଜପାକୁ ନେଇ ନବୀନଙ୍କ ମିଳିତ ମନ୍ତ୍ରୀମଣ୍ଡଳ । କେନ୍ଦ୍ରରେ ବସ୍‌ଙ୍କ ଅନୁମତି ବିନା କଂଗ୍ରେସ 'ସ୍ପେସାଲ ଷ୍ଟାଟସ୍' ନାଁ ତୁଣ୍ଡରେ ଧରି ପାରି ନଥା'ନ୍ତା ।

ଏଥର, ଆଗକୁ ନିର୍ବାଚନ - ହୁସିଆର ରହିବା ସମସ୍ତଙ୍କ ଦାୟିତ୍ୱ । ତରିବା ଛଡ଼ା ଏ 'ସର୍ବସମ୍ମତ'ର କିଛି ଅର୍ଥ ଜଣା ପଡୁନି । ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସ୍କ୍ରିପ୍ଟ କପି କରନ୍ତୁ ପଛେ, ମୁଖ୍ୟମନ୍ତ୍ରୀ ବିଧାନସଭାରେ ଟ୍ରିକ୍ ଛିଡିଛନ୍ତି ।

(୮.୪.୧୩)

Digitized by srujanika@gmail.com

'କାଚ ହେଉ ବଳର'

"Draw me, we will run after you:
The king has brought me into his chambers;
We will be glad and rejoice in you ..."
- 'Song of Solomon', Toni Morrison

ଗତ ଏପ୍ରିଲ ୧ - 'ଉତ୍କଳ ଦିବସ' ଭାଷଣରେ 'ବନ୍ଦେ ଉତ୍କଳ ଜନନୀ' କହି ଶେଷ କରିବା ଆଗରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ସରକାରର ଅନେକଗୁଡ଼ିଏ ହିତକାରୀ କାର୍ଯ୍ୟକ୍ରମ ଘୋଷଣା କଲେ । ଟଙ୍କାକିଆ ଚାଉଳ, ଜେଲ୍-ରିଫର୍ମ, ଥାନାରେ ମହିଳା ଡେସ୍କ ବା ଏମିତି ଆହୁରି କେତେ ଯୋଜନା ଛଡ଼ା, ଆଉ ଦିଓଟି ଆଖିଦୁର୍ଶିଆ କଥା ସମସ୍ତଙ୍କ ମନ ଛୁଇଁବା ପରି ଲାଗିଲା । ଗୋଟିଏ - 'ଆମ ପୁଲିସ' ଓ ଅନ୍ୟଟି 'ଯୁବନୀତି' । ତ୍ରସ୍ତ ସାମାଜିକ ପରିବେଶରୁ ନିସ୍ତାର ପାଇବାକୁ ପୁଲିସ ଓ ଜନତା ଭିତରେ ବିଶ୍ୱାସ ଓ ସନ୍ତୋଷର ସେତୁ କେମତି ତିଆରି ହେବ - ସେଥିପାଇଁ 'ସୋସିଆଲ-ପୁଲିସିଂ' ପରି ଏକ ପାଇଲଟ୍ ପ୍ରୋଜେକ୍ଟ - ନାଁ ହେବ 'ଆମ ପୁଲିସ' ! ଏବଂ ଆରଟି - 'ଯୁବନୀତି' । ନିର୍ବାଚନ ନିକଟ ହେଲେ ଏ ନୀତିଟା ସମସ୍ତଙ୍କର ଦରକାର ପଡ଼େ । ନହେଲେ, ସଭା ସ୍ଲୋଗାନରେ ଗହଳି କରିବ କିଏ ?

ଭାଜପାର ରାଜ୍ୟ ସଭାପତି ପଦ ଭାର ନେଉନେଉ କନକ ବର୍ଦ୍ଧନ ସିଂହଦେଓ କହିଲେ - ଆମ ଦଳ ଯୁବଶକ୍ତିରେ ବିଶ୍ୱାସ କରେ । କଂଗ୍ରେସ - ଏହାର ଯୁବ-ସଂକଳ୍ପ ଆଇଡ଼ିଆ ସିଧା ହେଡ୍‌କ୍ୱାଟର୍ସ ବା ରାହୁଲ ଗାନ୍ଧିଙ୍କଠାରୁ ମିଳେ । ଓଡ଼ିଶାରେ ପ୍ରଭାବ ପକେଇଲା ପରି ଆଉ କୌଣସି ରାଜନୈତିକ ଦଳ ଆପାତତଃ ନାହିଁ ।

Digitized by srujanika@gmail.com

'ଆମ ପୁଲିସ' : ଓହଳା ମୁହଁ ଓ ମଉଳା ଇଜ୍ଜତରୁ ପୁଲିସକୁ ରକ୍ଷା କରିବା ପାଇଁ ଏ ପ୍ରୟାସ ଅବଶ୍ୟ ସ୍ୱାଗତଯୋଗ୍ୟ । ୧୮୬୧ର ପୁଲିସକୁ ୨୦୧୩ରେ 'ଗଣତାନ୍ତ୍ରିକ' କରିବା ଯାହା, କୁକୁର ଲାଙ୍ଗୁଡ଼ ନଳୀରେ ପୂରେଇ ତାକୁ ସିଧା କରିବା ପ୍ରାୟ ସେଇଆ । ହାବିଳି ଯଦି ନ ଫୁସ୍‌କେ, ତା'ହେଲେ ମୁଖ୍ୟମନ୍ତ୍ରୀଙ୍କ କଳ୍ପନା ଅନୁସାରେ ମାଂସ ଦୋକାନୀ ଓ ରବିବାରିଆ ଗରାଖଙ୍କ ପରି ନାଗରିକ ଓ ପୁଲିସ ଚିହ୍ନା ପରିଚୟ ହୋଇଯିବେ । ସେଥିରେ ଦିଓଟି ସିଧା ସ୍ୱାର୍ଥ । ପୁଲିସକୁ ଦେଖି ଲୋକେ ଅକାରଣରେ ଡରିବେନି ଏବଂ ଏକା ସର୍ତ୍ତରେ - ପୁଲିସ ମଧ୍ୟ କାହାକୁ ଅକାରଣରେ ଡରେଇବନି ।

ଏହାର ରୂପରେଖ ସେ କିଛିଦିନ ଆଗରୁ ବିଧାନସଭାରେ ଉପସ୍ଥାପନ କରିଥିଲେ । ତଦନୁଯାୟୀ ଏଏସଆଇ-ହାବିଲଦାର-କନେଷ୍ଟବଲ୍‌ଙ୍କୁ ନେଇ 'ବିଟ୍' ବ୍ୟବସ୍ଥା କରାଯିବ । ସମସ୍ତଙ୍କ ମୋବାଇଲ ଫୋନ୍ ନମ୍ବର ଲୋକଙ୍କ ପାଖରେ ରହିବ ଏବଂ ସେମାନେ ବାସିନ୍ଦାମାନଙ୍କ ଘରକୁ ବୁଲିବାକୁ ଯିବେ । ସାଦା ପୋଷାକରେ ନା ୟୁନିଫର୍ମ ପିନ୍ଧି - ଜଣା ନାହିଁ । ଯାହାହେଉ, ସେମାନେ ପରିବାର ସହିତ ଗପସପ କରିବେ । ମିଶି ଚା ପିଇବେ । ସାନ୍ତାକ୍ଲଜ୍ ପରି ପିଲାଙ୍କୁ ଟଫି ବାଣ୍ଟିବେ । ସାମାଜିକ ହଲଚଲ ଖବର ରଖିବା ସହିତ ଲୋକଙ୍କୁ ଏବଂ ବୃହତ୍ତର ଭାବେ ସମାଜକୁ ସୁରକ୍ଷା ଦେବେ । ମଣିଷ ପବିତ୍ର ହେଲେ ଆପ୍ତବାଣୀ ସତ୍ୟ ହୁଅନ୍ତା ଏବଂ ପୃଥିବୀ ପବିତ୍ର ହୁଅନ୍ତା ଯେ ମାତ୍ର ସେଥିରେ ଛାଁକୁ ଛାଁ ବଡ଼ 'ଯଦି'ଟିଏ ଯୋଡ଼ି ହୋଇଯାଏ । ଚାନ୍ଦ ବେଶି ଯେ ଜେମା ମଥାମଣି ଖୋଜିବାକୁ ଯାଇ ମୁଣ୍ଡ ହରାଇ ସେଇଠି ପଡ଼ିବେନି ତ ?

୭ ତାରିଖ ରବିବାର ଦିନ ଭୁବନେଶ୍ୱରଠାରେ ଏକ ଭବ୍ୟ ସମାବେଶରେ ଅକାମୀ ମାଇକ୍‌ରେ ହେଉ ପଛେ, ପ୍ରାୟ ଚାରି ପାଞ୍ଚ ମିନିଟ୍ ଧରି ମୁଖ୍ୟମନ୍ତ୍ରୀ ଦଳର 'ଯୁବନୀତି' ଘୋଷଣା କଲେ । ଦୁଇ ତିନି ଧାଡ଼ିରୁ ଅଧିକ କହିବାକୁ ପସନ୍ଦ ନ କରୁଥିବା ୧୩ ବର୍ଷିଆ ମୁଖ୍ୟମନ୍ତ୍ରୀଙ୍କ ପାଇଁ ସମ୍ଭବତଃ ଏହା ଥିଲା ଦୀର୍ଘତମ ଭାଷଣ । ଆୟୋଜକମାନେ ପ୍ରତିକାର କରି ଆଉ ଥରେ ସେ ଭାଷଣର କେସେଟ୍ ବଜେଇ କର୍ମୀଙ୍କୁ ଶୁଣେଇଲେ ।

ଯାହାହେଉ, ନିର୍ବାଚନର ବି ବହୁ କାମାବେଗୀ ଆତୁରତା ଥାଏ । ସେ ନାନା ପ୍ରତିଶ୍ରୁତି କହିଲେ । ଏ କାମ ଆଗରୁ ପ୍ୟାରୀ ବାବୁ କରୁଥିଲେ । ଏଥର ନବୀନ କହିଲେ, ୨୦୨୦ ବେଳକୁ ଓଡ଼ିଶା ଦେଶର 'ଏକ ନମ୍ବର' ରାଜ୍ୟରେ ପରିଣତ ହେବ । ଯଦି ହୁଏ, ତା'ହେଲେ ଏବେକାର ଏକ ନମ୍ବର, ଦି' ନମ୍ବର ରାଜ୍ୟଗୁଡ଼ିକ ସେତେବେଳେ ଘାସ କାଟୁଥିବେ ଏବଂ ୨୦୧୪ ଓ ୨୦୧୯ - ଆଗାମୀ ଦୁଇଟା ନିର୍ବାଚନର ବଇନା ରେଡ୍ଡି ବୋଲି ବିଜଦ କର୍ମୀମାନେ କଳ୍ପନା କରିବା ପକ୍କା । ମନେପଡ଼େ ଏକ ଗାଉଁଲି ଢଗ : ଗମୁ ପଛେ ପରନାରୀ ରାତି ହୁଏ ଅସାର / ସିନ୍ଦୂର ତୋ ଦାଉଦାଉ କାଚ ହେଉ ବଜର ।

(୯.୪.୧୩)

Digitized by srujanika@gmail.com

ଧଡ଼ା ଆରପଟ

ଚୌଦ୍ୱାର କଲେଜ କଥା

ସାମୂହିକ ଦୁଃଖର ସବୁଠୁଁ ବଡ଼ କାରଣ ହେଲା ଯେ ମଣିଷ ସବୁବେଳେ ନିଜକୁ ଆଇଦର୍ 'ଓଭର' - ନହେଲେ 'ଅଣ୍ଡର'-ଏଷ୍ଟିମେଟ୍ କରୁଥାଏ । ଏବେକାର କଥା । ଦିନେ ଉତ୍‌କ୍ଷିପ୍ତ ହୋଇ ଜଣେ ଅଧ୍ୟାପକ ଫୋନ୍ କରି 'ସୂର୍ଯ୍ୟପ୍ରଭା'ରେ ପ୍ରକାଶିତ ଖବର ବିଷୟରେ ନିଜ ପ୍ରତିକ୍ରିୟା ଓ ଅଫିସିଆଲ ବକ୍ତବ୍ୟ କହିଲେ । ଗୁଡ଼ିଏ ଉତ୍ତାପ ଆବେଗ ବି ଥିଲା ସେଥିରେ ।

ଗୋଟେ ଜୋକ୍ - ସମ୍ପାଦକମାନେ ନିଜ କାଗଜ ପଢ଼ନ୍ତିନି । ଯଦି ପଢ଼ନ୍ତି - ଦୋ'ଟି କାରଣରୁ । ୧. ଅମୁକର ବାହାରିଚି, ଆମର ବାହାରିଲାନି କାହିଁକି - ଏକଥା ବୁଝିବାକୁ କିମ୍ୱା ୨. କିଛି ବିବାଦ ଉପୁଜିଲେ । ସାର୍‌ଙ୍କ ସବୁ କଥା - ଅଫିସିଆଲ, ଅନ୍‌ଅଫିସିଆଲ, ଆବେଗ, ଉଦ୍‌ବେଗକୁ ମନରେ ଆଦରି ସେଇ ଖବରଟିକୁ ଆଉ ଥରେ ପଢ଼ିଲି । କଲେଜ ନାଁ ସାଙ୍ଗରେ ସେକ୍ସ-ର୍‌ୟାକେଟ୍ ପରି ଅବ୍‌ଜେକ୍ଟିଭ୍ ଶବ୍ଦ ଛଡ଼ା ନିଉଜ୍‌ରେ ଖାସ୍ କିଛି ଭୁଲ ନଥିଲା । ଏ ଥିଲା ଏକ ସାମାଜିକ ଗରଜ । ଆଇନର ଏଥିରେ କିଛି ଲେଣଦେଣ ନାହିଁ ।

ଆମେ ବୋତଲରେ ମିଳୁଥିବା ଗଙ୍ଗାଜଳ ପରି ନିର୍ମଳ ଏବଂ ହାଇଜେନିକ ନିର୍ମାଲ୍ୟ ପରି ପବିତ୍ର ତେଣୁ କେବେ ଭୁଲ କରୁନା - ଏ ଦର୍ପ ଆମର ନାହିଁ । ଗତ ଚାରି ବର୍ଷ ଭିତରେ ଅନେକ 'ଭୁଲ' ହିଁ କରିଛୁ - ଯାହା ଆଜି ଠିକ୍‌ର ବୋପା ରୂପରେ ଉଭା । ଯାହାହେଉ, ମହାଶୟଙ୍କ ଅଭିଯୋଗକୁ ଆମେ ସମ୍ମାନ ସହ ଗ୍ରହଣ କଲୁ । ଭଲ ଖୋଜିଲେ ଆଖିରେ ପଡୁନି ଯୁଗ । ଗୋଳିଆ ପାଣିକି ଆହୁରି ଗୋଳିଆ କରିବା ସହଜ ହେଲେ ବି ତାହା 'ସୂର୍ଯ୍ୟପ୍ରଭା'ର ଲକ୍ଷ୍ୟ ନୁହେଁ । ଲୋକଙ୍କ ଆଚରଣକୁ ସମାଜ କେତେ ସଜାଡ଼ି ପାରେ ବା ଆଇନ କେତେ ବିଗାଡ଼ି ପାରେ; 'ସେନ୍‌ସେସନ୍' (ପ୍ରଚାର) ଭଲ ନା 'ସେନ୍ସିବିଲିଟି'

Digitized by srujanika@gmail.com

(ଅକଲ); ସମାଜ ଓ ଆଇନ ଭିତରେ କିଏ ବଳୁଆ - ଏପରି କଥା ପରଖିବାକୁ ହେଲେ ଆଗେ ଯୁଦ୍ଧଟିଏ ଖୋଜିବା ଦରକାର ପଡ଼େ। ତା'ପରେ ସିନା ଜଣାଯିବ - କିଏ ବଳୁଆ, ଏବଂ କାହିଁକି ବଳୁଆ ?

ଯାହା 'ଶୁଣିବା' ସବୁ ଆମ ପାଇଁ ଖବର ହୋଇପାରେ - ମାତ୍ର ଶୁଣେଇବା ନୁହେଁ। କାରଣ, ମଝିରେ ନିଜ ମୁଣ୍ଡ ଜାମିନ ପଡ଼ିଥାଏ। ଯାହା ଶୁଣେଇବି ତା' ରୂପ କ'ଣ ହେବ ? ଆଇନ ଯୋଗୁ ଯେଉଁଠି ତ୍ରସ୍ତରେ ବଞ୍ଚିବାକୁ ଜଣେ ବାଧ ହେଉଥାଏ, ଆଇନର ଏଡ଼େ ବିଜୟ କେଉଁ କାରଣରୁ ? ଫୋନ୍ କରି କହିଲୁ - ସାର୍, ରିଜଏଣ୍ଡର୍ ପଠାନ୍ତୁ। ଯେତେ ରାଗ କଥା କହିଛନ୍ତି ସେଥିରୁ ଯଦି ଧାଡ଼ିଟେ ରହେ ତାହା ମୋଟେ ପ୍ରକାଶ ହେବନି। ସେଗୁଡ଼ିକ ଆପଣଙ୍କ ଧାରଣା। ସମ୍ଭାଳିବା ଶକ୍ତି ଆମର ନାହିଁ। ନିଉଜରେ ବି ସେଥିରୁ କିଛି ନାହିଁ। କିଏ କେଉଁ କଲେଜର ଛାତ୍ରୀ ହୋଇପାରେ, ତାହା ତା'ର ସେକେଣ୍ଡାରି ପରିଚୟ। ପ୍ରଥମ ପରିଚୟ - ସେ ଆମ ସମାଜର ଝିଅ। କଲେଜ ସହିତ ସେକ୍ସ ନାଁ ଯୋଡ଼ା ହେବା ଆମକୁ ରୁଚିଶୀଳ ଲାଗି ନଥିଲା। କଲେଜର ପବିତ୍ରତା କ୍ଷୁଣ୍ଣ କରିବାର ଅଭିଳାଷ ନ ଥିବାରୁ ପରଦିନ ସଂଖ୍ୟାରେ ଅଧକ୍ଷ ମହାଶୟଙ୍କ ପ୍ରତିବାଦ ପ୍ରକାଶ କଲୁ। ଆମ ଆଡୁ ଚ୍ୟାପ୍ଟର କ୍ଲୋଜ୍।

ମାତ୍ର କଥା ସେଠି ସରିଲାନି। ଅନ୍ୟ କାରଣରୁ ଇସ୍ୟୁ ରାଜନୀତି ରୂପ ନେଲା। ପିଲାମାନେ ରାଗିଲେ - ସେପର୍ଯ୍ୟନ୍ତ ଆମକୁ ଓ୍ଵାଜିବ ଲାଗୁଥିଲା। ପରେ ନେତାମାନେ ରାଗିଲେ। ତେଣିକି ଯିଏ ରାଗିଲେ ସିଏ ନେତା ହେଲେ। ବହୁ ବାହାନା ପାଇଁ ସମସ୍ତଙ୍କର ସେ 'ନିଉଜ୍' ଦରକାର ହେଲା।

ସୋମବାର ପ୍ରସାରିତ ଟିଭି ନିଉଜ ସେକ୍ସ-ଏଣ୍ଡ୍-ସୁଇସାଇଡ୍ ଖବର ଦେଖେଇଲା। ଚୌଦ୍ୱାର ଅଞ୍ଚଳର ସାତ ଜଣ ବାପା ଡିସିପିଙ୍କୁ ଭେଟି ନିଜ ଝିଅମାନଙ୍କ ଆତ୍ମହତ୍ୟା ଅନୁସନ୍ଧାନରେ ପୁଲିସ ଅବହେଳା କରିଛି ବୋଲି ଅଭିଯୋଗ କଲେ। 'ପ୍ରିମା-ଫେସି' ଦେଖି ଡିସିପି ତଦନ୍ତ କରିବାକୁ ବଚନ ଦେଇଛନ୍ତି।

'ସୂର୍ଯ୍ୟପ୍ରଭା'ର ସେ ଖବର ତା'ହେଲେ ଭୁଲ ଥିଲା କେଉଁଠି ? ଅଟୋନମିରୁ ବରବାଦ୍‌ଯାଏ କଲେଜ କଥା ସରକାର ବୁଝନ୍ତି: ହେଲେ ଆମ ପାଇଁ ଆମ ଝିଅମାନେ ବଡ଼।

❑

(୧୦.୪.୧୩)

Digitized by srujanika@gmail.com

ଭାଷା ନା ମଣିଷ - କିଏ ଖରାପ?

Where there is no vision, the people perish.
(Bible Proverb-29:18)

ଅନେକ ଆଶଙ୍କା କରନ୍ତି ଯେ ଆମ ଭାଷା ଆଉ ଅଧିକ ତିଷ୍ଠିବ ନାହିଁ । ଆଉ କେତେକ କହନ୍ତି - ହ୍ୟାତ୍, କିଛି ହବନି । ଉଭୟ ନିଜ ଉକ୍ତି ସାବ୍ୟସ୍ତ କରିବାକୁ ଯଥାଯୋଗ୍ୟ ଯୁକ୍ତି ବି କହନ୍ତି ।

ଉନ୍ନବିଂଶ ଶତାବ୍ଦୀ ଇଂଲିଶ ଲେଖକ ଜି.କେ, ଚେଷ୍ଟରଟନ ଶବ୍ଦର ବିପତ୍ତି କହିଛନ୍ତି । 'ଯଦି ନିଜ ମା'କୁ ପାଞ୍ଚ ଶହ ଗଜ ଦୂରରୁ ଗୋଟିଏ ଗୁଳିରେ ମାରି ପାରିଲ ତା'ହେଲେ ତୁମେ ନିଶ୍ଚେ ଜଣେ ଭଲ ଶିକାରୀ - କିନ୍ତୁ ଭଲ ମଣିଷ ନୁହଁ। ଏଠି 'ଭଲ' ଶବ୍ଦର ଦୋଷ କ'ଣ?'

'ମାତୃଭାଷା' ସେମିତି ଏକ ଶବ୍ଦ । କୁଳ-ସଣ୍ଣା, ଧର୍ମ ଓ ଜାତି ପରି ଏହା ବି ସ୍ପର୍ଶକାତର । ନିରପେକ୍ଷତା ଏବଂ ସାଧୁତା ସହ ଶବ୍ଦ ଅପେକ୍ଷା ଅର୍ଥ ବୁଝିବାକୁ ପ୍ରାର୍ଥନା । ଓଡ଼ିଆ ଅସ୍ମିତାର ପ୍ରଥମ ପରିଚୟ ଜଗନ୍ନାଥ ଓ ଦ୍ୱିତୀୟ - ଭାଷା । ପ୍ରଥମ ଭାରତୀୟ ଗଳ୍ପ ଓଡ଼ିଆରେ, ଫକୀରମୋହନଙ୍କ 'ଲଛମନିଆ' (୧୮୬୦) । ସମୟର ଏହି ବ୍ୟବଧାନରେ ଆମେ ସବୁଠାରୁ ବଡ଼ କ'ଣ ଦେଖିବାକୁ ପାଇଛୁ? ଓଡ଼ିଆର ନାଁ ହୋଇଛି - ମାତୃଭାଷା ଏବଂ ଫକୀର ମୋହନଙ୍କ କାଳରେ ଭାଷାର କିଛି ବିପତ୍ତି ନଥିଲା; ଥିଲା ସାହିତ୍ୟର । ଏବେ ସାହିତ୍ୟର ବିପତ୍ତି ନାହିଁ - ଅଛି ଭାଷାର । ସାହିତ୍ୟର ଚିରହରିତ୍ ବଜାର । ସରକାରୀ ମାମଲତି ଓ ପ୍ରୋତ୍ସାହନ, ପ୍ରକାଶନ ଏବଂ ପୁରସ୍କାରକୁ ମପାଗଲେ ଓଡ଼ିଆ ସମକକ୍ଷ କ୍ୱଚିତ ଭାରତୀୟ ଭାଷା ମିଳିବ । କିନ୍ତୁ ଲୋକେ କାହିଁକି ତାହା ବ୍ୟବହାର କରୁ ନାହାଁନ୍ତି ବା ତାକୁ 'ନିଜର' ବୋଲି ନ ଭାବନ୍ତି - ଏ ପ୍ରଶ୍ନ କେହି କାହାରିକୁ କରନ୍ତିନି ।

Digitized by srujanika@gmail.com

‘ମାତୃଭାଷା’ ବା ଶିଶୁର ପ୍ରଥମ ଭାଷା ମରେ କି ? ଏଡ଼େ ସହଜ ନୁହେଁ । ଅଣ୍ଡା ଫୁଟି ଶୁଖିଲା ଭୂଇଁରୁ ବାଟ ଖୋଜି କଇଁଛ ଛୁଆ ଆପେ ପାଣିକୁ ପଳାଉଥିବା ପରି ଘଟଣା ଯେଉଁ ଅଜଣା ବନ୍ଧନ ଯୋଗୁ ସମ୍ଭବ ହେଉଥାଏ ସେହିପରି ବନ୍ଧନ ମଣିଷ ଓ ତା ମାତୃଭାଷା ଭିତରେ । ମଣିଷ ପାଇଁ ମାତୃଭାଷା ବି ସେହିପରି ସ୍ୱାଭାବିକ । ପ୍ରଭିଜନ୍ ମାଂସଖିଆ ଚିଡ଼ିଆଖାନାର ବାଘଛୁଆ ପରି ଅବସ୍ଥା ନ ଆସିବା ପର୍ଯ୍ୟନ୍ତ ମଣିଷଠାରୁ ମାତୃଭାଷା ହଜେନି ।

ଓଡ଼ିଆ ଆମର ସେମିତିକା ମାତୃଭାଷା ନା କେବଳ ଏକ ରାଜସ୍ୱୀକୃତ ଭାଷା ? ଯଦି ମାତୃଭାଷା, ତା’ହେଲେ ବ୍ୟଥିତ ହେବା ସ୍ୱାଭାବିକ । ଯଦି ରାଜସ୍ୱୀକୃତ ଭାଷା, ତା’ହେଲେ ଭାଷା ପରିଚାଳନାରେ ରାଜା ବା ଆଜି ପରିପ୍ରେକ୍ଷୀରେ ଜନତାଙ୍କର ମଧ ଦାୟିତ୍ୱ ଓ ଅଧିକାର ରହିବା କଥା । କେହି କହି ପାରିବ ନାହିଁ ଯେ - ‘ମୁଁ ହେଉଛି ଭାଷାର ସର୍ବଶ୍ରେଷ୍ଠ ବିଚାରକ, ଯାହା କହିବି ତାହା ହିଁ ଠିକ୍ । ସମସ୍ତେ ମାନିବାକୁ ବାଧ ।’ ଭାଷା ପରିଚାଳନାରେ ଯୁଗୋପଯୋଗୀ ହୋଇ କେହି ଯଦି ନିଜର ଯୋଗ୍ୟତା ପ୍ରତିପାଦନ କରି ପାରିଥା’ନ୍ତେ, କେଉଁ ଭାଷାପ୍ରେମୀ ବା ଏପରି ପଣ୍ଡିତମାନଙ୍କୁ ମୁଣ୍ଡରେ ଟେକି ନବୁଲନ୍ତା ଯେ ! ଅନ୍ୟଥା ସେପରି ବ୍ୟକ୍ତିବିଶେଷଙ୍କ ମାର୍ଫତରେ ଥାଇ ଭାଷା ଯଦି ଲୋପ ହୁଏ, ତା’ହେଲେ ସେମାନଙ୍କ ଅନାବଶ୍ୟକ ଅନୁପ୍ରବେଶ ପ୍ରଶ୍ନବାଚୀ ଭିତରେ ପଶିବାକୁ ବାଧ । ପଣ୍ଡିତମାନଙ୍କ ତୁଣ୍ଡରୁ ଓଡ଼ିଆ-ଅତୀତର ଅନେକ ମହିମା ଆମେ ଶୁଣି ସାରିଛୁ । କେତେବେଳେ ବୁଦ୍ଧ, କାଳିଦାସ ଇତ୍ୟାଦିଙ୍କୁ ଓଡ଼ିଶାରେ ଜନ୍ମ କରାଇ ତ ଆଉ କେତେବେଳେ ଯିଶୁଙ୍କୁ ଜଗନ୍ନାଥ ଦର୍ଶନ କରାଇ ବା ଆ-କା-ମା-ଭୈ ଗାଇ ନିଜ ପିଠି ନିଜେ ଥାପୁଡ଼େଇ ସାଧବପୁଅଙ୍କୁ କଦଳୀ ବାସୁଙ୍ଗାରେ ବଣିଜ ପାଇଁ ପଠାଉଥିବା ବିବରଣୀମାନ ଶୁଣି ଚାଲିଚୁ । ଅପାର ଏମାନଙ୍କର ରକାପଶା ବେକରେ ପଛକୁ ଅନେଇବାର ଶକ୍ତି । ଏମିତି ଏମିତି ଭାଷା ଯଦି ସରିଯାଏ, ତା’ହେଲେ ଏହି ବର୍ଗୀୟ ପଣ୍ଡିତମାନେ ମିଉଜିଅମ-ଗବେଷଣା ପାଇଁ ଭବିଷ୍ୟତର ଅନିଶ୍ଚିତ ନିମନ୍ତ୍ରଣକୁ ଅପେକ୍ଷା କରି ରହି ପାରନ୍ତି ।

ଊନବିଂଶ ଶତାବ୍ଦୀରେ ଭାଷାକୁ ଆଶ୍ରା କରି ଓଡ଼ିଶା ନିଜର ଏକ ସ୍ୱତନ୍ତ୍ର ରାଜନୈତିକ ପରିଚୟ ଖୋଜୁଥିଲା ବେଳେ ଜଣେ ସାଧାରଣ ବଙ୍ଗାଳି ବିଦ୍ୱାନ୍ କୁଆଡ଼େ କହିଥିଲେ, ‘ଉରିୟା ଏକ୍‌ଟା ସ୍ୱତନ୍ତ୍ର ଭାଷା ନୟ’ । ଠାପୁଆ ବଳଦ କମ୍ କିହ୍ନିବାକୁ ଯେପରି ମେରିଖୁଣ୍ଟର କତି ଘେରାକୁ ସବୁଠୁଁ ସଫଳ ସ୍ଥାନ ବୋଲି ବିଚାରେ, ଠିକ୍ ସେମିତି ଆମର କେତେକ ବିଦ୍ୱାନ୍ ଏହି କଥାଟିକୁ ବ୍ରହ୍ମାଙ୍କ ବେଦବାଣୀ ଭାବି, ଭାଷା କଥା ଉଠିଲେ ହିଁ କାନ୍ତି ଭଟ୍ଟାଚାର୍ଯ୍ୟଙ୍କ ସେହି ଉକ୍ତି ପାଖରେ ଲାଙ୍ଗୁଡ଼ ପିଟୁଥା’ନ୍ତି । ଆଗକୁ ଦେଖିବା ପାଇଁ ସାହସ ନଥିବା କେତେକ ଓଡ଼ିଆଙ୍କର ଏହା ଏକ ଚିରସ୍ଥାୟୀ ରକା । ତାହା ସେମାନଙ୍କ ବୌଦ୍ଧିକ ଦାରିଦ୍ର୍ୟର ସମସ୍ୟା । ଏଥିରେ ବେଶି ଗୁରୁତ୍ୱ ଆରୋପ କରିବା ମଧ ଠିକ୍ ନୁହେଁ ।

ଓଡ଼ିଆ ଭାଷା ପାଇଁ ବ୍ୟସ୍ତ ହେଉଥିବା ସମସ୍ତେ ସବୁ କଥା ଗମ୍ଭୀରତା ସହକାରେ ବିଚାର କରନ୍ତୁ ବୋଲି ଆମେ ଆଶା କରିବୁ । ଭାଷା ତ ଆହୁରି ରାଜଯୋଗ୍ୟ ହୋଇନି, ଲୋକଯୋଗ୍ୟ କିପରି ହେବ ?

(୧୧.୪.୧୩)

Digitized by srujanika@gmail.com

ବ୍ୟାସଙ୍କ ବାପା ପରାଶର

ବ୍ୟାସଙ୍କ ବାପା ପରାଶର । ତାଙ୍କ ବାପା ଶକ୍ତି । ଦିନେ ଶକ୍ତି ମୁନିଙ୍କୁ ଅସୁରଟେ ଖାଇଦେଲା । ପିତୃହୀନ ପରାଶରଙ୍କ ବାଲ୍ୟ କାଳ ବିତିଲା ଜେଜେବାପା ବଶିଷ୍ଠଙ୍କ ପାଖରେ । ପିତୃହତ୍ୟା ବିରୁଦ୍ଧରେ ତାଙ୍କ ପ୍ରତିଶୋଧର କ୍ରୋଧ କ୍ରମେ କ୍ରମେ ବଢ଼ିଲା । ସେ କଠୋର ତପସ୍ୟା କଲେ । ସିଦ୍ଧି ପାଇଲେ । ଯଜ୍ଞ କଲେ । ସେହି ଦିବ୍ୟାଗ୍ନିରେ ସହସ୍ର ସଂଖ୍ୟାରେ ଅସୁର ପୋଡ଼ି ପାଉଁଶ ହେଉଥା'ନ୍ତି । ସେମାନଙ୍କ କୁଳ ସମୂଳେ ଧ୍ୱଂସ ହେବା ପରି ଲାଗିଲା । ଏବେ ଜେଜେ ପହଞ୍ଚିଲେ ନାତି ପାଖରେ । କହିଲେ - ଥା' ଥା' । ଏତେ ଆଉ ମାରନି । ଯିଏ ତୋ ବାପାକୁ ଖାଇଥିଲା ସିଏ ପରା ସେଇଆ କରିବ ବୋଲି ବିଶ୍ୱାମିତ୍ରଙ୍କଠୁଁ ଅଭିଶାପ ପାଇଥିଲା ।

'ତ ମୋର ସେଥିରେ କ'ଣ ଅଛି ? ଯିଏ ମୋ ବାପାକୁ ଖାଇଲା ମୁଁ ତା କୁଳ ଲୋପ କରିବି - ଏ କଥା ତ ପଣ କରିଚି । ଲେଉଟିବି କେମିତି ?'

'ବାଟ ଅଛି । କାରଣ ଆମେ ମଣିଷ ନୋହୁଁ - ମୁନି । କ୍ରୋଧ ଯେମିତି ଓ୍ୱାଜିବ, ତା ସାଙ୍ଗରେ ଦୟା ବି ସେମିତି ଦରକାର । ଜିତିବା ପରେ ଆଉ କ୍ରୋଧ ଗୋଟେ କ'ଣ ? ଏଣିକି ଦୟା କର ।' ଏହା ପରେ ବଶିଷ୍ଠ ପରାଶରଙ୍କୁ ଦୟା-ବିଦ୍ୟା ଶିଖେଇଲେ । ସବୁ ଶୁଣି ବୁଝି ପରାଶର କହିଲେ - ଏତେ କମ୍ପ୍ଲେକ୍ସ କଥା ଥିଲା, ଟିକେ ଆଗରୁ କହିଲନି କାହିଁକି ? ମୁଁ କେତେ ଅସୁର ନିପାତ ନ କଲି ଟି ! (ବିଷ୍ଣୁ ପୁରାଣ)

ନିକଟ ଅତୀତର ଦୁଇଟି 'ରେପ୍' ଘଟଣା । 'ମସ୍‌ଲା' ଢଙ୍ଗରେ ଢେର୍ ମିଡ଼ିଆ ଚର୍ଚ୍ଚା ହୋଇଥିଲା । ଏବେକୁ ସବୁ ଚୂନ-ଖଇନି ଠୋ ତାଳିରେ ଉଡ଼ିଯାଇଛି । ୧. ଅଭିଯୋଗ ଅନୁଯାୟୀ ଜଣେ ଅଭିନେତା ଦିନେ ପତ୍ନୀଙ୍କ ଅନୁପସ୍ଥିତିରେ ନିଜ ଘରେ ପାର୍ଟ-ଟାଇମ୍ ହାଉସ୍-ମେଡ୍‌କୁ 'ରେପ୍' (୩୭୬, ଆଇପିସି) କଲେ । ଗିରଫ, କୋର୍ଟ ଓ ଜେଲ ସବୁ ତତ୍କାଳ ହୋଇଗଲା ।

Digitized by srujanika@gmail.com

କେଉଁଠି ଜାମିନି ମିଳିଲାନି । ବିଚାର ସରିଲା । ନିର୍ଦ୍ଦୋଷରେ ମୁକ୍ତ ହେବା ପର୍ଯ୍ୟନ୍ତ ସେ ଜେଲରେ ରହିଲେ । ଦ୍ୱିତୀୟ ଘଟଣାରେ ସବୁ ହରକତ୍ ଡିଟ୍ଟୋ । ଏଠି ଚରିତ୍ର ହେଲେ - ଜଣେ କୋଚ୍ ଏବଂ ତାଙ୍କଠୁଁ ଟ୍ରେନିଂ ପାଉଥିବା ମହିଳା ଆଥ୍‌ଲେଟ୍ ।

'ରେପ୍' ବିରୁଦ୍ଧରେ ସାମାଜିକ ପ୍ରତିକ୍ରିୟାର ବହୁ ସ୍ତର ରହିଛି । ଅନୁରଣନ ବି ସେମିତି ବହୁସ୍ତରୀୟ । ଦୁଇ ଚାରିଟା ଦଶ ପନ୍ଦର ସେକେଣ୍ଡର ବାଇଟ୍ ଧରି ଟିଭି ଏ ନିଉଜକୁ ଢେର୍ ଦିନ ଚଳେଇଲା । କାଗଜବାଲା ବେଶି ଟାଣି ପାରିଲେନି । ମ୍ୟାଗାଜିନ୍ ସପ୍ଲିମେଣ୍ଟ୍ ଛାପିଲେ । ଶେଷରେ ସବୁ ବୁଡି ଗଲା ଆଇନର ଅମା ଗହ୍ୱର ଭିତରେ । ସମାଜ ଭାବିଲା, ଦୋଷୀ ସାବାଡ୍ ହେବେ । ସେତେବେଳେ ପବନରେ ଆହୁରି କଥା ଉଡ଼ିଲା । ସବୁଠୁଁ ମାରାତ୍ମକଟି ଥିଲା ଏହା ଯେ - ଭାଇନା ସବୁ ଚାଲୁଥିଲା ମ, କୋଉଠି ସକାଶେ ପଟି ନ ଥିବ ବୋଲି କଥା ଏତେ ବାଟ ଗଲା ନା ! ଏଗୁଡ଼ିକ ସବ୍-ଷ୍ଟୋରି ସାଜି ଟିଭି ସିରିଏଲ, ଯାତ୍ରା, ଗପ, କବିତା ରୂପ ନେଇ ସାହିତ୍ୟ ପାଲଟି ଗଲେ । କେଶ୍ ରିଜର୍ଭ ରହିଲା ଲ'-ଜର୍ଣ୍ଣାଲରେ ଜାଗା ପାଇବା ପାଇଁ । ସମାଜ ତା ବାଟରେ ଚାଲିଥିବ । କୌଣସି ଦାୟିତ୍ୱହୀନ ସମଷ୍ଟି ପାଇଁ ମାତ୍ର ଘଟଣାଟିଏ ଦରକାର । ଫେଣେଇବାକୁ ସେଠି ଲୋକେ ସଦା ବେଳେ ପ୍ରସ୍ତୁତ ଥା'ନ୍ତି - କହିବାକୁ ବି ଶୁଣିବାକୁ ବି ।

ଅଭିଯୋଜନ - ଦଫା, ସାକ୍ଷୀ, ପ୍ରମାଣ ଇତ୍ୟାଦି ସବୁ ତ ଟାଣ ଥିଲା । କୋର୍ଟ ବି କଠୋର ଥିଲେ । ତଥାପି କାମୁକ ଅସଭ୍ୟ ପୁରୁଷ ଦି'ଟା ଆଇନର କବଳରୁ ଖସିଗଲେ କେମିତି ? ଦୁଇଟି କେଶ୍‌ରେ ଦୁଇଟି କଥା କମନ୍ ଥିଲା ଯେ ଅଭିଯୁକ୍ତାଦ୍ୱୟ (ନାରୀ) 'ରେପ୍' କଥା ମନା କଲେ । କୋର୍ଟକୁ କହିଲେ - ହଜୁର, ଇଏ କି କଥା ? ଆମେ ଯାଇଥିଲୁ ଯାଇତାଇ ଆପତ୍ତି ନେଇ । ପୁଲିସ ଅଯଥାରେ ଏତେ ବାଟ ଟାଣି ଆମକୁ ନିନ୍ଦିତ କରୋଉଛି ! ୨. ଅଭିଯୁକ୍ତଙ୍କ ପତ୍ନୀମାନେ (ନାରୀ) କୋର୍ଟରେ କହିଲେ - ମୋ ସ୍ୱାମୀ ଶୁଦ୍ଧ ତୁଳସୀ । ତାଙ୍କର ମନ୍ଦ ଅଭ୍ୟାସ ଥିଲେ ମୁଁ ଜାଣନ୍ତିନି ତ ଆଉ ଜାଣନ୍ତା କିଏ ! ତେଣୁ ହଜୁର, ଇଏ ଗୋଟେ ଚକ୍ରାନ୍ତ । ଆମେ ଭଲ, ଆମ ହାଉସ୍-ମେଡ୍ ବି ଭଲ । ସରକାରୀ ଓକିଲ ଯେତେ ଚେଷ୍ଟା କଲେ ବି ହନୁ ଲାଞ୍ଜ ପରି ଦମ୍ଭିଲା ହୋଇ ପଡ଼ିବା ପତ୍ନୀମାନଙ୍କ ପ୍ରେମଭାବ ଟିକେ ବି ବଦଳିଲାନି ।

ବିରକ୍ତ ହୋଇ କୋର୍ଟ କହିଲେ - ନାରୀ-ଅଧିକାର ନାଁରେ ଚିତ୍କାର କରିବା ଏବଂ ବଞ୍ଚିଥିବା ସମାଜରେ ନାରୀ-ପଣ ସାବ୍ୟସ୍ତ କରିବା ଏକା କଥା ନୁହେଁ । ଛାଡ଼ ହୋ - ତମେ ନିର୍ଦ୍ଦୋଷ । ଘରକୁ ଯା ।

ବିଚରା ପୁଲିସ୍ ! କାହିଁକି ଭଲ ଲୋକକୁ ଏମିତି ହଇରାଣ କରୁଛି ବୋଲି ଶୋଧା ଖାଇଲା ।

ଇଏ ଦିଲ୍ଲୀ ବସ୍-ରେପ୍ (ଡିସେମ୍ବର ୧୬, ୨୦୧୨) ଘଟଣାର ବହୁ ପୂର୍ବ କଥା । ସେତେବେଳେ 'ଚେତନା'ର ରୂପ ଥିଲା ନିଆରା । ସେକ୍ସ ଓ ରେପ୍‌କୁ ନେଇ କ୍ରାଇମ୍ ବା କୋ-ଅପରେସନ୍ ଯେମିତି ଚାଲିବା କଥା, ଚାଲୁଥିଲା । 'ରେପ୍' ସଜାଡ଼ିବାକୁ ଯାଇ 'ଲାଇଫ୍' ବିଗାଡ଼ିବା ପରି ଆଜିର 'ରେପ୍-ଲ' (କ୍ରିମିନାଲ୍ ଲ' ଆମେଣ୍ଡମେଣ୍ଟ ଆକ୍ଟ, ୨୦୧୩) ସେତେବେଳେ ନ ଥିଲା ।

(୧୨.୪.୧୩)

Digitized by srujanika@gmail.com

ଭୁରସୁଙ୍ଗପତ୍ର ଓ କର୍ମୀ ଉପାଖ୍ୟାନ

ଜଣେ ପାଠକ ଜଣାଇଛନ୍ତି ଯେ ଦଳୀୟ କର୍ମୀ ଓ ଭୁରସୁଙ୍ଗପତ୍ର ଭିତରେ କୁଆଡ଼େ ଅନେକ ମେଳ ରହିଛି । ଛୁଙ୍କ ବେଳେ ପତର ଓ ନିର୍ବାଚନ ବେଳେ କର୍ମୀ ଭାରି ଦରକାର ପଡନ୍ତି । ତା'ପରେ ଭୋଜିରେ ବ୍ୟଞ୍ଜନ ମହକେ ଏବଂ ଗହଳିରେ ସଭା ଦୁଲୁକେ । ଭୁରସୁଙ୍ଗ ସାଦାସିଧା ପତରଟେ । ଡାଲମା ବାସ୍ନା ବଢ଼େଇଲା । ସେଥିରେ ପଡ଼ିଥିବା ସାରୁ ଓଲୁଅ ସବୁ ଚୋବେଇ ପକୋଉଚ, ହେଲେ ଭୁରସୁଙ୍ଗପତ୍ରକୁ ଆଗେ ପତର ତଳକୁ କାଢ଼ି ପକୋଉଚ । କଥା କ'ଣ ନା, ତଣ୍ଟିରେ ଲାଗିବ । ସଙ୍କୁଡ଼ି ପତରରେ ତାକୁ କୁକୁର ବି ଖାଏନି ।

'ନିର୍ବାଚନ ସରିଲେ ଦଳୀୟ କର୍ମୀଙ୍କ କପାଳ ଯା'ଠାରୁ ଭିନ୍ନ କି ?' - ପାଠକଙ୍କ ପ୍ରଶ୍ନ । ଆମ କହିଲୁ - ଜାଣିନୁ । ଅନ୍ୟ ବନ୍ଧୁଙ୍କୁ ପଚାରିବା । କାଳେ ସେମାନେ କହିବେ ।

ଆଉ କଥାଟିଏ । ଭାରତ-ଆମେରିକୀୟ ମହାକାଶଚାରୀ ସୁନୀତା ଉଇଲିୟମ ଏବେ ଭାରତ ଆସିଛନ୍ତି । ଗତ ଶନିବାର ଦିନ ଗୁଜୁରାଟ ଟେକ୍ନୋଲଜିକାଲ ୟୁନିଭର୍ସିଟି ତାଙ୍କୁ ସମ୍ମାନସୂଚକ ଡକ୍ଟରେଟ ଅର୍ପଣ କଲା । ଭାରତୀୟ ଯୁବକୁଳକୁ ଉତ୍ସାହିତ କରିବାକୁ ସମବେତ ଛାତ୍ରଛାତ୍ରୀଙ୍କୁ ଅତିଥି କିଛି କୁହନ୍ତୁ ଏବଂ ତାଙ୍କ ବାର୍ତ୍ତା ସାରା ଦେଶରେ ପହଞ୍ଚିବ । ସୁନୀତାଙ୍କ ଜୀବନର କେତେ ସ୍ମୃତି କେତେ ଅନୁଭୂତି । ଆହୁରି ଅଧିକ, ତାଙ୍କ ନଭ ଚାରଣ । ଭାରତୀୟ ନାରୀ ପାଇଁ ସେ ଗର୍ବ ଏବଂ ରୋଲ୍-ମଡେଲ୍ । ଏମିତି ଆବଶ୍ୟକ କଥନୀମାନ କୁହା ଗଲା । ସୁନୀତା ଅନୁରୋଧ ରକ୍ଷା କଲେ । କାହାରି ମନ ଉଡ଼େଇବାକୁ କିଛି ଆକାଶ କଥା କହିଲେନି । କହିଲେ - ନିହାତି ଭାରତ ମାଟିର କଥା । ଯଦି ଗଣତନ୍ତ୍ରରେ ବଞ୍ଚିବା ତା'ହେଲେ ସେଥିରେ ଅଲବତ୍ କିଛି ସ୍ୱେଚ୍ଛାକୃତ ସହଯୋଗ ଦରକାର । 'ଭୋଟ୍ ଦେବାକୁ ହେବ । ଯିଏ ନ ଦେବ ତା'ର ଗଣତନ୍ତ୍ର

Digitized by srujanika@gmail.com

ବାବଦରେ କମେଣ୍ଟ୍ କରିବା ଅଧିକାର ନାହିଁ।’ ନିଜ ଉଦାହରଣ ବି କହିଲେ। ‘ୟୁଏସ ପ୍ରେସିଡ଼େଣ୍ଟ ନିର୍ବାଚନ ବେଳେ ଯଦିଓ ଭାରତରେ ଥିଲି ତେବେ ବି ମୁଁ ଆବ୍‌ସେଣ୍ଟି-ଭୋଟ୍ ଦେଲି।’

ତାଙ୍କ ମତ ଥିଲା, ଦେଶର ଗତି ଦୁର୍ଗତି ଆଗେ ଜଣା ପଡ଼େ ଯୁବକୁଳର ଛବିରୁ। ଭାରତରେ ଏ ରୂପ ତାଙ୍କୁ ନିଆରା ଲାଗିଲା। ଜନ୍ମିତ ସନ୍ତାନ ଭାବେ ଭାରତ ପାଇଁ ତାଙ୍କ ଦରଦ କହିଲେ। ଯାହାର ଯୁବଶକ୍ତି ନିଷ୍କ୍ରିୟ ବା ଅମନୋଯୋଗୀ ଏପରି ଗଣତନ୍ତ୍ରଠାରୁ ଆମେ କି ଆଶା କରିବା? ଆଜିର ଶିଶୁ, ଯୁବକ ଓ ବୟସ୍କ ସମସ୍ତେ ପ୍ରାୟ ସ୍ୱାଧୀନତା ପରେ ହିଁ ଜନ୍ମ। ପରାଧୀନତା ବିଷୟରେ ବହି ପଢ଼ି ଜାଣନ୍ତି। ସ୍ୱାଧୀନତା ଓ ଭାରତୀୟତା ସଂପର୍କରେ ଗୁଡ଼ିଏ କାଳ୍ପନିକ ଗପ ଶୁଣି ଆମ ଯୁବକୁଳ ‘ଅନୁମାନ’ରେ ଜ୍ଞାନୀ। ଇନ୍‌କ୍ୟୁଆରି ନାହିଁ କନ୍‌କ୍ଲୁଜନ୍! ସମସ୍ତେ ପଚରାପଚରି ହେଉଛନ୍ତି ପରାଧୀନତା ଓ ସ୍ୱାଧୀନତା ଭିତରେ ଫରକ କ’ଣ? ଆଜିର ପୁଅ ଝିଅ କହୁଛନ୍ତି - ଆମେ ରାଜନୀତି କ’ଣ ବୁଝୁନା। ସବୁଠୁଁ ବଡ଼ ଏବଂ ସବୁଠୁଁ ଦାୟିତ୍ୱସଂପନ୍ନ କାର୍ଯ୍ୟ ସେମାନଙ୍କୁ ଅଛୁଆଁ ଲାଗେ।

ଗତ ବର୍ଷ ଗୋଟିଏ ସଂସ୍ଥା ସାରା ଦେଶରୁ ୧୮ରୁ ୨୯ ବର୍ଷ ବୟସର ଆଠ ହଜାର ଯୁବକ ଯୁବତୀଙ୍କ ମତ ସଂଗ୍ରହ କରିଥିଲା। ସେଥିରୁ ୯୦% କହିଲେ ଯେ ସେମାନେ ରାଜନୀତି ସମ୍ବନ୍ଧରେ ଜାଣିବାକୁ ଇଚ୍ଛା କରନ୍ତିନି। ୯% ଜାଣିଶୁଣି ଦୂରେଇ ରହନ୍ତି ଓ ୧% ବାଇଚାନ୍ସ ପଶିଛନ୍ତି।

ଚରିତ୍ରରେ ‘ଭଲ’ ପଦ ବାହେଲ ରଖିବାକୁ ହେଲେ ‘ରାଜନୀତି’କୁ ପାପିଷ୍ଠ ଭାବି ନିଜକୁ ଦୂରେଇ ରଖିବା ନିରାପଦ ବୋଲି ସମସ୍ତେ ବିଶ୍ୱାସ କରନ୍ତି। ଇଏ ଭାରତରେ ଗାର୍ଜନ-ତାଗିଦା। ଏଠି ସମସ୍ତେ ଛୁଆଙ୍କୁ କହନ୍ତି - ରାଜନୀତି ନ ଜାଣିବା ଭଲ। ଯେମିତି ଆଡଲ୍ଟ-ପିକ୍‌ଚର - ବୟସ୍କ ନ ହେଲେ ଦେଖି ପାରିବୁନି। ମନ ଓଲମ ବିଲମ ହୋଇଯିବ। ସତେ ଏକା ବୟସ୍କମାନେ ସ୍ଥିତପ୍ରଜ୍ଞ ହେବା ପାଇଁ ତାହା ଦେଖନ୍ତି!

ଯଦି ପିଲା ପଚାରେ - ବାପା ରାଜନୀତି ଜାଣିବିନି ତ ଦେଶ ଚିହ୍ନିବି କେମିତି? ବାପା କହିବେ - ଏବେ ‘ଜନ ଗଣ ମନ ଅଧିନାୟକ’ ଗାଇ ସେ କାମ ଚଳେଇ ଥା’। ପରେ ସୋନିଆ ଗାନ୍ଧି, ନବୀନ ପଟ୍ଟନାୟକ, ନରେନ୍ଦ୍ର ମୋଦୀମାନଙ୍କ ନାଁରୁ ଦଳ କ’ଣ ବୁଝିବୁ। ୱାସିଙ୍ଗ୍‌ଟନ୍‌ଙ୍କ ପିଲାଦିନ ଗପ ପରି - ବାକି ସବୁ କଥା ବଡ଼ ହେଲେ ଜାଣିବୁ। ଦେଶ, ରାଜନୀତି - ଏଗୁଡ଼ାକ ଆଡଲ୍ଟ-ଟପିକ୍। ଜାଣିବା ଦରକାର ନାହିଁ। ଚଣା ଖୋଉଚି ତୁ ମୁକୁତା ଆଣିବୁ, ଏବେ ପାଠ ପଢ଼ ପୁଅ ପାଠ ପଢ଼।

(୧୩.୪.୧୩)

Digitized by srujanika@gmail.com

‘ସପନ ସଙ୍କେତ ପାଇଣ ...’

‘ପଲଙ୍କ ତେଜିଣ ଉଠିଲା ସୁମୁଖୀ ସପନ ସଙ୍କେତ ପାଇଣ । ଆହା ପ୍ରାଣନାଥ କେଣେ ଗଲ ବୋଲି ଉଚ୍ଚ ସ୍ୱରେ କରେ କାରୁଣ୍ୟ । ଦଇବ, ଦେଖାଇ ନିଧି ହରି ନେଲୁ। ଶିଶୁ କୁମାରୀ ଯେ କିଛି ନ ଜାଣଇ / କିମ୍ପାଇଁ ମୋତେ ଏହା କଲୁ ?’ (‘ଉଷାଭିଳାଷ’ : ଶିଶୁ ଶଙ୍କର ଦାସ)

ତହିଁର ପ୍ରାୟ ଶହେ ବର୍ଷ ପରେ ଏକା ଫାଣ୍ଟାସିକୁ ଉପେନ୍ଦ୍ର ଭଞ୍ଜ କହିଲେ, ‘ଚେଟି ଚାତୁରୀ ଚାହିଁଲା ନିଶି ନାଶେ ପାଶେ ନାହିଁ ଦିବ୍ୟ ତରୁଣ । ମାରି ହୃଦେ ହାତ ନାଥ ନାଥ ବୋଲି ଉଚ୍ଚ ସ୍ୱରେ କଲା କାରୁଣ୍ୟ । ବୋଲେ ଅଧୀରେ । ଚେତନାହତ ସେ ବିଧିରେ ।’ କଥା ସେଇଠି ନ ସାରି ଭଞ୍ଜ କବି ନାୟିକାର ହାତ ଅଜାଗା ଆଡକୁ ବଢ଼େଇଲେ। ତିନି ଶହ ବର୍ଷ ତଳେ - ମାତ୍ର ଶହେ ବା ତହୁଁ କମ୍ ବର୍ଷ ବ୍ୟବଧାନରେ ଗୀତ ସକାଶେ ହାତର ଗତି ଏମିତି ବଦଳିଗଲା । ଏବେ ନୂଆ ଯୁଗର ଅସ୍ତ୍ରଶସ୍ତ୍ର ଧରି, ନୂଆ ନୂଆ ଧାରା ଆଦରି ସେଠୁ ଆମ ସାହିତ୍ୟ କାହିଁ କେତେ ଆଗକୁ ବା ଦୂରକୁ ଉଡ଼ି ପଳାଇ ଆସିଛି । କେହି ଉଣ୍ଡାଳିବା ଆଗରୁ ଆମେ ଦେଖେଇବାକୁ ରେଡ଼ି। ଆଜିର ନାୟିକା ନିରୋଳା ହେବାକୁ ବେଳ ପାଉନି, ବିଚଳିତ ହେବ କେତେବେଳେ ବା କାହିଁକି ? ଉଦ୍‌ବେଗ ସମ୍ଭାଳିବାକୁ ଯୁଗ ତାକୁ ବଳ ଦେଇଛି। ହାତରେ ମୋବାଇଲ। ସୁଇଚ୍ ଟିପିଲେ ଗପ। ସେମିତି ଅର୍ଜେଣ୍ଟ ହେଲେ, ଆଉ ଦି’ ଘଣ୍ଟାରେ ପାଖରେ ହାଜର। ସେ କାହିଁକି ଲାବଣ୍ୟବତୀ ପରି ବିଳାପ କରିବ ?

ଯାହାହେଉ, ଆଜି ଓଡ଼ିଶାର ସାମାଜିକ ଜୀବନରେ ସାହିତ୍ୟ, ସରକାର ଓ ଭାଷା କେବଳ ମିଟିଙ୍ଗ୍‌ରେ ଭେଟାଭେଟି ହୁଅନ୍ତି । ପଣ୍ଡିତ ନୀଳକଣ୍ଠ ଦାସ (୧୮୮୪-୧୯୬୭) ଥିଲେ ଜଣେ ରୁଦ୍ର ପୁରୁଷ । ଚନ୍ଦ୍ର ଶେଖର ରଥଙ୍କ ଭାଷାରେ ‘ନିର୍ମମ’ - ମାନେ ପାତରଅନ୍ତର ନାହିଁ। ଶେଷ ନିଶ୍ୱାସ ଛାଡ଼ିବା

Digitized by srujanika@gmail.com

ପୂର୍ବରୁ ମଧୁବାବୁ ତାଙ୍କୁ କହିଥିଲେ - ନୀଳକଣ୍ଠ, (ହୋଇ ନ ଥିବା) ଓଡ଼ିଶା ତମକୁ ଲାଗିଲା । ତାଙ୍କୁ ଚିହ୍ନିଥିବା ପିଢ଼ି ପ୍ରାୟ ନିଶ୍ଚିହ୍ନ । ଉତ୍ତର ପିଢ଼ି ତାଙ୍କୁ ଚିହ୍ନିବା ଦରକାର କରୁନି । ଦି ଚାରିଟା ସରକାରୀ ସ୍କିମ୍ ଓ ଯୋଜନା ସାଙ୍ଗରେ ନାଁ ଯୋଡ଼ି ହୋଇଛି ବୋଲି ସିନା - ନ ହେଲେ ମହାତ୍ମା ଗାନ୍ଧି କି ମଧୁବାବୁଙ୍କ ନାଁ ବି ନିଶ୍ଚିହ୍ନ ହୋଇଥା'ନ୍ତା । ଏଥିପାଇଁ ଗୋଟିଏ ପ୍ରାକୃତିକ ନିୟମ । ବାପା ନାଁ - ସବୁବେଳେ ଜୟ । ଯାହାର ପୁଅ ନାହିଁ ତା'ର ଜୟ ନାହିଁ ।

ନୀଳକଣ୍ଠଙ୍କୁ ମନେ ପକେଇ ତାଙ୍କ ନାଁରେ ପ୍ରଥମ ଥର ସ୍ମାରକୀ ବକ୍ତୃତା ମାଳା ଆୟୋଜନ କରିବା ଯୋଗୁ ଆମେ ଓଡ଼ିଶା ସାହିତ୍ୟ ଏକାଡେମିର ପ୍ରୟାସକୁ ପ୍ରଶଂସା କରୁଛୁ । ଅଭିଭୂତ କଲାପରି ବକ୍ତା ଦୁଇ ଜଣ - ୯ରେ ମନୋଜ ଦାସ ଏବଂ ୧୦ରେ ଚନ୍ଦ୍ର ଶେଖର ରଥ । ସଭାରେ ଅଯଥା ଆଡ଼ମ୍ବର ନ ଥିଲା । ଉଭୟ ଦିନ ଷ୍ଟେଟ୍-ଅଫ୍-ଦି-ଆର୍ଟ ପରି ଗମ୍ଭୀର ଥିଲା ପରିବେଶ ଏବଂ ଭଲ ଲାଗୁଥିଲା । ତେବେ ବି ପରିହାସ ଓ ଅନାସ୍ଥାର ହୁଇସ୍‌ପର୍ ଶୁଣୁଥିଲୁ । ନୀଳକଣ୍ଠଙ୍କ ନାଁରେ ତୁମ୍ବିତୋଫାନ ସହ 'ସ୍ମାରକୀ ବକ୍ତୃତା' ଆରମ୍ଭ ହେଲା ଯେ ଆଗକୁ ଚାଲିବ ତ ? ଯାଦୁ କୁଣ୍ଡେଇ ହେବା ଯେମିତି ସ୍ୱାଭାବିକ ଏକାଡ଼େମି ନାଁରେ ରିଉମର୍ ଓ ଡାଉଟ୍ - ଦି'ଟାଯାକ ସେମିତି ସ୍ୱାଭାବିକ । କୁଣ୍ଡେଇ ହେଲାବେଳେ ଯେମିତି ଜାଗା ଅଜାଗା କି ମାନ ମହତ ମନେ ପଡ଼େନି - ଏଠି ବି କଥା ଏକଦମ୍ ସେଇଆ ।

ମନ କଷ୍ଟ କରିବାନି - ଓଡ଼ିଶାରେ ସାହିତ୍ୟ ଟଙ୍କାକିଆ ଚାଉଳଠୁଁ ଶସ୍ତା ଓ ସାହିତ୍ୟ ଏକାଡେମି ତା'ଠୁଁ ବି ଶସ୍ତା । ଓଡ଼ିଆ ସାହିତ୍ୟକୁ ସରକାରୀ ମାର୍ଫତରେ ମହାନ୍ କରିବା ଏକାଡେମିର ଉଦ୍ଦେଶ୍ୟ । ଏହାର କ୍ଷୟ ବା ଜୟ - କେତେ ହୋଇଛି କେହି ଜାଣନ୍ତିନି । ସମସ୍ତେ ଧରି ନେଇଛନ୍ତି ଯେ ଏହା ଏକ ପଣ୍ଡିତ-ରାଜ୍ୟ । ତାହା ଅଲବତ୍ ସତ । ଆହୁରି ବଡ଼ ସତ ହେଲା ଯେ ସେଠି ତଡ଼ାଳି ଯେମିତି ଏକ୍ସପର୍ଟ, ଘୋଡ଼ାଳି ତା'ଠୁଁ ସାତ ଗୁଣ ଚାଲାଖ । ଏକାଡେମିର ମନ୍ଦ କଥା ଅନାବିଷ୍କୃତ ଆଣ୍ଟାର୍କଟିକା ପରି, ତେଣୁ ନିରାପଦରେ ରହିଥାଏ । ନ ହେଲେ, ବିଣ୍ଡେ ବିଣ୍ଡେ ଯେତେ ଖୋଳିବ, ବାହାରିବେ ସେତେ କିସମର ମହାଦେବ ।

ସୁଖର କଥା, ଶକ୍ତି ଓ ଲୋକସଂପର୍କ ମନ୍ତ୍ରୀ ଅରୁଣ କୁମାର ସାହୁ ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ଦେଲେ ଯେ ନୀଳକଣ୍ଠଙ୍କ ନାଁରେ ଏ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ପ୍ରତି ବର୍ଷ ଆଗକୁ ଚାଲିବ । ଆଶା କରିବା - ମନ୍ତ୍ରୀଙ୍କ ବଚନ ସତ ହେଉ । ସଚିବ ବିଜୟ ନାୟକ ଯୁବକ ଏବଂ ଜଣେ ଦକ୍ଷ ଶାସକ । ଅନ୍ତତଃ ମନ୍ତ୍ରୀ ତ ସେଇଆ କହିଲେ । ନୂଆ ସଭାପତି ସାତକଡ଼ି ହୋତା ମଧ୍ୟ ପ୍ରାଜ୍ଞ ଏବଂ ଆଉ ଜଣେ ଶାସକ । ଆଗକୁ ଭଲ ଆଶା କରିବା ।

(୧୫.୪.୧୩)

Digitized by srujanika@gmail.com

ଶୂନ୍ୟ ଫଟକା ଗଣିତ

ସରକାର ଓ ରିଜର୍ଭ ବ୍ୟାଙ୍କ ବହୁ ଉଜ୍ଜ୍ୱଳ ଭବିଷ୍ୟତର ଚିତ୍ର ପ୍ରଚାର କରିଥିଲେ । ଏବେ କେନ୍ଦ୍ରୀୟ ପରିସଂଖ୍ୟାନ ବିଭାଗ (ସିଏସଓ) ତଥ୍ୟ ଅନୁଯାୟୀ ୨୦୧୨-୧୩ ବିତ୍ତବର୍ଷରେ ଦେଶର ଅଭିବୃଦ୍ଧି ହାର ଗତ ଦଶ ବର୍ଷ ଭିତରେ ସବୁଠୁଁ କମ୍ ହୋଇଛି ଏବଂ କାରଣ ସଂପର୍କରେ ସେବା, ଉତ୍ପାଦନ ଓ କୃଷି କ୍ଷେତ୍ରର ବିଫଳତାକୁ ଦାୟୀ କରାଯାଇଛି । ୨୦୧୧-୧୨ରେ ଜିଡିପି ଥିଲା - ୬.୨% ଏବଂ ୨୦୧୨-୧୩ ପାଇଁ ତାହା ୫% କଳନା କରାଯାଇଛି । ଫାଇନାଲ ହିସାବ ବେଳକୁ ଆହୁରି ଦେଢ଼ ଦୁଇ କମିବ । ବିଶ୍ୱବ୍ୟାଙ୍କ୍ 'ଗ୍ଲୋବାଲ୍ ଇକୋନମିକ୍ ପ୍ରସପେକ୍ଟସ୍ ଫର୍ ୨୦୦୯' ଏକ ରିପୋର୍ଟ ପ୍ରକାଶ କରିଥିଲେ । ତହିଁରେ ଦୃଷ୍ଟି ରହିଛି ୨୦୧୫ ପର୍ଯ୍ୟନ୍ତ । ସେଥିରେ ଅନୁମାନ କରାଯାଇଥିଲା ଯେ ସେତେବେଳକୁ ଭାରତର ସମୁଦାୟ ଜନସଂଖ୍ୟାରୁ ଏକ-ଚତୁର୍ଥାଂଶ ଲୋକ ସାଙ୍ଘାତିକ ଦାରିଦ୍ର୍ୟରେ ରହିଥିବେ । 'ଏକ୍ସଟ୍ରିମ୍ ପଭର୍ଟି' କାହାକୁ କୁହାଯାଏ, ତହିଁର ଗାଣିତିକ ଓ ସାମାଜିକ ମାପଗୁଡ଼ିଏ ବି ସେଥିରେ ରହିଛି । ସେ ହିସାବରେ ଥିଲା ଭାରତର ୪୧.୬% ଲୋକ ଦରିଦ୍ର । ଏବେ ସେ ସଂଖ୍ୟା ବିଶ୍ୱବ୍ୟାଙ୍କ ହିସାବ ଅନୁସାରେ ୪୬%ରୁ ଅଧିକ ହେଲାଣି । ପ୍ରଧାନମନ୍ତ୍ରୀ ଓ ଯୋଜନାବୋର୍ଡ ଉପାଧ୍ୟକ୍ଷ ମଣ୍ଟେକ ସିଂହ ଆଲୁୱାଲିଆ କହୁଛନ୍ତି - ବ୍ୟସ୍ତ ହୁଅନି, ଆମେ 'ଗ୍ରୋ' କରୁଚୁ ।

ଏମିତିକା ପୋଥି-ପରିବା ମାପଚୁପରୁ କଂଗ୍ରେସ ସ୍ଲୋଗାନର ଆମ୍-ଆଦ୍‌ମିକୁ କିଛି ମିଳେନି । ବୁଝିବାକୁ କି ବିଚାରିବାକୁ ତା' ବୁଦ୍ଧି କାମ କରେନି ଯେତେବେଳେ ସେ 'ଭ୍ୟାଟ୍'ମିଶା ଲୁଣ କିଣେ କି ଶୁଣେ - ତେଲ କିଲୋ ଶହେ ଟଙ୍କା । ବରଂ ସେ ପ୍ରଶ୍ନ କରେ ଆଉ କାହାର ଆନ୍ତରିକତା ଅଭାବକୁ । କାହାର ? ତାହା ଆଉ ଗୋଟିଏ ପ୍ରଶ୍ନ । ଆଜି ପର୍ଯ୍ୟନ୍ତ ତଥାକଥିତ ଯୋଜନାମାନ

Digitized by srujanika@gmail.com

ଦେଶରେ ଦାରିଦ୍ର୍ୟ ବଢ଼େଇଛି ନା କମେଇଛି ତାହା ଦେଖିବାକୁ ହେଲେ ଆଉ ଏକ ସମସାମୟିକ ରିପୋର୍ଟ ଆଡ଼େ ନଜର ପକାଇ ପାରିବା ।

୨୦୦୯ରେ ଦାରିଦ୍ର୍ୟ ନିର୍ଦ୍ଧାରଣ କରିବାକୁ ସରକାର ପ୍ରଧାନମନ୍ତ୍ରୀଙ୍କ ଅର୍ଥନୀତି ପରାମର୍ଶଦାତା କାଉନ୍‌ସିଲ ଚେୟାରମ୍ୟାନ୍ ସୁରେଶ ତେନ୍ଦୁଲକରଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ନିଯୁକ୍ତ କରିଥିଲେ । ସେ କମିଟି ରିପୋର୍ଟ ଅନୁଯାୟୀ, ଦେଶର ଦରିଦ୍ରଙ୍କ ସଂଖ୍ୟା ୧୦ରୁ ବଢ଼ି ୪୬% ହୋଇଛି । ପ୍ରତି ତିନି ଜଣରେ ଜଣେ ଭାରତୀୟ ଦରିଦ୍ର । ୪୧.୮% ଗ୍ରାମୀଣ ପରିବାର ଖାଦ୍ୟ, ଜାଳେଣି, ଆଲୁଅ, ଜୋତା ଓ ଲୁଗାପଟା ପାଇଁ ମାସକୁ ମାତ୍ର ୪୪୭ ଟଙ୍କା ଖର୍ଚ୍ଚ କରନ୍ତି । ସହର ଅବସ୍ଥା ଟିକିଏ ଭଲ । ମୂଲ୍ୟବୃଦ୍ଧି ଯୋଗୁ ଜୀବନଧାରଣ ମାନ ଆହୁରି କମି ତାହା ନୂଆ ଗରିବ ତିଆରି କରୁଛି । ସବୁଠୁ ଦରିଦ୍ରଙ୍କ ସଂଖ୍ୟା ବଢ଼ିଛି ଓଡ଼ିଶା ଏବଂ ବିହାରରେ । ସବୁଠୁଁ କମ୍ ଅଛନ୍ତି ନାଗାଲ୍ୟାଣ୍ଡ, ଦିଲ୍ଲୀ ଏବଂ ଜାମ୍ମୁ-କାଶ୍ମୀରରେ ।

ଆନ୍ତରିକତା କଥା ପଚରାଗଲେ ସମସ୍ତଙ୍କ ପାଇଁ ସହଜ ହୁଏ ଭାବିନେବାକୁ - ସରକାରଙ୍କ ଆନ୍ତରିକତା । ସରକାର ଲୋକଙ୍କ ହାତକୁ ରିପୋର୍ଟ ବଢ଼େଇ ବେଶ୍ ଶାନ୍ତିରେ ରାଜନୀତି କରି ପାରୁଛନ୍ତି ବା ଦଳ ଭାଙ୍ଗୁଛନ୍ତି ଆଉ ଗଢୁଛନ୍ତି । ଅର୍ଥନୀତି କଥା ଉଠିଲେ, କହି ଚାଲିଛନ୍ତି ଗଣିତ ଏବଂ ଲୋକେ ଭୋଗି ଚାଲିଛନ୍ତି ଜୀବନ । ଏହା ଭାରତର ଗଣତାନ୍ତ୍ରିକ ଅଭ୍ୟାସରେ ପରିଣତ ହୋଇଯାଇଛି । ଗଣିତ ଓ ଜୀବନ ଭିତରେ ମିଳିମିଶି ବଞ୍ଚିବା ପାଇଁ ବେଶ୍ ମଜ୍‌ବୁତ ମନବୋଧ ଚଉତିଶାମାନ ତିଆରି ଚାଲିଛି । ଦର ବଢୁଚି ? ହେଇ, ସେ ବାବଦରେ ହିସାବ ଦେଖ । ଏଣେ ହିସାବ ଦେଖି ଦରବୃଦ୍ଧିକୁ ଆପ୍ରୁଭ କଲାବେଳକୁ ତେଣେ ଜୀବନ ଛିଡ଼ି ଯାଉଛି । ଜୀବନ ଖୋଜିବାକୁ ଦାବି କଲେ ମାଡ଼ ଖାଇବା ସାର । ତେଣୁ ହିସାବ ଶୁଣି ଘରକୁ ବାହୁଡ଼ିବା ଅଭ୍ୟାସ ସହିତ ବଞ୍ଚିବା ଆମେ ଶିଖି ଗଲୁଣି ।

ବିଶ୍ୱବ୍ୟାଙ୍କ୍ ବା ତେନ୍ଦୁଲକର କମିଟି ରିପୋର୍ଟର କେତେ ତଳେ ଓଡ଼ିଶାର ଦରିଦ୍ରଟିଏ ? ସମଗ୍ର ଗରିବୀ କଥା ଦୂରକୁ ଥାଉ, ବରଂ ଆମେ ସହଜରେ ଦେଖିପାରୁ ଯେ ଖୋଦ୍ ସରକାର ଜାଣି ନ ଜାଣିଲା ପରି ପାଠଶାଠ ପଢ଼ିଥିବା ଯୁବକ ଯୁବତୀଙ୍କୁ ହଜାରେ ଟଙ୍କିଆ ଚାକିରିରେ ଖଟୋଉଛନ୍ତି । ସେଥିପାଇଁ ରିସଫତ୍ ସୁପାରିଶ ଆଦି ବି ଦରକାର ।

କୌଣସି ଦାୟିତ୍ୱବାନ୍ ସରକାର କହିପାରେ ଯେ ଲୋକେ କାହିଁକି ଏମିତିକା ଗରିବୀ ପାଇଁ ପ୍ରତିଯୋଗିତା କରୁଛନ୍ତି ? ସେମାନଙ୍କ ଆଦର ବଞ୍ଚିବା ପାଇଁ, କୌଣସି ସରକାରର ଗୋଦାମ-ରଦ୍ଧି ଆଦର୍ଶ ବା ଯୋଜନା ପାଇଁ ନୁହେଁ ।

(୧୬.୪.୧୩.)

Digitized by srujanika@gmail.com

'ଦୁଷ୍କର୍ମ'

ନାରୀ ଓ ଖବରକାଗଜ ଗୋଟିଏ କାରଣରୁ ସମାନ । ଉଭୟ ସଦା ଅସନ୍ତୁଷ୍ଟ । ଯଦି ତହିଁରୁ କାହାକୁ ସନ୍ତୁଷ୍ଟି ଛୁଇଁଲା ତା'ପରେ ବୋଲ - ନାରୀ ଦେଖାଯିବ ମାତାଜୀ ପରି । ଛୁଆ ଗେରସ୍ତ ଚଗଲା ହେଉଥିବେ । ଆଉ, ଖବରକାଗଜ ସନ୍ତୁଷ୍ଟ ହେଲେ ଲୋକଙ୍କୁ ତାହା ଲାଗେ ପ୍ରଚାରପତ୍ର ପରି ।

ପାଠକ ବହୁତ କଥା ଜାଣନ୍ତି ଏବଂ ସବୁଠୁଁ ବେଶି ଜାଣନ୍ତି - କିଏ କ'ଣ ନ ଲେଖେ । ମାନେ, ବାବାଙ୍କ ହୁକୁମ । ସେଠି ଯାହା ହୁଏ ସବୁ ଠିକ୍ । ଅମୁକ ଖବରକାଗଜ ତମୁକଙ୍କ କଥା ଲେଖି ପାରିବନି ବା ସମସ୍ତଙ୍କ ସାଙ୍ଗରେ ସୁର ମିଳେଇ ଯଦି ଲେଖିବାକୁ ବାଧ ହୁଏ, ତା ରୂପ ହେବ ୟାଡ୍ରୁସ୍ୟାଡ୍ରୁ । ଲାଗେ - 'ଜର୍ଣ୍ଣାଲିଷ୍ଟିକ୍ ଅଫେନ୍ସ' ପରି । ଲୋକେ ବିଶ୍ୱାସ କରୁ ନଥିବେ ତ ! ଏପରି ବିଚରା ଭାବ । ଏଠୁ ଉତୁରିବାକୁ ଗୋଟିଏ 'ଗୋଲ୍ଡେନ୍ ରୁଲ୍' - ଯାହା ଦେଖିବି, ସବୁ ଲେଖିବିନି । ତା ପଛକୁ ପଛ ବହୁ ସବ୍-ରୁଲ ବି ଅଛି । ଯାହା ଲେଖିବି, 'ମତାମତ ପାଇଁ ସଂପାଦକ ଦାୟୀ ନୁହଁନ୍ତି' ପରି ଫିଲ୍‌ଟର ଭିତରେ ପଶି ତାହା ପଦାକୁ ଯେମିତି ଚିକ୍କଣ ଦେଖା ଯାଉଥିବ । ବୁଲେଇ ବଙ୍କେଇ ଲେଖ, ଯେମିତି ଖସିବାକୁ ବାଟ ଥିବ ଅନେକ । ଆଇନ ତମକୁ ଧରି ପାରବନି । ଯାହା କହିବ, ସେତିକି କହିବାକୁ ସତ୍-ସାହସ ନ ଥିବାର କାତରତା ଏଥିରେ ଭର୍ତ୍ତି । ଏପରି ଅନେକ ଗଫଲତି । ନ ଉଣ୍ଡାକିଲେ ଭଲ ।

ବୟସ ହେବ, ପ୍ରେମ ମାଡ଼ିବନି - ଇଏ କି କଥା ? ଶିଶୁ ଶଙ୍କରଙ୍କ କାବ୍ୟ ନାୟିକା 'ଉଷା' ବା ଭଞ୍ଜ ନାୟିକା 'ଲାବଣ୍ୟବତୀ'ଙ୍କ ଆବେଗ ଆଜି ବି ଯୁବକ ଯୁବତୀଙ୍କ ଜୀବନରେ ଅକ୍ଷତ ରହିଛି । ପ୍ରେମର ପ୍ରତିରୋଧ ହୁଏ । ଏ ସତ ସମସ୍ତେ ଜାଣନ୍ତି । ପ୍ରେମ ଓ ପ୍ରଳୟର ନୂଆ ନୂଆ ରୂପ ବଖାଣିବାକୁ ଆମ ପାଖରେ ଶବ୍ଦ କି ଭାଷା ନାହିଁ । ଇଏ ଆମ ସମସ୍ୟା । ସେଥିପାଇଁ ଯୌବନ ନିଜ

Digitized by srujanika@gmail.com

ଫାଣ୍ଟାସି ବଦଳେଇବ କାହିଁକି ବା ଭଞ୍ଜ କବି କାହିଁକି 'ଅନର୍-କିଲିଙ୍ଗ୍' କଥା ଜାଣିଥା'ନ୍ତେ ? ମନ ଛଟପଟ ହେଲେ, ଗାନ୍ଧିଙ୍କ ତୃତୀୟ ମାଙ୍କଡ଼ କଥା ମନେ ପକେଇ 'ଦେଖିନି' କହି ଚଳେଇ ହୁଏ । ଦେଖିବା ପରି ନ ଦେଖିବା ଅଧିକାର ବି ମୋର ଅଛି । ଦେଖିବା ନ ଦେଖିବା, କରିବା ନ କରିବା ଅଧିକାର - ଗଣତନ୍ତ୍ରରେ କେତେ ବ୍ୟାପ୍ତ ଏକଥା କଳନା କରି ହେବନି । ଗୋଟିଏ କଥା ଭୁଲିଲେ ଚଳିବନି - ଗାନ୍ଧି ଯେତେବେଳେ ମାଙ୍କଡ଼ ଗପ କହିଥିଲେ ସେତେବେଳେ ଦେଶ ସ୍ୱାଧୀନ ହୋଇ ନଥିଲା, ଏବଂ ଏବେ ଗଣତନ୍ତ୍ରର ଉନ୍ମତ୍ତ ଉତ୍ସାହ ଭିତରେ ଭାରତ କୁଦୁଛି ।

ପ୍ରଜା ରାଜା ଦାଉରୁ ମୁକୁଳିଛନ୍ତି । ନିଜ ଶାସନ ନିଜର । ଏବେକାର ସରକାର ସେ ଦିଓଟି କାମ କରି ତିଷ୍ଠି ପାରିବନି । ଲୋକେ ଗେଟ୍-ଆଉଟ୍ କରି ଦେବେ । ତେଣୁ ପ୍ରତି ସରକାରକୁ ଆହୁରି ଅନେକ କାମ କରିବାକୁ ପଡ଼େ । ସେଥିପାଇଁ ଦରକାର ହେଲେ ମୂଳ ଦୁଇଟାରୁ ଟିକେ ଟିକେ କମେଇ ଦେଲେ ବି ଚଳେ ।

ଏ ପରିବର୍ତ୍ତନକୁ ସ୍ୱୀକାର କରିବା । ଆଜି ଯୁଗରେ ଗାନ୍ଧି-ମାଙ୍କଡ଼ମାନଙ୍କର କୌଣସି ପ୍ରାସଙ୍ଗିକତା ନାହିଁ । ରେକ୍‌ରେ ଦେଖିଲେ ପିଲେ ପଚାରୁଛନ୍ତି - ଇଏ କ'ଣ ? ବାପ-ମା କଷ୍ଟେମଷ୍ଟେ କିଛି ବୁଝେଇ ପାରୁଛନ୍ତି, ନ ହେଲେ 'ଫନି ମଙ୍କିଜ୍' କହିଲେ କାମ ଚଳୁଛି ।

ଇଂରେଜ ସରକାରର ବଡ଼ କାମ ଥିଲା ଦୁଇଟି - ଦଣ୍ଡ ଦେବା ଓ କର ନେବା । ବାକି ସବୁ ଯାଇତାଇ । ହେଲେ ହେଲା, ନ ହେଲେ ବି । କାହା ବିରୁଦ୍ଧରେ କମିସନ ବସିବାର ନ ଥିଲା । ଭାରତରେ ମହାରାଣୀଙ୍କ ଶାସନ ପ୍ରତିଷ୍ଠା ହେଲା ୧୮୫୮ରେ । ପୂର୍ବରୁ ଶହେ ବର୍ଷ ଧରି ଇଷ୍ଟ-ଇଣ୍ଡିଆ କମ୍ପାନୀ ଛଳେ ବଳେ କୌଶଳେ ଯେଉଁ ଭୂମି ରାଜାମାନଙ୍କଠାରୁ ହାସଲ କରିଥିଲା ତାକୁ 'ଇଣ୍ଡିଆ' ବୋଲି କହି ମହାରାଣୀଙ୍କୁ ସମର୍ପଣ କରିଦେଲା । ଆପେ ଆପେ ଇଣ୍ଡିଆ ବ୍ରିଟିଶ୍ ପାର୍ଲାମେଣ୍ଟ ଅଧୀନକୁ ଗଲା । ତା'ପରେ ଆଇନର ବହୁ ଶବ୍ଦ ଆମଦାନି ହେଲା । ସେଥିରୁ ଗୋଟିଏ ହେଲା - ରେପ୍ । ସେ ଅପରାଧ ଆଗରୁ ବି ଥିଲା । ସେଥିପାଇଁ ଶବ୍ଦ ପ୍ରୟୋଗ ଓ ଦଣ୍ଡ ବିଧାନର ସ୍ଥାନୀୟ ନାଁ ଥିଲା ।

'ରେପ୍' - ଏ ଶବ୍ଦର ଅର୍ଥ କହିବାକୁ ହେଲେ ତାହା ଶହେନ୍‌ସା ସମ୍ରାଟ୍ ଆକବରଙ୍କ ଟାଇଟ୍‌ଲଠାରୁ ବି ବଡ଼ ଆଉ ଜଟିଳ । ଭାରତୀୟ ଭାଷାରେ ତାକୁ ଯେପରି ଅର୍ଥ କରାଯାଏ ତାହା ଆହୁରି କ୍ଲିଷ୍ଟ ଓ ଅପବିତ୍ର । ଡିସେମ୍ବର ୧୬, ୨୦୧୨ ଦିଲ୍ଲୀ ବସ୍ ଗ୍ୟାଙ୍ଗ-ରେପ୍ ପରେ 'ସୂର୍ଯ୍ୟପ୍ରଭା' 'ରେପ୍'ର ଆଳକୁଚି ମାଳକୁଚି ସବୁ ଅର୍ଥ ବୁଝେଇବା ପାଇଁ 'ଦୁଷ୍କର୍ମ' ଶବ୍ଦର ପ୍ରୟୋଗ ଆରମ୍ଭ କରିଛି । ସେତେବେଳେ ଆମର ଯୁକ୍ତି ଥିଲା - ବାଜେ ଶବ୍ଦ କହି ଘଟଣା ବୟାନ କଲେ ପୀଡ଼ିତାର ଦୁଃଖ ଲାଘବ ହୁଏନି । ସେଗୁଡ଼ିକ ଓକିଲଙ୍କ ପାଇଁ ଥାଉ - ସେମାନେ କୋର୍ଟରେ କଥା ହେବେ ।

(୧୭.୪.୧୩)

Digitized by srujanika@gmail.com

ଧୀର ପାଣି ପଥର କାଟେ

୧୪୭ ଏମଏଲଏ ପ୍ୟାରୀ ବାବୁଙ୍କୁ ଓଡ଼ିଆ ନୂଆ ବର୍ଷ ଅଭିନନ୍ଦନ
ଫୋନରେ ଜଣେଇଲେ । - ପ୍ରଚାର

ଶୀର୍ଷକର ବିପରୀତ ବାଣୀ - ବେଗ ହିଁ ଉନ୍ନତିର ଲକ୍ଷଣ । ଏ କଥା ବି ଭ୍ୟାଲିଡ୍ ଏବଂ ପ୍ରାକ୍ଟିକାଲ୍ । ଉଭୟର ଉଦାହରଣ ଆମ ସାମ୍ନାରେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କୁ ଗାଦିରୁ ହଟେଇବାକୁ ଶପଥ ନେଇଥିବା ବିଦ୍ରୋହୀ ନେତା ପ୍ୟାରୀ ମୋହନ ମହାପାତ୍ର । ଜଣେ ନିଦାବିଷ୍ଣୁ, ଆଉ ଜଣକ ଗରୁଡ଼ ଚଢ଼େଇ ପରି ଡେଣା ଝାଡ଼ି ଆକାଶ ସାରା ଉଡୁଛି ।

ପ୍ୟାରୀଙ୍କ ଏ ବୟାନର କିଛି ଅର୍ଥ ନ ଥିଲା । ଥରକ ପାଇଁ ମାନି ନେବା ଯେ ଆମର ବିଧାୟକମାନେ ଭଦ୍ର ଏବଂ ସମସ୍ତେ 'ମିଉଚୁଆଲ ସୋସିଆଲ୍ କର୍ଟେସି' - ସାମାଜିକ ଶିଷ୍ଟାଚାର ଦେଣନେଣ - ଜାଣନ୍ତି । ଫାଇନ୍ । ତାଙ୍କର ପାଇବା ହକ୍ ରହିଛି । ଏ କଥା ଡାକିହକାରି କହିବା ମାନେ କ'ଣ ? ସଙ୍କେତ - ଏ ବୟାନରୁ ତମେ ରାଜନୀତି ଖୋଜ । ମାତ୍ର ଏଥିରେ କିଛି ରାଜନୀତି ନ ଥିଲା - ଦେଖାଯାଉଥିଲା ପୁଳାଏ ଜୋକ୍ ।

ଅଳ୍ପ ଅଳ୍ପ ବିରାମ ନେଇ ସେ ମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ ରବେଇ ଖବେଇ ହେଉଛନ୍ତି । ତାଙ୍କ ଖେଦ - ଏବେ ଦଳ କୁଚକ୍ରୀଙ୍କ ହାତକୁ ଚାଲିଗଲା । ୨୦୧୨ ମେ'ରୁ ଆଜି ପର୍ଯ୍ୟନ୍ତ ପ୍ରେସ କରିଆରେ ସେ ନବୀନ-ବିଦ୍ରୋହ ଜାରି ରଖିଛନ୍ତି । 'ଆଗେ କୁକୁଡ଼ା ନା ଆଗେ ଅଣ୍ଡା' ପରି ବିଜୁ ଜନତା ଦଳ ଭିତରେ ବି ସେମିତି ଥିଲା ଗୋଟେ ଚିରନ୍ତନ ପ୍ରଶ୍ନ : ପ୍ୟାରୀ ବଡ଼ ନା ବିଜେଡି ବଡ଼ ? କାଲି ପର୍ଯ୍ୟନ୍ତ ଦଳରେ କାହାରି ହିମ୍ମତ ନ ଥିଲା ଏହାର ଉତ୍ତର ଖୋଜି ପବ୍ଲିକ୍‌ଲି କହିବାକୁ । ସମସ୍ତେ କହୁଥିଲେ - ଏକ: ପ୍ୟାରୀ ଜୟ ! ଦୁଇ: ନବୀନ ଜୟ । ତିନିରେ ଆଉ କେହି ନାହିଁ । ଅନେଇଲେ, ଦେଖାଯାଏ ବିଜୁବାବୁଙ୍କ ଫଟୋ । ତା'ର ବି ଜୟ ।

Digitized by srujanika@gmail.com

‘ବିଜୁ-ସ୍ୱପ୍ନ’ - ଏ ପଦଟି ମୁଖ୍ୟମନ୍ତ୍ରୀ ଏବେଏବେକୁ କହୁଛନ୍ତି । ନ ହେଲେ ଯା’ର ହୋଲ୍‌ସେଲ୍ ଟ୍ରେଡ୍ ଥିଲା ପ୍ୟାରୀ ବାବୁଙ୍କର । ଏ କଥା ଶୁଣେଇ ଶୁଣେଇ ସେ ଦଳ ଟାଣ କଲେ । ଚଳେଇଲେ ଆହୁରି ଶୃଙ୍ଖଳାରେ । ପାର୍ଟି ଡିସିପ୍ଲିନ୍ ଫେଭିକଲ୍‌ମଖା ବାଆଜୀଙ୍କ ଜଟା ପରି ଟାଣ ରହିଲା । ଦାଢ଼ିରେ ଭୁଷି ଦେଲେ ପେଟ ଫୁଟି ଯିବ ! ପୁଅକୁ ବାପା-ସ୍ୱପ୍ନ ଟିଉସନ କରି ଶିଖେଇଲେ । ନ ହେଲେ, ପୁଞ୍ଜି ପାଇଁ ଦଳର କି ସଂପତ୍ତି ଥିଲା କି ? ବିଜୁ ବାବୁଙ୍କ ଫଟୋ ଏବଂ ତାଙ୍କର ଜଣେ ଅନିଚ୍ଛୁକ ପୁଅ । ଏ ଭୂମିର ନାଁ ଓଡ଼ିଶା । ବର୍ଷକିଆ ଶ୍ରାଦ୍ଧ ସାରିବା ପରେ ଏଠି ଲୋକ ବାପା ନାଁ ମନେ ରଖନ୍ତିନି । ବିଜୁ ବାବୁ ଏମିତି କିଏ କି ?

ଯାହାହେଉ, ପ୍ୟାରୀଙ୍କ ନେତୃତ୍ୱର ବହୁ ସାମ୍ପୁଲ ଭିତରେ ଗୋଟିଏ ଚିତ୍ର ଦେଖାଗଲା । ଯେତେ ନେତା ବିଜୁ ବାବୁଙ୍କ ଘନିଷ୍ଠ, ସମସ୍ତଙ୍କ ଗୋଛିକଟା ସରିଥିଲା ।

ମେ’ ବିଦ୍ରୋହ ପରେ ଲୋକେ ଆଶା କରୁଥିଲେ ଯେ ପ୍ୟାରୀ ବାବୁ ହିଁ ଏକମାତ୍ର ବ୍ୟକ୍ତି ଯିଏ ନବୀନ-ଶାସନର ସବୁ ସିକ୍ରେଟ୍ ଜାଣନ୍ତି । ତାଙ୍କ ଲାଙ୍ଗୁଡ଼ରେ ହାତ ମାରି ନବୀନ ଚେଙ୍କେ ପାଇବେ । ସେମିତି କିଛି ହେଲାନି । ରାଜନୀତିର ପରମ୍ପରା ଅନୁସରଣ କରି ‘କୁଚକ୍ରୀ’ମାନେ ‘ସୁଚକ୍ରୀ’ରେ ପରିଣତ ହେଲେ ଏବଂ ଖୋଦ୍ ପ୍ୟାରୀ ବାବୁ ହୋଇଛନ୍ତି ‘କୁଚକ୍ରୀ’ । ମେରି ଖୁଣ୍ଟ ପରି ମଝିରେ ନବୀନ । ତାଙ୍କ ସିଦ୍ଧ-ମନ୍ତ୍ର ହେଲା – ମୁଁ ଚକ୍ରଫକ୍ର କିଛି ଜାଣେନା । ଏବଂ ଏତିକି ସମସ୍ତେ ଜାଣି ଥା’ - ମୋର ଅତି ନିକଟକୁ ଆସିବା ବିପଦ୍‌ଜନକ !

‘ଦଇବ, ଭଗାରି କେମିତି ସହିବ ?’ ଏ ଅସହ୍ୟ ଅବସ୍ଥାରେ ପଡ଼ିଲେ ପ୍ୟାରୀ । ଦିନ୍ ଘରକୁ ଆସି ରିପୋର୍ଟ କରୁଥିଲେ ଡିସିପି । ଏବେ ଆକୁଳ ହୋଇ ଖୋଜିଲେ ହାବିଲଦାର ବି ମିଳୁନାହାଁନ୍ତି । କ୍ଷମତାର ଏପରି ଅବମୂଲ୍ୟାୟନ ସାଧାରଣତଃ ରାଜନୀତିଆ ଲୋକେ ସହି ପାରନ୍ତିନି । ସେମାନେ ଗୁପ୍ତରେ ହେଲେ ବି ବିଦ୍ରୋହ କରନ୍ତି । ୱାର୍ଡ-ମେମ୍ବରରୁ ଏମ୍‌ପି ଯାଏ, ଯେଉଁଠି ହେଲେ ହାତ ମାରି ଦେବେ ।

ନବୀନ ପ୍ୟାରୀଙ୍କୁ କାହିଁକି ଡରିବେ ? କାରଣ ଦଳ ଓ ସରକାରରେ ସବୁ କାମ ହେଉଥିଲା ତାଙ୍କ ନିର୍ଦ୍ଦେଶରେ ଏବଂ ମୁଖ୍ୟମନ୍ତ୍ରୀ ଖାଲି ସାଇନ୍ କରୁଥିଲେ । ଇଏ ଚାଣକ୍ୟଙ୍କଠୁଁ ବି ଅଧିକ ଗୁପ୍ତମାରୁ ହୋଇ ପାରିବେ । । ତା’ପରେ ନବୀନଙ୍କ ପାଇଁ ନିଜ ରକ୍ଷଣ ଅସମ୍ଭବ ହେବ । ସେମିତି କିଛି ହେଉନି । ତାଙ୍କ ଧମକ ପ୍ରେସ୍-ମିଟ୍‌ରୁ ମୋଟେ ଆଗକୁ ଯାଉନି । ନବୀନ ନିଦାବିଷ୍ଣୁ ପରି ତୁନି ହୋଇ ବସିଛନ୍ତି । କି ଗ୍ରହାଚାର – ତାଙ୍କୁ ଦଳରୁ ସସ୍‌ପେଣ୍ଡ୍ କଲେ, ଅଥଚ ଚାର୍ଜସିଟ୍ ଦେଉ ନାହାଁନ୍ତି !

କର୍ମଚାରୀକୁ ହଇରାଣ କରିବାକୁ ଇଏ ଏକ ପ୍ରକାର ସେକ୍ରେଟେରିଏଟ୍ କୌଶଳ । ରାଜନୀତିକୁ ଏ ଆଇଡିଆ ଇମ୍ପୋର୍ଟ କଲେ ପ୍ୟାରୀ ମୋହନ ଏବଂ ଏ ମନ୍ତ୍ରରେ ନବୀନଙ୍କ ନାଁ ନେଇ ସେ ବହୁ ଶତ୍ରୁ ଦମନ କଲେ । କଛା ଟେକି ସେଠି ବିଛୁଆଟି ବାଡ଼େଇବା ପରି ଏ ଯାତନା । ବିଜୟ ମହାପାତ୍ର କି ଦିଲୀପ ରାୟ ମଧ୍ୟ ‘ସୋ-କଜ୍ ନୋଟିସ୍’ ପାଇ ନ ଥିଲେ ।

ସେଥିକି ଅଭିନନ୍ଦନ ସଂଖ୍ୟା ୧୪୭ (ମୁଖ୍ୟମନ୍ତ୍ରୀ ବି ଇନ୍‌କ୍ଲୁଡେଡ) ହେଉ ପଛେ, ବାକି ସବୁ ଆଶା ଚୋପା !

(୧୮.୪.୧୩.)

Digitized by srujanika@gmail.com

ଛାଇ ନାଚ

କାୟାଠାରୁ ମଣିଷ ମାୟାକୁ ଅଧିକ ଡରେ। କାରଣ ବି ଅଛି । ଯାହାକୁ ସ୍ୱଚକ୍ଷୁ ଦେଖେ - ମନରେ ତା'ର ଦମ୍ଭ ଥାଏ ସେ ତାକୁ ମିତ୍ର କରି ପାରିବ ବା ବଶ କରି ପାରିବ ବା 'ଇଗ୍‌ନୋର୍' (ଅଣଦେଖା) କରି ପାରିବ। ତହୁଁ ଟପିଲେ, ଲଢ଼େଇ କରି ପାରିବ । ପୁଣି, ହାରିବା ପରି ଡାଉଟ୍ ହେଲେ ସରେଣ୍ଡର୍ ବି କରି ପାରିବ। ମାତ୍ର ଅଦେଖା ଉପରେ ତା'ର ଅକ୍ତିଆର ନାହିଁ। ତେଣୁ ଆମେ ବେଶି ଡରୁ ଛାଇକୁ।

ବୈଜ୍ଞାନିକମାନେ କହନ୍ତି ଯେ ନିଃସଙ୍ଗତା ମଣିଷକୁ କେବଳ ଦର୍ଶନ, କବିତା, ଧର୍ମ, ଶାସ୍ତ୍ର ଶିଖାଏନି; ସମାନ ଭାବେ ବଦମାସି ବି ଶିଖାଏ । ତେଣୁ ଶାସ୍ତ୍ର କହେ, ବରଂ ଆଖଡ଼ା କି କୀର୍ତ୍ତନ କର - ମନ ମୋଟେ ନିରେଳା ରଖନି । ସଇତାନ ପଶି ଯିବ। ଥରେ ପଶିଲେ, ଏହାର ବିରାଜିତ ରୂପ ଅଦ୍ଭୁତ। କେତେବେଳେ ମିଡାସ୍ ରାଜା ସୁନା ପାଇଁ ଓ ପାଇ ପାଗଳ ହୁଏ ତ ଆଉ କେତେବେଳେ ବିଲ୍ୱମଙ୍ଗଳ ଅସମ୍ଭବ କ୍ଳେଶ ସହି ବେଶ୍ୟାକୁ ଭେଟେ।

ଉଦାହରଣ ରୂପେ 'ଚୁପ୍-ସଇତାନ୍' ଆମର ଗୋଟିଏ ବଢ଼ିଆ ଶବ୍ଦ । ସେହି ଅଦେଖା ଇଲାକାର ଛାଇ ତଳେ ଥାଏ ଲୋକଜଣକ । ସେ ପାପ ପ୍ରବାହୀ 'ସଇତାନ୍' - ମାନେ ଚୋର ତସ୍କର ଦୁଶ୍ଚରିତ୍ର କ୍ରୁର କିଛି ନୁହେଁ। ଧର୍ମ କର୍ମ ସବୁ ସୁଚାରୁ ରୂପେ କରୁଥାଏ। ପରିଚୟର ଭଦ୍ରପଣରେ ଟିକେ ଧୂଳି ଲାଗେନି। କିନ୍ତୁ ଚାନ୍ସ ପାଇଲେ, ସଇତାନୀ କରି ପାରେ। ଧରା ନ ପଡ଼ିଲେ ଭଦ୍ର, ଧରା ପଡ଼ିଲେ ଆରମ୍ଭ ହୁଏ ବାତ୍‌ଫୁର୍‌ସି।

ଆମର ଅତି ମାନ୍ୟ ଉତ୍କଳ ୟୁନିଭର୍ସିଟି ବିଚକ୍ଷଣତା ସହକାରେ ଭାବିଲା ଯେ ୨୦୧୩ ସମାବର୍ତ୍ତନରେ ଅନ୍ୟମାନଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧିରେ ଭୂଷିତ କରିବ । କାରଣ

Digitized by srujanika@gmail.com

ସେ ରାଜ୍ୟରେ ତେର ବର୍ଷ ଧରି ସଫଳ ଭାବେ ମୁଖ୍ୟମନ୍ତ୍ରୀ ରହିଛନ୍ତି । ଶୁଣୁଶୁଣୁ ଏ କଥାଟା ଆମକୁ ଶୁଖୁଆ ଦୋକାନ ଡକ୍ଟରେଟ୍ ପରି ଲାଗିଲା । ପରୀକ୍ଷା ଚଳେଇ ପାରୁନଥିବା ବା ଠିକ୍ ସମୟରେ ରେଜଲ୍ଟ ବାହାର କରିବାକୁ ଅକ୍ଷମ ବା ଥେସିସ୍ ଚୋରିରେ ଡକ୍ଟରେଟ୍ ଦେଉଥିବା ପରି ଏକ ବିଶ୍ୱବିଦ୍ୟାଳୟ ଜଣେ ଗଣତାନ୍ତ୍ରିକ ମୁଖ୍ୟମନ୍ତ୍ରୀଙ୍କ ସଫଳତା ଆକଳନ କରି ତାଙ୍କୁ ସାର୍ଟିଫିକେଟ୍ ଦେବ - ନିଛକ ତେଲ ମାରିବା ଛଡ଼ା ଏଥିରେ ଆଉ କିଛି ବିଚକ୍ଷଣତା ଥିବା ଦେଖାଯାଉ ନାହିଁ । ୟୁନିଭର୍ସିଟି - ସମସ୍ତେ ଆଶା ଓ ବିଶ୍ୱାସରେ ଅନାନ୍ତି । ତାହା ରାଜନୀତିର ଟଙ୍କାକିଆ ଚାଉଳ ପରି ଦେଖା ନଯିବା ଉଚିତ। ଯଦି ଏ ପ୍ରସ୍ତାବ ହଁ ହୋଇଥା'ନ୍ତା, ତା'ହେଲେ ନବୀନଙ୍କ ନାଁ ଏଣିକି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଡକ୍ଟର ଜୟ ଲଳିତା ପରି ଶୁଭୁଥା'ନ୍ତା ! ନବୀନ ରାଜ୍ୟବାସୀଙ୍କର କେତେ ପ୍ରିୟ ତାହା କେବେ ବି ୟୁନିଭର୍ସିଟିକୁ କେହି ପଚାରିବେନି । ବରଂ ଆମେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ କହିବୁ । ସେ ଏପରି ହାସ୍ୟାସ୍ପଦ ପ୍ରସ୍ତାବକୁ ରିଜେକ୍ଟ କରି ନିଜ ଇମେଜ୍ ଓ ରାଜ୍ୟର ଇଜ୍ଜତ - ଉଭୟ ରକ୍ଷା କରି ପାରିଛନ୍ତି । ମୁଖ୍ୟମନ୍ତ୍ରୀ କାହିଁକି 'ରିଜେକ୍ଟ' କଲେ - ଆଶା କରିବା ଯେ ସେ କଥାକୁ କାର୍ପେଟ ତଳେ ନ ଲୁଚେଇ ସିଣ୍ଡିକେଟ୍ ଏବଂ / ଅଥବା କୁଳପତି ଆଉ ଥରେ ଆଲୋଚନା କରନ୍ତୁ ଏବଂ ଏପରି ମନୋନୟନର 'ରେସନେଲ୍' ଦୟାକରି ପବ୍ଲିକଙ୍କୁ ଜଣାନ୍ତୁ ।

ଛାଇ ନାଚର ଆଉ ଗୋଟେ ଉଦାହରଣ - କେନ୍ଦ୍ର ଅବହେଳା ପ୍ରତିବାଦରେ ୨୬ ଏପ୍ରିଲରେ (ଆଜି) ବିଜୁ ଜନତା ଦଳର ଓଡ଼ିଶା ବନ୍ଦ-ଓରଫ୍-ହରତାଳ ଡାକରା । ରାଜୁତି କରୁଥିବା ଦଳ ବନ୍ଦ ଡାକିବ - ଏହାର ପରିଣତି ଜଣା। ତେଣୁ ନିଜେ ସରକାର ହୋଇ ବଦମାସି ନ କରିବାକୁ କୋର୍ଟର ଶକ୍ତ ବାରଣ ଅଛି । ଏ କଥା ମାନେ କିଏ ? ତାହା ଆଉ ଏକ ଗଣତାନ୍ତ୍ରିକ ପ୍ରଶ୍ନ। ଯାହାହେଉ, ସଦ୍‌ବୁଦ୍ଧି ଉଦୟ ହେବା ପରି ଗତ ମଙ୍ଗଳବାର ଦିନ ତରବରିଆ ଭାବେ ଦଳର ବରିଷ୍ଠ ନେତାମାନେ ମିଶି କହିଲେ - ନାଇଁ ଇଏ ବନ୍ଦ ନୁହେଁ - 'ହରତାଳ' । ତାହା କେମିତି ପାଳନ କରାଯିବ, ତହିଁର ସୂଚୀପତ୍ର ଘୋଷଣା କଲେ। ମାତ୍ର ଅନ୍ୟ ସବୁ ଅଭିଯୋଗ - କେନ୍ଦ୍ରର ଓଡ଼ିଶା ବିରୁଦ୍ଧରେ ପାତର ଅନ୍ତର, ରାଜ୍ୟ ପାଇଁ ସ୍ୱତନ୍ତ୍ର ମର୍ଯ୍ୟାଦା, ପୁଞ୍ଜିର ଅସମ ବିତରଣ ଇତ୍ୟାଦି ଆଗ ପରି ବର୍‌କରାର୍ ରହିବ। ଏହାପରେ ସମ୍ଭବତଃ ମୁଖ୍ୟମନ୍ତ୍ରୀ ତାଙ୍କ ଚିରାଚରିତ ଅଭ୍ୟାସରେ କେନ୍ଦ୍ରକୁ 'ଚିଠି' ଲେଖିବେ !

ଅଣ୍ଡା କିଆ ହେଲେ ଆମଲେଟ୍ ପାଇଁ ଯୋଗ୍ୟ ନୁହେଁ ଏବଂ ପୋଚ୍ କି ପୁଡିଂରେ ବି ଗନ୍ଧାଏ । ସେମିତିକା ଭାଗ୍ୟ ହୋଇଛି ବିଜଦ 'ହରତାଳ'ର ।

(୨୬.୪.୧୩)

Digitized by srujanika@gmail.com

୧

ଅ ତ ନୁ ତ ନୁ ସେ ବା କା ହିଁ କି କ ଲୁ ମ ନ ?

ପୁରାଣ : ବିଚରା କାମଦେବ । ଯାଇତାଇ ନୁହଁନ୍ତି, ଋଗ୍‌ବେଦର ଦେବତା । ସ୍ୱ-କର୍ମ କର୍ତ୍ତବ୍ୟ ପାଳନ କରିବାକୁ ସେ ଶିବଙ୍କ ଆଗରେ ନାଚିଲେ ଓ ଫୁଲବାଣ ମାରିଲେ । ମହାପ୍ରଭୁଙ୍କ ଧ୍ୟାନ ହଲଚଲ୍ ହେଲା । ଏମିତି ଅନେଇଲେ ଯେ କନ୍ଦର୍ପ ଏକାଥରେକେ ପୋଡ଼ି ଭସ୍ମ । ତନୁ ଅତନୁ ହୋଇଗଲା ।

ଅଭିଶାପ ବିରୁଦ୍ଧରେ ସେଦିନ କାମଦେବ ବି ଆପତ୍ତି କରିଥିଲେ ଶିବଙ୍କ ପାଖରେ । 'ମୁଁ ଆଉ ଦେଖାଯିବିନି ତ ! ତେଣୁ ଅନ୍ୟ ଦେବାଦେବୀଙ୍କ ପରି ଓପନ୍‌ଲି ପୂଜା ପାଇବିନି । କିନ୍ତୁ ସିକ୍ରେଟ୍ ପୂଜା - ହଣ୍ଡ୍ରେଡ୍ ପର୍ସେଣ୍ଟ୍ ଗ୍ୟାରେଣ୍ଟେଡ୍ । ହେ ମହାଦେବ - ତମ ଅଭିଶାପ ଭାରି ଭଲ ହୋଇଛି । କେତେବେଳେ କାହାକୁ ଦଂଶିବି କେହି ଜାଣି ପାରିବେନି । କେତେ ଦେବତା କେତେ କାମ କରନ୍ତି । ସେମିତି ମୋ ଦାୟିତ୍ୱ - ପ୍ରାଣୀ ମନେ ପ୍ରୀତି ପ୍ରସାରିବି ଓ କାମ ଜଗାଇବି - ମୁଁ କରୁଥିଲି । ତମେ ତପସ୍ୟା କରୁଚ ବୋଲି ମୁଁ କାହିଁକି ଛାଡ଼ିଥା'ନ୍ତି ? ଯିଏ ନିଜ ଲୟରେ ରହିବା କଥା ସିଏ ମୋ ଆଡ଼େ ଅନେଇଲା କାହିଁକି ? ଯାହାର ବଳ ବେଶି ତା କଥା ଆଇନ । ଏ ଚିରନ୍ତନ ସତ୍ୟକୁ ବିଶ୍ୱାସ କରି ତମ ତ୍ରୁଟି ପାଇଁ ମୁଁ ଦଣ୍ଡ ପାଇବି । ହଉ, ଠିକ ଅଛି ।'

ଗଲା ତ କନ୍ଦର୍ପ - ସେଇଦିନୁଁ ଲୁଚିଗଲା । ଶିଷ୍ଟାଚାର ଯୋଗୁ ସେ ଶିବଙ୍କୁ କହିପାରି ନଥିବ - ଏଥର ତମେ ଥାଅ ତମ ବାଟରେ । ମୁଁ ବି ତମକୁ ଦେଖିନେବି । ସେତେବେଳେ ତମେ ବି ମତେ ଦେଖିପାରୁ ନଥିବ ଯେ !' ତା'ପର କାହାଣୀ - ଶିବ-ପାର୍ବତୀ ପ୍ରେମ । (ଶିବପୁରାଣ)

ଦେଶରେ ଚାଲୁଥିବା ନାରୀ ଅତ୍ୟାଚାର ବିରୁଦ୍ଧରେ କି ଠୋସ୍ ପଦକ୍ଷେପ ନିଆଯିବା ଉଚିତ ? ଏ ପ୍ରଶ୍ନ ଆମକୁ ପଚାରିଛନ୍ତି ସୁଶ୍ରୀ ନମିତା ପଟ୍ଟନାୟକ । ସେ ହାଇକୋର୍ଟ ଓକିଲ । ତାଙ୍କ ପ୍ରଶ୍ନର ସଂକ୍ଷିପ୍ତ ଉତ୍ତର ସମ୍ଭବ ନୁହେଁ କହିବା ପରେ ମହାଶୟା ଏକ ପ୍ରଶ୍ନାବଳୀ ଦେଇଛନ୍ତି । ତାଙ୍କ ସହିତ ଯାହା ଭାବ ବିନିମୟ

Digitized by srujanika@gmail.com

ହୋଇଛି ତହିଁର ଯଥେଷ୍ଟ ସମାଜିକ ପ୍ରାସଙ୍ଗିକତା ଥିବାରୁ ପାଠକଙ୍କ ସହ ସେୟାର୍ କରିବାକୁ ଚାହୁଁଛୁ। ଦୟାକରି ସମସ୍ତେ ନିଜ ବିବେଚନାରେ ବିଚାର କରନ୍ତୁ। ତାଙ୍କ ପ୍ରଶ୍ନ :

୧. 'ଧର୍ଷଣ ଭଳି ଭୟାବହ କାର୍ଯ୍ୟ କେବଳ ଆଇନ୍ ଦ୍ୱାରା ରୋକି ହେବ କି ?'

ଆମ ଉତ୍ତର : ନା।

୨. 'ମଣିଷ କ୍ଷେତ୍ରରେ ପୁରୁଷ-ପ୍ରଧାନ ମାନସିକତା ଏତେ ତୀବ୍ର ଉତ୍କଟ କାହିଁକି ?

ଉ: ଅଭ୍ୟାସ ଓ ପରମ୍ପରା ଦାଉ ସହିବାକୁ ସମସ୍ତେ ବାଧ୍ୟ।

୩. 'ଏ ପ୍ରକାରର ଅପରାଧ ରୋକିବା କ୍ଷେତ୍ରରେ ଆମର 'ସିଭିଲ୍ ସୋସାଇଟି' କି ଭୂମିକା ନିର୍ବାହ କରିପାରିବ ?'

ଉ: ଦୁର୍ଭାଗ୍ୟ, ଏନଜିଓଗୁଡ଼ିକୁ ଛାଡ଼ିଦେଲେ, ଓଡ଼ିଶାରେ ସିଭିଲ୍-ସୋସାଇଟି ବୋଲି କିଛି ନାହିଁ। ଏବଂ ଯଦି ଅଛି ବୋଲି କେହି ଦାବି କରନ୍ତି, ମୋ ଧାରଣା ସେଗୁଡ଼ିକ ଖବରକାଗଜ ବିବୃତି ଓ ସ୍ଲୋଗାନ ବ୍ୟତୀତ ଆଉ କିଛି କରନ୍ତିନି।

୪. 'ଆମର ମନୋରଞ୍ଜନ ମାଧ୍ୟମ ଗୁଡ଼ିକରେ ଓ ବିଜ୍ଞାପନ ପ୍ରସାରଣରେ ନାରୀକୁ ଯେଉଁଭଳି ଦ୍ରବ୍ୟ ରୂପେ ବ୍ୟବହାର କରାଯାଉଛି ସେ ସଂପର୍କରେ ଆପଣଙ୍କର ମତ କ'ଣ ?

ଉ: ମୋର ଏଥିପାଇଁ ପାଲଟା ପ୍ରଶ୍ନ - ନାରୀ କାହିଁକି ବ୍ୟବହୃତ ହେଉଛି କି ?

୫. 'ଧର୍ଷଣକାରୀକୁ କେଉଁ ଦଣ୍ଡ ଦେବା ସମୀଚୀନ ହେବ ?'

ଉ: ୩୭୬ ଆଇପିସି କମ୍ ଥିଲା କି ? ଭାରତୀୟ ଆଇନର ଦୁର୍ଗତି ହେଲା ଯେ ଗୋଟିଏ ପରିଚାଳନା କରି ନ ପାରିଲେ ତାକୁ ସଜାଡ଼ିବାକୁ ନୂଆ ଆଇନ ତିଆରି ହୁଏ ଏବଂ କଚେରିରେ ଅଳିଆ ବଢ଼େ।

୬. 'ସମଗ୍ର ସମାଜରେ କି ପ୍ରକାରର ମୂଲ୍ୟବୋଧଗତ ପରିବର୍ତ୍ତନ ଆସିଲେ ଧର୍ଷଣ ମାନସିକତାକୁ ଅଟକାଇ ହେବ ?'

ଉ: ନୈତିକ।

୭. 'ନାରୀ ବ୍ୟକ୍ତିଗତ ଭାବରେ ନିଜ ମର୍ଯ୍ୟାଦାର ସୁରକ୍ଷା ପାଇଁ ଅସ୍ତ୍ର ଧରିବାର ଅଧିକାର ପାଇବା ଉଚିତ୍ କି ?'

ଉ: ଭଲ ହୁଅନ୍ତା। ଏ ଅଧିକାର ଏବେ ବି ଅଛି। (ରାଇଟ୍ ଟୁ ଲାଇଫ୍, ଅନର୍ ଏଣ୍ଡ୍ ପ୍ରପର୍ଟି)

୮. 'ସବୁ ଧର୍ମରେ, ସବୁ ସମାଜ ବ୍ୟବସ୍ଥାରେ ଧର୍ଷିତାକୁ ନ୍ୟୂନ କରି ଦେଖାଯାଏ ଓ ତାର ଦୋଷ ତ୍ରୁଟି କଢ଼ାଯାଏ । ଧର୍ଷକ ବା ଧର୍ଷଣକାରୀ ଗର୍ବରେ ଛାତି ଫୁଲାଇ ଚାଲେ ଏପରି ହେବାର କାରଣ କ'ଣ ?'

ଉ: ଏହା ଏକ ନିରୁପାୟ ଦୁଃଖ। ସେଥିପାଇଁ ଧର୍ମ ବା ସମାଜକୁ ଦାୟୀ କରିବା ଏକ ଦାୟିତ୍ୱହୀନ କଥା।

୯. 'ଧର୍ଷଣକାରୀ ଆଇନ ଅନୁଯାୟୀ ଦଣ୍ଡ ପାଇଲେ ଧର୍ଷିତା ଉପଯୁକ୍ତ ନ୍ୟାୟ ପାଇ ପାରିଛି କି ?'

Digitized by srujanika@gmail.com

ଉ: ଅବସାଦ ଛଡ଼ା ଧର୍ଷିତା କି ନ୍ୟାୟ ପାଏ ? ନ୍ୟାୟ ସମାଜ ଦିଏ - କୋର୍ଟ ନୁହେଁ। କୋର୍ଟ କେବଳ ଦଣ୍ଡ ଦେଇପାରେ। ଏତିକି ଆମର ବୁଝିବା ଦରକାର କି ନା ?

୧୦. 'ସ୍ୱଳ୍ପ ପୋଷାକ ପରିଧାନ ଯଦି ନାରୀ ପାଇଁ ଅଶାଳୀନ ତେବେ ପୁରୁଷ ଆଣ୍ଠୁ ନଲୁଚା ଗାମୁଛା କିମ୍ବା ଲୁଗାଟିଏ ପିନ୍ଧି ବୁଲିପାରେ କେଉଁ ନୈତିକତାରେ ?'

ଉ: ନୂଆ 'ଶାଳୀନତା' ଓ 'ନୈତିକତା' ମଣିଷକୁ ଶିଖାଇବା ଶକ୍ତି ଏ ଧରାରେ କାହାରି ନାହିଁ।

୧୧. 'ଧର୍ଷଣକୁ ରୋକିବା ପାଇଁ କରାଯାଉଥିବା ଆଇନ କଡ଼ା ହେବା ଉଚିତ୍ ! ଭବିଷ୍ୟତରେ ଏହାର ଦୁରୁପଯୋଗ ହେବାର ସମ୍ଭାବନା ଅଛି କି ?'

ଉ: ଅଲବତ୍।

୧୨. 'ଧର୍ଷଣକାରୀକୁ ଧର୍ଷିତା ସହିତ ବିବାହ କରାଇ ଦେଲେ ସମସ୍ୟା ସୁଧୁରି ଯିବ ବୋଲି କେହିକେହି ମନେ କରନ୍ତି, ଏ ପ୍ରକାରର ଉଦ୍ଭଟ ବିଚାର ସଂପର୍କରେ ଆପଣଙ୍କର ମତ କ'ଣ ?'

ଉ: ବେଳେବେଳେ କାମ କରେ ଯେ ମାତ୍ର ତାହା ଅସଭ୍ୟ ପ୍ରାୟ ଶୁଭୁଛି।

୧୩. 'ଧର୍ଷିତାର ଏଫ୍.ଆଇ.ଆର ରଖିଲା ବେଳେ ପୋଲିସ୍ ଅନେକ କ୍ଷେତ୍ରରେ ବଡ଼ ଅଶାଳୀନ ବ୍ୟବହାର କରେ ଏ ସଂପର୍କରେ ଆପଣଙ୍କର ମତ କ'ଣ ?'

ଉ: ପୁଲିସକୁ ଆକଟରେ ରଖିହେବ। ଏ କ୍ଷେତ୍ରରେ ସିଭିଲ୍-ସୋସାଇଟିର ଯୋଗଦାନ ଜରୁରୀ।

୧୪. 'ଧର୍ଷଣକାରୀ ଆଇନ ଅନୁଯାୟୀ ଦଣ୍ଡ ପାଇଲେ ଧର୍ଷିତା ଉପଯୁକ୍ତ ନ୍ୟାୟ ପାଇପାରିଛି କି ?'

ଉ: ମୋ ମତରେ, ମର୍ଯ୍ୟାଦା ଏବଂ ନ୍ୟାୟ ଏକାକଥା ନୁହେଁ।

'ରେପ୍' ଯୋଗୁ ସମାଜ ଆଜି ବିଭତ୍ସତାର ଆର୍ତ୍ତନାଦରେ ଦୁଲୁକୁଛି । ଏବଂ ବୁଝିବା ମୋଟେ ଆଶ୍ଚର୍ଯ୍ୟ ନୁହେଁ ଯେ ଯିଏ ଦୁଲୁକୁଛି ସେଇ କରୁଛି ବିଭତ୍ସତା। ଏ ପ୍ରସଙ୍ଗ ବହୁ ଆଲୋଚନାକୁ ଅପେକ୍ଷା ରଖେ । ସୁଶ୍ରୀ ପଟ୍ଟନାୟକଙ୍କ ଚେଷ୍ଟା ସଫଳ ହେଉ ।

(୨୭.୪.୧୩)

Digitized by srujanika@gmail.com

ଚା କି ରି

ରିସ୍କ୍ - ଡିଉଟି : ଫିଫ୍‌ଟି - ଫିଫ୍‌ଟି

'ଭାଉଜ' - ମନ, ଚେତନା, ଅକଲ, ଆଇନ ସବୁ ପାଇଁ ଏହା ଏକ ମୋହାବିଷ୍ଟ ଶବ୍ଦ । ମା'-ଷ୍ଟାଣ୍ଡାର୍ଡରେ - ଟିକେ ତଳକୁ। ମାଇପ-ମାପରେ - ହିସାବ ନାହିଁ । ଏକଲବ୍ୟ ପରି କଅଁଳ ମନକୁ ଡିସ୍‌ଟାନ୍ସ ଏଜୁକେସନ୍‌ରେ ନାନା ବିଦ୍ୟା ଅବିଦ୍ୟା ଶିଖାନ୍ତି। ଭାଉଜ ନ ଥିବା ଦିଅରର ଜୀବନ ଗୁଳୁରାତି ବିନା ଖିଲିପାନ ପରି। ଅକସ୍ମାତ୍ ଯଦି ତାଙ୍କଆଡୁ ୪୯୮-ଏ ନାଲିସ ହୁଏ ତା' ହେଲେ ସେଥିରେ ଦିଅରଙ୍କ ନାଁ ନିଶ୍ଚୟ ଥାଏ। ତେଣୁ ଏଇ ନାଁକୁ 'ପାଣି' ପରି ଇତର ଭାବି ଫୋପାଡ଼ି ହୁଏନି କି 'ପଣା' ପରି ଗରିଷ୍ଠ ଭାବି ପିଇ ହୁଏନି। ଯୁଦ୍ଧ କି ସନ୍ଧି ନ ହେବା ପର୍ଯ୍ୟନ୍ତ, ଭାଉଜଙ୍କ ସହ ସହାବସ୍ଥାନ ଅଲବତ୍। ରୁଚି-ଅରୁଚି : ଫିଫ୍‌ଟି-ଫିଫ୍‌ଟି।

ସଂପର୍କର ଆଡ଼ି-ବନ୍ଧ ଭାଙ୍ଗିଲାବେଳେ ତଳ ସୁଅରେ ମୂଲ ଅମୂଲ କେତେ ଚିଜ ଭାସି ଯାଏ।

ଗତ ଶୁକ୍ରବାର ରାଷ୍ଟ୍ରପତି 'ସେକ୍ସୁଆଲ୍ ହାରାସ୍‌ମେଣ୍ଟ ଅଫ୍ ଉଇମେନ୍ ଆଟ୍ ୱାର୍କପ୍ଲେସ୍ (ପ୍ରିଭେନ୍‌ସନ୍, ପ୍ରହିବିସନ୍ ଏଣ୍ଡ ରିଡ୍ରେସାଲ୍) ବିଲ୍, ୨୦୧୩ରେ ସହି ମୋହର ମାରି ସମ୍ମତି ଜଣାଇଛନ୍ତି । ତା' ମାନେ, ଏ କଥା ଏଣିକି ଆଇନ ହେଲା। କର୍ମସ୍ଥଳୀରେ 'ଯୌନ-ଉତ୍ପୀଡ଼ନ'କୁ ଧର୍ତ୍ତବ୍ୟ ଅପରାଧ ଭାବେ ବିଚାର କରାଯିବ । ଏପର୍ଯ୍ୟନ୍ତ ଏ କାମ ୧୯୯୭ରେ ସୁପ୍ରିମକୋର୍ଟର ଏକ 'ଆଡ୍‌ଭାଇଜରି-ନୋଟ୍' (ଉପଦେଶିକା) ଜରିଆରେ ଚାଲିଥିଲା । 'ଚାଲୁଥିବା'ଠାରୁ ନ ଚାଲୁଥିବାର ବହୁ ଉଦାହରଣ ଆମେ ଦେଖିବାକୁ ପାଉ।

ରାଉରକେଲା ଇସ୍ପାତ କାରଖାନାର ସେହିପରି ଏକ ଅଭିଯୋଗ। କାରଖାନା ପିଏସୟୁ - ମାନେ ସବୁ ରକମ ସରକାରୀ। ୨୦୧୨ ଡିସେମ୍ବର,

Digitized by srujanika@gmail.com

୪ ତାରିଖ। ପ୍ରିଣ୍ଟ-ମିଡ଼ିଆ ପ୍ରଚାରର ଧୂଳି ଉଡ଼େଇଲା। ଭିନ୍ନ କାରଣରୁ ଟିଭି ସେଥିରେ ଡାଇରେକ୍ଟଲି ପଶି ପାରିଲାନି। 'ସୂର୍ଯ୍ୟପ୍ରଭା' ଏ ଖବର ଆଡ଼ବାଙ୍କରେ ବି ଛୁଇଁ ନ ଥିଲା। ମହିଳାଜଣକ ଶାସକଦଳର ଜଣେ ପ୍ରମୁଖ ନେତ୍ରୀ। ସେକ୍ଟର-୩ ଥାନାରେ ସେ ଅଭିଯୋଗ କଲେ ଯେ ପ୍ରାୟ ପାଞ୍ଚ ବର୍ଷ ତଳୁ କମ୍ପାନିର ଜଣେ ବଡ଼ ଅଫିସର ତାଙ୍କୁ 'ସେକ୍ସୁଆଲି ହାରାସ୍' କରୁଛନ୍ତି। ଯଥା - ଅକାରଣରେ ଚ୍ୟାମ୍ବରକୁ ଡାକିବା। ନିଜ 'ବିଫଳ' ବୈବାହିକ ଜୀବନ ସଂପର୍କରେ ନାନା ମନ ଗଢ଼ା କଥା ଶୁଣେଇବା। ଯାହାର ପ୍ରମୁଖ ଲକ୍ଷ୍ୟ - ଆଇ ଏମ୍ ସେକ୍ସ-ଷ୍ଟାର୍ଭଡ୍ - କାମ-ଜ୍ୱାଳାରେ ଜଳୁଛି - ମତେ ରକ୍ଷା କର ! ତମେ ମତେ 'ସେକ୍ସି' ଲାଗୁଛ - ଏପରି ବହୁ ଭାଣ୍ଡ କାମୁକ-ବାଣୀ। କ୍ରମେ ବାବୁ ତାଙ୍କ ଘରକୁ ଆସିବା ଆରମ୍ଭ କଲେ । ଆହୁରି ମୁକ୍ତ ଏବଂ ଆହୁରି ସମର୍ପିତ ହେଲେ ଏ ନାରୀଙ୍କ ପାଦ ତଳେ। ପଦବୀର ତାରତମ୍ୟ ଏତେ ଯେ ଦୁହିଁଙ୍କ ଭିତରେ ଦେଖା ହେବା ବି ଦରକାର ନ ଥାଏ ।

'ସାର୍, ଆପଣ ଯଦି ଜଳୁଛନ୍ତି, ଏ ନିଆଁ ପାଇଁ ମୁଁ କେମିତି ଫାୟାର-ବ୍ରିଗେଡ୍ ହେବି ?' ମହିଳା ସାହସ ସଞ୍ଚି ତାଙ୍କୁ ଏତିକି ପଚାରି ପାରିଲେନି, ମାତ୍ର ସହକର୍ମୀ ଓ ପଡ଼ୋଶୀଙ୍କ ଚୁପ୍‌ଚାପ୍ ଶୁଣିଲେ । ଅଶ୍ୱସ୍ତିକର ଲାଗୁଥିଲେ ବି ସହୁଥା'ନ୍ତି। ସେ ନିଜ ଉପରିସ୍ଥ ଅଫିସର (ପ୍ରପୀଡ଼କର କାହିଁ କେତେ ଅଧସ୍ତନ) ଓ ପୁରୁଷ ମହିଳା ସହକର୍ମୀଙ୍କୁ ଦୁଃଖ ଜଣାନ୍ତି। ସମସ୍ତଙ୍କ ସାଧୁ ଉପଦେଶ - ନଈରେ ରହି କୁମ୍ଭୀର ସାଙ୍ଗରେ କ'ଣ ବିବାଦ କରନ୍ତି ? କମ୍ପ୍ଲେନ୍ କରି ଲାଭ ନାହିଁ । ଅଥରିଟି କିଛି କରିବେନି । ତମେ ବରଂ ହଇରାଣ ହେବ। ଚଳେଇ ନିଅ ।

ସ୍ୱାଭାବିକ ୧୯୯୭ ସୁପ୍ରିମକୋର୍ଟ 'ଆଡ୍‌ଭାଇଜରି-ନୋଟ୍' ସେତେବେଳେ ବଳବତ୍ତର ଥାଏ। ଏମିତି ପାଞ୍ଚ ବର୍ଷ ବିତିଗଲା। ତା' ପରେ ଏଫଆଇଆର ।

ତେଣିକି ଯାହା ହେବା କଥା ହେଲା। ଅଭିଯୁକ୍ତ ହାଇକୋର୍ଟରୁ ମଧ୍ୟବର୍ତ୍ତୀ ଜାମିନ ହାସଲ ନ କଲା ପର୍ଯ୍ୟନ୍ତ ପୁଲିସ ନଜରରୁ ଲୁଚି ରହିଲା। ତେଣେ ଏଫଆଇଆର୍‌କୁ ଭିତ୍ତି କରି ଜି.ଆର୍. କେଶ୍ ହେଲା । ବେଲ୍ ପାଇ ହାକିମ ନିଜ ପଦବୀରେ ଯୋଗ ଦେଲେ ଏବଂ କୋର୍ଟରେ ତାରିଖ ଆଉ ଉଠୁନାହିଁ।

ଆଜି ଆଇନର ଏ ବିସ୍ମୟକାରୀ ଆବିର୍ଭାବ ଦେଖି ଉଲ୍ଲସିତ ହେବାରେ କିଛି ନାହିଁ । କାରଣ ଏହା ପରେ ବହୁ ଆତଙ୍କ ଖବର ଆସିବ । ଆଇନର ମଜା ଦେଖୁଥିବୁ, ମାତ୍ର ସମାଜ ବଦଳୁ ନ ଥିବ। ଆମ ପାଠପଢୁଆ ଝିଅ କି ଭଉଣୀ ମହିଳା କଲେଜରେ ଚାକିରି ଖୋଜୁଥିବେ। ପୁଅମାନେ ଖୋଜୁଥିବେ, ନାରୀ-ହୀନ ଅଫିସ୍ ଜୋନ।

(୨୯.୪.୧୩.)

Digitized by srujanika@gmail.com

ମନେ ଥାଉ ସେମିତି ସେମିତି

ମଇ ୧ - ଆନ୍ତର୍ଜାତିକ ଶ୍ରମିକ/ଶ୍ରମ ଦିବସ। ଦୁନିଆର ମଜଦୁର ଏକ ହୁଅ ବା ସେହିପରି ସ୍ଲୋଗାନ୍ ଅଲବତ୍ ଶୁଣିବାକୁ ମିଳେ। ଶ୍ରମିକ ଜୁଟେଇ ନେତାମାନେ ଏ ଦିନର ଐତିହାସିକ ମାହାତ୍ମ୍ୟ ବୁଝାନ୍ତି। ଆଇ-ମା'କୁ ଲେବର୍ ପେନ୍ ଶିଖାଇବା ପରି ସେମାନେ ଶ୍ରମିକକୁ ଶ୍ରମ ଶିଖାନ୍ତି। ଦିବସ ପାଳନ ହୁଏ ସ୍ୱାଭାବିକ ଅଭ୍ୟାସରେ। 'ଇନ୍‌ଷ୍ଟ୍ରୁମେଣ୍ଟ୍ ନେଗୋସିଏବ୍ଲ୍' ଆଇନରେ ଚକ ଅଖ ସବୁ ବନ୍ଦ। ମାନେ - ଛୁଟି।

ମଣିଷ ମନସ୍ତତ୍ତ୍ୱର ଏକ ନମ୍ବର ନିୟମ ହେଲା - ଯାହା ମିଳିଯାଏ, ସେଥିରୁ ଆଉ ଅଧିକ ସନ୍ତୋଷ ମିଳେନି। ମୁକ୍ତ ଜଳର କୌତୁକ ମାଛ ଥରେ ବନିଶିରେ ପଡ଼ିଲେ କେହି ତାକୁ ଆଉ ଜିଅଳ ଖୁଆନ୍ତିନି। ଆବଶ୍ୟକତା ଓ ପ୍ରାପ୍ତି ଭିତରେ ଏପରି ପ୍ରତିଯୋଗିତା ଅନବରତ ଚାଲୁଥାଏ। ତାହା ହିଁ ଗୋଲ ପୃଥିବୀରେ କାଳକୁ ବୁଲେଇ ଆମକୁ 'ମଣିଷ' କରିଛି। ସେଥିରେ ଶ୍ରମ ଓ ଶ୍ରମିକ, ମାଲିକ ଓ ନୌକର ସମସ୍ତେ ଅଛନ୍ତି। 'ଶ୍ରମ' ପାଇଁ ବିପ୍ଳବ, ଆନ୍ଦୋଳନ, ଇତିହାସ ଓ ବିବର୍ତ୍ତନର ବହୁ ପାହାଚ ଚଢ଼ି ଆଜି ଆମେ 'ମଇ ଦିବସ' ପାଳୁଛୁ। ଏହା ବହୁ ୟୁରୋପୀୟ ଦେଶରେ ବସନ୍ତ ଉତ୍ସବ ଭାବେ ପାଳନ କରାଯାଏ। ସେହି ଦିନକୁ 'ଶ୍ରମ ଦିବସ'ରେ ରୂପାନ୍ତରିତ କରିପାରିଛି ଶ୍ରମିକର ବଳ। ଶ୍ରମିକ ସବୁ କାଳରେ ବଳୁଆ ଓ ବୁଦ୍ଧିଆ ଥିଲା ଏବଂ ସମୂଳେ ନିପାତ ନ ହେବା ପର୍ଯ୍ୟନ୍ତ ସେମିତି ରହିବ ମଧ୍ୟ। ମଝିରେ ମଝିରେ ଶ୍ରମର କ୍ୱାଲିଟି ବଦଳି ଯାଉଥିବ। ଏହାର ପରିଣାମରେ କେତେ ଝଡ଼ି ଯାଉଥିବେ ବି।

ଛୋଟ ଉଦାହରଣଟେ ମନେ ପକେଇ ପାରିବା। ୭୦ ଦଶକରେ ଆରମ୍ଭ ହୋଇ ୨୦୦୪-୦୫ ଯାଏଁ ସାରା ଭାରତରେ ରାଜ୍ କରିଥିଲା - ପିସିଓ ଏସ୍‌ଟିଡି ବୁଥ୍। ଆଜି ସେ ବେପାରର ବିଣ୍ଡ ବୁଡ଼ି ଯାଇଛି। ସେଥିରେ ବିନିଯୋଗ

Digitized by srujanika@gmail.com

ହେଉଥିବା ଶ୍ରମ ଓ ଶ୍ରମିକ ଗଲେ କୁଆଡ଼େ ? ବିବର୍ତ୍ତନର ଦାଉ ସହି ସେଥିରୁ ବଞ୍ଚିଲେ କେତେ ବା ମଲେ କେତେ - ଏହାର ଠିକ୍ ରୂପ ଇତିହାସର ବଖାଣିବା ଶକ୍ତି ନାହିଁ। ମୋଟାମୋଟି କହି ଦିଏ - ଏତେ ବର୍ଷ ଚାଲିଲା ବା ଅମୁକ କାରଣ ଯୋଗୁ ବନ୍ଦ ହେଲା। ଏ ଶକ୍ତି ଅଛି - ସାହିତ୍ୟର। ଗର୍କିଙ୍କ 'ମଦର୍' ଉପନ୍ୟାସରେ ଯୁଗ ଯୁଗର ଚେତନା ଲିପିବଦ୍ଧ । ସେଥିରୁ କମ୍ୟୁନିଜିମ୍ ବା ସୋସାଲିଜ୍‌ମ ପରି ବହୁ ପ୍ରୟାସ ପାଇଁ ପ୍ରେରଣା ମିଳି ପାରେ। ମାତ୍ର ସେମିତି ହେବ - ଏପରି କୌଣସି ତାତ୍କାଳିକ ଆଶା ରଖି ସେ ଲେଖି ନ ଥିଲେ । ସବୁ କାମ ହେଉ ହେଉ ହୋଇ ଯାଏନା, ସେଥିରୁ ଅନେକ କରିବାକୁ ପଡ଼େ।

ଭାରତରେ ଶ୍ରମର ଅବସ୍ଥା ନିହାତି ଅଲଗା । ପ୍ରଥମତଃ, 'ଶ୍ରମ' କାହାକୁ କୁହାଯାଏ - ଏକଥା ଚିହ୍ନଟ କରିବାକୁ ଏଯାବତ୍ ସରକାର ସକ୍ଷମ ହୋଇ ପାରିନାହାଁନ୍ତି । ସ୍ୱାଧୀନତା ପୂର୍ବର ସାମାଜିକ ଚଳଣିରେ 'ଶ୍ରମ' ପ୍ରାୟ ଗୋଟେ ଷ୍ଟାଇଲ୍‌ରେ ପରିଚାଳିତ ହେଉଥିଲା। ବ୍ରିଟିଶ୍ ସରକାରର ତା ସହିତ କିଛି ଲେଣଦେଣ ନ ଥିଲା । ୧୯୨୩ରେ ଶ୍ରମିକ-କ୍ଷତିପୂରଣ ଆଇନ ତିଆରି କଲାବେଳେ ସରକାର ଅନୁଭବ କରିଥିଲେ ଯେ ଦେଶର ବିଭିନ୍ନ ସ୍ଥାନରେ ଶିଳ୍ପ ସୃଷ୍ଟି ହେଉଛି ଏବଂ କୃଷି, ଅଭାବୀ ଛାଡ଼ି ଶ୍ରମିକ ଦଉଡ଼ିଛନ୍ତି ସେଆଡ଼କୁ। ସେଠି ଦୁର୍ଘଟଣା ହୁଏ। 'ମୁନିମ୍‌ଜୀଙ୍କ କୁର୍ବାନି' ଆଶା ଛଡ଼ା ଶ୍ରମିକ ନିଜ ଭାଗ୍ୟ ଆଦରି ବଞ୍ଚେ ବା ମରେ। ଶିଳ୍ପର ଦରଦ ନ ଥାଏ । ସେ ଚାଲୁଥାଏ ନିଜ ବାଟରେ। ସେତେବେଳକୁ ଶିଳ୍ପରେ ମାଲିକାନା ଭାରତୀୟଙ୍କ ଅଧିକାରକୁ ଆସିଲାଣି ।

ସରକାର ଭାବିଲେ, ଶିଳ୍ପପତିଙ୍କୁ ଆକଟ କରାଯିବା ଦରକାର । ଲାଗୁ ହେଲା ଭାରତରେ ପ୍ରଥମ ଶ୍ରମ-ଆଇନ 'ୱାର୍କମ୍ୟାନ୍ସ କମ୍ପେନ୍‌ସେସନ୍ ଆକ୍ଟ, ୧୯୨୩'। ସେତେବେଳେ ସରକାର ଗୋଟେ ବଡ଼ ପ୍ରତିବନ୍ଧକ ହାବୁଡ଼ିଲେ। ଦେଖିଲେ ଯେ ଇଣ୍ଡଷ୍ଟ୍ରି ଧମାଧମ୍ ଚାଲୁଛି, ଅଥଚ କାହାରି ଶ୍ରମିକ-ରେକର୍ଡ ନାହିଁ। ସେଇଠୁ ନୂଆ ଆକଟମାନ ଆରମ୍ଭ ହେଲା । ମଝିରେ ଆସିଲା ସ୍ୱାଧୀନତା । ସମୁଦାୟ ଆଇନ କପି-ପେଷ୍ଟ୍ ହେଲା । ଶ୍ରମ ଆଇନ ବି। ଇନ୍ଦିରାଙ୍କ ଜରୁରୀ ଶାସନ ବେଳକୁ ଆଇନରେ 'ଶ୍ରମିକ' ନାଁଟା ମର୍ଯ୍ୟାଦାବନ୍ତ ହୋଇ ପଡ଼ିଲା। ସମସ୍ତେ କହିଲେ - ଆମେ ଶ୍ରମିକ ହେବୁ। ଯେତେ ଯିଏ ପାରିଲେ, କର୍ମଚାରୀ ମେଳିକୁ ୟୁନିଅନ କହି 'ଶ୍ରମିକ' ହୋଇଗଲେ । ଆଇଏଏସ ଅଫିସର ବି ଆସୋସିଏସନକୁ ୟୁନିଅନ ପରିକା ଭାବିଲେ।

୧୮୮୬ ସିକାଗୋରେ ଶ୍ରମିକଙ୍କ ଉପରେ ପୁଲିସ ବର୍ବରତା ବା ସେପରି ଆହୁରି କେତେ ଆଖ୍ୟାନ ଶୁଣୁଛୁ । ଆମ ପାଇଁ ଜୁଲାଇ ୧, ୧୯୨୪ (କ୍ଷତିପୂରଣ ଆଇନ ଲାଗୁ ହେବା ଦିନ) ବି କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଶ୍ରମ ମଣିଷ ପାଇଁ ପ୍ରତି ଦିନର ପ୍ରତିଜ୍ଞା ।

(୧.୫.୧୩.)

Digitized by srujanika@gmail.com

ଚେତନା ବିକ୍ରୟ କେନ୍ଦ୍ର

ବାୟ ଓ୍ୱାନ୍ ଗେଟ୍ ଓ୍ୱାନ୍ ଫ୍ରି

ସତ୍ୟଯୁଗ । ପୁତ୍ର ବଶମ୍ବଦ ଏବଂ ଜ୍ଞାନ ପାଇଁ ପ୍ରବଳ ପିପାସୀ ବୋଲି ଠଉରେଇ ବାପା କହିଲେ - ପୁଅରେ, ପ'ଢ଼ । ଶ୍ୱେତକେତୁ ଚାଲିଲା ଉଦ୍ଦାଳକ ଋଷିଙ୍କ ଆଶ୍ରମକୁ । କ୍ରମେ ଗୁରୁ ଅନୁଭବ କଲେ ଯେ ଇଏ ତ କମାଲ୍ ଛାତ୍ର ! ବେଦ, ଉପନିଷଦ, ଶାସ୍ତ୍ର, ସୂକ୍ତି ଯାହା ଥରେ ଶୁଣୁଚି ସବୁ ମନେ ରଖି ଦେଉଛି । ମାନେ, ପୂରା କୋର୍ସ ଗୋଟେ ସେମିଷ୍ଟାର୍ ବା ତା'ଠୁଁ କମ୍ ସମୟରେ ଶେଷ ! ଗୁରୁ ହାମୁଡ଼େଇ ପଡ଼ିଲେ । ଏହି ସ୍ପିଡ୍‌ରେ ଚାଲିଲା ଶ୍ୱେତକେତୁଙ୍କ ପାଠପଢ଼ା । ଦିଗ ବିଦିଗ ବିସ୍ତରିଲା ତାଙ୍କ ଯଶ ।

ଦିନେ ଗୁରୁ ବିସ୍ମୟ-ଛାତ୍ରକୁ ଏକାନ୍ତରେ ଡାକି କହିଲେ, 'ବାପରେ ଶପଥ କଲେ ମୁଁ ଗୋଟେ ସିକ୍ରେଟ୍ କହନ୍ତି ।'

ଶ୍ୱେତକେତୁ କହିଲା, 'ଗଡ୍-ପ୍ରମିଜ୍, ଗୁରୁଦେବ ।'

ଗୁରୁ କହିଲେ, 'ଯେତେ ସମ୍ଭବ ସବୁ ବିଦ୍ୟା ଓ ଜ୍ଞାନ ମୁଁ ତତେ ଶିଖାଇ ସାରିଲିଣି । ତୋ ଆଗରୁ କେତେ ଶିଷ୍ୟ ଏଠୁ ପାଶ୍-ଆଉଟ୍ ହୋଇଛନ୍ତି । କାହାରିକି ଏତେ ଶିଖେଇ ନଥିଲି । ତତେ ଆଉ ଶିଖାଇବାକୁ ମୋ ପାଖରେ ନୂଆ କିଛି ନାହିଁ । ଦେଖ ବାପ, ଇଏ ମୋ ଇମେଜ୍ ପ୍ରଶ୍ନ । ତୁ ଏଠି ଘଷି ହେଉଥିବୁ, ମୁଁ ନୂଆ କିଛି ପଢ଼େଇ ପାରୁ ନ ଥିବି - ଲୋକ ଡାଉଟ୍ କରିବେ ନା ନାଇଁ ? ଆମ ଗୁରୁକୁଳ ନାଁ ପଡ଼ିବ । ତୁ ଏଠି ପାସ୍, ଟି.ସି, କ୍ୟାରେକ୍ଟର ସାର୍ଟିଫିକେଟ୍ - ସବୁ ପାଇଲୁ । ଏବେ ଆଶ୍ରମ ଛାଡ୍ । ସୁସ୍ଥ ନିରାମୟ ଜୀବନ ବଞ୍ଚିବାକୁ ତୁ ଏକଦମ୍ ଫିଟ୍ । ହଁ, ଯଦି ଜ୍ଞାନରେ ବଢ଼ିବାକୁ ଚାହୁଁ - ଆଉ କୋଉ ଗୁରୁକୁଳକୁ ଯା ।'

ଗୁରୁଙ୍କ ପ୍ରଶଂସାକୁ ଶ୍ୱେତକେତୁ ଅକ୍ଷରେ ଅକ୍ଷରେ ଅନୁଭବ କଲା, ମାତ୍ର

Digitized by srujanika@gmail.com

ଟିକେ ଓଲଟା ପ୍ରକାରେ । ତା' ମନରେ ପଶିଲା - ଗୁରୁ କହିଛନ୍ତି, ତେଣୁ ମୁଁ ସବୁ ଜାଣିଛି !

ଆଶ୍ରମରୁ ଫେରିଲାବେଳେ ଦୂରରୁ ବାପା ଉଦ୍ଦାଳକ ପୁଅର ହାବଭାବ ନିରେଖୁଥିଲେ । ସେ ଉଦ୍ଧତପ୍ରାୟ ଲାଗୁଥିଲା । ବାପାଙ୍କ ପାଦ ଛୁଇଁ ଶ୍ୱେତକେତୁ ପ୍ରଣାମ କଲା । ଏବେ ସେ ପୁଅକୁ ଆହୁରି ପାଖରୁ ଦେଖିଲେ । ଋଷି ଭାବିଲେ - ହ୍ୟାତ୍ ବାର ବର୍ଷର ତପସ୍ୟା ଶୁଖୁଆ ଝୋଳରେ ଶେଷ । ଶ୍ୱେତକେତୁ ଭାବିଛି ଯେ ସେ ସବୁ ଜ୍ଞାନ ହାସଲ କରି ସାରିଛି । ଗଲା । ସର୍ବନାଶ । ତାକୁ ଅହଂ ଗ୍ରାସିଛି ।

ପୁଅକୁ ଦିନେ ବାପା ତିନୋଟି ପ୍ରଶ୍ନ ପଚାରିଲେ । ୧. ତୁମକୁ କେଉଁ ବିଦ୍ୟା ଶିଖାଇଲା ଯେ ଆଗକୁ ଆଉ କିଛି ବିଦ୍ୟା ନାହିଁ ବୋଲି ? ୨. କେଉଁ ଜ୍ଞାନରେ ଦୁଃଖ ନାଶ ହୁଏ ? ଏବଂ ୩. ଯାହା ପଢ଼େଇବା ସମ୍ଭବ ନୁହେଁ, ଗୁରୁ କ'ଣ ତମକୁ ସେକଥା ବି ପଢ଼େଇ ପାରିଛନ୍ତି କି ?

'ସତ ଉତ୍ତର ଦେ' । ତୁ କେତେ ଜ୍ଞାନୀ ହୋଇଛୁ ଆପେ ଜଣା ପଡ଼ିବ । ମନ୍ତ୍ର ରଟିବା ଯୋଗ୍ୟତାରେ ଜ୍ଞାନ ମପା ଯାଏନି ।'

ଶ୍ୱେତକେତୁଙ୍କ ଉତ୍ତରରେ ସେ ତୃପ୍ତ ହେଲେ ନାହିଁ । ଆଗକୁ ପଢ଼ିବୁ ଯା, କହି ତାଙ୍କୁ ଆଉ ଥରେ ପଠେଇ ଦେଲେ । ସଟ୍‌କଟ୍‌ରେ କହିଲେ - ପଢ଼ିବାକୁ ଯାଇ ସେଠୁ ମୁଣ୍ଡ ବିଗାଡ଼ି ଫେରିଚୁ । ମନରେ ଅହଂ ରହିଲେ ମଣିଷ ତ ହେବୁନି, ଜ୍ଞାନୀ ହେବୁ କେମିତି ? ଦେଖିବୁ - ଯେତେବେଳେ ଜାଣିବା ଇଚ୍ଛା ମନରେ ଆପେ ଉଠିବ, ତୁ ଘରକୁ ବାହୁଡ଼ି ଆସିବୁ । ବାକି ବିଦ୍ୟା ମୁଁ ପଢ଼େଇ ଦେବି ।

ଶାସ୍ତ୍ର କହୁଚି, ଚେତନା କୁଆଡ଼େ ବ୍ରହ୍ମ ପରି ଅଦୃଶ୍ୟ । ଯୋଜନା ନାଁ ନେଇ ପୋଷ୍ଟର ମାରିଲେ ତାହା ଦେଖା ଯାଏନା । ଧରାଯାଉ, 'ନରେଗା'ରେ ମହାତ୍ମା ଗାନ୍ଧି ମିଶିବାରୁ ଯୋଜନାର ନାଁ 'ମନରେଗା' ହୋଇଗଲା । ଅନ୍ୟାନ୍ୟ ଗାନ୍ଧିଙ୍କ ଆକୁଏରିଅମରେ ଏ ଗାନ୍ଧିଙ୍କ ନାଁ ନୂଆ ବଢ଼ିପାଣିରେ ଢାଆଁଳ ପରି ବଢ଼ିଲେ । ନାଁ ବ୍ୟବାହାର କରି ବିଶିଷ୍ଟମାନଙ୍କ ଚେତନାକୁ ବେଇଜ୍ଜତ କରିବା - ଏହା ଆମ ଡେମୋକ୍ରାସିର ଫେସନ । ସୋନିଆ ଗାନ୍ଧି କହିବେ - ମହାତ୍ମା ଗାନ୍ଧିଙ୍କ ଚେତନା ବା ମାୟାବତୀ କହିବେ - ବାବାସାହେବ ଆମ୍ବେଦକର କ'ଣ ଭାବିଥିଲେ ।

ଆମ ରାଜ୍ୟରେ ଚେତନା ବିକ୍ରିର ଗୋଟେ ନୂଆ କାଉଣ୍ଟର ଖୋଲିଛି । ଏଠି 'ବିଜୁ ଚେତନା' ରେସନ୍‌ରେ ମିଳେ । ଏ ଚେତନା ଯିଏ ନେବ, ତା ପାଇଁ ସରକାରୀ ବିଜୁ ଜନତା ଦଳର ମେମ୍ବରସିପ୍ ଫ୍ରି । ଏପରି ସଭ୍ୟ-ସଂଗ୍ରହ ଅଭିଯାନ ନିକଟରେ ମୁଖ୍ୟମନ୍ତ୍ରୀ ନିଜେ ମେମ୍ବର ଟିକଟ କାଟି ଶୁଭାରମ୍ଭ କରିଛନ୍ତି । କାରଣ ଆଗକୁ ସାଧାରଣ ନିର୍ବାଚନ ତ !

(୩.୫.୧୩.)

Digitized by srujanika@gmail.com

ବି ନ୍ଦୁ ବି ସ ର୍ଗ

'ବିନ୍ଦୁ' - ବେଦରେ ଏହା ନ୍ୟାସ ଶବ୍ଦ । ଇଏ ନାହିଁ ତ ମନ୍ତ୍ର ନାହିଁ । ମାନେ, ହାଇକ୍ଲାସ୍ ପବିତ୍ର । 'ବିସର୍ଗ' - ମନ ଇଚ୍ଛା ଚାଲୁଥା' - ଯେତେ ଆଗକୁ ସମ୍ଭବ । ତା' ମାନେ, ମଣିଷ ଯେତେ ଟାଣ ହେଲେ ବି ସେ ଏ ଦୁଇ ଅବସ୍ଥା ଭିତରେ ବଞ୍ଚିବାକୁ ବାଧ । ଫସିଲ କି ହାଡ଼-ଗଦା ତଳୁ ଫୁଲଟିଏ ଆପେ ବାହାରେ । ଏ ବିଶ୍ୱାସ ନ ଥିଲେ ଦାରୁଣ ସଂସାରରେ ମଣିଷ ତିଷ୍ଠି ପାରନ୍ତାନି ।

ଭାରତରେ ଠାକୁର କାହିଁକି ସଂସ୍କୃତ ବୁଝନ୍ତି ବା କୁକୁର କାହିଁକି ଇଂଲିଶ ବୁଝେ ? ଏ ସମାଧାନର ତତ୍ତ୍ୱ କେଜାଣି ପଣ୍ଡିତଙ୍କୁ ଜଣା ଥିବ । ଦ୍ୱିତୀୟ ପ୍ରଶ୍ନଟି ଥରେ ଜଣେ ଡୋମେଷ୍ଟିକ୍-ଡଗ୍ ଟ୍ରେନରଙ୍କୁ ପଚାରିଥିଲି । ସେ କହିଲେ, 'ଏ କୁକୁରଙ୍କ ଜିନ୍ ଅଲଗା । ସେମାନେ ଇଂଲିଶ କମାଣ୍ଡ୍ ମା' ପେଟରୁ ଶିଖିଛନ୍ତି - ଯେମିତି ଗର୍ଭରେ ଅଭିମନ୍ୟୁ ବ୍ୟୂହ-ଭେଦ ବିଦ୍ୟା ଶିଖିଥିଲା । ତା ପାଖରେ ରହିବାକୁ ହେଲେ ପୂରା ଟ୍ରେନିଂ ନ ନେଲେ ଇଏ ଆପଣଙ୍କୁ ଅଭିମନ୍ୟୁ କରି ଦେବ । ଇଏ ଜର୍ମାନ ସେଫାର୍ଡ - ଟୁ ଟୁ ଫୁ ଫୁ କିଛି କରିବେନି । କାମୁଡ଼ି ପକେଇବ ।'

ମାତ୍ର ଗେହ୍ଲାରେ ଟୁ ଟୁ କଲେ ଗାଁ କୁକୁର ଲାଙ୍ଗୁଡ଼ ହଲେଇ ପାଖକୁ ଦଉଡ଼ି ଆସେ । ଏ ଡାକରେ 'ନରେଗା' ପରି ଗ୍ୟାରେଣ୍ଟି ନ ଥାଏ । ବଳିଲା ତ ଦିଆହେଲା - ନ ହେଲେ, ନୋ ଟୁ ଟୁ ! ଭାଷା ବୁଝିବାକୁ ଖାଲି ସେମାନଙ୍କର 'ଜିନ୍' ଅଛି ଆଉ ଏମାନଙ୍କର ନାହିଁ - ଏମିତି ତ ମୋତେ ଲାଗୁନି । କେତେ ଲୁଜ୍ କଣ୍ଟ୍ରାକ୍ଟ, କେତେ ହୀନିମାନିଆ ବ୍ୟବହାର । ତେବେ ବି, ଓଡ଼ିଆ ତେଲୁଗୁ ବଂଗଳା ମାରୁୱାଡ଼ୀ ଯାହାହେଉ ପଛେ - ଆମ କୁକୁର ତା ଦାତାର ଭାଷା ବୁଝେ । ଇଏ ବି ତ 'ଜିନ୍' । କୋଉ 'ଜିନ୍' ଭଲ ?

ଖାଦ୍ୟ, ସ୍ୱାସ୍ଥ୍ୟ, ବାସ ଓ ବିଳାସ ସବୁ ପାଇଁ ଫରେନ କୁକୁର ଫୁଲ୍ଲି ସିକିଓର୍ଡ । କାର୍ତ୍ତିକପୁନେଇଁ ହେଲେ ବି ମାଲିକ ଛେଞ୍ଚଡ଼ା ସଂଗ୍ରହ କରିବାକୁ ଶାଗୁଆତି

Digitized by srujanika@gmail.com

ଦୋକାନକୁ ଯାଏ। ଯାଙ୍କ ରହିବା ପାଇଁ ଅଲଗା ଘର। ଶୋଇବା - ନିଜ ଇଚ୍ଛାରେ। ଦୁଇ କରନ୍ତି ବଛା ଜାଗାରେ। ଜଗିବାକୁ ସାଙ୍ଗରେ ଲୋକ ଥାଏ। ପ୍ରେମ ପାଇଁ ପାର୍ଟନର୍ ଯୋଗାଡ଼ ଦାୟିତ୍ୱ ମାଲିକର। କାମ ତାଲିକାରେ ଆଉ କିଛି ନାହିଁ। ନିହାତି ଦରକାର ହେଲେ - କେତେବେଳେ ଟିକେ ଭୋ ଭୋ। ନ ହେଲେ, ଘରର ଚୌହଦୀ ଭିତରେ ବସିଥିବେ, ନବାବ ପରିକା କି ବୁଲୁଥିବେ ଲୋଲୁପ ଦୁଷ୍ଟ ରାଜପୁତ୍ର ପରି। ଘରର ସମସ୍ତେ ତାକୁ ଗେହ୍ଲା କରିବେ କିମ୍ବା ଦୂରେଇ ରହିବେ। ଏଥିରୁ ଗୋଟିଏ ଘରେ ରଖିବାକୁ ହେଲେ ତା ସାଙ୍ଗରେ ରହୁଥିବା ଛୁଆଠୁଁ ବୁଢ଼ା ସମସ୍ତଙ୍କୁ ଏକା ଟ୍ରେନର୍‌ଠାରୁ ଟ୍ରେନିଂ ନେବାକୁ ପଡ଼େ।

ଜେଜେମା' କହିଲେ, 'ଯାଉନା, ମୋ ପାଟିରେ ଏ ଖୋଲ୍‌ଟି କଥା ପଶିବନି। ତମେ ତାକୁ ଆମ କଥା ଶିଖେଉନା ?'

ଟ୍ରେନର୍‌ଙ୍କ ବୁଦ୍ଧି ବଣା। ଢେର ଭାବିଚିନ୍ତି ସେ କହିଲେ, 'କୌଣସି କାରଣରୁ ଇଏ ଯଦି ପାଖକୁ ଦଉଡ଼ି ଆସେ ଆପଣ ଖାଲି ତାକୁ 'ଷ୍ଟପ୍-ଷ୍ଟପ୍' କହି ପାରିବେନି ? ଏଇ ଗୋଟିଏ ଶବ୍ଦ ଶିଖନ୍ତୁ। ମୁଁ ତାକୁ ଟ୍ରେନିଂରେ ସେମିତି ଶିଖେଇ ଦେବି। କୁକୁର ପାଇଁ ନାତି ନାତୁଣୀଙ୍କ ଆଗ୍ରହ ଅନୁଭବ କରି ଜେଜେମା' କହିଲେ - ହଉ। କିନ୍ତୁ ସେ ମଲାଯାଏ ଥରେ ବି 'ଷ୍ଟପ୍' କହି ପାରି ନଥିଲେ। ଷ୍ଟୁ ଷ୍ଟା ଠୋ ଠା ଏମିତି କହି କାମ ଚଳେଇ ଦେଲେ। କୁକୁର ଓ ଜେଜେମା' କେହି ନିଜ ଭାଷା ଛାଡ଼ିବାକୁ ନାରାଜ ହେଲେ ବି ସହାବସ୍ଥାନ ସମ୍ଭବ ହେଲା କେମିତି ?

ଜେଜେଙ୍କ ସ୍ୱର୍ଗବାସ ପରେ ମାମାଙ୍କ ମନ ସତକୁସତ ସଂସାର ଛଡ଼ା ବୈରାଗୀ ପରି ହୋଇଗଲା। କେଡ଼େ ବୁଦ୍ଧିଆରା ସେ, ଜେଜେଙ୍କ ପରି ପ୍ରବଳଙ୍କୁ ଆଙ୍ଗୁଠିରେ ନଚୋଉଥିଲେ। ଏ ସଂସାର ସଂପତ୍ତି ନିଜ ହାତରେ ଗଢ଼ିଛନ୍ତି। ତାଙ୍କୁ ସମ୍ଭାଳିବା ଘରେ ସମସ୍ତଙ୍କୁ କଷ୍ଟ ଲାଗିଲା। ମନ ଭୁଲେଇବାକୁ ସେ ନାନା ଅଜଣା ପୂଜାକୁ ଦରକାରୀ ଘୋଷଣା କରି ପାଳିଲେ। ବହୁ ବ୍ରତ ଉପାସ କଲେ। ପୁରାଣ ଓଷାବହି ପଢ଼ିଲେ। ତା ପରେ ବି ସମୟ ବଳିଲା। ବନ୍ଧୁବାନ୍ଧବ ଘର ବୁଲିଲେ। ନିଜ ସଂସାରରୁ ମନ ହଟେଇ ଏବେ ପର ଘରେ ମାମଲତି କଲେ। ଭାଇମାନେ ବଞ୍ଚିଥିବା ବେଳେ ବାପଘରକୁ ଯାଉ ନ ଥିବା ଜେଜେମା' ପୁତୁରାମାନଙ୍କ ସଂସାର ଦେଖିବାକୁ ଯାଇଥିଲେ। ସେଠି କ'ଣ ଗୋଟେ କହିଦେଲେ। ତାଙ୍କ ସାନ ଭାଇଙ୍କ ଦି' ପୁଅ ନିହାତି ଅଲଗା କାରଣରୁ ଭିନେ ହେଲେ। କିନ୍ତୁ ଦୋଷ ଗଲା, ଯାଙ୍କ ମୁଣ୍ଡରେ। ପିଲାମାନଙ୍କୁ ଏକଥା ଭଲ ଲାଗୁ ନଥିଲା। ଏ ଅବସ୍ଥାରୁ ନିସ୍ତାର ପାଇବାକୁ ହେଲେ ସେ କୁଆଡ଼େ ନ ବୁଲି ଘରେ ରହିବା ଭଲ। ଆହୁରି ଯେତେ ଇଚ୍ଛା ସେତେ ନୂଆ ଠାକୁର ଆବିଷ୍କାର କରନ୍ତୁ। ମାତ୍ର ତାଙ୍କୁ ଏ କଥା କହିବ କିଏ ?

କୁକୁର ଆସିବା ପରେ ଏ ସମସ୍ୟାର ସମାଧାନ ହୋଇଗଲା। ସେ ନିଜ ରୁମ୍, ଠାକୁର ଘର ଇତ୍ୟାଦି ଛାଡ଼ି ପଦାକୁ ଗଲେ ନାହିଁ। ତା'ପରେ ସେ ଟିଭି ସିରିଏଲର କଥାବସ୍ତୁ ଟିଟ୍ ବାଇ ବିଟ୍ ମନେ ରଖିଲେ। ତାଙ୍କ ସୁରକ୍ଷା କି ପବିତ୍ରତା କିଛି ମାରା ହେଲାନି ଏବଂ କୁକୁର ବି ଓଡ଼ିଆ ବୁଝିବା ଶିଖିଲାନି।

(୪.୫.୧୩.)

Digitized by srujanika@gmail.com

ଲକ୍ଷ୍ୟ

'କହ ଗୁରୁ କାହାକୁ ବିନ୍ଧିବି'

'କୋଶେ ପରିଯନ୍ତେ ନେଲେ ବନ କାଟି ।
କୁଣ୍ଡଳା ନାମେ ଦେଖିଲେ ଏକ ପର୍ବତ ଗୋଟି ॥
ସେ ପର୍ବତ ଉପରେ ଥିଲା କୃଷ୍ଣ ଅଗ୍ର ବୃକ୍ଷେ ।
ନାରାଚେ ଅଧେକ ତାହା ଛେଦିଲେ ପ୍ରତକ୍ଷେ ॥
ସେ ଖମ୍ବ ଉପରେ ବସାଇଲେ ଖଡ଼ିକା ଗୋଟିୟେ ।
ତହିଁର ଉପରେ ବସାଇଲେ ଶୃଙ୍ଗଧାନ ଗୋଟିୟେ ॥
ତହିଁର ଉପରେ ଗରଗଡ଼ ଗୋଟିୟେ ଯେ ଥୋଇ ।
ଗରଗଡ଼ ଉପରେ ଶୋରିଷ ଗୋଟିୟେ ବସାଇ ॥'
ଅର୍ଜୁନ କହିଲେ -
'ଖମ୍ବକୁ ବନ୍ଧିବି କି ଖଡ଼ିକାକୁ ବିନ୍ଧିବି ।
କହ ଗୁରୁ ହେ ଶୃଙ୍ଗଧାନକୁ ନାରାଚ ସନ୍ଧିବି ॥
ଗରଗଡ଼କୁ ବିନ୍ଧିବି କି ସୋରିଷକୁ ବିନ୍ଧିବି ସନ୍ଦେହେ ।
କାହାକୁ ବିନ୍ଧିବି ମୋତେ ଆଗ୍ୟାଂ ହେଉ ଗୁରୁ ହେ ॥'
(ଆଦି ପର୍ବ: 'ଯୁଧିଷ୍ଠିରାଦିଙ୍କ ଅସ୍ତ୍ର ପରୀକ୍ଷା' ଅଧ୍ୟାୟ)

ଲକ୍ଷ୍ୟ ଥାପିବା ଏବଂ ତାହା ହାସଲ ପାଇଁ ଉଚ୍ଛନ୍ନ ହେବା - ଏହା ମୁଦ୍ରାର ଏପଟ ସେପଟ। ଗୋଟିଏ ଥିଲେ ଆରଟି ନିଶ୍ଚୟ ଥାଏ। ସାଧୁ ସନ୍ଥ ବୈରାଗୀ ବ୍ରହ୍ମଚାରୀ - ଏସବୁ ବିବେଚନା କିଛି ନାହିଁ। ସନ୍ଥଙ୍କର 'ଗୋଲ୍' ଥାଏ ତ ଚୋରର ବି 'ପ୍ଲାନ୍' ଥାଏ। ପବିତ୍ର ବା ଅପବିତ୍ର - ଭିନ୍ନ ଏକ ପ୍ରସଙ୍ଗ।

ଲକ୍ଷ୍ୟଭେଦ ଟ୍ରେନିଂ କାଳରେ ଅର୍ଜୁନଙ୍କ 'ଚଢ଼େଇ ଆଖି' ଗପ ପରି ସାରଳା

Digitized by srujanika@gmail.com

ମହାଭାରତରେ ଏହା ଆଉ ଏକ ଉଦାହରଣ। ରାଜପୁତ୍ରଙ୍କ ଶିକ୍ଷକ ହେବାକୁ ଭୀଷ୍ମଙ୍କ ଅନୁରୋଧ ଶୁଣି ଦ୍ରୋଣାଚାର୍ଯ୍ୟ ଶଙ୍କି ଗଲେ। କହିଲେ - ହଁ ମହାତ୍ମନ୍, ସେ ଆଚାର୍ଯ୍ୟର ଜୀବନ ଧନ୍ୟ ଯିଏ ଶିଷ୍ୟକୁ ଯେମିତି ଯୁଦ୍ଧ ଶିଖାଏ, ସେମିତି ପ୍ରେମ ଶିଖାଇ ପାରେ। ଆପଣ ଯେଉଁ ଦାୟିତ୍ୱ ଦେଉଛନ୍ତି, ସେଥିରୁ ମୁଁ ଗୋଟେ ବିଦ୍ୟା (ପ୍ରେମ-ବିଦ୍ୟା) ତ ମୋଟେ ଶିଖାଇ ପାରିବିନି । କାରଣ କୁରୁରାଜା ଧୃତରାଷ୍ଟ୍ରଙ୍କ ପାରିଷଦ ରୂପେ ଜାଣେ ଯେ ସେମାନେ ନିଜ ଭିତରେ ହାଣମାର ହେବାକୁ ଯୁଦ୍ଧ ଶିଖୁଛନ୍ତି। 'ମୁଁ ଆଜ୍ଞା ଫୁଲ୍ ଟିଚର୍‌ଟେ । ହାଫ୍ ଟିଚିଙ୍ଗ୍ କେମିତି ଦେବି ? ଯଶ କ୍ଷତିଗ୍ରସ୍ତ ହେବ ଏବଂ ଏହା ହେବ ମୋ ପାଇଁ ପାପ। ମାଫ୍ କରନ୍ତୁ। ଆଉ କାହାକୁ ବୁଝନ୍ତୁ। ମୋ ଦେଇ ହବନି।'

ଭୀଷ୍ମଦେବ କହିଲେ, 'ନଥିଙ୍ଗ୍ ଡୁଇଙ୍ଗ୍ - ନିୟତିର ବରାଦ ଅନୁଯାୟୀ ସେମାନେ ନିଜ ନିଜ ଭାଗ୍ୟ ଅବଶ୍ୟ ଭୋଗିବେ। ଆପଣ ଟିକେ କାମ ଚଳେଇ ଦିଅନ୍ତୁ । ମୁଁ କ'ଣ ବୁଝୁନି ? ଅନ୍ୟ ଗୁରୁଙ୍କ ପାଖକୁ ଗଲେ, ବଦମାସଗୁଡ଼ାକ ଚାଟଶାଳୀରେ ବାଡ଼ିଆବାଡ଼ି ହୋଇ ମରିଯିବେ। ଆପଣଙ୍କ ପାଖରେ ଅନ୍ତତଃ ସେତିକି ହେବନି । କ୍ଷତ୍ରୀୟ ପୁତ୍ର - ଯୁଦ୍ଧ କରିବେ ତ ନିଶ୍ଚୟ । ହେଲେ, ଯୋଗ୍ୟ ହୋଇ ଲଢ଼ନ୍ତୁ।'

ହସ୍ତିନା ସମ୍ରାଜ୍ୟ ଚାଲୁଥାଏ ଭୀଷ୍ମଙ୍କ କେୟାର୍-ଟେକର୍ ଗଭର୍ମେଣ୍ଟ ପରି । ରାଜା ଧୃତରାଷ୍ଟ୍ର ଅନ୍ଧ। ମାତ୍ର ତାଙ୍କ ପୁଅ ଦୁର୍ଯ୍ୟୋଧନର ଆଖି ଅଧିକା ମେଲା। ସେ ଭାବୁଥିଲା - ବାପା ଅନ୍ଧ ବୋଲି ସିନା ରାଜା ପଦ ପ୍ରକ୍ସିରେ ଚାଲୁଥିଲା। ମୁଁ ରାଜାଙ୍କ ପୁଅ, ଏବଂ ଅନ୍ଧ ନୁହେଁ। କେଉଁଠି କିଏ କାହାକୁ ଅଧିକାର ଫେରାଏ କି ? ବାପା ଥିଲା ରାଜା - ପୁଅ ହବ ଫୋକଟ୍, ଇଏ କି ନ୍ୟାୟ ? କୌରବ ପୁତ୍ରମାନେ ପାଣ୍ଡବଙ୍କ ଶତ୍ରୁ ହୋଇ ଜନ୍ମିଥିଲେ। ପାଞ୍ଚ-ଗାଁ ପ୍ରସ୍ତାବ ଦୁର୍ଯ୍ୟୋଧନ ମୂଳରୁ ଡିସ୍‌ମିସ୍ କଲା। ଆଜିର କାଶ୍ମୀର କଥା ଅନୁମାନ କଲା ପରି କହିଲା - ବିନା ଯୁଦ୍ଧେ ନ ଦେବି ମୁଁ ସୂଚ୍ୟଗ୍ର ମେଦିନୀ! ଶ୍ୟା - ସେଇଠୁ ରହି ଯୁଦ୍ଧ କରିବେ! ସେ ଚକ୍କର ଛାଡ଼। ମନରେ ଭାବିଲା - ମୂଳୁ ମାଇଲେ ଯିବ ସରି।

ଅନିଚ୍ଛୁକ ଭାବେ ଚାଟଶାଳୀ ଆରମ୍ଭ ଆଗରୁ ଦ୍ରୋଣାଚର୍ଯ୍ୟଙ୍କ ମନ ଦକଦକ ହେଲା । ସେ ଆକୁଳ ହୋଇ ପିତାମହ ଭୀଷ୍ମଙ୍କୁ ପଚାରିଲେ, 'କାଳ ମତେ ନିରପେକ୍ଷ ବୋଲି ବିଚାରିବ ତ ?'

ଭୀଷ୍ମଙ୍କ ଉତ୍ତର ଥିଲା, 'ପାପ ଅନ୍ନ ଖାଇଥିଲେ ପାପ କର୍ମ ଧାୟି!' କ'ଣ କରିବା ଆଚାର୍ଯ୍ୟ ମହାଶୟ ? ହସ୍ତିନାର ରାଜ-ସେବା ହେଉଛି ଆପଣଙ୍କ ପାଇଁ 'ଦାୟିତ୍ୱ' ଏବଂ 'ନିରପେକ୍ଷତା' - ଇଏ ହେଲା 'ପର୍ସନାଲ୍ ମୋରାଲ୍'। କିଏ ଜିତିବ, ବୁଝିପାରୁ ନାହାଁନ୍ତି ? ଅଯଥା ଭ୍ରମରେ ନ ପଡ଼ି ରାଜପୁତ୍ରମାନଙ୍କ ଶିକ୍ଷାରମ୍ଭ କରାନ୍ତୁ।'

'ପାପ ଅନ୍ନ ଖାଇଥିଲେ ପାପ କର୍ମ ଧାୟି' ବାଣୀ ମାନି ଦ୍ରୋଣାଚାର୍ଯ୍ୟ ଶିକ୍ଷକରୁ କାର୍ଯ୍ୟ ଆରମ୍ଭ କଲେ ଏବଂ ବିନାଶର ଶେଷ ଯୁଦ୍ଧରେ ଦିନକ ପାଇଁ ପ୍ରିୟ ପାଣ୍ଡବ ଶିଷ୍ୟଙ୍କ ବିରୋଧରେ କୁରୁ ସେନାର କମାଣ୍ଡର୍ ବି ହୋଇଥିଲେ।

(୬.୫.୧୩)

Digitized by srujanika@gmail.com

ପିଲାଙ୍କ ପରୀକ୍ଷା ଓ ଆଇପିଏଲ

ଧାନରେ ବାଲୁଙ୍ଗା ମିଶି ଉଠିଲେ ଚାଷ ସୁନ୍ଦର। କାରଣ ଚାଷୀ ଲାଗିଥାଏ ମାଟି ସହିତ। ବାଲୁଙ୍ଗା ନିପାତ କରିବା ତା ପାଇଁ ବ୍ରତ। ସଫଳ ହେଲେ ତା ଚାଷ ସଫଳ ହୁଏ। ଏମିତି ବହୁବିଧ ସତ୍ୟ ରହିଛି। ନିବୁଜ ଘରର କବାଟ ଖୋଲିଲେ ହାତ ମୁହଁରେ ବୁଢ଼ିଆଣି ଜାଲ ଛନ୍ଦି ହେବା ଯେପରି ପ୍ରୀତିପଦ ଲାଗେ ନାହିଁ ବା ଗର୍ଭ ନିରୋଧକ ପିଲ୍ ଖାଇ ସୁଦ୍ଧା ପାପ-ଗର୍ଭରେ ପଡ଼ିଥିବା ନାରୀ ଯେମିତି ଛଟପଟ ହୁଏ ଇତ୍ୟାଦି। କହି ହୁଏନି କି ସହି ହୁଏନି କିମ୍ବା ପଥ ହଜିଗଲେ ରହି ହୁଏନି। ଏ ଅବସ୍ଥାରେ ଅବଶ୍ୟ ଆମେ ବଞ୍ଚିବାକୁ ବାଧ ହେଉ। ପରିବର୍ତ୍ତିତ ପ୍ରାକୃତିକ ବିସ୍ମୟ ହୋଇଛି ଯେ ଜୀବଜନ୍ତୁ ରତି ପାଇଁ ଆଉ ଋତୁ ମାନୁନାହାଁନ୍ତି ଏବଂ ତହିଁର ଅପ୍ରାକୃତିକ ରୂପ ହେଲା - କ୍ରିକେଟ୍ ମ୍ୟାଚ୍ ଚାଲିଛି ସବୁ ସିଜିନ୍‌ରେ।

ପତ୍ନୀ - ଭାବବିଚାରରେ ଟିକେଟିକେ ଲିବରାଲ୍, ମାତ୍ର ଷ୍ଟ୍ରିକ୍ଟଲି ଟ୍ରାଡିସନାଲ୍। ଚାକିରି ନୂଆ, ତେବେ ବି ମାଣବସା ଗୁରୁବାର ଚାରି ପାଳି ଛୁଟି ନେବା ଉଚିତ ମଣନ୍ତି। ଭାରତରେ ନାରୀ ଚରିତ୍ର ପାଖାପାଖି ଏହିପରି ମାନସିକତା ସଂପନ୍ନ। ଏଥିପାଇଁ ଅର୍ବାନ-ରୁରାଲ୍ କି ସାକ୍ଷର-ନିରକ୍ଷର କିଛି ଭେଦ ଅନ୍ତର ନାହିଁ। ପୁତ୍ରର ମଙ୍ଗଳ ପ୍ରାର୍ଥନା କରି ନାରୀ ଓଷା ବ୍ରତ କରେ। ମାତ୍ର ଝିଅକୁ କହେ - ନିଜ ମଙ୍ଗଳ ନିଜେ ମନାସ। ଏପରି ଅଦ୍ଭୁତ 'ଲିବରାଲ୍' ମନକୁ କେବଳ ଭାରତୀୟ ନାରୀ ହିଁ ସମ୍ଭାଳି ପାରେ। ସ୍ୱାମୀ କାହିଁକି ତାକୁ ଡରିବ - ଏ କୌଶଳ ସେ ଉପନ୍ୟାସ ପଢ଼ି ବା ଇଣ୍ଟରନେଟ୍ ଦେଖି ଶିଖେନା। ମହିଳା ଥାନା, ଫ୍ୟାମିଲି-କୋର୍ଟଆଦି ବରବାଦୀ ଛାଡ଼ି ଦେଲେ, 'ମୋ ବର ମୋର' - ଏ ଜୈବିକ ଉତାପର ବିଭିନ୍ନ ବଳୟ ଡେଇଁବା ଶକ୍ତି ସାଧାରଣତଃ ପୁରୁଷର ନ ଥାଏ। 'ବରି ନେଲା ତ ହାରି ଗଲା' - ଯାହା ମଜାରେ କୁହାଯାଏ

Digitized by srujanika@gmail.com

ତାହା ସତରେ ବି ସେଇଆ । ଯିଏ ନିଜ ଘରେ ନିଜ ନାରୀ ପାଖରେ ହାରି ନ ଥାଏ, ସିଏ ସମାଜର କି କାମକୁ ଆସିବ ? ସିଏ ତ ଯାହା ନାହିଁ ତା ପାଖରେ ହାରିବ । ଏ ଅବସାଦରେ ପୁରୁଷ ହାରଜିତ୍‌ର ଯାବତ୍ ସର୍ତ୍ତ ମାନି ବଞ୍ଚିବାକୁ ବାଧ୍ୟ ।

ଜଣେ ଯୁବକର ହଟହଟା କାହାଣୀ । ନବଯୁବତୀ ପତ୍ନୀକୁ ପ୍ରେମରେ ହେଉ ବା ଡରରେ ହେଉ - ସବୁବେଳେ ଖାତିରରେ ରଖିଥାଏ । ନୂଆ ନୂଆ ବାହାଘର । ନୂଆ ନୂଆ ମଦ ପିଇଲା । ମାଇପ ପାଖରେ ସ୍ମାର୍ଟ ଲାଗୁଥାଏ । ମନ କଥା କେତେ ଡଗଡଗ କହି ହୋଇଯାଏ । ସାତ ଜନ୍ମ ଯାଇଥିଲେ ବି ଏ ବିଦ୍ୟା ପାଟିରେ ପଶି ନ ଥା'ନ୍ତା ।

ହେଲେ ଅସୁବିଧା ଥିଲା ଯେ ଝିଅବେଳୁ ବୋହୂ ମଦ ଓ ମଦୁଆ, ଉଭୟଙ୍କୁ ଭୟ କରେ । ନିଜ ମାମୁଙ୍କ ପରିବାରର ହନ୍ତସନ୍ତ ସେ ଅନୁଭବ କରି ଆସିଛି । ପାଠେଇ ଝିଅ - ନୂଆ ବୋହୂଟେ । ସରଳ ନୁହେଁ କି କୁଟିଳ ନୁହେଁ । ବର ଠିକ୍ ଚିହ୍ନା ହେଉହେଉ ସେ କହିଦେଲା - ଆଉ ଯାହା କରିବ ପଛେ ମୁଁ ସହି ଯିବି, ମଦ ମତେ ଜମାରୁ ଭଲ ଲାଗେନି । ମନେ ରଖିଥିବ ।

ସ୍ୱାମୀ ଠିକ ମନେ ରଖିଥାଏ । ଆଚରଣରେ ତ୍ରୁଟି ବିଚ୍ୟୁତି କରେ ନାହିଁ । ଦିନେ ଜଣେ ସାଙ୍ଗ କହିଲା - କିଛି ନାଇଁ ବେ, ଟିକେ ଦାମୀ ମଦ ଅଳ୍ପ ନେବୁ । ଘରେ ପଶିବା ଆଗରୁ କଷି ପିଜୁଳିପତ୍ର ଦି'ଟା ଚୋବେଇ ଦେବୁ । ଆମ ବାରିରେ ଅଛି । ଗଲାବେଳକୁ ସେଇଠୁଁ ନେଇ ଯିବୁ । ଥରେ ଦେଖ ଯଦି ସେ ଜାଣି ପାରିବ । ଯୁବକ ଟେମ୍ପ୍‌ଟେଡ୍ ହୋଇ ସେଇଆ କଲା । ସତ କଥା ଯେ ପତ୍ନୀ ଜାଣି ପାରୁ ନ ଥା'ନ୍ତି । ପରେ ଏମିତି ଦିନ ଆସିଲା, ପତ୍ନୀ କହିଲେ - ତମେ ପିଜୁଳିପତ୍ର ଚିଉଇଙ୍ଗ୍ କଲେ ଭାରି ଭଲ ଲାଗ !

ସାରା ଦେଶରେ ଚାଲିଛି ପିଲାଙ୍କ ଏଣ୍ଟ୍ରାନ୍ସଠାରୁ ସ୍କୁଲ କଲେଜ ପରୀକ୍ଷା । ଏକାସାଙ୍ଗରେ ଚାଲିଛି ଆଇପିଏଲ କ୍ରିକେଟ୍ ଓ ଟିଭିରେ ତା'ର ସିଧା ପ୍ରସାରଣ । ଏଥିପାଇଁ ଲୋକଙ୍କ ବିରକ୍ତି ଭାବ ବାରି ହେଉଛି । ପିଲାଏ ଡିଷ୍ଟର୍ବ ହେଉଛନ୍ତି । ଅର୍ଥନୀତି ବା ଖେଳନୀତି ବା ପ୍ରସାରଣ ନୀତି ଏତେ ଲିବରାଲ ହେବା ଉଚିତ କି ? ନା । ଏହା ଆକଟ କରିବାକୁ ସରକାର ହାତରେ କ୍ଷମତା ଅଛି । ଏହା ବାହାରେ ଆଉ ଗୋଟେ ପ୍ରଶ୍ନ - ଘରେ ଟିଭି ବନ୍ଦ କଲେ ଚଳନ୍ତାନି ? ଗୁରୁଜନମାନେ ସିରିଏଲ ଦେଖିବାରୁ କ୍ଷାନ୍ତ ହୋଇପାରନ୍ତିନି । ପିଲାଙ୍କୁ କହନ୍ତି - ଟିଭି ଦେଖନା, ପ୍ରିପେୟାର ହୁଅ । ସେମାନେ ମାନନ୍ତିନି । କନକନ ହୋଇ ଖେଳର ବିବରଣୀ ଆଡ଼କୁ କାନ ଡେରିଥା'ନ୍ତି ।

(୮.୫.୧୩)

ମା ଟି ମା ୟା

(ପ୍ରଣାମ ଫକୀର ହରିଚନ୍ଦନ : ୨୨।୧୨।୧୯୨୩ - ୩୦।୪।୨୦୧୩)

'ଶନୈଃ କ ପନ୍ଥା ଶନୈଃ ପର୍ବତ ଲଙ୍ଘନମ୍।' ଧୀରେ ଚାଲ, ଦେଖିବ ଯେ ତମେ ପର୍ବତ ପାରି ହୋଇଯାଇଛ।

ଗତ ୩୦ ତାରିଖ ରାତି ୧୦ଟା ପାଖାପାଖି ସୁଶ୍ରୀ ରଜତରେଣୁ ହରିଚନ୍ଦନଙ୍କଠାରୁ ଫୋନ୍ ପାଇଲି। ସେ କାନ୍ଦି କହୁଥିଲେ - ବାପା ଆଉ ନାହାଁନ୍ତି !

'ମାନେ ?' କହି ମୁଁ କ୍ଷଣେ ଅଟକି ଗଲି। କାରଣ ତହିଁର ଦୁଇ ଦିନ ଆଗରୁ ତାଙ୍କ ସହିତ ଗପ ହୋଇଥିଲି, ସେଇ ଝିଅ ରେଣୁଙ୍କ ଜରିଆରେ। ସେ ମତେ ଖୋଜିବାର ଅର୍ଥ - ନୂଆ ପୁସ୍ତକ ପ୍ରକାଶ କରିବେ। ବରାଦ୍ କରୁଥିଲେ, ଭଲ ଆର୍ଟିଷ୍ଟ୍ ଯୋଗାଡ଼ କରିବାକୁ। ମୁଁ କହିଥିଲି - ହଁ। ଜଣେ ସେଥିପାଇଁ ରାଜି ହେଲେ। ଫକୀର ବାବୁଙ୍କର ଆର୍ଟ ସଂପର୍କରେ ନାନା ସ୍ପେସାଲ ବରାଦ ଥାଏ। ଆର୍ଟିଷ୍ଟଙ୍କୁ କହିଥିଲି - ବାବୁ, ରିଜେକ୍ସନ ରିସ୍କ୍ ସବୁଠୁଁ ବେଶି। ଶୁଣୁ ଶୁଣୁ ବୁଝି ପକେଇଲା ପରି ହବନି। ସେ ଆମର ଘନିଷ୍ଠ। 'ସୂର୍ଯ୍ୟପ୍ରଭା' ଓ 'ପ୍ରଭା ସର୍ଜନା' ପାଇଁ ତାଙ୍କ ଆଦର କଥା କହିଲି।

ଆଗକୁ ଥାଏ ମେ' ଡେ' ଛୁଟି। ସେ ଭେଟିଥା'ନ୍ତେ। ବରାଦ ଶୁଣିଥା'ନ୍ତେ। ମାତ୍ର ବିଧିର ନିର୍ଦ୍ଦେଶ ଭିନ୍ନ ଥିଲା।

ଫକୀର ବାବୁଙ୍କ ସହିତ ଏ ଲେଖକର ସଂପର୍କ ଟିକେ ନିଆରା। ଗତ ୭୦-୮୦ ଦଶକରେ ମୋ ନିୟମିତ ସ୍ତମ୍ଭ 'ଲଘୁପାକ' 'ପ୍ରଜାତନ୍ତ୍ର'ରେ ପ୍ରକାଶ ହେଉଥାଏ। ସଂପାଦକ ଥା'ନ୍ତି ପୂଜ୍ୟ ଡକ୍ଟର ହରେକୃଷ୍ଣ ମହତାବ। ଯୁଗ-ଧର୍ମ ଅନୁଯାୟୀ ସେତେବେଳେ ଲେଖକ-ପାଠକ ସଂପର୍କ ଥିଲା ଚିଠି-ଭିତ୍ତିକ। ଚିଠି ଖଣ୍ଡିଏ ପାଇଲେ କେମିତି ଲାଗେ ? ପ୍ରେମ କଲେ କେମିତି ଲାଗେ - ପରି ଥିଲା ଏ ପ୍ରଶ୍ନ। ଅବୋଧ। ମଣିଷର ମନ ପରି ଅସୀମ ଏବଂ ବିସ୍ତାରିତ ପୃଥିବୀରେ

Digitized by srujanika@gmail.com

ଏପରି ଅସଂଖ୍ୟ ଉତ୍ତର-ହୀନ ଜିଜ୍ଞାସା ଭିତରେ ଆମେ ବଞ୍ଚୁ। ନ ଜାଣି କହୁ - ଜାଣିଚୁ। ନ ଦେଖି କହୁ - ଦେଖିଚୁ। ଶୂନ୍ୟସ୍ଥାନ ପୂରଣ କରିବାକୁ କୁଆଡ଼େ ଆମ ଫାଙ୍କା ମନରେ ଅନେକ ବୁଦ୍ଧି ଥାଏ !

ଦିନେ ମହତାବ ବାବୁଙ୍କ ସହିତ ସାକ୍ଷାତ। ଗପସପ ଭିତରେ ସେ କହିଲେ, 'ଫକୀର ତମ ଲେଖାର ଭାରି ପ୍ରଶଂସା କରୁଥିଲା।' ତାଙ୍କ ଟପିକ୍ ଆଉ କୁଆଡ଼େ ପଳେଇଲା।

କୋଉ 'ଫକୀର' ? ମୁଁ ବଲବଲ ତାଙ୍କ ମୁହଁକୁ ଅନେଇ ଥାଏ। ପୁରୀ ଜିଲ୍ଲା କଣାସର ଫକୀର ହରିଚନ୍ଦନ କି ? ତାଙ୍କର କେତେ 'ଫକୀର' ଚିହ୍ନା ଥିବେ - ମୋ ମନକୁ ସେଇ ନାଁ ପଇଟୁ ଥିଲା। କାରଣ ସେତେବେଳକୁ ତାଙ୍କ ମୋ ଭିତରେ କେତେ ଥର ଚିଠି ଦିଆନିଆ ସରିଥାଏ। ସେ କଳା କି ଗୋରା, ଲେଖକ କି ପାଠକ - କିଛି ଜାଣି ନ ଥାଏ। ସେଦିନ ମହତାବ ବାବୁ କହିଥିଲେ - ସେ ଯାଇତାଇ ଲୋକ ନୁହେଁ ହୋ। ମାଟିର ନେତା। ମୂଳର ମୋହ ପାଇଁ ପାଗଳ। କଂଗ୍ରେସ ପରିକା ଦଳରେ ଏମିତି ନଣ୍ଠୋତ୍ଵନ୍ଧା ଗାନ୍ଧିବାଦୀ ମିଳିବା କଷ୍ଟ। ବଢ଼ିଆ ଲେଖକ। ସେ ପତ୍ର ଦେଲେ ତମେ ଉତ୍ତର ଫୁତ୍ତର ଦିଅ କି ନା ?

'ଆଜ୍ଞା ହଁ।'

ମୁଁ ତାଙ୍କୁ ତିନି ଥାକରେ ଚିହ୍ନିଛି। ପ୍ରତିଥର ଆଗଠାରୁ ନିଆରା । ସେ ଦିନ ଆଉ ଥରେ ଜାଣିଲି ଫକୀର ହରିଚନ୍ଦନ କିଏ।

ଯୁଗ କାହାକୁ କୁଆଡ଼େ ଗଡ଼େଇ ନେଇଛି। ଅନେକ ବର୍ଷ ବିତି ଗଲା। ମୋବାଇଲ ଯୁଗ ଏତେ ବେଶି ଗ୍ରାସ କରି ନ ଥିଲା । ମୁଁ ଥାଏ ରାଉରକେଲାରେ। ଚିଠି ଦିଆନିଆ ବନ୍ଦ ହୋଇ ଯାଇଥାଏ। ଦିନେ ଲ୍ୟାଣ୍ଡଫୋନରେ ଫକୀର ବାବୁ କହୁଛନ୍ତି - ଆପଣଙ୍କ ଠିକଣା ସେଇଆ ନା ବଦଳିଛି ? ମୋର ଦୁଇ ଖଣ୍ଡ ବହି ପ୍ରକାଶ ହୋଇଛି। ପଠାନ୍ତି।

'ଆପଣ କ'ଣ କଣାସରେ ?'

'ଗାଁରେ ରହୁଛି କିନ୍ତୁ ଏବେ ପୁଅ ପାଖରେ, ଭୁବନେଶ୍ୱରରେ।' ସେତେବେଳେ ଜାଣିଲି ଯେ ସେ କଂଗ୍ରେସର ତୁଙ୍ଗ ନେତା ପ୍ରସାଦ ହରିଚନ୍ଦନଙ୍କ ବାପା ବୋଲି। ଖୋରଧା ଇତିହାସ ସମ୍ବଳିତ ଦୁଇ ଖଣ୍ଡ ସୁଦୃଶ୍ୟ ପୁସ୍ତକ 'ଓଡ଼ିଶା ଇତିହାସର ଅନାଲୋଚିତ ଅଧ୍ୟାୟ' ଏବଂ 'ଖୋରଧା ଇତିହାସର ଅନ୍ତରାଳେ' ପହଞ୍ଚିଲା। ଯେତିକି ଜାଣିଥିବି, ପାଠ ସେଇ ମାପରେ ପରଖିଲି । ଇଏ ତଥ୍ୟ ଭିତ୍ତିକ ପ୍ରମାଣ ସହ କେବଳ କେତେକ ନୂଆ କଥା କହୁନାହାଁନ୍ତି, ଇତିହାସକୁ ନୂଆ ପ୍ରକାର ପଢ଼ିବାକୁ ଓଡ଼ିଆ ସମାଜକୁ ବାଧ୍ୟ କରୁଛନ୍ତି। ମନେପଡୁଛି, ତାଙ୍କୁ ମୁଁ ଗୋଟେ ଲମ୍ବା ଓ ପ୍ରଶଂସାର ଚିଠି ଲେଖିଥିଲି। ସେଥିରେ ବାର କଥା ଥିବ, କିନ୍ତୁ ପ୍ରମୁଖତଃ ଗୋଟିଏ ଥିଲା ଯେ ଏକଥା ଶୁଣିବ କିଏ !

ସତକୁ ସତ ସେଇଆ ହୋଇଛି। ସେହି ବହି ପାଇଁ ସାହିତ୍ୟ ଏକାଡେମୀ ପୁରସ୍କାର ଦେବା (୨୦୦୨) ଛଡ଼ା କଥା ଆଉ ଆଗକୁ ଯାଇ ନାହିଁ। ଆମର କଳ୍ପନା ଥିଲା ଯେ ୯୦ତମ ଜୟନ୍ତୀ ପାଳନ ଅବକାଶରେ ତାଙ୍କ ସଂପର୍କରେ ଦି' ଧାଡ଼ି ଫିଟର ପ୍ରକାଶ କରିଥା'ନ୍ତୁ । ହେଲାନି। କାଳର କ୍ରୂରତା ଏହା ଯେ ଆଜି ତା ବଦଳରେ ଫକୀର ବାବୁଙ୍କ ପାଇଁ ବେଦନା-ପତ୍ର ଲେଖିବାକୁ ପଡୁଛି।

(୯.୫.୧୩.)

Digitized by srujanika@gmail.com

ଆମ ଭାଇଙ୍କ ନିଶ ଦେଖ!

ଗଣତନ୍ତ୍ରର ସବୁ ସୁଖ ସଂପଦ ଭୋଗ କରୁଥିବା ଲୋକେ ଭାରତରେ ଗଣତନ୍ତ୍ରକୁ ଶୋଧନ୍ତି। ଗତ ବର୍ଷ ସୋନିଆ ଗାନ୍ଧିଙ୍କ ଜ୍ୱାଇଁ ରବର୍ଟ ଭାଦ୍ରା ଟୁଇଟର୍‌ରେ ଭାରତକୁ 'ମ୍ୟାଙ୍ଗୋ ରିପବ୍ଲିକ୍' (ବିକାଉ ଜନତନ୍ତ୍ର) ଲେଖିଦେଲେ। ସେତିକିବେଳେ ଉଠିଲା ତାଙ୍କ ଜମି ହଡ଼ପ ଅଭିଯୋଗ। ମିଡିଆ ହୁଲୁସ୍ଥୁଲ ହେଲା। ଭାଦ୍ରା ଆଉ କାହାକୁ ଦେଖା ଦେଉ ନ ଥା'ନ୍ତି। ଟିଭିବାଲା ବିଚରା ପୁରୁଣା କ୍ଲିପ୍ ଦେଖେଇ ତାଙ୍କ ବିଷୟରେ ଗପସପ କରୁଥିଲେ।

ମାତ୍ର ଏ କଥାକୁ କେମିତି ବିକୃତ କରାଯାଇଛି - ସେ ପଦାକୁ ବାହାରି କିଛି ପ୍ରତିବାଦ କରି ପାରିଲେନି। ଟୁଇଟରରେ ମୋଟେ ଧାଡ଼ିଏ ଲେଖି ଦେଇଛନ୍ତି, ନହେଲେ ତାଙ୍କର ଅନେକ କଥା କହିବାକୁ ଥିଲା। ସେ କହିଥା'ନ୍ତେ - ମୁଁ ଖାଲି 'ମ୍ୟାଙ୍ଗୋ' କହିନି, 'ବାନାନା' (କଦଳୀ) ବି କହିଛି। କାହିଁକି କହିଛି? ଆମ ଶଳା-ଭିଣେଇ ଭିତରେ ଦେଶର ଅର୍ଥନୀତି ବିଷୟରେ ଅବଶ୍ୟ ଗପସପ ହୋଇଛୁ। ରାହୁଲ ଭାରି ପ୍ରୋ-ପିପୁଲ ମେଣ୍ଟାଲିଟିର। ସେ ଫେଡ୍‌ଅପ୍ ହୋଇଗଲେଣି। ଭାରତର ବୁନିଆଦ କୃଷି ଭିତ୍ତିକ। ସେ ଜାଣିପାରିଛନ୍ତି ଯେ କୃଷିଠାରୁ ଦୂରଛଡ଼ା ହେବାରୁ ଦେଶ ଆଜି ଏ ଅବସ୍ଥାରେ। ମୁଁ କହିଲି - ଆମ୍ବ କଦଳୀ ଚାଷ କର। ଆଉ କ'ଣ ସବୁ ପନି ପରିବା ନାଁ କହିଥା'ନ୍ତି? ମିଡିଆ ସେତେବେଳେ ଏମିତି ଉଡୁଥିଲା ଯେ ରାହୁଲ ମୋ ପ୍ରତିରକ୍ଷା ପାଇଁ ବି ବାହାରି ପାରିଲେନି। ସେଥିପାଇଁ ତା ଆଗରୁ ଦଳ ଏବଂ ସରକାର ଡେଇଁ ପଡ଼ିଲେ। ଜାଣେ, ପ୍ରିୟଙ୍କାଙ୍କ ସ୍ୱାମୀ ପରିଚୟ ଛଡ଼ା ଦଳ ସହିତ ମୋର କିଛି ସଂପର୍କ ନାହିଁ। ବରଂ ମୁଁ ସେମାନଙ୍କୁ ପଚାରିଥା'ନ୍ତି - ଇଏ ତ ଆମ ଡିନର୍ ଟେବୁଲ ଗପ, ତମେସବୁ ଜାଣିଲ କେମିତି? 'ମୋର ଦୁର୍ଭାଗ୍ୟ ଯେ ମୁଁ ପ୍ରିୟଙ୍କାଙ୍କ ସ୍ୱାମୀ। କ୍ରିକେଟ୍ ମ୍ୟାଚ୍‌ରେ ସମସ୍ତେ ବସିଥିବୁ, ଟିଭି କ୍ୟାମେରା ବୁଲୁଥିବ ରାହୁଲ ଓ ପ୍ରିୟଙ୍କାଙ୍କ ଉପରେ। ସେଥିପାଇଁ କେହି କେହି ପଚାରନ୍ତି - ଆପଣ ଭାରତରେ ନ ଥିଲେ କି!'

ଭାଦ୍ରା କହନ୍ତି, ଶବ୍ଦ ବା ପ୍ରତୀକ ବୁଝିବା ବୁଦ୍ଧି ଭାରତୀୟଙ୍କର ଲୋପ ହୋଇଗଲାଣି। ସାରୁ କହିଲେ ବାଇଗଣ ବୁଝୁଛନ୍ତି, ଟୁଇଟର୍‌ରେ ମନ କଥା ବି'

Digitized by srujanika@gmail.com

ପଦ କହିଲେ - ତାଙ୍କୁ ନେଇ ଟାଉଟରି କରୁଛନ୍ତି ।

ରଏଟ୍ ଭିତରେ କିଏ ତାନପୁରା ବଜାଏ କି ? ଏପରି କମନ୍‌ସେନ୍ସକୁ ବିଶ୍ୱାସ କରି କ୍ୱାଇଁ ମିଡ଼ିଆଠୁଁ ଫେରାର୍ ରହିଲେ । ସେତେବେଳେ 'ଫେକିଙ୍ଗ୍ ନିଉଜ୍' ନାମକ ଏକ ଲୋକପ୍ରିୟ ଭାରତୀୟ ଓଏବ୍ ମ୍ୟାଗାଜିନ୍ ଭାଦ୍ରାଙ୍କୁ ଫୋନ୍‌ରେ ପାଇଗଲା । ସେଥିରେ ଅକ୍ଟୋବର ୯ ଦିନ ପ୍ରକାଶ ପାଇଲା ତାଙ୍କ ପ୍ରଶ୍ନୋତ୍ତର ସମ୍ବଳିତ ଗୋଟିଏ ଇଣ୍ଟରଭିଉ । ଭଲ ଭେଲ ମିଶି ସେଥିରେ ଅନେକ କଥା ଥିଲା ଏବଂ ଆଉ ଗୋଟିଏ ଥିଲା - 'ମୁଁ ସର୍ବମୋଟ ଜଣେ ଇକନମିଷ୍ଟଙ୍କୁ ଜାଣେ । ସେ ହେଲେ ଆମ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହ – ଯିଏ ପିଏମ୍ ପରି ପଦ 'ଫ୍ରି'ରେ ପାଇଛନ୍ତି ।' ନ ହେଲେ ଆମ ଗଣତନ୍ତ୍ରରେ ଆଉ କେହି କିଛି ଫ୍ରି'ରେ ପାଆନ୍ତି କି ?

୮ ତାରିଖ ବୁଧବାର - କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ କଂଗ୍ରେସ ଜିତିଛି ୧୧୩ । ୨୨୪ ସଦସ୍ୟ ବିଶିଷ୍ଟ ବିଧାନସଭାରେ ସଂଖ୍ୟାଧିକ । ହାଇକମାଣ୍ଡ୍ ଯାହାକୁ କହିବେ, ସେ ହେବେ ମୁଖ୍ୟମନ୍ତ୍ରୀ । ଏହାକୁ 'କଂଗ୍ରେସ ଶୃଙ୍ଖଳା' କହି ମୁଖ୍ୟମନ୍ତ୍ରୀ ହୋଇ ସୋନିଆଙ୍କୁ ଜୟ କହିବାକୁ ସେଠି ଲାଇନ୍ ଦେଇଛନ୍ତି ପାଞ୍ଚ ସାତ ଜଣ । ସେଦିନ କୋଇଲା-ଦୁର୍ନୀତି (କୋଲ୍‌ଗେଟ୍) ବିଚାରରେ ସୁପ୍ରିମକୋର୍ଟ ସରକାରୀ ଓକିଲଙ୍କୁ ସବୁକଥା ସତସତ କହିବାକୁ ବାଧ କରିଛନ୍ତି । ସିବିଆଇ ଡିରେକ୍ଟର ଦ୍ୱିତୀୟ ଆଫିଡ଼େଭିଟ୍ ଦାଖଲ କଲେ । କହିଲେ - ହଁ, ଆଇନମନ୍ତ୍ରୀ ଅଶ୍ୱିନୀ କୁମାର, ପିଏମଓ ଅଫିସ ଏବଂ କୋଇଲା ମିନିଷ୍ଟ୍ରି ମିଶି ଇନ୍‌ଭେଷ୍ଟିଗେସନର ଡ୍ରାଫ୍ଟ ବଦଳାଇଛନ୍ତି ।

ଆମ ଆଗ ଉକ୍ତି ଭୁଲ ଥିଲା - ଏମିତି କହିବା ଆଉ ଦରକାର ହୁଏନା - ଆପେ ବୁଝି ହୋଇଯାଏ । କୋର୍ଟ ପଚାରିଛନ୍ତି - ଅଫିସର ମନ୍ତ୍ରୀଙ୍କୁ 'ଇଣ୍ଟରୋଗେଟ୍' ନ କରି କାହିଁକି 'ଇଣ୍ଟରଆକ୍ଟ' କଲା ? ପଲିଟିକାଲ ମାଷ୍ଟରଙ୍କ ସାଙ୍ଗରେ ମିଶି ଯେଉଁ ସିବିଆଇ ରିପୋର୍ଟ ସଜାଡ଼େ, ତାହା କେମିତି ନିରପେକ୍ଷ କି ହୋ ? ବିଚରା ଗୋଟିଏ ଶୁଆ - ଏତେ ଗୁରୁ ନିଜ ନିଜ ଭାଷା ଶିଖେଇଲେ ସେ କାହାକୁ ଶିଖିବ ଓ ନିରପେକ୍ଷ ହେବ କେମିତି ?

ସେଦିନ ଆଉ ଗୋଟେ ବଢ଼ିଆ କଥା ଘଟୁଥିଲା । ଭୁବନେଶ୍ୱର କଂଗ୍ରେସ ଭବନରେ କି ଉଲ୍ଲାସ ! ମିଡିଆକୁ ଡାକି ତା ସମ୍ନାରେ ନେତାମାନେ ସୁନ୍ଦର ଭାଙ୍ଗ୍ରା ନାଚୁଥିଲେ । କଥା କ'ଣ - ନା କର୍ଣ୍ଣାଟକରେ କଂଗ୍ରେସ ଜିତିଛି ।

ମନକୁ ଆସିଲା - ତମର କ'ଣ ଗଲା ? ତମେ ତ ଜଣେ ସର୍ବସମ୍ମତ ସଭାପତି ଡିସାଇଡ୍ କରିପାରୁନା । ସେଠି କଂଗ୍ରେସ ଜିତିଛି ସାତ ବର୍ଷ ପରେ, ତାହା ପୁଣି ଭାଜପା ଭିତରେ ଫାଇଟିଙ୍ଗ୍ ହେଲା ବୋଲି । ଏଠି ତ ନବୀନ ତେର ପୂରେଇ ସାରିଲେଣି । କେଉଁ ଖୁସି ପାଇଁ କର୍ଣ୍ଣାଟକ ସହ ନିଜକୁ ସମାନ ମଣୁଛ ?

ଜଣେ ନେତାଙ୍କୁ ସାଧୁ ଭାଷାରେ ଏ କଥା ପଚାରିଲୁ । ସେ କହିଲେ, 'ସିମ୍ପଲ୍, ନ ହେଲେ ନାଚିବାକୁ ଆମ ପାଖରେ କି ବଳ ଅଛି କହିଲେ ? ଆମେ କେମିତି ଓ କେତେ ନାଚିବୁ ସେକଥା ନବୀନ୍ ଡିସାଇଡ୍ କରିବେ ? ଶ୍ୟାଃ ।' ମନେ ପକେଇଲା ପରି କହିଲେ - ଆପଣଙ୍କ ସହିତ ମୋ ଗପସପ ପ୍ରାଇଭେଟ୍ । ବୁଝିଲେ ।

'ହଁ ସାର୍ । ଆପଣଙ୍କ ନାଁ ମୋଟେ ପଡ଼ିବନି ।' ଭାରି ମନେ ପଡୁଥିଲା - 'ମୋର ନିଶ ନାହିଁ ତ, ଚାଲ୍ ଦେଖିବୁ ଆମ ମାଧିଆ ଭାଇର କେଡ଼େ ଚଉଡ଼ା ଗହଳିଆ ନିଶ' !

(୧୦.୫.୧୩.)

Digitized by srujanika@gmail.com

ଓଃ ମାଇଁ ଗଡ୍!

'ନାଽହଂ ତିଷ୍ଠାମି ବୈକୁଣ୍ଠେ ମୁନୀନାଂ ହୃଦୟେ ନ ଚ
ମଦ୍ଭକ୍ତା ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦ ।' (ପଦ୍ମ ପୁରାଣ)

ମାନେ ଆଜି ସେନ୍ସରେ : ବୈକୁଣ୍ଠେ ମିଳୁନା କିମ୍ବା ପ୍ରବଚନ ପଡ଼ିଆକୁ ମୋଟ୍ରୁ ନ ଯାଉ । ଭକ୍ତ ମନ-ଗାନ ବୁଝି ଆମେ ତା'ର ପାଖେ ପାଖେ ଥାଉ ।

ସବୁ ଠାକୁର ଠାକୁରାଣୀଙ୍କ ତରଫରୁ ଶ୍ରୀକୃଷ୍ଣ ନାରଦଙ୍କୁ ଏ କଥା କହିଲେ । ମଣିଷଙ୍କୁ କୁହ - ସେମାନେ ଭକ୍ତ ହୁଅନ୍ତୁ, ଭଲ କଥା । ମାତ୍ର ଆମକୁ ଫିଜିକାଲ୍ଲି ମାଡ଼ି ବସିଛନ୍ତି ବୋଲି ଭାବି ସଂସାରରେ ଯେମିତି କନ୍ଦଳ କି ଗହଳି ନ କରନ୍ତି । ମେସେଜ୍ କ୍ଲିଅର । ତମେ ମଲେ ମର, ଆମ ଇମେଜ୍ ଡିସ୍‌ଟର୍ଟ (ବରବାଦ) କରନି । ଆମେ ଠାକୁର ଦଳ ଯେଉଁଠି ଯିଏ ରହିବା ଉଚିତ, ସମସ୍ତେ ଯେଝା ଜାଗାରେ ରହିଛୁ । ଭକ୍ତଠାରୁ ସେ ଦୂରତା କେତେ ସମୀପ ବା ଅମାପ - ଏ ମାପଚୁପ ପ୍ରବ୍‌ଲେମ୍ ମଣିଷର । ଠାକୁରଙ୍କର ନ ଥାଏ । ସେମାନଙ୍କୁ ସତର୍କ କରିବେ ମୁନିବର - ଆମ ନାଁ ଯେମିତି ତଳେ ନ ପକାନ୍ତି । ସେମିତି କଲେ, ପାପ ହବ ଏବଂ ସୃଷ୍ଟି ଧ୍ୱଂସ ହେବ । ଆମେ ଠାକୁର, ଇଚ୍ଛା କଲେ ପାତାଳରୁ ଫୁଟି ଆଉଥରେ ବାହାରି ପଡ଼ିବୁ । ମଣିଷ କୋର୍ଟ ଗଲେ କି ରଏଟ୍ କଲେ ଠାକୁର ବଡ଼ ହୁଅନ୍ତିନି । ସେମିତିକା ଭକ୍ତଗୁଡ଼ାକ ବରଂ ଲୋପ ହୋଇଯା'ନ୍ତି ।

'ଠାକୁରକୁ ଅକ୍ତିଆର କଲେ ଅଧା ଯୁଦ୍ଧ ଜୟ' - ଏହା ପ୍ରବଚନ ନୁହେଁ, ଇତିହାସର ବହୁ ପୃଷ୍ଠାରେ ପ୍ରମାଣ ରହିଛି । ଧର୍ମଠୁଁ ରାଜା ଅଲଗା ହୋଇ ରହି ପାରେନି । ଦରକାର ପଡ଼ିଲେ, ହାରୁ ପଛେ ସେ ଠାକୁରଙ୍କ ସାଙ୍ଗରେ ଯୁଦ୍ଧ କରେ । ଯେମିତି, ରାମାୟଣରେ ରାବଣ । ସେ ଥରକ ପାଇଁ ରାମଙ୍କୁ ଭଗବାନ

Digitized by srujanika@gmail.com

ମାନିଥିଲେ କଥା ସରିଥା'ନ୍ତା । ସୀତା-ହରଣ ଇତ୍ୟାଦି ଆଖ୍ୟାନ ଆଉ ଦରକାର ହୋଇ ନ ଥା'ନ୍ତା । ବର୍ତ୍ତମାନ ପ୍ରଶ୍ନ - ସେ ନିଜ ବିଶ୍ୱାସ ବଦଳାଇ ନୂଆ ଲୋକଟାକୁ କାହିଁକି ଠାକୁର ଭାବିବ ? ଯଦି ଲଢ଼େଇରେ ରାବଣ ଜିତି ଥା'ନ୍ତା, ପ୍ରାୟ ସମାନ ସଂଖ୍ୟକ ପୁରାଣ ଲେଖା ହୋଇଥା'ନ୍ତା ତାକୁ ଠାକୁର ବୋଲି କହି ଏବଂ ରାମ ହୋଇଥା'ନ୍ତେ - ବାଜେ ରଜାଟେ !

ନାରଦ ମୁନି ଏ କଥା କେତେ ବୁଝେଇଲେ ! କେହି ଶୁଣିଲେନି । ବରଂ ତାଙ୍କୁ କହିଲେ - 'କଳିଆ' ନାରଦ ।

ଆଶଙ୍କା ସତ ପରି ଲାଗିଲା । କଟକ ମନ୍ଦିର ଭଙ୍ଗା ଅଭିଯାନର ଗୋଟିଏ କରୁଣ ଦୃଶ୍ୟ ଥିଲା ଏହିପରି ।

କୌଣସି ଏକ ମନ୍ଦିର ଭଙ୍ଗା ଯାଇଛି ଏବଂ ଦିନେ ସେଠିକା 'ରତ୍ନସିଂହାସନ'ରେ ପୂଜା ପାଉଥିବା ଚତୁର୍ଦ୍ଧାମୂର୍ତ୍ତିରୁ ତିନି ଠାକୁର ଥୁଆ ହୋଇଥା'ନ୍ତି ନିକଟସ୍ଥ ଆଉ ଏକ ଭଙ୍ଗା କାନ୍ଥ ଉପରେ । ସିଧାସଳଖ । କେହି ଅବମାନନା କଲା ପରି ପରତେ ହେଉ ନ ଥିଲା । ତା' ମାନେ, ଓଡ଼ିଆଙ୍କ ମନରେ ଆଶ୍ୱାସନା ଥିଲା ଯେ ଏ ଧ୍ୱଂସକାରୀଗଣ କଳାପାହାଡ଼ ପରି ନୁହଁନ୍ତି । ସେହି ଚତୁର୍ଦ୍ଧାରୁ ସୁଦର୍ଶନ ମହାପ୍ରଭୁଙ୍କ ଗତିଗୋତ୍ର ନ ଥିଲା । କେଉଁଠି ପଡ଼ିଥିବେ କେଜାଣି ! ବୋଧେ କ୍ୟାମେରା ଆଉ ଗହୀରକୁ ଯିବା ଦରକାର ଭାବି ନ ଥିବ । ଯେତେ ମନ୍ଦିର ଭଙ୍ଗା ଯାଇଛି ସେତେ ଠାକୁର ସେମିତି ବା ତତୋଽଧିକ ହିନସ୍ତା ହୋଇଥିବେ । ସେ ଠାକୁରମାନେ ବିଚରା କେତେ ଲୋକଙ୍କର କେତେ ମାନସିକ ପୂରଣ କରିଥିବେ ଟି ! ଆଶା ଓ ଆଦରର ପ୍ରତିମାଗୁଡ଼ିକୁ କ'ଣ ଏମିତି ନରଖର କରାଯାଏ କି ?

ଏ ପ୍ରଶ୍ନର ସ୍ୱାଭାବିକ ଉତ୍ତର - ନା !

ମାତ୍ର, ଆର ସାଇଡ୍‌ଟି ହେଲା - ଏ ଠାକୁରମାନେ ଏମିତି କ୍ରିଟିକାଲ୍ ଜାଗାରେ କାହିଁକି ଆବିର୍ଭୂତ ହେଲେ ?

ଜାଗାଜୁଗୁତି କଥା ଉଠିଲେ - ଜଣେ ଆରଆଇଠୁଁ ବି କେଉଁ ଠାକୁର ବଡ଼ ନୁହଁନ୍ତି ।

ମଣିଷଙ୍କ ପପୁଲେସନ ବଢ଼ିଲେ ଠାକୁରଙ୍କ ସଂଖ୍ୟା ବଢ଼ିବାକୁ ବାଧ । ଭାରତୀୟ 'ସେକୁଲାର' ଆଇନରେ ଚୋର ପାଇଁ ଅଛି, ଦାରୀ ପାଇଁ ଅଛି କିନ୍ତୁ ଠାକୁରଙ୍କ ପାଇଁ 'ରିହାବିଲିଟେସନ୍ ସ୍କିମ୍' ବା ପୁନର୍ବାସନ ଯୋଜନା ନାହିଁ ।

ଧରନ୍ତୁ, କୌଣସି ମୂଳ ପ୍ରାଚୀନ ଗାଁ ବିସ୍ଥାପିତ ହେଲା । ସେଠି ସମସ୍ତେ ପାଇବେ ଜମି ଓ କ୍ଷତିପୂରଣ । ନିଜ ଠାକୁର ଠାକୁରାଣୀଙ୍କୁ ସାଙ୍ଗରେ ଆଣି ନୂଆ ବସତିରେ ସଂସ୍ଥାପିତ କରିବା ଦାୟିତ୍ୱ ସେମାନଙ୍କର । କଲେକ୍ଟର ଦୟା କରି ସେଥିପାଇଁ କିଛି ଗ୍ରାଣ୍ଟ ଦେଇ ପାରନ୍ତି, ନ ହେଲେ ଆଇନ ବାଟେ ଠାକୁରଙ୍କର ଛଦାମଟେ ରାଇଟ୍ ନାହିଁ ।

(୧୩.୫.୧୩)

Digitized by srujanika@gmail.com

‘ମୋ କଳା ମାଣିକରେ’

‘ବୃଦ୍ଧ କାଳେ ତୁ ମୋହର ଏକଇ ନନ୍ଦନ । ହୃଦ ତାପ ବିନାଶନେ ତୁ ହରିଚନ୍ଦନ ... ମୋ କଳା ମାଣିକରେ’ । ଅଭିମନ୍ୟୁ ସାମନ୍ତସିଂହାରଙ୍କ ‘ବିଦଗ୍ଧ ଚିନ୍ତାମଣି’ର ଏ ପଦଟି ଓଡ଼ିଆମାନଙ୍କ ପାଇଁ ଏକ ଭିନ୍ନ ଅନ୍ତରଙ୍ଗ ଅନୁଭବ। ନିଜ ଅବସ୍ଥା ଟିକେ ହଲି ଗଲେ ଯଶୋଦା ମା’ଙ୍କ ଅସାର ଲମ୍ବା ଆଶା ଏବଂ ସେଥିପାଇଁ ବିଳାପ କରିଥିବା ଭାଷା ଆପେ ମନେ ପଡ଼େ।

ଧ୍ୟାତ୍, ଏ ‘କଳାମାଣିକ’ଗୁଡ଼ାକ ଠିକ୍ ନୁହଁନ୍ତି। କହ୍ନେଇ ବି ‘ହୃଦ ତାପ ବିନାଶନେ’ କାହାରି ପାଇଁ ‘ହରିଚନ୍ଦନ’ ହୋଇ ନଥିଲା ବା ଆମ ପୁଅ ନରହରି ବି ତା’ଠୁଁ କିଛି ଭିନ୍ନ ହୋଇନି। ନଅ ନାହିଁ କି ଛଅ ନାହିଁ – ଝିଅ ପୁଅ ମିଶି ସିଏ ଗୋଟିଏ । ସଂପତ୍ତି ଢେର୍ ଅଛି । କିଏ କୁଆଡ଼େ ଖାଇ ଯାଉଛନ୍ତି। ସେଠୁ ଯାଇ ନିକାଶ କରୁନା ? ସେକଥା ନାଇଁ। ବୋହୂ ଚାଲାଖି କରି ଶାଶୂଙ୍କଠୁ ଠଉରେଇବାକୁ ଚେଷ୍ଟା କରୁଛନ୍ତି ଶଶୁରଙ୍କ ପେନ୍‌ସନ୍ ହିସାବ। ଇଏ କି କଥା, ତମେମାନେ ଦି’ ଅକ୍ଷର ଅଧିକା ପଢ଼ିଚ ବୋଲି ଅଧିକ ବୁଦ୍ଧିଆରା କେମିତି ହେବ ?

ଏମିତି ଛକାପଞ୍ଝାରେ ଜୀବନର ମାନେ ହେଲା – ଯାତନା । ଉପର ଯାହା ଯେମିତି ଦେଖାଯାଏ, ଭିତରଟା ନାରଖାର।

‘ଟାଇମ୍ସ ଅଫ୍ ଇଣ୍ଡିଆ’ରେ ପ୍ରକାଶିତ ଗୋଟିଏ ଖବର । ଭାରତୀୟ ଆଭରେଜ୍ ବି ସେଇଆ। କେଉଁଠି ପ୍ରଚାର ହେଉଛି ତ ଆଉ କେଉଁଠି ନାହିଁ।

ଅହମ୍ମଦାବାଦ ବାସିନ୍ଦା ଶ୍ରୀ ଭାଉ ଦାସ ଗିରିଧାରୀ ବଲଦା (୬୪) ଏବଂ ପତ୍ନୀ ଶ୍ରୀମତୀ ଲୀଲା ବଲଦା (୬୩) କଲେକ୍ଟରଙ୍କ ପାଖରେ ଗୋଟେ ଅଜବ ପ୍ରାର୍ଥନା କରିଛନ୍ତି। ହେ ସରକାର ଆମକୁ ମାରି ଦିଅ। ଆଇନକୁ ଆଶ୍ରା କରି ଆମେ ନିଜ ଜୀବନ ପାଇଁ ମୋଟେ କଣ୍ଟେଷ୍ଟ୍ କରିବୁନି। ନ ହେଲେ ହଜୁର

Digitized by srujanika@gmail.com

ଅନୁମତି ଦିଅନ୍ତୁ - ଆତ୍ମହତ୍ୟା କରି ମରିବୁ । ପୁଅ-ବୋହୂଙ୍କ ଅତ୍ୟାଚାର ଆଉ ସହି ପାରିବୁନି ।

ସାରା ଜୀବନ ସୂତାକଳରେ ଖଟି ବିଚରା ଭାଉ ଦାସ ୧୯ ବର୍ଷ ତଳେ ଗୁଜୁରାଟ ହାଉସିଙ୍ଗ ସୋସାଇଟିରୁ ଘର ଖଣ୍ଡେ କିଣି ପାରିଥିଲେ । ଏହା ଆଜି ତାଙ୍କର ସମୁଦାୟ ସଂପତ୍ତି । ଭାଉ ଦମ୍ପତ୍ତି ଆଶା କରିଥିଲେ ଯେ ଆଗାମୀ ଜୀବନକୁ ପୁଅ ସହାୟକ ହେବ । ହେଲାନି । ନିଜ ରୋଜଗାରରେ ମସ୍ତ୍ ମଉଜରେ ସ୍ତ୍ରୀ ସାଙ୍ଗରେ ହସିଖେଳି ଚଳେ । ଆମ କଥା ବୁଝିବା ତା'ର ଦରକାର ହୁଏନି । ଘରଟା ସିନା ନିଜର, ଖାଇବୁ କ'ଣ ? ଇଜ୍ଜତ ଯୋଗୁ ଭିକ ମାଗିପାରୁନା । ଦିନେ ଦିନେ ଉପାସ ରହୁ । ସେମାନେ ଆମ ଖାଦ୍ୟ ସେବା ସ୍ୱାସ୍ଥ୍ୟ - କିଛି ବୁଝନ୍ତିନି । ସେଥିରେ ପୁଣି ମଦ ପିଇ ପୁଅ ଆମକୁ ବାଡ଼ାଏ ।

ଅସହ୍ୟ ହେଲାଣି, ହଜୁର । ଏବେ ବୋହୂ କହୁଚି ସୋସାଇଟି ଘର ମୋ ନାଁରେ କରିଦିଅ - ନ ହେଲେ, ୪୯୮-ଏ ଦଫାରେ ନାଲିସ ଠୁକି ଦେବି । ଯେଉଁ ଢଙ୍ଗର ପୁଅ-ବୋହୂ - ଘର ଲେଖିଦେଲେ ମୁଣ୍ଡ ଗୁଞ୍ଜିବୁ କୋଉଠି ? ପ୍ରତିକାର ଖୋଜି ଥାନାକୁ ଗଲୁ । କିଛି ହେଲାନି । ଏଫଆଇଆର ଦେଲୁ, ପୁଲିସ କମ୍ପ୍ଲେନ ବି ରେକର୍ଡ କଲାନି । ଅଭିଯୋଗ ଥାନାବାଲାଙ୍କ ଡାଏରି ଭିତରେ ରହିଲା । ଆରଟିଆଇରେ ଦରଖାସ୍ତ ଦେଇ ବୁଝିଲୁ । କିଛି ନାହିଁ । ଅନେକ ଦଉଡ଼ା ଧାପଡ଼ା କଲା ପରେ ଗତ ବର୍ଷ ଫେବ୍ରୁଆରିରେ ଥାନାବାବୁ ଉପ-ଜିଲ୍ଲାପାଳଙ୍କ ପାଖକୁ ଆମ ଅଭିଯୋଗଟିକୁ ପଠେଇଦେଲେ । କହିଲେ - ଥାନା କାମ ସରିଲା । ଏଣିକି ଯାହା ବୁଝିବା କଥା ସେଠିକି ଯିବ । ଏଥିରେ କ'ଣ ବା ହୁଏ ?

'ଆଚ୍ଛା କମ୍ପ୍ଲେନ କରିଚ !' ଭାଉ ଦମ୍ପତ୍ତିଙ୍କ ଦୁର୍ଦ୍ଦଶା ଆହୁରି ବଢ଼ିଲା । ଏଣିକି ବୋହୂ ଶାଶୂ-ଶ୍ୱଶୁରଙ୍କୁ ଖୋଜି ବାଡ଼େଇଲା ପରି ହେଉଚି । ସେମାନେ କହନ୍ତି - ଜୀବନରୁ ଆତ୍ମା ଛାଡ଼ି ଗଲାଣି । ମୁକୁଳିବାକୁ ଆଉ କ'ଣ ବାଟ ଅଛି କୁହ, ନ ହେଲେ ହେ କଲେକ୍ଟର ମହାଶୟ, ମରିବାକୁ ଆଲାଓ କର । ଆଶା ନାହିଁ ତ ବଞ୍ଚିବୁ କିପରି ? ବା ଅକାରଣରେ ୪୯୮-ଏ ଡରରେ ମରିବୁ କାହିଁକି ?

କଲେକ୍ଟର ଏ ଅଭିଯୋଗ ପାଇ ପୁଲିସ କମିସନରଙ୍କୁ 'ମେଣ୍ଟେନାନ୍ସ ଏଣ୍ଡ୍ ଓଏଲ୍‌ଫେୟାର ଅଫ୍ ପ୍ୟାରେଣ୍ଟ୍ସ ଏଣ୍ଡ୍ ସିନିଅର ସିଟିଜେନ ଆକ୍ଟ, ୨୦୦୭'ରେ ପୁଅ-ବୋହୂଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ହଁ, ପୁଲିସ ଗିରଫ କରି ପାରେ, ମାତ୍ର ଥାନାରୁ ବେଲ୍ ପାଇ ସେମାନେ ଘରକୁ ଯିବେ । ତା' ପରେ - ଭାଉ ଦମ୍ପତ୍ତିଙ୍କ ପାଇଁ ଅନିଶ୍ଚିତ ଅନ୍ଧାର ।

ଭାଉ ଦାସଙ୍କ ଉଦାହରଣ ଆମ ଜୀବନର ପରିଚ୍ଛନ୍ନ ବାସ୍ତବତା । ଗୋଟେ ଆଇନରେ ଆଉ ଗୋଟେ ବାଡ଼େଇ ହେଉଚି ଏବଂ ଫିଉଜନ୍‌ର ଘମାଘୋଟ ଉତ୍ତାପ ଭିତରେ ସମସ୍ତେ । ଭାଉ ଦାସ ଗିରିଧାରୀ ବଳଦା ଏବଂ ତାଙ୍କ ଦୁଃଖ । ସୁପ୍ରିମକୋର୍ଟ ପଡ଼ିଛି ଆଉ ପ୍ରକାରେ ଦୁଃଖରେ - ଆଗେ ଚୋର ଧରିବ ନା ଚୋରି ଧରିବ !

(୧୪.୫.୧୩)

Digitized by srujanika@gmail.com

ଅକଲ ସଲାମୀ

ଛୁଆ-ଭାଲୁ ଜୀବନରେ ନୂଆ ମହୁ ଚାଖି ବାୟା । ବିଚରା ମା' ସାଙ୍ଗରେ ସାରା ଜଙ୍ଗଲ ଖେଦୁଚି । ଯେଉଁଠି ଫେଣାଟି ଓହଳିବା ଦେଖୁଚି ସେ ଗଛକୁ ଚଢ଼ିବାକୁ ହୁକୁହୁକୁ । ମା' କହୁଚି, ଥୟ ଧର - ଏ ଖାଦ୍ୟ କ'ଣ ସବୁବେଳେ ମିଳେ ? ଚାନ୍ସ ଆସିଲେ ନିର୍ଣ୍ଣେ ଖାଇବୁ । ତୁ ମାଛିଙ୍କ ନାହୁଡ଼ର ପୀଡ଼ା ଜାଣିନୁ କି ଡଙ୍କର ଦଂଶନ ଭୋଗିନୁ ତ । ଥୋବଣି ବଙ୍କା ହୋଇ ଯିବରେ ବାପା, ଆଗକୁ ଚାଲ ।

ମା'-ଭାଲୁ ଆକଟ କରି ତାକୁ ଦୂରକୁ ନେଇଯାଏ । ମା' କଥା ସତ ହେଲା ପରି ଏ ଉତ୍ସୁକତା ଦିନେ ପିଲା-ଭାଲୁକୁ ମହା ଜଞ୍ଜାଳରେ ପକେଇ ଦେଲା । ମୁହଁ ମାରିଦେଲା ଛିଣ୍ଡି ପଡ଼ିଥିବା ଖଣ୍ଡେ ବାଘ୍‌ଟାମହୁ ଫେଣାରେ । ସେଠି ଯେଉଁ ଗଣ୍ଡାକେତେ ମାଛି ଥିଲେ ଏବଂ ଆହୁରି ସହସ୍ର ସଂଖାରେ ମୂଳ ଫେଣାରୁ ଆସି ଛୁଆ-ଭାଲୁକୁ ଝୁଣି ପକେଇଲେ । ମା' ସେଠୁ ପାର୍ ହୋଇଗଲା । ପରେ ପୁଅକୁ ଜୀବନ୍ତ ପାଇଲା ଯେ ହେଲେ, ତା' ଫିଗର୍ ଚେଞ୍ଜ୍ ହୋଇଯାଇଥିଲା ।

ରାଜ୍ୟ ସରକାରଙ୍କ ସଦ୍ୟ ଘୋଷଣା ମୁତାବକ 'ଓଡ଼ିଶା ସ୍ୱୟଂ-ସହାୟକ ଅଧିନିୟମ, ୨୦୦୧'କୁ ଉଚ୍ଛେଦ ହେଲା । ଏହା ୯୭ତମ ସମ୍ବିଧାନ ସଂଶୋଧନ ଆଇନ, ୧୯୬୨ ଅନୁସାରେ ଗତ ବର୍ଷ ଫେବୃଆରିରେ କାର୍ଯ୍ୟକାରୀ ହୋଇଥିବା 'ଓଡ଼ିଶା କୋଅପରେଟିଭ ସୋସାଇଟି ଆକ୍ଟ' ସହିତ ସାମିଲ ହେବ । ସରକାରଙ୍କ ଅଭିମୁଖ୍ୟ - ଏହାଦ୍ୱାରା ସବୁ ପ୍ରକାର ସୋସାଇଟି ଗୋଟିଏ ବ୍ୟବସ୍ଥାରେ ପରିଚାଳିତ ହେବ ଏବଂ ଏଣିକି ସବୁ ସରକାରୀ କଣ୍ଟ୍ରୋଲ୍‌ରେ ରହିବେ । ଏଥିପାଇଁ ସରକାର ଅଧ୍ୟାଦେଶ ବି ଆଣିବେ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି । ଏହି ଆଇନ ଅନୁସାରେ ଆଉ କୌଣସି ନୂଆ ସୋସାଇଟି ପଞ୍ଜୀକୃତ ହେବ ନାହିଁ । ରାଜ୍ୟରେ ଅଛି ଏମିତିକା ସୋସାଇଟି -

Digitized by srujanika@gmail.com

୧୬୩୪। ସମସ୍ତେ ନିଜ ନିୟମାବଳୀ ସଂଶୋଧନ କରି ସରକାରଙ୍କ ସର୍ତ୍ତରେ ହଁ ମାରିବେ, ନ ହେଲେ ତିନି ମାସ ପରେ ସେମାନଙ୍କ ସ୍ଥିତି ଆପେ ଲୋପ ହୋଇଯିବ। ଏପର୍ଯ୍ୟନ୍ତ କଥା ଏଇଆ। ସରକାରଙ୍କର କ୍ଷମତା ଅଛି ତ କିଏ ମନା କରିବ ?

ବର୍ତ୍ତମାନ ସରକାର ଅନୁଭବ କରୁଛନ୍ତି ଯେ ଏ ଆଇନରେ ଲୋକେ ମନଇଚ୍ଛା ସୋସାଇଟି ଗଠନ କରି ତା ଜରିଆରେ କଳା କାରବାର ଚଲେଇଲେ। ସେମାନଙ୍କୁ ଆଇନରେ ରୋକିବା ସମ୍ଭବ ହେଉନି। 'କୁଇକ୍-ମନି' ଲୋଭ ଦେଖାଇ ସେମାନେ 'ନିରୀହ' ନାଗରିକଙ୍କୁ ଠକୁଥିଲେ। ଠକି ଯାଇଥିବା ଲୋକଙ୍କୁ ସାଧାରଣତଃ 'ନିରୀହ' ବୋଲି କୁହାଯାଏ।

ହଜାର କାରଣ ଥାଉ ପଛେ, ଓଡ଼ିଶାରେ ସମବାୟ-ଆନ୍ଦୋଳନର ପରିଚୟ ଏତେ ଭଲ ନୁହେଁ। ଏଠି ମାରି ପିଟି ଖାଇବାର ନାଁ ହେଲା - କୋ-ଅପରେଟିଭ୍। ଗତ ସତୁରି ଦଶକରେ ଜଣେ ମାରୁଆଡ଼ି ଭଦ୍ରଲୋକ ଏ ଲେଖକଙ୍କୁ କହିଥିଲେ, 'ଓଡ଼ିଆସ୍ ଆର୍ ଟ୍ରଷ୍ଟେଡ୍ ମ୍ୟାନେଜର, ବଟ୍ ଅନ-ଟ୍ରଷ୍ଟେଡ୍ ପାର୍ଟନର।' ଏତେ ବିଶ୍ୱାସୀ ମ୍ୟାନେଜର୍ ଆଉ କେଉଁ ଜାତିରେ ମିଳିବେନି, ସେମାନଙ୍କୁ ଯଦି ପାର୍ଟନର୍ କଲ - ଜାଣ ତମ ବେପାର ବୁଡ଼ିଲା।

ବଦାନ୍ୟତା ଦେଖେଇ ଖୋଦ୍ ମଧୁବାବୁ ଏଥିରେ ଚିତା କଟେଇଥିଲେ ଟି ! ଆମେ ବାବୁଙ୍କୁ ଶହେ ବର୍ଷ ତଳ ମଧୁବାବୁଙ୍କ ଟ୍ୟାନେରି ଉପାଖ୍ୟାନ କହିଥିଲୁ।

ମାତ୍ର ଆମର ପ୍ରଶ୍ନ : କେଉଁ ଗରଜରେ ତାହା 'ଡି-କଣ୍ଟ୍ରୋଲ୍' ହୋଇଥିଲା ?

'ଓଡ଼ିଶା କୋ-ଅପରେଟିଭ ସୋସାଇଟିଜ୍ ଆକ୍ଟ, ୧୯୬୨'ରେ ସରକାରୀ କଣ୍ଟ୍ରୋଲ ଏତେ ଥିଲା ଯେ ସେଥିରେ 'ସମବାୟ' ବା ସ୍ୱେଚ୍ଛାକୃତପଣ କେବଳ ସୁଇସାଇଡ୍ କରିପାରେ। ନିଜ ଭିତରେ ସହଯୋଗ ଯୋଗୁ ବହୁ ବୃତ୍ତି ବା ବ୍ୟବସାୟ ସମ୍ଭବ। ମାତ୍ର ସେମାନଙ୍କ ଉପରେ ସରକାରୀ ଛାଇ ନ ପଡ଼ିବା ଦରକାର। ପଚାଶ ଶହେ ନାରୀ ପୁରୁଷ ରୟାଲ୍‌ଟି ଦେଇ ଜଙ୍ଗଲରୁ କେନ୍ଦୁପତ୍ର ତୋଳି ତାହା ଫଡ଼ା (ମଣ୍ଡି)ରେ ବିକିବାକୁ କୋ-ଅପରେଟିଭ୍‌ଟିଏ କରିଥିବେ। ସେମାନେ କାହିଁକି ଅଡିଟର, ରେଜିଷ୍ଟ୍ରାରଙ୍କ ହିକ୍‌ମତି ସହିବେ ?

ଯେତେବେଳେ ଏ 'ସେଲ୍ଫ-ହେଲ୍ପ' ଆଇନ ହେଲା ସେତେବେଳେ ଦଳର କର୍ଣ୍ଣଧାର ଥିଲେ ପ୍ୟାରୀ ବାବୁ। ଏବେ ଜାଲ ଗଫଲତିରେ ଯେତେ ଲୋକ ଧରା ପଡ଼ିଛନ୍ତି, କୁହାଯାଉଛି - ସମସ୍ତେ କୁଆଡ଼େ ତାଙ୍କ ଲୋକ। ୨୦୦୧ରୁ ଏ ପର୍ଯ୍ୟନ୍ତ ଆଇନ ଆଶ୍ରାରେ ଅସାଧୁ ଲୋକ ନିରୀହ ନାଗରିକଙ୍କୁ ଲୁଣ୍ଠନ କରିବାକୁ ଯେମିତି ସକ୍ଷମ ହେଲେ, ସେଥିପାଇଁ ସେମାନେ ଯେତିକି ଦାୟୀ ସେମାନଙ୍କୁ ଅପରାଧ ପ୍ରବଣ ହେବାକୁ ଉସ୍‌କେଇ ଥିବା ସରକାର ମଧ୍ୟ ତା'ଠୁଁ ଅଧିକ ଦାୟୀ ବୋଲି ଆମେ ଭାବୁ। ସରକାରରୁ କେହି ଦଣ୍ଡ ପାଇବା ଉଚିତ କି ନା ?

ସେତେବେଳେ ବି ମୁଖ୍ୟମନ୍ତ୍ରୀ ଥିଲେ ନବୀନ ପଟ୍ଟନାୟକ। ଏବେ ବି ସେଇ।

(୧୭.୫.୧୩.)

Digitized by srujanika@gmail.com

ଲୁଣ ଗୁଜବ

"Rumors spread faster than news and news spreads faster than the happenings." ? Amit Abraham

ଗୁଜବର କରାମତିକୁ କେବେ ବି ଯୁଗ ପରଖି ପାରିନି। ସାରଳା ମହାଭାରତରେ 'କୋକୁଆ ଅଇଲାରେ'ରୁ ଆରମ୍ଭ କରି ଆଜି ଗପ ପର୍ଯ୍ୟନ୍ତ। ରବିବାର ସନ୍ଧ୍ୟାରେ ନାଉଁଗା (ଜଗତସିଂହପୁର)ରୁ ପାଠକ ବନ୍ଧୁ ଶ୍ରୀ ଦୁଃଶାସନ ଜେନା ଗୋଟିଏ ଖବର ଜଣାଇଲେ। ଆଳୁ ପିଆଜ ପରିବା ଉତ୍ପାତ ଉତ୍କଟତର। ସେ କହିଲେ - ଲୁଣ କଥା ଜାଣିଲେଣି ? କୁଆଡ଼େ ଜଣେ ତାଙ୍କୁ ପାଞ୍ଚ ବସ୍ତା ମାଗିଲା। ଗାଁ ଚିହ୍ନା ଲୋକ, ଜେନାବାବୁ ପଚାରିଲେ - ତମ ଘରେ ତ ଦି ମାସରେ କିଲେ ଲୁଣ ସରେନା, ଏକାଥରେ ପାଞ୍ଚ ବସ୍ତା କାହିଁକି ?

ବହୁ ଅସତ୍ୟର ସମାହାରରେ ସେ ବାବୁଙ୍କ ଗପଟି ଥିଲା - ସେ ଯାହା ଶୁଣିଛନ୍ତି, ତାଙ୍କୁ ଭୟାନକ ଲାଗିଛି। ନିଜ ହୁସିଆରି ପ୍ରମାଣ କରିବାକୁ ଏକାଥରେ ପାଞ୍ଚ ବସ୍ତା ଲୁଣ କିଣିବାକୁ ମନସ୍ଥ କରିଛନ୍ତି। କେତେ ଦିନ ସର୍ଟେଜ୍ ହେବ, ହଉ ! ୟା' ଭିତରେ ସରକାର କିଛି ସପ୍ଲାଇ ବ୍ୟବସ୍ଥା କରିବନି କି ! ଏପରି ଗଣତାନ୍ତ୍ରିକ ଦର୍ପର କାରଣ ଥିଲା ଯେ ସେ 'ମାନବାଧିକାର' ବଳରେ ହୋର୍ଡିଂ କରିପାରିବେ ଏବଂ 'ନାଗରିକ' ଅଧିକାର ବଳରେ ସରକାର ତାଙ୍କୁ ରିଲିଫ୍ ଦେବ ! ବାବୁ ଲୁଣ ନେଲେ କି ନା ତାହା ମୋଟେ ବଡ଼ କଥା ନୁହେଁ। ମାତ୍ର 'ବିଶ୍ୱାସ' ନାମରେ ସେ ଯେଉଁ ଗପଟିକୁ ଛାଡ଼ି ଦେଲେ ତାହା ଥିଲା - ଆମ ବ୍ରହ୍ମପୁର ପରି - ଫାଇଲିନ୍ କୁଆଡ଼େ ଗୁଜୁରାଟ ଉପକୂଳକୁ ଧୋଇ ଦେଇଥିବାରୁ ସେଠି ଲୁଣ 'ଫ୍ୟାକ୍ଟ୍ରି' ବନ୍ଦ ହୋଇଯାଇଛି।

ଭାରତ ସହିତ ଲୁଣର ପରିଚୟ ଐତିହାସିକ ଭାବେ ଦି ରକମ। ଗୋଟେ - 'ଗାନ୍ଧି ଲୁଣ'। ତାହା ଏକଦା ସାବରମତୀରୁ ଇଞ୍ଜୁଡ଼ିଯାଏଁ 'ଭାରତ' ତିଆରି

Digitized by srujanika@gmail.com

କରିଥିଲା । ଲୁଣ ଛୁଇଁ ଗାନ୍ଧି ମହାତ୍ମା ଆରମ୍ଭ କରିଥିଲେ ସତ୍ୟାଗ୍ରହ ଆନ୍ଦୋଳନ, ୧୯୩୦ - ଦାଣ୍ଡୀଯାତ୍ରା । ଦେଶ ସ୍ୱାଧୀନ ହେଲା । ଚତୁର୍ଦ୍ଦିଗରେ ସରକାର 'ପ୍ରଗତି' ଘଟାଉଥିଲେ । ଲୁଣର ମଧ୍ୟ 'ପ୍ରଗତି' ହେଲା । ବାଜପେୟୀ ସରକାର କାଳରେ ଗାନ୍ଧି-ଲୁଣରେ ଆୟୋଡିନ୍ ମିଶେଇ ତାକୁ ଫାଇନ୍ କରି ପ୍ୟାକେଟ୍‌ରେ ପୂରାଇ ବିକ୍ରି କରାଗଲା । ଏ ନାଁ ହେଲା - ଟାଟା-ସଲ୍ଟ । ସାରା ଭାରତ ଖାଇବ । ସରକାରର ଏ ଅଯଥା ସିଦ୍ଧାନ୍ତର ପରିଣତି ହେଲା ଯେ ଆମ ପରି ଅନେକ ରାଜ୍ୟର ଲୋକେ ପ୍ରାକୃତିକ କାରଣରୁ ଆୟୋଡିନ ଅଭାବ ରୋଗରେ ପଡ଼ନ୍ତି ନାହିଁ । ମାତ୍ର ସମସ୍ତେ ଆୟୋଡିନ୍‌ଯୁକ୍ତ ସଲ୍ଟ ଖାଇଲେ । ମନେ ପକାଇ ପାରିବା - 'ସାଇନିଂ-ଇଣ୍ଡିଆ' ପାଇଁ ଭାଜପାର ଏହା ସେତେବେଳେ ଥିଲା 'ୱାନ୍-ଇଣ୍ଡିଆ' ସ୍ଲୋଗାନ୍ ।

ନେତା, ବଦମାସ. ବେପାରି ଯିଏ ହୁଅନ୍ତୁ ନା କାହିଁକି, 'ନିମକ୍ ହାରାମ୍' ନ ହେଲେ ଲୁଣ ସାଙ୍ଗରେ କେହି ଖେଳନ୍ତିନି । ଏହା ଆମ ସମାଜିକ ଶିଷ୍ଟାଚାର ।

ଗୁଜବ ଶୁଣି ଯୋଗାଣ ବିଭାଗକୁ ପଚାରିଲୁ । ହାକିମ କହିଲେ - ମିଛ କଥା ।

ଆମେ କହିଲୁ - ସାର୍ ଆଗ କାଳେ ଢେଣା ଲଗେଇଲେ ବି ଖବର ଉଡୁ ନ ଥିଲା । ଏବେ ଟିଭି ଇଣ୍ଟରନେଟ୍ ମୋବାଇଲ ଯୁଗ । ନୁଖୁରା ଖବର ଆଗେ ଏବଂ ଅଧିକା ଉଡୁଚି । କିଛି ମାଇଣ୍ଡ୍ କରିବେନି କହି ମନେ ପକେଇଦେଲୁ । ଏଇ ଭାରତରେ ଦିନେ ମାତ୍ର ସାତ ମିନିଟ ଭିତରେ ସବୁ ଗଣେଶ ଭକ୍ତଙ୍କ ହାତରୁ ଚଁ ଚଁ କରି କ୍ଷୀର ପିଇଥିଲେ । ଲୁଣ କଥା ଯଦି ମିଛ, ତା'ହେଲେ ସରକାର ତ୍ୱରିତ ଲୋକଙ୍କୁ ଜଣାନ୍ତୁ । ନ ହେଲେ 'କୋକୁଆ' ପଶିଯିବ ଯେ ! ରାଜ୍ୟବାସୀ ଦୁଃଖରେ ଅଛନ୍ତି । ଏବେ ଗୁଜବ ପରି ବେଧବୁଜୁଳା ଲୁଚେଇବା ଶକ୍ତି କାହାରି ନ ଥିବ । ଲୁଣ ପାଇଁ ସରକାର ହାତରେ କି ଆଇନ ନାହିଁ ବା ଜଗିବାକୁ କେଉଁଠି କର୍ମଚାରୀ ନାହାଁନ୍ତି ? 'ଆଜ୍ଞା, ପନି ପରିବା ପୀଡ଼ା ସତ୍ତ୍ୱେ ଓଡ଼ିଶାରେ କାର୍ତ୍ତିକ ହବିଷ ଚାଲିଛି । ଏତେବେଳେ ଗୁଜବ ବାରଣ କଲେ ସରକାରର ଧର୍ମ ହେବ ।'

ବାବୁ 'ଅଫ୍-ଦି-ରେକର୍ଡ' ଢଙ୍ଗରେ କହିଲେ - 'ସେଠୁ' କ୍ଲିଅର୍ ନ ହେଲେ ଏ କାମ କିଏ କରିବ ?

ଆମେ ଆଗରୁ ଶୁଣିଥାଉ - ବେପାରିମାନେ ନିଜ ଯୋଗାଡ଼ରେ ଆମଦାନି ବ୍ୟବସ୍ଥା କରିଥିଲେ ବି କେବଳ 'ସେଠୁ' ପର୍ମିସନ୍ ମିଳିନି ବୋଲି କର୍ଣ୍ଣାଟକ କି ୟୁପି ଇତ୍ୟାଦି ରାଜ୍ୟରୁ ଆଳୁ ଆସିପାରୁନି ।

'ସେଠୁ' ଓଡ଼ିଶା କେତେ ଦୂର କି ?

ସୋମବାର ସକାଳେ ଖବର ମିଳିଲା ଯେ ରାଜ୍ୟସାରା ଲୋକ ବାଉଳା ହେଉଛନ୍ତି ଲୁଣ କିଣିବାକୁ । ମଧ୍ୟାହ୍ନ ବେଳକୁ ଯୋଗାଣ ସଚିବ ଘୋଷଣା କଲେ - ଆମର ଲୁଣ ବହୁତ ଅଛି । କେହି ଗୁଜବ ଶୁଣିବା ଉଚିତ ନୁହେଁ ବା ଭୟଭୀତ ହେବା ଦରକାର ନାହିଁ । ଏହାର କୌଣସି ପ୍ରଭାବ ନ ଥିଲା । ସୋମବାର ସନ୍ଧ୍ୟା ସୁଦ୍ଧା ଲୁଣ ଯେତେ ଇଚ୍ଛା ସେତେ ଦରରେ ବିକ୍ରି ହୋଇଛି ଏବଂ ଆଉ କେତେ ଜାଗାରେ ପୂରା ଉଭାନ ।

ଏହା ଏକ ପ୍ରଶାସନିକ ସମସ୍ୟା । ଏ ଦାୟିତ୍ୱ ଶାସନକୁ ହିଁ ସମ୍ଭାଳିବାକୁ ପଡ଼ିବ । ନ ହେଲେ ଷ୍ଟେଜ୍ ଫ୍ରି' ମିଳିଲେ, ରାଜନୀତି ବିନା ଆଳୁଅରେ ବି ନାଚି ପାରେ ।

(୧୩.୧୧.୧୩)

Digitized by srujanika@gmail.com

ବାଣୀ ବଚନ ପ୍ରତିଶ୍ରୁତି

ପିଉସୀ, ମାଉସୀ, ଦେଢେ଼ଇ, ଖୁଡ଼ୀ - ଭେଟ ହେଲେ ଦରକାର ମୁତାବକ ସମ୍ମାନ ଆଦର କରିବାକୁ ପଡ଼େ। ହଁ, ଆଭଏଡ୍ କଲେ ଚଳିବ ଯେ ହେଲେ ରିସ୍କ ଅଛି । ଉପର ତିନୋଟି ଶବ୍ଦର ତାରତମ୍ୟ ବି ସେମିତି ରିସ୍କି। ଯଥା - ଯେମିତି ପ୍ରେମରେ 'ବାଣୀ' କୁହାଯାଏନି, ଧର୍ମରେ 'ପ୍ରତିଶ୍ରୁତି' ଚଳେନି କି ଦପ୍ତରରେ 'ବଚନ'ର କିଛି ମାନେ ନ ଥାଏ।

'ବଚନ' - ଜଣେ ଇଛା ନକଲେ ଏହା ତୁଣ୍ଡରୁ ବାହାରେ ନାହିଁ। ଯଦି ଆଉ କିଛି ଶୁଭେ ତାହା କ୍ରନ୍ଦନ, ରୋଦନ ବା ଚିତ୍କାର ଇତ୍ୟାଦି। ତେଣୁ 'ବଚନ' ସବୁବେଳେ ଜଣଙ୍କୁ ବାପା ରାଣ ପକେଇବା ଶିଖାଉ ଥାଏ। ପଛରେ ଭୁରୁଡ଼େଇବ ପଛେ, ତତ୍କାଳ ଜଣେ ନିଜ ଉଚ୍ଚାରଣ (ବଚନ) ପାଖରେ ବନ୍ଧା ପଡ଼େ।

ଅଙ୍ଗଳିଭା କଥା। ସତୁରୀ ଦଶକର ଶେଷ ଭାଗ। ପ୍ରଥମ ଥର ଦିଲ୍ଲୀ ଯାଉଥାଏ। ବାହାଘର ନୂଆନୂଆ। ପତ୍ନୀ ନିଜ ପାଇଁ କିଛି ଆଣିବାକୁ ଶକ୍ତ୍ ମନା କରିଥିଲେ। ବରଂ କହିଲେ ଯେ ଯଦି ଟୁର୍ ପଇସାରୁ କିଛି 'ମାରି ପାରିବ କି ବଞ୍ଚେଇ ପାରିବ', ତା'ହେଲେ 'ବୋଉ' (ତାଙ୍କ ଶାଶୁ) ଲାଗି ଖଣ୍ଡେ ଚଉଡ଼ା ନାଲି ବର୍ଡର ସିଲ୍କ ଶାଢ଼ି ଆଣିବ। ମାନଚିତ୍ର ଦେଖି ସେ ଜାଣିଥିଲେ ସେଠୁଁ କାଶ୍ମୀର ପାଖ, ତେଣୁ ଦିଲ୍ଲୀରେ ସିଲ୍କ ଶସ୍ତା। ବାପାଙ୍କ ଲାଗି ହଳେ ଲେଦର୍ ଚପଲ। ସେଠୁ ଲକ୍ଷ୍ନୌ ପାଖ। ଏମିତି ତାଲିକାରେ 'କମ୍ପଲସରି' ଥିଲା ଆଠ ଦଶ, ଆହୁରି ଦେଢ଼ କି ଦି ଡଜନ 'ଅପ୍‌ସନାଲ୍' ଭାବେ ରହିଲେ।

ଟୁର୍ ଅର୍ଥରୁ ଏତେ 'ମାରି' ବା 'ବଞ୍ଚେଇ' ଏ ବିଶାଳ ପ୍ରକଳ୍ପ ସଂପାଦନ କରିବା ମୋ ପକ୍ଷେ ଅସମ୍ଭବ ବିଚାରି ଦିଲ୍ଲୀ ପହଞ୍ଚି ପ୍ରଥମେ ସେ ତାଲିକାଟାକୁ ହଜେଇ ଦେଲି। କାମରେ ମନ ଲାଗିଲା ଓ ଟେନ୍‌ସନ୍ କମିଗଲା। ତେବେ

Digitized by srujanika@gmail.com

ବି, ଦି' ଦିନ ପରେ ମନ ସାକୁଲେଇଲା । କିଛି କିଣିବାନି ନା ?

ସେକାଳ, ପୁରୁଣା ଦିଲ୍ଲୀର ଫୁଟ୍‌ପାଥ୍ । ନାନା ଦୁର୍ନାମରେ ଭୂଷିତ ଥିଲା । ସେଥିରୁ ଗୋଟିଏ ଥିଲା - ବେପାରୀ ଥରେ ଗରାଖ ଧରିଲେ, ଆଉ ଛାଡ଼ିବନି । ତମେ ଠକି ଯିବ ହିଁ ଯିବ । ଏ ସତର୍କତା ମନେ ରଖି କୌଣସି ଉତ୍ସୁକତା ନ ଦେଖେଇ ଚାଲୁଥାଏ । ଆଖି ପଡ଼ିଗଲା ଗୋଟିଏ ଲେଡିଜ୍-ସ୍କାର୍ଫ ଉପରେ । ଟିକେ ଅଧିକ ଅନେଇ ଦେଲି । ତା'ପରେ ସବୁ ଉଦ୍ୟମ ଦୋକାନୀ ଆଡୁ ଚାଲିଲା, କେମିତି ମତେ ସେ ଖଣ୍ଡିକ ସେ ବିକିବ । ମୁଁ ବି ହୁସିଆର ରହିଲି, ଯେମିତି ଠକି ନ ଯିବି ।

ସ୍କାର୍ଫ ମାନେ - ଏମିତି ଖାସ୍ କିଛି ନୁହେଁ । ଭେଲ୍‌ଭେଟିଆ କଳା ଉଲ୍‌ର ଫୁଲଗୁଡ଼ିଏ । ପେନ୍ଥା ଅଙ୍ଗୁର ମାଡ଼ିବା ପରି ବଢ଼ିଆ ଷ୍ଟାଇଲ୍‌ରେ ଗୁନ୍ଥା ହୋଇଛି । ଦେହଟା ସାରା ଖୋଲା ବେଶି, ବନ୍ଦ କମ୍ । ଶୀତ ଅଟକାଇବା ଶକ୍ତି ମୋଟୁରୁ ନାହିଁ । ଭାବିଲି, ଯିଏ ନିଜ ଲାଗି କିଛି ବରାଦ କରିନି ତାକୁ ଏଇଟା ବଢ଼ିଆ ମାନିବ ।

ତା'ପରେ ଫେରିବାଲା କହିଲା - କୁଆଡ଼େ କାଶ୍ମୀରର କେବଳ ଗୋଟିଏ ପରିବାର ଏ ଡିଜାଇନ୍ ତିଆରି କରେ ବା ତତ୍‌ସମ ବାକ୍‌ଚାତୁରୀ । ମୂଲ୍ୟ ୨୫୦ ଟଙ୍କା । ଯେତେ ମନା କଲେ ବି, ବାରମ୍ବାର ସ୍କାର୍ଫର ଗୁଣ ବର୍ଣ୍ଣନା କରି ମୋ ହାତକୁ ଧରୋଉଥାଏ । ବିରକ୍ତ ହୋଇ କହିଲି - ଆରେ ବାବା ଛାଡ଼, ମୁଁ ନେବିନି ।

'ହଉ ସାର୍ ଆପଣ ମନରେ କିଛି ରେଟ୍ ଭାବି ଜିନିଷଟା ଦେଖିଲେ ନା, ଫୋକଟରେ ତ ନୁହେଁ । ହଁ, କାଳେ ମୁଁ ଅଧିକା କହଥିବି । ଆପଣ କୁହନ୍ତୁ - ପୋଷେଇଲେ ଦେବି ନ ହେଲେ ନାହିଁ, ମୁଁ କ'ଣ ଜବରଦସ୍ତ କରୁଛି ? କିନ୍ତୁ ଏ ମାଲ୍ ଏତେ ଶସ୍ତାରେ ହୋଲ୍ ଇଣ୍ଡିଆରେ ପାଇବେନି ।'

ସେ ମତେ ଛାଡୁ ନ ଥାଏ । ନିସ୍ତାର ପାଇବାକୁ ନିହାତି ନରଖରିଆ ବାରଗେନିଂ ରେଟ୍ କହିଲି - ୨୫ ଟଙ୍କା ନବ ? ମୋ ପାଇଁ ଫାଇନାଲ୍ । ଚାଲିଲି ଭାଇ ।

ତା'ପରେ ଦାର୍ଶନିକ ରୂପେ ଫେରିବାଲା କହିଲା - ଭାଇସାବ୍, ମୁଁ ହାରିଗଲି । ହଉ, ଦିଅନ୍ତୁ । କହି ସ୍କାର୍ଫଟିକୁ ସୁଦୃଶ୍ୟ ଖୋଳରେ ପୂରେଇଲା । ଦେଖିଲେ ଜଣା ପଡ଼ିବ ଯେମିତି ତାହା ସମ୍ଭ୍ରାନ୍ତ ଦୋକାନରୁ କିଣା ହୋଇଛି ।

ମୋ ମନରେ ନୂଆ ପାପ ପଶିଲା । କହିଲି - କୋଡ଼ିଏ ଦେବି ?

ସେ ରାଗିଲାନି କି ରୁଷିଲାନି । ବରଂ କହିଲା, ଆପଣ ନିଜ 'ବଚନ' ବି ରଖି ପାରୁନାହାଁନ୍ତି । ହଉ ଦିଅନ୍ତୁ ।

'ବଚନ'ଠାରୁ ପାଞ୍ଚ ଟଙ୍କା ମତେ ଅଧିକ ଲାଗି ନ ଥିଲା । ତାକୁ ମୁଁ ପଚିଶ ଦେଇଥିଲି । ମାତ୍ର ଗୋଟିଏ ଶୂନ୍ୟତା ମୋ ପାଖରେ ରହିଗଲା । ମୁଁ ତାକୁ ଠକିଲି ନା ସେ ମତେ ଠକିଲା ?

ସେ ଖଣ୍ଡିକ ଆଜି ବି ଘରେ ସଇସଲାମତ୍ ଅଛି । ଏହାର ପ୍ରଥମ ଏବଂ ଶ୍ରେଷ୍ଠ କାରଣ - ସମସ୍ତେ ଜାଣନ୍ତି ଯେ ତାହା ପଚିଶ ଟଙ୍କିଆ ଫେରିବାଲା ମାଲ୍ । ନେବାକୁ କେହି ଲୋଭ କରି ନାହାଁନ୍ତି । ସେହି ସ୍କାର୍ଫ ମନେ ପକେଇ ଦିଏ କେତେ କଥା । ଲାଗେ, ଆଇନ ଡେଇଁବା ବରଂ ସହଜ,

Digitized by srujanika@gmail.com

'ବଚନ' ଡେଇଁବା ଭାରି କଷ୍ଟ।

'ବାଣୀ' - ଏ ଶବ୍ଦ ପୁଞ୍ଜି କାହାରି ସାଙ୍ଗରେ ଦଉଡ଼ାଧାପଡ଼ କି କୁସ୍ତି କସରତ କରନ୍ତିନି। ଏଗୁଡ଼ିକୁ ଡେଇଁବା ସହଜ, ମାତ୍ର ଖାସ୍ କାହାରି ଦରକାର ପଡ଼େନି। ବୁଦ୍ଧ-ବାଣୀ - 'କାମନାର ବିନାଶରେ ଦୁଃଖର ବିନାଶ' ବା ଗୀତା-ବାଣୀ - 'ଜହି ଶତ୍ରୁଂ ମହାବାହୋ କାମରୂପଂ ଦୁରାସଦମ୍' - ଏଗୁଡ଼ିକ କୋଉ ପୁଅ ନ ଜାଣିଛନ୍ତି ଯେ ? କେହି ମାନନ୍ତିନି କି ଡିଅଁନ୍ତିନି - ଦଣ୍ଡବତ ମାରି ଆଗକୁ ଚାଲନ୍ତି। ସେମିତି, ଗାନ୍ଧି-ବାଣୀ। ସମ୍ବିଧାନ ସଂଶୋଧନ କଲେ ସବୁ ସଫା। ମଣିଷ ଅତି ବୁଦ୍ଧିମାନ୍। ଡେଇଁବା ଦ୍ରୋହ କିଏ କାହିଁକି କରିବ ?

ତୃତୀୟଟି - ପ୍ରତିଶ୍ରୁତି। ନିର୍ବାଚନ ପାଖ ହେଲେ ଏ ଏକ୍‌ଦମ୍ ଫ୍ରି ମିଳେ। ଆପଣ ବିଶ୍ୱାସ କଲେ କରନ୍ତୁ, ନ ହେଲେ ନାହିଁ।

ବାଣୀ, ବଚନ ଓ ପ୍ରତିଶ୍ରୁତି - ସବୁଗୁଡ଼ିକ ପ୍ରାୟ ଏକାର୍ଥବୋଧକ ଶବ୍ଦ, ମାତ୍ର କିଏ ଠାଇଁଆଣୀ ଆଶାର ଆଧିନିଧି ତ ଆଉ କିଏ ଠାକୁରଙ୍କ ବଡ଼ ଶିଙ୍ଘାର ବେଶର ସଜ।

(୧୪.୮.୧୩)

Digitized by srujanika@gmail.com

୧୯

ଛ ନ କା

ଆମ ଗାଁ ନଈରେ ଏକ ଡଙ୍ଗା ଦୁର୍ଘଟଣା । ସେତେବେଳେ ହୀରାକୁଦ ବନ୍ଧ ହୋଇ ନ ଥାଏ । ନଈରେ ବର୍ଷକୁ ଆଠ ଦଶ ମାସ ପାଣି ରହୁଥିଲା । କେତେବେଳେ ଗାଭିଲୀ ତ ଆଉ କେବେ ଉଛୁଳା । ମାସେ ଦି' ମାସ ଶୁଖିଲା ପଡୁଥିଲା । ତେବେ ବି ଆଠକାଳୀ ବାରମାସୀ ଆମ ଗାଁ ଘାଟରେ ଡଙ୍ଗା ଚାଲେ । ପାଣି ମୁତାବକ ସମୟ, ଗତି ଓ ଦୂରତାକୁ ଆଦରି ନିଏ । ସବୁ ସ୍ୱାଭାବିକ ପ୍ରାୟ । ଦୁର୍ଘଟଣାର ବିବରଣୀଟି ଥିଲା ଏହିପରି । ନୂଆ ପାଣି ପଡ଼ିଥାଏ । ଏଠିସେଠି ଗାମୁଛା ପିନ୍ଧି ପଶି ପଳେଇବାକୁ ଆଉ କେହି ସାହସ କରୁ ନ ଥା'ନ୍ତି ।

ସେଦିନ ଥିଲା ବୁଧବାରିଆ ହାଟପାଳି । ଚିହ୍ନା ନଈ । ସୁଅ ଟାଣ କି ନରମ, କାହାର ଏ ଚିନ୍ତା ନ ଥାଏ । ଘାଟିଆ ଥିଲା ବିଖ୍ୟାତ ମାଗୁ ମାହାଳି ପୁଅ କାର୍ତ୍ତିକା । ମାଗୁ କୁଆଡ଼େ ତା ଯୁବାକାଳରେ ମଗର ସାଙ୍ଗରେ ଲଢ଼ି ନାଆ ଘୋଷାରି ଆଣିଥିଲା କୂଳକୁ ।

ଗହୀର ପାଣିରେ ଆହୁଲା ଚାଲିଲା । କାର୍ତ୍ତିକା ହାଲିସା ମଙ୍ଗ ଭିଡ଼ିଲା ଓ କାତ ଟେକିଦେଲା ଉପରକୁ । ଡଙ୍ଗାରେ ଭର୍ତ୍ତି ଲୋକ ଓ ପାଣିରେ ଭର୍ତ୍ତି ନଦୀ । ଡଙ୍ଗା ଚାଲିଲା ଆଗକୁ । କୂଳ ଛୁଇଁବାକୁ ଆଉ ପଚାଶ ଷାଠିଏ ହାତ ଥାଏ, ଆହୁଲା ବନ୍ଦ ହୋଇ ସାରିଥାଏ । କାର୍ତ୍ତିକା ହାତରୁ ବଡ଼ କାତଟା ଖସି ପଡ଼ିଲା । 'ଆହୁଲା ଚଲା' କହି ସେ ନଈକୁ ଡେଇଁ ପଡ଼ିଲା । ଲଗେଜ୍ ଓ ପ୍ୟାସେର୍ ଭିଡ଼ରେ ଟୁଳୁଟୁଳୁ ହେଉଥିବା ଡଙ୍ଗାଟା ଟିକେ ହଲିଗଲା । ଆହୁଲା ଚାଲିବା ଆଗରୁ ବିକଳରେ ତିନି ଜଣ ଡଙ୍ଗାରୁ ଡେଇଁ ପଡ଼ିଲେ ।

କୁଶିଆ - ନଈ ପହଁରେଇ ସାଙ୍ଗରେ ଦାମୁଡ଼ି ବିକିବାକୁ ହାଟକୁ ନେଉଥିଲା । ଭାବିଲା, ଡଙ୍ଗା ବୁଡ଼ିଲେ ଦାମୁଡ଼ି ଗଲା । ସେ ଡେଇଁ ପଡ଼ିଲା । ଆଉ ଦି' ଜଣ - ଜଣଙ୍କ ପରିବା ଟୋକେଇ ପଡ଼ିଯାଇଥିଲା, ଆର ଲୋକଟି ଏ ଦୁହିଁଙ୍କୁ ଦେଖି

Digitized by srujanika@gmail.com

ଡେଇଁ ପଡ଼ିଥିଲା। କାହାରି କିଛି ହେଲାନି। ସମସ୍ତେ ପହଁରି ପଳାଇ ଆସିଲେ। କାର୍ତ୍ତିକା କାତ, ପରିବା ଟୋକେଇ ଓ ତରକି ଡେଇଁଥିବା ଲୋକକୁ କଚ୍ଛାରୁ ଧରି ଟାଣି କୂଳରେ ପହଞ୍ଚିଲା। ଦେଖିଲାବେଳକୁ ସେ ହେଉଛନ୍ତି, ଆମ ସ୍କୁଲକୁ ନୂଆ ଆସିଥିବା ହେଡ୍ ପଣ୍ଡିତେ। ନାଳ କୁଳିଆ ଲୋକ।

ଲୋକେ ପଚାରିଲେ - ମାଷ୍ଟ୍ରେ ତମେ ଡେଉଁଥିଲ କାହିଁକି ?

ସାଷ୍ଟମ ହୋଇ ସେ କହିଲେ - ଡର କ'ଣ କିଏ ଆଉ କାହାଠୁଁ ଶିଖେ ?

ଏବେ ସେଠି ପାଣି ନାହିଁ, ତଥାପି ଏପାଖ ସେପାଖ ହୋଇ ଡବଲ୍ ପୋଲ। ସେଦିନର ହେଡ୍ ପଣ୍ଡିତେ ଆଜି ସ୍ୱର୍ଗବାସରେ।'

ମା ବ୍ରୁୟାତ୍ ସତ୍ୟମପ୍ରିୟମ୍।

ଦାମବାବୁଙ୍କ ଆଳୁ।

ଦେଶ ସାରା ପରିବାରେ ଚିଆଁ ଲାଗିଛି ଓ ଆଳୁ ପିଆଜ ଦରରେ ନିଆଁ। କେନ୍ଦ୍ରଠୁଁ ରାଜ୍ୟଯାଏଁ ନେତାମାନେ ସମସ୍ତେ କମ୍ ରାଜନୀତି କରୁଛନ୍ତି ଓ କୋରିକଚାଡ଼ି ହେଉଛନ୍ତି ଅଧିକ। ଦିନ ଗଡ଼େଇବା ଛଡ଼ା ସରକାରଗୁଡ଼ିକ ଅଧିକ କିଛି କରିପାରୁ ନାହାଁନ୍ତି। ଏବଂ ଏ ନାଚାର ଅବସ୍ଥା ଲୁଚାଇବା ବାଟ ନାହିଁ।

ଆମର ଗୋଟିଏ ଢଗ : ଭୋକ ବୁଝେ ନାହିଁ ତୁଚ୍ଛା ଅଲଣା / ନିଦ ଖୋଜେ ନାହିଁ ଶେଯ ବିଛଣା। ଫାଇଲିନ, ବାତ୍ୟା ଓ ବର୍ଷା ରାଜ୍ୟର ସ୍ୱାଭାବିକ ଗିଅର୍-ବାକ୍ସ ଭାଙ୍ଗି ଚୂର୍‌ମାର୍ କରିଦେଇଛି। ସେଥିପାଇଁ ସରକାରକୁ ନିନ୍ଦା କି ପ୍ରଶଂସା କରିବାକୁ କିଛି କାରଣ ନାହିଁ। ଲୋକେ ମରିବା ପର୍ଯ୍ୟନ୍ତ ବଞ୍ଚନ୍ତି ନିଜ ଉପାୟରେ।

ଅତିକଥନ ଅନୁତ୍ତମ ଓ ଚୁପ୍ ରହେ ବୋକା। ମଣିଷ ପାଇଁ ଏହା ଏକ ସାଧାରଣ ହିତବାଣୀ ଏବଂ ମଧ୍ୟମ ପନ୍ଥା। ଗତ ଶୁକ୍ରବାର ଦିନ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ଦାମୋଦର ରାଉତ ଏତିକି ନ ମାନି କହିଲେ କ'ଣ ନା – ଆଳୁ ନ ଖାଇଲେ କ'ଣ କିଏ ମରିଯାଏ ? ସତ କଥା ଯେ, ମାତ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ହୋଇ ଆଳୁ କଦଳୀ କଥା କହିବା ତାଙ୍କର କି ଲୋଡ଼ା ଥିଲା ? ବା ଶାସକଦଳର ଜଣେ ନେତା ଭାବେ ପ୍ରତିକାର ପାଇଁ ଉପାୟ ନ କହି ୟାଡୁସ୍ୟାଡୁ ଗପିବା ବି ଅନାବଶ୍ୟକ ଥିଲା। ସାଙ୍ଗେସାଙ୍ଗେ ଏହାର ପ୍ରତିବାଦରେ କେତେ ମତ ଗଦା ହୋଇପଡ଼ିଲା ଟୁଇଟର୍, ଫେସ୍‌ବୁକ୍ ଇତ୍ୟାଦିରେ। ସେଥିରୁ ଗୋଟିଏ ଥିଲା - ମନ୍ତ୍ରୀ କି ବିଧାୟକ ନ ହେଲେ ବି କେହି ମରିଯାଆନ୍ତିନି ! ଏବେ ଏଇ ପଦେ କଥାକୁ ନେଇ ରାଜନୀତି ଚାଲିଲାଣି।

(୧୨.୧୧.୧୩)

Digitized by srujanika@gmail.com

ଏ ପାପର ଇତି କାହିଁ ?

ମୃତା ଇତିଶ୍ରୀଙ୍କ ମୂଳ ଅଭିଯୋଗକୁ ମୃତ୍ୟୁକାଳୀନ ଜମାନବନ୍ଦି ଭାବେ ଗ୍ରହଣ କରାଯାଉ

ରାୟଗଡ଼ା ଜିଲ୍ଲାର ଟିକିରି ପ୍ରକଳ୍ପ ୟୁପି ସ୍କୁଲ। ରାଜ୍ୟର ୩୫-୩୬ ହଜାର ବିଦ୍ୟାଳୟରୁ ଗୋଟିଏ। ସେଠି ନେତାଜୀ ସୁଭାଷ ବୋଷ ପଢୁ ନଥିଲେ ବା ସ୍କୁଲର କୌଣସି ଛାତ୍ରଛାତ୍ରୀ ନେସନାଲ ଟ୍ୟାଲେଣ୍ଟ୍ ସର୍ଚ୍ଚ ସ୍କଲାରସିପ୍ ପାଇ ନ ଥିବେ। ମାତ୍ର ତାହା ଆଜି ଦେଶ ବିଦେଶରେ ଅପଯଶ ପାଇଁ ନାଁ ଅର୍ଜିଛି।

ସେହି ବିଦ୍ୟାଳୟର ୨୮ ବର୍ଷିଆ ଶିକ୍ଷାସହାୟିକା ସୁଶ୍ରୀ ଇତିଶ୍ରୀ ପ୍ରଧାନଙ୍କୁ ତାଙ୍କ ବାସଭବନରେ ୨୭.୧୦ ଦିନ କିରାସିନି ଢାଳି ଜାଳି ହତ୍ୟା କରିବାକୁ ଜଣେ ସ୍କୁଲ ଏସଆଇ (ଶିକ୍ଷକ) ନେତ୍ରାନନ୍ଦ ଦଣ୍ଡସେନା ଆୟୋଜନ କରି ଅପରାଧ ଘଟାଇଲା। ୯୦% ପୋଡ଼ିଯାଇଥିବା ଶିକ୍ଷୟିତ୍ରୀ ଜଣକ ବିଶାଖାପାଟଣାର ଏକ ହସ୍‌ପିଟାଲ୍‌ରେ ଭେଣ୍ଟିଲେଟର୍‌ରେ କିଛି ସମୟ ବଞ୍ଚି ଶୁକ୍ରବାର ଦିନ ତାଙ୍କର ମୃତ୍ୟୁ ହେଲା। ଝିଅଟି ପାଇଁ ସମାଜର ଭଦ୍ର ବଳୟ କେଉଁ କାମକୁ ଲାଗିଲାନି।

ଏ କ୍ରୂରତାର କାରଣ କ'ଣ ଥିଲା ? ୨୦୧୧ରେ ଶିକ୍ଷାସହାୟକ ଚାକିରି ପାଇ ପୁରୀ ଜିଲ୍ଲା ଡେଲାଙ୍ଗରୁ ଯାଇ ସେଠି ରହୁଥିଲେ ଇତିଶ୍ରୀ। ପ୍ରାୟ ଆରମ୍ଭରୁ ଅଭିଯୁକ୍ତଜଣକ ତାଙ୍କୁ ପ୍ରେମ ନିବେଦନ କରି ହଇରାଣ କରିବାକୁ ଲାଗିଲା। ସେ ବୁଲି ବୁଲି ସମସ୍ତଙ୍କୁ ନିଜ ଦୁଃଖ କହିଥିଲେ। କେହି ଶୁଣିଲେନି। ଶେଷରେ ସାମ୍ବାଦିକ ସମ୍ମିଳନୀ ଡାକିଲେ। ବ୍ୟତିବ୍ୟସ୍ତ ଯୁବତୀ ଲୋକଟା ବିରୁଦ୍ଧରେ ପୁଲିସରେ ଯୌନ-ନିର୍ଯ୍ୟାତନା ଅଭିଯୋଗ କରିଥିଲେ ଜୁଲାଇରେ। ତା'ପରେ ବି କିଛି ହେଲାନି। ବିରୋଧୀ କଂଗ୍ରେସ ଅଭିଯୋଗ କରେ ଯେ ଆସାମୀ କୁଆଡ଼େ ଶାସକଦଳର ନେତା ମନ୍ତ୍ରୀଙ୍କ ବଳରେ ବଳୀୟାନ୍ ଥିଲା। ଏହାର ସତ୍ୟ

Digitized by srujanika@gmail.com

ଅନୁସନ୍ଧାନ କଲେ ହୁଏତ ତାହା ରାଜନୀତିର ରଙ୍ଗ ପାଇ ପାରେ, ମାତ୍ର ବିଶ୍ୱାସ - ତଥ୍ୟ ଠକି ପାରିବ ନାହିଁ।

ଫେରାର୍ ଅଭିଯୁକ୍ତକୁ ଗତ ବୁଧବାର ଦିନ ରାୟଗଡ଼ା ପୋଲିସ ଗିରଫ କରିଛି ଆନ୍ଧ୍ର-ଓଡ଼ିଶା ସୀମାରେ ଗୋଟେ ଢାବାରୁ। ଅଭିଯୁକ୍ତ 'ଥାନାରେ' ଦୋଷ ସ୍ୱୀକାର କରିଛି। ଏ କାର୍ଯ୍ୟକୁ କେହି ପୁଲିସର ବାହାଦୁରି ବୋଲି କହିବେନି।

ଇତିଶ୍ରୀଙ୍କ ମୃତ୍ୟୁ ପରେ ସରକାର ତାଙ୍କ ପରିବାର ପାଇଁ କିଛି ଲକ୍ଷ ଟଙ୍କା ଅନୁଦାନ ଘୋଷଣା କରି ତାହାକୁ ନାରୀ ସୁରକ୍ଷା ଓ ସମ୍ମାନ ବୋଲି ଦାବି କରିପାରିବେ ନାହିଁ। ଶାସନର ଅବହେଳା ବୋଲି ଆଗେ ବିଚାର କଲେ ହୁଏତ ଏ କଳଙ୍କ ଏବଂ ଅପରାଧର ସାମଗ୍ରିକତା କଳନା କରାଯାଇ ପାରିବ। ଏହା ସ୍ପଷ୍ଟ ଯେ ଶିକ୍ଷା ଓ ଶାସନରେ ଥିବା ପଦାଧିକାରୀଗଣ ତାଙ୍କ ଅଭିଯୋଗ ପ୍ରତି ଗୁରୁତ୍ୱ ଦେଇ ନ ଥିଲେ। ମୃତକା ଯେଉଁ ଅଫିସରମାନଙ୍କୁ ଭେଟି ନିଜ ଦୁଃଖ ଓ ଆସନ୍ନ ବିପଦ କଥା କହି ସୁରକ୍ଷା ଖୋଜିଥିଲେ ଏବଂ ତାହା ପାଇ ନଥିଲେ, ସେମାନେ ଅପରାଧରେ ସହଭାଗୀ ନ ହୋଇପାରନ୍ତି - ମାତ୍ର ପ୍ରତ୍ୟେକ ଥିଲେ ଦାୟିତ୍ୱହୀନ। ସେମାନଙ୍କ ବିରୁଦ୍ଧରେ ମଧ ବିଚାର ହେଉ ଏବଂ ତାହା 'କ୍ରିମିନାଲ୍ ଆବେଟ୍‌ମେଣ୍ଟ' ଦଫା ମୁତାବକ। ସେଥିପାଇଁ ଦୁଇତିନି ଜଣଙ୍କୁ ସସ୍‌ପେଣ୍ଡ୍ କରିବାର କିଛି ମାନେ ନ ଥାଏ। ଇତିଶ୍ରୀ ଯାହାକୁ ଭେଟିଛନ୍ତି ତହିଁର ତାଲିକା ରହିଛି। ଏବେ ତାଙ୍କ ମୂଳ ଅଭିଯୋଗକୁ ମୃତ୍ୟୁକାଳୀନ ଜମାନବନ୍ଦି ଭାବେ ଗ୍ରହଣ କରି ଅପରାଧୀମାନଙ୍କ ବିଚାର ହେଉ। ନହେଲେ, ଆଖିଦେଖା ସାକ୍ଷୀ (eye witness) ଅଭାବରେ ମର୍ଡର କେଶ୍‌ର ଭାଗ୍ୟ ଯାହା, ସମସ୍ତେ ଜାଣନ୍ତି। କାଳ ହଜି ଯିବ ଓ ବାଲି ମିଶି ଯିବ। ନିଜ ଗୋଡ଼ରେ ଠିଆ ହେବାକୁ ଚେଷ୍ଟା କରୁଥିବା ଜଣେ ଯୁବତୀର ନାଁ ସେମିତି ଆପେଆପେ ହଜି ଯିବ।

"The Sexual Harassment of Women at Workplace (Prevention, Prohibition and Redressal) Act, 2013" (ଗେଜେଟ୍ ନୋଟିସ୍ - ୨୩.୪.୨୦୧୩) ପ୍ରବର୍ତ୍ତନର ବହୁ ପୂର୍ବରୁ ୧୯୯୭ଠାରୁ ସୁପ୍ରିମକୋର୍ଟ ଏହାର ନିରାକରଣ ପାଇଁ ଶକ୍ତ ନିୟମାବଳୀ ପ୍ରବର୍ତ୍ତନ କରିଥିଲେ। ଉଭୟ ସରକାରଙ୍କ ହାତରେ ମହଜୁଦ। ଏବେ ଅପେକ୍ଷା ରହିଲା ଦେଖିବାକୁ ଏଥିପାଇଁ ସରକାରୀ ନିଷ୍ଠା ଓ ନିରପେକ୍ଷତାର ନମୁନା।

ରିଲିଫ୍ ଦୀପାବଳୀ

ଶ୍ରୀ ଅଜୟ ଖୁଣ୍ଟିଆ, ଗାଁ - ନାଉପାଳ, କାଏମା ପଞ୍ଚାୟତ, ଧର୍ମଶାଳା। ଗତ ଗୁରୁବାର ଦିନ କହିଲେ, 'ଆମର ଆଜି ରିଲିଫ୍ ମିଳିଲା। ପରିବାର ପିଛା ଦିନକୁ ୨ କିଲୋ ୮ ଶହ ଓ ଛୁଆଙ୍କ ପାଇଁ ୮ ଶହ ହିସାବରେ ତିନି ଦିନ ପାଇଁ ଚାଉଳ। କିଛି ଝିନ୍‌ଝଟ୍ ନାହିଁ। ମୁଁ ଯାଇ ନ ଥିଲି। ମତେ ଡାକି ଦେଲେ ପରା।'

Digitized by srujanika@gmail.com

‘ହଉ ସାର୍, ସରକାରୀ ପ୍ରଶଂସା ପରେ ଶୁଣିବା। ସବୁ ତ ଠିକ୍ ଥିଲା, ଆପଣଙ୍କ ଆଡ଼େ ନୂଆ କିଛି ବିପତ୍ତି ଘଟିଲା କି ? ରିଲିଫ୍ ଦରକାର ପଡ଼ିଲା ଯେ ?’

ଉତ୍ତରରେ ସେ କହିଲେ, ‘ମୁଁ ସେଇଆ ପଚାରିବାକୁ ଚାହେଁ। ଲୋକଙ୍କର ତ ଦରକାର ନାହିଁ, ସରକାର ଏପରି ଅଯଥା ବଦାନ୍ୟତା ଦେଖେଇ ଆମକୁ ‘ଛତରଖିଆ’ ପରି ଉପହାସ କରୁଛନ୍ତି କାହିଁକି ?’

ବନ୍ଧୁଙ୍କୁ ଆମର ପରାମର୍ଶ ଥିଲା - ଦାର୍ଶନିକତା ଭିତରେ ପଶନ୍ତୁନି। ଆଗକୁ ନିର୍ବାଚନ। ରବିବାର ପାଳିଛନ୍ତି ଦୀପାବଳୀ। ଏଣିକି ସବୁ ଲାଭ ହେବ। ବର୍ଷ ଶୁଭ ହେବ। ଏମିତି ଭଲ କଥାଗୁଡ଼େ ଭାବି ଏ ରିଲିଫ୍‌କୁ ନବୀନ ସରକାରର ଦିୱାଲି-ଗିଷ୍ଟ୍ ବୋଲି ବିଚାରି ନିଅନ୍ତୁ। ଶାନ୍ତି ପାଇବେ।

(୫.୧୧.୧୩.)

Digitized by srujanika@gmail.com

ଦୀପ ଦେବତା

ଅଗ୍ନି ଓ ଜଳର କ୍ରୀଡ଼ାରୁ ଜୀବଜଗତର ସୃଷ୍ଟି । ସେମାନେ
ବିନାଶର କାରଣ ମଧ୍ୟ । - ବେଦ

ହିନ୍ଦୁ ବିଶ୍ୱାସରେ, ବ୍ରହ୍ମ ଜ୍ୟୋତି ସ୍ୱରୂପ । ତେଣୁ ଅଗ୍ନି ଦେବତାଙ୍କ ମନ୍ତ୍ରରୁ ବେଦର ଆରମ୍ଭ । ତହିଁରେ ଅଛନ୍ତି ଆଦ୍ୟାଶକ୍ତି ବେଦମାତା ଗାୟତ୍ରୀ ଛନ୍ଦ ରୂପରେ । ଋଷିମାନଙ୍କ ଅନୁଭବର ଗଭୀରତା ଦିନ୍ ମରି ବଞ୍ଚୁଥିବା ମଣିଷ କେତେ ବା ବୁଝିବ ? ହେଲେ ଏତିକି ଦେଖାଯାଏ ଯେ ଆରମ୍ଭ ଏନ୍ତୁଡ଼ିରେ ନିଆଁ ଓ ଶେଷ ଶବଯାତ୍ରାରେ ନିଆଁ । ଅନ୍ଧ ଗହ୍ୱରରୁ ଆସିଥିବା ମଣିଷ ପୁଣି ଲୀନ ହୋଇଯାଏ ଶୂନ୍ୟ ଅନ୍ଧକାରରେ । ବ୍ୟକ୍ତ ହୋଇଯାଏ ଅବ୍ୟକ୍ତ । ତେଣୁ ଅଗ୍ନି ଛଡ଼ା ଜୀବନ କାହିଁ ?

'ଦୀପାବଳୀ' - ଗୋଟିଏ ତିଥିରେ କେତେ କଥା ଘଟିଛି । କ୍ଷୀରସାଗରରୁ ମା' ଲକ୍ଷ୍ମୀଙ୍କ ଆବିର୍ଭାବ । ପାତାଳରେ ବଳିରାଜା ବନ୍ଧନରୁ ତାଙ୍କର ମୁକ୍ତି । ପ୍ରଭୁ ଶ୍ରୀରାମଙ୍କ ବାହୁଡ଼ାବିଜୟ । ନାରକାସୁର ବଧ ହୋଇଥିବା ସୁଖରେ ନଗ୍ରଜନେ ବାଣ ଫୁଟେଇଥିଲେ । ଏହିପରି ପୌରାଣିକ ଆଖ୍ୟାନରେ ରଙ୍ଗାୟିତ ଏ ଉତ୍ସବ । ଅଗ୍ନିର ଫ୍ୟାନ୍‌ଟାସି କଳିବା ବାଟ ନାହିଁ । ଏହା ଏପରି ଏକ ଭାରତୀୟ (ହିନ୍ଦୁ) ପର୍ବ ଯାହା ସହଜରେ ଧର୍ମର ପାଚିରି ଡେଇଁଛି । ଭାରତୀୟମାନେ ଥିବା ପୃଥିବୀର ସବୁ ଜାଗାରେ, ଆମେରିକା ରାଷ୍ଟ୍ରପତି ଭବନ ହ୍ୱାଇଟ୍-ହାଉସ୍, ଆମେରିକାନ୍ କଂଗ୍ରେସ ଓ ମିଳିତ ଜାତିସଙ୍ଘରେ ପାଳିତ ହେଉଛି ଏ ଉତ୍ସବ ଏକା ଦିନ ଏକା ନାଁରେ । ଆଲୁଅକୁ ସାକ୍ଷୀ ରଖି ସବୁ ସୁଖ ସବୁ ଶୁଭ ମନାସିବାର ଇଚ୍ଛା କେଉଁ ଧର୍ମ କେମିତି ବା ମନା କରିବ ?

ମନ୍ତ୍ରଟିଏ : 'ପିତୃଲୋକଂ ପରିତ୍ୟଜ୍ୟ ଆଗତା ଯେ ମହାଳୟେ / ଉଜ୍ଜ୍ୱଳେ

Digitized by srujanika@gmail.com

ଜ୍ୟୋତିଷାଂ ମାର୍ଗେ ସାବଧାନା ବ୍ରଜନ୍ତୁ ତେ ।' ଆମ ଭାଷାରେ - ବଡ଼ବଡୁଆ ହୋ, ଅନ୍ଧାରରେ ଆସ ଆଲୁଅରେ ଯାଅ । ଆମକୁ ଅମୃତ ଦୃଷ୍ଟିରେ ଅନେଇ ତମେ ଯା' ଆଉ ବାଇଶି ପାହାଚରେ ଗଡ଼ଗଡ଼ୋଉ ଥା' । ଡାକିଥିଲି । ଆସିଛ । ଥ୍ୟାଙ୍କ୍ ୟୁ । ଆମେ ତୁମ୍ଭଙ୍କୁ ଚିହ୍ନୁ କି ନ ଚିହ୍ନୁ ନିଜ ଦାୟିତ୍ୱ ଶେଷ କରିଛୁ । ଅବଧାନେ ହୋ ପୂର୍ବପୁରୁଷେ, ଏବେ ସାବଧାନ ହୋଇ ଯିବା ହୁଅ । ତେଣିକି ତୁମ ଆତ୍ମାର ମୁକ୍ତି କଥା ପ୍ରଭୁ ଜଗନ୍ନାଥ ବୁଝିବେ । ସେ ସମସ୍ତଙ୍କୁ ଠିକ୍ ରୂପରେ ଚିହ୍ନନ୍ତି ।

ଓଡ଼ିଆଙ୍କ ବିଚାରରେ 'ବାଇଶି ପାହାଚ' କନ୍‌ସେପ୍ଟ ଉଦଣ୍ଡ ଦୀପାବଳୀର ଏଣ୍ଟି-ଡୋଜ୍ । ସେତିକି ସୁଖ କରିବୁରେ ପୁଅ ଯେତିକି ତତେ ପାବେ । ଜଡ଼କୁ ଜୁହାର୍, ମୂଳକୁ ପ୍ରଣାମ - ଇଏ ଆମ ପରମ୍ପରା । ମଣିଷର ପ୍ରଥମ ଦେବତା ବାପ ମା' । ସେମାନେ ଜନ୍ମରୁ ସବୁ ଦିଅନ୍ତି ଓ ବଞ୍ଚିବା ପାଇଁ ବୁଦ୍ଧି ବତାନ୍ତି । (ଦେ-ବତା) ଜୀବନ କାଳରେ ପଚାର କି ନା, ମଲେ ନିଆଁହୁଳା ଟିକେ ଦେଖେଇବା ଏବଂ ସାଧାନୁସାରେ ଭୋଜିଭାତ କରିବାକୁ ଆମେ ବାଧ୍ୟ । ନ ହେଲେ, 'ଲୋକେ କହିବେ କ'ଣ ?' ଯାହାହେଉ, ଏ ଡରରେ କିଛି ସଣ୍ଟୁଣା ଆଗକୁ ଚାଲିଛି ।

କାଲି ବିଚାରର 'ପାପ' ବା ଅପ-କର୍ମ ଇତ୍ୟାଦି ଆଜି ସମୟ ସହିତ ସଜାଡ଼ି ହୋଇଗଲେଣି । ଗିଫ୍ଟ ପ୍ୟାକେଟ୍‌ରେ ମିଠେଇ ସହିତ ମାଲ୍ ନ ଥିଲେ ମନ ଉଚ ଲାଗୁନାହିଁ । ତହିଁକି ଆମର ଦେଖେଇହେବା ପ୍ରବୃତ୍ତି ଟିକେ ଅଧିକ । ତୁଳସୀ ଚଉରା ମୂଳେ ପୟାଶ୍ରାଦ୍ଧ ପଛେ ଯାଇତାଇ ହେବ, ପୋଡ଼ା ମୋବିଲ୍‌ରେ ବତି ଜାଳି ଢୋ ଢା ଧୂମ୍ ହେଲେ ଭଲ ଲାଗେ । କାରଣ ପଡ଼ୋଶୀଙ୍କୁ ଟପିବା ପରି ଦୁର୍ବାର ଇଚ୍ଛା ସବାର ହୁଏ ମନରେ । ଏ ଆସୁରିକ ପ୍ରତିଯୋଗିତାରୁ ଆମେ ମୁକୁଳିବାକୁ ଚେଷ୍ଟା କରୁନା ।

ଏ ବର୍ଷ ଫାଇଲିନ, ବନ୍ୟା ଓ ବାତ୍ୟା ଉଜୁଡ଼େଇ ଦେଇଛି ଓଡ଼ିଶାରୁ ଅଧେ । କିଆରିରେ ପାଚିଲା ଧାନ କେଣ୍ଡାରୁ ଗଜା । ଦୁଇଟି ବଡ଼ ପର୍ବ - ଦଶହରା ଏବଂ ଗଜଲକ୍ଷ୍ମୀ ପୂଜା ଓଦାରେ ସରିଲା । କେତେକ ମୂର୍ତ୍ତି ବିସର୍ଜନ କରିବାକୁ ପଡ଼ି ନ ଥିଲା । ଠିଆ ଷ୍ଟାଣ୍ଡରେ ମା'ମାନେ ମିଳେଇ ଯାଇଥିଲେ । ଏ ବର୍ଷ ଦୀପାବଳୀ ପାଳିଲାବେଳେ ଏ ସଦ୍ୟ ସ୍ମୃତି ସାଉଁଟି ପାରିବା । ତେଣିକି ଅକଲ ବିଚାର ନିଜସ୍ୱ ।

ଥିଲାବାଲାଙ୍କ ଆନନ୍ଦର ଅଯଥା ଆଲୁଅ ଦୁଃଖୀଙ୍କ କଷଣକୁ ପରିହାସ କଲା ପରି ନ ହେଉ । ଦୀପାବଳୀ ଆଗେ ସମାଜର ଓ ପରେ ନିଜର । ଖୁସି ଲାଗିଛି ଯେ ବହୁ ଅନୁଷ୍ଠାନ ଏବଂ ରାଜ୍ୟ ସରକାର ଆଡ଼ମ୍ବର ଉତ୍ସବାଦି ବାତିଲ କରିଛନ୍ତି ।

ମହାପ୍ରଭୁ ଜଗନ୍ନାଥଙ୍କୁ ପ୍ରଣାମ କରି 'ସୂର୍ଯ୍ୟପ୍ରଭା' ଆପଣଙ୍କୁ ଦୀପାବଳୀ ପାଇଁ ଶୁଭ କାମନା ଜଣାଉଛି ।

(୨.୧୧.୧୩)

Digitized by srujanika@gmail.com

ସବାଆଗ ପ୍ରେମ ଚିଠି ବେନାମୀ ବେନାମୀ

"I learned that courage was not the absence of fear, but the triumph over it." - Nelson Mandela

ପିଲାଦିନ କଥା । ଦି' ଜଣଙ୍କ ବୟସ ୧୫ କି ୧୬ । ମୋର ନବମ, ତା'ର ଦଶମ । ଦିନେ ଦିହେଁ ଏକାନ୍ତରେ ଥିଲୁ । ସେ ଆହୁରି ଏକଲା ହେବାକୁ ଖୋଜିଲା । ନେହୁରା ହେଲା - ଏଇଟା 'ପ୍ରେମପତ୍ର' । ମୋ ଲାଗି ଭଲ ଅକ୍ଷରରେ ଟିକେ ଲେଖିଦେବୁ ?

ଦୁହେଁ ନିରୋଳିଆ ଢିଙ୍କିଶାଳକୁ ପଳେଇଲୁ । ପଢ଼ିଲି । ଯାହାକୁ ସେ ପତ୍ର ବୋଲି କହୁଥିଲା ସେଥିରେ ସାର୍ ପଢ଼େଇଥିବା ପତ୍ରଲିଖନର ଧାରା - ଆବାହନ, ପ୍ରସଙ୍ଗ, ଉପସ୍ଥାପନ ବା ଇତି - କିଛି ନଥାଏ । ତେବେ ବି ଫୁଲ୍‌ସ୍କେପ୍ କାଗଜରେ ଦୁଇ ପୃଷ୍ଠା ।

ପ୍ରେମ ନାଁ ଶୁଣି ଡର ଲାଗୁଥାଏ । କହିଲି, 'ମୁଁ ଲେଖିବିନି ।'

'ତୋ ଅକ୍ଷର ଭଲ ବୋଲି କହୁଥିଲି । ସେ ଦେଖିଲେ 'ଇମ୍ପ୍ରେସ' ହେବ ।' ପରେ ଶୁଣିଲି, ଏ ଶବ୍ଦଟି ସେ ସେଇଦିନ 'ହିଡେନ୍ ଟ୍ରେଜର୍'ରୁ ଶିଖିଥିଲା । ଆଗେ ତା' ଅର୍ଥ ବୁଝେଇ ଦେଲା ଓ ମନକଷ୍ଟ କରି କହିଲା, 'ହଉ ନ ଲେଖିଲେ ନାଇଁ, କାହାରିକି କହିବୁନି ।'

ପ୍ରଶଂସା ଏକ କପଟିନୀ ନାରୀ । ରାତି ପାଇଁ ଦିନବେଳେ ସେ ଭେଣ୍ଡାକୁ ମେଣ୍ଟା କରେ । ମୁଁ ଫସି ଗଲି । ତା'ର ଅନୁରୋଧ ଥିଲା - ଚିଠିଟା 'ରୋମାଣ୍ଟିକ' ହେଇଚି କି ନା ଟିକେ ଦେଖିବୁ । ଆଜି ଭାବୁଛି - ଏ ପ୍ରସ୍ତାବ ନାଲାଏକ ଥିଲା । ରାଜି ହେଲି ଓ ଚାଲେଞ୍ଜ୍ ନେଲି । ଏହାର ଆଉ ଏକ ଦମ୍ଭିଲା କାରଣ ଥିଲା । ଜୀବନରେ କାହା ପାଖକୁ ଚିଠି ଖଣ୍ଡେ ଲେଖି ନ ଥିବା ଏବଂ ସାହିତ୍ୟରେ

Digitized by srujanika@gmail.com

ଯାଇତାଇ ନମ୍ବର ରଖୁଥିବା ଗଦ୍ୟମୟ ମୋ ସାଙ୍ଗକୁ ପ୍ରେମ ମାଡ଼ିବାରୁ ଯଦି ସେ ଏଡ଼େ ସୁନ୍ଦର ଲେଖି ପାରୁଚି, ତା'ହେଲେ ପ୍ରେମ ତ ଖୋଦ୍ ସରସ୍ୱତୀ ।

ନିଜକୁ ପ୍ରେମ ପ୍ରେମ ଲାଗିଲା । ତା' ଲାଗି ମନପ୍ରାଣ ଦେଇ ଚିଠି ଖଣ୍ଡିକ ଲେଖିଦେଲି । ଲୁଚେଇ ଲେଖୁଥିବା ବେଳେ ସନ୍ତର୍ପଣରେ ନିଜ ଲେଖାକୁ ବିଭିନ୍ନ ଆଙ୍ଗେଲ୍‌ରୁ ଦେଖୁଥିଲି - 'ଇମ୍ପ୍ରେସିଭ୍' ଲାଗୁଛି କି ନା !

ପ୍ରିୟ ସାଙ୍ଗର ସେ ପ୍ରେମପତ୍ର ଅଧବାଟରେ ଧରାପଡ଼ିଲା ।

ଚିହ୍ନଟ ଯାଏ କଥା ଗଲାନି । ହସ୍ତାକ୍ଷର ଥିଲା ମୋର । ବନ୍ଧୁ ମୋ ପ୍ରତିରକ୍ଷାରେ ମୋଟେ ବାହାରିଲାନି । ସାପର ମଝି ଖଣ୍ଡିକ ଖାଇ ମୁହଁ ପୋଛି ଆଗକୁ ପଳାଉଥିବା ନେଉଳ ପରି ନିଜ ବାଟରେ ଖସିଗଲା ।

ବୋଉ କାନଯାଏଁ କଥା ପହଞ୍ଚିଲା । ଯାହାହେଉ, କେବଳ ତା କନ୍ଦାବୋବାରେ ଅର୍ଜି, ନାଲିସ ସବୁ ସରିଗଲା । ସେ ବୋଧେ ମତେ ବିଶ୍ୱାସ କଲା । ବାପାଙ୍କଯାଏଁ ବା ମାଡ଼ଧର ଆଡ଼କୁ କଥା ଗଲାନି । କିନ୍ତୁ ସେ ମତେ ତା' ମୁଣ୍ଡ ଛୁଆଁଇ ଶପଥ କରେଇ ନେଲା - ତୁ ତା (ସାଙ୍ଗ) ନାଁ କାହାରି ଆଗରେ କହିବୁନି ।

'କାହିଁକି ?'

ଉତ୍ତର ଥିଲା ସରଳ । 'ସେ ବଦନାମ ହେଲେ ତୁ ସୁନାମ ପାଇବୁ କି ? ଅକାରଣରେ ଝିଅଟାର ନାଁ ଉଠିବ । ସେ କିଛି ଜାଣି ନ ଥିବ । କିଏ ଆଉ କାହା ଲାଗି ପ୍ରେମପତ୍ର ଲେଖେ ? ତୁ ବୋକା । ଏତିକି ବୁଝି ଚୁପ ରହ । ନ ହେଲେ ବାପାଙ୍କୁ କହିଦେବି ।'

ନୁଙ୍ଗୁରାମି କିଛି ଅସାଧ ନୁହେଁ । କିନ୍ତୁ ପ୍ରେମ କେମିତି ମଣିଷକୁ ଛୁଏଁ - ଏକଥା କେହି କହି ପାରିବନି । ଏଥିପାଇଁ ସବୁଠୁଁ ବଡ଼ ପ୍ରତିବନ୍ଧକ ହେଲା ଯେ ଜଣେ ପରିଚୟପତ୍ର ଡନଖି ପ୍ରେମକୁ ଚିହ୍ନୁଚିହ୍ନୁ ସେ ଦୂରକୁ ପଳାଏ । ଏହା ବାଉଁଶରାଣୀ ଖେଳଠାରୁ ପ୍ରେସିସନ୍‌ରେ ଆହୁରି ତୀକ୍ଷ୍ଣ । ଆଖି ବାଳ ପରି ସରୁ ଦଉଡ଼ିରେ ଚାଲିବାକୁ ପଡ଼େ । ଫାଉଲ୍ ମାରିବାକୁ ଦେଖଣାହାରି ସବୁବେଳେ ହୁକୁହୁକୁ । ପ୍ରେମିକ/ପ୍ରେମିକା ଅନୁଭବ କରନ୍ତି - ଯେମିତି ଗୋଟିଏ ପଟେ ନର୍କର ବିଭୀଷିକା ଏବଂ ଆର ପଟେ ଇନ୍ଦ୍ରପଦର ବିଶ୍ୱାସ । ନିରୁପାୟରୁ ଉପାୟ ଆଡ଼େ ପହଁରି ପଳାଇବା ବାଟ ନାହିଁ । ଡାଇରେକ୍ଟରି କି ରେଫରେନ୍ସ ନ ଥାଏ । ଏ ଲାଇନ୍‌ରେ ସମସ୍ତଙ୍କ ଅବସ୍ଥିତି ନିଜ ଲାଖି, ତେଣୁ ସୃଜନଶୀଳ ।

ଯିଏ ସଫଳ ସିଏ ଭାଗ୍ୟବାନ୍ କି ଭାଗ୍ୟବତୀ । ବିଫଳଙ୍କ ଫସିଲ-ପାହାଡ଼ ଉପରେ କେବେ କେମିତି କେଦାର-ଗୌରୀ ବା ରୋମିଓ-ଜୁଲିଏଟ୍‌ମାନେ ଫୁଲ ପରି ବିରାଜନ୍ତି । କେବଳ ସେମାନେ ହୁଅନ୍ତି ପ୍ରେମୀ ! ଏଥିପାଇଁ ମରିବାକୁ ପଡ଼େ । ବାକି ସମସ୍ତେ ମୁତ୍‌ଫରକା । ଅଲଗା ଅଲଗା ନାଁ ନେଇ ଲୋପ ହୋଇଯା'ନ୍ତି ।

(୧.୧୧.୧୩.)

Digitized by srujanika@gmail.com

ଅ ବୋ ଲ କ ରା

ଗୁରୁ ଓ ଅବୋଲକରାଙ୍କ ସଂପର୍କ ଥିଲା ଅଛିଣ୍ଡା । ଇଏ ଯେତେ ବୁଝେଇଲେ ବି ସେ ମୋଟେ ବୁଝିବନି । ଗେରସ୍ତ ଭାର୍ଯ୍ୟା ପରି ଦୁହେଁ ଦୁହିଁଙ୍କୁ ଛାଡ଼ୁ ନଥିବେ କି ଝିକରଝାକରରୁ ନିସ୍ତାର ପାଉ ନଥିବେ । ଗୁରୁ ନୂଆ ଗପ ଶୁଣେଇବେ । ବୁଝିଲା ପରି ଅବୋଲକରା ସର୍ବଦା ମୁଣ୍ଡ ଦୁଲାଉଥିବ ଏବଂ ସଇଲା ବେଳକୁ କହିବ - ହେଲାନି । ଗୁରୁ ବୋର୍ ହୋଇଗଲେ । ହେଲେ ଚେଲା ନୂଆ ଗପ ଶୁଣିବା ଅଭ୍ୟାସ ଛାଡ଼ୁ ନଥାଏ ।

ଦିନେ ଗୁରୁ କହିଲେ, 'ବୁଝିଲୁରେ ପୁଅ, ଭାବୁଚି - ତୁ ବି ଗୁରୁ ହେଲୁଣି । ମୋ ବୟସ ଯାହା କେତେବେଳେ ନନ୍ଦିଘୋଷ ଡାକିବ, କିଏ ଜାଣେ ? ଏବେଠୁଁ ତୋ ଇଣ୍ଟର୍ଣ୍ଣସିପ୍ ଆରମ୍ଭ ହେଲା । ଗପ ତୁ କହିବୁ, ମୁଁ ଶୁଣିବି । ଏବଂ ଧରିନେ ଯେ ଆମ ଦି' ଜଣଙ୍କ ଛଡ଼ା, କହିବା ଶୁଣିବା ଲୋକ ଆଉ କେହି ନାହାଁନ୍ତି । ଯେତେବେଳେ ତୁ ଗୁରୁ ହେବୁ, ଚେଲା ଯୋଗାଡ଼ ଦାୟିତ୍ୱ ତୋ'ର । ତୁମେ ପୁଣି ଦି' ଜଣ ହେବ । କହୁନୁ, ଏ ଗପ କହିବା ବିଦ୍ୟା ଆଗକୁ ଚାଲିବ କି ନା ?'

ଗୁରୁବାକ୍ୟ - ତଳେ ପକାଇବା ଅସମ୍ଭବ । କେମିତି ଗପ କହିବ ଭାବି ଭାବି ଅବୋଲକରା ତିନି ରାତି ଶୋଇ ପାରିଲାନି ।

ଗୁରୁ ପଚାରିଲେ, 'ଏମିତି କିଲିବିଲି କାହିଁ ହଉଚୁ କିରେ ? ଗପ ଭାବି ପାରୁନୁ ନା ?'

ଅବୋଲକରା ନିଜ ଡିଫେକ୍ଟ ମାନିଗଲା ।

ଗୁରୁ କହିଲେ, 'ଅଥୟ ହଅନା, ଥା' । ଆଗକୁ ଆଉ ପ୍ରକାରେ ଯୁଗ ଆସିବ । ସେତେବେଳେ ତୁ ହୋଇଥିବୁ ଗୁରୁ । ଯୁଆଡ଼େ ଅନେଇବୁ ସବୁ ତତେ ଗପ ପରି ଲାଗିବ ।'

ଚେଲା କହିଲା - ମୁଁ ତମ ଦଣ୍ଡ କମଣ୍ଡଳୁ କୌପୁନୀ ନେବି ଯେ ତେବେ ବି ଗୁଡ଼େ ଡାଉଟ୍ ରହିଛି । ଟିକେ କ୍ଲାରିଫାଏ କରନ୍ତନି ? ଗୁରୁ ଦେଖିଲେ ଟୋକା ଗୁରୁ ହେବାକୁ ହୁକୁହୁକୁ ହଉଚି ।

Digitized by srujanika@gmail.com

ହୁସିଆର କରିଦେଲେ - ଏ ଯୁଗରେ ଗପର ଚରିତ୍ରଗୁଡ଼ିକ ବଦ୍‌ଚରିତ୍ରର ସମାରୋହ । ବାପ ନାଁ କହି ବଦମାସି କରନ୍ତି । ସାମ୍ନାରେ ଠିଆ ହୋଇଥିବ ରାବଣ - ତେଣେ ଡ୍ରେସ୍ ପିନ୍ଧିଥିବ ରାମର । ଚିହ୍ନିବାରେ ଭେବଲା ହେଲୁ ତ ବୋଲ୍ - ଫସିଲୁ । ହାବୁଡ଼ିବୁ ପେନାଲ୍-କୋଡ୍‌କୁ ଓ ଗପ-ମଜା ସବୁଦିନ ପାଇଁ ଛାଡ଼ିଯିବ । ଗପ କହିବା ସହଜ ହେବନି । ଆଗେ ଗୋଟେ ରାଜା ବୁଝୁଥିଲା ତ କାମ ସରୁଥିଲା । ସେତେବେଳେ ତୁ ଗଣତନ୍ତ୍ରକୁ ଗପ ଶୁଣେଇ ବୁଝେଇ ପାରିବୁନି ।'

'ତା'ହେଲେ ମୁଁ ଗୁରୁ ହୋଇ କ'ଣ କରିବି ?'

'ମନ ଖୋଲି ଗପ କହି ପାରିବୁନି । ବେସ୍ତ ହଅନା । ଯୁଗ ବି ସହଯୋଗୀ ଥିବ । ସେବକ ଲୁଣ୍ଠନ କରୁଥିବେ । ମାଷ୍ଟ୍ର ପାଠ ପଢ଼ୋଉ ନଥିବେ । ଫରେଷ୍ଟବାଲା ଜଙ୍ଗଲ ଲୁଟ୍ କରୁଥିବେ । ଖୋଦ୍ ଗଣତନ୍ତ୍ର ସମ୍ବିଧାନକୁ ରେପ୍ କରୁଥିବ ଏବଂ ତୋ ପାଇଁ ସୁଖର କଥା ହେବ - ଫୁରସତ୍ ଯୋଗାଡ଼ କରି ସମସ୍ତେ ତୋ ପାଖକୁ ଗପ ଶୁଣିବାକୁ ଆସୁଥିବେ ଏବଂ ସେଥିପାଇଁ ନଜ୍‌ରାନା ବି ଦେଉଥିବେ ।'

ବେମାରି - ହିନ୍ଦୀ ଫିଲ୍ମ ସଂପର୍କ

ବଲିଉଡ୍ ଫିଲ୍ମ ଗୀତ ଓ ଶଲ୍ୟ ଶାସ୍ତ୍ର ଭିତରେ ସଂପର୍କ ହେଲା ବିଭିନ୍ନ ରୋଗକୁ ଧାଡ଼ିଏ ଧାଡ଼ିଏ ଗୀତରେ ବୁଝାଇ ଦିଆଯାଇପାରେ ।

ଯଥା : 'ଜୀୟା ଜଲେ ଜାନ୍ ଜଲେ, ରାତ୍ ଭର୍ ଧୂଆଁ ଚଲେ' (ଦିଲ୍ ସେ) - ମାନେ, ଜ୍ୱର ।

'ତଡପ୍ ତଡପ୍ କେ ଇସ୍ ଦିଲ୍ ସେ ଆହ୍ ନିକଲ୍‌ତି ରହି' (ଦିଲ୍ ସେ) - ହାର୍ଟ ଆଟାକ୍ ।

'ସୁହାନୀ ରାତ୍ ଢଲ୍ ଚୁକି, ନା ଜାନେ ତୁମ୍ କବ୍ ଆଓଗେ' (ଦୁଲାରୀ) - କନ୍‌ଷ୍ଟିପେସନ୍ ।

'ବିଡ଼ି ଜଲାଏ ଜିଗର୍ ସେ ପିୟା ଜିଗର୍ ମା ବଡ଼ି ଆଗ୍ ହୈ' (ଓଁକାରା) - ଏସିଡିଟି ।

'ତୁଝେ ମୈଁ ରବ୍ ଦିଖ୍‌ତା ହୈ, ୟାର ମୈଁ କ୍ୟା କରୁଁ' (ରବ୍ ନେ ବନାଦି ଯୋଡ଼ି) - ମୋତିଆବିନ୍ଦୁ ।

'ତୁଝେ ୟାଦ୍ ନା ମେରି ଆୟି କିସି ସେ ଅବ୍ କ୍ୟା କହ୍‌ନା' (କୁଛ୍ କୁଛ୍ ହୋତା ହୈ) - ଆଲ୍‌ଝେମାର୍ ବା ବିସ୍ମୃତି ବେମାରି ।

'ମନ ଡୋଲେ ମେରା ତନ ଡୋଲେ (ନାଗିନ୍) - ଭର୍ଟାଇଗୋ ବା ମୁଣ୍ଡବୁଲା ରୋଗ ।

'ଟିପ୍ ଟିପ୍ ବର୍‌ଷା ପାନି, ପାନି ନେ ଆଗ୍ ଲଗାଇ' (ମୋହ୍‌ରା) - ଇଉରିନାରି ଇନ୍‌ଫେକ୍ସନ ।

'ଦିଲ୍ ଧଡକ୍ ଧଡକ୍ ସେ କହ୍ ରହା ହୈ' (ମଧୁମତୀ) - ହାଇ ବିପି ।

'ଆଜ୍ କାଲ୍ ପାଓଁ ଜମିନ୍ ପର୍ ନେହିଁ ପଡ୍‌ତେ ମେରେ' (ଘର୍) - ମାଛିଆଖିଆ ।

'ହାଏ ରେ ହାଏ ନିନ୍ଦ ନେହିଁ ଆୟେ' (ହମ୍‌ଜୋଲି) - ଇନ୍‌ସୋମେନିଆ । 'ବତାନା ଭି ନେହିଁ ଆତା ଛୁପାନା ଭି ନେହିଁ ଆତା' (ବାଜିଗର୍) - ପାଇଲ୍‌ସ । 'ଲଗି ଆଜ୍ ସାଓ୍ୱନ କି ଫିର୍ ଓ୍ୱ ଝଡ଼ି ହୈ' (ଚାନ୍ଦ୍‌ନୀ) - ଡିସେଣ୍ଟ୍ରି ।

(୨୯.୧୦.୧୩.)

Digitized by srujanika@gmail.com

ବେଶ୍ ନିରାମିଷ ଚଟୁଆ ଇଁଷ

ମାର୍ଟିନ ଲୁଥର କିଙ୍ଗ୍ ଜୁନିଅର କହିଛନ୍ତି - ନର୍କର ବେଷ୍ଟ୍ ସିଟ୍ ରିଜର୍ଭ ଥାଏ 'ମୋରାଲିଷ୍ଟ୍'ମାନଙ୍କ ପାଇଁ। କାରଣ ସେମାନେ ସବୁଠୁଁ ବଡ଼ ନୈତିକ ସଂଘାତ ଭିତରେ ମଧ୍ୟ 'ନିରପେକ୍ଷ' ରହିପାରନ୍ତି। ଦାନ୍ତେ (Dante) ବି ସମାନ କଥା କହି ଆହୁରି କହିଥିଲେ - ଏଗୁଡ଼ାକ ଅକର୍ମା। ତେଣୁ ପାପୀ।

କଥା ପ୍ରାୟ ସେଇଆ। ଏମାନେ ହଲିଲା ପାଣିକି ଗୋଡ଼ ବଢ଼େଇବେନି। ଉଦାହରଣ ଭାବେ ଯେତେ ଇଚ୍ଛା ସେତେ ଚିତ୍ର ଅନୁମାନ କରି ନିଅନ୍ତୁ। ୧୯୮୦ ମସିହା। ହାଇଦ୍ରାବାଦରେ ଜଣେ ବନ୍ଧୁଙ୍କ ଘରକୁ ଯାଇଥାଏ। ଅତି ଆଗ୍ରହରେ ସେ ନିଜ ଘରୋଇ ମିଉଜିଅମ୍ ବୁଲେଇଲେ। ସେଠି ଦେଖିଥିଲି, ଗାନ୍ଧିଙ୍କ 'ତିନି ମାଙ୍କଡ଼' ଥିଓରି ଟପି ଚତୁର୍ଥ ମାଙ୍କଡ଼ର ଆବିଷ୍କାର। ଲୋଗୋ ଥିଲା - କାନ, ଆଖି କି ପାଟି କିଛି ବନ୍ଦ ନ କରି ଖାଲିଟାରେ ହାତ ଦିଇଟା ଉପରକୁ ଟେକି ଠିଆ ହୋଇଥିବ। ବନ୍ଧୁ କହିଲେ, 'ଗାନ୍ଧିଙ୍କ ଯୁଗରେ ତିନିରେ କାମ ଚଳିଯାଉଥିଲା। ଏବେ ଚତୁର୍ଥ ଅଲବତ୍ ଆବଶ୍ୟକ। ଏ ମାଙ୍କଡ଼ ସବୁ ଅଧିକ ଶୁଣୁଥିବ, ଅଧିକ ଦେଖୁଥିବ ଏବଂ ଅଧିକ ବକ୍‌ବକ୍ ବି କରୁଥିବ। କିନ୍ତୁ ସମସ୍ୟା ଉପୁଜିଲେ ନିଜକୁ 'ନିରପେକ୍ଷ' କହି ହାତ ଟେକିଦେବ।'

ଚତୁର୍ଥ ବାନର ଗାନ୍ଧିଙ୍କ ଆଇକନ୍ ନୁହେଁ। ଆମର।

'ମୋରାଲିଷ୍ଟ୍'ମାନେ ଆମ ସମାଜରେ 'ବୁଦ୍ଧିଜୀବୀ'। 'ବୁଦ୍ଧିଜୀବୀ'ମାନେ 'ମୋରାଲିଷ୍ଟ୍'। ଆଗ ପଛ ଏକାପରି ଦେଖାଯାଏ। ଏମାନଙ୍କୁ କେମିତି ଚିହ୍ନିବେ? ଚୁପ୍‌ଚାପ୍ ଶାନ୍ତ ସୁଧାର ଲୋକ। ଅସଲରେ 'ଚୁପ୍ ସଇତାନ୍'! ସେମାନଙ୍କ 'ବାଣୀ'କୁ କେହି ଖାତିର ନ କରନ୍ତୁ ପଛେ, ଖ୍ୟାତ ପାଳବିଣ୍ଡା ମନ୍ତ୍ରୀଙ୍କ ଢୋକ୍ ପରି ଏମାନେ ମୁହଁରୁ ଚୁଣ୍ଟା କାଢ଼ନ୍ତିନି। ଦାନ୍ତେ କହିଛନ୍ତି, ଏମିତିକା 'ମୋରାଲିଷ୍ଟ୍'ମାନେ ଏତେ ନିର୍ମଳ ଯେ ନର୍କରେ ରହିଲେ ବି ସେମାନେ 'ଶାନ୍ତି'ରେ ରହି ପାରିବେ। କିଛି ଅସୁବିଧା ହବନି!

Digitized by srujanika@gmail.com

'ଲି ଗା ଲ୍' ବ ନା ମ 'ମୋ ରା ଲ୍'

ଟଙ୍କାକିଆ ଚାଉଳ ଯୋଜନା କାହିଁକି ଚାଲିଲା ? ବା ଆଗାମୀ ନିର୍ବାଚନରେ ଜିତିବା ପତିଆରାରେ ଥିବା ବିଜୁ ଜନତା ଦଳ ବା ନବୀନ ତା'ହେଲେ ଏ ଗିଫ୍ଟ-ତାମସା କରୁଛି କାହିଁକି ?

ନିରୋଳା ମଶାଣି ଭୂଇଁ ଅତିକ୍ରମ କରିବାବେଳେ ନାଚାର ଲୋକ ଉଚ୍ଚସ୍ୱରରେ ଗୀତ ଗାଇ ମୋଟେ ଭୂତକୁ ଡରାଉ ନ ଥାଏ। ବରଂ କହୁଥାଏ - ରେ ଭୂତ ପ୍ରେତ, ଏ ତୋଟାରେ ଯିଏ ଯୋଉଠି ଅଛ ମୁଁ କାହାକୁ ଡରୁନି। ଦେଖ ମୁଁ ଗୀତ ଗାଉଚି ! ଏପରି ମନସ୍ତାତ୍ତ୍ୱିକ ଦ୍ୱନ୍ଦ୍ୱରେ ସମସ୍ତେ ପଡ଼ନ୍ତି। ନବୀନ ବି ବ୍ୟତିକ୍ରମ ନୁହଁନ୍ତି।

'ମୋରାଲ୍' ଯେତେବେଳେ 'ଲିଗାଲ୍' ହୁଏ, ତାହା ଛେନା ମଣ୍ଡାପରି ରସାଳ ନୁହେଁ।

କୋଲ୍-ସ୍କାମ୍‌ର ଅଂଶ ଭାବେ ଏବେ ପଦାକୁ ଆସିଛି ୨୦୦୫ ଅଗଷ୍ଟରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତଲାବିରା-୨ କୋଇଲା ଖଣି 'ହିଣ୍ଡାଲ୍‌କୋ' (ଆଦିତ୍ୟ ବିର୍ଲା ଗ୍ରୁପ୍)କୁ ଦିଆଯାଉ ବୋଲି ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କ ନିକଟକୁ ଏକ ସୁପାରିଶ ପତ୍ର ବିଷୟ। ସେତେବେଳେ ୟୁପିଏ-୧ ସରକାରରେ କୋଇଲା ମନ୍ତ୍ରୀ ଥିଲେ ଖୋଦ୍ ପ୍ରଧାନମନ୍ତ୍ରୀ। ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ ମୁତାବକ ଖଣି ମିଳିଲା। ୨୦୧୨ ସିଏଜି ରିପୋର୍ଟରେ ଏ ଗଫଲତି ଜଣା ପଡ଼ିଲା। ସିବିଆଇ ତଦନ୍ତ କରି କମ୍ପାନୀ ଚେୟାରମ୍ୟାନ କୁମାରମଙ୍ଗଳମ୍ ବିର୍ଲା ଓ ତଦାନୀନ୍ତନ କୋଇଲା ସଚିବ ପି.ସି. ପାରଖଙ୍କ ବିରୁଦ୍ଧରେ କୋର୍ଟରେ ଚାର୍ଜସିଟ୍ ଦାଖଲ କଲା।

ଏବେ ଆଇନର ଫର୍ମାସି ତାମିଲ କରିବାକୁ ସିବିଆଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପଚାରଉଚୁରା କରିବ ବୋଲି କଥା ଉଠିଛି। ଏହି ସ୍ତମ୍ଭରେ (୨୩.୧୦) ଆମେ ପ୍ରଶ୍ନ କରିଥିଲୁ - ପଟିବା (ପ୍ରଧାନମନ୍ତ୍ରୀ) ଓ ପଟେଇବା (ମୁଖ୍ୟମନ୍ତ୍ରୀ) ଦୁଇ ଜଣଙ୍କ ଭିତରେ ଅଧିକ ଭୁଲ (culpability) କାହାର ଥିଲା ? ଜଣେ ଦୋଷମୁକ୍ତ, ଆଉ ଜଣେ ଅଭିଯୁକ୍ତ - ଏପରି ବେଅକଲ ଉଦାହରଣ ତ ସବୁଦିନେ ମହିଳା ଥାନା ବାରଣ୍ଡାରେ ଦେଖିବାକୁ ମିଳୁଛି !

ଗୁରୁବାର ପ୍ରଧାନମନ୍ତ୍ରୀ ଚୀନ ଗସ୍ତରୁ ଫେରି ସମ୍ବାଦିକଙ୍କୁ କହିଲେ - ମୁଁ ଭୁଲ କରିନାହିଁ ଓ ତେଣୁ କିଛି ଲୁଚାଇବାକୁ ଚାହେଁନି। ଆଗରୁ ଶୁଣିଛୁ, ଏ ଫାଇଲ ହଜିଛି !

ତା'ହେଲେ ପ୍ରଶ୍ନ ହେଲା - ୧,୮୬,୦୦୦ କୋଟି ଟଙ୍କା (ବା ପରବର୍ତ୍ତୀ ସିଏଜି ହିସାବ ଅନୁଯାୟୀ - ୧୦,୬୭,୩୦୩) ରାଜସ୍ୱ ହାନୀ ପାଇଁ ଦାୟୀ କେହି ନୁହଁନ୍ତି ?

ଆଶା କରିବାନି ଯେ ପ୍ରଧାନମନ୍ତ୍ରୀଙ୍କୁ ସିବିଆଇ ଅଫିସକୁ ଡାକିବ ବା କେହି ଅଫିସର ଯାଇ ତାଙ୍କୁ ଜେରା କରିବେ। ସାଧାରଣ ବ୍ୟବସ୍ଥା ଅନୁଯାୟୀ ପ୍ରଶ୍ନ-ପତ୍ରଟିଏ ପଠାଯାଏ ଏବଂ ଉତ୍ତର ମିଳେ 'ପିଏମଓ'ଠାରୁ। ନ ମିଳି ପାରେ ବି। ୨-ଜି ସ୍କାମ୍ ସଂପର୍କରେ ମଧ୍ୟ ପ୍ରଧାନମନ୍ତ୍ରୀ ସମାନ କଥା କହିଥିଲେ। ସେ କେଶ୍‌ର ବକଳା ଖୋଲା ହୋଇନି। ଏବେ ସବୁ ଅଭିଯୁକ୍ତ ଜାମିନମୁକ୍ତ ଓ ନେତାମାନେ ରାଜନୀତି କଲେଣି।

ବ୍ୟକ୍ତି-ନିଷ୍ଠା (honesty) ଓ ପଦ-ନିଷ୍ଠା (accountability) ମିଶି ନରହିଲେ ତହିଁର ପରିଣତି ପ୍ରାୟ ଏହିପରି ହୁଏ।

(୨୮.୧୦.୧୩)

Digitized by srujanika@gmail.com

'ଏ କ ଶ୍ଚ ନ୍ଦ୍ର ସ୍ତ ମୋ ହ ନ୍ତି'

ଫାଇଲିନ୍ : ଲଙ୍ଗଳା ଓଡ଼ିଶା

ହରି ବିନା କୀର୍ତ୍ତନ ନାହିଁ। ନବୀନ ବିନା ସଂକୀର୍ତ୍ତନ ନାହିଁ। ଓଡ଼ିଶାର ଭାଗ୍ୟ ଆକାଶରେ ତିନିଟା ଝଡ଼। ଫାଇଲିନ୍, ବନ୍ୟା ଓ ଭିଜିଲାନ୍ସ। ଜଣେ ମାତ୍ର ରବିନ୍ ହୁଡ୍ ବା ପବନପୁତ୍ର ହନୁମାନ ପରି ଦେଖା ଯାଉଛନ୍ତି। ସେ ହେଲେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବାକି ବିରୋଧୀଦଳ ନେତାଏ ଯେତେ କଥା କହୁଛନ୍ତି ସମସ୍ତେ ତାଙ୍କ ସହିତ ବାଡ଼େଇ ହେଉଛନ୍ତି କେବଳ।

କଂଗ୍ରେସ ଅଧକ୍ଷ କହିଲେ - ରିଲିଫ୍ କେମିତି ଦିଆଯିବ ସେଥିପାଇଁ ସର୍ବଦଳୀୟ ସିଦ୍ଧାନ୍ତ ସରକାର ନେବା କଥା। ଭାଜପା କହିଲା - ଫାଇଲିନ୍‌ଠାରୁ ସରକାରର ପ୍ରଚାର ବାତ୍ୟା ବଡ଼ ହୋଇଗଲା।

ସରକାର ରାଜନୀତିଆ ବାଦବିବାଦରେ ପଶିଲେନି। କାମ କରି ଦେଖେଇଦେଲେ। କଟକ ମୁନିସିପାଲ କର୍ପୋରେସନର ସତେଇଶ ଜଣ ମାନ୍ୟବର କର୍ପୋରେଟର କେମିତି ରିଲିଫ୍ ହଡ଼ପ କରି ଧରାପଡ଼ିଛନ୍ତି ଭିଜିଲାନ୍ସ ହାତରେ! କିଏ ଗିରଫ ତ ଆଉ କିଏ ଲୁଚିଛି। ଏଥିରେ ରାଜନୀତି ଲାଗୁଛି ଏଣ୍ଟି-କ୍ଲାଇମେକସ୍ ପରି। ଆଗକୁ ନିର୍ବାଚନ, କେହି ନିଜ ଦଳ କର୍ମୀ ଓରଫ୍ ନେତାଙ୍କଠିଁ ହାତ ମାରେ? ୧୯୯୯ ମହାବାତ୍ୟା ପରେ ଏକା ଅଭିଯୋଗରୁ ତ କଂଗ୍ରେସ ସେଦିନୁଁ କୁଆଡ଼େ ଉଡ଼ି ଗଲା ଯେ ଆଉ ଚେର ଧରୁନି।

'କେବଳ ନବୀନ ପାରିବେ' - ଏପରି ଏକ ଆନୁମାନିକ ଦୃଢ଼ତାର ପ୍ରଚାର ମୁଖ୍ୟମନ୍ତ୍ରୀଙ୍କ ସପକ୍ଷରେ ଚାଲିବା ସ୍ୱାଭାବିକ।

ଦୁର୍ଗତଙ୍କ ପାଇଁ ଆସିଥିବା ରିଲିଫ୍ ହଡ଼ପ ପରି ଛୋଟଲୋକୀ ଓଡ଼ିଶାରେ ଅଧିକ ହୁଏ। ଏବଂ 'ସେବା' ନାଁରେ ନେତାମାନେ ହିଁ ତହିଁର ପରିଚାଳନା କରନ୍ତି। ସବୁ ଦଳ ଓ ଅନେକ ହାକିମଙ୍କର ଏଥିରେ ସିଦ୍ଧି ଅଛି। ମାତ୍ର ଗୋଟେ ପ୍ରଶ୍ନ। କଟକ ମାମଲାରେ ରାଜନୀତି ଅପେକ୍ଷା ଶାସନିକ ଦୃଢ଼ତାକୁ ଅଧିକ ପସନ୍ଦ କରିବା କଥା। ଆଉ ଇଲାକା କୁକୁରଙ୍କ ଲାଙ୍ଗୁଡ଼ ସିଧା କି? ଗଂଜାମ, ଖୋର୍ଦ୍ଧା, ନୟାଗଡ଼ ବା ବନ୍ୟା ପାଇଁ ଅନ୍ୟ ଜାଗାରେ ନେତାଏ ରିଲିଫ୍ ହଡ଼ପ କରି ନଥିବେ କି? ସବୁଠିଁ ତ ଆରଡିସି, ଜିଲ୍ଲାପାଳମାନେ ଅଛନ୍ତି।

Digitized by srujanika@gmail.com

କେବଳ କଟକକୁ ଦେଖେଇଲେ ତାହା ସରକାରଙ୍କ ରାଜନୀତିକ ଶୃଙ୍ଖଳାର ପ୍ରମାଣ ନୁହେଁ। ଧରି ନେବା, ୨୦୧୪ ନିର୍ବାଚନରେ ପୁଣି ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବେ। ଷ୍ଟେଜ୍‌ରେ ଏମିତିକା ଗୋଟେ ଦି'ଟା ମେଜିକ୍-ପାରା ଉଡ଼େଇ ସେ ରାଜ୍ୟକୁ ନେବେ କୁଆଡ଼େ ?

ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା ଶୁଣି ବିମୋହିତ ହେଉଛୁ ଯେମିତି ତାଙ୍କ ସିଦ୍ଧାନ୍ତହୀନତା ପାଇଁ ବିସ୍ମିତ ହେଉଛୁ ବି ସେମିତି। ବାଛିବୁଛି ଶ୍ରୀ ସୁଧାଂଶୁ ଶେଖର ମହାପାତ୍ରଙ୍କର ଗୋଟିଏ ଚିଠି ଆମେ 'ଜନ ପ୍ରସଙ୍ଗ' ସ୍ତମ୍ଭରେ ପ୍ରକାଶ କରିଛୁ। 'ଓଡ଼ିଶାରେ ବିଜେଡିର ବିକଳ୍ପ ଲୋଡ଼ା କି ?' ('ସୂର୍ଯ୍ୟପ୍ରଭା', ୨୨.୧୦) ଲେଖକଙ୍କ ଆଶା ଆଶଙ୍କା ସହିତ ସମସ୍ତେ ଏକା ବିଚାରରେ ରାଜି ହୋଇ ନ ପାରନ୍ତି, ମାତ୍ର ସେ ଯେଉଁ ଚିତ୍ରଗୁଡ଼ିଏ ଦେଇଛନ୍ତି ତାହା ପ୍ରତ୍ୟାଖ୍ୟାନ ବି କରି ହେବନି।

ସମସ୍ତଙ୍କ ପରି ବିଜଦର ନେତା କର୍ମୀ ବି ରିଲିଫ୍ ଚୋରି କରି ପାରନ୍ତି - କଟକ ତହିଁର ପ୍ରମାଣ। ଫାଇଲିନ୍ ପରବର୍ତ୍ତୀ ରାଜନୀତି ଯାହା ସେଥିରେ କୌଣସି ଦଳର 'ଆଦର୍ଶ' ବା 'ସାଧୁତା' ପରି ଶବ୍ଦ ଅଣ୍ଡାଳିବା ଭାଣ୍ଡ ଆଖଡ଼ାରେ ସମର-ବିଳାସ ଚର୍ଚ୍ଚା ପରି। ପୁଳାଏ ଯୁଦ୍ଧ ବିଷୟରେ ଗପ ହେଉଥା'ନ୍ତି, ମାତ୍ର ସେଠି ଲଢ଼ିବା ଲୋକ କି ହାରିବା ଲୋକ କେହି ନଥା'ନ୍ତି।

ଆଜି ଅବସ୍ଥା ସମ୍ଭାଳିଛି ପ୍ରଶାସନ, ନବୀନଙ୍କ ନିର୍ଦ୍ଦେଶ ଅନୁସାରେ। ଗୋଟିଏ ସଫଳତା ଦେଖେଇ ବହୁ ଅପକର୍ମ କିପରି ଘୋଡ଼ାଇ ଦିଆଯାଏ ତହିଁର ଏକ ପ୍ରତୀକ ଉଦାହରଣ ଆମେ ଦେଇଛୁ - 'ସରକାରଙ୍କ ଫାଇଲିନ୍ ତଥ୍ୟ କେତେ ସତ ?'ରେ କିଛି ପ୍ରମାଣ। ('ସୂର୍ଯ୍ୟପ୍ରଭା', ୨୩.୧୦ - ପ୍ରଥମ ପୃଷ୍ଠା ଖବର) ଏହା ରିଲିଫ୍ ହଡ଼ପ୍‌ର ଏକ ନୂଆ କୌଶଳ।

ବୁଧବାର ଦିନ ପୁରୀରୁ ଜଣେ ସଂପର୍କୀୟା ଫୋନ୍ କଲେ - ଆଜି ଆମର ରିଲିଫ୍ ମିଳିଲା। ଘର ପିଛା ପଚାଶ କେଜି ଚାଉଳ ଆଉ ପାଞ୍ଚ ଶହ ଟଙ୍କା। (ଓଜନ କରି ଦେଖିଲାବେଳକୁ ତାହା ୫୦ ନୁହେଁ - ୪୦। ହଡ଼ପ୍ - ୧୦ କେଜି।)

'ତମେ ତ ସବୁ ଏମିତି ପାଉଚ ଓ ଖାଉଚ। ପୁଣି ରିଲିଫ୍ କ'ଣ ଦରକାର ?'

ସରକାର କହିଲେ - ହବନି। ଯାହାର ଭୋଟର୍ ପରିଚୟପତ୍ର ଅଛି ସେ ପାଇବ।

'ଯାହାର ସେ ଖଣ୍ଡିକ ନଥିବ, ସେ ଦୁର୍ଗତ ହେଲେ ବି ରିଲିଫ୍ ପାଇବନି ?'

'ମୁଁ ତ ସେଇଆ ଜଣାଇବାକୁ ତମକୁ ଫୋନ୍ କଲି। ଲୋକେ ଯାହା ଛଟପଟ ହେଉଛନ୍ତି ନା। ଜାଗାର ନାଁ ଯଦି ପୁରୀ, ଏଥିରେ ତମକୁ ଲୋକାଲ୍ ରାଜନୀତି ଦେଖାଯାଉନି ?'

ପ୍ରାକୃତିକ ଓ ରାଜନୈତିକ ଦୁର୍ଗତି ଓଡ଼ିଶାର ଚିର ସହଚର। ନିଜ ଦଳକୁ ଆସ୍ଥାହୀନତା ବିପର୍ଯ୍ୟୟରୁ ରକ୍ଷା କରିବା ଲାଗି ରାଜ୍ୟ କଂଗ୍ରେସ ଏକ ଶ୍ୱେତପତ୍ର ଜାରି କରୁ। ସେଥିରେ ଆଉ ଯେତେ କଥା କହିବ କହୁ ପଛେ, ଗୋଟିଏ ପ୍ରଶ୍ନର ଉତ୍ତର ନିଶ୍ଚୟ ଦେଉ।

କେନ୍ଦ୍ର ଓଡ଼ିଶାକୁ ପରେ କେତେ କଞ୍ଚୁ ବା କଦଳୀ ଦେବ ତାହା ଭିନ୍ନ କଥା। ଯାକୁ ନେଇ ଦି' ଦଳ ନେତାମାନଙ୍କ ଭିତରେ ଯେଉଁ ଭାଷଣ ପ୍ରତିଯୋଗିତା ହେବ - ଏ ସ୍କ୍ରିପ୍ଟ ସମସ୍ତେ ଜାଣନ୍ତି। ଆମ କଂଗ୍ରେସ ନେତାଏ ଦଳର 'ହାଇକମାଣ୍ଡ'ଙ୍କୁ ନିଶ୍ଚୟ ପଚାରନ୍ତୁ - ସୋନିଆ କି ରାହୁଲ ଗାନ୍ଧି କି ପ୍ରଧାନମନ୍ତ୍ରୀ କାହିଁକି ଓଡ଼ିଶା ଦେଖିବାକୁ ନ ଆସିଲେ ? ଏତେବେଳେ ପାଖରେ ଠିଆ ହେବନି ତ ସେମାନେ ଆମର କିଏ ?

'ନବୀନ କାହିଁକି ଓଡ଼ିଆ କହୁନାହାଁନ୍ତି ?' ଏକାପରି ଏହା ବି ଆମ ପାଇଁ ଏକ ଭାବାବେଗର ପ୍ରଶ୍ନ।

(୨୫.୧୦.୧୩)

Digitized by srujanika@gmail.com

ଯଖ

କେଉଁ କାଳର କଥା । ଆମ ଜେଜେଙ୍କ ଜେଜେ ପ୍ରଥମ ଦୁଇ ଭାଇ ହୋଇ ଜନ୍ମିଲେ । ସେଇଠୁ କୁଳ ମୁକୁଳା ହେଲା ଯେ ଏବେ ତ ଦୁଇ ଗାଁ ସାତ ସହର ଟପି କେତେଆଡ଼େ ମାଡ଼ିଗଲାଣି । ସେମାନେ ଏକାନ୍ନବର୍ତ୍ତୀ ପରିବାରରେ ରହୁଥିଲେ । ଦି' ବୋହୂ ଆସିଲେ । ତା'ପରେ ସାମାଜିକ ନ୍ୟାୟ ଚାଲିଲା - ଭୁଜରେ ରହିବ କଙ୍କଣ / ହେବ କି ନାହିଁ ରଣ ଝଣ ?

ଦୁଇ ବୁଢ଼ା କୁଆଡ଼େ ଅର୍ଡର କରିଥିଲେ - ଆମ ଜୀବଦ୍ଦଶାରେ ଭିନେ ହେବା ସମ୍ଭବ ନୁହେଁ । ଉଭୟଙ୍କ ବଶମ୍ବଦ ପୁତ୍ରେ ତାହା ମାନିଥିଲେ ଏବଂ ଏକାସାଙ୍ଗରେ ଘର ପାଖରେ ଏକା ପରି ଆଉ ଗୋଟିଏ ଚଉହଦୀ ତିଆରି ହେଉଥିଲା ।

ଏ ଗପ ଜେଜେଙ୍କ ତୁଣ୍ଡରୁ ଶୁଣିଛୁ । ଅପାକଳ ବୟସ ଯୋଗୁ ବୁଝି ନ ଥିଲୁ । 'ଆର ଡିଅ'ରେ ଏକ ଯଖ ରହୁଥିବାର 'ପ୍ରମାଣ' ଜେଜେଙ୍କ ଜେଜେ ବି ଦେଖିଥିଲେ ଓ ତାଙ୍କ ଜେଜେ ବି କୁଆଡ଼େ ଦେଖିଥିଲେ । କେତୋଟି କିଆବୁଦା ଓ ନଡ଼ିଆଗଛ ମଝିରେ - କିବା ଜହ୍ନ କିବା ଅନ୍ଧାରପକ୍ଷ - ପ୍ରତି ମଙ୍ଗଳବାର ଓ ଶୁକ୍ରବାର ନିଘୋଡ଼ ରାତିରେ ଆଲୁଅଟେ ଧପ୍‌ଧପ୍ ହୋଇ ଜଳିଉଠେ । ଏରିଆ ହାଲୋଳ ହୋଇଯାଏ ଏବଂ ପୁଣି ତାହା ଛାଁକୁ ଛାଁ ଲିଭିଯାଏ । ସଂକ୍ରାନ୍ତି ଅମାବାସ୍ୟା କି ମାଣବସା ଗୁରୁବାର ଏମିତି ସ୍ପେସାଲ୍ ଦିନରେ କୁଆଡ଼େ ଆଲୁଅ ତୋଫା ଦେଖାଯାଉଥିଲା ଓ ଅଧିକ ସମୟ ରହୁଥିଲା ।

ଯଖ ଓ ମଣିଷ ମିଶି ରହିପାରି ନ ଥିବେ । ଯଖ ବିତାଡ଼ିତ ହେଲା ଏବଂ ଆମେ ରହିଛୁ ସେହି ଜାଗାରେ । ତା' ଉପରଟା ମୋ' ଶୋଇବାଘର । ଆମେ ସେପରି ଆଲୁଅ କି ବିସ୍ମୟ ଦେଖି ନ ଥିବୁ । କାରଣ ଆମ ଜନ୍ମ ସେହି ଘରେ ।

ଜେଜେ ଟିକେ ପାଠୁଆ ଥିଲେ । କଟକରେ ଏଣ୍ଟ୍ରାନ୍ସ ପାଶ୍ କରି ନ ପାରି ବାହୁଡ଼ି ଆସିଲେ । ଦୁଆ ଉଠେଇଲେ ଯେ କାହାର ଗୋଲାମ ହେବେନି କହି ସେ ସବ୍-ଡିପୋଟି ହେବାକୁ ମନା କଲେ । ସେ ଚାକିରି ପାଇଥିଲେ କି ? ଏ

Digitized by srujanika@gmail.com

ପ୍ରମାଣ ତାଙ୍କୁ କେହି ପଚାରି ନ ଥା'ନ୍ତି। ଅସଲରେ ସେ ଫେମସ୍ ହୋଇଥିଲେ ଏପରି 'ପାଟ୍ରିଅଟିକ୍' ପରିଚୟ ଯୋଗୁ।

ଥରେ କୁଆଡ଼େ ଆମ ଜେଜେମା'ଙ୍କ ମାଈଁ ସ୍ୱପ୍ନ ଦେଖିଲେ ଯେ ହାରାମଣିଙ୍କ ଡିଅରେ ଗୋଟେ ଯଖ ଅଛି। ସୁନାର ବିପୁଳକାୟ ପ୍ରତିମା। ସେ ଗପସପ ବି କରି ପାରୁଥାଏ। ମାଈଁଙ୍କି ହଲେଇ କହିଲା - ମତେ ମୁକ୍ତି ଦିଅ। ମୁଁ ପୋତି ହୋଇ ରହିଛି ଅମୁକ ଜାଗାରେ। ବହୁତ ଆଲୁଅ ଦେଖେଇଲି। କିଛି କେହି ବୁଝିପାରୁନାହାଁନ୍ତି।

ସ୍ୱପ୍ନର ଗୁରୁତ୍ୱ ଅନୁଭବ କରି ତହିଁଆର ଦିନ ସକାଳୁ ମାଈଁ ଶଗଡ଼ରେ ଆସି ଭାଣିଜୀ ଘରେ ହାଜର। ଆଡୁଆଳରେ ଲାଜ ଲାଜ ହୋଇ ଜ୍ୱାଇଁଙ୍କୁ ସ୍ୱପ୍ନ କଥା କହିଲେ।

ଜେଜେ କହିଲେ - ହଁ। ସବୁ ଫିଟ୍ ଲାଗୁଛି। ଭାବିଲେ, ମାଈଁ ତ ଏଠିକି ପ୍ରଥମ ଆସିଲେ। ଲୋକେସନ୍ ଠିକ୍ କହୁଛନ୍ତି। ହଁ ସେଠି କିଆବୁଦା ଅଛି। ଦି'ଟା ନଡ଼ିଆଗଛ ଓ ଟିକେ ଦୂରରେ ଖଜୁରିଗଛ ତିନି ଚାରିଟା। ଏତେ ଏକ୍‌ଜାକ୍ଟ ସେ ଜାଣିଲେ କେମିତି? ତା'ମାନେ, ଯଖ ମୁକ୍ତି ଖୋଜୁଛି।

ତା'ପରେ ଶତପଷ୍ଟିଏ ଆସିଲେ। ସେ ଥିଲେ ଫୋର୍-ଇନ୍-ଓ୍ୱାନ୍। ଜଉତିଷ, ଗୁଣିଆ, ବୈଦ୍ୟ ଓ ବ୍ରାହ୍ମଣ। ତାଙ୍କର ସିଦ୍ଧି କୋଉଥିରେ ନ ଥାଏ, ମାତ୍ର ପ୍ରସିଦ୍ଧି ବହୁତ। ଯକ୍ଷ-ମୁକ୍ତି ଯଜ୍ଞ ହେଲା। କୁବେରଙ୍କ ଦୂତ ଟି! କାହା ଧନ ଜଗି ବସିଛି ଯେ ବିଚରା ମୁକ୍ତି ପାଉନି। ଇଏ ଯାଇତାଇ କଥା ନୁହେଁ। ଯେହେତୁ ଏଥିରେ ତନ୍ତ୍ର ଯୋଡ଼ା, ତେଣୁ ଏ ଗୁପ୍ତ ପୂଜା ଅମାବାସ୍ୟା ଅନ୍ଧାରରେ ହେବ।

ଦିସ୍ ଦ୍ୟାଟ୍ କିଛି ଚଳିବନି। କର୍ତ୍ତାଙ୍କୁ ଉଲ୍ଲଗ୍ନ ରହିବାକୁ ପଡ଼ିବ।

କି ହରିବ'ଲ୍ ହୋଇ ନଥିବ ଟି! ତାଙ୍କ ଚେହେରା ମନେ ପଡୁଥାଏ।

ପୂଜା ସରିଲା। ଯଖ ମୁକ୍ତି ପାଇଗଲା। ଜେଜେ କହିଲେ, ସେ ଦେଖିଛନ୍ତି - ଖଜୁରିଗଛ ମୂଳରୁ ଆଲୁଅ ହୁଳାଟେ ହୁସ୍ କରି ଉଠି ଆକାଶକୁ ପଳେଇଲା। ଶତପଷ୍ଟିଏ ଯାଇ ସେଇଠି କିଳାଟେ ପୋତି ଦେଲେ। କହିଲେ - ଯଖ ତୃପ୍ତିରେ ମୁକ୍ତି ପାଇଛି।

ଜେଜେ ପଚାରିଲେ - କିଛି ମାଲ୍ ଛାଡ଼ିନି?

'ଏଇଠି ଖୋଳିଲେ ନିଶ୍ଚେ ମିଳିବ। ବୋଧେ ତା ଓଜନ ବେଶି ବୋଲି ଉତୁରି ପାରିଲାନି। ନ ହେଲେ ଗୋବରପାଣି ରେଡ୍ଡି କରି ରଖିଥିଲି।'

ପୁଣି ଦିନ ସ୍ଥିର ହେଲା। ଜେଜେ ଏ କାର୍ଯ୍ୟଟିକୁ ଗୁପ୍ତ ଭାବେ ସଂପାଦନ କରିବାକୁ ଅତି ବିଶ୍ୱସ୍ତ ଦୁଇ ଜଣଙ୍କୁ କାମରେ ଲଗାଇଲେ। ଖୋଳାଖୋଳି ଚାଲିଲା। ଶତପଷ୍ଟିଙ୍କ କିଳା ଚିହ୍ନଠାରୁ ପୂର୍ବକୁ ପଚାଶ ହାତ ଓ ଉତ୍ତରକୁ କୋଡ଼ିଏ ତିରିଶ ହାତ ଯ୍ୟାଛାତା ଖୋଳିବା ପରେ କିଛି ମିଳିଲାନି। ଡିଅ ପୁଣି ପୋତା ହେଲା। ବହୁ ପରେ ଖାନାବାଡ଼ି ପଛକୁ ଗୋଟେ ପୋଖରି ଖୋଳା ହେଲା। ସେଠି ମିଳିଲା ଗୋଟିଏ ପିତଳ ଘୁମ। ତା' ଭିତରେ ଭର୍ତ୍ତି ରହିଥାଏ କଉଡ଼ି।

ଜେଜେଙ୍କ ମନ ଫିକା ପଡ଼ିଗଲା। ସେ ଯୁଗରେ କଉଡ଼ିକୁ କେହି ଧନ ବୋଲି ଭାବୁ ନଥିଲେ ଏବଂ ଘୁମଟା ଇଜ୍‌ମାଇଲ ହୋଇଗଲା।

(୨୪.୧୦.୧୩.)

Digitized by srujanika@gmail.com

'ସାହିତ୍ୟ ଏକାଡେମି ପୁରସ୍କାର'

(କଟକ ଲାଲବାଗ ଥାନା କେଶ୍ ନଂ. ୬/୨୦୧୩)

ଜଣେ ଅବସରପ୍ରାପ୍ତ ଅଧ୍ୟାପକ ଓଡ଼ିଶା ସାହିତ୍ୟ ଏକାଡେମି ପୁରସ୍କାର ହାସଲ କରିବାକୁ ଆଉ ଜଣେ ସମ୍ପାଦିକଙ୍କୁ ସ୍ୱାଭାବିକ ସ୍ୱେଚ୍ଛାରେ ଲାଞ୍ଚ ଦେଇଥିଲେ। ମନ ଅଳିଆରେ ପ୍ରୀତି ମଉଳା। ଏବେ ସେ ଘଟଣା 'ଠକାମି'ରେ ପରିଣତ ହୋଇ ଏଫଆଇଆର, ଗିରଫ ଇତ୍ୟାଦି କାମ ସରିଲାଣି। ଖବରଟି ଏହିପରି। ମିଳିଥିବା ସୂଚନା ମୁତାବକ ରେଭେନ୍ସା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ତଥା ଲେଖକ ଡକ୍ଟର ସୁଦର୍ଶନ ପଟ୍ଟନାୟକଙ୍କ ସହିତ ସାମ୍ବାଦିକ ଉମେଶ ଚନ୍ଦ୍ର ବେହେରାଙ୍କର ଜଣାଶୁଣା ଥିଲା। ('ଧରିତ୍ରୀ'/୩୧.୫.୧୩) ଏକାଡେମି ପୁରସ୍କାର ଯୋଗାଡ଼ କରି ଦେବ କହି ବେହେରା (ଅଭିଯୁକ୍ତ) ଅଭିଯୋଗକାରୀ ପ୍ରଫେସରଙ୍କଠୁଁ ୨୦୧୨ ଜାନୁଆରିରୁ ଡିସେମ୍ବର ଭିତରେ ଏକ ଲକ୍ଷ ପାଞ୍ଚ ହଜାର ଟଙ୍କା ଟଳୁ କଲା। ସେ ଭିତରେ ସେ କେତେକ 'ଇମ୍ପୋଟାଣ୍ଟ' ଲୋକଙ୍କ ସହିତ ପୁରସ୍କାର ସମ୍ବନ୍ଧରେ ଫୋନ ଯୋଗେ ଅଧ୍ୟାପକଙ୍କର ଗପସପ କରାଇ ଦେଇଥିଲା। ବାସ୍ ସେତିକି।

ତା'ପରେ ଚଡ଼କ ଖସିଲା। ଆଜିକାଲି ଯେମିତି ହେଉଛି - ଲୁଚାଛପାରେ ସବୁ ଚାଲିଥିବ, ମନ ବିଗିଡ଼ିଲେ ପୁଲିସ କମ୍ପ୍ଲେନ୍‌ରେ ସେଇଟା ହୁଏ 'ରେପ୍'। ଏଠି ବାର୍ତ୍ତା ପରିଷ୍କାର। ବିଧିବିଧାନ ନ ମାନି ହୁକୁହୁକୁ ହେଲେ ଏପରି ପରିଣତି ଭୋଗିବାକୁ ପଡ଼ିପାରେ! ତହିଁର କାରଣ ବି ସେତିକି ପରିଷ୍କାର। ଆଇନ ପ୍ରେମ ଜାଣେନି, ମାତ୍ର ସେଥିପାଇଁ ଘଟୁଥିବା ପ୍ରତ୍ୟେକଟି ଅପରାଧ ତା' ସୂଚୀପତ୍ରରେ ରହିଛି। ଏମିତି ଠୁଙ୍କି ଦେବ ଯେ କୌତୁକଠାରୁ କୀଳା ବହକ ଲାଗିବ।

ପୁରସ୍କାର 'ଆଶାୟୀ' ଅଧ୍ୟାପକ ଓ 'ଦଲାଲ' ସମ୍ପାଦିକଙ୍କ ସଂପର୍କ, ଅଭିଯୋଗ ଏବଂ ଆଇନରେ ତା'ର କି ପ୍ରତିକାର ହେବ, ଆମେ ଜାଣୁନା। ମାତ୍ର 'କନ୍‌ସେନ୍‌ସୁଆଲ୍ ସେକ୍ସ' 'ରେପ୍'ରେ ପରିଣତ ହେଉଥିବା ପରି ଏ କଥାଟା ବେଅକଲ ଲାଗୁଛି। ଖବର ପଢ଼ି ଲାଗିଲା, ଅଧ୍ୟାପକ ବାବୁ ହୁଏତ ବହୁତ ବଡ଼ ଲେଖକ ହୋଇଥିବେ, କିନ୍ତୁ ତାଙ୍କର ପଇସାପତ୍ର ହିସାବର ଟମିଜ୍ କମ୍। ସେ ଯାଚି ଦେଲେ ଲକ୍ଷେ ପାଞ୍ଚ ହଜାର ଟଙ୍କା। ମାନେ, ଏତିକି ପୁଞ୍ଜିରେ ସଜାସଜି

Digitized by srujanika@gmail.com

ସହ ସେଥିରେ ଗୋଟେ ମଡରେଟ୍ ଅଣ୍ଡା ଗୁମୁଚି ଚାଲିବ। ପାନପତ୍ର କି ତାମ୍ବଡ଼ା ଶୁଖୁଆର ଭଲ ବେପାର ବି ହୋଇପାରିବ। ଏକାଡେମି ପୁରସ୍କାର କ'ଣ ତା'ଠୁଁ ବଡ଼ ? ସେଥିରୁ ମାଲ୍ ମିଳେ କେତେ ? ଆମେ ଜାଣିବାରେ ଓଡ଼ିଶା ସାହିତ୍ୟ ଏକାଡେମିର ସର୍ବ ଶ୍ରେଷ୍ଠ 'ଅତିବଡ଼ି ସମ୍ମାନ' ସାଙ୍ଗରେ ଥାଏ ମାତ୍ର ପଚାଶ ହଜାର ଟଙ୍କା। ତେଣୁ ଧରି ନେବା ଯେ ଲେଖକଙ୍କର ଯଶ ବା ସେପରି କିଛି ବିକଳ୍ପ ଅଭିଳାଷ ଥିଲା। ସେଥିପାଇଁ ଯାହା ଖର୍ଚ୍ଚବାର୍ଚ୍ଚ ହେଉ, ଦେଖିବା !

ଆମର ଜଣେ ସଂପର୍କୀୟ ଜେଜେ ନାଗପୁର ବ୍ରିଟିଶ କମିସନରଙ୍କଠାରୁ 'ରାୟବାହାଦୁର' ଉପାଧି ପାଇଥିଲେ। ତାଙ୍କ ଅରିଜିନାଲ ନାଁ ଧରାଯାଉ - ଉଦ୍ଧବ ଚନ୍ଦ୍ର ମାଧବ ଚନ୍ଦ୍ର ପୀତାମ୍ବର ଦିସ୍-ଦ୍ୟାଟ୍। ଏ ଛଅ ଶବ୍ଦରୁ ଗୋଟେ ଅଧେ ଛାଡ଼ିଦେଲେ ପଛେ ଚଳିବ, କିନ୍ତୁ କଥିତ ରାୟବାହାଦୁର ଉପାଧିଟା ସଟଲ୍ ଟ୍ରେନ୍ ଇନ ପରି ସବୁବେଳେ ଆଗେ ଆଗେ ଧାଉଁଥିଲା। ସେ ପାଇଥିବା ପ୍ରଶସ୍ତିପତ୍ରରେ ମାତ୍ର ଧାଡ଼ିଏ ଲେଖା ଥିଲା। ମହାରାଣୀଙ୍କ ସରକାର ତାଙ୍କ 'ସେବା'କୁ ପ୍ରଶଂସା କରିଥିବାରୁ କମ୍ପାନୀ ବାହାଦୁରଙ୍କ କମିସନର, ରାଇଟ୍ ଅନରେବ୍‌ଲ ଜଷ୍ଟିନ୍ ବେଡ୍‌ରେକ୍‌ଙ୍କ ଅନୁମୋଦନକ୍ରମେ ବାଲେଶ୍ୱର କଲେକ୍ଟର ତାଙ୍କୁ ଏ ଉପାଧି ଦେଇଥିଲେ।

ହେଲେ, ଗାଉଁଲି ଭାବେ ଆମେ ତାଙ୍କ 'ସେବା'ର ଗପ ଅଲଗା ପରି ଜାଣୁ।

ଉନ୍ନବିଂଶ ଶତାବ୍ଦୀର ପ୍ରଥମ ଭାଗ। କଟକ କ୍ୟାଣ୍ଟନ୍‌ମେଣ୍ଟରେ ଇଂଲିଶ ହାକିମମାନଙ୍କ ନୂଆ ବସତି ଗଢ଼ି ଉଠୁଥାଏ। ସେଠାକୁ ଆସିଥିବା ଜଣେ ସାହେବାଣୀ ଦିନେ କୋଠି ଭିତରୁ ପୋଷାକ ପିନ୍ଧି ବାହାରି ଆସିଲେ - ଘୋଡ଼ା ଚଢ଼ିବେ। ବାଙ୍ଗ୍‌ଲୋ ପଛ ମହାନଦୀ ପଠା। ମନ ଇଚ୍ଛା ଯେତେ ବୁଲିବେ। ତତ୍‌କ୍ଷଣାତ୍ ଘୋଡ଼ା ସହିତ ସଇସ ଓ ଆଉ କେତେ ଜଣ ସେଠି ହାଜର ହେଲେ। କିନ୍ତୁ ସେ ଘୋଡ଼ା ଚଢ଼ି ପାରିଲେନି। କାରଣ ବାକି ସବୁ ସାଜ ଠିକ ଥିଲା ଯେ ହେଲେ ସ୍ୟାଡେଲ୍ ରିଙ୍ଗ୍‌ଟା ଛିଣ୍ଡି ଯାଇଥିଲା। ସଇସ ବିନୟଭାବେ ଡିଫିକଲ୍‌ଟି ଜଣେଇଲା ଏବଂ ଆଜି ସନ୍ଧ୍ୟା ସୁଦ୍ଧା କମାର ରିପେୟାର କରି ବଙ୍ଗଳାରେ ଆଣି ଦେବ ବୋଲି କହିଲା। ଆହୁରି କହିଲା - ହୁକୁମ୍, କାଲି ଚଢ଼ିଲେ ଚଳିବନି ?

ମେମ୍‌ଙ୍କ ମନ ଉତ୍ତାଳିଆ ଥିଲା। ଷ୍ଟୁଲ୍ କି ଟେବୁଲଟେ ପକେଇ ଦେଲେ ସେ ଚଢ଼ି ଯାଆନ୍ତେ। ଥରେ ବସିଗଲେ, କଂଟ୍ରୋଲ କରିବ ଲଗାମ। ମାତ୍ର ଏପରି ଅଣପାରମ୍ପରିକ ଶୈଳୀ କଥା ସେ ଲାଜରେ କାହାକୁ କହି ପାରିଲେନି। ସମବେତଙ୍କ ଭିତରେ ସେଠି ଥିଲେ ଉଦ୍ଧବ ଚନ୍ଦ୍ର ମାଧବ ଚନ୍ଦ୍ର ପୀତାମ୍ବର ଦିସ୍-ଦ୍ୟାଟ୍। ସେ ହୁକୁମ୍‌ଙ୍କ ମାଇଣ୍ଡ୍ ବୁଝି ଘୋଡ଼ା କଡିରେ ଆଣ୍ଠେଇ ପଡ଼ିଲେ। ମେମ୍‌ସାହେବ ତାଙ୍କ ପିଠିରେ ପାଦ ଦେଇ ଚଢ଼ି ଗଲେ। ଗୋଟିଏ ଛାଟ ବାଜିଛି କି ନା, ଘୋଡ଼ା ଦୌଡ଼ିବାକୁ ଲାଗିଲା।

ଘଣ୍ଟେ ଖଣ୍ଡେ ପରେ ବଙ୍ଗଳାକୁ ଲେଉଟି ମେମ୍ ଖୋଜିଲେ ସେଇ ଲୋକଟିକୁ। ଉଦ୍ଧବ ଜେଜେ ହାଜର ହେଲେ ଓ କୁର୍ଣ୍ଣିସ୍ କଲେ।

ମେମ୍ କହିଲେ - ୟୁ ଆର୍ ଭେରି ଗୁଡ୍। ଚାକିରି କରିବୁ ?

'ନା ହଜୁର ନା। ସରକାରୀ କାମ, ପାରିବନି। ଚର୍ମ ଚକ୍ଷୁ ପବିତ୍ର କରିବାକୁ ଆପଣ ଓ ସାହେବଙ୍କୁ ଦର୍ଶନ କରିବାକୁ ମୁଁ ଦୂର ଗାଁରୁ ଏଠିକି ଆସିଥିଲି।'

ମେମ୍‌ସାହେବ କହିଲେ - ଆହୁରି ଭେରି ଗୁଡ୍। ହେଲେ କମ୍ପାନୀ-ସରକାର ତୋ ସେବା ନିଶ୍ଚେ ମନେ ରଖିବେ। ଏ ଘଟଣାର ପ୍ରାୟ ଦୁଇ ତିନି ବର୍ଷ ପରେ ଜେଜେ 'ରାୟବାହାଦୁର' ଉପାଧି ପାଇଥିଲେ।

(୩.୬.୧୩)

Digitized by srujanika@gmail.com

୬

ସୁନ୍ଦର

କରଣଂ ମଧୁରଂ ତରଣଂ ମଧୁରମ୍ / ହରଣଂ ମଧୁରଂ ରମଣଂ ମଧୁରମ୍ ।
ଅଧରଂ ମଧୁରଂ ବଦନଂ ମଧୁରମ୍ / ନୟନଂ ମଧୁରଂ ହୃଦୟଂ ମଧୁରମ୍ ।
ମଧୁରାଧିପତେ ଅଖିଳଂ ମଧୁରମ୍ ।
'ମଧୁରାଷ୍ଟକମ୍', - ବିଲ୍ୱମଙ୍ଗଳାଚାର୍ଯ୍ୟ

ସୁଖ ଓ ଦୁଃଖ ସବୁଥିରେ ଗୋବିନ୍ଦ । ଦେହର ଆବିର୍ଭାବରେ ଗୋବିନ୍ଦ, ଅବସାନରେ ବି ସିଏ । ତାଙ୍କ ଓମିସନ୍ କମିସନ୍ - ଏମିତି କି ରେପ୍, ସବୁ ମଧୁର !

ଏ ଆଚାର୍ଯ୍ୟଙ୍କୁ ଜଗତ ଅର୍ଡିନାରି ଭାବେ ଜଣେ ଲମ୍ପଟ ବେଶ୍ୟାସକ୍ତ 'ବିଲ୍ୱମଙ୍ଗଳ' ନାଁରେ ଜାଣେ । କାରଣ ? ଅନ୍ଧାରରେ ଗୋହିରୀ ବାଟ ଦେଖାଯିବା ପରି ସୂଚନା ଅକ୍ତିଆର କରିବା ଶକ୍ତି ଆମର ଅପାର ଏବଂ 'ଏଚିଭ୍‌ମେଣ୍ଟ୍' (ହାସ୍‌ଲାତ୍) ନିହାତି ସହଜ । ନିକଟତମ ବ୍ୟକ୍ତି ଭାବେ 'ଲମ୍ପଟ'କୁ ଅଧିକ ବୁଝି ହୁଏ । ଜଗୁଆଳି ଡର ନ ଥିଲେ - ସେ କାମ ପାଇଁ ମୁଁ କୋଉ କମ୍ ଓସ୍ତାତ୍ କି ! ମାତ୍ର ଏତେ ସହଜରେ 'ପ୍ରେମୀ'କୁ ବୁଝି ହୁଏନି । କାରଣ 'ପ୍ରେମ' - ଏ ଶବ୍ଦକୁ 'ରେପ୍' ପରି ସହଜରେ ବୁଝି ହୁଏ ନାହିଁ । ଏ ବୌଦ୍ଧିକ ଇଖମ ଭିତରେ ଆମେ ଚାଲିଚାଲି ଅଭ୍ୟସ୍ତ । ଆଚାର୍ଯ୍ୟଙ୍କୁ ନ ହେଜି ଅନାର୍ଯ୍ୟକୁ ଚଟ୍‌କରି ବୁଝିଯିବୁ ।

ବିଜୁଳି ଆଗେ ଦେଖାଯାଏ ଓ ଘଡ଼ଘଡ଼ି ପରେ ଶୁଭେ । ଯାହା ଉପରେ ଚଡ଼କ ପଡ଼ିଲା ସେ ତତ୍‌କ୍ଷଣାତ୍ ନାଶ ଯାଏ । ତା' ପାଇଁ ଘଡ଼ଘଡ଼ିର ବିକଟାଳ ଶବ୍ଦ ଶୁଣିବା ଲୋଡ଼ା ହୁଏନି ବା କୃଷ୍ଣନାମ କହିବାକୁ ବେଳ ମିଳେନି । ତା' ଆଗରୁ ମରିଥାଏ ବିଚରା ! କାଠ ଭାବି ମୁର୍ଦ୍ଦାର ପିଠିରେ ଆଉଜି ଯେଉଁ ବିଲ୍ୱମଙ୍ଗଳ ଭରା ନଈ ପାରିହେଲା ଏବଂ ତାହା ଯଦି ତାକୁ ନ ଗନ୍ଧେଇଲା ବା ଯେଉଁ ସାପ ଲାଙ୍ଗୁଡ଼ ଧରି ସେ ପାଚିରି ଲଘିଲା ସିଏ ଯଦି ତାକୁ ନ ଦଂଶିଲା - ଇସ୍ କି ରୋମାଣ୍ଟିକ୍ ! । କାରଣ, 'କ୍ଲାଇମେକ୍ସ' ହେଉଛି ସେ ବେଶ୍ୟା ପାଖରେ ପହଞ୍ଚିବ ।

ବିଲ୍ୱମଙ୍ଗଳର ଏପରି ପ୍ରଚାରିତ ବଦ୍‌ଚରିତ୍ରଠାରୁ ତୁଳନା କଲେ, ଆମେ ଆଭରେଜ୍‌ରେ ବହୁତ ଭଲ । ବେଶ୍ୟାସକ୍ତ ବିଲ୍ୱମଙ୍ଗଳ କବିତା ଲେଖି ଆଚାର୍ଯ୍ୟ

Digitized by srujanika@gmail.com

ହେଲେ ଏବଂ ତାଙ୍କ ସଂପର୍କରେ ଭାଣ୍ଡ ଗପ ଶୁଣି ଶୁଣି ଆମେ ବିଦ୍ୱାନ୍ ହୋଇଗଲୁ ।

ସୁଖ ଟିକେ ଅନ୍ତତଃ କଳ୍ପନା କରାଯାଉ । ନିଜ ଭିତରେ ଭଲଠାରୁ ଭେଲ ଦୂରେଇ ରଖିବାର ସହଜ ପ୍ରକ୍ରିୟାରେ ଆମେ ବିଲ୍ୱମଙ୍ଗଳାଚାର୍ଯ୍ୟଙ୍କ ସୁନ୍ଦର ନାଁଟିକୁ 'ବିଲ୍ୱମଙ୍ଗଳ' ପରି ଅପନ୍ତରିଆରେ ପରିଣତ କରି ସାଧୁ ଅସାଧୁ ଉପାୟ-ତତ୍ତ୍ୱକୁ ଏଯାବତ୍ କି ସରସ ଭାବେ ତୁଲେଇ ନ ଚାଲିଚୁ ଟି !

ମାତ୍ର ଏବେ ଆମେ ଗୁରୁତ୍ୱ ଦେଉଛୁ 'ମଧୁରାଷ୍ଟକମ୍'ର ତତ୍ତ୍ୱ ଉପରେ । ଯାହା ଦେଖିବୁ ସବୁ ସୁନ୍ଦର ନା ଯାହା ସୁନ୍ଦର ତାହା ହିଁ କେବଳ ଖୋଜିଖୋଜି ଦେଖିବୁ? ଦୁଃଖର କଥା, ଦୁଇଟିରୁ ଆମେ କୌଣସି ଗୋଟିଏ ବି କରୁନା । ଆମ ଆଖି ସାମ୍ନାକୁ ବହୁ ସୁନ୍ଦର କଥା ଆସେ ଏବଂ ଚାଲିଯାଏ, ଅଥଚ ତାହା ଅନେକ ଦେଖି ପାରନ୍ତି ନାହିଁ । ପରର ସୁନ୍ଦର ଦେଖି ନିଜ ଆତ୍ମାକୁ ଅହନ୍ତାରେ ଜାଳିବା ପାଇଁ ସମସ୍ତେ ତତ୍ପର ।

ଜଣେ ବାପାଙ୍କର ବି.ପି. କେବେ ଆରମ୍ଭ ହେଲା, ଟିକେ ଶୁଣିବା ? ପୁଅ ଆଇ.ସି.ଏସ.ସି. ପରୀକ୍ଷାରେ ୮୧% ରଖି ପାଶ୍ କଲା । ବାପ-ମା ସୁଖ ପାଇବା କଥା । ମାତ୍ର ବାପା ଭଲପାଉ ନ ଥିବା ଆଉ ଜଣେ ବାବୁଙ୍କ ପୁଅ ରଖିଦେଲା ୮୧. ୯% । ଏ ବାପାଙ୍କର ବ୍ଲଡ୍‌ପ୍ରେସର ବଢ଼ି ଗଲା । ମନ ଯଦି ଏତେ ନହକା ହୁଏ, ସୁଖ ଓ ସନ୍ତାପର ସୀମାରେଖା ମାପିବା କେମିତି ? ସୁଖ ତ କେବେ ପ୍ୟାକେଟ୍‌ରେ ଆସେ ନାହିଁ । ଅସୀମତା ଭିତରେ ସେଗୁଡ଼ିକ ଛୋଟ ବଡ଼ କେତେ ଆୟତନର ଚୁନାଚୁନା ସ୍ଥିତି ସହ ବିଚରୁଥା'ନ୍ତି । ସେଥିରୁ ଗୋଟେ ଅଧେ ଆମଠିଁ ବାଜିଗଲେ ମନକୁ ଉତ୍ସାହିତ କରନ୍ତା । ମାତ୍ର ଆକାଶରେ ବଲ୍‌କୁ ଅନେଇ ତଳେ ଅଫ୍‌ସାଇଡ୍ କରୁଥିବା ଖେଳାଳି ପରି, ଆମେ ଯଦି କେବଳ ପ୍ୟାକେଟ୍ ସୁଖ ଖୋଜି ସଂସାରର ଅଫ୍‌ସାଇଡ୍ ଲାଇନ୍ ନ ମାନିବା, ଜୀବନରେ ସୁନ୍ଦରତା ମହକିବ କିପରି ? ରେଫରି ହୁଇସିଲ ଶୁଣିଶୁଣି ତେଣୁ ଆମେ ହାଲିଆ ।

ଆମର ସବୁ ସୁନ୍ଦର । ଏତିକି ଇଚ୍ଛା କଲେ ଆମେ ଗୋବିନ୍ଦଙ୍କୁ ପେଲି ଦେଇ ତାଙ୍କ ଆସନରେ ବସି ପାରନ୍ତେନି କି ? ମାତ୍ର ସେଥିପାଇଁ ସାହସ କୁଳାଏନି । କାରଣ, ଛୋଟଛୋଟ ସୁଖ ଅନୁଭବ କରିବାକୁ ବଡ଼ ମନ ଦରକାର । ତାହା ବିଲ୍ୱମଙ୍ଗଳାଚାର୍ଯ୍ୟଙ୍କର ଥିଲା, ଆମର ନାହିଁ ।

ଆର୍ତ୍ତବଲ୍ଲଭ ମହାନ୍ତି ସ୍ମାରକୀ ବକ୍ତୃତା

ଭାଷାର ସର୍ବନାଶ କାଳରେ ଓଡ଼ିଶା ସାହିତ୍ୟ ଏକାଡେମି କିଛି ଭଲ କାମ କରୁଛନ୍ତି । ଆଜି 'ଆର୍ତ୍ତବଲ୍ଲଭ ମହାନ୍ତି ସ୍ମାରକୀ ବକ୍ତୃତା'ରେ ଜୈନ ସାହିତ୍ୟର ପ୍ରଫେସର ଡକ୍ଟର ଅଶୋକ କୁମାର ସିଂହ କହିବେ: Uses of the Past : Jainism and Odia Identity ସଂପର୍କରେ । କାର୍ଯ୍ୟକ୍ରମର ସର୍ବଶୁଭ କାମନା କରୁଛୁ । ରାୟ ବାହାଦୁର ଆର୍ତ୍ତବଲ୍ଲଭ ଓଡ଼ିଆ ଭାଷା ପାଇଁ ନିଜେ ନିଜର ପରିଚୟ ।

ଗବେଷକ ଓ ସୁଲେଖକ ଡକ୍ଟର ଶ୍ରୀଚରଣ ମହାନ୍ତିଙ୍କୁ ପଚାରିଲୁ - ତାଙ୍କ ଜନ୍ମ ତାରିଖ । ସେ ବହିପତ୍ର ଅଣ୍ଡାଳି କହିଲେ - ଶ୍ରାବଣ ଶୁକ୍ଳ ଏକାଦଶୀ ଶନିବାର, ଇଂଲିଶ ସାଲ ୧୮୮୭ । ବର୍ତ୍ତମାନ କ୍ୟାଲେଣ୍ଡରର ତାରିଖ ଥିଲା - ୩୦ ଜୁଲାଇ, ୧୮୮୭ । ସେ ଦିନ ଥିଲା ପବିତ୍ର 'ପୁତ୍ରଦା ଏକାଦଶୀ' । ଗାଁ ଅବଧାନ ଫ୍ୟାମିଲି ପାଞ୍ଜି ଦେଖି ହଁ କହିଲେ ବି ।

(୬.୭.୧୩)

Digitized by srujanika@gmail.com

୬

‘ଜା ତ ସ୍ୟ ହି ଧ୍ରୁ ବୋ ମୃ ତ୍ୟୁଃ’

‘ଜାତସ୍ୟ ହି ଧ୍ରୁବୋମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ ।
ତସ୍ମାଦପରିହାର୍ଯ୍ୟେର୍ଥେ ନ ତ୍ୱଂ ଶୋଚିତୁମର୍ହସି ॥
(ଶ୍ରୀମଦ୍ ଭଗବଦ୍‌ଗୀତା: ଅଧ୍ୟାୟ ୨, ଶ୍ଳୋକ ୨୭)

ଯିଏ ଜନ୍ମ ହୋଇଥିବ, ତା ପାଇଁ ମୃତ୍ୟୁ ଧ୍ରୁବ । ଯିଏ ମରିବ, ତା ପାଇଁ ଆଉ ଥରେ ଜନ୍ମ ହେବା ବି ‘ଇକ୍ୟୁଆଲି’ ଧ୍ରୁବ । ବାଡ଼େଇଛାଟି ହେଲେ କିଛି ଲାଭ ନାହିଁରେ ବାପ । ଜନ୍ମ, ମୃତ୍ୟୁ ଏବଂ ଆଶା (ଆଉଥରେ ଜନ୍ମ) - କାଳର ଏହି କରାଳ ବଳୟ ଭିତରେ ଜଡ଼ରୁ ଜଗତ ସମସ୍ତେ ଘୂରୁଥା’ନ୍ତି ।

ଭାରତରେ ୧୬୨ ବର୍ଷର ଟେଲିଗ୍ରାଫ୍ ସେବା ଜୁନ ୧୫, ୨୦୧୩ ଦିନ ସମାପ୍ତ ହେଲା । ଦିଲ୍ଲୀ ହେଡ୍-ଟେଲିଗ୍ରାଫ୍ ଅଫିସରୁ ଶେଷ ଟେଲିଗ୍ରାମଟି ଥିଲା - ଜଣେ ବାପାଙ୍କର ବିଦେଶରେ ପଢୁଥିବା ଝିଅ ପାଖକୁ ଜନ୍ମଦିନ ଶୁଭେଚ୍ଛା । ଆଶୀର୍ବାଦ ପଦେ ଦି’ ପଦ ପରେ ସେଥିରେ ସେ ଲେଖିଥିଲେ - ମନେ ରଖିବୁ ଝିଅ, ତୁ ହେଉଛୁ ଭାରତର ଶେଷ ଟେଲିଗ୍ରାମ୍ ପ୍ରାପକ ।

ଆମେରିକାରେ ସାମୁଏଲ ମୋର୍ସ (ଉଦ୍ଭାବକ) ଜାନୁଆରି ୧୧, ୧୯୩୮ ଦିନ ପ୍ରଥମ ଟେଲିଗ୍ରାମ୍ ପଠାଇଥିଲେ - ମାତ୍ର ଦୁଇ ମାଇଲ ଦୂରକୁ । ବାର୍ତ୍ତା ଥିଲା - WHAT HATH GOD WROUGHT - ପ୍ରଭୁଙ୍କ ଇଚ୍ଛା । ଭାରତରେ ୧୮୫୧ ବେଳକୁ ଇଷ୍ଟ-ଇଣ୍ଡିଆ କମ୍ପାନୀ ହୁଗୁଳି ନଦୀ କୂଳରୁ ଡାଇମଣ୍ଡ୍ ହାର୍‌ବରଯାଏଁ ପଚିଶ ମାଇଲ ଟେଲିଗ୍ରାଫ୍ ଲାଇନ ବିଛାଇଥିଲା ଏବଂ ତହିଁଆର ବର୍ଷ ଚାରି ହଜାର ମାଇଲ । ପରେ ପରେ ଟେଲିଗ୍ରାଫ୍ ଓ ସଂକେତ-ବାର୍ତ୍ତାର ଜୟଯାତ୍ରା ଚାଲିଲା । ୧୯୦୨ ଟେଲିଗ୍ରାଫ୍ ସଙ୍କେତ ବିନା ତାରରେ ଚାଲିଲା ଏବଂ ଦେଶ ସ୍ୱାଧୀନ ହେଲା ବେଳକୁ ଦୂରଦୂରାନ୍ତ ଚାରିଆଡ଼େ

Digitized by srujanika@gmail.com

ସେବା ସମସ୍ତଙ୍କୁ ମିଳିବା ସମ୍ଭବ ହେଉଥିଲା । ଟେଲିଗ୍ରାଫ୍ ଅଫିସ୍‌ଗୁଡ଼ିକ ସେତେବେଳେ ବର୍ଷକୁ ୧ କୋଟି ୭୦ ଲକ୍ଷ ବାର୍ତ୍ତା ଲେଣଦେଣ କରୁଥିଲେ । ଟେଲିଗ୍ରାମ୍‌ରେ ଯୋଡ଼ି ହୋଇ ରହୁଥିଲା ଲୋକଙ୍କ ଆଶା ଓ ଆତଙ୍କ । ପ୍ରଥମଟି କମ୍ ଓ ଦ୍ୱିତୀୟ ଅଧିକ । 'ଟେଲିଗ୍ରାମ୍ ଆସିଛି' ଶୁଣିଲେ ଯାହାର ହେଲେ ବି ହଲକ ଶୁଖି ଯାଉଥିଲା ।

୧୮୯୭ରେ ଜନପ୍ରିୟ ଲେଖକ ମାର୍କ ଟ୍ୱାଇନ୍ (୧୮୩୫-୧୯୧୦) ଯାଇଥା'ନ୍ତି ଲଣ୍ଡନ । ସେଠି ଶୁଣିଲେ ଯେ ଏକ ସମ୍ବାଦପତ୍ର ତାଙ୍କ 'ମୃତ୍ୟୁଲେଖା' (ଓବିଚୁଆରି) ପ୍ରକାଶ କରିଛି । ସେ ସଂପାଦକଙ୍କ ପାଖକୁ ଟେଲିଗ୍ରାମ୍ ପଠାଇଥିଲେ । ବାର୍ତ୍ତା ଥିଲା: 'THE REPORTS OF MY DEATH ARE GREATLY EXAGGERATED'

ମଲା ପର୍ଯ୍ୟନ୍ତ ବୁଢ଼ ଗୋରୁକୁ ଗୁହାଳରେ ପକେଇ ତା' ସେବା କରିବା ଏକ ସାଧାରଣ ଭାରତୀୟ ଆଚରଣ । ଶେଷ ଦିନଯାଏଁ ଦେଶ ସାରା ୭୫ଟି ଟେଲିଗ୍ରାଫ୍ ଅଫିସ ଓ ତହିଁରେ କର୍ମଚାରୀଙ୍କ ସଂଖ୍ୟା ଥିଲା - ୧୦୦୦ । ଶେଷ 'ଟ-ରେ-ଟ-କା' ମେସିନ୍‌କୁ ଶେଷ ସଲାମ୍ ମାରି ସରକାରଙ୍କ ଡାକ-ତାର ବିଭାଗ କହିଲା - କାହାରି ଚାକିରି ଯିବନି ।

ଓଡ଼ିଆ 'ବୁଦ୍ଧିଜୀବୀ'

ସ୍ୱୀକାର କରୁଛୁ ଯେ ଇଂଲିଶ ଶବ୍ଦ 'ଇଣ୍ଟେଲେକ୍‌ଚୁଆଲ୍'ର ଅର୍ଥାନ୍ତର ଓଡ଼ିଆରେ କିପରି 'ବୁଦ୍ଧିଜୀବୀ' ହେଲା - ତାହା ଜାଣୁନା । ସ୍ୱାଧୀନତା ପର୍ଯ୍ୟନ୍ତ ଏ ଶବ୍ଦ ଆମର ନ ଥିଲା । ସେତେବେଳେ ଥିଲେ 'ଇଣ୍ଟେଲେକ୍‌ଚୁଆଲ୍'ମାନେ । ହିନ୍ଦୀର ଜୟଯାତ୍ରା ସହିତ ମନେ ହୁଏ, ଛାଇଟିଏ ପରି ଏହା ନିର୍ବିଚାରରେ ଓଡ଼ିଆ ଭିତରକୁ ପଶିଆସିଛି । ମାତ୍ର ଇଂଲିଶ ଅଭିଧାନରେ ଏ ଶବ୍ଦର ସାଧାରଣ ଅର୍ଥ - [n] - a person who uses the mind creatively.

ତେବେ ଏତିକି ଅନୁମାନ କରି ହେଉଛି ଯେ ରାଜନୀତି ଛଡ଼ା ଆଉ କୌଣସି ଜୀବନ ନିର୍ବୁଦ୍ଧିରେ ଆଗକୁ ବଢ଼ି ପାରିବ ନାହିଁ । ଚାଷ ପାଇଁ ଚାଷୀର ବୁଦ୍ଧି ସେକ୍ରେଟାରିଙ୍କ ଫାଇଲ-ଚଷା ବୁଦ୍ଧିଠାରୁ କମ୍ ନୁହେଁ ବା ବେଶି ନୁହେଁ । ତେଣୁ କେହି ନିର୍ବୁଦ୍ଧିଜୀବୀ ହେବା ସମ୍ଭବ ନୁହେଁ । ବଞ୍ଚିବାକୁ ବୁଦ୍ଧି ନାଇଁ ତ ଜୀବନ ବିପର୍ଯ୍ୟସ୍ତ । ଏହା ହେଉଛି ମଣିଷ ଜାତି ପାଇଁ ଜୈବିକ ସତ୍ୟ । ଏବେ ଏ ଶବ୍ଦ ଆମକୁ ଏମିତି ଆଚ୍ଛନ୍ନ କରିଛି ଯେ ଆସନ୍ତାକାଲି ଭିଜିଲାନ୍ସ ଚଢ଼ାଉରେ ଯେଉଁ ବାବୁଙ୍କ ଘରୁ କୋଟିକୋଟି ଟଙ୍କାର ହିସାବ ବହିର୍ଭୂତ ବେଆଇନ ସଂପତ୍ତି ଜବତ ହେଉଥିବ, ଆଜି ସନ୍ଧ୍ୟାର ପ୍ରକାଣ୍ଡ ବୁଦ୍ଧିଜୀବୀ ସମ୍ମିଳନୀରେ ସେ ଅଧ୍ୟକ୍ଷତା କରୁଥିବେ ! ଏ ବର୍ଗଙ୍କୁ ଭେଟିଲେ ସନ୍ଥକବି ଭୀମ ଭୋଇ, ମୁକ୍ତାର ବିଚିତ୍ରାନନ୍ଦ ଦାସ, ମଧୁସୂଦନ, ଗୋପବନ୍ଧୁ କି ସଂଗ୍ରାମୀ ଚନ୍ଦ୍ରଶେଖର ବେହେରାମାନେ ବି ଲାଜରେ ମୁହଁ ଲୁଚାନ୍ତେ !

(୬.୭.୧୩.)

Digitized by srujanika@gmail.com

ଆକାଶରେ ଚିଲ : ଆମର 'ଶାସ୍ତ୍ରୀୟତା'

'ଖାଦ୍ୟ ସୁରକ୍ଷା ଅଧ୍ୟାଦେଶ' ପାଇଁ ସରକାର (ବା କୁହାଯାଉ - କଂଗ୍ରେସ) ବହୁ ବ୍ୟଗ୍ର। ୨୦୧୪ ନିର୍ବାଚନ ପୂର୍ବରୁ ବିଧିବଦ୍ଧ ଆଇନଟିଏ କରିବା ସମ୍ଭବ ହୋଇ ନ ଥା'ନ୍ତା । 'ଇଏ ତୁଚ୍ଛା ନିର୍ବାଚନ-ଚାଲ୍‌ବାଜି' - କହି ମୁଖ୍ୟ ବିରୋଧୀଦଳ ଭାଜପା ଏଥିରେ ରାଜି ହେବନି ବୋଲି ଆଗତୁରା ମନା କରି ସାରିଥିଲା। ଭାଜପା ପରି ବିରୋଧୀ ଦଳ ଥିଲେ ସରକାର ପାଇଁ ଅଧ୍ୟାଦେଶ ଯାହା, ଆଇନ ବି ସେଇଆ। ସଂସଦ ଭିତରେ ବସି ଦେଶ କଥା ଆଲୋଚନା କରିବାକୁ ଭୋଟ୍ ପାଇଥିବା ଆମ ପ୍ରତିନିଧିଗଣ ସିନେମା ହଲ୍‌ରେ ନିଆଁ ଲାଗିଲା ପରି ସବା ଆଗେ ଭିତରୁ ପଦାକୁ ଡେଇଁ ପଡ଼ନ୍ତି। ଏମାନଙ୍କର ସାହସ ବହୁତ, ହିମ୍ମତ କମ୍। ପାର୍ଲାମେଣ୍ଟ ଭବନ ବାହାରେ ମିଡିଆ ସମ୍ନାରେ ହୁଲୁସ୍ଥୁଲ କରନ୍ତି। ତେଣେ, ଭିତରେ ଆଇନ ତିଆରି ହେଉଥାଏ। ଏପରି ଅବସ୍ଥାରେ କୌଣସି ସରକାର ପାଇଁ ଆଇନଟିଏ କରିବା କଷ୍ଟ ହୁଏନି।

ଏଥିପାଇଁ କଂଗ୍ରେସ ଦଳ ଭାବିଥିବ - ଛାଡ଼ ହୋ, କିଆଁ ବଅସ ଗଡ଼େଇ ମରିବା ? ଏଥିପାଇଁ ଅର୍ଡିନାନ୍ସ କରିବା ଯାହା, ଆଇନ କରିବା ତା'ଠୁ ବି ସହଜ। ଅର୍ଡିନାନ୍ସ ହେଲେ, କମ୍ ସେ କମ୍ ବିଲ୍ କଥା ପାର୍ଲାମେଣ୍ଟରେ ପକାଇବାକୁ ଆଉ ଥରେ ସୁଯୋଗ ଅଛି । କି କାଳେ କି ଭବିଷ୍ୟତି ! ଖାଦ୍ୟ ସୁରକ୍ଷା ହେଲେ ହେଲା ନ ହେଲେ ନାହିଁ । ବିରୋଧୀଦଳ ପାର୍ଲାମେଣ୍ଟ ଭିତରକୁ ଆସନ୍ତିନି। ଅର୍ଡିନାନ୍ସ ହେଉ ବା ଆଇନ ହେଉ, ଏ କାମ କଂଗ୍ରେସ କରିଥା'ନ୍ତା। କାରଣ, ୨୦୦୯ ନିର୍ବାଚନ ପ୍ରତିଶ୍ରୁତିରେ ସେ 'ଆମ୍-ଆଦ୍‌ମୀ' ତିଆରି କଲା। ସେମାନଙ୍କୁ କିପରି ଲାଳନପାଳନ କରିଛି - ଏ କଥା ତାକୁ ଆଗକୁ ପ୍ରମାଣ କରିବାକୁ ପଡ଼ିବ। ଏବେ କହିବ - ମୂଲ୍ୟବୃଦ୍ଧି, ସରକାରୀ ଚୋରି, ରେପ୍, ରଏଟ୍ ସବୁ ଭୁଲି ଯା' । ଦେଖୁନା, ଆମେ ଆଣିଛୁ - ଖାଦ୍ୟ ସୁରକ୍ଷା ଅଧ୍ୟାଦେଶ । ଦେଶର ଦୁଇ-ତୃତୀୟାଂଶ ଲୋକ ଅଲବତ୍ ମାସକୁ ପାଞ୍ଚ କେଜି ଚାଉଳ ପାଇବେ !

କଂଗ୍ରେସ 'ଆମ-ଆଦ୍‌ମୀ'ଙ୍କ କଥା ଭାବେ ଏବଂ ନିର୍ବାଚନ ଆସିଲେ -

Digitized by srujanika@gmail.com

ଦଳର ଉତ୍ସାହ ଧାଏଁ ଅଲଗା ବେଗରେ। ସେ ଦଳ ପାଇଁ 'ଯଦି' କି 'ବାଇଚାନ୍ସ' ପରି କିଛି ଆଶଙ୍କା ନାହିଁ, ନିର୍ବାଚନ ଆଗରୁ ରାହୁଲଙ୍କ ପାଇଁ ପଥ ପରିଷ୍କାର କରିବାକୁ ହେବ। ନ ହେଲେ ସେ କହିବେ କ'ଣ ? ହରିଜନ ଘରେ ଡିନର ଖାଇବା କେସେଟ୍ - ଇତିମଧ୍ୟରେ ରାଜନୀତି ପାଇଁ କୁର ଜୋକ୍‌ଟେ ହୋଇଛି। ୟୁପିଏ-୨ ସରକାରର ଶାସନ ତ କଳଙ୍କର ଗୋଦାମ।

ଶୁକ୍ରବାର (୫.୭) ଦିନ ସେ ଆଦେଶରେ ରାଷ୍ଟ୍ରପତି ସ୍ୱାକ୍ଷର କଲେ ଓ ଶନିବାର ଦିନ ସୁପ୍ରିମକୋର୍ଟରେ ଯା' ବିରୁଦ୍ଧରେ ଗୋଟିଏ ଜନସ୍ୱାର୍ଥ ମାମଲା ରୁଜୁ ହେଲା। ପ୍ରାର୍ଥନାକାରୀ ଜଣେ ଓକିଲ। ତାଙ୍କ ଅର୍ଜି - ସମ୍ବିଧାନ ଧାରା ୧୨୩ରେ ଅର୍ଡିନାନ୍ସ ଜାରି କରିବାକୁ ରାଷ୍ଟ୍ରପତି ଯେଉଁ ଅଧିକାର ପାଇଛନ୍ତି, ତାହା କୌଣସି ଦଳର ନିର୍ବାଚନ ଇସ୍ତାହାରକୁ ସୁହାଇବା ପରି କେମିତି ହବ ? ଏପରି ଅଧାଦେଶ କ'ଣ ଏମିତି ଅର୍ଜେଣ୍ଟ ଥିଲା ? ତେଣୁ ଏ ଅର୍ଡିନାନ୍ସକୁ କୋର୍ଟ ରଦ୍ଦ କରୁ।

କୋର୍ଟ କ'ଣ କରିବେ - ତାହା ଦେଖିବାକୁ ରହିଲା। ମାତ୍ର, ଏହି ଖାଦ୍ୟ ସୁରକ୍ଷାଠାରୁ ଦୁର୍ନୀତି - ପ୍ରାୟ ସବୁ ମାମଲାରେ ସରକାର କୋର୍ଟର ବହୁ ଆଦେଶକୁ ଭୁରୁଡ଼ି ମାରି ଓ ମିଛ କହି ଅମାନ୍ୟ କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ମାମଲାରେ ରହିଛି ଯେ ଦେଶର ଦୁଇ ତୃତୀୟାଂଶ ଲୋକ ଟଙ୍କାଏରୁ ତିନି ଟଙ୍କା ଦରରେ ସବ୍‌ସିଡିରେ ଚାଉଳ ଓ ଗହମ ଆଦି ଶସ୍ୟ ପାଇବେ। ଏଥିପାଇଁ ସରକାର ଅନ୍ୟ ନାଗରିକଙ୍କୁ ଦୁହିଁବେ କାହିଁକି ?

କଂଗ୍ରେସ ପାଇଁ ଖାଦ୍ୟ ସୁରକ୍ଷା ଅଧିନିୟମ କାଉଁରିକାଠି ମେଜିକ୍ ହେବ ବୋଲି ଆଶା କରିଥିବା ବେଳେ ଆମ ରାଜ୍ୟରେ ବିଜୁ ଜନତା ଦଳ ଓଡ଼ିଆ ଭାଷାର 'ଶାସ୍ତ୍ରୀୟତା'କୁ ନିର୍ବାଚନ ଇସ୍ୟୁ କରିବାକୁ ଚାହୁଁଛି। ଆମର କହିବା କଥା, ଭାଷା ସଂପର୍କରେ କାଣ୍ଡଜ୍ଞାନ ନ ଥିବା ଗୋଟଏ ଜାତି ପାଇଁ ଏ କଳ୍ପନା ଅନ୍ଧକୁ ଦର୍ପଣ, ଏସ୍କିମୋକୁ ଫ୍ରିଜ୍ କି ସର୍ଦ୍ଦାରଜୀଙ୍କୁ ସେଭିଙ୍ଗ୍-କ୍ରିମ୍ ବିକିଲା ପରି ଲାଗୁନି କି ?

ନ'-ଅଙ୍କ ଦୁର୍ଭିକ୍ଷର ଆଗପଛ ସମୟ। ବୋଲନ୍ତୁ, ସେତେବେଳକୁ 'ଛତରଖିଆ' ଶବ୍ଦ ଆରମ୍ଭ ହୋଇ ନ ଥିବ ଏବଂ 'ମାଗିଖିଆ' ଶବ୍ଦ ଥିଲା ଅତି ନିନ୍ଦନୀୟ।

ଟଙ୍କାକିଆ ଚାଉଳ, ବିପିଏଲର ଅକ୍ଟୋପସ୍ ଆୟୋଜନ, ମୋବାଇଲ ଫୋନ୍, ସିମ୍-କାର୍ଡ, ସାଇକେଲ, ଲ୍ୟାପ୍‌ଟପ୍, ଛାତ୍ରବୃତ୍ତି, ମାଗଣା ଓଷଦ, ଛତା, ଜୋତା, ଟୋପି ବଣ୍ଟନ ଇତ୍ୟାଦି ଦାତବ୍ୟ ବ୍ୟବସ୍ଥା ଢେର ଦିନ ଧରି ରାଜ୍ୟର ଗଗନ ପବନକୁ ସୁଲୁସୁଲିଆ କରି ରଖିଛି। ଥଣ୍ଡା ମିଜାଜରେ ଲୋକେ ସମସ୍ତେ ସହଜରେ ମଧ୍ୟ ଏଗୁଡ଼ିକର ରାଜନୀତିକ କାରଣ ଅନୁମାନ କରିପାରୁଛନ୍ତି। ରାଜନୀତିର ଏତତ୍ 'ବିଜ୍ଞତା' ସମଝିବା ତାକତ ଆମର ନ ଥାଇ ପାରେ, କିନ୍ତୁ ଆଦର ଦେଖେଇ କୋଳ କଥା କହି ଯଦି ଆଉ କେଉଁ ପାଖାପାଖି ଜାଗାରେ ଇତସ୍ତତଃ ହାତ ମାରନ୍ତି, ତାହା ନିଶ୍ଚୟ ଅଖାଡୁଆ ଲାଗିବ। ସେମିତି ଆମକୁ ଲାଗୁଛି ସରକାରଙ୍କର ଭାଷା ପାଇଁ 'ଶାସ୍ତ୍ରୀୟତା' ପ୍ରୀତି।

ଓଡ଼ିଆ ଭାଷା ପାଇଁ 'ଶାସ୍ତ୍ରୀୟତା' ଦାବି - ଏଥିପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ଓଡ଼ିଆଙ୍କୁ ମୁଗ୍ଧ କରିବା କଥା - କିନ୍ତୁ କାହିଁକି କେଜାଣି, ସେମିତି ହେଉନି ତ !

ବରଂ ଅଧିକ ଲାଗୁଛି - ବିକଳରେ ପଡ଼ିଲେ ବିଟପୀ ମାହାର୍ଦ୍ଦ ଛୁଇଁ ହଲପ କରେନି କି ?

(୮.୭.୧୩)

Digitized by srujanika@gmail.com

ଆକାଶରେ ଚିଲ : ଆମର 'ଶାସ୍ତ୍ରୀୟତା' (୨)

ଛତରଖିଆ - ମାଗିଖିଆ - ଲାଗିଖିଆ

(୮.୭.୨୦୧୩ ସଂପାଦକୀୟ ଉତ୍ତାରୁ)

ଓଡ଼ିଆ ଜାତି ପାଇଁ ଏ ତିନୋଟି ପରିଚୟର ଅଲଗା ଅଲଗା ଟାଇମ୍ ଜୋନ୍। ପ୍ରଥମଟି ଆରମ୍ଭ ହୋଇଥିଲା ନ'ଅଙ୍କ ଦୁର୍ଭିକ୍ଷ (୧୮୬୬) ସହିତ। ଜାତି ଓ ଧର୍ମରେ ନାନା ବିପ୍ଳବ ଘଟେଇ ଏ ଶବ୍ଦ ଧରନ୍ତୁ ଲୋପ ହେଲା - ସ୍ୱାଧୀନତା ପରେ। ସମସ୍ତେ ପ୍ରତିଜ୍ଞା କଲେ - ଆମେ ଲାଗି ଖାଇବୁ। ମହାତ୍ମାଙ୍କ ବାଣୀ - କାଟି ପିନ୍ଧିବି, ଖଟି ଖାଇବି - ସ୍ଲୋଗାନ୍ ହେଲା। ଏବେ ପରିଚୟ ଗୋଳିଆମିଶା ଅବସ୍ଥାରେ। କିଏ କହୁଚି - ଲାଗି ଖାଇଲେ ଭଲ, ତ ଆଉ କିଏ କହୁଛି - ମାଗି ଖାଇଲେ ସହଜ ଲାଗୁଛି!

ଅନେକ ଉଚିତ କାରଣରୁ ସରକାରଙ୍କର ଏ ଅଯଥା ଉଦ୍ୟମ (ଭାଷାର 'ଶାସ୍ତ୍ରୀୟତା' ପାଇଁ ନିବେଦନ)କୁ ସ୍ୱାଗତ କରିବା ସମ୍ଭବ ନୁହେଁ। ଗଣତନ୍ତ୍ରରେ ସରକାର ଆମର ବା ଆମେ ସରକାରଙ୍କର - ଏକଥା କେହି ଅମାନ୍ୟ କରିବେନି। ହେଲେ, ଭାଷା କେଉଁ ଦିନ ସରକାରର ସର୍ବସ୍ୱତ୍ୱ ସଂରକ୍ଷିତ ହେଲା ବା ତାହା 'ଶାସ୍ତ୍ରୀୟ' କି ଅଶାସ୍ତ୍ରୀୟ - ଏଡ଼େ କଥା ଭାବିବା ଅଧିକାର ସରକାର ପାଇଲେ କେଉଁଠୁ?

ଆମ ସମ୍ବିଧାନ ଅନୁସୂଚିତ ୨୨ଟି ଭାଷା ଭିତରୁ କେନ୍ଦ୍ର କ୍ୟାବିନେଟ୍ ଆଗେ ୨୦୦୪ରେ ତାମିଲ, ୨୦୦୫ରେ ସଂସ୍କୃତ, ୨୦୦୮ରେ କନ୍ନଡ଼ ଓ ତେଲୁଗୁ ଏବଂ ଏ ବର୍ଷ ମାଲାୟାଲାମକୁ 'ଶାସ୍ତ୍ରୀୟ' ଘୋଷଣା କଲା। ତା'ପରେ ଆମ ସରକାରଙ୍କୁ ଏ ଭାଷା- 'ଶାସ୍ତ୍ରୀୟତା'ର ଶୂଳ ମାଡ଼ିଲା। କଳ୍ପନା ଆରମ୍ଭ ବେଳେ ଜଣେ ଅଧିକାରୀ ଆମକୁ ବୁଝେଇଲେ - 'ଶାସ୍ତ୍ରୀୟ' ମର୍ଯ୍ୟାଦା ପାଇଲେ ନା, ପ୍ରତି ବର୍ଷ ଭାଷାର ଖ୍ୟାତମାନଙ୍କ ପାଇଁ ଦୁଇଟି

Digitized by srujanika@gmail.com

ଆନ୍ତର୍ଜାତୀୟ ସ୍ତରର ପୁରସ୍କାର ମିଳିବ, 'ସେଣ୍ଟର ଅଫ୍ ଏକ୍‌ସେଲେନ୍ସ' ପ୍ରତିଷ୍ଠା ହେବ, ଅନେକ 'ପ୍ରଫେସର / ଚେୟାର' ସୃଷ୍ଟି ହେବ । ସବୁ ଖର୍ଚ୍ଚ କେନ୍ଦ୍ରର ଏବଂ ବିଲ୍‌ଡିଂ, ଇନ୍‌ଫ୍ରାଷ୍ଟ୍ରକ୍‌ଚର୍ ଏମିତି ଆହୁରି ଗୁଡ଼େ ଗ୍ରାଣ୍ଟ୍ ମିଳିବ ।

ଯାହା ଅଛି, ସେତିକି ତ ତୁଲେଇ ପାରୁନାହାଁନ୍ତି । ସବୁ ଥାଳ ରିକ୍ତ କରି ଶେଷରେ କ'ଣ ଭାଷା ନାଁ ନେଇ ସରକାର ଯୋଗୀ ବେଶରେ ଭିକ ମାଗିବେ ନା ? ଯେଉଁ ଭାଷାର ଆଭିଜାତ୍ୟ ଇଂରେଜ ସରକାର ସ୍ୱୀକାର କଲେ ବୋଲି ଓଡ଼ିଶା ନାମକ ଏକ ରାଜ୍ୟର ମୂଳଦୁଆ ପଡ଼ିଥିଲା ସ୍ୱାଧୀନତା ପୂର୍ବରୁ, ସ୍ୱାଧୀନତା ପରେ ସେ ଭାଷା ଆଜି ପଡ଼ିଛି ଦ୍ରୌପଦୀ ବସ୍ତ୍ର-ହରଣ ଅବସ୍ଥାରେ ? କୁରୁସଭାରେ ସମସ୍ତ ବିଜ୍ଞ, ପ୍ରାଜ୍ଞ ଅନେଇଛନ୍ତି କେତୋଟି 'ପ୍ରଫେସର' ପୋଷ୍ଟ୍ ବା ଭାଷା ନାଁରେ କିଛି ଭାଣ୍ଡ ପୁରସ୍କାରକୁ ଆଶା କରି । ଆମ ଭୟ ତାଙ୍କୁ କହିଲୁ । 'ଆପଣମାନେ ପରା ସରକାରଙ୍କ ନାକ କାନ ଆଖି । ଅଢାଗାରେ ହାତ ମରା ନ ଯାଉ - ଏମିତିକା ପରାମର୍ଶ ଟିକେ ଦେଲେନି ?'

ସାର୍ ସହଜରେ ବିବଶତା ମାନିଗଲେ । କହିଲେ, 'ଇଏ ଟପ୍-ଲେଭଲ୍ ଡିସିସନ୍ । ମାନିବୁ, ନ ହେଲେ ମରିବୁ । ଆପଣ ମୋ ସହିତ କଥା ହେଉଛନ୍ତି - ୟା ମାନେ, ମୁଁ ମରି ନାହିଁ । ସରକାରୀ କର୍ମଚାରୀ ଭାବେ ମୋ ପାଇଁ ଓଡ଼ିଆ 'କ୍ଲାସିକାଲ ଲାଙ୍ଗୁଏଜ୍ ।'

ଇଂଲିଶର 'କ୍ଲାସିକାଲ୍ ଲାଙ୍ଗୁଏଜ୍' ଶବ୍ଦକୁ ଆମ ଉଦ୍ୟୋକ୍ତାମାନେ ଅର୍ଥ କରି 'ଶାସ୍ତ୍ରୀୟ' ବୋଲି କହୁଛନ୍ତି ଏବଂ ସେଥିପାଇଁ କାହାଠୁଁ କ'ଣ ଗୋଟେ 'ମାନ୍ୟତା' ଦାବି କରୁଛନ୍ତି - 'ସ୍ପେସାଲ ଷ୍ଟାଟସ ଷ୍ଟେଟ୍' ପରି ! ଏଇଆ କି ? ନ ହେଲେ ଆଜି ଯୁଗ ମୁତାବକ ଆମ ଭାଷାର ମାନ୍ୟତା ତ ସମ୍ବିଧାନରେ ମଜବୁତ ଭାବେ ସଂରକ୍ଷିତ ରହିଛି । ଭାରତ ଗଣରାଜ୍ୟ ଥିବା ପର୍ଯ୍ୟନ୍ତ ସରକାରୀ ଭାବେ ଓଡ଼ିଆ ଭାଷାକୁ କେହି ହଲେଇ ପାରିବେନି । ଯଦି କେବେ ଦେଶ ଭାଙ୍ଗେ, ତେଣିକି ଏ କଥା ରହିବ ତା ପଛକୁ ।

ଭାଷା ହ୍ୟାଣ୍ଡେଲ୍ କରିବାକୁ ସରକାରୀ ଭଲେଣ୍ଟିଅର ଦରକାର ହୁଅନ୍ତିନି କି କୌଣସି ସରକାର ପାଇଁ ଭାଷା ଭଲେଣ୍ଟିଅର ମିଳନ୍ତିନି । ଚାକିରି କରିବାକୁ ଟ୍ରାନ୍ସଲେଟର୍ ମିଳିପାରନ୍ତି । ଗୋଟିଏ ଉଦାହରଣ ଦେଖି ପାରିବା । ଓଡ଼ିଆ ଭାଷା, ସରକାରୀ ସଫଳତା, ଯୋଜନା ଓ ସଂସ୍କୃତିର ପ୍ରଚାର ପାଇଁ ସରକାର 'ଉତ୍କଳ ପ୍ରସଙ୍ଗ' ଓ ଇଂଲିଶରେ 'ଓଡ଼ିଶା ରିଭ୍ୟୁ' ଛାପନ୍ତି । ମୂଲ୍ୟ ଅତି କମ୍ । ସୂଚନା ଭର୍ତ୍ତି ଓ ବଢ଼ିଆ ସଂକଳନ । ଏହା ଚଳେଇବାକୁ ୬ଷ୍ଠ ପେ'-କମିସନ ବେତନ ପାଉଥିବା ହାକିମ କର୍ମଚାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ବିଭାଗ ରହିଛି । ତେବେ ବି ଏ ପତ୍ରିକାଗୁଡ଼ିକ ବିକ୍ରି ନ ହୋଇ ବେଧବୁଢ଼ୁଳା ଲୁଚାଇଲା ପରି ପଡ଼ି ରହିଥାଏ ଡିଆଇପିଆରଓମାନଙ୍କ ଅଫିସ କୋଣରେ । ତତ୍ ସଂପର୍କୀୟ ସରକାରୀ ବାବୁମାନଙ୍କୁ ପଚାରିଚୁ । 'କେଡ଼େ ସୁନ୍ଦର ଲେଖା ବାହାରୁଚି, ବିକ୍ରି ନ ହେଲେ ନାହିଁ - ବାଣ୍ଟି ଦେଉ ନାହାଁନ୍ତି, ଲୋକେ ପଢ଼ନ୍ତେ ।'

ୟାତୁସ୍ୟାତୁ ଗୁଡ଼ିଏ କହିବା ଛଡ଼ା ସାର୍‌ମାନେ ଆଗକୁ କିଛି କହନ୍ତିନି । ବେଶି ଝିକିର ଝିକିର କଲେ କହିବେ - ଯେଉଁଟା ଇଚ୍ଛା ନେଇ ଯାଉ ନାହାଁନ୍ତି । ତାହା ବି ବିନା ପଇସାରେ ଆଣିବାକୁ ପଡ଼େ । କାରଣ ମୂଲ୍ୟ ଯାଚିଲେ, ଗ୍ରହଣ କରିବାକୁ ଅଫିସରେ ପାଉତି-ପତ୍ର (ରସିଦ) ନ ଥାଏ !

(୯.୭.୧୩.)

Digitized by srujanika@gmail.com

ଆକାଶରେ ଚିଲ: ଆମର 'ଶାସ୍ତ୍ରୀୟତା' (୩)

ଗାଁରେ ହେବ ସରକାରୀ ଭାଗବତ ଟୁଙ୍ଗୀ - ବାଇଆ ହାତରେ ନିଆଁହୁଳା
(୯.୭.୨୦୧୩ ସଂପାଦକୀୟ ଉତ୍ତାରୁ)

ରାଜ୍ୟରେ ଭାଷାର ମର୍ଯ୍ୟାଦାଜନକ ପ୍ରଚଳନ ସକାଶେ ସାଧାରଣ ଓଡ଼ିଆଙ୍କ ଆଦରହୀନତା ଓ 'ପଣ୍ଡିତ'ମାନଙ୍କ ବିଫଳତା ଏକାପରି ବାରି ହୁଏ । ପଣ୍ଡିତମାନେ ମୋଟେ ମାନନ୍ତି ନାହିଁ ଏବଂ ସାଧାରଣ ଲୋକେ ମୋଟେ ଭାବନ୍ତିନି । ପୁଅ ଏମ୍‌ଆଇଏଲ୍‌ରେ ପାଶ୍ କଲେ ହେଲା ।

ଭାଷାର ମାନ୍ୟତା ଥାଏ ଭାବରେ ଏବଂ ଭାବର ପ୍ରତିଫଳନ ଥାଏ ତୁଣ୍ଡରେ । ମୁଣ୍ଡ ବତାଏ - ତୁଣ୍ଡ କ'ଣ କହିବ । ଗୋଡ଼ ବାଜିଲେ ବିଷ୍ଣୁ ହେବା - ଏ କଥା କୌଣସି ସିଲାବସ୍‌ରେ ନ ଥାଏ । ମଣିଷ ପଦବାଚ୍ୟ ହେବା ପାଇଁ ସମସ୍ତେ ଆପେ ଶିଖିଯା'ନ୍ତି । ଏଥିପାଇଁ ପାଠୁଆ ଅପାଠୁଆ ଭେଦ ବିଚାର ନାହିଁ । ଭାଷା ପାଇଁ ସେହିପରି ଅନ୍ତରଙ୍ଗ ଆବେଗ ମଧ୍ୟ ଭାରତୀୟ ନେତାମାନଙ୍କ ପାଖରେ ରହିଛି । ଦକ୍ଷିଣୀ ନେତା - ଗାଁରେ ହିନ୍ଦୀକୁ ବିରୋଧ କରନ୍ତି ଏବଂ ଦିଲ୍ଲୀରେ ଇଂଲିଶ ଚଳିଯାଏ । ମମତା ବାନାର୍ଜୀ - ଜଣେ ନଛୋଡ଼୍‌ବନ୍ଧା ବଙ୍ଗାଳୀ । ନରେନ୍ଦ୍ର ମୋଦି - ମେଡ୍-ଇନ୍-ଗୁଜରାଟ ! ଆମର କେହି ସେମିତିକା ନେତା ନାହାଁନ୍ତି । ବରଂ ଇଦାନୀଂ ମୁଖ୍ୟମନ୍ତ୍ରୀଙ୍କ ସାଙ୍ଗରେ 'ଇଣ୍ଟର୍‌ଆକ୍ଟ' ବା ଗପସପ କରି କରି ସେମାନେ ହିନ୍ଦୀ, ଇଂଲିଶ୍‌ରେ ଫ୍ଲୁଏଣ୍ଟ ହୋଇ ଯାଇଛନ୍ତି ।

ଭାଷା ସ୍ୱାଭାବିକ ଗତିରେ ଚାଲିଛି । ଏ ସରକାର ମୁଣ୍ଡରେ ଓଡ଼ିଆ ଭାଷାର 'ଶାସ୍ତ୍ରୀୟତା' କଥା କାହିଁକି ପଶିଲା ? ପୁଣି ସରକାର ଘୋଷଣା କରିଛନ୍ତି ଯେ ଏବେ ୨୨ ହଜାର ଗାଁରେ ଭାଗବତ ଟୁଙ୍ଗୀ ପ୍ରତିଷ୍ଠା ହେବ । ଏଥିପାଇଁ ଗୃହ ନିର୍ମାଣ ବା ମରାମତି ପାଇଁ ଟୁଙ୍ଗୀ ପିଛା ଦିଆଯିବ ୨୦ ହଜାର ଟଙ୍କା, ସାହିତ୍ୟ ଏକାଡେମି ପ୍ରକାଶିତ ଜଗନ୍ନାଥ ଦାସଙ୍କ ଭାଗବତ ସେଟ୍ ଏବଂ ଯିଏ ପଢ଼ି ଲୋକଙ୍କୁ ଭାଗବତ ପ୍ରେମୀ କରାଇବ, ତା ମାସିକ ବେତନ ପାଞ୍ଚ

Digitized by srujanika@gmail.com

ଶହ ଟଙ୍କା । ଆମ ରାଜ୍ୟରେ ଗାଁ ସଂଖ୍ୟା ପ୍ରାୟ ଷାଠିଏ ହଜାର । 'ରିମେନିଂ'ମାନଙ୍କ ଭାଗବତ-କୋଟା କଥା ପରେ ବିଚାର କରାଯିବ ! ଗୋସେଇଁ ଆଗକୁ କେତେ ଦିନଯାଏଁ ଦରମା ପାଇବେ - ସେ ନିଷ୍ପତ୍ତି ବି ହୋଇନି ।

ଏପ୍ରିଲ ୧, ୧୯୩୬ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଭିନ୍ସ ହେଲା । ସେଦିନ କଟକ ରେଭେନ୍ସା କଲେଜ ହଲ୍‌ରେ ପ୍ରଥମ ଗଭର୍ଣ୍ଣର ଜନ୍ ଅଷ୍ଟିନ ହବ୍‌ବାକ ନିଜ ଅଭିଭାଷଣରେ କେତେକ ଉଦ୍ଦୀପନାମୟ କଥା କହିଥିଲେ । ସେଥିରୁ ଧାଡ଼ିଏ ଥିଲା, 'ବ୍ରିଟିଶ ସମ୍ରାଟ ମହାମହିମ ୬ଷ୍ଠ ଜର୍ଜ ଏବଂ ହିଜ୍ ଏକ୍ସେଲେନ୍‌ସି ଭାଇସ୍‌ରାୟ ଲର୍ଡ ଲିନ୍‌ଲିଥ୍‌ଗୋ ... recognized the need of an exclusive identity of Oriyas by their distinct language, living and culture and the new Province would pave the way to reach the pride destination of their past.' ଅତୀତର ଓଡ଼ିଆ ପରିଚୟକୁ ଇଂରେଜ ସରକାର 'ଅନନ୍ୟ' ଭାବିଲେ ବୋଲି ତ ଓଡ଼ିଶା ସ୍ୱତନ୍ତ୍ର ପ୍ରଭିନ୍ସ ହେଲା । ସେଥିରେ ବାର୍ତ୍ତା ରହିଲା - ଅତୀତରେ ତୁମ ଭାଷା ଓ ପରିଚୟ ଅତି ନରଖର ହୋଇଛି । ଏବେ ନିଜ ଭାଷା, ଜୀବନଚର୍ଯ୍ୟା ଓ ସାଂସ୍କୃତିକ ବିଭବ ଇତ୍ୟାଦି ନିଜେ ବୁଝ ।

ସେଇଠୁ ଆଗକୁ ଦେଖିବା । ଦୁଇ ମୁଖ୍ୟମନ୍ତ୍ରୀ ପୂଜ୍ୟ ନବକୃଷ୍ଣ ଚୌଧୁରୀ ଓ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଆଗ୍ରହରୁ ଓଡ଼ିଆ ଭାଷାକୁ 'ଅଫିସିଆଲ ଲାଙ୍ଗୁଏଜ୍' ଭାବେ ବ୍ୟବହାର କରାଯିବ ବୋଲି ଦୁଇ ଥର ସରକାରୀ ଆଦେଶ ହେଲା । ତାହା ଥରେ ବି ପାଳିତ ହୋଇ ନ ଥିଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ତ ଓଡ଼ିଆ ଜାଣନ୍ତିନି, ତାଙ୍କ ଦଳ ବା ସରକାରର ଭାଷା ପାଇଁ କୌଣସି ଏଜେଣ୍ଡା କି ପ୍ରମିଜ୍ କେହି କେବେ ଶୁଣି ନ ଥିବେ । ତାଙ୍କ ଶାସନକୁ ପନ୍ଦର ପୂରିବ । ଭାଷା-କାର୍ପେଟ୍ ବାଛୁ ବାଛୁ ନିର୍ବାଳ ହେବ କ'ଣ, ଏବେ ଆଉ ତାହା ସ୍ୱୟଂ ମିଳୁ ନାହିଁ । ସରକାର ବା ଲୋକଙ୍କର ବି ଆଉ ଓଡ଼ିଆ ଭାଷା ସହିତ କିଛି ଡାଇରେକ୍ଟ ସଂପର୍କ ନାହିଁ ।

୧୯୩୬ରେ ହବ୍‌ବାକ ସାହେବଙ୍କ 'ପ୍ରାଇଡ୍ ଡେଷ୍ଟିନେସନ୍'ର କଳ୍ପନାରୁ କିୟଦଂଶ ୨୦୧୩ରେ ସଂସ୍କୃତି ମନ୍ତ୍ରୀ ମହେଶ୍ୱର ମହାନ୍ତି ସାକାର କରିବାକୁ ଯାଉଛନ୍ତି । କ'ଣ ନା - ଭାଷା 'ଶାସ୍ତ୍ରୀୟ' ହେବ ! ଅଗରୁ କ'ଣ ଥିଲା କି ? ଆମ ଭାଷା 'ଶାସ୍ତ୍ରୀୟ' (Scriptural) ନା 'ଗୌରବମୟ' (Classical) ? ସରକାରଙ୍କଦ୍ୱାରା ବିଧା ମାରି ପଣସ ପଚେଇବା ପରି କାମ ହେବ କି ନା - ଏହା ଏକ ବିଦ୍ୱାନ ପ୍ରଶ୍ନ । ଆମେ ଜାଣୁ, ମଣିଷ ମଲେ ସମାଧି ପାଏ । ସେମିତି ଭାବୁ ଯେ ଭାଷା ମଲେ ଆପେ ତ 'ଶାସ୍ତ୍ରୀୟ' ହୋଇଯା'ନ୍ତା - ସଂସ୍କୃତ, ଗ୍ରୀକ୍, ଲାଟିନ୍, ହେବ୍ରୁ ଇତ୍ୟାଦି ପରି । ଏଥିପାଇଁ ସରକାର ଏତେ ବ୍ୟଗ୍ର ହେଉଛନ୍ତି କାହିଁକି ?

ଯେଉଁ ସରକାର ଆସୁ, ସମସ୍ତେ ଆଶ୍ୱସ୍ତ ରହିପାରିବା ଯେ ୨୦୧୪ ନିର୍ବାଚନ ପରେ ଆମ ଭାଷା ମଧ୍ୟ ଠିକ୍‌ଠାକ୍ ରହିବ । ଯାହା ଚାଲିଛି, ଏଗୁଡ଼ାକ ନିର୍ବାଚନୀ ମାତ୍‌ବରି । କାଲିକି ନ ଥିବ ।

(୧୧.୭.୧୩)

Digitized by srujanika@gmail.com

ଆକାଶରେ ଚିଲ : ଆମର 'ଶାସ୍ତ୍ରୀୟତା' (୪)

ଭୂକମ୍ପ ପରି ସାମାଜିକ ବିବର୍ତ୍ତନ ଅଚାନକ ଘଟି ନ ଥାଏ। ମିଛ କି ସତ ଯାହା ହେଉ ପଛେ, ଯେତିକି ଇତିହାସ ପଢ଼ିଥିବା କି ବୁଝିଥିବା ସେ ଅନୁସାରେ ସମୟ-ସାରଣୀରେ ଆଜି 'ଓଡ଼ିଶା'ର ଆବିର୍ଭାବ ଖୋଜିବାକୁ ଚେଷ୍ଟା କରିବା। ଆମ ବିଦ୍ୱାନ୍‌ମାନଙ୍କର ଗଣ୍ଡଦୋଷ ହେଲା ଭୂମିର ଇତିହାସ ଓ ଭାଷାର ଇତିହାସ - ଏ ଦୁଇଟିକୁ ନିଆରା ନିଆରା ନ ଭାବି ମିଶେଇ କକ୍‌ଟେଲ୍ କରନ୍ତି ଓ ସେହି ଗୋଲକଧନ୍ଦା ଭିତରେ ଘୂରି, ନିଜ ଅତୀତ କହିବାକୁ ଫିସାଦି ଓ ଗାଲୁଗପ ଇତ୍ୟାଦିର ଆଶ୍ରା ନିଅନ୍ତି।

ଭୂମିର ଇତିହାସରେ ଆମ ପାଇଁ ଚେଦୀ ବଂଶ ରାଜା କଳିଙ୍ଗ ସମ୍ରାଟ ଖାରବେଳ ମହାନ୍ ଏବଂ ଭାଷା ଇତିହାସରେ ଓଡ଼ିଆର ସୃଷ୍ଟି ଓ ସମୃଦ୍ଧି ଦେଶର ବହୁ ସାମ୍ବିଧାନିକ ଉତ୍ତର-ଭାରତୀୟ ଭାଷାଠାରୁ ମଧ ପ୍ରାଚୀନ। ଇତିହାସ ଓ ଭାଷା-ଗବେଷକମାନେ କହନ୍ତି - ତାହା ୯ମ ବା ୧୦ମ ଖ୍ରୀଷ୍ଟାବ୍ଦ। ଆମେ ପଢ଼ିଚୁ ଏତିକିଯାଏଁ। ତା ପଛକୁ ଯଦି ଥାଏ, ସେଗୁଡ଼ିକ ରିସର୍ଚ୍ଚ-ଜ୍ଞାନ - ଯାହା ସାର୍ବଜନୀନ ନୁହେଁ।

ଏହା ନ ଜାଣିବା ମୋର ଅଜ୍ଞତା ନୁହେଁ ବା ଜାଣିବା ଲୋକ ବିଜ୍ଞ ବି ନୁହେଁ। ଯେଉଁଥିରେ 'ଡେମୋକ୍ରାସି' ମୋହର ନ ବାଜିବ, ତଥ୍ୟ ଯେତେ ପବିତ୍ର ହେଲେ ବି ତାହା ସତ୍ୟ ଭାବେ ଗୃହୀତ ହେବ ନାହିଁ। କେଉଁ ଭାଷା 'ଶାସ୍ତ୍ରୀୟ' ହେବ, ଏ ସିଦ୍ଧାନ୍ତ ନେବା ଅଧିକାର କେନ୍ଦ୍ର କ୍ୟାବିନେଟ୍‌ର! ଆମ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ତା' ସଦସ୍ୟ ଅପାଠୁଆ ହେଲେ ବି ଚଳିବ। ୨୦୦୪ରେ ତାମିଲକୁ 'ଶାସ୍ତ୍ରୀୟ' ଘୋଷଣା କରାଗଲା। ଏହାର କାରଣ ଥିଲା ରାଜନୀତି। ଭାଷା, ସାହିତ୍ୟ ଏବଂ ଅନ୍ୟାନ୍ୟ ଲଳିତ ନିରୀକ୍ଷଣ ଦରକାର ନ ଥିଲା।

ସ୍କୁଲ୍ ମିଡ୍-ଡେ' ମିଲ୍ ଅଣ୍ଡା ଯଦି ପଚା ପଡ଼ିଲା କି ପିଡିଏସରେ ଓଜନ ବିତରଣ ଗୋଳମାଳ ହେଲେ ଆମେ ଅଥରିଟିଙ୍କ କଛା ଖୋଲି ଦେଉ। କାରଣ

Digitized by srujanika@gmail.com

ସେପରି କରିବାକୁ ଗଣତନ୍ତ୍ର ଆମକୁ ସାମ୍ବିଧାନିକ ଅଧିକାର ଦେଇଛି । ଏ ବିପ୍ଳବ ଭାଷାରେ ହେଲେ କେହି ସେମିତି ପ୍ରତିକ୍ରିୟା କାହିଁ ନ ଦେଖାନ୍ତି ? ଅନେକ ଯୁକ୍ତି କରନ୍ତି - ସବୁ ଯଦି ସାମ୍ବିଧାନିକ ବରାଦ ମୁତାବକ 'ଗଣତାନ୍ତ୍ରିକ' ହେବ, ତା'ହେଲେ ଭାଷା କାହିଁକି ସେଇଆ ନ ହେବ ? ହେଉ, ମାତ୍ର ସେଥିପାଇଁ ସତ ସହିତ ଖେଳିବା ନିରାପଦ ଲାଗୁନି ।

ଅଶାନ୍ତ ଜଳଧାରା ନିଜ ପଥ ନିଜେ ବାଛିବା ପରି, ଇତିହାସର ବିପ୍ଳବରୁ କିପରି ନୂଆ ଓଡ଼ିଶା ସୃଷ୍ଟି ହୋଇଛି ତାହା ଜାଣିବାକୁ ଚେଷ୍ଟା କଲେ ଆମେ କ'ଣ ଦେଖିବାକୁ ପାଉ ?

୧୮୧୯ରେ 'ଦକ୍ଷିଣ ବିହାର ଓ ଛୋଟନାଗପୁର ଟ୍ରିବ୍ୟୁଟାରି ମାହାଲ' ନାଁରେ ଏକ ପ୍ରଶାସନିକ କ୍ଷେତ୍ର ବା ଡିଭିଜନ୍ ଗଠନ କରି ସେଥିରେ ସମ୍ବଲପୁରକୁ ଅନ୍ତର୍ଭୁକ୍ତ କରାଗଲା । ୧୮୩୧-୩୨ କନ୍ଧ ମେଳି ଦମନ କଲାପରେ ପୁଣି ଶାସନିକ ଢଙ୍ଗର ପରିବର୍ତ୍ତନ କରାଗଲା । ୧୮୩୩ ରେ 'ଦକ୍ଷିଣ-ପୂର୍ବ ଫ୍ରଣ୍ଟିଅର୍ ଏଜେନ୍ସି' ସୃଷ୍ଟି କରି ତାହା 'ଏଜେଣ୍ଟ୍-ଟୁ-ଦି ଗଭର୍ଣ୍ଣର ଜେନେରାଲ'ଙ୍କ ଅଧୀନରେ ରଖାଗଲା । ଅଧିକାରୀ ରାଞ୍ଚିଠାରେ ଅବସ୍ଥାପିତ ହେଲେ । ପୁଣି ୧୮୫୪ ଏଜେନ୍ସି ବ୍ୟବସ୍ଥା ଲୋପ ହେଲା ଏବଂ ଏଜେଣ୍ଟ୍ ନାଁ ବଦଳାଇ କମିସନର କରି ଛୋଟନାଗପୁରକୁ ସେହି ପ୍ରଶାସନିକ ଅଞ୍ଚଳରେ ଅନ୍ତର୍ଭୁକ୍ତ କରାଗଲା ।

ବ୍ରିଟିଶ୍ ଶାସନର ଫେଣ୍ଟାମିଶା କାରବାର ଭିତରେ ୧୮୨୧ରେ ସମ୍ବଲପୁର ଓ ତହିଁର ୧୭ଟି ଅଧୀନ ରାଜ୍ୟ : ପାଟଣା, ସୋନପୁର, ବୌଦ, ଆଠମଲ୍ଲିକ, ରେଢ଼ାଖୋଲ, ବାମଣ୍ଡା, ବଣେଇ, ଗାଙ୍ଗପୁର, ସାକ୍ତି, ରାୟଗଡ଼, ବରଗଡ଼, ଚନ୍ଦ୍ରପୁର, ବଡ଼-ସମ୍ବର, ସରଣଗଡ଼, ଫୁଲଝର, ଖଡ଼ିଆଳ ଏବଂ ବେନ୍ଦ୍ରା-ନୟାଗଡ଼ ପରି ରାଜ୍ୟମାନଙ୍କଠାରୁ ସେମାନଙ୍କ ରାଜନ୍ୟ ଆଧିପତ୍ୟ (ଫିଉଡ଼ାଲ୍ ସୁପ୍ରିମାସି) ପ୍ରତ୍ୟାହାର କରି ନିଆଗଲା । ଆଜି ସବୁ ଅଞ୍ଚଳ ଓଡ଼ିଶାରେ ନାହିଁ । ୧୮୩୩ରେ ବରଗଡ଼ ବାଜ୍ୟାପ୍ତ ହେଲା । ୧୮୩୭ରେ ବୌଦ ଓ ଆଠମଲ୍ଲିକକୁ 'ଦକ୍ଷିଣ-ପୂର୍ବ ଫ୍ରଣ୍ଟିଅର୍ ଏଜେନ୍ସି'ରୁ କାଢ଼ି 'ଦକ୍ଷିଣ ବିହାର ଓ ଛୋଟନାଗପୁର ଟ୍ରିବ୍ୟୁଟାରି ମାହାଲ'ରେ ମିଶାଗଲା । ୧୮୪୯ରେ ସମ୍ବଲପୁର ବାଜ୍ୟାପ୍ତ କରି ବ୍ରିଟିଶ୍ ଶାସନାଧୀନ କରି ରଖାଗଲା ।

୧୮୫୦ର ଏକ ଆଇନ ବଳରେ ସମ୍ବଲପୁର ଅଧୀନ ସବୁ ରାଜ୍ୟରେ ପେନାଲ୍ କୋଡ୍ ଲାଗୁ କରାଗଲା ଏବଂ ସେସବୁ ରାଜ୍ୟକୁ ରାଞ୍ଚିଠାରୁ ଶାସନ କରାଗଲା । କଳାହାଣ୍ଡିକୁ ନାଗପୁର ସହିତ ମିଶାଇ ଦିଆଯାଇଥିଲା ଏବଂ ଖୋଦ ନାଗପୁରକୁ ବ୍ରିଟିଶ୍ ସରକାର ୧୮୫୩ରେ ବାଜ୍ୟାପ୍ତ କଲେ । ଏ ସମସ୍ତ ଦୁଃଖର ବିଣ୍ଡ ଭେଦି ଆମ ଭାଷା ଆଗକୁ ଆସିଛି ।

ଯାହାହେଉ, ଓଡ଼ିଆ ଭାଷା ଆରମ୍ଭ ବେଳକୁ ସଂସ୍କୃତରେ ପୁରାଣ ରଚନା ସରି ଗୀତ-ଯୁଗ ଆରମ୍ଭ ହୋଇଥିଲା । କିନ୍ତୁ ଆମ ବିଦ୍ୱାନ୍‌ମାନେ କହନ୍ତି ଏବଂ ବୋଧେ ବିଶ୍ୱାସ କରନ୍ତି ଯେ ଖାରବେଳ 'ଓଡ଼ିଆ' ଥିଲେ !

(୧୨.୭.୧୩.)

Digitized by srujanika@gmail.com

ଆକାଶରେ ଚିଲ : ଆମର 'ଶାସ୍ତ୍ରୀୟତା' (୫)

'ପାହି ଆସିଲାଣି ବିଷାଦରଜନୀ, ଭାଗ୍ୟଦିବାକର ଉଦେ ।
ଫୁଟିବ ଉତ୍କଳ-ହୃଦୟ-ସରସେ ମାନସକମଳ ମୁଦେ ॥
ବାଂଛା କଳ୍ପତରୁ ବ୍ରହ୍ମାଣ୍ଡ ଈଶ୍ୱର ପଦେ ପଶିଲୁଁ ଶରଣ ।
ରଖ, ଉତ୍କଳକୁ ଏତିକି ମାଗୁଣି, ପ୍ରଭୁ ଅରକ୍ଷରକ୍ଷଣ ॥'

ଅଧ୍ୟାପକ ଦେବେନ୍ଦ୍ର କୁମାର ଦାଶଙ୍କ ସଂକଳିତ ଏବଂ 'ପ୍ରଗତି ଉତ୍କଳ ସଂଘ', ରାଉରକେଲା ଆନୁକୂଲ୍ୟରେ ପ୍ରକାଶିତ 'ଉତ୍କଳ ସମ୍ମିଳନୀ - ୧୯୦୩-୧୯୩୬' ପୁସ୍ତକର ତଥ୍ୟ ଅନୁଯାୟୀ 'ଶୁଭକ୍ଷଣରେ ୧୯୦୩ ସାଲ ଡିସେମ୍ବର ମାସ ତା୩୦ରିଖ ବୁଧବାର ପ୍ରଭାତ' ରେ 'ଉତ୍କଳ ସମ୍ମିଳନୀ'ର ଯେଉଁ ଆବାହନୀ ସଂଗୀତ ଗାନ କରାଯାଇଥିଲା, ଉପରେ ଆମେ ମନେ ପକେଇଛୁ ସେଇଥିରୁ ପଦେ ।

ଗାଉଁଲି କଥାଟେ ଅଛି । 'ମାରିବି ବ୍ରହ୍ମ-ଥାପଡ୍ ଯେ ଶ୍ୟା ... ଗୋସେଁ-ବାପା ନାଁ ଭୁଲିଯିବୁ ।' ଚାପୁଡ଼ା ତ ଚାପୁଡ଼ା । ବିଧା ଗେବା ଚଟକଣି ପରି କେବଳ ହାତ ଦ୍ୱାରା ସଂପାଦିତ ଏପରି କାମସବୁ ଫୌଜଦାରି ବିଧାନ ଅନ୍ତର୍ଭୁକ୍ତ । ଆଉ ଜଣକୁ ତାହା କାଟିଥିବ କେତେ, ସେକଥା ଜଣଜଣକିଆ । ଅପରାଧ ଭାବେ କେମିତି ଫିଟ୍ ହେବ, ସେକଥା ନିର୍ଭର କରିବ ପୁଲିସ, ଡାକ୍ତର ଓ କୋର୍ଟ ଉପରେ । ମାଡ଼ଧର ମାମଲାରେ ସବୁ ଚାପୁଡ଼ା ଏକା ପରି । ତା'ହେଲେ, 'ବ୍ରହ୍ମ-ଚାପୁଡ଼ା' କ'ଣ ? ଏଥିପାଇଁ କିଛି ନୁଆ ଦଫା ଲାଗେନି । ମାତ୍ର ଏହାର କିଛି କାଳ୍ପନିକ ପରିଚୟ ଅଛି । ଯା ଆଘାତ ବ୍ରହ୍ମ ପରି ଅଦୃଶ୍ୟ । ଏ ଥାପଡ୍ ଖାଇଲା ଲୋକ ଭୋଗେ କମ, ଭାବେ ବେଶି ।

'ଡେୟାର୍-ଡିଷ୍ଟ୍ରେସ୍' ବା ଅଚ୍ଛିଣ୍ଡା ଅସୁବିଧାରେ ପଡ଼ିଲେ ପୁରୁଣା କଥା ହିଁ ମନେପଡ଼େ । ଉତ୍କଳଗୌରବ ମଧୁସୂଦନ ଦାସଙ୍କ ସହିତ ମୁକ୍ଷାରୁ ମେଦିନୀପୁର, ଜଗଦଳପୁରରୁ ସିଂହଭୂମ ବିସ୍ତୀର୍ଣ୍ଣ ଅଞ୍ଚଳରୁ ତାଙ୍କର ସହସ୍ର ସହଚର-ଅନୁଗାମୀ ଦିନେ ଏ ଜାତିର ପରିଚୟ ଖୋଜି ତାକୁ ସମ୍ମାନାସ୍ପଦ ଏବଂ ସ୍ୱତନ୍ତ୍ର ଭାବେ

Digitized by srujanika@gmail.com

ବଞ୍ଚିବା ଅଧିକାର କଥା କହି ଏ ଗୀତ ଗାଇଥିଲେ । 'ଉତ୍କଳ ସମ୍ମିଳନୀ' ଥିଲା ମଧୁବାବୁଙ୍କ ମାନସ-ସନ୍ତାନ । ତା'ର ପ୍ରଥମ ଇସ୍ତାହାର ଥିଲା - ଓଡ଼ିଆ ଖୋଜିବା । ତା'ପରେ ଏ ମେଦିନୀରେ ନୂଆ ଏକ ଓଡ଼ିଶାର ଆବିର୍ଭାବ ହେଲା ।

ତହିଁର ୧୧୦ ବର୍ଷ ପରେ - ଅର୍ଥାତ୍ ୨୦୧୩ରେ ଓଡ଼ିଆଙ୍କ ମନରେ ଆଉ ପ୍ରକାରେ ଚାଞ୍ଚଲ୍ୟ ଗ୍ରାସ କରିଛି । 'ଆମ ଭାଷା 'ଶାସ୍ତ୍ରୀୟ' ହେବ ।' ଖାଲି ନବୀନ ପଟ୍ଟନାୟକ ବା ତାଙ୍କ ଦଳ ଏକଥା କହୁନି, ଏବେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ ଓ କଂଗ୍ରେସ ନେତା ରାମଚନ୍ଦ୍ର ଖୁଣ୍ଟିଆଙ୍କ ସାଙ୍ଗରେ ମିଶି ଆଉ କେତେକ ସ୍ଥାନୀୟ ନେତା ବି ସମାନ ଦାବି କରିଛନ୍ତି । ଭାଜପା କ'ଣ କହିବ ଜଣା ନାହିଁ । ନରେନ୍ଦ୍ର ମୋଦି ତ ଜଗନ୍ନାଥଙ୍କୁ 'ଭକ୍ତି' ଜଣେଇବାକୁ ମଙ୍ଗଳବାର ଓଡ଼ିଶା ଆସି ଯାଆନ୍ତୁ, ତା'ପରେ ସେ ଦଳର ନେତାଏ କ'ଣ କହୁଛନ୍ତି, ଦେଖିବା । ଏପରି ଭାଣ୍ଡଭେସର୍ କାରବାରଗୁଡ଼ିକ ସୁଲକ୍ଷଣ କି ବିଲକ୍ଷଣ - ଅନୁମାନ କରିବା ସହଜ, ମାତ୍ର କହିବା କଷ୍ଟ । ନିର୍ବାଚନ ସରୁ, ଦେଖିବା । ଅସୁର ମୁଖୁଁ ବେଦ ଶୁଣି / ଚକିତ ହେଲେ ଚକ୍ରପାଣି । ପ୍ରଭୁଙ୍କ ମନ ହେଲା ଓଦା / ଛାଡ଼ିଲେ ଶଙ୍ଖ ଚକ୍ର ଗଦା ।

ଉପରୋକ୍ତ କାର୍ଯ୍ୟକ୍ରମର ପ୍ରେସ୍ ଇସ୍ତାହାରରୁ ଧାଡ଼ିଏ ଥିଲା ଏହି ପରି - 'ଓଡ଼ିଆ ଭାଷା ଅଢ଼େଇ ହଜାର ବର୍ଷ ତଳର ଭାଷା । ଏହି ଭାଷା ଏକ ମାଟିର ଭାଷା । (କେଉଁ ଭାଷା ଗଛରେ ଫଳେ କି ?) ଅଶୋକଙ୍କ ଶିଳାଲିପିଠାରୁ ଆରମ୍ଭ କରି ଖାରବେଳଙ୍କ ପର୍ଯ୍ୟନ୍ତ ଏହା ଖୋଦିତ ହୋଇଥିଲା । ଗୌତମ ବୁଦ୍ଧ ୬୪ ପ୍ରକାର ଭାଷା ଜାଣିଥିଲେ । ସେହିମଧ୍ୟରେ 'ଉଡ୍ର' ଏକ ଭାଷା ଥିଲା ।' ବୁଦ୍ଧଦେବ ଜାଣିଥିବା ଅନ୍ୟ ୬୩ଟି ଭାଷାର ନାଁ କ'ଣ ?

ମଣିଷ ପାଇଁ ଚେତନାର କିଛି ମୁଗ୍ଧ ବିମୋହନ ନିଶ୍ଚୟ ଭଲ ମାତ୍ର ଭାଷା ପରି ଲଳିତ ଗୁରୁତର ପ୍ରସଙ୍ଗ ସଂପର୍କରେ ସ୍ପଷ୍ଟ ଏବଂ ଦାୟିତ୍ୱସଂପନ୍ନ ମତାମତ ବ୍ୟକ୍ତ କରିବା ତା'ଠାରୁ ଭଲ ।

'ବାଦ କରି ବେଧ ପକେଇବା' ଯଦି ଏକ ଉଚିତ ମାର୍ଗ ହୋଇଥାଏ ତା'ହେଲେ କଂଗ୍ରେସ ଠିକ୍ କାମ କରିଛି । ସେମାନଙ୍କ ବିଚକ୍ଷଣ ଷ୍ଟ୍ରାଟେଜି - ଯଦି ବିଜୁ ଜନତା ଦଳ (ଯାହାର ମୁଖ୍ୟମନ୍ତ୍ରୀ ଓ ନେତା ପଦେ ଓଡ଼ିଆ କହି ପାରନ୍ତିନି) 'ଶାସ୍ତ୍ରୀୟତା' କଥା କହୁଛନ୍ତି, ଆମେ ସବୁ ତ ଓଡ଼ିଆ ଜାଣିବା ଲୋକ, ନ କହିବୁ କିଆଁ ? ତେଣୁ ରାଜ୍ୟରେ ଉଠିଛି ଭାଷା ପାଇଁ 'ଶାସ୍ତ୍ରୀୟତା' ଦାବିର ଉତ୍ତାଳ ଲହଡ଼ି ।

ରାଉରକେଲାଠାରେ ଗତ ୧୪ ତାରିଖ ଦିନ 'ଶ୍ରମିକ ସେବା ଟ୍ରଷ୍ଟ୍' ନାମକ ଏକ ଅନୁଷ୍ଠାନ ଏବଂ ଆଉ ଏକ 'ମିଳିତ କ୍ରିୟାନୁଷ୍ଠାନ କମିଟି' (ଏହାର ମେମ୍ବର କିଏ, ଜାଣୁନା) ମିଶି ଏକ 'ବୃହତ୍' ସମାବେଶର ଆୟୋଜନ କଲେ । 'ଇନ୍‌କିଲାବ୍ ଜିନ୍ଦାବାଦ' କହି ହାତ ହଲେଇବାରେ ଧୁରନ୍ଧର ଓ ଅଭ୍ୟସ୍ତ ଶ୍ରମିକମାନଙ୍କୁ ଭାଷା ଅଭିମୁଖୀ କରିବାକୁ ଈଷତ୍ ପ୍ରୟାସ ତ କରିଛନ୍ତି । ତଥାକଥିକ 'ଶାସ୍ତ୍ରୀୟତା' କିଏ କାହାକୁ ଓ କାହିଁକି ଦେବ, ଆମେ ଜାଣୁନା । ମାତ୍ର ଯେଉଁ ମାଟିରେ ଏ ଗମାତ ଚାଲିଥିଲା ସେଠିକାର ପ୍ରମୁଖ ଶିଳ୍ପ ଅନୁଷ୍ଠାନ ରାଉରକେଲା ଇସ୍ପାତ କାରଖାନା ଇତିମଧ୍ୟରେ ଓଡ଼ିଆ ଭାଷାକୁ ନିଜ ବ୍ୟବହାରରୁ ସଂପୂର୍ଣ୍ଣ ଉଚ୍ଛେଦ କରି ସାରିଛି ।

ଅଶୋକ, ଖାରବେଳଙ୍କ ପରି ଦୂର କାଳକୁ ନ ଅନେଇ ଆୟୋଜକମାନେ ଅତି ନିକଟରୁ ଏ ବିପର୍ଯ୍ୟୟ ଦେଖି ତହିଁର ପ୍ରତିକାର କରିବା ବରଂ ଅଧିକ ସମୀଚୀନ ହୋଇଥା'ନ୍ତା ।

(୧୭.୭.୧୩.)

Digitized by srujanika@gmail.com

ଆକାଶରେ ଚିଲ: ମେଦିନୀରେ 'ଶାସ୍ତ୍ରୀୟତା' (୬)

ରାଜନେତାଙ୍କ ଓଡ଼ିଆ-ପ୍ରୀତି

'ଅଲକତ ଦ୍ରବ ନୟନେ ବୋଳି
ରସାଳ ଗହଳ ଶାଖାରେ ଖେଳି।
କବଳ କରୁ ତା କଳି କଳାପ
କାକ କି କରିବ ପଞ୍ଚମାଳାପ ।
ଜଗତେ କେବଳ / ଜନେ ହସିବେ ଏହି ତହୁଁ ଫଳ ॥'
(କବିସୂର୍ଯ୍ୟ ବଳଦେବ ରଥ)

ଜନ୍ମ-ଜାତି-ବୃତ୍ତି-ଭାଷା-ଧର୍ମ (ପଞ୍ଚ-ତନ୍ତ୍ର) - ଏକକୁ ଆନେକ ବଳି ବିସ୍ଫୋରକ। ଶେଷରେ କ'ଣ ହୁଏ ବା ନହୁଏ ତାହା ଭିନ୍ନ କଥା - ମାତ୍ର ଟିକେ ଛୁଇଁଲେ ଅଧିକା ଢୋ ଶୁଭେ ତଥା ଆଗାମୀ ଆତଙ୍କ ପାଇଁ ବହୁ ସମ୍ଭାବନା ଓ ସୁଯୋଗ ସୃଷ୍ଟି କରେ। ଏଥିଯୋଗୁ କାହା ମନ ଚକ୍‌ଚକ୍ କରେ ତ ଆଉ କେତେ ଡରୁଥା'ନ୍ତି। ଏସବୁ ଉତ୍ପାତ ସହ ଭାରତୀୟ ସମାଜ ଅଭ୍ୟସ୍ତ ଭାବେ ବଞ୍ଚିବା ଶିଖିଛି - ଏହା ଆଜିର 'ସେକୁଲାର୍' ନୁହେଁ।

ସ୍ୱାଧୀନତା ଆଗରୁ ଅତ୍ୟାଚାରୀ ଓ ଅତ୍ୟାଚାରିତ ସାଲିସରେ ବଞ୍ଚୁଥିଲେ କିମ୍ବା ମରୁଥିଲେ। ସ୍ୱାଧୀନତା ମାତ୍ର ଏତିକି ସୁଖ ଦେଲା ଯେ - ନାଗରିକର ଜୀବନ ଉପରେ କେବଳ ରାଷ୍ଟ୍ରଦ୍ୱାରା ନିର୍ମିତ ଆଇନ ଛଡ଼ା ଆଉ କାହାର ହସ୍ତକ୍ଷେପ କରିବା ଅଧିକାର ନାହିଁ। ଏପରି କି, ନିଜର ବି ନ ଥାଏ। ସୁଇସାଇଡ୍ କରୁକରୁ ଅକସ୍ମାତ୍ ବଞ୍ଚିଗଲ ତ, ଆଇନ ହାତରେ ମଲ। ରାଷ୍ଟ୍ର କହିଲା - ସମସ୍ତଙ୍କ ଜୀବନ ଗଣତାନ୍ତ୍ରିକ ସରକାର ହାତରେ ସୁରକ୍ଷିତ। ନିଜ କାମ ଧନ୍ଦା

Digitized by srujanika@gmail.com

ସାରି ତମେ ଶାନ୍ତିରେ ଶୁଅ ଏବଂ ହୁସିଆର, ଉପର କଥାଗୁଡ଼ିକ କହି କେହି କାହାକୁ ଉଘେଇବନି। ରାଷ୍ଟ୍ର-ନିର୍ମାତାମାନେ କହିଲେ - ଆମର ଯାହା ନାହିଁ, ସବୁ ଜାଣିଛୁ । ଯାହା ଲେଖିଚୁ, ସେଗୁଡ଼ିକ 'ଭାରତ' ନିର୍ମାଣ ପାଇଁ ଆମ 'କଲେକ୍ଟିଭ୍ ଉଇଜ୍‌ଡମ୍' (ମୋଟାମୋଟି ଅକଲ) । ତେଣୁ ହୁସିଆର - ଜନ୍ମ-ଜାତି-ବୃତ୍ତି-ଭାଷା-ଧର୍ମରେ ଫଟ୍‌କରି ହାତ ମାରିବନି। ଅକାରଣରେ ଢୋ ହବ।

ଏଯାବତ୍ ହାସଲ ହୋଇଥିବା 'ସଂଘବଦ୍ଧ ଭାରତ' - ପାଗ ବିଗିଡ଼ା ବୁନ୍ଦିଆ ଲଡୁ ପରି। ତିଆରି ବେଳେ ଡଉଲ ଡାଉଲ - ଭାର ବେଳକୁ ଭଙ୍ଗା। ଉତ୍ପାତ ସହିବା ଅଭ୍ୟାସ ଭଲ ନୁହେଁ - ଏ ବାର୍ତ୍ତା କହିବ ବୋଲି ଆମ ସମ୍ବିଧାନ ବ୍ରତ କଲା। ତାହା କେତେ କେମିତି ହାସଲ ହୋଇଛି - ଏକଥା ସମସ୍ତେ ନିଜ ବୁଦ୍ଧିରେ ଆକଳନ କରିପାରିବେ।

ସ୍ୱାଧୀନତା ପରେ ଗଣତନ୍ତ୍ର ଚଳାଉଥିବା ରାଜନୈତିକ ଦଳଗୁଡ଼ିକ 'ପଞ୍ଚ-ତନ୍ତ୍ର'ର ପ୍ରତ୍ୟେକକୁ 'ଡିଗ୍ନିଫାଏଡ୍' (ମର୍ଯ୍ୟାଦାସଂପନ୍ନ) ଓ 'କନ୍‌ଷ୍ଟିଚୁସନାଲ୍' (ଆଇନସମ୍ମତ) କରେଇ ନେଇଛନ୍ତି। ଆରମ୍ଭ ବେଳେ ଯେଉଁ ପାପ ଭୁଲିବାକୁ ଶପଥ ନେଇଥିଲୁ, ଆଜି ସେଗୁଡ଼ିକ ହୋଇଛି ସବୁ ଦଳର ବଞ୍ଚିବା ପନ୍ଥା। ଭୁଲିବୁ କ'ଣ, ଭାବି ଭାବି ମରୁଛୁ। ଦୁର୍ଭାଗ୍ୟ ଯେ କେବଳ ରାଜନୀତିଆ ନୁହଁନ୍ତି, ସବୁ କିସମର ନେତା 'ପଞ୍ଚ-ତନ୍ତ୍ର'ରୁ ଏକ ବା ଏକାଧିକକୁ ବୁଜୁଳାରେ ଧରି ନିଜେ 'ପ୍ରଗତି' ପଥରେ ଚାଲିଥା'ନ୍ତି। 'ଗଣତନ୍ତ୍ର' - ଭାଣ୍ଡ-ତନ୍ତ୍ରରେ ପରିଣତ ହୋଇଛି। ପାର୍ଲାମେଣ୍ଟରେ ନିର୍ବାଚନୀ ବିଜୟ ନେତାମାନଙ୍କୁ ଦେଶ-ଜୟ ପରି ଲାଗେ।

ଓଡ଼ିଆ ଭାଷା ଉପାଖ୍ୟାନ।

ମୁଖ୍ୟମନ୍ତ୍ରୀ ଓଡ଼ିଆ କହିପାରୁ ନାହାଁନ୍ତି ? ଏ ଦୁଃଖ ଅନେକଙ୍କୁ ଲାଗେ। ମାତ୍ର ବେଶି ଲୋକ ଭାବନ୍ତି ଯେ ନବୀନ ପଟ୍ଟନାୟକ ବଢ଼ିଆ। କାରଣ, ସେ ପ୍ୟାରୀ ମହାପାତ୍ର ଦମନ କରିଛି। ସମସ୍ତଙ୍କୁ ସାବାଡ୍ କରି ରଖିଛି। ଏମିତି କି ତାଙ୍କ ମନ୍ତ୍ରୀ କହୁଛନ୍ତି - ମାଳି କି ଚୌକିଦାର ହେଲେ ବି ଚଳିବ। ହେ ପ୍ରଭୁ, ମତେ ଅନୁବ୍ରତ ତାଙ୍କ ସେବା ମିଳୁ।

ଗଣତନ୍ତ୍ର ବା ଭୋଟ୍ ହିସାବରେ ନବୀନ ପଟ୍ଟନାୟକଙ୍କର ଏ ଚିତ୍ର ଜଣେ ଡିକ୍‌ଟେଟର୍‌ର ଜୟଜୟକାର ପରି ଲାଗୁ ପଛେ, ସେ ଓଡ଼ିଶାରେ ସବୁଠୁଁ ପପୁଲାର ନେତା। ତାଙ୍କ ଓଡ଼ିଆ ନ ଜାଣିବା ବିରୁଦ୍ଧରେ କେହି ପ୍ରତିବାଦ କରନ୍ତିନି, ବରଂ ଉଦାହରଣଗୁଡ଼ିକ ଜୋକ୍ ହୁଏ। ଯଥା, ମୁଖ୍ୟମନ୍ତ୍ରୀ କେମିତି ବାରିପଦାକୁ 'ବାଡ଼ିପଡ଼ା' ବା ଚଣ୍ଡିଖୋଲକୁ 'ଚଡ଼ିଖୋଲ' କହିଲେ ଇତ୍ୟାଦି।

ଅପମାନକୁ ଦାନ୍ତନିକିଟି ସହିବା କ୍ଷମତା ଓଡ଼ିଆମାନଙ୍କର ବହୁତ ଅଧିକ।

ଏବେ ଏ କଥା ବହୁତ ଉଠିଚି। କଂଗ୍ରେସ କହୁଚି - ଚଳିବନି । କ'ଣ ନା, ନବୀନ ରାଜ୍ୟର ଭାଷା ଜାଣିନାହାଁନ୍ତି, ସେ କେମିତି ମୁଖ୍ୟମନ୍ତ୍ରୀ ହେବେ ?

କଥାଟା ଏକଦମ୍ ଓ୍ୱାଜିବ୍, ମାତ୍ର ତାହା ଅସୁରର ବେଦ-ପାଠ ପରି ଅସତ୍ୟ ଅସତ୍ୟ ଏବଂ ଅସତ୍ୟ। ରାଜ୍ୟର ଗୋଟିଏ ଭାଷା। ନ ଜାଣି ତାଙ୍କର ଚଉଦ ବର୍ଷ ପୂରିଲାଣି - ଆଉ ପନ୍ଦରରୁ ପଚିଶ ଯେତେ ହେଲେ ବି ମନ୍ଦ କ'ଣ ? ରାଜନୀତିରେ ଏ ରୋଳ ଶୁଣି, ଏଥିରେ ଦଳଗୁଡ଼ିକର କିଛି 'ଭାଷା-ପ୍ରେମ' ଅଛି ବୋଲି ଭାବିବା ଉଚିତ ନୁହେଁ।

Digitized by srujanika@gmail.com

ଭାଗ୍ୟ ଭଲ, ଜଗନ୍ନାଥ ଓ ଓଡ଼ିଆ ଭାଷା - ଏ ଦୁଇଟିକୁ ଛୁଇଁବା ବହପ ଏପର୍ଯ୍ୟନ୍ତ ରାଜନୀତି କରିନାହିଁ। ଜଗନ୍ନାଥଙ୍କୁ ଭୟ କରି ଓ ଭାଷାକୁ ହେୟଜ୍ଞାନ କରି। ମଙ୍ଗଳବାର ଦିନ ନରେନ୍ଦ୍ର ମୋଦି ବଡ଼ଠାକୁରଙ୍କୁ ଜୁହାର କଲେ। ପିଓର୍ ଭକ୍ତି କହିଲେ, ଭାଜପା କଥା ତାଙ୍କ ତୁଣ୍ଡରେ ପଶିଲାନି। ସ୍କ୍ରିପ୍ଟ ପଢ଼ି କୁହନ୍ତୁ ପଛେ, ସେ ନିଜ ଭାଷଣର କିଛି ଅଂଶ ଆଗେ ଓଡ଼ିଆରେ କହିଲେ ଏବଂ ତାହା ନବୀନଙ୍କ ଓଡ଼ିଆଠାରୁ ଶୁଦ୍ଧ ଏବଂ ଅନ୍ତରଙ୍ଗ ଶୁଭୁଥିଲା।

ଭାଷା ନିଜ ଦମ୍ଭରେ ବଞ୍ଚୁଛି, ବଢୁଛି କି ଛିଡ଼ୁଛି। ସରକାରଙ୍କ 'ଶାସ୍ତ୍ରୀୟତା' ଦାବି ବା ତହିଁକୁ କଂଗ୍ରେସର ଶୁକ-ସାର ଗାନ ଇତ୍ୟାଦିରୁ ତୁଚ୍ଛା ରାଜନୀତି ଖୋଜା ଯାଇପାରେ, ଅଧିକ କିଛି ନୁହେଁ। ଓଡ଼ିଆ ଭାଷା କୌଣସି ଦଳର ଆଭିମୁଖ୍ୟ ବୋଲି କେହି କେବେ ଶୁଣି ନ ଥିବେ। ନିର୍ବାଚନ ଆଗରୁ ଏ ହୁରି କଲେ ସେମାନଙ୍କ 'ଭାଷା-ଭକ୍ତି'କୁ କିଏ କାହିଁକି ବିଶ୍ୱାସ କରିବ? କାରଣ ଛଳନାର ବିପରୀତ ସାଧୁତା ନୁହେଁ; ସେହି ଛଳନା।

(୧୯.୭.୧୩.)

Digitized by srujanika@gmail.com

ଭାଷାକୁ 'ଶିକ୍ଷ'ର ମାନ୍ୟତା ଦିଆଯାଉ

(୧୯.୭.୧୩ ପାଠ ଉତାରୁ)
ଆମେ 'ଶାସ୍ତ୍ରୀୟତା' ଦାବି କରିଥିଲୁ - ମୁଖ୍ୟମନ୍ତ୍ରୀ
ଆମେ କରି ଦେଖେଇଛୁ - କଂଗ୍ରେସ

ବାହାରେ ଶୋହଇ ହେମ କଙ୍କଣ ଗଳାରେ ରତନ ମାଳ।
କୋଳେ ପୁଅ ଶବ ଶଇବ୍ୟା ମାଗନ୍ତି ଦେବାକୁ ଶ୍ମଶାନ-କର।
ଦ୍ୱିଜ କହେ - ମାତ! ଭୂଷଣ ମୁରୁଛ ନ ହେଲେ କେ ଦେବ ଭିକ?
ରାଣୀ କହୁଥିଲେ - ମୋ ପାଇଁ ତ ଇଏ ଅହିଅର ଅଭିଷେକ।

କନ୍ନଡ଼ କବି ରାଘବଙ୍କ (୧୩ଶ ଶତାବ୍ଦୀ) ସୂର୍ଯ୍ୟବଂଶୀ ରାଜା ଦାନ-ବୀର ହରିଶ୍ଚନ୍ଦ୍ର ଚରିତକୁ ନେଇ ଏକ ମହାକାବ୍ୟ ଲେଖିଥିଲେ। ସେଥିରୁ ପଦୁଟେ। ଭାଷା ଆମର। 'ଭିକାରି ହେଲେ, ଭେକ ସେମିତି ହେବା ଦରକାର। ହେ ରାଣି! ଗଳାରୁ ରତ୍ନମାଳ ଓ ବାହୁରୁ କଙ୍କଣ ଓହ୍ଲେଇ ପକା। ନ ହେଲେ, କେହି ତମକୁ ଭିକ ଦେବେନି।' ଦ୍ୱିଜଙ୍କଠାରୁ ନିରାଶ ବାଣୀ ଶୁଣି ଶୈବ୍ୟା କହିଲେ, 'କିନ୍ତୁ, ମୁଁ ଯେ ସଧବା।'

'ସେ ପ୍ରବ୍ଲେମ୍ ତମର'। ଦ୍ୱିଜ ତାଙ୍କୁ ବାହୁଡ଼େଇ ଦେଲେ।

ଖବର: ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଦିଆଯିବା ପାଇଁ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟକୁ ସୁପାରିଶ ପଠାଇବାଲାଗି କେନ୍ଦ୍ର ସାହିତ୍ୟ ଏକାଡ଼େମି (ନୋଡାଲ୍ - ମାନେ, ମୁଣ୍ଡ ଟୁଙ୍ଗାରିବା)ର ଏକ ବିଶେଷଜ୍ଞ କମିଟିର ବୈଠକ ମଙ୍ଗଳବାର ଦିନ ହେଲା। ସେଠି ଉପସ୍ଥିତ ଥିଲେ ସଚିବ କେ. ଶ୍ରୀନିବାସ ରାଓ ଏବଂ ଏକାଡେମିର ଆଉ ତିନି ଜଣ ସଦସ୍ୟ। ସେମାନଙ୍କ ପାଖରେ ଓଡ଼ିଶା ସରକାରଙ୍କ ଶାସ୍ତ୍ରୀୟ ମାନ୍ୟତା ଆପ୍ଲିକେସନ ପେଶ୍ ହେଲା। ଭାଷାବିତ୍ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟର 'ଆଧୁନିକ ଭାରତୀୟ ଭାଷା ଓ ଭାଷା-ତତ୍ତ୍ୱ ବିଭାଗ' ମୁଖ୍ୟ ପ୍ରଫେସର ଡ. ପ୍ରକାଶଚନ୍ଦ୍ର ପଟ୍ଟନାୟକ, ୫୦୦ରୁ ଅଧିକ ପୃଷ୍ଠା ସମ୍ବଳିତ ରିପୋର୍ଟ ଦାଖଲ କଲେ ଏବଂ ଏକାଡେମି ସଦସ୍ୟମାନଙ୍କୁ ଦେଢ଼ ଘଣ୍ଟା ଭିତରେ ଓଡ଼ିଆ

Digitized by srujanika@gmail.com

ଭାଷାର 'ଶାସ୍ତ୍ରୀୟତା' ସମ୍ବନ୍ଧରେ ସବୁ କଥା ପ୍ରାଞ୍ଜଳ ବୁଝେଇ ଦେଲେ। ସେମାନେ ମଧ 'ବୁଝି'ଗଲେ !

ସୁପାରିଶ ପରେ ଆଉ ମୋଟେ ପାହୁଣ୍ଡେ ବାକି ରହିଲା। କିଛି ନୁହେଁ, ଜଣେ ଠିଆ ହେଲେ ବି ପୂର୍ବ-ବଳ (inertia)ରେ ଠେଲି ହୋଇଯିବ। ଏଣିକି ରହିଲା, କ୍ୟାବିନେଟ୍ ମୋହର ବାଜିଲେ ଭାଷା ହେବ 'ଶାସ୍ତ୍ରୀୟ'। ମିଳିବ ଶହେ କୋଟି, ଆଗକୁ ଆଗ ଆହୁରି କେତେ କଥା। ଅକ୍ଷୟ ମହାନ୍ତିଙ୍କ ଗୀତ ମନେ ପଡ଼େ। 'ଲେ ଲବିନା ଟିକେ ପଛକୁ ଅନା। ପଛରେ ଆସୁଛି କାଳିଆ ନନା। କାଳିଆ ନନାର ହାତ ଖଣ୍ଡିଆ। ଦର୍ଶନ କରୁଛି ଅଲ୍-ଇଣ୍ଡିଆ।'

'କ୍ୟାବିନେଟ୍ ଆପ୍ରୁଭାଲ' - ଅବଶ୍ୟ ଏଇଟା ରାଜନୀତିର ହାଇ-ଭୋଲ୍ଟେଜ୍ ଏରିଆ। ସମ୍ମତି ମିଳିପାରେ, ବିଳମ୍ବ ହୋଇପାରେ ବା ନ ମିଳିପାରେ ବି।

ଦେବୀ ପ୍ରସନ୍ନ ବାବୁ ବୈଠକରୁ ବାହରି କହିଲେ ଯେ କମିଟି କହିଚି, ଓଡ଼ିଶାର ରିପୋର୍ଟ ବିସ୍ତୃତ ଓ ପୂର୍ଣ୍ଣାଙ୍ଗ। ଅନେକ ରାଜ୍ୟ ନିଜ ଭାଷାର 'ଶାସ୍ତ୍ରୀୟତା' ପାଇଁ ଦାବି କରିଛନ୍ତି, କିନ୍ତୁ କେହି ଏତେ ଏଲାବୋରେଟ୍ ରିପୋର୍ଟ ଦେଇନାହାଁନ୍ତି।

ଏ କାମ କଂଗ୍ରେସର ଲବି ନା ରାଜ୍ୟ ସରକାରଙ୍କ ଦାବି ବା ରିପୋର୍ଟର ଗାମ୍ଭୀର୍ଯ୍ୟ ଯୋଗୁ ହେଲା, ଜାଣିବା ଉପାୟ ନାହିଁ। ମାତ୍ର ଦେଖିଲୁ, ସବୁ 'ଅଫିସିଆଲି' ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଆନନ୍ଦିତ' ହୋଇଛନ୍ତି। ସଂସ୍କୃତି ମନ୍ତ୍ରୀ ମହେଶ୍ୱର ମହାନ୍ତି କହିଲେ ଯେ ବିଜୁ ଜନତା ଦଳ ତଥା ମୁଖ୍ୟମନ୍ତ୍ରୀଙ୍କ ବିଶେଷ ଆଗ୍ରହ ଯୋଗୁ ଓଡ଼ିଆ ଭାଷା 'ଶାସ୍ତ୍ରୀୟ' ହେବାକୁ ଯାଉଛି। ଚାଲ ସମସ୍ତେ ତାଙ୍କର ଜୟ କହିବା।

କଂଗ୍ରେସ ନେତା ଓ ରାଜ୍ୟସଭା ଏମପି ରାମଚନ୍ଦ୍ର ଖୁଣ୍ଟିଆ କହିଲେ - କଥା ମୋଟେ ସେମିତି ନୁହେଁ। ଏ କାମ ଆମେ କରିଚୁ। କେନ୍ଦ୍ର ଯାହା ଦଉଚି, ନବୀନ ସରକାର ନିଜ ନାଁରେ ବାହାଦୁରି ନେଉଚି। ଟଙ୍କାକିଆ ଚାଉଳରୁ ଭାଷାର 'ଶାସ୍ତ୍ରୀୟତା' - ସବୁଠିଁ ଏ ହାମ୍‌ବଡ଼ାପଣ କାହିଁକି ? ତେଣୁ ଆସ କହିବା - ସୋନିଆ ଗାନ୍ଧିଙ୍କର ଜୟ !

ଏହି ସ୍ତମ୍ଭରେ ('ସୂର୍ଯ୍ୟପ୍ରଭା', ୧୯.୬.୧୩) କେତୋଟି ପ୍ରସଙ୍ଗ ଉଠାଇଥିଲୁ। ସେଥିରେ ଥିଲା - 'ଶାସ୍ତ୍ରୀୟତା'ର ମାପ କ'ଣ ଏବଂ ଏବେ ତହିଁର କି ଆବଶ୍ୟକତା ଥିଲା ? ଉତ୍ସାହୀ ଆୟୋଜକମାନେ 'ପ୍ରାଚୀନତା' (classical)କୁ 'ଶାସ୍ତ୍ରୀୟତା' (scriptural) ବୋଲି କହୁ ନାହାଁନ୍ତି ତ ? 'ପ୍ରାଚୀନତା' ହେଲେ, ପ୍ରମାଣ ପାଇଁ ଇତିହାସ ଦରକାର ଓ 'ଶାସ୍ତ୍ରୀୟ' ହେଲେ, 'ଶାସ୍ତ୍ର' ଦରକାର। ଆମେ ପଚାରିବୁ - ଆମ ପାଇଁ ସେ 'ଶାସ୍ତ୍ର' ବା 'ଶାସ୍ତ୍ରାବଳୀ'ର ନାଁ କ'ଣ ? 'ଶାସ୍ତ୍ରୀୟତା' ଦାବି ଓଡ଼ିଆମାନଙ୍କ ସାଂସ୍କୃତିକ ଆବେଗ ନା ବିଜୁ ଜନତା ଦଳର ରାଜନୀତିକ ଆବଶ୍ୟକତା ?'

ଓଡ଼ିଶା - ସବୁ ଥାଏ ଏବଂ କିଛି ନ ଥାଏ। ଏଠି କେବଳ ଖଣି ଉଜୁଡ଼ି ଯାଉନି କି ପାଣି ଶୁଖି ଯାଉନି, ଓଡ଼ିଆ ଶବ୍ଦଗୁଡ଼ିକ ତହୁଁ ଅଧିକ ଆତ୍ମାହୀନ ହୋଇପଡ଼ୁଛନ୍ତି। ସେଗୁଡ଼ିକର ରକ୍ଷା, ପାଳନ, ପ୍ରଚଳନ ଓ ସମୃଦ୍ଧି ଦାୟିତ୍ୱ ସମସ୍ତଙ୍କର। ରାଜନୀତିଆଙ୍କ କାନ୍ଧରେ କାନ୍ଧ ମିଶେଇ ପଣ୍ଡିତମାନେ ଏପରି ଅଜସ୍ର ଭାଣ୍ଡାମି କରି ପାରନ୍ତି - ମାତ୍ର ଶବ୍ଦଟିଏ ତିଆରି କରି ପାରନ୍ତିନି।

'ଶାସ୍ତ୍ରୀୟତା' ପାଇଁ ବିଚାର, ବିସ୍ତାର ଓ ଆସ୍ଫାଳନ ଯଦି ଏଇଆ, ଆମେ ଭାବିବୁ - ଇଏ ଭିକାରି ଥାଳରେ ଆଉଗୋଟେ କଏନ୍। ତା'ଠୁଁ ସୁଇସାଇଡ୍ ଭଲ ତ !

❑

(୨୬.୭.୧୩.)

Digitized by srujanika@gmail.com

ତୁମେ ନା ମୁଁ - କିଏ ବଡ଼ ?

ଭାଷା : କ୍ଲାସିକାଲ୍ ହେଉ ବା କଦଳୀ ହେଉ

'ସୂର୍ଯ୍ୟପ୍ରଭା'ରେ ପାକ୍ଷିକ ସ୍ତମ୍ଭ 'ସାହିତ୍ୟ ମହାଭାରତ'ର ପ୍ରକାଶନ (ଆଜି ପ୍ରକାଶ ପାଇଛି ତହିଁର ୨୧ତମ ଅଧ୍ୟାୟ) ସପକ୍ଷରେ ଆମର ଗୋଟିଏ ବଳିଷ୍ଠ ଯୁକ୍ତି ରହିଛି ଓ ଥିଲା। ସବୁ ଯଦି 'ଗଣତାନ୍ତ୍ରିକ' ହେବା ସମ୍ଭବ ତ ଭାଷା କାହିଁକି ପଣ୍ଡିତତାନ୍ତ୍ରିକ ହେବ ?

ଭାଷା 'ଗଣ'ଙ୍କର। 'ସାହିତ୍ୟ' ପଣ୍ଡିତ ବା ରାଜାଙ୍କର। ଦୁଇଟି ଭିତରେ ମିଳାମିଶା ଯେତେ ଅଧିକ ହୁଏ ସେତେ ଭଲ। ନ ହେଲେ, ଭାଷା ଚାଲୁଥାଏ ନିଜ ଗତିରେ ଏବଂ 'ସାହିତ୍ୟ' ସିରସ୍ତାରେ ରହେ ଓ ଚୁପ୍‌ଚାପ୍ ମରିଯାଏ କି ? ଏହିପରି ବହୁ ପାଠକୀୟ ଆଲୋଚନା ପାଇଁ 'ସାହିତ୍ୟ ମହାଭାରତ'ର ପରିକଳ୍ପନା ଏବଂ ପାଠକ ସହଯୋଗ ନିମନ୍ତେ ତାହା ଏକ ମୁକ୍ତ ସ୍ତମ୍ଭ। ଇତିମଧ୍ୟରେ ଆମର ଅନୁଭବ ହୋଇଛି ଯେ ପାଠକ ଭାବୁଛନ୍ତି ଯେମିତି ପଣ୍ଡିତ ଓ ସରକାର ମାର୍ଫତ୍‌ରେ 'ସାହିତ୍ୟ' ଠିକ୍ ଚାଲୁନି ବୋଲି ଲୋକଙ୍କ ମନରୁ ଭାଷା ପାଇଁ ଆଗ୍ରହ ଲୋପ ହେଉଛି। ଏ ସିଦ୍ଧାନ୍ତ ଏତେ ସରଳ ନୁହେଁ ବା ଅଭିଯୋଗର ସାରବତ୍ତା ବି ଜାଣୁନା। ମାତ୍ର ଜଣେ ବ୍ୟବହାରକାରୀ ଭାବେ ଅନୁଭବ କରୁ ଯେ 'ଭାଷା' ଭିକ ମାଗି ଶ୍ରଦ୍ଧା ପାଇବା ଉଚିତ ନୁହେଁ। ଏହାର ପ୍ରତିକାର ପାଇଁ ଗଣତାନ୍ତ୍ରିକ ଢଙ୍ଗରେ ଆଲୋଚନା ହେଉ। ଖୁସି ଲାଗୁଛି ଯେ ଭଲ ମନ୍ଦ ଉଭୟ ମିଶାଇ ଏହା 'ସୂର୍ଯ୍ୟପ୍ରଭା'ର ଏକ ବହୁଚର୍ଚ୍ଚିତ ସ୍ତମ୍ଭ।

ଅଦ୍ଭୁତ ଆମ ଓଡ଼ିଶା। ମିଡ୍-ଡେ' ମିଲ୍ ଅଣ୍ଡା କାଞ୍ଚିଆ ହେଲେ ପ୍ୟାରେଣ୍ଟ୍‌ସ କମିଟି ବିପ୍ଳବ କରିପାରେ। ସେଥିଯୋଗୁ ଜଣେ ସିଆରସିସି କି ହେଡ୍-ମାଷ୍ଟରଙ୍କ ଚାକିରି ଯାଇପାରେ। ଆଗେ ରାଜାଘର ଭୋଜିରେ ମାଂସ ଅସିଝା ହେଲେ କାହା ପାଟି ଫିଟୁଥିଲା ? ଅଣ୍ଡା ପାଇଁ ପାଟି କରିବା ପରି ଦମ୍ଭ ଆମକୁ 'ଗଣତନ୍ତ୍ର' ଦେଇଛି

Digitized by srujanika@gmail.com

ଏବଂ ତାହା ବାରମ୍ବାର ପ୍ରତିପାଦନ କରିବା ଅଧିକାର ବି। 'ନାଗରିକ-ଅଧିକାର'ର ସଂକ୍ଷିପ୍ତ ପରିଚୟ ହେଲା - ଯେଉଁଠି ସରକାର ସେଠି ଆମର ଏ 'ଅଧିକାର' ଚାଲିବ। ନ ହେଲେ କୋର୍ଟକୁ ଯାଇ ତାହା ହାସଲ କରିପାରିବୁ।

କିନ୍ତୁ ବିରାଟ ମଣ୍ଡଳ ଶୂନ୍ୟ ରହିଯାଉଛି - ତାହା ହେଲା 'ଭାଷା'। ଏହା କାହିଁକି 'ଗଣତାନ୍ତ୍ରିକ' ନ ହେବ ? ଭାଷା ସମସ୍ତଙ୍କର ନା କେବଳ ପଣ୍ଡିତ ବା ସରକାରଙ୍କର ? ଆମେ ତ ଦିନ୍ ଶୁଣୁଛୁ କେତେ ପଣ୍ଡିତ କେତେ କଥା କହୁଛନ୍ତି। ହେଲେ ଲୋକେ ସେ କଥା ମୋଟେ ମାନୁ ନାହାଁନ୍ତି।

କାହିଁକି ମାନୁ ନାହାଁନ୍ତି ? ଏ ପ୍ରଶ୍ନ 'ଇନ୍‌ଟ୍ରୋସ୍ପେକ୍‌ଟିଭ୍' (ଆତ୍ମବିଶ୍ଳେଷଣାତ୍ମକ) ହୋଇଥିବାରୁ ପଣ୍ଡିତମାନଙ୍କ ଦ୍ୱାରା ଏ ସମସ୍ୟା ସଂପର୍କରେ ଆଲୋଚନା ପ୍ରାୟ ହୁଏନା। ନବୀନ ପଟ୍ଟନାୟକ ଓଡ଼ିଆ ନ କହିଲେ ବା ସରକାରୀ ଫାଇଲ କାମ ଓଡ଼ିଆରେ ନହେଲା ତ କି ଭାସି ଗଲା - ମୁଁ କାହିଁକି ରାଜ୍ୟ ଭିତର ଚିଠିରେ ଠିକଣା କି ପରିବାରର ବାହା ବ୍ରତ କାର୍ଡ ଓଡ଼ିଆରେ ଲେଖୁନି ? ମା' ପରିଚୟ ପରି ଭାଷା ଏକ ଭାବପ୍ରବଣ ପ୍ରସଙ୍ଗ। ଆଜି ଭାଷା ରାଜଯୋଗ୍ୟ। ଗଣତନ୍ତ୍ରର ସଫଳତା ପାଇଁ ଲୋକଯୋଗ୍ୟ କିପରି ହେବ ? ବାହାଘର ନିମନ୍ତ୍ରଣପତ୍ର ଇଂଲିଶରେ ଛାପୁଥିବା ଓଡ଼ିଆଙ୍କ ପରି ଅଭ୍ୟାସ ଦୋଷରେ ସରକାର ବି ଅକ୍ରାନ୍ତ। ଓଡ଼ିଶାର ଶିକ୍ଷିତମାନେ ଓଡ଼ିଆରେ ଲେଖନ୍ତିନି। ଏହାର କାରଣ ନୁହେଁ ଯେ ସେମାନେ ଇଂଲିଶରେ ପଣ୍ଡିତ। ଅଥବା ଅଭ୍ୟାସ ଦୋଷ ଛଡ଼ା ଏହା ସପକ୍ଷରେ ଖାସ୍ କିଛି ଯୁକ୍ତି ନ ଥାଏ।

ଆମେ ଲକ୍ଷ୍ୟ କରୁ ଯେ ଓଡ଼ିଆ ଲୋକେ ବାହା-ବ୍ରତ-ଘରପ୍ରତିଷ୍ଠା ଇତ୍ୟାଦି ନିମନ୍ତ୍ରଣ-ପତ୍ର ଇଂଲିଶରେ ଛାପନ୍ତି। ଅନ୍ୟ ପ୍ରଦେଶରେ କେହି ଏମିତି କରନ୍ତିନି। ପୁଣି ସେଥିରେ ଯେଉଁ ବିଚ୍ଛୁଆଡି କିସମ ଶବ୍ଦ ପ୍ରୟୋଗ ହୁଏ, ନ କହିବା ଭଲ। ଆଜି ପ୍ରୟୋଗ ହେଉଛି 'Wedding Knot' (ଶୁଭ ପରିଣୟ) ଓ 'Thread Ceremony' (ବ୍ରତୋପନୟନ)। ସମୟାନୁକ୍ରମେ ହୁଏତ ସେଗୁଡ଼ିକ 'Hangman Knot', 'Guillotin' ବା 'Rope'ରେ ପରିଣତ ହୋଇପାରେ !

ଏବେ କେବଳ ମୃତ୍ୟୁ ସୂଚନା ଜଣାଇବାକୁ ଗଙ୍ଗା-ପତ୍ର ଏପର୍ଯ୍ୟନ୍ତ ଆମେ ଇଂଲିଶରେ ଦେଖିନାହୁଁ। ଆମ ପାଇଁ ଭାଷା-ଆବେଗର ରୂପ କ'ଣ ? ଯିଏ ମଲା, ସିଏ ଓଡ଼ିଆରେ ମରୁ। ଯେତେ ବଞ୍ଚିଛୁ, ଆମର ନ ହେଲେ ଚଳିବ ? 'ଭାଷା' ସାହିତ୍ୟ କି ପ୍ରାଇଜ୍‌ରେ ବଢ଼େନି କି 'ଶାସ୍ତ୍ରୀୟ' ହେଲେ ବଞ୍ଚେନି।

ବୁଦ୍ଧିମାନ୍‌ମାନେ ଭାଷା ସମ୍ବନ୍ଧରେ ତାତ୍ତ୍ୱିକ ଆଲୋଚନା କରନ୍ତି ଏବଂ ତତୋଽଧିକ ବୁଦ୍ଧିଆମାନେ ସେପରି ଦିବ୍ୟ-ବାଣୀ ଶୁଣିବାକୁ କେୟାର କରନ୍ତିନି। ଆମେ ଦେଖୁ, ଦ୍ୱିତୀୟ ଗୋଷ୍ଠୀର ଲୋକେ ନାନା ବାଟେ ବଞ୍ଚନ୍ତି ଏବଂ ବଢ଼ନ୍ତି। ସେମାନଙ୍କ ସାଙ୍ଗରେ 'ନିଜ' ଭାଷା ଅଲବତ୍ ଥାଏ। ତାହା ପାଖରେ ରଖିବାକୁ କାହାରି ଅନୁମତି ଦରକାର ନଥାଏ।

ଆର ଗୋଷ୍ଠୀ ଅସହାୟ ଭାବେ ସଂଖ୍ୟାଲଘୁ ହୋଇପଡ଼ନ୍ତି। ଶେଷ ଚିତ୍ର ଏମିତି ଦେଖାଯାଏ ଯେ 'ଭାଷା' ଥାଏ ଲାଇବ୍ରେରିରେ ଏବଂ ପାଦ୍ରୀ ବାଇବେଲ ମୁଖସ୍ଥ କରି ଅନର୍ଗଳ ଗାଉଥିବା ପରି ଏ ସଂଖ୍ୟାଲଘୁ ଲୋକେ ସେ କଥା କହିବାକୁ ସରକାରଙ୍କ ପାଖରେ ଚାକିରି ଖୋଜନ୍ତି।

(୨୨.୧୦.୧୩.)

Digitized by srujanika@gmail.com

ଏକା ତୋ ଭକତ ଜୀବନ

ଆମେ ଜାଣିବାରେ, ରଥ ପାଞ୍ଚଟି । ପ୍ରଥମ ରଥ - ଶାସ୍ତ୍ର କହିଛି, ମଣିଷ ଶରୀର । ବୁଦ୍ଧି ଏଥିରେ ସାରଥୀ, ଇନ୍ଦ୍ରିୟମାନେ ଘୋଡ଼ା, ମନ ଲଗାମ, ସଂସାର ଦରାଣ୍ଡିବାକୁ ଏ ରଥ ସବୁବେଳେ ଚାଲୁଥାଏ । ଏଠି ରଥୀ - ମାନେ ସ୍ୱୟଂ ଆତ୍ମା - ମନ ଓ ବୁଦ୍ଧି ସହିତ ମିଶି ବିଷୟ ବାସନା ଭୋଗ କରୁଥାଏ ।

ଦୁଇ - ସୂର୍ଯ୍ୟଦେବଙ୍କ ରଥ । ସେଥିରେ ସେ ଦିନ୍ ଚଢ଼ି ଆମ ଆଗରେ ବୁଲନ୍ତି । ଯଦି ସେ ରଥ କ୍ଷଣେ ଅଟକେ - ବୋଲ ଭାଇ ପୃଥ୍ୱୀ ପ୍ରଳୟ । ପ୍ରଥମକୁ ବିଶ୍ୱାସ କଲେ କର ନ ହେଲେ ନାଇଁ - 'ସୂର୍ଯ୍ୟ-ରଥ' ତ ପ୍ରମାଣ । ସୂର୍ଯ୍ୟ କେତେ ପାୱାର୍‌ଫୁଲ୍, ବଖାଣିବାକୁ ବେଦ କହିଲା - 'ଧେୟଃ ସଦା ସବିତୃର୍ମଣ୍ଡଳମଧ୍ୟବର୍ତ୍ତୀ ନାରାୟଣଃ ...' । ମାନେ, ସୂର୍ଯ୍ୟ ଯିଏ, ନାରାୟଣ ସିଏ ।

ଥାର୍ଡ ରଥ - ଜଗନ୍ନାଥଙ୍କର । ଯା' ମହିମା ଅପାର । ଡିଫେକ୍ଟ ବି ଅମାପ । 'ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ ।' ଶାସ୍ତ୍ରରେ ଏ ପଦଟିର ହଜାର ଅର୍ଥ ଥାଇ ପାରେ, ମାତ୍ର ଆମ ପାଇଁ ତା' ମାନେ ହେଲା - ଠାକୁର ଭାରି ଦୟାଳୁ । ସେ ରଥ ଚଢ଼ି ବର୍ଷରେ ଥରେ ପଦାକୁ ଆସିଁ । ଗହଳିରେ ସବୁଠୁ ବାମନକୁ ସେ ଦେଖିପାରିବେ ଏବଂ ସେ ବି ତାଙ୍କୁ ଦେଖି ପାରିବ ।

ଏ ବ୍ୟବସ୍ଥା ଏବେ ସିଓର୍ ଫେଲ୍ । ଟିଭି ଡାଇରେକ୍ଟ ଟେଲିକାଷ୍ଟରେ ଆମେ କ'ଣ ଦେଖୁ ? ସେଇ ଟିଭିର କମାଲ ସକାଶେ ଆଉ ଜଗନ୍ନାଥ ଭକ୍ତଙ୍କୁ ଦେଖାଯାଉ ନାହାଁନ୍ତି । କାରଣ 'ରଥେ ତୁ ସଭିଙ୍କୁ ଦିଶିବୁ' ଅବସ୍ଥାରେ ବସିଥିବା ଜଗନ୍ନାଥ ଆଉ ବାମନକୁ ଦେଖାଯିବା ଚାନ୍ସ ନାହିଁ । ଠାକୁରଙ୍କ ଆଗରେ ବିରାଜନ୍ତି କିଛି ଲୋକଙ୍କ ଲଙ୍ଗଳା ଚଉଡ଼ା ଛାତି ଓ ସେମାନଙ୍କ ବେକରେ ଝୁଲଥାଏ କେରି କେରି ସୁନା ହାର । ଯାହାକୁ ନ ପାରେ କ୍ୟାମେରା ଦେଖି / ତାକୁ କି ଦେଖିବ ବାମନ ଆଖି ?

ତୃତୀୟ ରଥ - ଓଡ଼ିଆ-ପ୍ରାଣରେ ଏ ମହିମାର ପଟାନ୍ତର ନାହିଁ । ଯେତେ ମନ, ସେତେ ବିଚାର । ବଡ଼ଦାଣ୍ଡରେ ଠାକୁରଙ୍କ ରଥ ବିଜେ ତ, ଓଡ଼ିଆ-

Digitized by srujanika@gmail.com

ମନରେ ପବିତ୍ରତା ପାଇଁ ସବୁ ମୁକୁଳା।

ଚତୁର୍ଥ ରଥ - ଏ ରଥ ଓଡ଼ିଆଙ୍କ ପାଇଁ ୟୁନିକ୍। ୟାକୁ ଗଢ଼ିଥିଲେ ବଳରାମ ଦାସେ ମୂଳ ରଥଠାରୁ ତଡ଼ା ଖାଇ ଦୂରଛଡ଼ା ହୋଇ ସମୁଦ୍ର ବାଲିରେ। କାରଣ - ଲମ୍ପଟ ଦାସେ ଚମ୍ପଟ ମାରି / ନିଶାରେ ରମିଲେ ଅଭୋଗ୍ୟା ନାରୀ। ତେବେ ବି ଏ ବାଲି-ରଥର କେଉଁ ଟାଣ ଥିଲା ଯେ ବଡ଼ଦାଣ୍ଡରେ ଅସଲ ରଥ ଅଟକିଗଲା ?

ପଞ୍ଚମ ରଥ : ୟାକୁ ଟାଣନ୍ତି ଗାଁ ପିଲାଏ। ଯୁଗ ବଦଳିଛି ତ ରୂପ ବଦଳିଥିବ। ପିଲାଦିନେ ଡମିରି-ଫଳ କି କନିଅର-ଫଳରେ ଖଡ଼ିକା ଗୁଞ୍ଜି ତାକୁ 'ରଥ' କହି ଗାଁ ଦାଣ୍ଡରେ ଟାଣୁଥିଲୁ। ସେ ରଥ ଟାଣିଲା ବେଳେ ବଡ଼ପାଟିରେ ରୋଳ କରୁଥିଲୁ - ଜଗନ୍ନାଥଙ୍କର ଜୟ ! ସେତେବେଳେ ପୁରସ୍ତମ କ'ଣ ଦେଖି ନ ଥିଲୁ ବା ଶିପ ଶାମୁକା ଫ୍ରେମ ବନ୍ଧା ଫଟୋ ଛଡ଼ା ଜଗନ୍ନାଥଙ୍କ ବିଷୟରେ କିଛି ଜାଣି ନ ଥିଲୁ। ଏ ଯାତ୍ରା ଚାଲୁଥିଲା ପଲ୍ଲୀରୁ ପୁରସ୍ତମ ଯାଏଁ। ସେତେବେଳେ ସବୁ ଗାଁ ଦାଣ୍ଡ ହେଉଥିଲା ବଡ଼ଦାଣ୍ଡ ଓ ସବୁ ବାଲି ହେଉଥିଲା - ଶରଧା ବାଲି।

ଓଡ଼ିଆ ପ୍ରାଣରେ ଜଗନ୍ନାଥ କେମିତି ବିରାଜନ୍ତି ? ଇତିମଧ୍ୟରେ ଚାଲାକିରେ ନିଆଁ ଗିଳି ଅଙ୍ଗାର ହଗିବା ଟ୍ରିକ୍ ଶିଖି ସାରିଥିବା ଓଡ଼ିଆ ଜାତି ବାପ-ନାଁ ନେଇ ହଲପ କରିବ ପଛେ, ମାହାର୍ଦ ଛୁଇଁବାକୁ ମୋଟେ ଯିବନି। କାରଣ, ଜଗନ୍ନାଥ ତା'ର ଶେଷ ପୁଞ୍ଜି ଓ ଶେଷ ଡର।

ସେ ଦିଅଁଙ୍କ ପଛରେ ପୁରାଣ ଗୋଡ଼େଇଛି ଏବଂ ଇତିହାସ ବି। ଜଣେ କହୁଛି 'ସେ ମୋର' ତ ଆର ଜଣକ ଛାଡ଼ିବାକୁ ନାରାଜ। ବିଶ୍ବାସ ପାଇଁ ପ୍ରମାଣିକତା ଲୋଡ଼ା ନ ଥାଏ। ତେଣୁ ଜଗନ୍ନାଥଙ୍କର ଦୁଇଟି ରୂପ। ଗୋଟିଏ - ଇତିହାସରେ ଓ ଆରଟି ପୁରାଣରେ। ବିଶ୍ବାସ-ଜଗତରେ ଅନନ୍ୟ ଏ ଚେତନା। ସେଥିରେ ଓଡ଼ିଆ-ପ୍ରାଣ ଉଦ୍‌ବୁଦ୍ଧ ହୁଏ। ଏଣ୍ଡୋମେଣ୍ଟ୍ ବିଭାଗ ସାଙ୍ଗରେ ଏହାର କିଛି ଯାଏଆସେ ନ ଥାଏ। ଯେଉଁ ମତାବଲମ୍ବୀ ଯେତେବେଳେ ପାଖକୁ ଆସିଛନ୍ତି, ବୁଝିଯାଇଛନ୍ତି - ଏ ଠାକୁର ତାଙ୍କର। ସତେ ଯେମିତି ଜଗନ୍ନାଥ କହି ଦେଇଛନ୍ତି - ଯେ ମୋ'ର ଯେଉଁ ବେଶେ ରସେ / ମୁଁ ତାକୁ ସେଇ ରୂପ ଦିଶେ।

ଓଡ଼ିଆ ନିପଟ ଜଗନ୍ନାଥ-ଜାତିଆ ! ତାଙ୍କୁ ନେଇ ବଢ଼ିଛି ତା' ଚିନ୍ତା, ଚେତନା, ସଂସ୍କାର, ସଂସ୍କୃତି, ଚଳଣି, ଭାଷା ଏବଂ ଆହୁରି କେତେ କଥା। ଭାଷା ଚାଲିଥାଏ ଆଗେ ଆଗେ। ସାହିତ୍ୟ ଆସେ ପଛରେ। ଐତିହାସିକ ବୌଦ୍ଧଗାନ ଓ ଦୋହାକୁ ଓଡ଼ିଆ ଭାଷାର ମୂଳ ରୂପ ବୋଲି ମାନିଲେ ମଧ୍ୟ, ଭାଷା ଏହା ପୂର୍ବରୁ ଥିଲା - କାରଣ ଜଗନ୍ନାଥଙ୍କ ଚାରିପଟେ ପ୍ରାଚୀନ ଉଡ୍ର ଅଥବା କଳିଙ୍ଗବାସୀ ମୂକ ତ ନିଶ୍ଚୟ ନ ଥିବେ ନା !

ଓଡ଼ିଶାର ମାଟି, ପାଣି, ପବନ, ଆକାଶକୁ ନେଇ ଗଢ଼ି ଉଠିଥିବା ଚଳଣିରେ ଓଡ଼ିଆ ଭାଷା-କଢ଼ିକୁ ଫୁଟେଇ ଫୁଲ କଲେ ଶୂଦ୍ରମୁନି ସାରଳା ଦାସ। ପ୍ରଭୁଙ୍କ ପ୍ରଶଂସାରେ ସେ କହିଲେ - ଅପଣ୍ଡିତ ମୂର୍ଖ ମୁହିଁ ନୁହେଁ ଶାସ୍ତ୍ରବେତ୍ତା। ଶ୍ରୀପୁରୁଷୋତ୍ତମନାଥ ପାଦେ ସଦା ଚିନ୍ତା। (ଭୀଷ୍ମପର୍ବ)

ଗଙ୍ଗା ଜଳରେ ଗଙ୍ଗାମାତାଙ୍କ ପୂଜା କଲା ପରି, ତୁମ ଯାତ୍ରାର ସଫଳତା ପାଇଁ ତୁମକୁ ପ୍ରାର୍ଥନା କରୁଛୁ। ସେ ପ୍ରଭୁ ଜଗନ୍ନାଥଙ୍କର ଜୟ ହେଉ !

୧୦.୭.୧୩.

Digitized by srujanika@gmail.com

କାନ୍ତକବିଙ୍କ ଜଣାଣ : ଇତିଶ୍ରୀଙ୍କ ଜୀବନ

'ସବୁଥିରୁ ବଞ୍ଚିତ କରି କେଉଁ ଯଶ ବାନା ଉଡ଼ାଇବ ହେ ।
ଯାହା ଦେଇଥିଲ ସବୁ ତ ନେଲଣି ଆଉ ଏବେ କିସ ଛଡ଼ାଇବ ହେ ।
ସଂସାରେ ଯେ କରଇ ଆଶ / ଧାଏଁ ସିନା ସେ ତୁମ ପାଶ
ସକଳ ଭରସା ଯାର ତୁଟିଲାଣି / କିସ ବୋଲି ତାକୁ ଡରାଇବ ହେ ।
ଠକି ଠକି ଥରକୁ ଥର / ବୁଝିଲିଣି ତୁମ୍ଭ ଚାତର
ମନେ ପାଞ୍ଚିଛ କି ହାଟ ମଝିଟାରେ / ଛିଡ଼ା କରି ବାଟ ହୁଡ଼ାଇବ ହେ ।
ତୁମ ଫନ୍ଦା ଏଡ଼ିବି ବୋଲି / ସବୁ ଧନ୍ଦା ଦେଲିଣି ଠେଲି
ଚାରି ଦଉଡ଼ି ଯେ କାଟି ସାରିଲାଣି / କେଉଁ ଫାନ୍ଦେ ତାକୁ ଜଡ଼ାଇବ ହେ ।
ହାତ ଠାରି ଲୋଭ ଦେଖାଇ / ଡାକ ନାଟ ଦେଖିବା ପାଇଁ
ସିହାଣ କହୁଚ ଆହୁରି ଥରେ କି / ନାକ ଘଷି କାନ ମୋଡ଼ାଇବ ହେ ।
ସବୁଥିରୁ ବଞ୍ଚିତ କରି କେଉଁ ଯଶ ବାନା ଉଡ଼ାଇବ ହେ ।'

(କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର : ୯.୧୨.୧୮୮୮ - ୨୪.୨.୧୯୫୩)

ତୋପ, ସଲାମ୍, ପତାକା, ବିଗୁଲ - ଏମିତି ଯେତେ ଆଡ଼ମ୍ବର ଥାଉ ପଛେ ସବୁ ମୃତ୍ୟୁ ମଶାଣିରେ ଶେଷ ହୁଏ ଏବଂ ତହିଁର ପରିଣତି ଅତି ଛୋଟ। ଭୋଟର୍ ତାଲିକାରୁ ନାଁଟେ କଟିଯାଏ କେବଳ। ମାତ୍ର ସେଥିରୁ ସ୍ୱଳ୍ପ କେତୋଟି ମୃତ୍ୟୁ ଇତିହାସ ହୁଅନ୍ତି। ସେମିତି, କେତେ ଗୀତ ଲେଖାଯାଏ। ତହିଁରୁ କ୍ୱଚିତ୍ ହୁଅନ୍ତି କାଳଜୟୀ।

'ସବୁଥିରୁ ବଞ୍ଚିତ କରି' - ଭିଡ଼ କାଟି ଓ ଆଶା ନ ହରେଇ ସାହସର ଶେଷ ପାହାଚରେ ଠିଆ ଜଣେ କବିର ଗୀତ। ମର୍ମ ଏବଂ ଅର୍ଥ ବ୍ୟାଖ୍ୟା

Digitized by srujanika@gmail.com

କରିବା କ୍ଷମତା ଜଣଜଣକିଆ ।

ରାୟଗଡ଼ା ଜିଲ୍ଲାର ଟିକିରି ପ୍ରକଳ୍ପ ୟୁପି ସ୍କୁଲର ୨୮ ବର୍ଷିଆ ଶିକ୍ଷାସହାୟିକା ସୁଶ୍ରୀ ଇତିଶ୍ରୀ ପ୍ରଧାନଙ୍କୁ ତାଙ୍କ ବାସଗୃହରେ ପୋଡ଼ି ମାରି ଦେବାକୁ ଉଦ୍ୟମ ହୋଇଥିଲା ୨୭.୧୦.୨୦୧୩ରେ ଏବଂ ସେଇଥିରେ ତାଙ୍କ ମୃତ୍ୟୁ ହେଲା ବିଶାଖାପାଟଣାର ଏକ ଡାକ୍ତରଖାନାରେ ୨.୧୧.୨୦୧୩ ଦିନ । ୨୦୧୧ରେ ଚାକିରି ଆରମ୍ଭ କରିଥିବା ଏହି ହତଭାଗିନୀ ଜଣକ ନିରାଶାର ଶେଷ ପାହାଚରେ ଥାଇ ୨୪.୮.୨୦୧୩ ତାରିଖରେ ଦୁଇ ପୃଷ୍ଠା ଫୁଲ୍‌ସ୍କେପ୍ କାଗଜରେ ଖଣ୍ଡିଏ ସାକ୍ଷ୍ୟପତ୍ର (testi-mony) ଲେଖିଥିଲେ । 'ମୁଁ କୁମାରୀ ଇତିଶ୍ରୀ ପ୍ରଧାନ (ଶିକ୍ଷା ସହାୟିକା), ପିତା - ଶ୍ରୀଯୁକ୍ତ ବଳଭଦ୍ର ପ୍ରଧାନ, ଗ୍ରାମ ମୁନିନ୍ଦା, ଥାନା - ଡେଲାଙ୍ଗ, ଜି: ପୁରୀ' । ଏହା ବହୁଳ ଭାବେ ମିଡିଆରେ ପ୍ରଚାରିତ ହୋଇଛି । ଏହି ସ୍ତମ୍ଭରେ 'ଏ ପାପର ଇତି କାହିଁ?' ('ସୂର୍ଯ୍ୟପ୍ରଭା', ୫.୧୧)ରେ ଆମେ ଦାବି କରିଥିଲୁ - ମୃତା ଇତିଶ୍ରୀଙ୍କ ମୂଳ ଅଭିଯୋଗକୁ ମୃତ୍ୟୁକାଳୀନ ଜମାନବନ୍ଦି ଭାବେ ଗ୍ରହଣ କରାଯାଉ ।

ତାହା 'ଚିଠି' ନ ଥିଲା, ଥିଲା ଆର୍ତ୍ତଚିତ୍କାର ପରି ଏକ ଜମାନବନ୍ଦି । 'ଏସଓଏସ' ମେସେଜ୍ ପରି । କାରଣ ସେଥିରେ କାହାରିକୁ ସମ୍ବୋଧନ କରାଯାଇନି । ମାତ୍ର ଆରମ୍ଭରୁ ନିଜ ଜୀବନ, ସମ୍ମାନ ରକ୍ଷା ତଥା ନ୍ୟାୟ ପାଇବାକୁ ଆକୁଳ ନିବେଦନ କରି କେତେ ଅଧିକାରୀଙ୍କୁ କେତେ ଦରଖାସ୍ତ ଦେଇ ସେ କେତେ ମାଗୁଣି କରିଥିଲେ ସେସବୁର ବିସ୍ତୃତ ଉଲ୍ଲେଖ ରହିଛି ସେଥିରେ । ଆଇନ ଅନୁଯାୟୀ ଏହା ଅପରିବର୍ତ୍ତନୀୟ (immutable).

ଇତିଶ୍ରୀ ଜୀବନ କାଳରେ ଯେଉଁ ନ୍ୟାୟ ଟିକେ ପାଇ ନ ଥିଲେ ଏବେ ତାହା ଆଇନରେ ରୂପାନ୍ତରିତ ହୋଇ ଦୋଷୀମାନେ ଦଣ୍ଡ ପାଇବେ - ଏ କଥା ସମ୍ଭବଠାରୁ ଅସମ୍ଭବ ବେଶି ଏବଂ ତହିଁର ସଙ୍କେତଗୁଡ଼ିକ ମଧ୍ୟ ସ୍ପଷ୍ଟ ହେବାକୁ ଲାଗିଲାଣି । ଏ ହତ୍ୟାର ତଦନ୍ତ ଦାୟିତ୍ୱ କ୍ରାଇମ୍ ବ୍ରାଞ୍ଚ ହାତରେ । ପୁଲିସଠାରୁ ଏ ବିଭାଗ ଯେ ତଦନ୍ତ କରିବାକୁ ଅଧିକ ଯୋଗ୍ୟ - ଏ ପ୍ରମାଣ କେହି କେବେ ଦେଖି ନ ଥିବେ ।

କେନ୍ଦ୍ର ମାମଲାରେ ସିବିଆଇ ନିଷ୍ଠାକୁ ଯେମିତି ବିଶ୍ୱାସ ବା ଅବିଶ୍ୱାସ କରାଯାଏ, ରାଜ୍ୟ ସରକାର ପାଇଁ କ୍ରାଇମ୍ ବ୍ରାଞ୍ଚ୍ ଇମେଜ୍ ବି ସେଇଆ । ଆଇନ ନାଁ କହି ହାତୀ ଧରିବାକୁ ଖେଦା ବସାନ୍ତି, ମାତ୍ର ନେଉଳଟିଏ ବି ଧରନ୍ତି ନାହିଁ । ଏବେ ଉଦାହରଣଟେ ଶୁଣିବା । ଗୋଟିଏ ଟିଭି ଚ୍ୟାନେଲ ମୃତକାଙ୍କ 'ମୃତ୍ୟୁକାଳୀନ ଜମାନବନ୍ଦି' ପ୍ରଚାର କରିଥିଲେ । ସେଥିରେ ସ୍ପଷ୍ଟତଃ ଜଣେ ଶାସକଦଳ ସାଂସଦଙ୍କ ନାଁ ସମସ୍ତେ ଶୁଣିଥିଲେ । ମାତ୍ର ଏବେ କ୍ରାଇମ୍ ବ୍ରାଞ୍ଚ୍ ଅତିରିକ୍ତ ଡିଜି କହୁଛନ୍ତି - ସେ ନାଁ ତ ନାହିଁ !

(୧୪.୧୧.୧୩.)

Digitized by srujanika@gmail.com

ଠାକୁର ମାଗଣା : ଆଳୁ କିଲୋ ଅଶୀ

"Faith consists in believing when it is beyond the power of reason to believe." - Voltaire

ଧଳା-କଳା, ସତ-ମିଛ, ହସ-କାନ୍ଦ - ଏପରି ବିପରୀତ ବାଚକ ଶବ୍ଦ ଚୟନ କେବଳ ବ୍ୟାକରଣରେ ମିଳେ। ଜୀବନରେ ସେ ସମ୍ଭାବନା ମୋଟୁରୁ ନଥାଏ। ତଦ୍ରୂପ, ଆସ୍ଥା ଏବଂ ଅବିଶ୍ୱାସ - କେହି କାହରି ବିପରୀତ ନୁହଁନ୍ତି। ଉଭୟ ସତ ଏବଂ ଦୁଇଟିଯାକକୁ ଏକାସାଙ୍ଗରେ ଛୁଇଁ ହୁଏ।

ଅକ୍ଟୋବର ପ୍ରଥମ ସପ୍ତାହରୁ ପ୍ରଚାର ଚାଲିଛି 'ଫାଇଲିନ୍' ସଂପର୍କରେ। ତା ସାଙ୍ଗରେ ସରକାରଙ୍କ ପ୍ରସ୍ତୁତି ବି। ନିଉଜ୍ ପ୍ରଚାରରେ କ୍ରମେକ୍ରମେ ସେ ବାତ୍ୟାର ସ୍ଲଟ୍ ଏବଂ ବାତ୍ୟା ମାଡ଼ି ଆସୁଥାଏ। ଗୋପାଳପୁରରୁ ଏତେ କିଲୋମିଟର ଦୂର। ଚାଲିଛି ଠିକ୍ ଗତିରେ। ୟୁଏସ ନ୍ୟାଭି ରିପୋର୍ଟ କହୁଛି - ପବନର ବେଗ ହେବ ଘଣ୍ଟାକୁ ୩୨୦ କିଲୋମିଟର। ବିବିସି, ସିଏନଏନ ଏମିତି ଯେତେ ବଡ଼ ବଡ଼ ସଂସ୍ଥା ସମସ୍ତେ ସେଇଆ କହୁଥା'ନ୍ତି। କିନ୍ତୁ ଆମ ପାଣିପାଗ ବିଭାଗ (ଆଇଏମଡି) କହୁଥାଏ - ୨୫୦ ବା ତା'ଠୁଁ କମ୍। ଏ ଅନୁଷ୍ଠାନର ବିଶ୍ୱସନୀୟତା ସଂପର୍କରେ ଲୋକଙ୍କ ଧାରଣା ଭଲ ନୁହେଁ। କାଚ ସେପଟେ ଘୋଷିକା କହୁଥିବେ - ପାଗ ଶୁଖିଲା ରହିବ, ଅଥଚ ପଦାରେ ହେଉଥାଏ ଧୁମ୍‌କୁଟ୍ ବର୍ଷା।

ଭୟକୁ ବିଶ୍ୱାସ ଓ ଭକ୍ତିକୁ ବିଶ୍ୱାସ ଏକା ପରି ନୁହେଁ ବା କେହି କାହାର ବିପରୀତ ନୁହଁନ୍ତି। କାରଣ ପ୍ରଥମଟିରେ ବିପଦରୁ ଦୌଡ଼ି ଛୁ' ମାରିବାକୁ ବାଟ ଥାଏ। ଦ୍ୱିତୀୟଟି - କାଳକୁ ଈଶ୍ୱର ଭାବି ତା ସାମ୍ନାରେ ବଳିଖୁଣ୍ଟରେ ବୋଦା ହାମୁଡ଼େଇବା ପରି। ରିସ୍କ (ଆପଦ) ଓ ଗେନ୍ (ଉପକାର) ଉଭୟରେ

Digitized by srujanika@gmail.com

ଥାଏ । ଜୀବନ ହରାଇବାକୁ ପ୍ରସ୍ତୁତ କଉମାଛ କଡ଼େଇରୁ ଡେଇଁ ଚୁଲିରେ ପଡ଼େନି କି ? ତର୍କବାଦୀ ହେବା ସବୁଠୁଁ ସହଜ, ମାତ୍ର ତା' ଦ୍ୱାରା କୌଣସି ଘଟଣାକୁ ସହଜ ଭାବେ ଉପସଂହାର ଯାଏଁ ପହଞ୍ଚାଇ ହୁଏନି ।

ଆମ ଯୁଗ ବିଚିତ୍ର । ମାଷ୍ଟ୍ରେ କହୁଛନ୍ତି - ପିଲାଙ୍କୁ ଯେତେ ଇଚ୍ଛା ସେତେ ପାଠ ପଢ଼େଇବୁ, ମାତ୍ର ସେମାନଙ୍କୁ 'ମୋରାଲ୍' ଶିଖେଇବା ଦାୟିତ୍ୱ ଆମର ନୁହେଁ । 'ମୋରାଲ୍' ଏକ ଅଛୁଆଁ ଶବ୍ଦ । ତହିଁର ନୀଡ଼ - କେବଳ ମନ । ତାକୁ କୌଣସି ଆଇନ ବା କୌଣସି ନାଁର ଧର୍ମ - ଜାଗା ଦେଇ ପାରନ୍ତିନି । ଭୟ ଓ ବିଶ୍ୱାସ ମିଶେଇ 'ଫାଇଲିନ୍' ବାତ୍ୟାକୁ ମୁକାବିଲା କରିଥିବା ଲୋକଙ୍କ 'ମୋରାଲ୍'ର ଚିତ୍ର ସହସ୍ର ସଂଖ୍ୟାରେ ମିଳିବ । ସବୁ ନିଆରା ନିଆରା ।

ବାତ୍ୟା ପାଇଁ ବନ୍ଦରଗୁଡ଼ିକର ସତର୍କ-ସଙ୍କେତ ଦୁଇ ତିନିରୁ ଆରମ୍ଭ ହୋଇ ଦଶ ଏଗାର ଛୁଇଁଲା । ସଂସାରୀଙ୍କ କଥା ଛାଡ଼, ମୁନି ଋଷି ବି କୌପୁନୀ କମଣ୍ଡଳୁ ଗୋଟେଇ ଦଉଡ଼ିବା ଢଙ୍ଗ ଦେଖେଇଲେ । ଅନ୍ତତଃ ଓଡ଼ିଶା ଓ ପ୍ରବାସୀ ଓଡ଼ିଆଙ୍କ ଘରେ ଟିଭିରେ ରିଏଲିଟି-ସୋ' କେହି ଦେଖୁ ନଥା'ନ୍ତି । ଚାରିଆଡ଼େ ବାତ୍ୟା-ସମ୍ବାଦ । ଶେଷ ଶିଖା ଅଧିକ ଜଳିବା ପରି ସମସ୍ତେ ଧପ୍‌ଧପ୍ କରୁଥା'ନ୍ତି ।

ଭୁବନେଶ୍ୱରରେ ଇଲେକ୍ଟ୍ରି ସପ୍ଲାଏ ବନ୍ଦ । ଟିଭି ନାହିଁ । ଯଦି ବି ଥାଏ, ସେଠିକି କିଏ ଯିବ କେମିତି ? ପଦାରେ ବାତ୍ୟାର ତାଣ୍ଡବ । ଖବର ଆସୁଥାଏ ବାହାରୁ, ମୋବାଇଲ୍‌ରେ । ଖୁସି ଲାଗୁଥିଲା - କେତେ ଲୋକ ଆମ କଥା ବୁଝୁଛନ୍ତି ଟି ! ମାତ୍ର ଦୁଃଖ ଥିଲା ଯେ ମୋବାଇଲରୁ ଚାର୍ଜ ମେଁ ମେଁ ହୋଇ କମି ଯାଉଥାଏ । ଇନ୍‌ଭର୍ଟର କାମ ଆଗରୁ ସରିଯାଇଥିଲା । ମରଣ ସନ୍ଦେଶ ଶୁଣିବା ଆଗ୍ରହରେ ଶେଷରେ କାର୍ ବେଟେରିରେ ମୋବାଇଲ୍ ଚାର୍ଜ ହେଲା ।

ପୁରୀରୁ ଜଣେ ସଂପର୍କୀୟ ଫୋନ୍ କଲେ । କହିଲେ - ଆମର କିଛି ହବନି ।

'କାହିଁକି ?'

ମା' ଲକ୍ଷ୍ମୀ ସମୁଦ୍ରର ଝିଅ ନୁହଁନ୍ତି କି ? ଦେଖିଚୁ ପରା, ତାଳ ଗଛ ଉଞ୍ଚାରେ ଲହଡ଼ି ଆସୁଥିଲା । ନୀଳଚକ୍ରରୁ ବାନା ଉଡ଼ି ପଡ଼ିଲା ସମୁଦ୍ରରେ । ବରୁଣ ରାଜା 'ଫାଇଲିନ୍'କୁ ଆଦେଶ ଦେଲେ - ଫେର୍ ସେଠୁ । ଜଗୁନି ଧଣ୍ଡା ତୁଳସୀ ପକେଇ ଦେଲା । ଲହଡ଼ି ଫେରିଗଲା । ବଡ଼ପଣ୍ଡା କହିଲେ - ଆମର କିଛି ହବନି ।

'ଜଗନ୍ନାଥଙ୍କର ସିନା କିଛି ହେବନି । ତମର ତ ବହୁତ କଥା ହୋଇସାରିଲାଣି । ବାଙ୍କିମୁହାଣ, ବଳିଆପଣ୍ଡା, ବଳଗଣ୍ଡି, ଲୋକନାଥ ରୋଡ୍, ଡିଏଭି ଛକ, ରାମଚଣ୍ଡୀ, ବ୍ଲକ୍ କଲୋନି ସବୁ ଜାଗା ବୁଡ଼ି ଚକ୍ରତୀର୍ଥ ଉବୁଟୁବୁ ହେଲାଣି । ତମେ କୋଉଠି ଅଛ କି ? ଘରର ଅମୁକ ସମୁକ କିଏ କୋଉଠି ଅଛନ୍ତି ?'

'ସମସ୍ତେ ଘରେ । ପଦାକୁ ବାହାରି ହେଉନି । ଆମର ବି ଲାଇନ୍ ନାହିଁ ।'

'ତା'ମାନେ ତମେ ଜଗନ୍ନାଥ, ଜଗୁନି, ଧଣ୍ଡାମାଳ, ଲହଡ଼ି କିଛି ଦେଖି ନଥିଲ ?'

୧୧ ତାରିଖ ଶୁକ୍ରବାର । ପାଗ ଶୁଖିଲା । କିଛି ଅମଳି ସାମଗ୍ରୀ ସଂଗ୍ରହ କରି ରଖିବା ଉଚିତ ଭାବି ହାଟଆଡ଼େ ଯାଇଥାଏ । ଓଡ଼ିଆଙ୍କ ମନ ନ'ଅଙ୍କିଆ । ଦୁଇ ତିନି ଦିନ ଆଗରୁ ଆଳୁ ପିଆଜ

Digitized by srujanika@gmail.com

ବାଇଗଣ ସବୁ ଦର କିଲୋ ପଚାଶରୁ ଅଶୀଯାଏଁ ହୋଇଗଲା। ବଜାର ଖାଲି ଖାଲି ଲାଗୁଥାଏ। ମାତ୍ର ଲକ୍ଷ୍ୟ କରିଛୁ ଯେ କୌଣସି ଅବକାରୀ ଦ୍ରବ୍ୟର ମୂଲ୍ୟ ବଢ଼ି ନଥିଲା।

ସେଠି ଜଣେ ବନ୍ଧୁ ଦୁଇଟା ବଡ଼ ବ୍ୟାଗ୍ ଧରି ହାଟରୁ ବାହାରି ଯାଉଥିଲେ ଓ ମତେ ଦେଖି ଅଟକି ଗଲେ। ବଜାରର ଦୁଃଖ କହିଲେ। 'ଚିହ୍ନା ଦୋକନୀ। ହ୍ୟାପ ମୋଟେ ଛାଡ଼ିଲାନି। ଲୁଚେଇ କହିଲା - ଆଳୁ କିଲୋ ଅଶୀ। ନେବେ ଯଦି ସାନଭାଇ ଅଛି, ପଛପଟୁ ନେଇଯା'ନ୍ତୁ! କି କାଳେ କି ଭବିଷ୍ୟତି! ମୁଁ ଦଶ କିଲୋ ନେଇ ଆସିଛି।'

'ସାର୍ ବଢ଼ିଆ କଲେ ଯେ, ହେଲେ ଘରେ ତ ଆପଣ ମ୍ୟାଡମ୍ ମୋଟେ ଦି' ଜଣ। ସେଥିରୁ ଆପଣ ଡାଇବେଟିକ୍। ଏତେ ଆଳୁ ସରିବାଯାଏଁ କ'ଣ ବାତ୍ୟା ରହିଥିବ ? ଇଏ ବିପଦ ପାଇଁ ପ୍ରସ୍ତୁତି ନା ମରଣ ପାଇଁ ସୁଇସାଇଡ୍ ?'

(୧୮.୧୦.୧୩.)

Digitized by srujanika@gmail.com

ନବୀନଙ୍କୁ ସିବିଆଇ ଛୁଇଁବ !

"Everything you can imagine is real." ?
Pablo Picasso

'ସାରୁ ଖୋଳୁ ଖୋଳୁ ମହାଦେବ ଆବିର୍ଭାବ' ପରି କଥା । ସିଏଜି (ଉଇଏ) ରିପୋର୍ଟ ପାର୍ଲାମେଣ୍ଟରେ ଦାଖଲ ହେଲା ଗତ ବର୍ଷ ଅଗଷ୍ଟରେ । ସେଥିରେ ଥିଲା ଯେ ୨୦୦୪ରୁ ୦୯ ଯାଏଁ ଲଗାତର କେନ୍ଦ୍ର ସରକାର ୧୪୨ଟି କୋଲ୍-ବ୍ଲକ୍ (ଖଣି) ବରବାଦ୍ ଢଙ୍ଗରେ ବାଣ୍ଟିଥିବା ଯୋଗୁ ଦେଶର ରାଜସ୍ୱ ହାନୀ ଘଟିଛି ଆନୁମାନିକ ୧,୮୬,୦୦୦ କୋଟି ଟଙ୍କା । ହିସାବପତ୍ର କରି ଦ୍ୱିତୀୟ ରିପୋର୍ଟ କହିଲା - ସେତିକି ନୁହେଁ, ଆହୁରି ଅଧିକା । ୧୦,୬୭,୩୦୩ କୋଟି । କାରଣ କୁହାଯାଇଥିଲା - ପ୍ରାଇଭେଟ୍ କି ସରକାରୀ କମ୍ପାନୀଗୁଡ଼ିକ ସରକାରଠାରୁ ୨୦୦୪ରୁ ଖଣି ହାସଲ କରି ୨୦୧୧ ବେଳକୁ ବି କାମ ଆରମ୍ଭ କରି ନ ଥିଲେ । ସରକାରୀ ନାଁରେ ଖଣି ହାସଲ କରି ତାକୁ ଘରୋଇ କମ୍ପାନୀକୁ ବିକି ଦେଉଥିଲେ । ଏଥିଯୋଗୁ ଖଣି ମାଲିକ/କମ୍ପାନୀ ରାତାରାତି ମାଲାମାଲ୍ ହୋଇଗଲେ । ବିଭାଗୀୟ ମନ୍ତ୍ରୀ ଥିଲେ ଖୋଦ୍ ପ୍ରଧାନମନ୍ତ୍ରୀ । କେହି ପଚାରନ୍ତୁ କି ନା, ସିଏଜି ରିପୋର୍ଟ କହିଲା - ଏଥିପାଇଁ ସେ ଦୋଷୀ ନୁହଁ କି ଦାୟୀ ନୁହଁନ୍ତି ।

ପରେ, ଏ ବାବଦରେ କୋର୍ଟର ମତ ହେଲା - ସିଏଜି ଅଡିଟ୍ କରିବା କଥା । କିଏ ଦାୟୀ - ଏକଥା ଭାବିବା ତା ଦାୟିତ୍ୱ ନୁହେଁ ।

ୟୁପିଏ-୧ ସରକାର ଅମଳରେ ଘଟିଥିବା ସବୁଠୁଁ ବଡ଼ ଦୁର୍ନୀତି ଥିଲା 'କୋଲ୍-ସ୍କାମ୍' । ତାହା ହେଲା - କୋଇଲା ଆବଣ୍ଟନରେ ଦୁର୍ନୀତି ଓ ପାତରଅନ୍ତର । ଏହା ଏପରି ଏକ ଅଭିଯୋଗ ଯାହା ସିବିଆଇ ନିଜ ଆଡୁ

Digitized by srujanika@gmail.com

ଖୋଜି କିଛି କରି ନାହିଁ । ସରଜମିନ୍ ତଦନ୍ତ ଚାଲିଛି ସୁପ୍ରିମ୍‌କୋର୍ଟ ଦ୍ୱାରା ଏବଂ ସିବିଆଇ ମାର୍ଫତରେ । ସରକାର ଓ ସିବିଆଇ ଭିତରେ ସଂପର୍କକୁ ଆକ୍ଷେପ କରି ଗତ ମଇ ମାସରେ ଏଇ କେଶ୍‌କୁ ନେଇ ସୁପ୍ରମ୍‌କୋର୍ଟ ସିବିଆଇକୁ 'ପିଞ୍ଜରାବଦ୍ଧ ଚଢ଼େଇ' ବୋଲି କହିଥିଲେ । ନିର୍ଦ୍ଦେଶକ ରଣଜିତ୍ ସିହ୍ନା ମୁହଁ ଲୁଚେଇ କୋର୍ଟରୁ ଫେରୁଥିବାର ଭିଡିଓ ନିଉଜ୍ ଅନେକଙ୍କୁ ସେତେବେଳେ ଆମୋଦିତ କରୁଥିଲା । ମାର୍ଚ୍ଚରୁ ଅଗଷ୍ଟ ଯାଏଁ ମିଡିଆରେ ଏ ଚର୍ଚ୍ଚା ଉଚ୍ଛୁଳିଲା । ହାତରେ ଧାଡ଼ିଟେ ପ୍ରମାଣ ନ ଥାଇ, ସୁଦ୍ଧୁ 'ସିଏଜି' ରିପୋର୍ଟ ପରି ଚାନ୍ସଟେ ପାଇ ଭାଜପା ଫୁଟେଇଦେଲା ଫାଙ୍କା ଗୁଳିଟେ ।

ସେପ୍ଟେମ୍ବର ୨୦୧୨ରେ ଜଣେ ଓକିଲ ସୁପ୍ରିମ୍‌କୋର୍ଟରେ ପିଆଇଏଲ ଫାଇଲ୍ କଲେ । ସରକାର ଏହାର ବିରୋଧ କଲେ । କୋର୍ଟ ରାଜି ହେଲେନି । 'ସରକାର ବଢ଼ିଆ ନୀତି ତିଆରି କରି ଦେଖାଉଛନ୍ତି । ତାକୁ ପାଳିବ କିଏ ? ସଂଯୋଗକ୍ରମେ ଆମେ ଦେଖୁଚୁ ଯେ ଏଥିରୁ ସବୁ ଦଳର ନେତା, ସେମାନଙ୍କ ବନ୍ଧୁ, ସୋଦର ବା ସହଯୋଗୀ ବେଶି ଫାଇଦା ଉଠାଇ ନାହାଁନ୍ତି କି ?' (ନ୍ୟାୟମୂର୍ତ୍ତି ଲୋଧା ଏବଂ ନ୍ୟାୟମୂର୍ତ୍ତି ଦାଭେ, ୧୪.୯.୨୦୧୨)

ସେଇଠୁ କେଶ୍ ଚାଲିଲା ।

ଏବେ ସେହି କେଶ୍‌ର ୧୪ଶ ଚାର୍ଜସିଟ୍ ଦାଖଲ ହୋଇଛି । ଅଭିଯୁକ୍ତ ଅଛନ୍ତି ତତ୍କାଳୀନ କେନ୍ଦ୍ର କୋଇଲା ସଚିବ ପି.ସି. ପରାଖ ଓ ଶିଳ୍ପପତି କୁମାରମଙ୍ଗଳମ୍ ବିର୍ଲା । ପରାଖ ନିଜ ପକ୍ଷ ରଖି ମିଡିଆକୁ କହିଲେ - 'କମିଟେଣ୍ଟ୍ ଅଥରିଟି'ଙ୍କ ଅନୁମୋଦନକ୍ରମେ ସବୁ କାମ ହୋଇଥିଲା ବୋଲି କୋର୍ଟ ଗ୍ରହଣ କରିଛି କି ନା ? ଏବେ ମତେ କ'ଣ ପଚାରୁଛ ? ପ୍ରଧାନମନ୍ତ୍ରୀଙ୍କୁ ପଚାର ।

ସମୟର କିଛି ଆନୁଷଙ୍ଗିକ ଘଟଣା ମନେପକାଇ ପାରିବା । ସେତେବେଳେ ପ୍ରଗତି ଓ ଶିଳ୍ପର ପ୍ରତିଶ୍ରୁତି ସହ ଆମ ରାଜ୍ୟରେ ଖଣି ମାଫିଆ ଓ ଶିଳ୍ପପତିମାନଙ୍କର ବହୁଳ ପ୍ରବେଶ ଘଟିଲା । ଓଡ଼ିଶାରେ ଥିଲା ନବୀନଙ୍କ ମୁଖ୍ୟମନ୍ତ୍ରିତ୍ୱରେ ସରକାର ଏବଂ ପ୍ୟାରୀମୋହନ ମହାପାତ୍ରଙ୍କ ପ୍ରକ୍ସି-ଶାସନ । ବିଜଦର ଜୟଜୟକାର ଆରମ୍ଭ ହେଉଥିଲା । ସାଧାରଣ ଭାବେ ସମସ୍ତେ ଜାଣନ୍ତି ଯେ ପ୍ୟାରୀ ଥିଲେ ଏ ବିବର୍ତ୍ତନ ପାଇଁ ନୋଡାଲ୍-ଏଜେଣ୍ଟ୍ । 'ବଦାନ୍ୟ ସହଯୋଗର ହାତ ବଢ଼େଇ' କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧିଙ୍କ ନିର୍ଦ୍ଦେଶରେ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦିଲ୍ଲୀ ଡାକି 'ପୋସ୍କୋ' ଧରାଇଲେ । ସବୁଠୁଁ ଅଧିକ ଏଫଡିଆଇ - ୨୧୮ ବିଲିଅନ କୋଟି ଟଙ୍କା । ତାହା ସମସ୍ତଙ୍କୁ ବାବାରେ ଆଳୁଅ ପରି ଲାଗୁଥିଲା । ଏବେ ଲାଗୁଛି - ଭାଲୁ ଲାଙ୍ଗୁଡ଼ ଧରିବା ପରି !

ମଇ ୨୦୧୨ରେ ନବୀନ-ବିରୋଧୀ ବିଦ୍ରୋହ ଅଭିଯୋଗରେ ପ୍ୟାରୀମୋହନଙ୍କୁ ଦଳରୁ ତଡ଼ି ଦିଆଗଲା । ଯେତେ ହାଉହାଉ ହେଲେ ବି ସେ ନବୀନଙ୍କର ଟ୍ରାଉଜର୍ ଟିକେ ହଲେଇ ପାରିନାହାଁନ୍ତି । ମାତ୍ର ଗୋଟିଏ ଧମକ ଦେଇ ଚାଲିଛନ୍ତି - ସେ କୁଆଡ଼େ ନବୀନଙ୍କ 'ଗୁମର' ଜାଣିଛନ୍ତି !

(୧୯.୧୦.୧୩.)

Digitized by srujanika@gmail.com

'ଗ ଙ୍ଗା ଧୋ ଇ ଲା ଚି କୁ ର ଯା ହା ର'

'କୃଷ୍ଣା ଚରଣ ତଳ । ଶମଶାନ ଆଜି ମଡ଼ା-ଦେଶ ଆଜି ଏହି ସେହି ଉତ୍କଳ ।'

ଗୋଦାବରୀଶ ମହାପାତ୍ରଙ୍କ 'ଉଠ କଙ୍କାଳ' କବିତାର ପ୍ରତ୍ୟେକ ପଙ୍‌କ୍ତି ଆଜି ବି ପାଠୁଆ ଓଡ଼ିଆଙ୍କ ମନକୁ କୁତ୍‌କୁତ୍ କରେ । କାହିଁକି ? ମାଟ୍ରିକ୍‌ରେ ପଢ଼ା ହେଉଥିଲା ବୋଲି ! କବିତା ଇତିହାସ ମନେପକାଏ ଏବଂ ତା ସାଙ୍ଗରେ କକ୍‌ଟେଲ୍ କରି ଓଡ଼ିଆଙ୍କ ଅତୀତ ଯଶର କେତେ ଗୌରବମୟ ଉପମା କହେ । ଏ କବିତାର 'ଇନ୍‌ସ୍ପିରେସନ୍ ପଏଣ୍ଟ୍' (ସ୍ଫୁରଣ-ଉତ୍ସ) ଥିଲା ଉତ୍କଳ-ସମ୍ମିଳନୀ । ବାର୍ତ୍ତା ଥିଲା ଓଡ଼ିଆ ଜାତି ପାଇଁ ନୂଆ ଜାଗରୁକତା ।

ଆଜି ଯଦି ଗୋଦାବରୀଶ ଥା'ନ୍ତେ ଏବଂ ଏହାର ସେକେଣ୍ଡ ପାର୍ଟ ଲେଖିବାକୁ ଇଚ୍ଛା କରନ୍ତେ ତାହା ପ୍ରାୟ ହୁଅନ୍ତା ଏହିପରି - ଗଙ୍ଗା ଭିଡୁଛି ଲୁଗାପଟା ଯା'ର କୃଷ୍ଣା ଟାଣଇ ବାଳ । କୁରୁସଭା ତଳେ ଦ୍ରଉପଦୀ ପରି ହୀନିମାନୀ ଉତ୍କଳ । ୧୯୯୩ରେ ଅଭିଯୋଗ ଶୁଣିବାକୁ ମିଳିଥିଲା, ଉତ୍ତର-ବାଲେଶ୍ୱର ଅଞ୍ଚଳରୁ ପଶ୍ଚିମବଙ୍ଗ ୧୭ଟି ଗ୍ରାମରୁ ଖଜଣା ଓ ଟିକସ ଆଦାୟ କରୁଛି । ଏ ଅବସ୍ଥା ଆଜି ବି ସେଇଆ । ମୋଟାମୋଟି ଦେଖିଲେ, କେବଳ ଝାଡ଼ଖଣ୍ଡକୁ ଛାଡ଼ିଲେ ଅନ୍ୟ ସମସ୍ତ ପଡ଼ୋଶୀ ରାଜ୍ୟ ଓଡ଼ିଶାର ସୀମାରେ ଅନୁପ୍ରବେଶ କରନ୍ତି ଏବଂ ତା' ସୁଖରେ ବ୍ୟାଘାତ ଘଟାନ୍ତି ।

ଉତ୍କଳର ରାଜା ପୁରୁଷୋତ୍ତମ ଦେବ (୧୪୬୫-୧୪୯୪) ଗଙ୍ଗାରୁ ଗୋଦାବରୀ ଯାଏଁ ଜୟ କରିଥିଲେ । ବାସ୍, ଇତିହାସର ଠିପି ବନ୍ଦ । ଓଡ଼ିଆ ପରିଚୟର ଅଧୋପତନ ଆରମ୍ଭ । ତଳକୁ ଗଡୁଥିବା ପ୍ରତ୍ୟୟହୀନ ଶିଳା ପରି ଟିକେ ଅଟକି ଗଲା ୧୯ଶ ଶତାବ୍ଦୀ ଶେଷ ଭାଗରେ । ୧୯୩୬ରେ ନୂଆ ରାଜ୍ୟଟିଏ ହେଲା ଏବଂ ତା'ପରେ କୁକୁର ଲାଙ୍ଗୁଡ଼ ପୁଣି ବଙ୍କା !

ଏବେ ଗୋଟିଏ ପର କିଳା ଆସି ପହଞ୍ଚିଛି ଆମ ପାଖରେ । ଯଦି ଆନ୍ଧ୍ର

Digitized by srujanika@gmail.com

ବିଭାଜନ ହୁଏ ସେଥିଯୋଗୁ ଯେଉଁ ନୂଆ ସୀମାନ୍ଧ୍ର ରାଜ୍ୟ ତିଆରି ହେବ, ସେଥିରେ ଭାରତୀୟ ରେଳର କୌଣସି ଜୋନ୍ ନାହିଁ। ତେଣୁ ପୂର୍ବତଟ ରେଳପଥର ସଦର କାର୍ଯ୍ୟାଳୟ ଭୁବନେଶ୍ୱରରୁ ବିଶାଖାପାଟଣାକୁ ନିଆଯାଉ ବୋଲି କେନ୍ଦ୍ରର ଜଣେ କଂଗ୍ରେସ ମନ୍ତ୍ରୀ ତଥା ଆନ୍ଧ୍ର ପ୍ରଦେଶର ସାଂସଦ ଭି. କିଶୋର ଚନ୍ଦ୍ର ଦେଓ ଆଣ୍ଟୋନି କମିଟି ନିକଟରେ ଏ ପ୍ରସ୍ତାବ ରଖିଛନ୍ତି।

ଦେଓଙ୍କର ଏ ପ୍ରସ୍ତାବକୁ ନେଇ ଓଡ଼ିଶାରେ କିଛି ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଜେଡି ବିରୋଧ କରିଛି। ରାଜ୍ୟ କଂଗ୍ରେସ ଚୁପ୍। ବିଚରା ! ମାତ୍ର ସୁଖର କଥା ପୂର୍ବ ରେଳ ମନ୍ତ୍ରୀ ଓ କଂଗ୍ରେସ ନେତା କାହ୍ନୁଚରଣ ଲେଙ୍କା ଏହାର ବିରୋଧ କରିଛନ୍ତି। ତାହା ପୁଣି କେଉଁ ଭାଷାରେ ? ଦେଓ ଆଗେ ଦକ୍ଷିଣ-ପୂର୍ବ ରେଳବାଇ ହେଡ଼କ୍ୱାର୍ଟର୍ସକୁ କଲିକତାରୁ ଓଡ଼ିଶା ଆଣନ୍ତୁ! ତା'ପରେ ପୂର୍ବତଟ ରେଳବାଇ ସଦର କାର୍ଯ୍ୟାଳୟ ବିଶାଖାପାଟଣା ନେବେ। ତାଙ୍କର ଏ ନିବେଦନରେ ରହିଛି ଟିକିଏ ଛଳ ଏବଂ ଅଧିକ ବଶମ୍ୱଦତା। କାହିଁକି ?

ଦକ୍ଷିଣ-ପୂର୍ବ ରେଳବାଇର ଅପରେସନ ଏରିଆ ବେଶି ଓଡ଼ିଶାରେ, ବିଭାଗ ୮୦% ରାଜସ୍ୱ ପାଏ ଏଠୁ, ମାତ୍ର ହେଡ଼କ୍ୱାର୍ଟର୍ସ କାହିଁକି ଗାର୍ଡେନ୍‌ରିଚ୍ (କୋଲକତା)ରେ ରହିବ ? ଏହା ଥିଲା ଓଡ଼ିଆଙ୍କର ଏକ ପ୍ରାଚୀନ ଦାବି। ମନେ ଅଛି, ୧୯୭୬-୭୭ ବେଳକୁ ରାଉରକେଲାଠାରେ ତିନୋଟି ବଡ଼ ଦାବି ରାଜନୀତିକ ଆନ୍ଦୋଳନର ରୂପ ନେଇଥିଲା। ୧. ଓଡ଼ିଶାରେ ଦ୍ୱିତୀୟ ଇସ୍ପାତ କାରଖାନା ପ୍ରତିଷ୍ଠା, ୨. ଦକ୍ଷିଣ-ପୂର୍ବ ରେଳବାଇର ହେଡ଼କ୍ୱାର୍ଟର୍ସ ଓଡ଼ିଶାକୁ ଆଣିବା, ଏବଂ ୩. ତାଳଚେର-ବିମଳାଗଡ଼ ରେଳପଥ ନିର୍ମାଣ। ଦ୍ୱିତୀୟ ଦାବି କଥା ଯେତେବେଳେ ଉଠେ, ପଶ୍ଚିମବଙ୍ଗରେ ଯେଉଁ ରଙ୍ଗର ରାଜନୀତି ଚାଲୁଥାଉ ପଛେ - ଲେଫ୍ଟ-ଫ୍ରଣ୍ଟଠୁଁ କଂଗ୍ରେସ (ମମତା ବାନାର୍ଜୀ) ସବୁ ନେତା ସମସ୍ୱରରେ କହୁଥିଲେ: ଆଗୁନ୍ ଲେଗେଯାବେ (ନିଆଁ ଲଗେଇଦେବୁ)। ରାଜ୍ୟର ସ୍ୱାର୍ଥ ପାଇଁ ଓଡ଼ିଆ ନେତାଙ୍କର କୌଣସି ସହମତି ସଂପନ୍ନ ଆଚରଣ କେହି କେବେ ଦେଖିବାକୁ ପାଇ ନ ଥିବେ।

ଓଡ଼ିଶାକୁ ରେଳବାଇ ପକ୍ଷରୁ ସବୁଠୁଁ ଅଧିକ ଅବହେଳା କରାଯାଏ। ସେପରି ପାତରଅନ୍ତର ଏବେ ବି ଜାରି ରହିଛି।

କାହ୍ନୁ ବାବୁଙ୍କ ତୁଣ୍ଡରୁ ଏପରି ମତ ଶୁଣି କଷ୍ଟ ଲାଗେ। କାରଣ ରାଜ୍ୟରେ ରେଳବାଇ ବିକାଶ ପାଇଁ ସେ ଥିଲେ ଚାମ୍ପିଅନ୍ ନେତା ଏବଂ ଯେତେ ଧକେଇ ଧକେଇ ହେଉ ପଛେ, ଭୁବନେଶ୍ୱରରେ ଇଷ୍ଟ-କୋଷ୍ଟ ରେଲ୍ ଜୋନ୍ (ଦକ୍ଷିଣ-ପୂର୍ବ ରେଳବାଇର ତିନି ଭାଗରୁ ଭାଗେ) ପ୍ରତିଷ୍ଠା ପାଇଁ ସେ ଥିଲେ ପୁରୋଧା। ଏ ବାବଦରେ କେନ୍ଦ୍ର ସରକାରର ଅସହଯୋଗ ଏବଂ ଆମ ନେତାମାନଙ୍କ ରାଜ୍ୟର ସ୍ୱାର୍ଥ ପାଇଁ ଏକମନ ନ ହେବା ପରି ଅସଭ୍ୟ ଦୁର୍ବଳତା - ଆଶା କରୁଛୁ, ଅନେକଙ୍କର ମନେ ଥିବ।

ଆରମ୍ଭରୁ ଏପ୍ରିଲ ୧, ୨୦୦୩ (ଭୁବନେଶ୍ୱରରେ ଇଷ୍ଟ-କୋଷ୍ଟ ରେଲ୍‌ୱେର ହେଡ଼କ୍ୱାର୍ଟର୍ସ ପ୍ରତିଷ୍ଠା) ପର୍ଯ୍ୟନ୍ତ ଓଡ଼ିଶାରେ ତ କୌଣସି ରେଲ୍ ଜୋନ୍ ନ ଥିଲା। ଏବେ ସୀମାନ୍ଧ୍ରରେ ନାହିଁ ତ କି ଭାସି ଗଲା ? ତାହା ଓଡ଼ିଶାରୁ ଉଠି ସେଠାକୁ ଯିବ କାହିଁକି ?

(୧୩.୯.୧୩.)

Digitized by srujanika@gmail.com

ଆସ୍ଥା ଅନାସ୍ଥାର ଦୋଳି

'ଆହେ ନୀଳ ଶଇଳ ପ୍ରବଳ ମତ୍ତ ବାରଣ
ମୋ ଆରତ ନଳିନୀ ବନକୁ କର ଦଳନ ।'

(ସାଲବେଗ ଜଣାଣ)

ମଙ୍ଗଳବାର ଯାଜପୁର, ସୁଜନପୁରରୁ ଶ୍ରୀ ବସନ୍ତ କୁମାର ଦାସ ଫୋନ୍ କଲେ ଅନ୍ୟ ଏକ ଅଭିଯୋଗ କହିବାକୁ ।

ଏବେ ଓଡ଼ିଆଲୋକ ଯିଏ ଯେଉଁଠି କଥା ହେଲେ ବି ପ୍ରସଙ୍ଗକୁ ଆସୁଛି ଦୁଇଟି ନାଁ - ୩୨୦ କିଲୋମିଟର୍ ବେଗରେ ଓଡ଼ିଶା ଗ୍ରାସିବାକୁ ପ୍ରସ୍ତୁତ ବାତ୍ୟା ଫାଇଲିନ୍ ଏବଂ ଚିଠି ଲେଖିବା ଛଡ଼ା ଅଧିକ କିଛି 'ବିପ୍ଲବ' କରି ନ ଥିବା ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଗୋଟିଏ ବିପଦ ତ ଆରଟି ସଂପଦ ପାଇଁ ।

ନବୀନ କାହିଁକି ଓଡ଼ିଆ କହୁନାହାଁନ୍ତି - ଏକଥା ଲୋକେ ଭୁଲି ଯାଇଛନ୍ତି । ସେମିତି ମନେ ପକାଇବାକୁ ଚାହାଁନ୍ତିନି - ରାଜ୍ୟ କଂଗ୍ରେସ ଅଧ୍ୟକ୍ଷ ଜୟଦେବ ଜେନା ଓଡ଼ିଶାକୁ ବାତ୍ୟା ସହାୟତା ପାଇଁ ସୋନିଆ ଗାନ୍ଧିଙ୍କୁ କି ଚିଠି ଲେଖିଥିଲେ । ଯଦି ବାଇଚାନ୍ସ ଆଜି ନିର୍ବାଚନ ହୁଅନ୍ତା ଏବଂ ବିଜୁ ଜନତା ଦଳ ଯଦି ଇଚ୍ଛା କରନ୍ତା ତାହା ଏକା ୧୪୭ ସିଟ୍ ହାସଲ କରିପାରିବ ! ଏହିପରି ଉବୁକିଲା ପରି ଲାଗୁଛି ନବୀନଙ୍କ ପପୁଲାରିଟି !

ଏବେ ଚାରୋଟି ଜିଲ୍ଲା ବନ୍ୟାରେ ଉବୁଟୁବୁ ହେଉଛି । ଶ୍ରୀ ଦାସଙ୍କୁ ଗାଁର ରିଲିଫ୍ ପରିଚାଳନା କଥା ପଚାରିଲୁ । 'ଘୋର ବନେ ମୃଗୁଣୀକୁ' ଜଗନ୍ନାଥ ରକ୍ଷା କରିଥିଲେ ପରି ଏକ ପ୍ରତ୍ୟୟ ସହ ସେ କହିଲେ - ବିଶ୍ୱାସ କରନ୍ତୁ ଆଜ୍ଞା, ଆଗେ ଯେମିତି ହେଉଥିଲା ଏବେ ହେଉନି । ନେତା, ଟାଉଟର, କଳାବଜାରୀ ଏପରିକି ସରକାରୀ ବାବୁ ବି ଆଉ ରିଲିଫ୍ ଚୋରି କରି ପାରୁନାହାଁନ୍ତି । ପାଦେ ପାଦେ ପୁଲିସ ଓ ଗୁଣ୍ଡା ଜଗିଛନ୍ତି ।

'ମାନେ ପୁଲିସ ବି ଚୋରି କରୁନି ?'

'ବିଶ୍ୱାସ କରନ୍ତୁ ଆଜ୍ଞା ।'

'ଆପଣ କୌଣସି ଦଳର କି ?'

Digitized by srujanika@gmail.com

'ମୋଟେ ନୁହେଁ। କୃଷି ବିଭାଗରୁ ରିସର୍ଚ୍ଚ ଡିପାର୍ଟମେଣ୍ଟ ଉଠିଗଲା। ରିଟ୍ରେଞ୍ଚ୍ ହେଲି। ଏବେ ଗାଁରେ ଚାଷବାସ କରେ। ଗପ କବିତା ଲେଖେ। ଭଲରେ ଚଳୁଛି ତ ରାଜନୀତି କରିବି କାହିଁକି?'

'ଆପଣଙ୍କ ନାଁ ଉଲ୍ଲେଖ କଲେ ଚଳିବ?'

'ଲେଖନ୍ତୁ। ଭଲର ପ୍ରଶଂସା କି ଖରାପର ନିନ୍ଦା କରିବାକୁ କ'ଣ ଜଣେ 'ରାଜନୀତିକ' ହେବା ଦରକାର? ଗତ ଅକ୍ଟୋବର ୨ ତାରିଖ ଦିନ ପତ୍ରାଜପୁରସ୍ଥିତ 'ହୋଟେଲ ତୋଷାଳି ପୁଷ୍ପଗିରି'ରେ ଆୟୋଜିତ ବାଲିଚନ୍ଦ୍ରପୁର 'ନବ ପ୍ରତିଭା ସାହିତ୍ୟ ସଂଗଠନ'ର ୧୧ଶ ବାର୍ଷିକ ଉତ୍ସବରେ ଆମର ସାକ୍ଷାତ ହୋଇଥିବା ସେ ମନେ ପକାଇଦେଲେ।

ପ୍ରକୃତିର କୋପ ଓ କରୁଣା ମିଶେଇ 'ଫାଇଲିନ୍' ଯାଇଛି। ଏବେ ବନ୍ୟାର ତାଣ୍ଡବ ଚାଲିଛି। ସାତଟି ଜିଲ୍ଲାରେ ଦୁର୍ଗା ମାତାଙ୍କ ତୋରଣ ଉଡ଼ିଯାଇଛି ନହେଲେ ବୁଡ଼ିଯାଇଛି। କେଉଁଠି ମେଢ଼ ଚିତ୍‌ପଟାଙ୍ଗ୍। ଜାଗା ଜାଗାରେ ମା' ନିଜେ ବି।

୧୯୯୯ ମହାବାତ୍ୟାର କ୍ଷୟକ୍ଷତି ତୁଳନାରେ ୨୦୧୩ 'ଫାଇଲିନ୍' କିଛି ନୁହେଁ।

ଆଜି ପରି ସେତେବେଳେ ମିଡିଆର ଏତେ ପ୍ରଚାର-ସୀମା ନ ଥିଲା। ଏକା ଗୋଟିଏ ଚ୍ୟାନେଲ୍ 'ଟାଇମ୍ସ ନାଓ' ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶରୁ ବାତ୍ୟା ଖବର ସଂଗ୍ରହ କରିବାକୁ ପଚିଶଟି ପୂର୍ଣ୍ଣ ସରଞ୍ଜାମ ସହିତ ଟିମ୍ ପଠେଇଥିଲା। ରିପୋର୍ଟରମାନେ ବାତ୍ୟାରେ ହଲୁଥିଲେ ବି ଚାନ୍ଦିପୁରରୁ ଗୋପାଳପୁର ଯାଏଁ ଲୋକଙ୍କ ପାଖରୁ ଖବର ପଠାଉଥା'ନ୍ତି ଏବଂ ତାହା 'ଲାଇଭ୍' ଟେଲିକାଷ୍ଟ ହେଉଥାଏ। ବାତ୍ୟାର ଦୁଇ ତିନି ଦିନ ଆଗରୁ ଉଦ୍ଧାରକାରୀ ଦଳ 'ଏଡ୍‌ରାଫ୍' (ରାଜ୍ୟ) ଓ କେନ୍ଦ୍ରର 'ଏନ୍‌ଡ୍ରାଫ୍' ଗାଁଗଣ୍ଡାରେ ପହଞ୍ଚିଥିବା ଖବର ଆମେ ପାଇଥିଲୁ। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)କୁ ଯେତେ ପ୍ରଶଂସା କଲେ ବି ତାହା କମ୍ ହେବ। ଶେଷରେ ସେମାନଙ୍କ ଆକଳନ ହିଁ ଠିକ୍ ସାବ୍ୟସ୍ତ ହେଲା। ଯଥେଷ୍ଟ ପୂର୍ବ ସୂଚନା ଥିବାରୁ କେନ୍ଦ୍ର ଓ ରାଜ୍ୟ ଉଭୟ ସରକାର ଜାଗତିଆର ରହିଥିଲେ। ୨୦୧୪ ନିର୍ବାଚନ, ଆନ୍ଧ୍ର-ତେଲେଙ୍ଗାନା ତାମସା ବା ଏପରି ବହୁ ରାଜନୈତିକ କାରଣରୁ ସତର୍କତା ଓ ପ୍ରସ୍ତୁତି ଉଦ୍ୟମରେ 'ରାଜନୀତି' ପଶି ପାରିଲାନି।

୧୯୯୯ ମହାବାତ୍ୟାର ଛନକା ଲୋକଙ୍କ ସ୍ମୃତିରେ ଥାଏ। ସତର୍କତା ବି। 'ରାମ୍ଭୋ' ଜିନ୍ଦାବଦ୍ ପରି ଓଡ଼ିଶାରେ ପ୍ରାୟ ୯ ଲକ୍ଷ ଓ ଆନ୍ଧ୍ରରେ ୨ ଲକ୍ଷ ଲୋକଙ୍କୁ ଉଦ୍ଧାର କରାଯାଇ ପାରିଲା। ୧୯୯୯ରେ ମୃତକଙ୍କ ସଂଖ୍ୟା ଥିଲା ବାର ହଜାରରୁ ଅଧିକ ଏବଂ ଏଥର ୨୨ ବା ୨୩।

'ସରକାର ବିରୁଦ୍ଧରେ ଅନାସ୍ଥାରେ ବଞ୍ଚୁଥିବା ଏବଂ ବଢୁଥିବା ଭାରତୀୟଙ୍କ ପାଇଁ 'ଫାଇଲିନ୍' କିଛି ଆଶା ସଞ୍ଚାର କରେ।' (ବିବିସି ଖବର, ୧୩ ଅକ୍ଟୋବର) ହେଡ୍‌ଲାଇନ୍ ଥିଲା : Rare praise as India cyclone catastrophe averted. ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଓ ସରକାରୀ ପାରଦର୍ଶିତାକୁ ଯଥେଷ୍ଟ ତାରିଫ୍ କରାଯାଇଛି।

ଆଜି ସଫଳତାର ଗୌରବ କହିବାକୁ ଯେଉଁ ତୁଙ୍ଗ ଅଫିସରମାନଙ୍କ ନାଁ ପଦାକୁ ଆସୁଛି ସେଥିରୁ କେତେ ଜଣ ୧୯୯୯ରେ ପ୍ରତ୍ୟକ୍ଷ ଦାୟିତ୍ୱରେ ଥିଲେ। ଯେମିତି ମୁଖ୍ୟ ଶାସନ ସଚିବ ସେତେବେଳେ ଥିଲେ ରାଜସ୍ୱ ସଚିବ। କଥାରେ ଅଛି - ରାଜା ଦୃଢ଼ ହେଲେ ସେବକ ଦମ୍ଭ।

(୧୭.୧୦.୧୩.)

Digitized by srujanika@gmail.com

ଈଶ୍ୱରଙ୍କ ମାର୍ଫତଦାରମାନେ

ଆଶାରାମ ବାପୁଙ୍କ ଗିରଫ ପରେ

ଗୁରୁ ପାଞ୍ଚ। ମାତା, ପିତା, ଶିକ୍ଷା-ଦାତା, ଦୀକ୍ଷା-ଦାତା ଏବଂ ଜ୍ଞାନ-ଦାତା। ସବୁ ଚଉପଟ୍ କଲା ପରି ଏ ଗୁରୁ ନିର୍ଦ୍ଧାରଣ ମାମଲାରେ ଆଉ ପ୍ରକାରେ ପୁରାଣ-ଜ୍ଞାନ ବି ମହଜୁଦ୍। ତାହା ହେଲା - 'ମନ ତୋହର ନିଜ ଗୁରୁ'। ସବୁ ଗୁରୁଙ୍କୁ ଚିତା କାଟି ଇଏ ଆଗକୁ ପଳାଏ। ବହି ଦେଖି ଠିକ୍ ଭୁଲ ଠଉରେଇବା ଆଗରୁ ମନ ଆଗତୁରା କହେଇ ଦିଏ - ଯଦି ମିଳୁଚି ହାପୁଡ଼ି ଦେ' ବେ। କାଲି ବ୍ରତ କଲେ ଚଳିବ।

ଯୁଗର ଭିନ୍ନତାରେ ଗୁରୁ ଓ ଚେଲାଙ୍କ ସ୍ୱରୂପ ମଧ ଭିନ୍ନ ହୁଏ। ନମୁନା: ସତ୍ୟଯୁଗ - ଗୁରୁ ଥିଲେ ଧୌମ୍ୟ ଓ ଚେଲା ଆରୁଣି, ଉପମନ୍ୟୁ। ତ୍ରେତୟା - ଗୁରୁ ବଶିଷ୍ଠ, ବିଶ୍ୱାମିତ୍ର ଓ ଚେଲା - ରାମ, ରାବଣ। ଦ୍ୱାପର - ଗୁରୁ ଥିଲେ ବ୍ୟାସ, ପର୍ଶୁରାମ, ଦ୍ରୋଣାଚାର୍ଯ୍ୟ ଓ ଚେଲା - କର୍ଣ୍ଣ, ଅର୍ଜୁନ, ଏକଲବ୍ୟ। କଳିଯୁଗ - ଗୁରୁମାନେ ହେଲେ ତାନ୍ତ୍ରିକ ଗୁରୁ ଚନ୍ଦ୍ରସ୍ୱାମୀ, ସେକ୍ସ ଗୁରୁ ନିତ୍ୟାନନ୍ଦ ଏବଂ ସଦ୍ୟ ଅଭିଯୁକ୍ତ ଆସାରାମମାନେ ଏବଂ ଚେଲା - ଆମେସବୁ!

ପ୍ରତି ଯୁଗରେ ଗୁରୁ-ଶିଷ୍ୟ ସମ୍ବନ୍ଧର କେତେ ଚିତ୍ର ବା ବୟାନ ରହିଛି। କଳିଯୁଗର ବୈଶିଷ୍ଟ୍ୟ ହେଲା - ଗୁରୁଙ୍କୁ ଡାଇବେଟିସ୍ ହେଲେ ଚେଲା ଚିନି ଖାଇବା ଛାଡ଼ି ଦିଅନ୍ତି।

ବିଶ୍ୱାସ, ଆମ ଭିତରେ ବହୁ ଲୋକ ଥରେ ବି ଥାନା କଚେରି ଦେଖି ନ ଥିବେ। ପୂର୍ଣ୍ଣ ଆୟୁ ଶେଷ କରି ସ୍ୱର୍ଗବାସ କରିଥିବେ। ସେମିତି, ବହୁ ଲୋକ ବି ଅଛନ୍ତି ଯେଉଁମାନଙ୍କର ଗୁରୁ ଫୁରୁ କିଛି ଦରକାର ହୋଇନି। ସେମାନେ ଯେ କମ୍ ଧାର୍ମିକ ଓ ସଂକୀର୍ତ୍ତନିଆ ଭକ୍ତ ଅଧିକ ଧାର୍ମିକ - ଏ କଥା କେହି ବିଶ୍ୱାସ କରନ୍ତିନି। ଚୋର ଲମ୍ପଟଙ୍କଠାରୁ ଏମନ୍ତ ଗୁରୁ - ଯେତେ ଲୋକଙ୍କ କଥା ପ୍ରଚାର ହୁଏ ସେମାନେ ସଂଖ୍ୟାରେ ମାଇନରିଟି।

Digitized by srujanika@gmail.com

ବ୍ୟତିକ୍ରମ ବୋଲି ପ୍ରଚାରିତ ହୁଅନ୍ତି ଅଧିକ ।

ଗୁରୁ ଶିଷ୍ୟଙ୍କୁ ଡରିବାର ବହୁ କାରଣ ବି ରହିଛି । ଶିଷ୍ୟର ମନ ଯଦି କହିବ - ମୁଁ ଜାଣିବିନି, ବିଷ୍ଣୁଶର୍ମା ନା ତାଙ୍କ ବୋପା ଆସିଲେ ରାଜପୁତ୍ରମାନଙ୍କୁ କେମିତି ବିଦ୍ୟା ଶିଖେଇ ଥା'ନ୍ତେ ! ତରତର ହୋଇ ପିଙ୍ଗଳା ବେଶ୍ୟାକୁ ପୁଣି ଅବଧୂତ ଗୁରୁ କରିଥିଲେ ଟି ? ଆଜି ହୋଇଥିଲେ କି ସ୍କାଣ୍ଡାଲ୍ ହୋଇ ନ ଥା'ନ୍ତା ?

ଜ୍ଞାନ-ଗୁରୁଙ୍କ ପୋଜିସନ୍ ସବୁବେଳ ଉପରେ । ସେମାନେ କେତେ ପ୍ରକାର ସ୍ତୁତି ଶୁଣନ୍ତି । ମାତ୍ର ଯୁଗ ବଦଳିଛି ଏବଂ ଏକାସାଙ୍ଗରେ ବିଶ୍ୱାସ ବି । ଆଗ ତିନି ଯୁଗର ଗୁରୁ ନିଜ କୌପୁନୀ ଜଗୁ ନ ଥିଲେ, ମାତ୍ର ଏବେ ଗୁରୁଙ୍କୁ ସେ କାମ ଅନବରତ କରିବାକୁ ପଡୁଛି । ଅକସ୍ମାତ୍ ଚେଲା ଦ୍ୱାରା ଗୁରୁଙ୍କ କୌପୁନୀ ହରଣ ଯଦି ହେଲା - ବୋଲ ପରିଣତି ମାରାତ୍ମକ । ଦେଖିଲାବେଳକୁ, ଗୁରୁ ଠିଆ ହୋଇଥା'ନ୍ତି ଅଦ୍ଭୁତ ଲଙ୍ଗଳା ହୋଇ, ରାଜରାସ୍ତାରେ । ଟିଭିରେ ଦେଖା ଯାଉଥା'ନ୍ତି ନିଆରା ନିଆରା । ମନେପକାନ୍ତୁ - ପବିତ୍ର ଗୁରୁ ସ୍ୱାମୀ ନିତ୍ୟାନନ୍ଦଙ୍କ ସେକ୍ସ-ଟେପ୍ । ତାହା ତାଙ୍କୁ ଇନ୍ଦ୍ର ଆସନରୁ ଟାଣି ଆଣି ଇନ୍ଦୁର ଗାତରେ ପୂରେଇ ଦେଲା । ଗୁରୁଙ୍କ ଦସ୍ତୁର ଜାଣିଥିବା ଚେଲା ଦେଲା ଫିଟ୍ କରି ଗୁପ୍ତ କ୍ୟାମେରା ଯେ କାଲିର 'ସ୍ୱାମୀ ନିତ୍ୟାନନ୍ଦ' 'ଅପରାଧୀ ନିତ୍ୟାନନ୍ଦ'ରେ ପରିଣତ ହୋଇ ଫେରାର୍ ହୋଇଗଲେ ।

ଆଜି ଗୁରୁମାନେ ହୁସିଆର । କୌପୁନୀ ଜଗିବାକୁ ତର୍କି ବସୁଥିବାରୁ ଜ୍ଞାନ ବିତରଣ ପାଇଁ ଅଧିକ ସମୟ ଯୋଗାଡ଼ କରିପାରୁ ନାହାଁନ୍ତି । ଘଣ୍ଟେଅଧେ ପ୍ରବଚନ, କିଛି ଭାଷଣ ଓ କିଛି ଭାଣ୍ଡାମିର କକ୍‌ଟେଲ୍‌ରେ 'ଗୁରୁ' ପଦ ଲୋପ ହୋଇଛି ଏବଂ ସେ ଶୂନ୍ୟସ୍ଥାନ ପୂରଣ କରିଛନ୍ତି ବାବା ଓ ମାତାମାନେ । ସମସ୍ତେ ଜାଣନ୍ତି ଯେ ଜୀବଜନ୍ତୁଙ୍କ ଭିତରେ କେବଳ ମଣିଷର 'ଗୁରୁ' ଦରକାର । ଅମଣିଷଙ୍କର ବାବାଫାବା ହେଲେ କାମ ଚଳିଯାଏ । ତେଣୁ କଳିଯୁଗ ସ୍ୱଗତିରେ ଚାଲିଛି ।

କୁକୁର ଓ ସ୍ୱାମୀ

ଏକ ଲେଡିଜ୍ କ୍ଲବ ମେମ୍ବରମାନଙ୍କ ପାଇଁ ଫନ୍-କୋସ୍‌ଚିନ : ନୂଆ ବାହା ହୋଇଥିବା ସ୍ୱାମୀ ଓ ନୂଆ ଆଣିଥିବା କୁକୁର ଭିତରେ ଫରକ କ'ଣ ?

ଉତ୍ତର ଲେଖି ଗୁପ୍ତରେ ବାକ୍ସରେ ପକାଅ । ପୁରସ୍କାର ପାଇଥିବା ଉତ୍ତରଗୁଡ଼ିକ ଥିଲା:

୧. ସ୍ୱାମୀ ପାଇବାକୁ ଖର୍ଚ୍ଚ ନାହିଁ । ଅଥଚ କୁକୁର କିଣିବାକୁ ପଡ଼େ ।

୨. ତୁମେ ଜଣ (ସ୍ୱାମୀ)କୁ ଡରାଇବାକୁ ପାଇଲ । ଆରଟି (କୁକୁର)କୁ ରଖିଲ ପବ୍ଲିକ୍‌ଙ୍କୁ ଡରେଇବା ପାଇଁ ।

୩. ସ୍ୱାମୀ ତୁମ ସେବା କରିବ ଏବଂ ତୁମେ କୁକୁରର ସେବା କରିବ ।

୪. ବର୍ଷକ ପରେ ଜାଣିବ ଯେ ତୁମ ସରାଗ ସ୍ୱାମୀଙ୍କଠୁଁ ହଟି କୁକୁର ପାଇଁ ବଢ଼ି ଯାଇଛି ଏବଂ ସ୍ୱାମୀଙ୍କ ଲୋଭ ତୁମଠୁଁ ହଟି ଆଉ କୁଆଡ଼େ ପଳେଇଚି ।

(୪.୯.୧୩.)

Digitized by srujanika@gmail.com

ଓ ଡ଼ି ଆ 'ବୁ ଦ୍ଧି ଜୀ ବୀ'

'ଜୀଇଁବା ପାଇଁ ପିଇବା ପୀୟୁଷ, ପରିପାକେ ଯେବେ ହେବ ସେ ବିଷ,
କୁନ୍ଦନ ଯେବେ ପାଲଟିବ ରଙ୍ଗ, କଟିସୂତ୍ର ଯେବେ ହେବ ଭୁଜଙ୍ଗ ॥
କାହାକୁ ଅଡ଼ିବା, କପାଳରେ ସିନା କର ତାଡ଼ିବା ॥'
(କବିସୂର୍ଯ୍ୟ ବଳଦେବ ରଥ)

୧୫୬୮ରେ ଶେଷ ସ୍ୱାଧୀନ ଓଡ଼ିଆ ରାଜା ମୁକୁନ୍ଦ ଦେବଙ୍କ ପତନ ପରେ, ଇତିହାସ ଯାହା କହେ - ଜାତିର ସାମାଜିକ ପରିଚୟ ବେଶି ବିପର୍ଯ୍ୟସ୍ତ ଏବଂ କମ୍ ସମୃଦ୍ଧ ହୋଇଥିବ ।

ଓଡ଼ିଶାରେ କୌଣସି ବିଭବର ନେତୃତ୍ୱ ନାହିଁ । ରାଜନୀତି କଥା ନକହିଲେ ଆଉରି ଭଲ । ସ୍ୱାଧୀନୋତ୍ତର ଭାରତରେ ଓଡ଼ିଶା ଯଦି ପରିଚୟହୀନତାର ଗହ୍ୱର ଭିତରକୁ ପଶିଥାଏ ସେଥିପାଇଁ କେବଳ ରାଜନୀତିକୁ ଦୋଷ ଦିଆଯାଇ ପାରିବ ନାହିଁ । କାରଣ, ନେତୃତ୍ୱର ଅର୍ଥ କେବଳ ରାଜନୈତିକ ନେତୃତ୍ୱ ବୋଲି ଆମେ ମନେ କରିବା ଉଚିତ ନୁହେଁ । ଯେଉଁ ସମାଜରେ ରାଜନୀତି ପ୍ରମୁଖ ପରି ଦେଖାଯାଏ, ଧରି ନେବାକୁ ହେବ ଯେ ସେଠି ଅନ୍ୟ ସବୁ ସ୍ତରରେ ମୁରବି ମର୍ଯ୍ୟାଦା ଭୁଶୁଡ଼ି ଯାଇଛି । ସମାଜର ସମସ୍ତ ବିଭବରେ ସ୍ତରସ୍ତର ହୋଇ ନେତୃତ୍ୱ ରହିବା କଥା । ଦୁର୍ଭାଗ୍ୟ, ଓଡ଼ିଶାରେ ତାହା ନାହିଁ । ସବୁ ଯେମିତି ରାଜନୀତିର ବ୍ଲାକ୍‌ହୋଲ୍‌ରେ ଲୀନ ହୋଇଯାଇଛି । ଏହି ବିଫଳତା ସୂଚେଇବାକୁ ଆମେ ଏଠି ଦୁଇଟି ଘଟଣାର ଅବତାରଣା କରିବୁ ।

ଖାରବେଳ - ବନାମ - ଭାରତ ଇତିହାସ । ପାଇକ ବିଦ୍ରୋହ - ବନାମ - ଭାରତର 'ପ୍ରଥମ ସ୍ୱାଧୀନତା ସଂଗ୍ରାମ' । ପ୍ରମାଣସିଦ୍ଧ ଐତିହାସିକ ମତରେ ମୌର୍ଯ୍ୟ ସାମ୍ରାଜ୍ୟ ପତନ (ଖ୍ରୀଷ୍ଟପୂର୍ବ ୧ମ ଶତାବ୍ଦୀ) ପରେ କଳିଙ୍ଗର ଉତ୍‌ଥାନ

Digitized by srujanika@gmail.com

ହୁଏ ମହାମେଘବାହନ ଐର ଖାରବେଳଙ୍କ ଠାରୁ । ତାଙ୍କ ସାମ୍ରାଜ୍ୟ ବିସ୍ତାରିତ ହୋଇଥିଲା ଉତ୍ତରରେ ମଥୁରା, ଦକ୍ଷିଣରେ ପାଣ୍ଡ୍ୟ ଏବଂ ପଶ୍ଚିମରେ ରଥିକ ଓ ଭୋଜକ (ପରବର୍ତ୍ତୀ କାଳରେ ମହାରାଷ୍ଟ୍ର) ରାଜ୍ୟ ପର୍ଯ୍ୟନ୍ତ । ତା'ମାନେ, ଭାରତ ଇତିହାସରେ ସ୍ପଷ୍ଟ ସ୍ଥାନ ଅଧିକାର କରିଥିବା ଅନେକ ନରପତି ବା ବଂଶର ସାମ୍ରାଜ୍ୟ ଠାରୁ କ୍ଷେତ୍ରଫଳରେ ତାହା ଯଥେଷ୍ଟ ଅଧିକ ଥିଲା । ମାତ୍ର ସେଇ ଖାରବେଳ ଓଡ଼ିଆ ମିଡ଼ିୟମ ମ୍ୟାଟ୍ରିକ ଇତିହାସ ବହିରୁ ବାହାରି ପଦାକୁ ଯାଇପାରି ନାହାଁନ୍ତି । ସାରା ଭାରତ ଜାଣେନି, ଖାରବେଳ କିଏ !

ଏଥିରେ ଆମ ପଣ୍ଡିତମାନଙ୍କ ଭୂମିକା ? ଓଡ଼ିଆ ଭାଷାକୁ ନେଇ ଓଡ଼ିଶା ହେଲା । ଏହା ଐତିହାସିକ ସତ୍ୟ । ଏହି ସମନ୍ୱୟ ପ୍ରକ୍ରିୟାର ଏକ ସୁନ୍ଦର କ୍ରିୟାଶୀଳ ଅତୀତ ସମ୍ବନ୍ଧରେ ମଧ୍ୟ ସନ୍ଦେହ ନାହିଁ । ଅନନ୍ୟତାରେ ଏହି ପ୍ରୌଢ଼ି ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା ପରେ ବି ନିଜର ଭେକ ବଦଳାଇଲା ନାହିଁ । ଭାଷାର ଇତିହାସ ଓ ଭୂମିର ଇତିହାସକୁ ଏକାକାର କରି ପରବର୍ତ୍ତୀ ଓଡ଼ିଆ ମାନସିକତା ବହୁ ମିଛକୁ ଆପଣେଇ ନେଲା ।

ଆମେ ମୁରବିମାନଙ୍କୁ ପ୍ରଶ୍ନ କରିପାରୁ - ମହୋଦୟଗଣ, ଓଡ଼ିଶା ସପକ୍ଷରେ ଯାଉଥିବା ଉଜ୍ଜ୍ୱଳ ଐତିହାସିକ ସତ୍ୟକୁ ଆପଣମାନେ ଭାରତୀୟ ଦରବାରରେ ଉପସ୍ଥାପିତ ଏବଂ ଗୃହୀତ ନ କରାଇଲେ ବା କରି ନ ପାରିଲେ କାହିଁକି ? କିନ୍ତୁ ଓଡ଼ିଆମାନେ ଖୁସି ହୁଅନ୍ତି ଆଉ ଏକ ଘଟଣାରେ । ଚଣ୍ଡାଶୋକ କୁଆଡ଼େ ଏହି ଭୂଇଁର ଦେଢ଼ ଲକ୍ଷ 'ଓଡ଼ିଆ' ଯୋଦ୍ଧା (ଅଶୋକଙ୍କ କାଳରେ ଓଡ଼ିଆ ?)ଙ୍କୁ ମାରି ପାଣି ବଦଳରେ ଦୟା ନଦୀରେ ରକ୍ତର ସୁଅ ବୁହାଇ ଏଇଠି ଧର୍ମାଶୋକରେ ପରିଣତ ହୋଇଗଲେ !

ଯେଉଁ ଜାତି ନିଜର ନଥିବା ସାହସିକତାକୁ ଛଳନା ଦ୍ୱାରା ଲୁଚାଇବା ଉଦ୍ୟମରେ ଏପରି ହାସ୍ୟାସ୍ପଦ ପରିଚୟଟିଏ ନିଜ ପାଇଁ ତିଆରି କରେ ଏବଂ ତାହା ଆଉ ଏକ ତିଆରି ହେଉଥିବା ଜାତୀୟ ଗୌରବବୋଧର ପାଦ ତଳେ ଥୋଇ ସେଠାରୁ ଅଭୟ ଆଶ୍ରା ଖୋଜେ, ଆମେ ଅଲବତ୍ କହିବୁ ଯେ ସେ ଆଗେ ଓଡ଼ିଆ ନା ଆଗେ ଭାରତୀୟ, ଏହି ପ୍ରାଧାନ୍ୟ ବୁଝିବାରେ ଭୁଲ କରିଛି ।

୧୮୭୧ ଜନଗଣନାରେ 'ଓଡ଼ିଆ'ଙ୍କୁ ଅଲଗା ଚିହ୍ନଟ କରାଗଲା । ସେ କାଳ ଏତେ ସହଜ ନ ଥିଲା । ଇଂରେଜ ସରକାରର କିରାଣି ଦାରୋଗା ସବୁ ବଙ୍ଗାଳୀ ଏବଂ ଓଡ଼ିଆ-ବିରୋଧୀ । ଶାସନ ସାହାପକ୍ଷ ନ ହେଲେ ଭାଷା ଓ ତାକୁ ଘେରି ରହିଥିବା ପରିଚୟଗୁଡ଼ିକ କିପରି ହୀନିମାନ ହୁଅନ୍ତି ତହିଁର ସାକ୍ଷୀ ଆମ ଭାଷା ଏବଂ ଭୂଗୋଳ ।

ନବୋଦିତ ଓଡ଼ିଆ ପରିଚୟକୁ କୂଳରେ ଲଗାଇବା ପାଇଁ ଜନ୍ ବିମସ୍ ଥିଲେ ଅନ୍ଧାର ଆକାଶର ଧ୍ରୁବତାରା । କେବଳ ଭାଷା-ଐତିହ୍ୟର ଖିଅ ଧରି ସେ ଭବିଷ୍ୟତ ଓଡ଼ିଶା ନିର୍ମାଣର ମୂଳଦୁଆ ପକାଇଥିଲେ । ବିମସ୍‌ଙ୍କର ଧାରଣା ଥିଲା ଯେ ଓଡ଼ିଆ ଜାତିର 'ଇଣ୍ଟେଲେକ୍‌ଚୁଆଲିଟି ଲେଭଲ୍' କମିଯିବାରୁ ସେମାନେ ପରିଚୟ ହରାଇଛନ୍ତି । ଭାଷା ମରି ନାହିଁ - ଜାତି ହଜି ଯାଉଛି ।

ଆମର କେତେକ ଦୃଢ଼ ବିଶ୍ୱାସରୁ ଗୋଟିଏ । 'ଇଣ୍ଟେଲେକ୍‌ଚୁଆଲ୍'କୁ ଆମେ ହିନ୍ଦୀପ୍ରାୟ 'ବୁଦ୍ଧିଜୀବୀ' ବୋଲି କହୁ । ଏହି 'ବୁଦ୍ଧିଜୀବୀ'-ବ୍ରାଣ୍ଡ୍ ଲୋକଙ୍କ ସଂଖ୍ୟା ଆମର କମ୍ ନୁହେଁ ।

Digitized by srujanika@gmail.com

ଅନ୍ୟମାନଙ୍କ ତୁଳନାରେ ଅଧିକ ଫିଟ୍‌ଫାଟ୍, ସବୁଠିଁ ଆଗ ଧାଡ଼ିରେ ବସନ୍ତି ଏବଂ ଶୋଲ ତିଆରି କେଳିକଦମ୍ବ ପରି ତୋରଣରେ ସୁନ୍ଦର ଦେଖାଯା'ନ୍ତି । ନିମନ୍ତ୍ରଣ ନ ପାଇଲେ ମନ ଊଣା କରନ୍ତି ଓ ପାଇଲେ - ସଭାସମିତି ଯାଆନ୍ତି ନାହିଁ ।

ସେମାନଙ୍କର ଆଉ କେତେକ ସ୍ପେସାଲ୍ ପରିଚୟ ରହିଛି । କିଛି ନ ଜାଣି ନିଜକୁ ଭାବନ୍ତି ପଣ୍ଡିତ । ଆଦୌ ନ ପଢ଼ି ସମୀକ୍ଷକ ଓ କିଛି ନ ବୁଝି ବିଚାରକ । ମୂଳରୁ କିଛି ନ ଦେଖି କୁକୁଡ଼ା ମାପ କହିବାକୁ ଗୋଟେ ହାତ ପଛରେ ଲୁଚେଇ କୋର୍ଟରେ ସାକ୍ଷୀ ଦେବାକୁ ଆଗେ ହାଜର ହୋଇଯା'ନ୍ତି ।

ଏମାନେ ଆମ 'ଇଣ୍ଟେଲେକ୍‌ଚୁଆଲ୍' ! ପବ୍ଲିସିଟି ପାଇଁ ଭୀମ ଭୋଇଙ୍କୁ ପଛକୁ ଠେଲି ଦେବେ । ସେମାନଙ୍କ ଆଶା-ବୈକୁଣ୍ଠ ହେଲା ଖବରକାଗଜ ପୃଷ୍ଠା ମଣ୍ଡନ ପର୍ଯ୍ୟନ୍ତ । ତହୁଁ ଅଧିକ କିଛି କରିପାରନ୍ତି ନାହିଁ ଏବଂ ଏମାନଙ୍କ ଦେଇ ଖଡ଼ା ଶିଝେନି ମଧ୍ୟ ।

(୮.୧୦.୧୩.)

Digitized by srujanika@gmail.com

'ପୀଡ଼ିତ ପତି ସମାଜ'

ପାଦରେ ପାଣି ନ ଲାଗି ସମୁଦ୍ର ଲଙ୍ଘିବା ସମ୍ଭବ, ମାତ୍ର ଅନ୍ତରରେ କୋହ ବା ଆଖିରୁ ଲୁହ ନ ଝରେଇ କେହି ପ୍ରେମ କରି ପାରିବେନି । ପ୍ରେମ ବାହାଘର ସକାଶେ ହୁଏତ ପାହାଚ ହୋଇପାରେ, ମାତ୍ର ଅଜଣା (ନେଗୋସିଏସନ) ବିବାହ ପରେ ଦୁହିଁଙ୍କ ଭିତରେ ଯେ ପ୍ରେମ ହେବ - ଏ ଗ୍ୟାରେଣ୍ଟି ନାହିଁ । 'ପ୍ରେମ' ଏକ ମୁସ୍କିଲ ପରିଚୟ । ଫୁଲ ଦିଶେ - ବାସ୍ନା ନୁହେଁ। ଶୋଭା ଦିଶେ - ସ୍ନେହ ନୁହେଁ। ପ୍ଲାଷ୍ଟିକ୍ ଫୁଲ - ରିସେପ୍‌ସନିଷ୍ଟ୍ ହସ ପରି।

ପ୍ରେମରେ ଯେତେ ଘୂରିଲେ ବି ଜଣେ ଯେ ବିବାହ ପାଖରେ ପହଞ୍ଚିବ, ଯା'ର ଗ୍ୟାରେଣ୍ଟି ନାହିଁ। ଦୁଇଟିଯାକ ନନ୍-ଗ୍ୟାରେଣ୍ଟେଡ୍ ବିସ୍ମୟ ଭିତରେ ଗତି କରି କରି ଶେଷରେ ମଣିଷ ବୁଝୁଥାଏ - ଥାଉ, ଶୋଭାରେ କାମ ଚଳେଇ ଦେବା। ପ୍ରେମ ହେଲେ ହେଲା ନହେଲେ ନାହିଁ, ସଂସାର ତ ଆଗକୁ ଯିବାକୁ ଅଛି। ବେଦବାଣୀ ପରି - ପାଣିରୁ ଫୋଟକା ହୁଏ ନିଜ ଭିତରେ ପୁଳେ ପବନ ଜାବୁଡ଼ି ଧରି । ସେତେବେଳେ ଫୋଟକା ପାଣି ପରି ବା ପାଣି ଫୋଟକା ପରି ଦେଖାଯା'ନ୍ତିନି। କିନ୍ତୁ ଚାଲିଥା'ନ୍ତି ଏକାସାଙ୍ଗରେ। ଯେଉଁଠି ଢେଉ - ସେଇଠୁ ପୁଣି ପାଣି ହୋଇ ଦୁହେଁ ଚାଲିଲେ ଆଗକୁ।

'ନଶା ତୋ ଐଶ ମୁକଦ୍‌ଦର ହୈ ଇନ୍ତଖାବ୍ ନହିଁ । ୟେ ଓ୍ୱ ଆଦା ହୈ କୀ ସବ୍ ଜୀସ୍‌ମେ କାମ୍‌ୟାବ୍ ନହିଁ । ଜୀନ୍‌ହେଁ ପନାହ୍ ମୀଲି ଉଁଗ୍‌ଲିୟୋଁ ସେ ଗୀନ୍‌ଲୋ ଉନ୍‌ହେଁ । ମଗର୍ ଯୋ କତ୍‌ଲ ହୁଏ ଉନ୍‌କା କୁଛ୍ ହିସାବ ନହିଁ ।' ପ୍ରେମରେ ମରିବା ଓ ଝଡ଼ିବାଙ୍କ ସଂଖ୍ୟା ଗଣିବା ଅସମ୍ଭବ। ସୁଇସାଇଡ୍ ନ କଲା ପର୍ଯ୍ୟନ୍ତ ବେବକୁଫ୍‌ଗୁଡ଼ାକ ଜଣାପଡ଼ୁ ନ ଥିବେ! ବା କେତେ ଜଣ ଏମିତି ଲଇଲା-ମଜ୍‌ନୁ କି କେଦାର-ଗୌରୀ ହୁଅନ୍ତି କି ? ପ୍ରେମର ବିସ୍ତାରିତ ଦିଗ୍‌ବଳୟ ଦେଖିବାକୁ ଆମର ଶକ୍ତି ନାହିଁ । ମାତ୍ର ଭାବୁ ଯେ ଆଭରେଜ୍ (ଶୋଭା)ରେ

Digitized by srujanika@gmail.com

ସଂସାର ଚାଲେ - ମୋରାଲ୍ ବା ପ୍ରେମରେ ନୁହେଁ।

ଯୁଗ ଘୋର ବଦଳିଛି। ଫ୍ୟାମିଲି-କୋର୍ଟରେ ପରିବାର ଭାଙ୍ଗିବାକୁ ଫରିଆଦୀଙ୍କ ପଟୁଆର । ଟିଭି କାଗଜରେ ଆହୁରି କେତେ ଭୟାନକ ବିବରଣୀ। 'ପ୍ରେମ' ନାମକ ଶବ୍ଦକୁ ବ୍ୟାଖ୍ୟା କରି ସରକାର ଓ ସୁପ୍ରିମକୋର୍ଟ ଏତେ ଆଇନ କଲେଣି ଯେ ପାତ୍ର ପାତ୍ରୀ ଭାବୁଛନ୍ତି - ମୁଁ ଫାଶୀ ଚଢ଼ିବାକୁ ଯାଉନି ତ! ଆଇନର ଚେକ୍‌ଲିଷ୍ଟ ପୂରଣ କରି ବାହାହେଲା ପରେ ସେ ବିଚରା ମାନୁଆଲ ପଢ଼ି ଶିଖୁଚି - ପ୍ରେମ କେମିତି କରାଯାଏ!

ଆଇନ ଯୋଗୁ 'ବିବାହ' ନାମକ ସାମାଜିକ ଅନୁଷ୍ଠାନଟି ଆଗାମୀ ଯୁଗରେ ଢେର୍ କଷଣ ସହିବ।

ହୁସିଆରି କ'ଣ? ବିବାହ ପରେ ପ୍ରେମ ନ କର ପଛେ, ଯୁଦ୍ଧ କରନା। ଡିଫେକ୍ଟ ଧରାପଡ଼ିଲେ ମରିବ ଜାଣି ସଂସାର କର। କାରଣ ବିବାହ ଏକ ସାମାଜିକ ଗ୍ୟାରେଣ୍ଟି । କୋର୍ଟ କାହାକୁ ମ୍ୟାରେଜ୍-ଗ୍ୟାରେଣ୍ଟି ଦେଇପାରେନା - ଡିଭର୍ସ କରେଇ ପାରେ। ଆମ ମତରେ, ବିବାହ ସମାଜରେ ବଞ୍ଚିବ। ତାହା ଶିଷ୍ଟ ଓ ଭଦ୍ର ହେବ କି ନା, ସବୁ ଆମ ବିଚାର। କୋର୍ଟ ବା ସରକାର କ'ଣ କରିବେ?

ଅନେକ ବର୍ଷ ତଳର କଥା । ରାଉରକେଲାରେ ଏକ 'ପୀଡ଼ିତ ପତି ସମାଜ' ଗଠନ ଜରୁରୀ ହେଲାଣି ବୋଲି ଜଣେ ଓକିଲ ବାବୁ ପ୍ରସ୍ତାବଟିଏ ଦେଲେ। ମତେ ସଭାପତି କରିବେ। ମୁଁ ତାଙ୍କୁ ପଚାରିଲି - ତମେ ଘରୁ ପର୍‌ମିସନ୍ ନେଇଛ ତ? ସେମିତିକା ସଂଗଠନ ବୋଧେ ହୋଇନାହିଁ। କିନ୍ତୁ ପୀଡ଼ିତ ସ୍ୱାମୀ ଓ ପରିଜନମାନଙ୍କ ପାଇଁ ସମସ୍ୟା ଜାରି ରହିଛି ଆଗଠାରୁ ଆହୁରି ଭୟାନକ ରୂପ ନେଇ।

ଆମେ ଏପରି ବହୁ ଘଟଣା ପ୍ରତ୍ୟକ୍ଷ କରିଛୁ। ଗୋଟିଏ ଶୁଣିବା । ସ୍ୱାମୀ ଇଂଜିନିଅର । ମହିଳା ଶିକ୍ଷିତା । ଗୃହିଣୀ । ସ୍ୱାମୀଙ୍କର ମୋଟା ଅଙ୍କ ଦରମା । ଖାଲି ଆଖିରେ ସବୁ ଭଲ ଦେଖାଯାଏ । ସେମାନଙ୍କ ବିବାହ ହୋଇଥିଲା ୧୯୮୭ରେ । ଝିଅଟିଏ ଜନ୍ମ ହୋଇଛି ଆଉ ଦୁଇ ବର୍ଷ ପରେ । ବିବାହର ପ୍ରାୟ ସାତ ବର୍ଷ ପରେ ସ୍ୱାମୀ ଆବିଷ୍କାର କଲେ ଯେ ତାଙ୍କ ଅନୁପସ୍ଥିତିରେ ସ୍ତ୍ରୀ ନିଜ ବିବାହ-ପୂର୍ବ ପ୍ରେମିକ ସହିତ ପରକୀୟାରେ ମଗ୍ନ ରହୁଛନ୍ତି ।

ଗୁମ୍ଫା ଭିତରେ ସ୍ୱାମୀଙ୍କ ଠେକୁଆ-ମନ, ଇତସ୍ତତଃ । ସେତେବେଳକୁ କ୍ରିମିନାଲ୍ ଲ' ଆମେଣ୍ଡମେଣ୍ଟ ଆକୁ ଆସି ସାରିଥାଏ । ଝଗଡ଼ା ଗୁରୁତର ହେଲେ ପ୍ରତି ଥର ସ୍ତ୍ରୀ ମହିଳା ଥାନା କଥା କହି ଧମକାନ୍ତି । ଇଜ୍ଜତ ଓ ଆଇନକୁ ସ୍ୱାମୀ ଡରିଥା'ନ୍ତି। ଦିନେ ଜାଣିଲେ ଯେ ଝିଅଟି ବି ତାଙ୍କର ନୁହେଁ, ମନରୁ ସବୁ ମାୟା ତୁଟି ଗଲା । ତା'ପରେ ସେ କାନାଡାରେ ଚାକିରିଟିଏ ଯୋଗାଡ଼ କରି ସେଠିକି ପଳାଇଲେ। ପ୍ରତି ମାସରେ ଶହେ ଡଲାରର ଚେକ୍ ଖଣ୍ଡିଏ ପତ୍ନୀଙ୍କ ପାଖକୁ ପଠେଇଦିଅନ୍ତି ।

ସେ ଦିନେ ଫୋନରେ କହିଲେ - ଗୋଟେ ଜୀବନ ବାହାଘରରେ ଗଲା, ଆର ଜୀବନକୁ ପ୍ରେମ ଖୋଜିବା। ମା'-ରାଣ ଆଜ୍ଞା, ବାକି ସବୁକଥା ପଇସା ଦେଲେ ମିଳେ। ମୁଁ ଶାନ୍ତିରେ ଅଛି।

(୩୧.୮.୧୩.)

Digitized by srujanika@gmail.com

ବିଚାରୀ ପଦ୍ମଶ୍ରୀ ଏଲିଆନା !

ଦୟାର ଭଣ୍ଡାର ଖୋଲିଲ ଠାକୁର - ଭକତ ଭଗାରି 'ମୋରାଲିଷ୍ଟ୍'
ପ୍ରଭୁଙ୍କୁ ଡରିବା ବିଅର୍ଥ ବେପାର - ଆମ ପ୍ରଭୁ ଫୁଲ୍ ସୋସାଲିଷ୍ଟ୍

ଜଣଙ୍କ ଅନୁଭବ ଆଉଜଣଙ୍କ ପାଖକୁ ଟ୍ରାନ୍ସଫର୍ ହେବ ଏବଂ ତହିଁର ଚରିତ୍ର ଓ ଅର୍ଥ ସମାନ ରହିଥିବ - ଏତେ ପରାକ୍ରମ ସାହିତ୍ୟର ନାହିଁ। ବାଲ୍ମୀକି ଅଭିଶାପ ଦେଲେ - ରେ ବ୍ୟାଧ ! 'ଶାଶ୍ୱତୀ ସମାଃ' - ମାନେ, ଏ ସୃଷ୍ଟି ଥିବାଯାଏଁ 'ତ୍ୱମଗମଃ ପ୍ରତିଷ୍ଠାଂ' - ମାନେ, ତୁ କଦାପି ପ୍ରତିଷ୍ଠା ପାଇପାରିବୁ ନାହିଁ। ସେଦିନ ବ୍ୟାଧ ତାଙ୍କୁ କିଛି ନ ପଚାରି ମଲା ଚଢ଼େଇକି ମୁଣିରେ ପୂରେଇ ଚାଲିଗଲା।

ବାଲ୍ମୀକି ମଧ ଦି' ପଦ ଗପସପ ହୋଇ ନ ଥିଲେ ତା ସାଙ୍ଗରେ କି ତାକୁ ପଚାରି ନ ଥିଲେ - 'ତୁ ଏମିତି କାହିଁକି କଲୁ' ବୋଲି। 'ସୋ'-କଜ୍' ନାହିଁ, ଏକାଥରେ ଅଭିଶାପ। କ୍ଷମତାର ଦୁରୁପଯୋଗ। ଏଥିରେ ମୋଟେ 'ନେଚୁରାଲ ଜଷ୍ଟିସ୍' (ଅକଲ) ନାହିଁ। କାରଣ, ବ୍ୟାଧ ଯାଇଥିଲା ବଣକୁ ଶିକାର କରିବାକୁ। ସେ ତାହା ଲୁଚି ଲୁଚି କରିବ କି ଗୋଡ଼େଇ ଗୋଡ଼େଇ କରିବ, ସେଇଟା ତା' ଇଚ୍ଛା। କ୍ରୌଞ୍ଚ ପକ୍ଷୀ କ୍ରୀଡ଼ା କରୁଥିଲେ କି ଯୁଦ୍ଧ କରୁଥିଲେ - ଏତେ କଥା ଭାବିବା ତା'ର ଦରକାର ନ ଥିଲା। ତା' ରେଞ୍ଜ୍‌କୁ ଯିଏ ଆସିଲା, ତାକୁ ସେ ମାରିଲା। ସେ ଯୁଗ ହୋଲ୍‌ସେଲ୍‌ରେ କହୁଥିଲା - ସବୁ ସହିଯାଅ। ପୁଣି, ମା' ସୀତୟା ଦୟାଳୁ ପ୍ରଭୁ ଶ୍ରୀରାମଙ୍କର ସବୁ ଅତ୍ୟାଚାର ସହିଲେ ତ !

ବଗ ବିଳାପ ସୁମରି ସୁମରି ବାଲ୍ମୀକିଙ୍କ 'ରାମାୟଣ' ରଚନା ସରିଗଲା। ଶ୍ରୀଯୁକ୍ତ ଚନ୍ଦ୍ର ଶେଖର ରଥ କହିଲେ - ରାମାୟଣରେ ସବୁ ଚରିତ୍ର କାନ୍ଦନ୍ତି।

ବ୍ୟାଧ ତା 'ପଏଣ୍ଟ୍' ମୋଟେ ରଖି ପାରିଲାନି। ଯଦି ବାଇଚାନ୍ସ ସେ ପଚାରିଥା'ନ୍ତା : ହଇ ହୋ ବାଆଜୀ, ତମେ ତ ନିଜ ସଂସାର ଛାଡ଼ି ଆସିଛ

Digitized by srujanika@gmail.com

ତପ କରିବାକୁ। ସେ କାମ ନ କରି ଏଠି ବସି ବଗ-ବଗୁଲିଙ୍କ ରୋମାନ୍ସ କ'ଣ ନୁଙ୍ଗୁପୁଙ୍ଗୁ ହୋଇ ଦେଖୁଚ ?

ଆଜି କୋର୍ଟରୁ ହୁକୁମ ଆଣି ସମୟକୁ ସ୍ଥାଣୁ କରିବା ସମ୍ଭବ ଲାଗୁଛି ! ସେଦିନର ବ୍ୟାଧକୁ ଏକଥା ଜଣା ନ ଥିଲା। ଆଦର୍ଶ ଓ ଅଭିଶାପର ଷ୍ଟାଇଲ ବଦଳିଗଲା। ଆଉ ସହିବା ଚଳିଲାନି। ଜାରା ଶବର ତୀର ମାରି ଯେମିତି ଜାଣିଲା ଯେ ସେ ଶ୍ରୀକୃଷ୍ଣ ବୋଲି, ସାଙ୍ଗେସାଙ୍ଗେ ତାଙ୍କ ପାଦ ଧରି ପଡ଼ିଗଲା। ଭୋ ନାଥ ପରମ ଦୟାଳୁ। ଜାଣି ନ ଥିଲି। ମାଫ୍ କର, ନ ହେଲେ ଛାଡ଼ିବିନି। ତାଙ୍କ ପାଦ 'ଇଞ୍ଜୁରି ପେନ୍'ରେ ଖଣ୍ଡିଆଖାବରା ହୋଇ ଦରଜ ଲାଗୁଥାଏ କାହିଁରେ କେତେ। କୃଷ୍ଣଙ୍କୁ କଷ୍ଟ ଲାଗିଲା। ଭକ୍ତି-ପୀଡ଼ାରୁ ମୁକ୍ତି ପାଇବାକୁ ସେ ଜାରାକୁ କହିଲେ - ହଉ ଯା', କ୍ଷମା କରିଦେଲି। ପୂର୍ବ ଜନ୍ମରେ ମୁଁ ତତେ ମାରିଥିଲି - ଏ ଜନ୍ମରେ ତୁ ମତେ ମାଇଲୁ। ପ୍ଲସ୍ ମାଇନସ୍ କ୍ୟାନ୍‌ସେଲ୍। ଏବେ ପାଦ ଛାଡ୍ ବାପ !

ଏ ସଂକ୍ଷିପ୍ତ କ୍ଷମା-ବାଣୀ ଶୁଣି ଶବର ଶାନ୍ତ ହେଲାନି। କହିଲା - ନାଇଁ ହବନି, ଆହୁରି କୁହ। ଲୋକେ ରାଗିଲେ ଏମିତି କହନ୍ତି।

କୃଷ୍ଣ କହିଲେ - ହଉ ଯା'। ମତେ ଦେଖା କରିବାକୁ ଅର୍ଜୁନକୁ ଖବର ଦେବୁ। ଆଉ ମୋ ପାଖକୁ ଆସିବୁନି। ଲୁଚି ଲୁଚି ଦେଖିପାରୁ। ମୋ ମରଣ ଜାଣିଲେ ପୂଜା ଆରମ୍ଭ କରିଦେବୁ। ସିଓର୍ ପାପମୋକ୍ଷ ହେବୁ। ତା'ପରେ, ଜାରା ଉଭା ହେଲେ ବିଶ୍ୱାବସୁ ହୋଇ, କୃଷ୍ଣ ହେଲେ ନୀଳମାଧବ। ସେଠୁ ଲିଙ୍କ୍ ଟାଣି ଆଗକୁ ଆସିଲେ, ବିଶ୍ୱାବସୁଙ୍କ ବଂଶଧର ହେଲେ ଦଇତା ଏବଂ ନୀଳମାଧବ ହେଲେ ଜଗନ୍ନାଥ। କୃଷ୍ଣଙ୍କ ଲୀଳା ଏମିତି ଆଗକୁ ଚାଲିଛି।

ଯା ଭିତରେ ପଡ଼ିଗଲେ ଇଲିଆନା।

ଏମିତି ହେବ ବୋଲି ଅଚ୍ୟୁତାନନ୍ଦ ମହାପ୍ରୁ ମାଳିକାରେ ଲେଖିଛନ୍ତି। ପ୍ରଚାର କଲେ ବି ଚଳିବ। ରଥ-ମାତ୍ ଏଫଆଇଆର ଫେରାଇ ବିବାଦ ସମାପ୍ତ କରିବା ଇଲିଆନାଙ୍କ ପକ୍ଷରେ ମହାନୁଭବତା ହୋଇପାରେ ଅଥବା ବିବଶତା।

ହେ ଜଗନ୍ନାଥ, ତୁ ଅନ୍ୟାୟଠାରୁ ବି ବଡ଼। ନ ହେଲେ ବିକଳ୍ପ ହେଲା - ଛାଡ଼, ବାଜେ ଲୋକଙ୍କ ସାଙ୍ଗରେ କୋର୍ଟରେ ଲଢ଼େଇ କରି ଜିତିବା ଦରକାର ନାହିଁ। ସେମାନେ ନିଜ ଠାକୁରଙ୍କୁ ପାଖରେ ରଖନ୍ତୁ। ମୋ ଇଜ୍ଜତ ମୋ ପାଖରେ ରହୁ।

'ଜଗନ୍ନାଥ କଲେ ଯା ଅନାଥ ରେ' (୨୪.୭., ଏହି ସ୍ତମ୍ଭ) ଲେଖିଥିଲୁ ପଦ୍ମଶ୍ରୀ ସୁଶ୍ରୀ ଇଲିଆନା ସିତାରିଷ୍ଟିଙ୍କୁ ଜାତି କ୍ଷମା ପ୍ରାର୍ଥନା କରୁଛି ଏବଂ ସେହି ସ୍ତମ୍ଭରେ ବଡ଼ ଆଶାଟେ ରଖି କହିଥିଲୁ - ହେ ଜଗନ୍ନାଥ, ତୋ ନାଁ ତୁ ନିଜେ ରକ୍ଷା କର ! ଏବେ ଭାବୁଛୁ, ବଡ଼ଠାକୁରେ ବୋଧେ ପାରିଲେନି।

ଏଫଆଇଆର ଫେରସ୍ତ - ଇଏ ହେଲା ମାଡ଼ଠୁଁ ଆହୁରି ମହରଗ। ଓଡ଼ିଆ ଜାତି ପକ୍ଷରୁ ତାଙ୍କୁ ଥରେ କ୍ଷମା ମାଗିଛୁ। ଆଉ କ୍ଷମାରେ ପ୍ଲସ୍ ଯୋଡ଼ିବା ମାନେ ହେଲା - ବେଇମାନୀ।

(୭.୮.୧୩.)

Digitized by srujanika@gmail.com

ହୁସିଆର, ବାଘ ଖସିଛି

"Fear of a name increases fear of the thing itself." ?
J.K. Rowling, Harry Potter

ମଣିଷ ଜୀବନର ଅଭୀଷ୍ଟ ଯେମିତି କାମ, ଧର୍ମ ଓ ମୋକ୍ଷ - ବାଘମାନଙ୍କ ଜୀବନର ଗତି ବି ଆଉ ବାଟେ ସେମିତି । ସେମାନେ ମାତନ୍ତି, ଖସନ୍ତି ଏବଂ ମରନ୍ତି । ଭୁବନେଶ୍ୱର ବି.ଜେ. ଇଂଲିଶ୍ ମିଡିଅମ ସ୍କୁଲର ଜଣେ + ୨ ବିଜ୍ଞାନର ଛାତ୍ର ଶ୍ରୀମାନ୍ ଅଭିଷେକ ମିଶ୍ର । ସେ ଆମକୁ ନିକଟରେ ବାଘର ମନସ୍ତତ୍ତ୍ୱ ବିଷୟରେ କେତେ ଉପାଦେୟ ତତ୍ତ୍ୱ କହିଲେ । ଦିନେ ଫୋନ୍‌ରେ ସେ କହିଲେ, 'ଟିଭିରେ ନିଉଜ ଦେଉଛି । ନନ୍ଦନକାନନ ଭିତରକୁ ଆପେ ପଶିଥିବା ମହାବଳ ବାଘଟା ଏବେ ଖୁଆଡ଼ ଡେଇଁ କୁଆଡ଼େ ପଳାଇଲା ।'

'କୁଆଡ଼େ ପଳାଇଲା ମାନେ ସିଏ କ'ଣ ଠାକୁରାଣୀଙ୍କ ବାଘ ଯେ ବନସ୍ତରେ ଉଭାନ ହୋଇ ଯିବ !'

ବାଘ କେବଳ ହିଂସ୍ରତାର ପ୍ରତୀକ ନୁହେଁ - ଡାଇରେକ୍ଟ ହିଂସା । ସେ ମାତେ । ଗାଁ ଭିତରକୁ ପଶି ଆସେ ଓ ଯାହାକୁ ତାକୁ ଖାଇ ଦିଏ । ମଣିଷଠି ହାତ ବାଜିଲେ, ଫରେଷ୍ଟ ଡିପାର୍ଟମେଣ୍ଟ କିଛି କରୁ କି ନ କରୁ - ଲୋକେ ବାଘକୁ ଘେରନ୍ତି । ସେ ଖସେ କିମ୍ବା ମରେ । ଧରା ପଡ଼ିଲେ, ଆଉ ଥରେ ନନ୍ଦନକାନନ ଆସିବ ।

ବାଘ ସଂପର୍କରେ ଆମର କିଛି ନା କିଛି ଅବରୁଦ୍ଧ ବିଜ୍ଞପଣ ରହିଛି । କାରଣ ମୁଁ ଜିମ୍ କର୍‌ବେଟ୍ ପଢ଼ିଚି !

ଗଲା କୁଆଡେ ଜଣା ନାହିଁ, ସରକାର କହୁଛନ୍ତି - ସବୁ ଠିକ୍ ଅଛି । ପୁରାଣ ଯୁଗରେ ବାଘକୁ ଡରୁ ନ ଥିବା ମହାତ୍ମାମାନଙ୍କ ଗପ ଆମେ ଜାଣିଛୁ, ମାତ୍ର ସରକାରୀ ବଚନକୁ ନିର୍ଭର କରି ବାଘକୁ ନ ଡରିବା ଜଣେ ଲୋକର ସନ୍ଧାନ ଏପର୍ଯ୍ୟନ୍ତ ପାଇ ନାହୁଁ । ଆମ ଡର ହେଲା - ସେ ବାଘକୁ ଭୋକ କରିବ କି

Digitized by srujanika@gmail.com

ନାଇଁ ? ଆଗେ ତାକୁ 'ଲୋକେଟ୍' (ଠାବ) କର । ନ ହେଲେ ଆମେ ପାଖାପାଖି ଲୋକ ଶାନ୍ତିରେ ରହିବୁ କେମିତି ?

ସଂଶୟ ଆତଙ୍କ ମିଶା ମନରେ ଯୁବକଙ୍କର କିନ୍ତୁ କିଛି ସ୍ପେସାଲ ଆଇଡ଼ିଆ ଥିଲା । ବାଘ ନିଜ 'ସ୍ୱାଧୀନତା'କୁ ଏତେ ଭଲ ପାଏ ଯେ ତାହା ହାସଲ କରିବାକୁ ସେ ୪ଠର ଫୁଟ ଲୁହା ଡ଼ାଫିର ଡେଇଁ ଜଙ୍ଗଲକୁ ପଳାଇଲା । ତାଙ୍କ ପ୍ରଶ୍ନ - ମଣିଷ (ଆମେ) କାହିଁକି ସେମିତି ପାରୁନି ?

'ହେ ଭଗବାନ, ୟା'ର ଉତ୍ତର କିଏ ଦେବ ? 'ସ୍ୱାଧୀନତା'ର ପର୍ମାନେଣ୍ଟ ସ୍ୱରୂପ ନିରୂପଣ ଅସମ୍ଭବ । ମଣିଷ - ଏ କଥା ଜାଣେ । ତେଣୁ ତାକୁ ବହୁ 'ନିରାପଦ' ପରାଧୀନତା 'ଡେଞ୍ଜରସ୍' ସ୍ୱାଧୀନତାଠାରୁ ବି ଭଲ ଲାଗେ ।

ନନ୍ଦନକାନନରେ ରହିଥିଲେ ତା ଖାଦ୍ୟ 'ଫୁଡ୍-ସିକୁରିଟି ଆକ୍ଟ'ରେ ସୁରକ୍ଷିତ । ପ୍ଲସ୍ - ମେଟ୍ (ମାଈ) ରେଡ୍ଜିଲି ଆଭେଲେବଲ୍ । ଏତେ ସୁନ୍ଦର ଚମତ୍କାର ବାସ୍ତବତା ତାକୁ କାହିଁକି ପ୍ରଲୋଭିତ ନ କଲା ? ହ୍ୟାପ ବୋକା ବାଘଟା, ଚାନ୍ସ ଛାଡ଼ି ଦେଲା ।

(୨) ବାରୁଆଳି ବାଘ: 'ଚିଟ୍-ଫଣ୍ଡ୍'ର କରାଳ ଆବର୍ତ୍ତ ଏବଂ ନବୀନ ସରକାରର ସାଧୁତା ଉପାଖ୍ୟାନ ।

ଏଥିରୁ କେଉଁଟା ଫିଟ୍ ଏବଂ କେଉଁଟା କାଉଣ୍ଟରଫେଟ୍ ? ସରକାର ଏବେ 'ସାଧୁ' ହେବାକୁ ଚେଷ୍ଟା କରୁଛନ୍ତି । ଆଗାମୀ ନିର୍ବାଚନ ଯାଏଁ ଏପରି ନାନା ଭୋଜବିଦ୍ୟା ଚାଲିବ ବୋଲି ଆଶା କରାଯାଏ । ମାତ୍ର ୨୦୦୨ ନୂଆ ଆଇନ ପ୍ରଣୟନ ପରଠାରୁ ଏହା ବଳରେ ସବୁଠୁଁ ବଡ଼ ଚୋରାଧନ ଇଣ୍ଡଷ୍ଟ୍ରି ରହିଛି ଚିଟ୍-ଫଣ୍ଡ । 'ପୋସ୍କୋ' କି 'ବେଦାନ୍ତ' - କିଛି ନୁହେଁ । ଏ ବାଘଗୁଡ଼ାକ ମିଡ଼ିଆ, ଟିଭି, ସାମ୍ବାଦିକ, ନେତା, ମନ୍ତ୍ରୀ, ଅଫିସର, ଏମଏଲଏ ଅନେକଙ୍କୁ ସ୍ୱର୍ଣ୍ଣକଙ୍କଣ ବାଣ୍ଟିଛନ୍ତି । ଯିଏ ଯାହା ପାରିଛି, ଲୁଟିଛି । ସବୁ ଅପକର୍ମ ପୂର୍ଣ୍ଣ ସରକାରୀ ପ୍ରୋତ୍ସାହନରେ ସମୃଦ୍ଧ ହୋଇ ସିଦ୍ଧି ଲଭୁଥିଲା ।

୨୦୦୪ ଆଗକୁ । ଗରିବ ଏବଂ ମଧ୍ୟବିତ୍ତଙ୍କ ଝାଳବୁହା ସଞ୍ଚୟ ମାଇକ୍ରୋ-ଫାଇନାନ୍ସ ବା ଚିଟ୍-ଫଣ୍ଡ୍ ପରି ଆୟୋଜନରେ ପଶି ତସ୍କରମାନଙ୍କ କଳା ଧନରେ ପରିଣତ ହେଉଥିଲା । ତାହା ଥିଲା ରାଜନୀତି ପାଇଁ ପ୍ରତିପତ୍ତି । ସରକାରୀ ଦଳର ନେତୃତ୍ୱ କାହା ହାତରେ ଥିଲା - ଯେ ଅନ୍ଦର କୀ ବାତ୍ । ମାତ୍ର ଲୋକେ ଦେଖିଛନ୍ତି - ଗୁପ୍ତରେ ଚିଟ୍-ଫଣ୍ଡ୍ ସହ ସାମିଲ ହେବା ଥିଲା ସେତେବେଳେ ଶାସକ ବିଜୁ ଜନତା ଦଳର 'ଦଳୀୟ ଆଦର୍ଶ' । ସେହି ସରକାର ସବୁ ଅପରାଧ ଘଟେଇବାକୁ ସୁଯୋଗ ଦେଇ ଆଜି କଥା ସଜାଡ଼ିବାକୁ ଜଜ୍, ପୁଲିସ ଲୋଡ଼ୁଛି କାହିଁକି ?

ହେଉ ହେଲା । ବିଚାରବିଭାଗ ତଦନ୍ତ ପାଇଁ ଯେଉଁ ରେଫରେନ୍ସ (ପ୍ରସଙ୍ଗ) ଦିଆଯିବ - ସେଥିରେ 'ନନ୍-ଗଭର୍ଣ୍ଣାନ୍ସ' ପାଇଁ କିଏ ଦାୟୀ, ତାହା ମଧ୍ୟ ନିର୍ଣ୍ଣୟ କରାଯାଉ ।

ଭିନ୍ନ ପ୍ରସଙ୍ଗ - ବିଦ୍ରୋହୀ ନେତା ପ୍ୟାରୀ ମହାପାତ୍ର କହିଛନ୍ତି - ମତେ ଗିରଫ କରିବାକୁ ଏ ସରକାରର ଦମ୍ ନାହିଁ । କାରଣ, କୁଆଡ଼େ ତାଙ୍କ ପାଖରେ 'ବ୍ରହ୍ମାସ୍ତ୍ର' ଅଛି, ନବୀନ ଏକାଥରେ ଚିତ୍‌ପଟାଙ୍ଗ ହୋଇ ପଡ଼ିଥିବେ !

(୪.୬.୧୩.)

Digitized by srujanika@gmail.com

'ବିପିୟୁଟି ଆକ୍ଟ, ୨୦୦୨' ସଂଶୋଧନ

ୟୁନିଭର୍ସିଟି ନା ଡିପାର୍ଟମେଣ୍ଟ ?

ଗତ ସୋମବାର ଦିନ ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ରାଜ୍ୟ କ୍ୟାବିନେଟ୍ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରୁ ଗୋଟିଏ ହେଲା - ଆଗାମୀ ମୌସୁମୀ ଅଧିବେଶନରେ 'ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆକ୍ଟ' ସଂଶୋଧନ ହେବ।

ଇଏ ଆମ ଓଡ଼ିଶା ବିଧାନସଭା। ନବୀନ ସରକାର ଓ ବିଧାନସଭା - 'ଧୀର ସମୀରେ ଯମୁନା ତୀରେ ବସତି ବନେ ବନମାଳୀ' ପରି ସଂପର୍କ। ଅଭିଜ୍ଞତା କହେ ଯେ ଏଠି ବିରୋଧୀ ଦଳଗୁଡ଼ିକ ବାହାରେ ଅଧିକ ସମୟ କଟାଇବାକୁ ବିଜ୍ଞତା ବୋଲି ମଣନ୍ତି ଏବଂ ଯଦି ମାନ୍ୟବରଗଣ ଆସନରେ ଥା'ନ୍ତି, ତା'ହେଲେ ବୃହତ୍ତର ସତ୍ୟ ଏହା ଯେ କେବଳ 'ୱାକ୍-ଆଉଟ୍' (କକ୍ଷ ତ୍ୟାଗ) କରିବାକୁ ସେମାନେ ଭିତରକୁ ଆସିଥା'ନ୍ତି। କାରଣ ପଦାରେ ପଦାରେ ସେ କାମ କରି ହେବନି। କୌଣସି ପ୍ରସଙ୍ଗ ଆଲୋଚନା କରିବାକୁ ସେମାନେ ଅପ୍ରସ୍ତୁତ। କରିବେ ବି କାହା ସାଙ୍ଗରେ? ଗୋଟିଏ ଜାଗା, ବିଧାନସଭା। ସେଠି ସରକାର ଭିତରେ ତ ଏମାନେ ପଦାରେ! ତେଣୁ ମିଡିଆ ସାମ୍ନାରେ ଗୁଡ଼ିଏ ଆଦର୍ଶ ଏବଂ ବହୁ ଚୋପା ମିଶେଇ ନିଜ ସମ୍ଭବ ପରାକ୍ରମ ବଖାଣନ୍ତି। ଲୋକେ ବିଶ୍ୱାସ କଲେ କରନ୍ତୁ ନ ହେଲେ ନାହିଁ। ତେଣେ ସରକାର ସଇସଲାମତ୍ ଯାହା ଇଚ୍ଛା ତାହା କରୁଥା'ନ୍ତି ବିଧାନସଭା ଭିତରେ ଏବଂ ଆଇନସମ୍ମତ ଭାବେ।

ବିଧାନସଭା ଏମିତି ସୁରୁଖୁରୁରେ ଚଲେଇବା କାଇଦା ଶିଖାଇଥିବା ଆଦ୍ୟ ଗୁରୁ ବା ଟ୍ରିକ୍-ମାଷ୍ଟର୍ ପ୍ୟାରୀ ବାବୁ ଏବେ ଖୋଦ୍ ବିରୋଧୀ କ୍ୟାମ୍ପରେ। ବୁଦ୍ଧି ନେଇ ପ୍ୟାରୀ ବାବୁ ଦୂରକୁ ପଳାଇଲେ ଏବଂ ବହୁତ ରାଉରାଉ ହେଲେ।

Digitized by srujanika@gmail.com

ବିଦ୍ୟା ରହିଗଲା ନବୀନଙ୍କ ପାଖରେ । ସେ ଯେମିତି ଚାହିଁବେ, ସରକାର କି ବିଧାନସଭା ସେମିତି ଚାଲିବ । ତେଣୁ ଧରିନେବା ଯେ ବିପିୟୁଟି ଆକ୍ଟ, ୨୦୦୨ ସଂଶୋଧିତ ହେବ ।

ଓୟୁଏଟି ପରି ସେଥିରେ ଜଣେ ଉପ-କୁଳପତି (ପ୍ରୋ-ଚାନ୍‌ସେଲର) ରହିବେ । ବୈଷୟିକ ଶିକ୍ଷା ଓ ତାଲିମ ବିଭାଗ ମନ୍ତ୍ରୀଙ୍କ ପାଇଁ ଏହା ଏକ୍ସ-ଅଫିସିଓ ପୋଷ୍ଟ୍ । କୁଳପତିଙ୍କ କାର୍ଯ୍ୟକାଳ ୫ରୁ ୩ ବର୍ଷକୁ ହ୍ରାସ କରାଯିବ । ବିଶ୍ୱବିଦ୍ୟାଳୟ ପରିଚାଳନା କୁଳପତି ଓ ଉପ-କୁଳପତି 'ମିଶି' କରିବେ । ବିଚରା କୁଳପତି - 'କୁଳ' (ବିଶ୍ୱବିଦ୍ୟାଳୟ) ଚଳେଇବେ ନା ପତି (ସରକାର)କୁ ମନେଇବେ ?

ସେହିଭଳି ବିପିୟୁଟିର ପ୍ରଶାସନିକ ବ୍ୟବସ୍ଥା ବୁଝିବା ପାଇଁ ରେଜିଷ୍ଟ୍ରାର ହେବେ ଜଣେ ଜଏଣ୍ଟ୍-ସେକ୍ରେଟାରି ସ୍ତରର ପ୍ରଶାସକ - ଆଉ ଅଧ୍ୟାପକ ନୁହଁନ୍ତି । ଅର୍ଥ ପରିଚାଳନା ରହିବ ଜଣେ ଓଏଏସ ଅଧିକାରୀଙ୍କ ଅଧୀନରେ । ତାଙ୍କୁ ସରକାର ପଠେଇବେ ।

ଏଣିକି ବିପିୟୁଟିର କୌଣସି ଅନୁବନ୍ଧିତ କଲେଜକୁ ସ୍ୱୟଂଶାସନ କ୍ଷମତା ଦେବା ଅଧିକାର ରହିବ ନାହିଁ । ବିପିୟୁଟି, ସରକାରୀ ଓ ବେସରକାରୀ ସମସ୍ତ ଇଞ୍ଜିନିୟରିଂ କଲେଜ ପରିଚାଳନାରେ ସରକାର ରହିବେ । ବେସରକାରୀ କଲେଜଗୁଡ଼ିକର ନିୟନ୍ତ୍ରଣ ମଧ୍ୟ ସରକାରଙ୍କ ଅଧୀନକୁ ଯିବ । ବିପିୟୁଟିରେ ଉଭୟ ଶିକ୍ଷକ ଓ ଅଣ ଶିକ୍ଷକ ପଦରେ ନିଯୁକ୍ତି ପାଇଁ ପ୍ରାର୍ଥୀ ବାଛିବା ନିମନ୍ତେ କମିଟି ଗଠନ କରିବାକୁ କୁଳାଧିପତିଙ୍କ ପାଖରେ ଯେଉଁ କ୍ଷମତା ଥିଲା - ଆଉ ସେମିତି ରହିବନି ।

ଚାକିରିରେ ବି ସରକାରୀ କଣ୍ଟ୍ରୋଲ୍ । କେବଳ ସହକାରୀ ପ୍ରଫେସରରୁ ଊର୍ଦ୍ଧ୍ୱ ପଦରେ ନିଯୁକ୍ତି ନିମନ୍ତେ କୁଳାଧିପତି ମନୋନୟନ କମିଟି ଗଠନ କରିପାରିବେ । ସହକାରୀ ପ୍ରଫେସରରୁ ତଳ ପଦ ଏବଂ ଅଣଶିକ୍ଷକ ପଦ ପାଇଁ ମନୋନୟନ କମିଟି ଗଠନ କ୍ଷମତା କୁଳପତିଙ୍କ ଉପରେ ନ୍ୟସ୍ତ କରାଯାଇଛି । (ମନେ ପକାଇ ପାରିବା - କୁଳପତି ଉପ-କୁଳପତି (ମନ୍ତ୍ରୀ)ଙ୍କ ସହିତ ମିଶି କାମ କରୁଥିବେ ।

ଧରିନେବା ଯେ ସରକାର ଅନୁଭବ କଲେ, ଚିଟ୍‌ଫଣ୍ଡ୍ କମ୍ପାନି ଯେମିତି ଲୋକଙ୍କୁ ଠକିଛନ୍ତି, ସେମିତି କଲେଜଗୁଡ଼ାକ ପିଲାଙ୍କୁ ଲୁଟୁଛନ୍ତି । ଶିକ୍ଷା ନାଁରେ ହରିଲୁଟ ଚାଲିଛି ଏବଂ ବିପିୟୁଟି କିଛି ପ୍ରତିକାର କରିପାରୁନି । ତେଣୁ ଆଇନ ସଜାଡ଼ି ଦେଲେ କାମ ସରେ । ଅଭିଯୋଗ - ୨ : ବିପିୟୁଟି ଦୁର୍ନୀତି ଓ ଅପାରଗତା ଭୋଗୁଛି । ତେଣୁ ସେଠିକି ସରକାରୀ ଅଫିସର ପଠେଇଦେଲେ କାମ ସରେ । ଏତିକି କରିବାକୁ ଏମିତି ଆଇନର ଗୋଡ଼ହାତ ନ ଭାଙ୍ଗି ବରଂ ଏହାଠୁଁ ସହଜ ହୋଇଥା'ନ୍ତା, ସାମୟିକ ଭାବେ ଆଡମିନ୍‌ଷ୍ଟ୍ରେଟର୍ ନିଯୁକ୍ତ କରିବା ।

ରାଜ୍ୟର ଏକମାତ୍ର ବୈଷୟିକ ବିଶ୍ୱବିଦ୍ୟାଳୟ ଯାହା ଓଡ଼ିଆଙ୍କ ପ୍ରିୟ ନେତା ବିଜୁ ପଟ୍ଟନାୟକଙ୍କ ନାଁ ସହିତ ଯୋଡ଼ା । ମହିମାରେ ତା' ନ ବଜ୍ର ପଡ଼େ, କାୟା ନ ଛିଡୁ ବୋଲି ଆମେ ଆଶା କରିବୁ । କ୍ଷମତା ଓ ପାପ ଏକାପରିକା । ଥରେ କାନ୍ଧରେ ବସିଲେ ଆଉ ଓହ୍ଲାନ୍ତିନି ।

(୮.୮.୧୩.)

Digitized by srujanika@gmail.com

ନିଜଠୁଁ ନିଜର ଦୂରତା

ଜୟଦେବ ଜେନା ରାଜ୍ୟ କଂଗ୍ରେସ ଅଧ୍ୟକ୍ଷ

ଯୋଗୀ-ଗୀତର ଯୋଗୀନ୍ଦ୍ର ବିପ୍ରଙ୍କ 'ଟୀକା ଗୋବିନ୍ଦଚନ୍ଦ୍ର' ମନେପକେଇ ପାରିବା । 'ଭଜୁ କି ନା ରାମ ନାମରେ କୁମର / ଜପୁ କି ନା ରାମ ନାମ । ଭଜି ନ ପାରିଲେ କୁଳ ଚନ୍ଦ୍ରମାରେ / ବାନ୍ଧି ନେବ କାଳ ଯମ ॥ ସେହି କାଳ ଯମ ଅତି ନିଦାରୁଣ ...' ଇତ୍ୟାଦି ।

ବଛା ନେତାମାନେ ଯେମିତି ଛକାପଞ୍ଝା ହୋଇ ଦିଲ୍ଲୀ ଦୌଡ଼ୁଥିଲେ ସେଥିରୁ ଲାଗୁଥିଲା, ରାଜ୍ୟ କଂଗ୍ରେସ ନେତୃତ୍ୱରେ କିଛି ପରିବର୍ତ୍ତନ ହେବ ବୋଧେ । ବଦହଜମିରେ ପେଟ ଗୁଡୁ ଗୁଡୁ ହେଲା ପରି - କିଛି ସିଓର୍ ନୁହେଁ । ଯେଉଁଠି ସେଠି ବେମହତ କରିପାରେ । ଆଗରୁ କେହି କିଛି ଜାଣି ପାରିଲେନି । ଦେଖିଲାବେଳକୁ ସୋମବାର ଦିନ ଓଡ଼ିଶା ଓ ଝାଡ଼ଖଣ୍ଡ ଏ ଦୁଇଟି ରାଜ୍ୟରେ ଅଧ୍ୟକ୍ଷ ବଦଳି ଯାଇଛନ୍ତି । ଓଡ଼ିଶାରେ ହୋଇଛନ୍ତି - ଜୟଦେବ ଜେନା ।

ଜୟଦେବ ବାବୁ ଜଣେ ପୁରୁଣା ଏବଂ ଅନୁଭବୀ ନେତା । ଆଗରୁ ଥରେ ଅଧ୍ୟକ୍ଷ ହୋଇଥିଲେ ମଧ୍ୟ । ଚାରି ବର୍ଷ ଆଠ ମାସ ପଦ ଭାର ତୁଲାଇଥିଲେ ଏବଂ ୨୦୦୯ ନିର୍ବାଚନ ପୂର୍ବରୁ ତାଙ୍କୁ ଥ୍ୟାଙ୍କ୍‌ସ ନ କହି ପଦରୁ ହଟାଇ ଦିଆଯାଇଥିଲା । କଂଗ୍ରେସ ପରମ୍ପରା ଅନୁସରଣପୂର୍ବକ ସେ ସେତେବେଳେ କହିଥିଲେ - ସୋନିଆ ଗାନ୍ଧି ଜୟ । ଶୁକପକ୍ଷୀ ପ୍ରାର୍ଥନା ପରି କହିଲେ - ମୁଁ ଦଳର ସଚ୍ଚା କର୍ମୀ । କିନ୍ତୁ 'ମୁଁ କାହିଁକି ମୁଖ୍ୟମନ୍ତ୍ରୀ ନ ହେବି ?' - ଏ କଥା ସେ ପଚାରି ନ ଥିଲେ । ସେ ଥିଲେ କ୍ଷମତାସୀନ ଦଳର ଲାଷ୍ଟ୍ ପୋଷ୍ଟ-ଗାର୍ଡ ।

୨୦୦୯ ନିର୍ବାଚନରୁ କଂଗ୍ରେସର ଭୋଜି ବଡ଼ା କାମ ସରିଛି ଯେ ସେଠୁ ଚଉଦ ବର୍ଷ ବିତି ଗଲାଣି, ଆଉ ଥରେ ମଉଛୁକର ଚାନ୍ସ ମିଳିନି । ଦଳ ପରବର୍ତ୍ତୀ

Digitized by srujanika@gmail.com

ନିର୍ବାଚନ (୨୦୦୯) ଜିତି ପାରି ନ ଥିଲା, ଠିକ୍ ଅଛି । ଜୟଦେବ ବି ସାହସ କରି କାହାକୁ ଏ କଥା ପଚାରି ନ ଥିଲେ । ଅବଶ୍ୟ ଏହା ସତ୍ୟ ଯେ କଂଗ୍ରେସରେ ଏ ତାମସା ଚାଲେନି । କ୍ଷମତାଚ୍ୟୁତ ଅଧ୍ୟକ୍ଷ ନିରନ ପଟ୍ଟନାୟକ ମଧ୍ୟ ଏକ୍‌ଜାକ୍‌ଲି ସେଇଆ କହିବେ - ଯେମିତି ୨୦୦୯ରେ ଜୟଦେବ କହିଥିଲେ ।

ଅଭିଯୋଗ ଶୁଣାଯାଏ ଯେ ନିରଞ୍ଜନ ବାବୁଙ୍କ ନେତୃତ୍ୱ ପ୍ରତି ଦଳ ଭିତରେ ଢେର୍ ଅସନ୍ତୋଷ ଥିଲା । ତାହାର ମାତ୍ରା ବିଚାର ପାଇଁ ପ୍ରୟୋଗ ହେଉଥିବା 'ଢେର୍' ଓ 'କମ୍' ଇତ୍ୟାଦି ଶବ୍ଦ ମିଡିଆ ତିଆରି । ସବୁ ଖବରକାଗଜ ଏକା ପରି ଲେଖନ୍ତି ନାହିଁ ବା ଲୋକେ ସଂକଳ୍ପ ବା ବିକଳ୍ପରେ କଂଗ୍ରେସ କଥା ଭାବନ୍ତି ନାହିଁ । ନବୀନଙ୍କ ୧୪ ବର୍ଷ ଶାସନ ଭିତରେ ସରକାର କେତେ ଭଲ ବା ଖରାପ ସେ କଥା ପରଖିବାକୁ ବିରୋଧୀ ଦଳଟିଏ ନ ଥିଲା ବା ଆଜି ବି ନାହିଁ । ସବୁ ଦଳ ଏବଂ ସବୁ ରାଜ୍ୟରେ ନେତା ତିଆରି ହୁଅନ୍ତି, ମାତ୍ର କଂଗ୍ରେସ ପାଇଁ ଓଡ଼ିଶାରେ ସେମାନେ 'ପୋଷ୍ଟିଙ୍ଗ୍' ହୁଅନ୍ତି ।

ଏଠି ଦଳ ଭିତରେ ଯେଉଁ ଇନ୍-ଫାଇଟିଙ୍ଗ୍ ହୁଏ, ତହିଁରୁ ଅଧିକ ସଂଖ୍ୟକ ହେଉଛି ପ୍ରକ୍ସି-ଓ୍ୱାର୍ । ଗୋଟିଏ ଉଦାହରଣ - ଜୟଦେବଙ୍କ ଏ ନିଯୁକ୍ତିରେ ଅନେକଙ୍କୁ ଯେମିତି ନା ସେମିତି ପୂର୍ବ ମୁଖ୍ୟମନ୍ତ୍ରୀ ଓ କଂଗ୍ରେସର ତୁଙ୍ଗ ନେତା ଆସାମ ରାଜ୍ୟପାଳ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଛାଇ ଦେଖାଯାଏ । ରାଜନୀତି ସାଙ୍ଗରେ ତାଙ୍କର ଏବେ ସମ୍ବନ୍ଧ ନାହିଁ ବୋଲି ସେ ଯେତେ କହିଲେ ବି - ନେତାମାନଙ୍କ ମନ ବଦଳୁନାହିଁ । ଆମର ପ୍ରଶ୍ନ : ଯେଉଁମାନେ ଜାନକୀ ବାବୁଙ୍କ ଛାଇ ସାଙ୍ଗରେ ଲଢ଼ି ପାରୁନାହାଁନ୍ତି, ସେମାନେ ନବୀନଙ୍କ ସହିତ ଫିଜିକାଲ ଫିଲ୍ଡରେ କରିବେ କ'ଣ ?

(୧୬.୫.୧୩.)

Digitized by srujanika@gmail.com

'କୋଟିଏ ପ୍ରାଣ ଗୋଟିଏ କଥା'

'କୋଟିଏ ପ୍ରାଣ ଗୋଟିଏ କଥା. / କରୁଅଛି କେନ୍ଦ୍ର ପକ୍ଷପାତିତା,
ଜବାବ୍ ଦବା, ଉତ୍ତର ମାଗିବା / ଆଉ ନ ସହିବା ପାତିକି ମଥା ।'
('ବିଜଦ'ର ଦିଲ୍ଲୀଚଲୋ ପୋଷ୍ଟର-କବିତା ।)

ରାଜ୍ୟସାରା କାନ୍ଥବାଡ଼ରେ ଏ ପୋଷ୍ଟର ଦେଖିବାକୁ ମିଳୁଛି । ଆକାଶ ଆଡ଼କୁ ଅନେଇ ବିଜୁବାବୁଙ୍କ ଛବି ଓ ତା ଭିତରେ ନବୀନଙ୍କ ଫଟୋ । ତା ତଳକୁ ଉପର ଲିଖିତ ଗୀତ ।

ରାଜନୀତିରେ ଆବଶ୍ୟକ ହେଉଥିବା କବିତାର କ୍ୱାଲିଟି ବାଛିବା ପ୍ରାୟ ଦରକାର ନ ଥାଏ । ପୋଷ୍ଟର ଚିରା ହେବା ବା ଗୋରୁ ପାକୁଳିକୁ ଯିବାଯାଏଁ ସେ ଗୀତର ପରମାୟୁ । କେହି ସଂପୂର୍ଣ୍ଣ ମନ୍ଦ ହୋଇ ନ ପାରେ - ଏ ନ୍ୟାୟରେ ଦେଖିଲେ ପଲିଟିକାଲ ଗୀତରେ ଅନେକ ରୋମାଣ୍ଟିକ ଉପାଦାନ ଥାଏ । ସେଗୁଡ଼ିକ ସତ ପାଇଁ କୂର ହେଲେ ବି, ହସ ପାଇଁ ବେଦମ୍ ଠିକ୍ ।

'ଏହି ସମ୍ମିଳନୀ ଜାତି ପ୍ରାଣ-ସିନ୍ଧୁ / କୋଟି ପ୍ରାଣ ବିନ୍ଦୁ ଧରେ । ତୋ'ର ପ୍ରାଣ ବିନ୍ଦୁ ମିଶାଇ ଦେ ଭାଇ ଡେଇଁ ପଡ଼ି ସିନ୍ଧୁ ନୀରେ । ତରଙ୍ଗ ଉଠିବ ସିନ୍ଧୁ ଗରଜିବ / ଶୁଣିବୁ ସିନ୍ଧୁର ରବ । ବ୍ରିଟିଶ ରାଜ୍ୟରେ ଓଡ଼ିଆ ଜାତିର ବଢ଼ିବ ମାନ ଗୌରବ ।' ଏ ଗୀତ ମଧୁବାବୁ ରଚିଥିଲେ ଓ ୧୯୦୩ ଉତ୍କଳ ସମ୍ମିଳନୀର ୧ମ ବୈଠକରେ ଗାନ କରିଥିଲେ । ସେତେବେଳେ ଓଡ଼ିଶା ବୋଲି କିଛି ନ ଥିଲା । ତା' ପରେ ଆଉ ୧୧୦ ବର୍ଷ ଧରି 'କୋଟି ପ୍ରାଣ' ପରି ଏତେ ବଡ଼ ନାଁ କେହି ବ୍ୟବହାର କରି ନାହାଁନ୍ତି । ସମସ୍ତଙ୍କର ବୋଧେ ଶହ, ହଜାରରେ କାମ ଚଳି ଯାଉଥିଲା । ମା' ରାଣ ପକେଇ କହିବୁ ଯେ 'କୋଟି ପ୍ରାଣ' କଥା ଥରେ ମଧୁବାବୁ କହିଥିଲେ ଏବଂ ୧୧୦ ବର୍ଷ ପରେ ଏବେ ନବୀନବାବୁ କହୁଛନ୍ତି । ମଝିରେ ଆଉ କେହି କହି ନାହାଁନ୍ତି ବା ଆମେ ଜାଣିନୁ ।

Digitized by srujanika@gmail.com

ମଧୁ-ଗୀତର 'କୋଟି ପ୍ରାଣ' ପ୍ରୟୋଗରେ ଆବେଗ ଓ ଆବଶ୍ୟକତା ଯଦି ନବୀନ-ଗୀତରେ ଏକା ପରି ଥାଏ, ତା'ହେଲେ ତ ଫାଇନ୍ । ରାଜନୀତିକ ଗୀତର ସର୍ବନିମ୍ନ ଦୁଇଟି ଉପାଦାନ । ଟିକେ ଟିକେ ଗୀତ ଓ ପ୍ରଚୁର ପ୍ରଚାର । ଖୁସ୍‌ୱନ୍ତ ସିଂହ କହିଲା ପରି - ଭଲ ଲେଖିଚ ଯେ ହେଲେ ବୁଝି ହେଉନି କିଛି ! ନବୀନ-ଗୀତ ସେମିତି ଲାଗିଲା । ପଦ ପଢ଼ିଛି ଧମକ୍‌ଧମା, ମାତ୍ର ବୁଝି ହେଉନି ।

'କେନ୍ଦ୍ର ପକ୍ଷପାତିତା' - ଏ ଅଭିଯୋଗ ବିଜୁ ଜନତା ଦଳର ରକ୍ଷିତା ବିଳାସିନୀ ପରି - ଦରକାର ବେଳେ କାମରେ ଲାଗେ । ଓଡ଼ିଶାର ଏ ଅଭିଯୋଗ ନବୀନଙ୍କ ପରି ପୁରୁଣା । ଏହି ସଂପର୍କରେ ଗୋଟେ ମେଜିକ୍ । ତମେ ଅଣ୍ଡା ମାଗିଲାବେଳକୁ ଯାଦୁଗର କୁକୁଡ଼ା ଧରେଇ ଦେଉଛି । ୨୦୧୩-୧୪ ଯୋଜନା ପାଇଁ ମୁଖ୍ୟମନ୍ତ୍ରୀ ଯୋଜନା କମିସନ ଉପାଧକ୍ଷଙ୍କୁ ମାଗିଲେ ୨୧ ହଜାର ୪୬୭ କୋଟି । ମନ୍ତେକ ସିଂହ ତାଙ୍କୁ ଧରେଇଦେଲେ ୨୧ ହଜାର ୫୦୦ କୋଟି !

ବିଜଦ ସହଯୋଗରେ ଚାଲୁଥିବା ଏନଡିଏ ସରକାର (୧୯୯୯ - ୨୦୦୪) ବେଳେ କଂଗ୍ରେସ ଠିକ୍ ଏଇଆ କହୁଥିଲା ।

ଅନ୍ୟ ପ୍ରଶ୍ନଟିଏ । ୧୯୯୯, ୨୦୦୪ ଓ ୨୦୦୯ରେ 'କୋଟି ପ୍ରାଣ' ଜୟ କରିଥିବା ନବୀନଙ୍କ ଆଜି ସ୍ଲୋଗାନ-ଗୀତର କାମଗୁଡ଼ିକ କେତେବେଳେ କିଏ କରିବାକୁ ତାଙ୍କୁ ମନା କରିଥିଲା କି ? ମଧୁବାବୁ ତ ଓଡ଼ିଆ ଖୋଜୁଥିଲେ, ଇଏ ତ ରେଡ଼ିମେଡ୍ ଓଡ଼ିଶା ପାଇଛନ୍ତି !

କଂଗ୍ରେସ ନେତୃତ୍ୱ ପାଇଁ ଓଡ଼ିଶାର କିଛି ମାନେ ନାହିଁ । ଏନଡିଏ ଯେତେ ପାତରଅନ୍ତର କରିଥିଲା, ତାହା ଥିଲା ବିଜଦ ସହଯୋଗରେ । କେନ୍ଦ୍ର କ୍ୟାବିନେଟରେ ଥିଲେ ବିଜଦର ତିନି ମନ୍ତ୍ରୀ । ମାତ୍ର ଭାଜପାକୁ ଛାଡ଼ି ନବୀନ ପରେ ନିଜ ଗୋଡ଼ରେ ଠିଆ ହେଲାବେଳେ, ପାତରଅ'ର ପାଇଁ ଦୋଷ ଦେଲେ ଭାଜପା ଉପରେ । ଏବେ ଦୋଷ ହସ୍ତାନ୍ତର ପାଇଁ ଆଉ କାହାକୁ ଖୋଜୁଛନ୍ତି । ପ୍ୟାରୀବାବୁ ହେଲେ ବି ଚଳିବ ! 'ପୋପ୍ ଇଜ୍ ହୋଲିଅର୍ ଦ୍ୟାନ୍ ଗଡ୍' - ନବୀନ ପଟ୍ଟନାୟକ ସର୍ବଦା ସାଧୁ ! ରାଜ୍ୟର ଦୁର୍ଗତି ପାଇଁ 'ଦୋଷୀ' ଖୋଜା ଚାଲିଛି ।

ଦ୍ୱିତୀୟ ନିର୍ବାଚନୀ ପ୍ରସଙ୍ଗ । ଆମ ଭାଷା ଶାସ୍ତ୍ରୀୟ କି ଅଶାସ୍ତ୍ରୀୟ ? ଟଙ୍କାକିଆ ଚାଉଳ ପରେ ଏବେ ଏହା ସରକାରଙ୍କ ପାଇଁ ନିହାତି ଇମରଜେନ୍‌ସି ଆବଶ୍ୟକତା ପରି ଲାଗୁଛି । ସତେ ଯେମିତି ଏହା ବିଜଦର ନିର୍ବାଚନ ପ୍ରତିଶ୍ରୁତି ଥିଲା ! ନା ତ । ଭାଷାର ପ୍ରଗତି ବା ଦୁର୍ଗତି ପାଇଁ ନବୀନ ସରକାରର କିଛି କମିଟ୍‌ମେଣ୍ଟ୍ ନ ଥିଲା ବା ଆଜି ବି ନାହିଁ । ୧୪ ବର୍ଷର ମୁଖ୍ୟମନ୍ତ୍ରୀ - ରାଜ୍ୟର ଏକମାତ୍ର ଭାଷା ଓଡ଼ିଆ କହନ୍ତି ନାହିଁ । ବରଂ ଏମିତି ହୋଇଛି, ଯେ ପୂର୍ବ ରାଷ୍ଟ୍ରପତି ଜ୍ଞାନୀ ଜୈଲ ସିଂହ ଜୋକ୍ ପରି ନବୀନଙ୍କ ସହିତ ଗପ ହେବାକୁ ପ୍ରସ୍ତୁତ ହେବା ପ୍ରକ୍ରିୟାରେ ଆମ ଓଡ଼ିଆ ନେତା ଓ ମନ୍ତ୍ରୀମାନେ ହିନ୍ଦୀ ଓ ଇଂଲିଶରେ ଫ୍ଲୁଏଣ୍ଟ୍ ହୋଇ ଯାଇଛନ୍ତି ।

କେହି ନିର୍ମାଲ୍ୟ ଛୁଇଁ ହଲପ କଲେ ବି ବିଜଦର ଟାର୍ଗେଟ୍-ଏରିଆ 'ଭାଷା' ବା 'ପାତରଅନ୍ତର' - ଏ କଥା ବିଶ୍ୱାସ କରିବାକୁ ମନ ବଳୋଉନି ।

(୭.୬.୧୩.)

Digitized by srujanika@gmail.com

'ଗାଙ୍ଗୀ ବୋଇଲେ ଥିବି'

(Zero Tolerance to Insult)

ଆଉ ପଦଟି 'ଗାଙ୍ଗୀ କହିଲେ ଯିବି' - ଏହା ଆମର ଏକ ରୋଚକ ଲୋକକଥା। ନାରୀ କୋପର ମାତ୍ରା ଓ ପୁରୁଷର ନାଚାର ବିନୟପଣ ଇତ୍ୟାଦି ବହୁ ଜଟିଳତାକୁ ସରଳ ଭାବେ ବୁଝାଇ ପାରେ। 'ଗଙ୍ଗା ବୋଇଲେ ଥିବି, ଗାଙ୍ଗୀ କହିଲେ ଯିବି' । ସର୍ବଦା ଯୋଗ କରି ଡାକିବ। ମୋ ମାଇଣ୍ଡ୍ ଆଉ ଟେମ୍ପର୍ ତମେ ବୁଝିବ, ମୁଁ କିଛି କହିବିନି। ହଁ ତ ? ହେ ରାଜା, ବାହା ହେବାକୁ ତମେ ହୁକୁହୁକୁ ହେଉଛ - ମୁଁ ନୁହେଁ।

ଏ ଢଗରେ ରହିଛି 'ମହାଭାରତ' ଗଙ୍ଗା-ଶାନ୍ତନୁ ପ୍ରେମ ଯାଚନା ଉପାଖ୍ୟାନ ଏବଂ ଆଗକୁ ଆଗ ଘଟିଥିବା ଅନେକ କଥାର ଝଲକ। ପ୍ରେମ ମଣିଷକୁ କାହିଁକି ବାୟା କରେ ଏବଂ ସେ କେଉଁ ସାହସରେ ପ୍ରଚଳିତ ଧାରଣା, ବିଶ୍ୱାସ ଓ ଶୃଙ୍ଖଳା ଡିଏଁ? ଏତିକି ଜାଣି ନ ଥିବାରୁ ପ୍ରେମରେ ସବୁବେଳେ ନୂଆ ନୂଆ ଏକ୍ସପେରିମେଣ୍ଟ୍ ସମ୍ଭବ ହୁଏ। ଧର୍ମରେ ହଜାର ବର୍ଷ ଧରି ମନ୍ତ୍ରଟେ ବଦଳି ପାରେନି, ମାତ୍ର ପ୍ରେମରେ ସବୁ କଥା କ୍ଷଣକେ ଓଲଟ ପାଲଟ ହୋଇଯାଏ। ରାଜା ଶାନ୍ତନୁ ଗଙ୍ଗାଙ୍କୁ ପ୍ରେମ ନିବେଦନ କଲେ। କାମ ଭୋଳରେ ତାଙ୍କ ପିଛା ଛାଡ଼ିଲେନି । ପ୍ରେମ କରିବେ କ'ଣ, ଦୁହିଁଙ୍କ ଭିତରେ ତର୍କ ଲାଗିଲା।

ପୁରାଣର 'ବ୍ୟାକ୍-ସ୍ପେସ୍'ରେ କୁରୁବଂଶ ସୃଷ୍ଟି, ବ୍ୟାସଦେବଙ୍କ ଜନ୍ମ ଇତ୍ୟାଦି ନାନା ଗପ ରହିଛି।

ଗଙ୍ଗା କହିଲେ, 'ଏ ନୁଙ୍ଗୁରୁପୁଙ୍ଗୁରୁର ମତଲବ ମୁଁ ଜାଣେ। ରାଜି ହେବି ଯେ ହେଲେ ତୁମେ ମୋ 'ଦଶ ଦୋଷ' କ୍ଷମା କରିପାରିବ ତ ?' ସାରଳାଙ୍କ ଭାଷାରେ, 'ଅନେକ ଦୋଷ କଲେ କୋପ ନ କରିବୁ। ଦଶ ଦୋଷ କଲେ ଅପ୍ରାଧ ନ ଧରିବୁ। ଭର୍ତ୍ସନା ନ ବୋଲିବୁ ନ ଦେବୁ ମୋତେ ଗାଳି। ଅନୁବ୍ରତେ

Digitized by srujanika@gmail.com

ଖଚିଣ ଥିବୁ ମୋ ମନର ହିଆଳି ।।' ପୁଣି 'ଦଶ ଦୋଷ' କ'ଣ ?

'ନିର୍ଲଜ୍ଜା ଚୌରବୃତ୍ତିଷ୍ଟ ଡାକିନୀ ବ୍ୟଭିଚାରିଣୀ । ମୁଖରା ହିଂସ୍ରକା ଦୁଷ୍ଟା ମିଥ୍ୟାବାଦିନୀ ତୋଷିଣୀ । ପଳାୟନପରା ଭୂୟୋ ଦଶଦୋଷା ଇତିସ୍ମୃତାଃ ।' ହେ ଭଗବାନ୍ ! ଆଉ ବାଦ୍ ରହିଲା କ'ଣ କି ? ବା ପୁରୁଷ କେତେ ସହିବ ?

'ମହାଭାରତ'ର ଶିଶୁ ଦେବବ୍ରତ, ପରେ ହେଲେ ଭୀଷ୍ମ । ମା'ଙ୍କଠାରୁ ଗୁଣରେ ଏକଦମ୍ ଅଲଗା । ମା' – ମାୟାହୀନା । ପୁଅ – ମାୟାଶୀଳ । ସ୍ୱାମୀଙ୍କର ପଦେ ଆକୁଳ ଉପଦେଶ ଶୁଣିବାକୁ ଧୈର୍ଯ୍ୟଶୀଳା ହୋଇ ନ ଥିବା ଗଙ୍ଗାଦେବୀଙ୍କ ପୁତ୍ର ଭୀଷ୍ମ । କୁରୁସଭାର ବହୁ ଅନ୍ୟାୟ ଓ ତାଚ୍ଛଲ୍ୟ ସହି କୁରୁବଂଶ ରକ୍ଷା କରୁଥିଲେ ।

ସବୁ ବୁଝି ଗଙ୍ଗାଙ୍କୁ ଶାନ୍ତନୁ କହିଥିଲେ – ହଁ ।

ତା'ପରେ ସନ୍ତାନଟିଏ ଜନ୍ମ ହେବାମାତ୍ରେ ଗଙ୍ଗା ତାକୁ ନଈରେ ଭସେଇ ଦିଅନ୍ତି । ମଲା ରହିଲା ଖବର ବୁଝିବାକୁ ତାଙ୍କ ମନ ବଳେ ନାହିଁ । ଏମିତି ସାତ ସରିଲା । କାହା ଦେହ ସହିବ ? ଶାନ୍ତନୁଙ୍କ ବାପ-ମନ ଦିନେ କାକୁତି ମିନତି ହୋଇ କହିଲା, ଭଲ ପାଇ ଏମିତି କି ଭୁଲ କଲି ଯେ ତୁମେ ମୋ କୁଳ ରକ୍ଷା କରିବନି ? 'ପୁତ୍ରାର୍ଥେ କ୍ରିୟେତ ଭାର୍ଯ୍ୟା' ଇତ୍ୟାଦି ଶ୍ଳୋକ ଶୁଣେଇ ଶାନ୍ତନୁ ରାଜା କହିଲେ – ଏତେ ନିର୍ଦ୍ଦୟ ହୁଅନି । ଏଇଥିରେ ଗଙ୍ଗା ମାତା ରାଗି ଫାୟାର୍ । ମନେ ପକେଇଦେଲେ 'ଦଶ ଦୋଷ ମାର୍ଜନା' କଥା । ଅଷ୍ଟମ ସନ୍ତାନକୁ ଶାନ୍ତନୁଙ୍କ ପାଖରେ ଛାଡ଼ି ସେ ଗଙ୍ଗାନଦୀରେ ଲୀନ ହେଲେ । ସେ ଶିଶୁ ଦେବବ୍ରତ ଅବିବାହିତ ରହି 'ଭୀଷ୍ମ ପିତାମହ' ହେଲେ ।

ନ.ମୋ. ନାରାୟଣ

ନରେନ୍ଦ୍ର ମୋଦି – ଲାଲକୃଷ୍ଣ ଆଡଭାନି ଫ୍ୟାକ୍ଟର୍

ମାନସିକ ଭାବେ ଅପଦସ୍ଥ ହୋଇ ଭାଜପାର 'ଭୀଷ୍ମ ପିତାମହ' ଆଡ଼ଭାନି ଦଳର ସବୁ ପଦରୁ ଇସ୍ତଫା ଦେଲେ । ବିଶାଳ ବରଗଛଟେ ଉପୁଡ଼ି ପଡ଼ିଲା ଯେମିତି । ନବେ ଦଶକରେ ସେ ରଥ ଦଉଡ଼େଇଥିଲେ ବୋଲି ସିନା ଭାଜପା ସରକାର ଯାଏଁ ପହଞ୍ଚି ପାରିଲା । ଏକଥା ଲୋକେ ମନେ ରଖିଛନ୍ତି, ହେଲେ ଦଳ ଭୁଲି ଗଲା ? ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କଠାରୁ ଆରମ୍ଭ କରି ଅଟଳ ବିହାରୀ ବାଜପେୟୀଙ୍କ ହାତ ଛୁଇଁ ବଢ଼ିଥିବା ଭାଜପା କେମିତି 'ପର୍ସନାଲ ଏଜେଣ୍ଡା' ସାଧନ ପାଇଁ ବ୍ୟସ୍ତ ରହୁଛି – ସେ ତାହା ଲେଖିଦେଲେ ଇସ୍ତଫା ପତ୍ରରେ । ତାହା ଦଳର ଡକୁମେଣ୍ଟ୍ ହୋଇଗଲା । ଏହା ଥିଲା ତାଙ୍କର ନବମ ଥର ପାଇଁ ଇସ୍ତଫା ଓ ପ୍ରତ୍ୟାହାର । ପ୍ରତ୍ୟେକ ଥର ଆରଏସଏସ ପ୍ରଭାବରେ ହୁଏ, ଏଥର ବି ସେଇଆ ହେଲା । ଦୁଇ ଦିନ ପରେ ଦେଖିଲାବେଳକୁ 'ଭୀଷ୍ମ ପିତାମହ' ଇସ୍ତଫା ପ୍ରତ୍ୟାହାର କରିଛନ୍ତି ଏବଂ ବରଗଛ ପୁଣି ସଳଖ ହୋଇ ଠିଆ ହୋଇଯାଇଛି !

(୧୩.୧୧.୧୩.)

Digitized by srujanika@gmail.com

ଅଜଣା ଓଲୁଅ

‘ନିଷିଦ୍ଧ ଫଳ’ - ସ୍ପେସାଲ କ୍ୟାଟେଗୋରି ସ୍କେଚ୍

ଚରିତ୍ର - ‘ସର୍‌ପେଣ୍ଟ୍’, ଆଡାମ୍ ଏବଂ ଇଭ୍। ସ୍ଥେଜ୍ - ‘ଇଡେନ୍ ଗାର୍ଡେନ’। ବାଇବେଲ ଗପ। ଜର୍ଜ ବର୍ନାର୍ଡ ଶ’ଙ୍କ ନାଟକ ‘ବ୍ୟାକ୍ ଟୁ ମେଥୁସେଲା’ର ଚିତ୍ରଟିଏ ଆମ ଭାଷାରେ ଏହିପରି।

ମଧୁର ସମୀରଣର ମହ୍ଲାର ଚାରିଆଡେ। ସୂର୍ଯ୍ୟରଶ୍ମିରେ ଉତାପ ହାଲ୍‌କା ହାଲ୍‌କା। ଆଡାମ୍ ଓ ଇଭ୍ ଚାଲିଥା’ନ୍ତି କୁଆଡୁ କୁଆଡ଼କୁ। ଇଭ୍ ହାଲିଆ, ଆଡାମ୍ ଆଗକୁ ପଳାଇଲା। ବଡ଼ ପାଟିରେ ଡାକିଲା - ଶୁଣ। ନ ହେଲେ ମୁଁ ରହିଲି ଏଇଠି। କହିଲା ଏବଂ ଦମ୍ କରି ବସି ପଡ଼ିଲା ଖଣ୍ଡେ ପଥର ଉପରେ। ପଛକୁ ଅନେଇ ଆଡାମ୍ ଫେରିଲା। ସ୍ୱର୍ଗରୁ ଗଳି ପଡ଼ିଛନ୍ତି ଦୁହେଁ ପୃଥିବୀକୁ। ସବୁ କଥା ଅଜଣା।

ଇଭ୍ କହିଲା, ‘ତୁ ଆଗେ ରାଣ ପକା, ଏଡ଼େ ଜୋର୍‌ରେ ଚାଲିବୁନି।’

‘କାହିଁକି?’ ଆଡାମ୍ ତା ମୁହଁକୁ ବଲବଲ ଅନେଇଲା।

‘କାଳେ ପଡ଼ିଯିବୁ, ଗୋଡ଼ ହାଡ଼ ଭାଙ୍ଗି ଯିବ। ତୋ ଲାଗି ମତେ ଡର ଲାଗୁଛି।’

‘ଡର’ ମାନେ କ’ଣ?

‘ଏଠି ତ ମୋଟେ ତୁ ମୁଁ ଦି’ ଜଣ। ମୁଁ କାହା ସାଙ୍ଗରେ ଚାଲିବି?’

‘ଚାଲୁନୁ, ମୁଁ ତତେ ଟେକି ନେଇ ଯିବି। ତୁ ଓଜନରେ ତ କେତେ ହାଲ୍‌କା।’

ଇଭ୍ ବିରକ୍ତ ହେଉଛି - ଯା’ ମନରେ ଟିକେ ରୋମାନ୍ସ ଆସୁନି କାହିଁକି? ଯାହାହେଉ, ତା’ ବୋଲ ମାନି ସେ ଧପାଳିବା ବନ୍ଦ କଲା ତ! ଆଗକୁ କେତେ କଥା ସମ୍ଭବ - ଦେଖିବା।

ଖଳନାୟକ ‘ସର୍‌ପେଣ୍ଟ୍’ର ଆବିର୍ଭାବ। ମୋଟେ ଆକସ୍ମିକ ନୁହେଁ।

Digitized by srujanika@gmail.com

ମଣିଷକୁ ବିଶ୍ୱାସ କରିବା ଠିକ୍ ନୁହେଁ - ଏପରି ଏକ ଅର୍ଦ୍ଧ-ସତ୍ୟ ଯୋଗୁ ହୁଏତ ଈଶ୍ୱର କୀଳା ଖଞ୍ଜି ତାକୁ ଆଗରୁ ଛାଡ଼ିଥିଲେ ଇଡେନ୍‌ରେ । ତା'ପରେ ଆସିଲେ ଆଡାମ୍ ଓ ଇଭ୍। ନିଷ୍ପାପ ଓ ନିରାପଦ ମନର ପ୍ରଥମ ମଣିଷଙ୍କ ଅନୁଭୂତି ମୋଟେ ଭଲ ନ ଥିଲା। ଭଲ କି ଭେଲ କିଛି ଜାଣି ନ ଥିବା ଦୁଇ ଜଣ ଗୋଟିଏ 'ନିଷିଦ୍ଧ ଫଳ' ମିଳିମିଶି ଖାଇଦେଲେ - 'ସରପେଣ୍ଟ୍'ର ପ୍ରରୋଚନାରେ। (Genesis 3:6)

ସେ ଏମାନଙ୍କୁ ସବୁ ବୁଦ୍ଧି ଶିଖେଇଲା - ପାପ, ଏବଂ ସେ କୁଣ୍ଡକୁ ଡେଇଁ ପଡ଼ିବା ଇଚ୍ଛା - ସବୁ ମିଳେଇ ମିଶେଇ। ଦୁହେଁ ମିଶି ମଣିଷ ସୃଷ୍ଟି ପାଇଁ ପ୍ରେମ ପ୍ରଣୟ, ପାପ ପୁଣ୍ୟ ସବୁ କଲେ । ଆଡାମ୍ ରାଣ ପକାଇ ନ ଥାଏ କି ଇଭ୍ ଥରକ ପାଇଁ କହି ନ ଥାଏ - ମୁଁ ତତେ ପ୍ରେମ କରୁଛି ବୋଲି।

ଦୁହେଁ ଯେତେବେଳେ ଜାଣିଲେ ଯେ ସେମାନଙ୍କୁ ପାପିଷ୍ଠଟା ଠକିଚି ବୋଲି, ଆଡାମ୍ କହିଲା - ମୁଁ ତତେ ମାରି ଦେବି । ସର୍ପେଣ୍ଟ କହିଲା - ମାରୁନୁ। କାଲି ମୋ ପରି ଆଉ ଗୋଟେ ଦେଖିବୁ । ତା'ପରେ, "You will find more snakes than there are fingers on your hands."

ସ୍ପେସାଲ କ୍ୟାଟେଗୋରି ଷ୍ଟେଟ୍

୨୦୧୨ ଜାନୁଆରିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀଙ୍କୁ ସ୍ପେସାଲ କ୍ୟାଟେଗୋରି ଷ୍ଟେଟ୍ (ଏସସିଏସ) ଏବଂ ଆଉଟି ମିନେରାଲ ରିସୋର୍ସ ରେଣ୍ଟ୍ ଟ୍ୟାକ୍ସ - ଖଣିଜ ପଦାର୍ଥରୁ ଖଣିମାଲିକ ଆଦାୟ କରୁଥିବା ଲାଭାଂଶ ଉପରେ ୫୦ ପ୍ରତିଶତ ଟିକସ ଦାବି କରି ସ୍ମାରକପତ୍ର ଦେଇଥିଲେ ।

ଏ ଦାବି ନୂଆ ନୁହେଁ। ଆରମ୍ଭ ହୋଇଥିଲା ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ କାଳରୁ। ୧୯୭୯ରେ ସେ ନେସନାଲ ଡେଭଲପ୍‌ମେଣ୍ଟ କାଉନସିଲ୍ (ଏନଡିସି)ରେ ପ୍ରଥମେ ଏ ଦାବି ଉପସ୍ଥାପନ କରିଥିଲେ । ରାଜ୍ୟ ଓ କେନ୍ଦ୍ରରେ ଶାସନ ଥାଏ ଜନତା ଦଳର । ବଳ - ବିଜୁ ପଟ୍ଟନାୟକ । ସେ ଥିଲେ କେନ୍ଦ୍ର ଜନତା ଦଳ ସରକାରର ତୁଙ୍ଗ ନେତା । ତେବେ ବି କିଛି ହେଲାନି। ରାଉତରାୟ 'ସ୍ପେସାଲ କ୍ୟାଟେଗୋରି' ପାଇଁ ଭିକ୍ଷା ମାଗି ନଥିଲେ । ତାଙ୍କ ଦାବିରେ ଦମ୍ଭ ଥିଲା । ଓଡ଼ିଶା ଗରିବ - ଏ ପ୍ରଚାର ଢେର୍ ସରିଥାଏ । ମୁଖ୍ୟମନ୍ତ୍ରୀ ସେଠି ଦାରିଦ୍ର୍ୟର କାରଣ ଏବଂ କେନ୍ଦ୍ରର ସାମ୍ବିଧାନିକ ଦାୟିତ୍ୱ ମଧ୍ୟ ସୂଚେଇଥିଲେ । ନୀଳମଣି ବାବୁଙ୍କ ଦାବିଠାରୁ ଆଜିପର୍ଯ୍ୟନ୍ତ ଅନେକ ରାଜ୍ୟ 'ଏସସିଏସ' ଅନ୍ତର୍ଭୁକ୍ତ ହୋଇସାରିଲେଣି । ଓଡ଼ିଶା କଥା ବିଚାର ହୋଇନାହିଁ ।

ଗତ ମାସରେ ବିଜୁ ଜନତା ଦଳ ଦିଲ୍ଲୀରେ ଏଥିପାଇଁ ଏକ ସମାବେଶ ଆୟୋଜନ କରିଥିଲା। ମମତା ବାନାର୍ଜୀ (ପଶ୍ଚିମବଂଗ), ନିତୀଶ କୁମାର (ବିହାର), ନରେନ୍ଦ୍ର ମୋଦି (ଗୁଜୁରାଟ), ଜୟଲଳିତା (ତାମିଲନାଡୁ) - ଏମାନେ ତ କେନ୍ଦ୍ରକୁ କେବେ ମେମୋରାଣ୍ଡମ୍ ଦିଅନ୍ତିନି !

ନବୀନ ନିଜେ ପରା ଏନଡିଏର ସହଯୋଗୀ ଦଳ ଥିଲେ । ଆଉ ସାକ୍ଷୀ ପ୍ରମାଣ କାହିଁ ଖୋଜିବା ? ସେତେବେଳେ କରେଇ ନ ପାରି ଏବେ ପେଟିସନ ଦେବା ଓ ସମାବେଶ କରିବା ମାନେ କ'ଣ ?

ଏବେ ତା ଫଳ କ'ଣ ହେଲା - କହିବ କି ?

(୫.୭.୧୩.)

Digitized by srujanika@gmail.com

ଜ ଗ ତୀ କ ର ଣ

କଲିକତାର ଜଣେ ବଙ୍ଗାଳୀ ବନ୍ଧୁ - ଶ୍ରୀ ଦେବବ୍ରତ ନନ୍ଦୀ। ମିଡିଲ୍-କ୍ଲାସ୍ 'ଇଣ୍ଟେଲେକ୍‌ଚୁଆଲ'। ବେଶ ପୋଷାକ ସେଇଆ। କ୍ୟାଲକାଟା ପୋର୍ଟ ଟ୍ରଷ୍ଟର ଚିଫ୍ କ୍ୟାସିଅର ଥିଲେ। ଘର - ବେହାଲା ଅଞ୍ଚଳରେ। ସେଟିଙ୍ଗ୍ ପୁରୁଣା ଓ ନୂଆ ମିଶାମିଶି। ପୁରୁଣା ଘରର ପାଇଖାନା ତଳ 'ଖାଲି' (ଯେଉଁଠୁ ଆଗ କାଳେ ମ୍ୟୁନିସିପାଲ୍‌ଟି ଲୋକେ ମଳ କାଢ଼ି ମୁଣ୍ଡରେ ବୋହି ଦୂରକୁ ନେଉଥିଲେ) ମିଶା ପାଚିରି ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିଲା ଦୂରଛଡ଼ା ହୋଇ, ବଗିଚା ଆଡ଼କୁ। ଆଗ ଚଳଣିରେ ପାଇଖାନା ରହୁଥିଲା ଘରଠୁ ଦୂରରେ। ତାଙ୍କ ଘରର ପଛ ପଟ - ବିଦିଗ ବିସ୍ତାରିତ ଅନାବାଦୀ। ଆଗେ ଥିଲା ପରିତ୍ୟକ୍ତ, ସନ୍ତସନ୍ତିଆ। ସାପ, ଡାହୁକ, ନେଉଳ ସବୁ ବୁଲୁଥିଲେ ଫ୍ରି'ଇଲି।

ସେ ତିନି ପିଢ଼ି ଧରି କୋଲକାତାରେ। ମୂଳ ବାସିନ୍ଦା ବର୍ଦ୍ଧମାନ ଜିଲ୍ଲାର। ନନ୍ଦୀ ବାବୁ ପୋର୍ଟ ୟୁନିଅନ ସେକ୍ରେଟାରି ଥିଲେ ସତୁରି ଦଶକରେ - ଯେତେବେଳେ ସିଦ୍ଧାର୍ଥ ଶଙ୍କର ରାୟ ନକ୍ସାଲାଇଟ୍ ଦମନ କରୁଥିଲେ। ପୁଲିସ ତାଙ୍କୁ ଗିରଫ କଲା। ସେ ନିଜକୁ ଗାନ୍ଧି-ଭକ୍ତ ବୋଲି ଯେତେ ଛାଟିପିଟି ହେଲେ ବି ପୁଲିସ କହିଲା - ସେ ଗାନ୍ଧି ଚଳିବନି, ଇନ୍ଦିରା ଗାନ୍ଧିଙ୍କ ଭକ୍ତ ହେବା ଦରକାର। ଯାହାହେଉ, ଧରାଧରି କରି ଖସି ଗଲେ ଓ ତା'ପରେ ୟୁନିଅନ ପଦବୀ ଛାଡ଼ି ଦେଲେ।

ତାଙ୍କ ଘର ସାବୁକ ପାଚେରିର ମୂଳ ଉଚ୍ଚତା ଥିଲା ମାତ୍ର ତିନି ଫୁଟ। ଅନେକ ଜାଗାରେ ଭଙ୍ଗା ମୁକୁଳା। ଏବେ? ସେ ଉଞ୍ଚା ପାଞ୍ଚ ଫୁଟରୁ ଅଧିକା। ସ୍ଥାନବିଶେଷରେ ସିଂହ ଶିକାରୀ ଲଢ଼େଇର ଆଇରନ୍-କାଷ୍ଟିଂ ମୂର୍ତ୍ତି ଇତ୍ୟାଦି ଡେକୋରେସନ୍ ମିଶେଇଲେ ତାହା ଆଠ କି ନ' ଫୁଟ। ସବୁ ରିଲାଏନ୍ସ କମ୍ପାନି ଆଦରରୁ। କାରଣ ଲାଗି ଲାଗି କମ୍ପାନିର ତିନିଟା ଦୋକାନ ୟାଙ୍କ ପାଚିରିକୁ ଫେସ୍ କରିଚି, ରାସ୍ତାର ଆରପଟେ। ନନ୍ଦୀ ବାବୁ କହିଲେ - ମୁଁ ସେମାନଙ୍କ ସାଙ୍ଗରେ ବଦ୍‌ମାସୀ କରି କହିଲି - ଆମ ଗ୍ରେଟ୍ ଗ୍ରାଣ୍ଡ-ଫାଦର୍‌ଙ୍କ ମେମୋରି 'ଖାଲି' ଓ ପାଇଖାନା ଯେମିତି ଇନ୍‌ଟ୍ୟାକ୍ଟ ରହେ। ସେମାନେ କହିଲେ - ହଁ। ଲେଖାଲେଖି କିଛି ନାହିଁ। ସେଥିପାଇଁ ଦେଲେ ପାଞ୍ଚ ଲକ୍ଷ। ଶହେ ଫୁଟ କାନ୍ଥ ପାଇଁ ମାସକୁ ତିରିଶ ହଜାର ଭଡ଼ା। ପ୍ରତି ମାସ ୭ରୁ ୧୦ ଭିତରେ ନିଶ୍ଚେ ଆକାଉଣ୍ଟକୁ ଟଙ୍କା ଆସିଯାଏ। ସଂପତ୍ତି ଦାଦା (ବଡ଼ ଭାଇ)ଙ୍କର ଅଧା, ମୋର

Digitized by srujanika@gmail.com

ଅଧା। ଦାଦା କହିଲେ - ତୁ ଗଣିବଟେ । ସବୁ ରଖା। ନିଜ ପରିବାର ସହ ସେ ରହନ୍ତି କାନାଡାରେ । ଇଚ୍ଛା ଓ ଆବଶ୍ୟକ ହେଲେ ଘରକୁ ଆସନ୍ତି ।

ପାଚିରିକୁ କମ୍ପାନି ମେଣ୍ଟେନ୍ କରିବ କ'ଣ, ପୂରା ଭାଙ୍ଗି ଆଉ ଥରେ ତିଆରି କରି ଦେଇଛି। ଯାହା ଏକଦା ଥିଲା ପାଇଖାନା, ସେଇଟା ହୋଇଛି ଏକ ଗ୍ରାନାଇଟ୍-ମୋଜାଇକ୍-ଷ୍ଟିଲ୍ ଫ୍ରେମ୍ ପେଣ୍ଡାଲ । ତା ଉପରେ ଶିବ ବିରାଜିଛନ୍ତି । କାନ୍ଥଟା ସାରା ଚିତ୍ରବିଚିତ୍ର। ପାଇଖାନା 'ଖାଲି'ର ମୁହଁଟା ସୁନ୍ଦର ପ୍ଲାଷ୍ଟର୍-ଅଫ୍-ପ୍ୟାରିସ୍‌ରେ ବେଙ୍ଗଲୀ ପାରମ୍ପରିକ ବାଉଲ୍ ସନ୍ୟାସୀଙ୍କ ନାଚ-ଚିତ୍ର । ସେଠି ଆଗେ ଗାତ ଥିଲା - କେହି ଜାଣି ପାରିବେନି । କାରଣ, ତା ସାମ୍ନାରେ ଶୋଇଛି ପଥରର ଏକ ବିଶାଳ ବୃଷଭ ରାସ୍ତାକୁ ପଛ କରି - ସରକାରୀ ଜାଗା ଉପରେ। ଢିମା ଢିମା ଆଖିରେ ଶିବଙ୍କୁ ଅନେଇଛି । ପାଚିରିରୁ ରାସ୍ତାଯାଏଁ କୋଡ଼ିଏ ଫୁଟ ଜାଗା ଟାଇଲ ବିଛା ହୋଇଛି ।

'ବିଟପୀ ଗଳାରେ ରୁଦ୍ରାକ୍ଷ ପରି ପାଚିରି ପଛପଟେ ଆମ ଘର ବରଂ ନିଉଛୁଣା ଦେଖାଯାଏ।' ଆର ପଟେ ଘରର ସଦର ଦରଜା। ଶ୍ରଦ୍ଧା-ସ୍ଥାନଗୁଡ଼ିକରେ ରାମକୃଷ୍ଣ ପରମହଂସ ଦେବ, ମା' ଶାରଦା ଦେବୀ, ସ୍ୱାମୀ ବିବେକାନନ୍ଦ ଓ ରବି ଠାକୁରଙ୍କ ଫଟୋ । ଶ୍ରୀମତୀ ନନ୍ଦୀ ଅତୀତରେ ଥିଲେ ଜଣେ ରବୀନ୍ଦ୍ର ସଂଗୀତ ଭୋକାଲ୍ ଆର୍ଟିଷ୍ଟ । ଯୁଗ ଅନୁଯାୟୀ ନାଁ ଅର୍ଜନ କରିଥିଲେ। ସେ ଆଚରଣରେ ଅତି ଟ୍ରାଡ଼ିସନାଲ୍। ତାଙ୍କ ଅଭିଯୋଗ - ଆଜିକାଲି ବାହା ହେଲା ପରେ ଝିଅଗୁଡ଼ାକ ଆଉ 'ବଙ୍ଗାଳୀ ବୋହୂ' ପରି ଲାଗୁନାହାଁନ୍ତି।

ଘରଟା ସାରା ଆମିଷ ବାରଣ ଅଞ୍ଚଳ ପରି କିଛି ନାହିଁ । ଗୋଟିଏ ରୁମ୍‌ରେ ପଦାରୁ ତାଲା ପଡ଼ିଛି । ବନ୍ଦ କବାଟ ସାମ୍ନାରେ ବାବା-ମା'ଙ୍କ ଫଟୋ। ତାହା ଏକଦା ଠାକୁର-ଘର ଥିଲା।

ଶ୍ରୀମତୀ ନନ୍ଦୀଙ୍କୁ ପଚାରିଲୁ - ଶାଶୂ ଶଶୁର ପୂଜା କରୁଥିଲେ ?

'ଅତି ବେଶି।'

'ଆପଣ ମୋତେ କରନ୍ତିନି କି ନିଜ 'ଚେଞ୍ଜ୍' ଜାଣି ପାରି ନାହାଁନ୍ତି ?'

ଭଦ୍ରମହିଳା ହସୁଥିଲେ।

ଦୟା-ମାୟା

ଭୁବନେଶ୍ୱରରେ ଜଣେ କର୍ଣ୍ଣେଲ ଦ୍ୱାରା ବିଭତ୍ସ ପତ୍ନୀ-ହତ୍ୟା ଖବର ଟିଭିରେ ଦେଖି ନନ୍ଦୀ ବାବୁ ଫୋନ୍ କଲେ । ତାଙ୍କ ଝିଅ ଜ୍ୱାଇଁ ଘଟଣାର ପାଖାପାଖି ଅଞ୍ଚଳରେ ରହନ୍ତି । ସେ କହିଲେ - ଚୈତନ୍ୟ ମହାପ୍ରଭୁ ଦୟା ଶିଖିବାକୁ ଜଗନ୍ନାଥ-ଧାମ ଯାଇଥିଲେ। ଅଥଚ ଜଗନ୍ନାଥ-ଓଡ଼ିଶାରେ ମଣିଷ ମନରୁ ଏପରି ଦୟା-ମାୟା ଲୋପ ହେଲା କିପରି ?

ଏ ଦୁଇ ଶବ୍ଦ ମିଶି ରହିଲେ ଆମ ପାଇଁ ତା' ବ୍ଲେଣ୍ଡ୍ ନିଆରା। ଅଲଗା ଅଲଗା ରହିଲେ ଚିନ୍ତା ନାହିଁ, କାରଣ ପ୍ରତ୍ୟେକ ନିଜ ଅର୍ଥରେ ବେଶ୍ ପ୍ରକଟିତ। 'ଦୟା-ମାୟା' ମଣିଷ ମନର ନିଜ ସମ୍ପଦ। ତାହା ତାକୁ ଭୟାନକ 'ଅହନ୍ତା' କି ଲଳିତ 'ପ୍ରେମ'ଠାରୁ ବି ଅଧିକ ଛଟପଟ କରେ । କେଉଁ ମଣିଷ କେଉଁ ପରିବେଶରେ ବଢ଼ି ସେଥିରୁ କେତେ ହାସଲ କରିଛି - ଏ ବିଚାର ଜଣଜଣିକିଆ। ଖାସ୍ ଏଇ ଶବ୍ଦ ଶିଖେଇବାକୁ ପୃଥିବୀସାରା ବାରମ୍ବାର 'ୟୁ.ଏନ୍. ପିସ୍-କିପିଙ୍ଗ୍ ଫୋର୍ସ' ଦରକାର ହୁଏ।

ଆମେ ସବୁବେଳେ ଏ ଶବ୍ଦକୁ ଶିଖୁଥାଉ ଏବଂ ଭୁଲି ବି ଯାଉ। ତହିଁକି ଜଗନ୍ନାଥ କ'ଣ କରିବେ ?

(୨.୭.୧୩.)

Digitized by srujanika@gmail.com

ପରଚର୍ଚ୍ଚା

ଇଂଲିଶ ଲୋକେ ଭଲ ଘୃଣା ବିସ୍ତାର କରିପାରନ୍ତି, ଆମେରିକାନ୍‌ମାନେ ନିଜ ଛଡ଼ା ଆଉ କାହା ଚିନ୍ତା କରନ୍ତି ନାହିଁ, ଚୀନ ଲୋକେ ଦେଶ କଥା ଏତେ ଭାବନ୍ତି ଯେ ନିଜକୁ ଭୁଲିଯା'ନ୍ତି ଏବଂ ଜାପାନୀମାନେ ନିଜ ଦ୍ୱୀପ ବାହାରେ ପୃଥିବୀ ଅଛି ବୋଲି ଜାଣନ୍ତିନି । ଏମିତି ସବୁ ସମଷ୍ଟିଙ୍କର କିଛି ନା କିଛି ଆଚରଣଗତ ଜଖମ ଥାଏ ବୋଲି ଅନ୍ୟମାନେ ଅନୁମାନ କରନ୍ତି । ମାତ୍ର ଭାରତୀୟମାନେ ଏସବୁ ବାଜେ କଥାରୁ ବହୁତ ଉପରେ । ସେମାନେ ଏଥିରୁ କିଛି କରନ୍ତିନି । ବରଂ ଖର୍ଚ୍ଚବାର୍ଚ୍ଚ କରି ଗପସପ ହୁଅନ୍ତି ଏବଂ ପରଚର୍ଚ୍ଚା କରିବାରେ ପ୍ରଚୁର ସଉକ ରଖନ୍ତି ।

ପ୍ରଥମଟିର କାରଣ - ବେଦ ପୁରାଣ ଆହୁରି କେତେ ପ୍ରାଚୀନତା ଜାଣିଛନ୍ତି, କହିବେନି କେମିତି ?

ଦ୍ୱିତୀୟର ଚାକ୍ଷୁଷ ଉଦାହରଣ - ଟିଭିରେ ଚାଲୁଥିବା କେତୋଟି 'ରିଆଲିଟି-ସୋ' । ବିଷୟ କ'ଣ ? ସେଠି ପରଚର୍ଚ୍ଚା ହେଉଥାଏ, ଏବଂ ସେଥିରେ ସେକ୍ସ ଓ ମୋରାଲିଟି ଡୋଜ୍ ଯଦି ଅଧିକ ତା'ହେଲେ ଟିଆରପି ବେଶି । ଭାରି ପପୁଲାର୍ । ଫ୍ୟାମିଲି ସାରା ଜାକି ହୋଇ ବସି ରହନ୍ତି ଟିଭି ସାମ୍ନାରେ ଦେଖିବାକୁ - 'ସଚ୍ କୀ ସାମ୍‌ନା' ବା ତଦ୍ରୂପ ପ୍ରୋଗ୍ରାମ । ଶିବ ପାର୍ବତୀ ଧର୍ମ ଓ ଚରଣାମୃତ ଚ୍ୟାନେଲ ସବୁ ତା' ପରେ । ଅମୁକ କେମିତି ତା ସ୍ୱାମୀକୁ ଚିଟ୍ କରୁ କରୁ ଧରା ପଡ଼ିଗଲା, ତା'ର ଡକୁମେଣ୍ଟେସନ୍ । ଆଏଁ - ଦେଖିବାକୁ ଉଉଲ ଡାଉଲ ପବିତ୍ର ପରି ଦେଖାଯାଉଥିବା ନାରୀ, ଏଡ଼େ ପାପ କଲା ? କଲା ତ କଲା, ପୁଣି ଧରା ପଡ଼ିଲା !

ଥରେ ଆମେ ଜଣେ ମହିଳାଙ୍କୁ ପଚାରିଲୁ, ପର କଥା ଶୁଣିବାକୁ ନରନାରୀ ଏତେ ଆଦର କରନ୍ତି କାହିଁକି ?

ସେ କହିଲେ, 'ମୁଁ ଦେଖେନି ।' ତେବେ ବି ଆମ ପ୍ରଶ୍ନର ଉତ୍ତର ତାଙ୍କ

Digitized by srujanika@gmail.com

ପାଖରେ ଥିଲା । ରୋମାନ୍ସରୁ ରୋଷେଇ ଯାଏଁ କିଛି ଭାବିବାକୁ ହେଲେ, ସେଥିପାଇଁ ଉଦ୍ୟମ ଦରକାର କି ନା ? ଆଜି ଆମେ ସେତିକି କରିବାକୁ ରାଜି ନୁହଁ । ରୋଷେଇ ଶିଖେଇବେ ସଂଜୀବ କପୂର - କପଟ, ଘୃଣା, ଷ୍ଟାଇଲ, ଟାଉଟରି, ରୋମାନ୍ସ ଶିଖାଉଥିବେ ଆଉ ସମସ୍ତେ । ଏବଂ ଆମେ ସବୁ ଟିଭିରୁ ଶିଖିଯିବୁ । ନିଜ ପାଇଁ ପୁଣ୍ୟ ଶିଖୁ କି ନା, ପରର ପାପ ନିଶ୍ଚୟ ଜାଣିବୁ ।

ଏ ପରଚର୍ଚ୍ଚାର ପ୍ରକୋପ ଏତେ ବଢ଼ିଲା ଯେ ଶେଷରେ କୋର୍ଟ ମୁଣ୍ଡ ପୂରେଇ ସେଥିରୁ ଗୁଡ଼ାଏ ବ୍ୟାନ୍ କରି ଦେଲେ । ଦି' ନମ୍ବରୀ ବା ପରକୀୟା କରି ସେ କଥା ଦମ୍ଭିଲା ହୋଇ ଟିଭି କ୍ୟାମେରା ସାମ୍ନାରେ କହି କେତେ ଯାଇତାଇ ଲୋକ ଜିରୋରୁ ହିରୋ ହୋଇଗଲେ ।

ଓର୍‌ଫା ଉଇନ୍‌ଫ୍ରେ ଗପସପ ପ୍ରୋଗ୍ରାମ ଆମେରିକାରେ ବେଶ୍ ଖ୍ୟାତ । ଉଇନ୍‌ଫ୍ରେ ବିଶ୍ୱାସ କରନ୍ତି ଯେ ଖବର ଜଗତରେ ସ୍କାଣ୍ଡାଲ ସବୁ ବେଳେ ଚାଲେ, ସେକ୍ସ-ସ୍କାଣ୍ଡାଲ ହେଲେ ତା ବେଗ ସାତ ଗୁଣ ବଢ଼ି ଯାଏ । ସେ କାର୍ଯ୍ୟକ୍ରମରେ କ୍ୱଚିତ୍ ପରକୀୟା ଏବଂ ଘୃଣା ପରି ପ୍ରସଙ୍ଗ ରଖନ୍ତି । କାରଣ ସେଥିରେ ସତ କହିବା ପରି ଦମ୍ଭିଲା ନର ନାରୀ (ନାଟକର ଚରିତ୍ର) ଆମେରିକାରେ ହଠାତ୍ ମିଳନ୍ତି ନାହିଁ । ଭାରତରେ ? ଏଥିପାଇଁ କେତେ ଆପ୍ଲିକେସନ ଚ୍ୟାନେଲ ପାଖରେ ପେଣ୍ଡିଙ୍ଗ୍ ପଡ଼ିଥିଲା । ସେମାନଙ୍କ ବିଜ୍ଞାପନ କହୁଥିଲା - ଆଗକୁ ଆସିବେ ଅମୁକ ।

'ପର ନିନ୍ଦା ଅମୃତ ସମାନ । ନିଜ ସ୍ତୁତି ମୁକ୍ତ କଣ୍ଠେ ଗାନ ।' ଏହା ହୋଇଛି ଭାରତ ପାଇଁ ମହାମନ୍ତ୍ର ।

ଏଥିରୁ କେହି ନିସ୍ତାର ପାଇବା ବାଟ ନାହିଁ । ଏଲ. କେ. ଆଡଭାନି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କୁ ଅଧିକ ପ୍ରଶଂସା କଲେ । ହେଲେ ସେ ଦଳର କେତେ ଲୋକଙ୍କ ନରମ ନାଡ଼ିରେ ହାତ ମାରିଦେଲେ । କହିଲେ କ'ଣ ନା ନରେନ୍ଦ୍ର ମୋଦୀ ଏକ ସମୃଦ୍ଧ ରାଜ୍ୟ ପାଇ ତାକୁ ଉଜ୍ଜ୍ୱଳ କଲେ, ଚୌହାନ ଦରିଦ୍ର ରାଜ୍ୟକୁ ସମୃଦ୍ଧ କରିଛନ୍ତି । 'କି ପ୍ରଧାନମନ୍ତ୍ରୀ ହୋ, ତାଙ୍କୁ ତ ବିଶ୍ୱରେ ସମ୍ମାନ ମିଳିବା ଦରକାର ।'

ଏ ଜାଲ ଆଉ ଚଢ଼େଇ (ମୋଦି) ପାଇଁ । ଅଜାଗାରେ ବାଜି ଗଲା । ଭାଜପାର ଏମିତି ବି ପାଗଯୋଗ ଭଲ ନାହିଁ । କର୍ଣ୍ଣାଟକ ନିର୍ବାଚନ ପରେ ସମସ୍ତେ କାର୍ଟୁନ୍ କଣ୍ଢେଇ ପରି ନାଚୁଛନ୍ତି । ଆଡଭାନି ଏ କଥା ପବ୍ଲିକ୍ ମିଟିଙ୍ଗରେ କହିଲେ । ମାନେ, ଯା'ର ଅର୍ଥ ଅଲବତ୍ ଅଛି ।

ସୂଚନା ପ୍ରସାରଣ ମନ୍ତ୍ରୀ କଂଗ୍ରେସ ନେତା ମନୀଶ ତିୱାରି ଆଡଭାନିଙ୍କ ମନ୍ତବ୍ୟକୁ ପରିହାସ କରି ଟୁଇଟରରେ ଲେଖିଲେ, 'ଆଡଭାନି ଜୀଙ୍କ ଭାଜପା ଗପ । ଚୌହାନ ଜୀ ବନାମ ମୋଦୀ ଜୀ ବନାମ ରାଜନାଥ ଜୀ ବନାମ ସୁଷମା ଜୀ ବନାମ ଜେଟ୍‌ଲି ଜୀ ବନାମ ଗଡ଼କାରୀ ଜୀ ।' ଏବଂ ଶେଷରେ, 'ପରିବାର ଜୀ (ସଂଘ ପରିବାର) ବନାମ ବିଜେପି ଜୀ'

ଲେଖି ନ ଥିଲେ - କଂଗ୍ରେସର ସେ ପ୍ରବ୍ଲେମ୍ ନାହିଁ । ମରଣ ଓ ମରଣାନ୍ତରରେ ଆମର ଗୋଟିଏ ଜୀ - ସୋନିଆ ଜୀ !

(୫.୬.୧୩)

Digitized by srujanika@gmail.com

'କେତେ ଦିନକୁ ମନ ବାନ୍ଧିଚୁ ଆଣ୍ଟ'

ଭବିଷ୍ୟର ଆଚାର ବିଚାର ଠଉରେଇବାକୁ ଆମେ ପ୍ରାୟ ତିନି କିସମ ଲୋକ ଦେଖୁ ।

ଥୋକେ ଭାବନ୍ତି - ଯାହା ହଉଚି ହଉ । ମୁଁ କ'ଣ କରିବି ? ତା ନାଁ ପରା ଆଗତ କାଳ । ତିଆରି କଲା ବେଳେ ବ୍ରହ୍ମା ମଣିଷକୁ କହିଥିଲେ - ପୁଅରେ, ତୁ ପୃଥିବୀରେ ଯାହା ଖୋଜିବୁ ସବୁ ସୁଖ ସମ୍ପଦ ଦେବି । କେବଳ ଗୋଟିଏ ଛାଡ଼ି - ନିଜ ଆଗତ କାଳ ଜାଣି ପାରିବୁ ନାହିଁ । ଏବଂହୁସିଆର, ଖୋଜିବୁନି ବି । ମାଗିଲେ ବି କୋଉ ଠାକୁର ତତେ ସେ ବର ବି ଦେବେନି । ବରଂ କହିବେ ପନ୍ଦର ଥର ଆସି ଆମ ପାଖରେ ଭକ୍ତ ଭାବେ ଝାଡ଼ିଫୁଙ୍କି ହୋଇ ଯା' । ଏ କଥା ଜାଣିବା ତୋର କି ଦରକାର ?

୨. ଏମାନେ ଭବିଷ୍ୟକୁ କତିକି ଟାଣି ଆଣନ୍ତି । ମୁଦି ନ ପିନ୍ଧିଲେ ଗ୍ରହ ନକ୍ଷତ୍ର କାଳେ ମାଡ଼ି ବସିବେ ! ଭବିଷ୍ୟ ତିଆରି କରି ପାରନ୍ତି । ବର୍ତ୍ତମାନ କାଳରେ ବଞ୍ଚିବା ସୁଯୋଗ ପାଆନ୍ତିନି ବିଚରାଗୁଡ଼ିକ । ନିଜ ଆଚରଣ ସପକ୍ଷରେ ଏମାନଙ୍କ ଯୁକ୍ତି ବି ବଳବତ୍ତର ଲାଗେ । ଆମେ ଯଦି କିଛି 'ବିଶ୍ୱାସ' କରିବୁ ସେଥିରେ ସତ ଅସତ ପରୀକ୍ଷା କଥା ଆସିଲା କେଉଁଠୁ ? ମୋ ବିଶ୍ୱାସ ତ ମୋ ପାଇଁ ସତ । ଶେଷ ଯଦି ଥୟ, ମୁଁ କିଛି 'ବିଶ୍ୱାସ' କରି ବଞ୍ଚିବି ନା 'ଅବିଶ୍ୱାସ' କରି ବଞ୍ଚିବି ? 'ଢୁଣ୍ଡ୍ ତେ ରହ ଯାଓଗେ' ପରି ନିଜ ପ୍ରଶ୍ନର ଉତ୍ତର ବେଶି ଲୋକ ପାଆନ୍ତିନି ବୋଲି ସବୁ ସମାଜରେ ଏମାନଙ୍କ ସଂଖ୍ୟା ଅଧିକ । ଏମାନେ ହାଫ୍ ମୋରାଲ୍ ଓ ହାଫ୍ ଇମ୍ମୋରାଲ୍ । ହାଫ୍ ରେଲିଜିଅସ୍ ଓ ହାଫ୍ ରେସନାଲ୍ !

୩. ତୃତୀୟ ଗୋଷ୍ଠୀ ବେଶ୍ ଭୋଳାଭାଲା । ଭବିଷ୍ୟ ହାବୁଡ଼ିଲେ ଏମାନେ କହନ୍ତି - ଇଏ କ'ଣ ହେଲା ବା ! ଚାଲ ରିଲିଫ୍ ବାଣ୍ଟିବା, ମହମବତି ଜାଳିବା, ମିଟିଙ୍ଗ୍ କରିବା ।

ଦୁଃଖ ସବୁବେଳେ ସାତ ଭାଇ ଧରି ଆସେ । ଉତ୍ତରାଖଣ୍ଡର ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି । କି ଦୁଃଖରେ କେତେ ଛିଇଛନ୍ତି, ଏ କଥା ଜାଣିବା

Digitized by srujanika@gmail.com

ଉପାୟ ନାହିଁ - ମରିବାଙ୍କ ସଂଖ୍ୟା ପଚାରେ କିଏ ! ଗୁରୁବାର ସକାଳୁ ଧାର୍ମିକ ଭାବେ ମୃତକଙ୍କର ଏକ ସମୂହିକ ଦାହକ୍ରିୟା କରାଗଲା ଏବଂ ସଂଖ୍ୟା କେତେ କହିବାକୁ ଅଥରିଟି ମନା କଲେ ।

ଏହାର ମୁକ୍ତ ସଙ୍କେତ - ନାଗରିକର ଜୀବନ ରକ୍ଷା କରିବ ବୋଲି ସମ୍ବିଧାନରେ ରାଣ ପକାଇଥିବା 'ଷ୍ଟେଟ୍' ଆଉ କିଛି କରି ପାରିବନି । ଏ ଦୁର୍ଘଟଣାକୁ ପ୍ରକୃତି ବା ଠାକୁରଙ୍କ କୋପ ବିଚାରି ସହିବାକୁ ପଡ଼ିବ । ଏଣିକି ନିଜ ଲୋକଙ୍କୁ ନିଜେ ଖୋଜ । ତୀର୍ଥ କରିବାକୁ ଯାଇ କିଏ ମଲା କି ରହିଲା - ସେକଥା ଆଉ ଆମକୁ ପଚାରିବନି । ଇନ୍ସୁରେନ୍ସ ପଲିସି-କଣ୍ଡିସନ୍ ପରି ଲାଗୁଛି ନା !

ଧାର୍ମିକ କାରଣରୁ ଟୁରିଷ୍ଟ୍ ଡେଷ୍ଟିନେସନ୍ ଭାବେ ସିଓର୍ ହୋଇ ଏବେ ସରକାର ଉତ୍ତରାଖଣ୍ଡକୁ 'ହନିମୁନ୍ ଡେଷ୍ଟିନେସନ୍' ଘୋଷଣା କରିଥିଲେ । ଏ କଳ୍ପନା ପାଣି ଫାଟିଗଲା । ମାତ୍ର ଗୋଟେ ବିଶ୍ୱାସ - ଧର୍ମ ଓ ରୋମାନ୍ସ - ଦି'ଟାଯାକ ଭାରି ଡେୟାରିଙ୍ଗ୍ । ମରଣ କି ବିପଦ କିଛି ଖାତିର କରେନି ।

ଜୁନ ୧୫ ତାରିଖ ଦିନ କାହିଁ କେଉଁ କାଳରୁ ରହିଥିବା ଧାରା ଦେବୀ ମନ୍ଦିର ନିଜ ଜାଗାରୁ ଉଠାଇ ଅନ୍ୟଠାକୁ ନିଆଗଲା । କାରଣ ଏକ ହାଇଡ୍ରୋ ପାୱାର ଡ୍ୟାମ୍ ବୁଡ଼ି ଅଞ୍ଚଳରେ ତାଙ୍କ ଆସ୍ଥାନ ରହିଗଲା । ସରକାରୀ ଖର୍ଚ୍ଚ ଓ ଖାତିରବାତିରରେ ଦେବୀଙ୍କୁ ଟୁରିଷ୍ଟ୍ ଆକର୍ଷଣଯୋଗ୍ୟ ଅନ୍ୟ ଏକ ସୁରମ୍ୟ ମନ୍ଦିରରେ ସଂସ୍ଥାପିତ କରାଗଲା । ଲୋକେ ମନା କରୁଥିଲେ - ଏମିତି କରନି । ଆସ୍ଥାନ ହଲିଲେ କାଳୀ-ମାତା ରାଗିବେ । ମା' କାଳୀଙ୍କ ତରଫରୁ ସେ ଏଠି ଜଗି ଜଳ ଧାରା କଣ୍ଟ୍ରୋଲ କରୁଛନ୍ତି । ତାଙ୍କ କୋପ ଭିତରକୁ ଆସନି । ସେ ରାଗିଲେ ତା ରୂପ କ'ଣ ହେବ, କେହି ଜାଣନ୍ତିନି । ଲୋକଙ୍କ କଥାରେ ଭାଜପା ମିଶିଲା । ପୂର୍ବ ମୁଖ୍ୟମନ୍ତ୍ରୀ ବି.ସି. ଖଣ୍ଡୁରି ଓ ଉମା ଭାରତୀ ସ୍ଥାନୀୟ ଲୋକଙ୍କ ଭୟ ସହ ମିଶି ଅଳ୍ପ କିଛି ପ୍ରତିବାଦ କଲେ ।

କଂଗ୍ରେସ କହିଲା - ସୁପରଷ୍ଟିସନ୍ । ଆମର ପ୍ରଗତି ଦରକାର । ଲୋକଙ୍କ ଆଗତ ଓ ଆଶଙ୍କାକୁ ଅନ୍ଧବିଶ୍ୱାସ କହି ଭୁରୁଡ଼େଇ ଦିଆଗଲା । ଏବେ କଥା ଉଠିଛି - କାଳୀ ମାଆଙ୍କ କୋପ ଦେଖିଲ ତ ! ସେଇ ଦିନ ରାତିରେ ବାଦଲ ଫାଟିଲା ! ରବିବାର ସକାଳୁ ଦେଖିଲାବେଳକୁ ହିନ୍ଦୁଙ୍କ ପବିତ୍ର ଦେବ-ଭୂମି କେଦାରନାଥ ଏବଂ ଉତ୍ତର କାଶି ଅଞ୍ଚଳ ଭାସି ଯାଇଥିଲା । ଧୋଇ ହୋଇଗଲା ଦୁଇଟି ଜିଲ୍ଲା - ରୁଦ୍ରପ୍ରୟାଗ ଓ ବେଗେଶ୍ୱରରୁ ଅଧେଲେଖା ।

ଏବେ ପ୍ରଶ୍ନ ଉଠୁଛି: ସୁପରଷ୍ଟିସନ୍ ଭୁଲ ତ ହୋଇନି ?

କିଛି ନ ଜାଣି ପ୍ରକୃତିକୁ କଳିବା ପରି ମୂର୍ଖାମି ମଣିଷ କରେ । ଏ ସମୟର ମଣିଷ ଆହୁରି ନିଆରା । ଦର ବଢ଼ିଛି ବୋଲି ଭେଣ୍ଡି କଖାରୁ କିଣୁନି - ହେଲେ ଦର କମିଚି ବୋଲି ସୁନା କିଣୁଚି । ଏବେ ମୂଳ ବିଶ୍ୱାସର 'ଆପଣା ସୁନା' ଭେଣ୍ଡି । କିଏ ଅଧିକ ସେବା କରିଛି, ସେଥିପାଇଁ କଂଗ୍ରେସ ଭାଜପା ରାଉରାଉ ହେଲେଣି । ପ୍ରଭୁ କେଦାରନାଥ ଠିକ୍ ଅଛନ୍ତି । ହିମାଳୟରେ ପ୍ରାକୃତିକ ଶୃଙ୍ଖଳାର ସୂଚୀପତ୍ର ଓ ସରକାରଙ୍କ ପ୍ରଗତିର ଖସଡ଼ା କଦାପି ଏକା ତାଳର ହୋଇ ପାରିବନି । ସେଠି ଲୋକଙ୍କ ମନରେ ଶିବ ପାର୍ବତୀଙ୍କ ରାଜୁତି ଚାଲେ ।

(୨୯.୬.୧୩.)

Digitized by srujanika@gmail.com

ରା ଶି ଫ ଳ

'ସର୍ବେ ନବଗ୍ରହାଃ ଏକାଦଶସ୍ଥା ଫଳଦା ଭବନ୍ତୁ'

ରବିବାର ସକାଳୁ ଜଣେ ପାଠକ ବନ୍ଧୁ ଫୋନ କଲେ। 'ଆଜି କାହିଁ ରାଶିଫଳ ବାହାରିନି ?'

'ଆପଣ ଏଇଟା ଆଗେ ପଢ଼ନ୍ତି ବୋଧେ ?'

'ହଁ ଆଜ୍ଞା । 'ସୂର୍ଯ୍ୟପ୍ରଭା' ଫୋର୍‌କାଷ୍ଟ ଭାରି ଆକ୍ୟୁରେଟ୍।'

'ପ୍ରଶଂସା ପାଇଁ ଧନ୍ୟବାଦ' । ନିଜେ ଦେଖିଲି । ସ୍ତମ୍ଭ ଅଛି, ଖାଲି ପୃଷ୍ଠାଟା ବଦଳିଯାଇଛି । ଏ କଥା ସୂଚେଇ ଦେବାରୁ ସେ ସରି-ଫରି କହି ଗପ ସାରିଲେ ।

ଏହା ମୋ ପାଇଁ ଏତେ ଆଗ୍ରହର ସ୍ତମ୍ଭ ନୁହେଁ । କାରଣ, କିଛି ବୁଝିପାରେନି । ଯେହେତୁ ବୁଝିପାରେନା, ତେଣୁ ପଢ଼ିବାକୁ ଇଚ୍ଛା ହୁଏନା । ସ୍କୁଲ-ଦିନ ହେଜନ୍ତୁ, ଏ ଢଙ୍ଗ ମନେ ପଡ଼ିବ । ମୁଁ ରାଶିଫଳ ପଢ଼େ ଯେ, ହେଲେ ନିହାତି ଫୁର୍‌ସତ ମିଳିଲେ । ସମଝିବାକୁ ଇଚ୍ଛା ହୁଏ - ଗ୍ରହ ନକ୍ଷତ୍ରଙ୍କ କୋପ, କରୁଣା ବା କୌତୁକ । ସେଗୁଡ଼ିକୁ ଆମେ ତ ବୁଝିଯାଉ ବାଚସ୍ପତି (ଅବଧାନ)ଙ୍କ ଶବ୍ଦରେ । ଗ୍ରହମାନେ ମଣିଷ ଜୀବନର ସୁଖ, ଶାନ୍ତି ଓ ସମ୍ପଦ ବା ଦୁଃଖ, ଶୋକ ଓ ବିପଦକୁ କେଉଁ ଲାଙ୍ଗୁଏଜ୍‌ରେ ବୁଝନ୍ତି ? ତେଣୁ ରାଶିଫଳ ବର୍ଣ୍ଣନାରେ ଶବ୍ଦ ଓ ଭାବର ଗୁହ୍ମାଗୁହ୍ମି ଭଲ ଲାଗେ । ତାହା ଦୋଚାରୁଣୀ ପ୍ରେମ ପରି, ଦେଖାଯାଏ ନିଆରା ନିଆରା ।

ଜୁଲାଇ ୨୫ ଦିନ ସାହିତ୍ୟ ଏକାଡ଼େମି ପ୍ରତିଷ୍ଠା ଦିବସ ଅବକାଶରେ ମୋର ଦୁର୍ଘଟଣାଟିଏ ଘଟିଲା । 'ଆଲୁଅ ଭିତରେ ଅନ୍ଧାର ଖୋଜିବା' - ଏ ଦିବ୍ୟ ଚେତନା ପରମହଂସ ଇତ୍ୟାଦି ସ୍ତରର ପୁରୁଷ ବା ନିଶାଖୋର୍‌ମାନେ ହିଁ ହାସଲ କରନ୍ତି । ଆଉ ସମସ୍ତେ ବିଶ୍ୱାସ ବା ଅବିଶ୍ୱାସ ଭିତରେ ଦୋଳି ଖେଳୁଥା'ନ୍ତି । ସାଙ୍ଗରେ ଜଣେ ବନ୍ଧୁ ଥିଲେ । ତାଙ୍କର ବି ଧୂମପାନ ଅମଳି । ନିରୋଳା ଜାଗା ଖୋଜୁଥିବା ଅକୁହା ଅଭିଳାଷ ସହ ଦୁହେଁ ଡିସାଇଡ୍ କଲୁ -

Digitized by srujanika@gmail.com

ହସଖୁସି ବହୁତ ହେଲା, ଆଗେ ଏ ଶିଷ୍ଟାଞ୍ଚଳ ଛାଡ଼ିବା । ଗାଡ଼ି ତ ଆସିବ, ଗେଟ୍ ବାହାରକୁ ପଳାଇଲୁ । ସେଠି ବି ଚାରିଆଡ଼େ ହାଲୋଜ ।

ଆଲୁଅ ଭିତରେ ଅନ୍ଧାର ଖୋଜିବା ପରି ଅଜଣା ଓଲୁଅ ଖାଇବା ନିଶାରେ ସୁଶୋଭିତ ଫୁଟପାଥ୍‌ରେ ଟହଲ ମାରୁଥାଉ । ସେଠି ଗଛ ଅଛି, ଛାଇ ଥାଏ । ଆଲୁଅ ସାଙ୍ଗରେ ଅନ୍ଧାର ବି ଥାଏ । ରୋମାଣ୍ଟିକ୍ ଲାଗୁଥିଲା ଯେ ମାତ୍ର ଏ ସୁଖ ବେଶି ସମୟ ଚାଲିଲାନି । ଡ୍ରେନ୍‌ର ଖୋଲା ସ୍ଲାବ୍‌ରେ ଗୋଟିଏ ପାଦ ଗଳି ଗଲା । ତା'ପରେ ଯାହା ହେବା କଥା, ହେଲା । ଫାଷ୍ଟ-ଏଡ୍ ଇତ୍ୟାଦି ସରିଲା । ମନକୁ ବୁଝେଇବାକୁ ସୁଖ ଲାଗିଲା - ମଲା, ଆହୁରି କେତେ କଥା ବି ଘଟି ପାରିଥା'ନ୍ତା ।

ସିଏ କ'ଣ, କିପରି ତିଆରି ହୁଏ ବା କେମିତି କଟେ - ଏତେ ଜଟିଳତା ଜାଣି ନ ଥିଲେ ବି ଆପେ ପାଟିରୁ ବାହାରିଗଲା - ଓହୋ, 'ରିଷ୍ଟ' କଟିଗଲା !

ପିଲାଦିନେ କାଦୁଅରେ ପଡ଼ି କାନ୍ଦିଲେ, ବୋଉ ଠିକ୍ ଏଇ ଶବ୍ଦ କହୁଥିଲା । କିଛି ସମୟ ସୁଁ ସୁଁ ହେଲାପରେ ମୁଁ 'ରିଷ୍ଟ'କୁ ବୁଝି ତୁନି ହୋଇଯାଉଥିଲି । କୌଣସି ପବିତ୍ର କାମ କରିବାକୁ ମୁଁ ଯୋଗ୍ୟ ନୁହେଁ ଓ ତାକୁ କୁଆଡ଼େ ମୋତେ ସତ କହେ ନାହିଁ - ମୋ ବିରୁଦ୍ଧରେ ଏ ଦୁଇଟି ପାକଳିଆ ପ୍ରତ୍ୟୟ ସେ ମୋତେ ଛାଡ଼ି ପାରିଲାନି । କେଉଁ କାଳର କଥା । ଗାଁରୁ ପୋଷ୍ଟକାର୍ଡ ଲେଖି ପଠେଇ ଦେବ । ବୁଝିଲୁ - ଧଡ଼ି ଅବଧାନେ କହିଛନ୍ତି । ମାନେ, ତତେ ବିଶ୍ୱାସ କରିବାକୁ ପଡ଼ିବ ଯେ ତୋର ଅମୁକ ଅମୁକ ଦିନ ଘାତଚନ୍ଦ୍ର । ବେଶି ବୁଲାବୁଲି କରିବୁନି । ବେଳେବେଳେ ତା ସତର୍କ-ପତ୍ର ପହଞ୍ଚିଲା ବେଳକୁ ଚନ୍ଦ୍ର ଓ ତାରିଖ ସବୁ ପଳେଇଥା'ନ୍ତି ଆଉ କୁଆଡ଼େ । ସେତେବେଳେ ଯୁଗ ସେମିତି ଥିଲା ।

ଖାଇଛି, ପିଇଛି, ବଢ଼ିଛି କି ଛିଡ଼ିଛି - ମାତ୍ର ଆଗେ ମୋ 'ରିଷ୍ଟ' ଥିଲା ଏକାନ୍ତ ଭାବେ ବୋଉ ମାର୍ଫତରେ । ସେ ଅବଧାନଙ୍କୁ ଧରି ସେଗୁଡ଼ିକର ଖଣ୍ଡନ, ମୋଚନ, ବିମୋଚନ ସବୁ କରେଇ ଦେଉଥିଲା । ତା' ଅନ୍ତେ, 'ଘାତଚନ୍ଦ୍ର' ପରି ସୂକ୍ଷ୍ମ ଆକଟଗୁଡ଼ିକ ଲିଷ୍ଟ୍‌ରୁ ଆପେ କଟି ଗଲେ ।

ଆମ ଅବଧାନଙ୍କ ନାତି ଇଣ୍ଡିଆନ ଅଏଲ୍ ବମ୍ବେ କର୍ପୋରେଟ୍ ଅଫିସରେ ଜିଏମ । ଯୁଗ ବଦଳିଯାଇଛି ବୁଝି ମୋ 'ରିଷ୍ଟ'ଗୁଡ଼ିକ ପରିବାରର ଅନ୍ୟ ସଦସ୍ୟଙ୍କ ମାର୍ଫତକୁ ଚାଲି ଗଲେ । ନିରାମିଷ, ଅଭଡ଼ା ପରି ଦି'ଚାରେଟି ସାଦାସିଧା ବରାଦ ମାନିଲେ ସେମାନେ ହଟି ଯାଉଥିଲେ ବା କଟି ଯାଉଥିଲେ । ଏଥର ହେଲାନି କାହିଁକି ?

ସାଷ୍ଟମ ହେଲି । ମନରେ ବିକଳ୍ପ ଉତ୍ସାହ ଆସିଲା । ପୂର୍ବ ଦିନର ସବୁ ଖବରକାଗଜରୁ ରାଶିଫଳ-ଭବିଷ୍ୟବାଣୀ ପଢ଼ିଲି । ନେଟ୍‌ରେ ବି । ଏପରି ଅଘଟଣ ବା ତହିଁର ପାଖାପାଖି ଆପଦ ବିପଦ ଅନୁମାନ କେହି କରି ନ ଥିଲେ । ବରଂ, ଅର୍ଥ-ଯଶ-ଶୁଭସମ୍ବାଦ ପରି ସୁଖପ୍ରଦ ବର୍ଣ୍ଣନାଗୁଡ଼ିଏ ଥିଲା ସେଥିରେ ।

ସେଥିରୁ ଗୋଟିଏ ନମୁନା କହିବି : ସନ୍ତାନସନ୍ତତିଙ୍କଠାରୁ ସୁସମ୍ବାଦ ମିଳିବ । ମାତ୍ର କଥାଟା ଓଲଟା ଘଟିଲା । ଏଠୁ ସେମାନଙ୍କ ପାଖକୁ ଖରାପ ଖବର ଗଲା । ଏ ବିଷୟରେ ଅବଧାନ କହିଲେ - କୁଆଡ଼େ ଗ୍ରହ 'ବକ୍ରୀ' ହେଲେ ଏମିତି ସବୁକଥା ବିଗିଡ଼ି ଯାଏ ।

(୩୦.୭.୧୩)

Digitized by srujanika@gmail.com

ଚୋରି ନାରୀ ଓ ଜୁଆବାଜି ସପକ୍ଷରେ

"They who know the truth are not equal to those who love it, and they who love it are not equal to those who find pleasure in it." - Confucius

ଗୁରୁ ଗୁରୁଜନ କହିଛନ୍ତି - ଟିକେ ନାଳ ପଡ଼ିଲେ ଯେମିତି ହୋଲ୍ ମାହାର୍ଦ୍ଦ ମାରା ସେମିତି ତୁଣ୍ଡ ପଦେ ଶବ୍ଦ ଛୁଟିଲେ ହୋଲ୍ ପିଣ୍ଡ ମାରା। ତେଣୁ ଗେଡ଼ରେ, ପାଟିରୁ ଯାହା ବାହାରେ ସେଥିପାଇଁ ସବୁବେଳେ ହୁସିଆର ଥିବୁ।

ସିବିଆଇ ଦ୍ୱାରା ଆୟୋଜିତ 'ଏଥିକ୍ସ ଏଣ୍ଡ୍ ଇଣ୍ଟେଗ୍ରିଟି ଇନ୍ ସ୍ପୋର୍ଟସ୍' ଶୀର୍ଷକ ଏକ ତିନିଦିନିଆ ଆଲୋଚନାଚକ୍ରର ଶେଷ ଚରଣରେ ମଙ୍ଗଳବାର ଦିନ ଖେଳକୁଦରେ 'ବେଟିଂ' (ବାଜି) ସଂପର୍କରେ ସିବିଆଇ ନିର୍ଦ୍ଦେଶକ ରଣଜିତ୍ ସିହ୍ନା ନିଜ ମତ ରଖିଲେ।

କ'ଣ କହିଲେ? ଯଦି ରାଷ୍ଟ୍ର ଲଟେରି ଚଲେଇ ପାରିବ, ଟୁରିଷ୍ଟଙ୍କ ପାଇଁ 'କ୍ୟାସିନୋ' (ଜୁଆ ଆଡ୍ଡା) ଯୋଗାଇ ପାରିବ କି ଡିସ୍‌କ୍ଲୋଜ୍ କଲେ 'ବ୍ଲାକ୍‌ମନି' (କଳାଧନ) 'ହ୍ୱାଇଟ୍' (ଧଳା) ହୋଇପାରିବ, ତେବେ ଖେଳ ପାଇଁ 'ବେଟିଂ' ଚାଲିଲେ ଭୁଲ କ'ଣ? ଚଗିବାକୁ ଲୋକ ନାହାଁନ୍ତି, ସାଧୁତା ପାଇଁ ଆଇନ ତିଆରି କଲେ ତା' ମୂଲ୍ୟ କ'ଣ? ଏମିତି ଲଜ୍ୟାଜନକ ଅବସ୍ଥାରେ ଆମେ ପଡ଼ିଛୁ। ତାହାଲ୍ୟ କରି ଗୋଟିଏ ଇଂଲିଶ XM - If rape is inevitable, enjoy it - କୁ ନିଜ ଭାଷାରେ କହିଲେ, "If you cannot enforce the ban on betting, it is like saying if you can't prevent rape, you enjoy it."

ସଂଯୋଗ, ସେଇ ଦିନ ଅନ୍ୟତ୍ର ବିତ୍ତମନ୍ତ୍ରୀ ପି. ଚିଦାମ୍ବରମ୍ କହିଥିଲେ - ସିବିଆଇ 'କଂଗ୍ରେସ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସନ' କି 'ପଞ୍ଜୁରିବନ୍ଧ ଶୁଆ' ନୁହେଁ।

ଯାହା ସିହ୍ନା କହି ନ ଥିବେ - କିଏ କୋଉଠି 'ମ୍ୟାଚ୍ ଫିକ୍ସିଂ' କରିବାକୁ ପଡ଼ିଆରେ

Digitized by srujanika@gmail.com

ରୁମାଲ ଫୋପାଡ଼ି ଦୌଡ଼ିବ କି ବ୍ୟାଟ୍‌କୁ ଜୋତାରେ ଘଷିବ କି କେଉଁଠି ଲୁଚି କେଉଁ ହିରୋଇନ ଓଠ ଚୁମିବ - ଏତେ କଥା ଜଗିବ କିଏ ? ଘୋଡ଼ାଦୌଡ଼ରେ ତ ପୁଣି ଘୋଡ଼ା ଉପରେ ବାଜି ରହୁଛି। ଯିଏ ଜିତିବ, ସିଏ ସିକନ୍ଦର। ଅଧିକ ରୋଜଗାର କରୁ। ତାଙ୍କ ବକ୍ତବ୍ୟରେ ରେପ୍ ଶବ୍ଦ କେବଳ ଶ୍ଳେଷ ଭାବରେ ବ୍ୟବହାର କରାଯାଇଥିଲା। ତାଙ୍କ ଗୁରୁତ୍ୱ ଥିଲା - ଆଇନ ଗଢ଼ିବା ଏବଂ ତାହା ଜଗି ପାଳନ କରିବା।

ମହାଶୟ କାର୍ଯ୍ୟକ୍ରମରୁ ଆହୁରି ବାହାରକୁ ଆସି ନ ଥା'ନ୍ତି, ପଦାରେ ଚାଲିଲା ତାଙ୍କ ଭାଷଣ ସଂପର୍କରେ ବିତଣ୍ଡା ବିତର୍କ ଏବଂ ଆଲୋଚନା। ସତେ ଯେପରି ସେ ମିଟିଙ୍ଗ୍‌ରେ 'ଏଥିକ୍ସ' ନୁହେଁ - 'ରେପ୍' କଥା କହୁଥିଲେ ! ଏ ଶ୍ଳେଷ ମନ୍ତବ୍ୟ ବିରୁଦ୍ଧରେ ନୈତିକତାବାଦୀଙ୍କ କୁହାଟ ଏତେ ତୀବ୍ର ହେଲା ଯେ ବୁଧବାର ଦିନ ସିବିଆଇ ଏବଂ ସ୍ୱୟଂ ଶ୍ରୀ ସିହ୍ନା ମିଡିଆ ସାମ୍ନାରେ ସ୍ପଷ୍ଟୀକରଣ ଦେବାକୁ ହାଜର।

ଯିଏ କାଦୁଅରେ ପଶେ ତା ପାଦଚିହ୍ନର ଛାପ ରହିବା ଥୟ। ଇଲେକ୍‌ଟ୍ରୋନିକ ଇଣ୍ଡିଆରେ ଗୋଟିଏ ବିଲକ୍ଷଣ ସମସ୍ତେ ଲକ୍ଷ୍ୟ କରିପାରୁଥିବେ। ସିସି ଟିଭି କ୍ୟାମେରାକୁ ଜଗି ଯାହା ପାରୁଛ କର ପଛେ, ତୁଣ୍ଡରେ ମନ୍ଦ କଥା କୁହ ନାହିଁ। ଉଦାହରଣ କି ପରିହାସ ପାଇଁ ବି ନୁହେଁ। କୁହାଯାଏ, ଶବ୍ଦ କୁଆଡ଼େ ହୃଦୟର ବାଣୀ। ମାତ୍ର ଏ ଢଙ୍ଗ ଦେଖିଲେ ଲାଗେ - ଯିଏ ଯେତେ ବଡ଼ ପଦବୀରେ ରହେ ତା ପାଇଁ ପ୍ରତ୍ୟେକ ଶବ୍ଦ ସେତେ ସରୁ ଫିଲ୍‌ଟର୍ ବା 'କଣ୍ଡକ୍ଟ ରୁଲ୍' (ଆଚରଣ ସଂହିତା)ରେ ଛଣା ହୋଇ ପଦାକୁ ବାହାରିବା ଦରକାର। ନ ହେଲେ ପାନରୁ ଚୂନ ଖସିଯାଏ।

ବିଚରା ମରଦ ପୁଅ !

ସ୍ତ୍ରୀ ଉପରେ ହାତ ଉଠେଇଲେ - ଲକ୍ଷ୍ମୀଛଡ଼ା।

ସେଠୁ ମାଡ଼ ଖାଇଲେ - ମାଇପ ମାଡ଼ଖିଆ।

କାହା ସାଙ୍ଗରେ ତାଙ୍କୁ ବେଢଙ୍ଗରେ ଦେଖି ଚିଡ଼ିଲେ - ଅସହିଷ୍ଣୁ।

ଚୁପ୍ ରହିଲେ - ଅଣପୁରୁଷିଆ।

ବେଶି ପଦାରେ ବୁଲିଲେ - ଛତରା।

ବେଶି ଘରେ ରହିଲେ - ସନ୍ଦେହୀ।

ପିଲାଙ୍କୁ ଦାଣ୍ଡିଲେ - ନିଷ୍ଠୁର।

ନ ଦାଣ୍ଡିଲେ - ବେପରୁଆ।

ସ୍ତ୍ରୀର ଚାକିରି ପାଇଁ ରାଜି ନ ହେଲେ - ଅବିଶ୍ୱାସୀ।

ହେଲେ - ଲୋଭୀ।

ମା' କଥା ମାନିଲେ - ଚାମଚା।

ସ୍ତ୍ରୀ କଥା ମାନିଲେ - ମାଇପବୋଲା।

ପୁରୁଷ ସ୍ତ୍ରୀ ନାଁରେ କମ୍ପ୍ଲେନ୍ କଲେ - ବେହିଆ।

ସ୍ତ୍ରୀ ପୁରୁଷ ନାଁରେ କଲେ - ୪୯୮ ଏ।

'ଆନ୍ତର୍ଜାତିକ ପୁରୁଷ ଦିବସ' - ୧୯ ନଭେମ୍ବର - ଉପଲକ୍ଷେ ପୁରୁଷ 'ଜାତି'କୁ ଅଭିନନ୍ଦନ !'

Digitized by srujanika@gmail.com

ଭୂଷଣ ଦୁର୍ଘଟଣା - ଆଉ ଥରେ ଭୋପାଳ !

'ମୁଖ୍ୟମନ୍ତ୍ରୀଙ୍କୁ ପଚାର' - ଶ୍ରମମନ୍ତ୍ରୀ ('ସୂର୍ଯ୍ୟପ୍ରଭା', ୧୬.୧୧)

ଓଡ଼ିଶାର ମହକୁଦା ଛବି - ଟଙ୍କାରେ କିଣାବିକା ହେଉଛି ମଣିଷର ଜୀବନ। ହାଇକ୍ଲାସ୍ ଡେମୋକ୍ରାଟିକ୍ ଗଭର୍ମେଣ୍ଟ୍। ରେପ୍, ପୋଡ଼ି, ଡଙ୍ଗାବୁଡ଼ି ବା ଇଣ୍ଡଷ୍ଟ୍ରି - ଯିଏ ଯେମିତି ମରୁ, କିଛି ଲକ୍ଷ ଟଙ୍କା 'ଅନୁକମ୍ପା ଦାନ' କି 'କ୍ଷତିପୂରଣ' ଦେଲେ ସରକାରଙ୍କୁ ହାଲ୍‌କା ଲାଗୁଛି।

ବିଜଦ ଅମଳରେ ଏ ଶାସନିକ ଅଶିକ୍ଷତା ନିହାତି ସଂକ୍ରାମକ ରୂପ ନେଇଛି। ହେଳା କର, ଲୋକେ ମରନ୍ତୁ। ତା'ପରେ କ୍ଷତିପୂରଣ ଦେଇ ଦାତାପଣର ବାନା ଉଡ଼େଇ ଆଗକୁ ଚାଲ !

ବୁଧବାର (୧୧.୧୧) ସକାଳେ ଭୂଷଣ ଇସ୍ପାତ କାରଖାନା ବ୍ଲାଷ୍ଟଫର୍ଣ୍ଣେସ୍‌ରେ ଏକ ଭୟାନକ ବିସ୍ଫୋରଣ ଘଟି ଦୁର୍ଘଟଣାରେ କେତେ ଶ୍ରମିକ/ଲୋକ ଆହତ ବା ମୃତ ହେଲେ ତହିଁର ସୂଚନା କମ୍ପାନୀ ସରକାରଙ୍କୁ ଦେଉନି। ପୁଣି ଦୁର୍ଘଟଣା ସ୍ଥଳରେ ଜିଲ୍ଲାପାଳ, ଶ୍ରମ ବିଭାଗ, ଇନ୍ସପେକ୍ଟର ଅଫ୍ ଫ୍ୟାକ୍ଟ୍ରିଜ୍ ଏଣ୍ଡ୍ ବଏଲର୍‌ସ, ପଲ୍ୟୁସନ କଣ୍ଟ୍ରୋଲ୍ ବୋର୍ଡର ଉଚ୍ଚ ଅଧିକାରୀମାନେ ଉପସ୍ଥିତ ଥାଇ ସୁଦ୍ଧା ସଂଖ୍ୟା ଜଣାପଡୁନି। ଏବେ ମୃତ୍ୟୁର ମିଉଜିଅମ୍‌ରୁ ଜୋତା, ପ୍ୟାଣ୍ଟ୍, ହାଣ୍ଡ୍-ଗ୍ଲୋଭ୍‌ସ ଖୋଜା ଚାଲିଛି ମୃତକ ସଂଖ୍ୟା ଠଉରେଇବା ପାଇଁ ?

ଅବଶ୍ୟ ଏ ଦୁର୍ଘଟଣା ପାଇଁ ପୁଲିସ କାରଖାନାର ତିନି ଜଣ 'ଅଧିକାରୀ'ଙ୍କୁ (ମାଲିକ ନୁହଁନ୍ତି) ଗିରଫ କଲା। ଜନ ଅସନ୍ତୋଷକୁ ସମ୍ମାନ ଜଣାଇ ହିନ୍ଦୋଳ ବାର୍ ସଦସ୍ୟମାନେ କୋର୍ଟରେ ଓକିଲାତ୍‌ନାମା ଦାଖଲ କଲେନି ବୋଲି ସେମାନେ ଜେଲ ଗଲେ। ଆଉ କିଛି ନୁହେଁ। ଅଭିଯୋଗ - ୧୮୬୦ ପେନାଲ୍ କୋଡ୍ ୨୮୭/୩୩୭/୩୩୮/୩୦୪/୩୪ ଏବଂ ୧୯୪୮ ଶିଳ୍ପ ଆଇନର

Digitized by srujanika@gmail.com

ଦଫା - ୯୨ । ସବୁ ତତ୍କାଳ ଜାମିନ ଯୋଗ୍ୟ ।

ଦ୍ୱିତୀୟ ପ୍ରସଙ୍ଗ - ଏ କମ୍ପାନୀ ଦିଲ୍ଲୀର ଏବଂ ଗଠିତ ହୋଇଛି ୧୯୮୭ରେ । ଚେୟାର୍‌ମ୍ୟାନ୍ - ବ୍ରିଜ୍ ସିଂହଲ ଏବଂ ତାଙ୍କ ପୁତ୍ର ନୀରଜ ସିଂହଲ ହେଉଛନ୍ତି ଭାଇସ୍-ଚେୟାରମ୍ୟାନ୍ ଏବଂ ମ୍ୟାନେଜିଂ ଡିରେକ୍ଟର । ସେମାନେ - ମାଲିକ । ବହୁତ ବେତନ ଦେଇ ଅଫିସର ରଖନ୍ତି । ଅଫିସରଙ୍କ ଦକ୍ଷତାର ପ୍ରମୁଖ ମାପ ହେଲା - ଶେଠର ମୁନିମ୍ ଜୀ । ଶିଳ୍ପ ଏବଂ ଅନ୍ୟାନ୍ୟ ଆଇନ ଜାଣିବା ଦରକାର ନ ଥାଏ । ବରଂ ଦରକାର ପଡ଼ିଲେ, ଶେଠ ତରଫରୁ ସେମାନେ ଜେଲ୍ ଯାଆନ୍ତି । ମନେ ପକାଇ ପାରିବା, ୧୯୮୨ ଭୋପାଳ ୟୁନିଅନ କାର୍ବାଇଡ୍ ଦୁର୍ଘଟଣା । ଏଠି ଜଣଙ୍କୁ ବନ୍ଧା ପକେଇ ଚେୟାର୍‌ମ୍ୟାନ୍ ଓ୍ୱାରେନ୍ ଏଣ୍ଡରସନ ଚମ୍ପଟ୍ ମାରି ନ ଥିଲେ କି ? ଏ କେଶ୍‌ରେ ମାଲିକମାନେ ପୂରା ରିବେଟ୍‌ରେ ।

ଦେଶର ଇସ୍ପାତ ଶିଳ୍ପ (ସରକାରୀ ବେସରକାରୀ ମିଶେଇ) ଅଧିକ ଦୁର୍ଘଟଣା ଓଡ଼ିଶାରେ ଘଟିଛି । ମେରାମଣ୍ଡଳୀ ଭୂଷଣର ରେପୁଟେସନ୍ ମୂଳରୁ ଖରାପ । ଏ କାରଖାନା ପ୍ରତିଷ୍ଠା ଦିନଠାରୁ ୧୦.୧୧ ପର୍ଯ୍ୟନ୍ତ କମ୍ପାନୀ ହିସାବରେ କୁଆଡ଼େ ମୋଟେ ୧୦ଟି ଦୁର୍ଘଟଣା (ରିପୋର୍ଟେବ୍‌ଲ ଆକ୍ସିଡେଣ୍ଟ) ଘଟିଛି ଏବଂ ମରିଛନ୍ତି ମାତ୍ର ୯୮ ଜଣ । ଏଫଆଇଆର - ୭୦, କାର୍ଯ୍ୟକ୍ରମ - ନିଲ୍ । ଏ ୧୦ ତାଲିକାରେ ଅନୁଗୁଳ ପାଓ୍ୱାରପ୍ଲାଣ୍ଟର ୭ ଥର 'ଆସ୍-ପଣ୍ଡ' ଆକ୍ସିଡେଣ୍ଟ୍ ହିସାବ ଅଛି କି ନା, ଜାଣୁନା । ଏହା ୨୦୦୫ରେ ଓଡ଼ିଶା ସରକାର ସହିତ ଭୂଷଣ କମ୍ପାନି କରିଥିବା ଏମଓୟୁର ଅଂଶବିଶେଷ । 'କର୍ପୋରେଟ୍ ସୋସିଆଲ ରେସ୍‌ପନ୍‌ସିବିଲିଟି' କଥା ଦୂରକୁ ଥାଉ, ଏ କମ୍ପାନୀର ସହଭାଗୀ ଜନବସତି ସହିତ ସଂପର୍କ ଭଲ ନୁହେଁ । କଣ୍ଟାବଣିଆରେ କାରଖାନା ପ୍ରତିଷ୍ଠାକୁ ମୂଳରୁ ସ୍ଥାନୀୟ ଲୋକେ ବିରୋଧ କରିଥିଲେ । ମାତ୍ର ସରକାର ବାଡ଼େଇ ସାବାଡ୍ କରିଦେଲେ ।

ବୁଧବାର ଦୁର୍ଘଟଣା ଲୋକଙ୍କ ସନ୍ଦେହରେ ବିଷ ମିଶେଇଛି । ସତ୍ୟ ଘୋଡ଼େଇଲେ ଅତଥ୍ୟ ପଶେ ଏବଂ ମିଛ ଘୋଡ଼େଇଲେ ଅନୁମାନ ଗ୍ରାସେ । ସୂଚନାରେ ଶୂନ୍ୟତା ରହିପାରିବ ନାହିଁ । ଏଠି ସରକାର କିଛି କହିପାରୁନାହାଁନ୍ତି, ତେଣୁ ଯିଏ ଯାହା କହୁଚି ସବୁ ଠିକ୍ ପରି ଲାଗୁଛି । ଶୁଣି ଲାଜ ଲାଗେ - ଆମେ ଶ୍ରମିକ ନାମକ 'ମଣିଷ'ଙ୍କ ସଂଖ୍ୟା ହିସାବ କରୁଛୁ ବାତ୍ୟାରେ ଟଳି ପଡ଼ିଥିବା ଭଣ୍ଡା କଦଳୀ ଚାଖୁଣ୍ଡା ଗଛ ପରି !

'ଫାକ୍ଟ୍ରିଜ୍ ଆକ୍ଟ, ୧୯୪୮'ର ଅବଧାରିତ ନିୟମ ହେଲା - ଧାରା ୬୨ (୧) ଅନୁସାରେ କାରଖାନା କାର୍ଯ୍ୟରତ ସମସ୍ତ ଶ୍ରମିକଙ୍କ ନାମ, କାମ ଓ ଗୋଷ୍ଠୀର ବିବରଣୀ ଏବଂ ଅନ୍ୟ ଆଇନାନୁମୋଦିତ ତଥ୍ୟାଦି (ମଷ୍ଟର୍ ରୋଲ୍) 'ମେଣ୍ଟେନ୍' (ରଖିବାକୁ) ବାଧ୍ୟ । ଦୁର୍ଘଟଣା ପରେ ଏବେ ଯଦି ମୃତକଙ୍କ ସଂଖ୍ୟା ଓ ପରିଚୟ ଖୋଜା ପଡ଼ିଛି, ତା'ହେଲେ ଧରି ନେବାକୁ ହେବ ଯେ ଆରମ୍ଭରୁ ଏ କାରଖାନା ବେଆଇନ ଭାବେ ଚାଲିଛି ।

ସରକାରର ରେକର୍ଡ ତଦାରଖ କରିବା ଦାୟିତ୍ୱ ଏବଂ ଅଧିକାର ରହିଛି । କୌଣସି ଗେହ୍ଲା, ଗମାତ ବା ଭୟ ଯୋଗୁ ଅଫିସରମାନେ ତାହା କରିନାହାଁନ୍ତି କି ? ଆଜି ନିଜେ ଭୁଲ୍‌ଭୁଲେୟାରେ

Digitized by srujanika@gmail.com

ପଶି ସମୂହ ହତ୍ୟା ବା ମୃତ୍ୟୁ ପରି ଅତି ସମ୍ବେଦନଶୀଳ ଜନମତକୁ ଭୁତେଇବାକୁ ଚାହାଁନ୍ତି । ମହୋଦୟମାନେ ଜାଣିବା ଉଚିତ ଯେ ଏହା ସଡ଼କ ଦୁର୍ଘଟଣା ନୁହେଁ ଯେ ପୁଲିସ ଥରେ ରାସ୍ତା ସଫା କରିଦେଲେ ତେଣିକି କ୍ଷତିପୂରଣ କଥା ଇନ୍ସୁରାନ୍ସ କମ୍ପାନୀ କି ଟ୍ରିବ୍ୟୁନାଲ ବୁଝିବ ।

ଏହା ଏକ ଶିଳ୍ପ । ଆଗକୁ ଚାଲିବ । ଚାଲିବା ପାଇଁ ତାକୁ ଆଇନ ଓ ନିୟମ ମାନିବାକୁ ପଡ଼ିବ । ଏହାର ଆଇନ ଏକା ରାଜ୍ୟ ସରକାରର । କେନ୍ଦ୍ର ଅବହେଳା ପରି ରାଜନୀତିଆ କଥା ଚଳିବନି ।

ଆଇନରେ ଏହା ଏକ 'ଶିଳ୍ପ ଦୁର୍ଘଟଣା' ଏବଂ ମଣିଷପଣିଆ ବିଚାରରେ - ସାମାଜିକ ଆତଙ୍କ । ପ୍ରଥମଟି ପାଇଁ ବହୁ ବ୍ୟାଖ୍ୟା ରହିଛି । ଦ୍ୱିତୀୟ - ୧୯୮୨ ଭୋପାଳ ୟୁନିଅନ କାର୍ବାଇଡ୍ ଦୁର୍ଘଟଣା ପରି । ପରିଣତି ଆଗକୁ କେତେ ଟାଣି ହୋଇପାରେ, କେହି ଜାଣନ୍ତିନି । ଦୁର୍ଘଟଣାର ଚାରି ଦିନ ପରେ ଶୁଣୁଛୁ ଯେ ଶ୍ରମମନ୍ତ୍ରୀ କହୁଛନ୍ତି - ଏଣିକି କାରଖାନାରେ ହାଜିରା ପାଇଁ ବାୟୋମେଟ୍ରିକ୍ କାର୍ଡ ଚାଲିବ । ତା'ମାନେ, ଦୁର୍ଘଟଣା ବେଳେ 'ମଷ୍ଟର୍ ରୋଲ୍' ନ ଥିଲା ? ପ୍ରଶ୍ନେ ପ୍ରଶ୍ନେ ଯେତେବେଳେ ଗୁମର ଖୋଲିବା ବେଳ ଆସିଲା, ମନ୍ତ୍ରୀ କହିଲେ - ଏଣିକି ସବୁ କଥା ମୁଖ୍ୟମନ୍ତ୍ରୀଙ୍କୁ ପଚାର !

ଏ ଦୁର୍ଘଟଣା ଏବଂ ସରକାରର ଶିଳ୍ପ-ଆଚରଣ ରାଜ୍ୟର ପ୍ରଗତି ନା ଦୁର୍ଗତିର ଚିହ୍ନ ?

ଏ ଅପରାଧ ପାଇଁ କିଏ ଦାୟୀ ବା ମାଲିକମାନେ କାହିଁକି ଗିରଫ ହୋଇନାହାଁନ୍ତି - ଏବେ ଏ ଦୁଇଟି ପ୍ରଶ୍ନର ଉତ୍ତର ମୁଖ୍ୟମନ୍ତ୍ରୀ ଦିଅନ୍ତୁ । ନହେଲେ, କାରଖାନା ନାଁରେ ଏ ମୃତ୍ୟୁଯନ୍ତାକୁ ସବୁଦିନ ପାଇଁ ବନ୍ଦ କରି ଦିଆଯାଉ ।

(୧୯.୧୧.୧୩.)

Digitized by srujanika@gmail.com

ଓପିନିଅନ୍ ପୁଲ୍

"Hope is a dream of waking man." - Aristotle

ମଲ୍ କାଉଣ୍ଟର୍‌ରେ ଜଣେ ଭଦ୍ରମହିଳା ଓ ସେଲ୍‌ସ-ଗାର୍ଲଙ୍କ ଭିତରେ ଗପସପ ଚାଲିଥାଏ ଆମେରିକୀ 'ଓଲେ' କମ୍ପାନୀର ଏକ ଦାମୀ ସ୍କିନ୍ ଲୋସନ୍ ସଂପର୍କରେ।

: ଆଜ୍ଞା ଏଇଟା ନିଅନ୍ତୁ। ବାର ଟଙ୍କା ଫ୍ରି' ଅଛି।

: ଦାମ୍ କେତେ ?

: ରିବେଟ୍ ଛାଡ଼ି, ବାର ଶହ ଅଠେଇଶ।

: ରେଟ୍ କୋଉଠି ଲେଖାହୋଇଛି ?

'ହେଇ ପରା' କହି ଝିଅଟି ପ୍ୟାକେଟ୍ ତଳକୁ ଥିବା ଇଲେକ୍‌ଟ୍ରୋନିକ୍ ସେନ୍‌ସର୍ ଚିହ୍ନ ଦେଖେଇଲା।

: ଏମଆରପି ଗାରରେ, ଆଉ ରିବେଟ୍ କାହିଁକି ସଂଖ୍ୟା ଓ ଅକ୍ଷରରେ ଲେଖା ହୋଇଛି ? ଗାରରୁ ସଂଖ୍ୟା ଫେଡ଼ିବା ପାଠ ତ ଆମେ ବଳଦିଆ ହିସାବରେ ବି ପଢ଼ିନୁ।

ଝିଅଟି ହସି କହିଲା - ଠିକ ଉତ୍ତର ଜାଣିନି ମ୍ୟା'ମ୍। ଇଏ ମାର୍କେଟିଙ୍ଗ୍ କୋର୍ସ। କିନ୍ତୁ ମାନନ୍ତୁ କି ନା, କେତେ କଥା ଆମକୁ ବିଶ୍ୱାସ କରିବାକୁ ପଡ଼େ। ଗଣିତ ନ ଜାଣି ବି ସେଥିରେ ଅଙ୍କ ଛିଣ୍ଡେଇ ଦେଉ।

ଭଦ୍ରମହିଳା ତ ତାହା ନେଲେ ଏବଂ ତାଙ୍କ ଟିପ୍ପଣୀ ଥିଲା - ନେବାର ଅଛି। ଗଣିତରୁ ମତେ କ'ଣ ମିଳିବ ? ବାର ଟଙ୍କା ରିବେଟ୍ ମିଳିଲା ତ।

ଉଭୟଙ୍କ କଥା ଏକାପରି ସତ୍ୟସିଦ୍ଧ ଲାଗୁଥାଏ। କାରଣ ଜୀବନର ବେଗ ଓ ଗଣିତର ବେଗ ଏକା ନୁହେଁ। ନେତା ଓ ନିର୍ବାଚନ ପରି ଦୁହେଁ କେବେ କେମିତି ଭେଟ ହୁଅନ୍ତି। ଅନ୍ୟତଃ ସବୁବେଳେ ଦୂରଛଡ଼ା ହୋଇ ଥା'ନ୍ତି।

Digitized by srujanika@gmail.com

ହାବୁଡ଼ାହାବୁଡ଼ି ହେଲେ ନେତା ହୁରୁଡ଼ିବା ପକ୍କା।

ଆଶା ବୈତରଣୀ ନଈ। ନିରାଶାରେ ଉବୁଟୁବୁ ହେଉଥିବା ମଣିଷ ବି ଆଶାକୁ ଅନେଇ ଗୀତ ଗାଏ। ଆଉ କାହା ପାଇଁ ସମ୍ବେଦନା ବ୍ୟକ୍ତ କରିବାକୁ ମହମବତି ଜାଳେ। ଲୁଣ ଦର ଅଶୀ ଟଙ୍କା ହେଲେ ବି ତାକୁ ବୈରାଗୀ କିଣି ଖାଏ। କିଏ କାହିଁକି ଦୁଷ୍କର୍ମ କଲା ବା ଲୁଣ କାହିଁକି କଳାବଜାରୀ ହେଲା - ଦିହେଁ କିଛି ଜାଣି ନ ଥା'ନ୍ତି।

ପ୍ରାଣୀ ଧର୍ମ - ଜୀବନ ଆଗକୁ ଚାଲିବ। ଥିଓରି, ଫିଲୋସଫି, ଗାଲୁଗପ ସବୁ ପଛକୁ ରହିବ।

'ନିଜ ଇଚ୍ଛାରେ କିଏ ବା ଜନମେ ଏଇ ଦୁନିଆରେ ରହିବାକୁ? ଆତ୍ମାକୁ ଟିକେ ନ ବାଧିଲେ କିଏ କାହା ମନ୍ଦ ଯାଏ କହିବାକୁ?' (ଧନ୍ୟବାଦ ଡକ୍ଟର ରାଜେନ୍ଦ୍ର ଦାସ, ଜର୍ମାନୀ) ଏହାର ଅନୁକରଣରେ ଭୋଟ୍ ଗୀତଟିଏ - ନିଜ ଇଛାରେ କୋଉ ପୁଅ ଚାହେଁ ନିର୍ବାଚନରେ ହୁଡ଼ିବାକୁ? ଆତ୍ମାକୁ ଟିକେ ଆଘାତ ନ ହେଲେ କିଏ ଚାହେଁ ନେତା ତଡ଼ିବାକୁ?

ନିର୍ବାଚନ ଓ 'ଓପିନିଅନ୍ ପୁଲ୍' - ଏ ଦୁଇଟି ଭିତରେ ସଂପର୍କ ପ୍ରଭୁ ଓ ପୂଜାରୀଙ୍କ ପରି। ଜଣଙ୍କ ହାତଘଣ୍ଟିର ଟଂ ଟଂ ବନ୍ଦ ହେଲେ ଆଉ ଜଣକ ଶୋଇ ପଡ଼େ! ଖର୍ଚ୍ଚବାର୍ଚ୍ଚ କରିଥିବା ଯଜମାନର ପୂଜା ମାରା! ଏହାର ପ୍ରତିକାର ପାଇଁ 'ଗୋଲ୍ଡେନ୍ ରୁଲ୍' ହେଲା - ନନା ଢୋଳାନ୍ତୁ ପଛେ, ହାତଘଣ୍ଟି ବାଜୁଥାଉ। ପୂଜା ଉପରୁ ଯଜମାନର ପତିଆରା ନ ତୁଟୁ।

ଋତୁର ନାଁ ନିର୍ବାଚନ ହେଲେ ଗଛରୁ ସବୁ ଫୁଲ ଝଡ଼ି ଯାଆନ୍ତି। ମେଦିନୀ ସୁଶୋଭିତ ହୁଏ। ଗଣତନ୍ତ୍ରର ନେତା ଓ ଜନତା କିଛି ଦିନ ପାଇଁ ଫୁଲର ମୁଲାଇମ ଗାଲିଚାରେ ଚାଲନ୍ତି।

ଅସହନଶୀଳ ଗଣତନ୍ତ୍ର ଜରିଆରେ ଦେଶ ଚାଲିଛି। ମୁହଁରେ ବିଷ୍ଠାର ପ୍ରଲେପ ବୋଳି ନେତା ଚାହାଁନ୍ତି, ଜନତା ସେମାନଙ୍କୁ କହୁ - ହଜୁର ତମେ ବାସୁଚ।

'ଓପିନିଅନ୍ ପୁଲ୍' - କିଏ ଜିତିବ, ଏହାର ପୂର୍ବଅନୁମାନ। ତାହା ହେବ କି ନ ହେବ - ଏହା ପ୍ରସଙ୍ଗ ନୁହେଁ। ପ୍ରଚାର ହେବ କି ନା, ଏହା ହିଁ ହେଉଛି ବିବାଦ। ଏଥିରେ ପ୍ରାୟ ସବୁ ରାଜନୀତିକ ଦଳ, ନିର୍ବାଚନ କମିସନ (ଇସି), ସୁପ୍ରିମକୋର୍ଟ (ଏସସି) ଏବଂ ହୁରି କରିବାକୁ ହୁକୁହୁକୁ ହେଉଥିବା ମିଡିଆ ଛନ୍ଦି ହୋଇ ପଡ଼ିଛନ୍ତି। ଯେଉଁଠି ଯିଏ ଶାସନରେ ଥା'ନ୍ତୁ ସେମାନେ ଚାହାଁନ୍ତି - ଏପରି ନ ହେଉ। କାରଣ ୧. ଭୋଟର୍‌ମାନେ ହୋ ହା ଶୁଣି ପ୍ରଭାବିତ ହୋଇଯା'ନ୍ତି। ୨. 'ପେଡ୍-ନିଉଜ୍' - ଖର୍ଚ୍ଚବାର୍ଚ୍ଚ କରି ସପକ୍ଷ/ବିପକ୍ଷ ସମ୍ବାଦ ଖେଳେଇବାରେ ମିଡିଆ ଧୁରନ୍ଧର। ୩. ଯେଉଁ 'ପୁଲ୍' ହୁଏ ତାହାର ନମୁନା 'ବୈଜ୍ଞାନିକ ପଦ୍ଧତି'ରେ ହୁଏ ନାହିଁ।

'ଇସି'ର ଚିନ୍ତା - ନିରପେକ୍ଷ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା।

'ଏସସି'ର ଦାୟିତ୍ୱ - ସମ୍ବିଧାନର ବରାଦ ମୁତାବକ ବାକ୍ ସ୍ୱାଧୀନତା ରକ୍ଷା।

ମଲ୍ ଗପର ରେଟ୍ (ଗାର) ଓ ରିବେଟ୍ (ସଂଖ୍ୟା) ଭିତରେ ରହିଥିବା ତାରତମ୍ୟ ପରି - କେହି ଅପରର 'ପାଠ' ବୁଝନ୍ତି ନାହିଁ। ମାତ୍ର ନିର୍ବାଚନ ଚାଲିଥାଏ।

(୧୯.୧୧.୧୩)

Digitized by srujanika@gmail.com

ମନରେ ଅଧୀର ନୀଳ ତରଙ୍ଗ

"Convictions are more dangerous foes of truth than lies."- Friedrich Nietzsche

ଯେତେ ଯାତନା ହେଲେ ବି ସତ୍ୟକୁ ତା ସ୍ୱରୂପରେ (ଡାଇମେନ୍‌ସନ୍) ଗ୍ରହଣ କରିବାକୁ ପଡ଼େ । ପ୍ରତିକାର କଥା ରହେ ପଛକୁ । ସତ ଭାରି ବିପଦଜନକ । ରାଜା ମୁଣ୍ଡରୁ ମୁକୁଟ ଖସେଇ ଦିଏ । ବୈରାଗୀକୁ ରଗେଇ ପାରେ । ମଣିଷର ନିଦ ହଜେଇ ଦିଏ । ଏ ଧରାଧାମରେ ସତଠୁଁ ବଡ଼ ତ କେହି ନାହାଁନ୍ତି - ଚନ୍ଦ୍ର ସୂର୍ଯ୍ୟ ବି ନୁହଁନ୍ତି । ତେଣୁ 'ସତ୍ୟମେବ ଜୟତେ' ଗାଇ ଗାଇ ଆମେ ଗଣତନ୍ତ୍ର ଚଳାଉନୁ କି ? ସତର ପାଖ ହେଲେ କନକନ ହୋଇ ସେଠୁ ଦୂରଛଡ଼ା ହେଉ ଏବଂ ଦୂର ହେଲେ ତା' ନାଁରେ ପୁଣି ଗୀତ ଗାଉ ।

ଇନର୍‌ରେ ପିମ୍ପୁଡ଼ି ପଶିବା ପରି ଗୋଟିଏ ମାତ୍ର ଚିଜ ସତଠୁଁ ବଡ଼ ନ ହେଲେ ବି, ଅଧିକ ଭୟାନକ । ତାହା ହେଲା - ଯିଏ ସତର କଣ୍ଠରୋଧ କରିପାରେ ବା ଆଉ ଯିଏ ତାହା ମିଛକୁ ବଙ୍କେଇ ଡବଲ୍ ସତ ପରି ଦେଖେଇପାରେ । 'କାଇଁ କିଏ ମୋ ତଣ୍ଟି ଚିପିବ ? ତୁଣ୍ଡ ନ ଖୋଲିଲେ ଭଲ ।' ସତୁଆଙ୍କ ଚରିତ୍ରର ଏହା ଏକ ଗଣ୍ଡଦୋଷ । ତେଣୁ ସେମାନେ ଅଧିକ ଡରନ୍ତି ଏବଂ ଚୁପ୍ ରହିବାକୁ ବି ଅଧିକ ଭଲ ପାଆନ୍ତି । ଯେମିତି ଡରିଥିବ ଲାଞ୍ଜକଟା ଶିଆଳଟି ଲାଯୁକ୍ତ ରକ୍ତମୁଖା ସଗୋତ୍ରଙ୍କ ଗହଳିରେ ବା ଯେମିତି ଡରିଥିବେ ବକରୂପୀ ବୋଧିସତ୍ତ୍ୱ କାକର ଚଞ୍ଚକତାକୁ ।

ଆଗତ କାଳ ଅଲକ୍ଷଣ କି ବିଲକ୍ଷଣ ବା ସୁଲକ୍ଷଣ କହିପାରିବୁ ନାହିଁ, ମାତ୍ର ଯାହା ଦେଖାଯାଉଛି ସେଗୁଡ଼ିକ ଉତ୍ସାହଜନକ । ସୁପ୍ରିମକୋର୍ଟ ଇଣ୍ଟରନେଟ୍ 'ବ୍ଲଗ୍' (ମନ କଥା)କୁ ନିଜ ଆଡୁ 'ଅଭିଯୋଗ' ଭାବେ ଗ୍ରହଣ କରି ତହିଁର

Digitized by srujanika@gmail.com

ବିଚାର କରିବାକୁ ଆଗ୍ରହ ଦେଖାଇଛନ୍ତି । ଆମ ବ୍ୟବସ୍ଥାରେ 'କମ୍ପ୍ଲେନ୍'ଟେ ଯେ 'ଏଫଆଇଆର୍' ହେବ ଏହାର କୌଣସି ଗ୍ୟାରେଣ୍ଟି ନ ଥାଏ । ପୁଣି ସେ 'ଏଫଆଇଆର୍' 'ଚାର୍ଜସିଟ୍'ରେ ପରିଣତ ହେବ - ଏହା ମହାର୍ଘ କୈବଲ୍ୟ ପରି ।

ସେପରି ଅବସ୍ଥାରେ ସୁଖ ଲାଗୁଛି ଏଇଥି ପାଇଁ ଯେ କ୍ଷମତାଶୀଳ ନେତାମାନେ ଯେମିତି ଆଇନର କକ୍‌ଟେଲ୍ କରି ନେଟ୍ ବ୍ୟବହାରକାରୀଙ୍କୁ ଜେଲରେ ପୂରାଇବାକୁ ସକ୍ଷମ, ସେମିତି କୋର୍ଟ ବି ନେଟ୍‌ରୁ କମ୍ପ୍ଲେନ୍ ଗୋଟେଇ ଲୋକଙ୍କୁ ରକ୍ଷା କରିବାକୁ ସକ୍ଷମ ! ଗୋଟିଏ ରଦ୍ଦି - ୧୮୬୦ ପେନାଲକୋଡ୍ ଓ ଆରଟା ବ୍ରାଣ୍ଡ୍-ନିଉ - ୨୦୦୦ ଇଣ୍ଟରନେଟ୍ ଆଇନ - ଏହାର ୱାରଣ୍ଟି ପରିଅଡ୍ ସରିନି ।

ନଭେମ୍ବର ୬ରେ ଜଣେ ଯୁବତୀ 'ଜର୍ଣ୍ଣାଲ ଅଫ୍ ଇଣ୍ଡିଆନ ଲ' ଏଣ୍ଡ୍ ସୋସାଇଟି' ନାମକ ନେଟ୍-ପତ୍ରିକାରେ 'ବ୍ଲଗ୍' ଲେଖିଲେ । ତହିଁରେ ବୟାନ ଥିଲା - ଆଇନ ଶିକ୍ଷା ଇଣ୍ଟର୍ଣ୍ଣସିପ୍ ସମୟରେ କେମିତି ଜଣେ ସୁପ୍ରିମକୋର୍ଟ ଜଜ୍ ତାଙ୍କୁ ପାଖରେ ପାଇ 'ସେକ୍ସୁଆଲି ହାରାସ୍' କରିଥିଲେ । ଘଟଣାଟି ଦିଲ୍ଲୀ ବଳାତ୍କାର ଡିସେମ୍ବର ୨୦୧୨ ବେଳର । ସେ ଏକଥା ଆଗରୁ କହି ନଥିଲେ କାରଣ କଥିତ ଜଜ୍ ସାହେବ ଚାକିରିରେ ଥିଲେ । "... my reluctance to wage a legal battle against the judge left me feeling cowardly." ଜଜ୍ ସାହେବ ରିଟାଏର୍ଡ୍ ହେବା ପରେ ଯୁବତୀ ଜଣକ ଲୋକଙ୍କୁ ଜଣେଇଲେ ଇଣ୍ଟରନେଟ୍ ଜରିଆରେ । ସେ କୌଣସି ନାଁ ଉଲ୍ଲେଖ କରି ନଥିଲେ । ଆଇନର ପ୍ରତ୍ୟୟହୀନତା ଯୋଗୁ ଯୁବତୀ ସେତେବେଳେ ଯୁଝିବାକୁ ଚାହିଁ ନଥିଲେ ବା ଏବେ ବି ଚାହାଁନ୍ତି ନାହିଁ ବୋଲି ସେ 'ବ୍ଲଗ୍'ରେ ଲେଖିଛନ୍ତି । ଇତିମଧ୍ୟରେ ସେ କୋଲକାତା ନେସନାଲ ୟୁନିଭରସିଟି ଅଫ୍ ଜୁରିଡିକାଲ୍ ସାଇନ୍ସେସ୍'ରୁ ସ୍ନାତକ ଡିଗ୍ରି ହାସଲ କରି ସାରିଛନ୍ତି ।

ସୁପ୍ରିମକୋର୍ଟ ନିଜ ଆଡୁ (suo motu) ଯୁବତୀଙ୍କ ଏ ମନ୍ତବ୍ୟକୁ ଅଭିଯୋଗ ଭାବେ ଗ୍ରହଣ କରି ତାଙ୍କୁ ନିଜ ମତ ସପକ୍ଷରେ ବୟାନ ରଖିବାକୁ ଆଦେଶ ଦେଇଥିଲେ ଏବଂ ଗତ ସୋମବାର (୧୮.୧୧) ଦିନ ଏ କାର୍ଯ୍ୟ ସରିଛି । ମାମଲା ତଦାରଖ କରିବାକୁ ତିନି ଜଣିଆ ଜଜ୍‌ଙ୍କୁ ନେଇ ଏକ ପ୍ୟାନେଲ୍ ମଧ୍ୟ ଗଠିତ ହୋଇଛି । ଏବେ ବିଚାର ବାକି ରହିଲା ।

ପ୍ରଧାନ ବିଚାରପତି କହିଛନ୍ତି - ଦୋଷୀ ଅଲବତ୍ ଦଣ୍ଡ ପାଇବ ।

ଏହା ପରେ ସବୁ କଥା ଟାଣି ହେବ ଲୋକଙ୍କ ଅନୁମାନ ଭିତରକୁ । କାରଣ ସେମାନେ ଜାଣନ୍ତିନି - କିଏ ସତ, କିଏ ମିଛ ବା ବିଚାର କେମିତି ହେବ !

ଯୁଗ ବିପତ୍ତି

ପୃଥିବୀରେ ପରମାଣୁ ବୋମାଠାରୁ ମଧ୍ୟ ଆହୁରି ଚାରିଟା ବଡ଼ ବଡ଼ ଅସ୍ତ୍ର ଅଛି । ୧. ମାଇପର କାନ୍ଦ । ୨. ତାଙ୍କ ଲୁହ । ୩. କଟୁ ଚାହାଁଣି । ଏଗୁଡ଼ିକ ସବୁଦିନେ ରହିଆସିଛି ଏବେ ସେଥିରେ ଯୋଡ଼ା ହୋଇଛି ଚାରି ନମ୍ବର ଏବଂ ତାହା ସବୁଠୁଁ ଭୟାନକ - ଯଦି ତମ ମୋବାଇଲ୍‌ରେ ଥାଏ ତାଙ୍କର ମିସ୍-କଲ୍ ।

(୨୨.୧୧.୧୩)

Digitized by srujanika@gmail.com

ପଣ୍ଡିତ ପୁଅ ମାଙ୍କଡ଼ ମାଇଲେ ବି

ମଣିଷର ଉଦ୍ଧତ ରୂପ, ମିଥ୍ୟାବାଦୀ ଜିହ୍ୱା, ନିରୀହଙ୍କୁ ହତ୍ୟା କରୁଥିବା ହାତ, କ୍ରୂରତା କଳ୍ପନା କରୁଥିବା ହୃଦୟ, ପାପ କରିବାକୁ ଦୌଡ଼ୁଥିବା ପାଦ, ମିଛ କହୁଥିବା ସାକ୍ଷୀ, ସରଳ ଭାବନାରେ ବିଷ ମିଶାଉଥିବା ଲୋକ - ହେ ଈଶ୍ୱରଙ୍କ ସନ୍ତାନ - "doth the Lord hate" - ପ୍ରଭୁ ଏମାନଙ୍କୁ ଘୃଣା କରନ୍ତି। (ବାଇବେଲ ପ୍ରୋଭର୍ବ - ୬: ୧୬-୨୦) ଏଥିରେ ଉପଦେଶରୁ ବି ଧାଡ଼ିଏ ଅଛି - ବାପା କଥା ମାନିବୁରେ ପୁଅ ଓ ମା'କୁ ମୋଟେ ଭୁଲିବୁନି।

ଧର୍ମ ବାଣୀର ସବୁ ଶବ୍ଦ ପ୍ରତୀକଧର୍ମୀ। କୌଣସି ଯୁଗରେ ବି ତାହା ଆଇନ କି ଡାକ୍ତରୀ ଶବ୍ଦରେ ଫିଟ୍ ହୁଏନି ବା ସେଗୁଡ଼ିକୁ କେହି ହଣ୍ଡ୍ରେଡ୍ ପର୍ସେଣ୍ଟ୍ ମାନନ୍ତିନି। ହବିଷ ଓ ଛାଡ଼ଖାଇ ପରି - ଉଭୟ ପାଇଁ ଧର୍ମରେ ବ୍ୟବସ୍ଥା ଅଛି। ଏଥିରେ ଛେଳି କି କୁକୁଡ଼ାଙ୍କ ଭାଗ୍ୟରେ କିଛି ପରିବର୍ତ୍ତନ ହେବାର ନଥାଏ। ଦିନେଅଧେ ଅଧିକ ବଞ୍ଚି ଯା'ନ୍ତି କେବଳ ! ଧର୍ମ ଯେମିତି ମଣିଷକୁ ଅନ୍ତିମ ଭାବେ ପବିତ୍ର କରିପାରେନି, ପାପ ବି ସେମିତି ସମୂଳେ ବିନାଶ କରିପାରେନି। ମଝିଆମଝିରେ ରହି ତାକୁ ସବୁବେଳେ ଖଣ୍ଡାଧାରରେ ଚାଲିବାକୁ ପଡ଼େ।

ଜଣେ ବନ୍ଧୁ ଏସଏମଏସ ପଠାଇଛନ୍ତି। ଆଶାରାମ ବାପୁ ଓ ତରୁଣ ତେଜପାଲ ('ତେହେଲ୍‌କା ଡଟ୍ କମ୍'ର ପ୍ରତିଷ୍ଠାତା) ଭିତରେ ଫରକ କ'ଣ ? ଦୁହିଁଙ୍କ ବିରୁଦ୍ଧରେ ଏକା ପ୍ରକାର ରେପ୍ ଓ ସେକ୍ସୁଆଲ୍ ନୁଙ୍ଗୁରାମି ଅଭିଯୋଗ। ପ୍ରଥମଟିରେ ମିଡିଆ ଏମିତି ରାଉରାଉ ହେଲା ଯେ ଜଣେ ଏବେ ଜେଲ୍‌ରେ ଚକି ପେଷୁଛି। ଆଉ ଜଣଙ୍କ ବେଳକୁ ଚୁପ୍ କାହିଁକି ? ଏଠି ପ୍ରପୀଡ଼କ କହୁଚି କ'ଣ ନା - ଇଏ ଅନୁଷ୍ଠାନର ଭିତିରି କଥା। ଆମ ଭିତରେ ବୁଝାମଣା ସରିଛି। ମୁଁ ନିଜକୁ ମାଫ୍ କରିଦେଲି। ଆତ୍ମଶୁଦ୍ଧି ପାଇଁ ମୁଁ ଛଅ ମାସ ଛୁଟିରେ ଯାଉଛି। ଥ୍ୟାଙ୍କ୍ ୟୁ !

ଅଭିଯୋଗ - ତେଜପାଲ ସରକାରୀ ଅତିଥି ଭାବେ ଗୋଆ ଯାଇଥିଲେ।

Digitized by srujanika@gmail.com

ତାଙ୍କ ଟିମ୍ ପାଇଁ ରହିବା ବ୍ୟବସ୍ଥା ଏକ ଫାଇଭ୍-ଷ୍ଟାର ହୋଟେଲ୍‌ରେ ହୋଇଥିଲା । ସେଠି ସେ ନିଜ ଚ୍ୟାନେଲ୍‌ର ଜଣେ ତରୁଣୀ ସାମ୍ବାଦିକଙ୍କୁ ଦୁଇ ଥର ରେପ୍ କଲେ । ଯିଏ ଶିକାର ହେଲେ ସେ ପୁଲିସରେ ଅଭିଯୋଗ ନ କରି, ଡିପାର୍ଟମେଣ୍ଟାଲି କମ୍ପ୍ଲେନ୍ କଲେ । ତାଙ୍କର ଆଶା ଥିଲା - ଯୌନ ନିର୍ଯାତନା ପାଇଁ ୧୯୯୭ ସୁପ୍ରିମକୋର୍ଟ 'ବିଶାଖା ଗାଇଡ୍‌ଲାଇନ୍' ଅନୁଯାୟୀ ସେ ବିଭାଗୀୟ ନ୍ୟାୟ ପାଇବେ । ସମୟ ବିତିଗଲା, ସେପରି କିଛି ହୋଇ ନଥିଲା ।

ଏ 'ରେପ୍'କୁ ପ୍ରୋଟେଷ୍ଟ୍ କଲେ ତାଙ୍କ ଚାକିରି ରହିବନି । ଏହା ଏକ ସ୍ୱାଭାବିକ ଉପସଂହାର ।

ତେଜପାଲଙ୍କ ବିରୋଧରେ ଚାଲିଥିବା ଏ ପ୍ରଚାର ପାଇଁ ସନ୍ତୋଷ ଲଭୁଥିବେ ଅନେକ । ସେଥିରେ ସବାଆଗେ ମିଳିବେ କ୍ରିକେଟ୍ ତାରକା ମନୋଜ ପ୍ରଭାକର, ମହମ୍ମଦ ଅଜାରୁଦ୍ଦିନ, ଅଜୟ ଜାଡ଼େଜା, ଅଜୟ ଶର୍ମା (୨୦୦୦, ମ୍ୟାଚ୍ ଫକ୍ସିଂ), ପୂର୍ବତନ ଭାଜପା ଅଧ୍ୟକ୍ଷ ବାଙ୍ଗରୁ ଲକ୍ଷ୍ମଣ (୨୦୦୧, ପ୍ରତିରକ୍ଷା ଲାଞ୍ଚ) । ସର୍ବନାଶ ତାଲିକାରେ ଆଗକୁ ଅଛନ୍ତି ଆହୁରି ଅନେକ - ସମସ୍ତେ ଥିଲେ 'ତେହେଲ୍‌କା ଡଟ୍ କମ୍'ର କାରସାଦିର ଶିକାର ।

ଯେଉଁ ଉପାୟରେ ହେଉ ପଛେ, ଚୋର ଧରିବା ଏକ ପବିତ୍ର ସାମାଜିକ ଦାୟିତ୍ୱ । ସେଥିପାଇଁ ସମାଜ ଓ ମିଡିଆର ପୂର୍ଣ୍ଣ ସମର୍ଥନ ରହିଥିଲା । ହୁଗୁଡ଼େଇବାରେ ସିଦ୍ଧି ହାସଲ କରିଥିବା ସରକାରଗୁଡ଼ିକ ବି ଯାକୁ ଡରି ଆକ୍ସନ୍ ଭିତରକୁ ପଶିଗଲେ । ଫୌଜଦାରି କେଶ୍ ଏବେ ବି ଚାଲିଛି । ସେ ଷ୍ଟାଇଲ୍ ଏବେ ପୂର୍ଣ୍ଣ ବିକଶିତ । ଗୁପ୍ତ କ୍ୟାମେରାରେ 'ଷ୍ଟିଙ୍ଗ୍-ଅପରେସନ୍' - ଏ କାମ ଆରମ୍ଭ କରିଥିଲା 'ତେହେଲ୍‌କା' ।

ଯୁଗ ଏବେ ଆହୁରି ବିକଶିତ । ପକେଟ୍‌ରେ କଲମ କି ହାତରେ ଘଣ୍ଟା ଦେଖିଲେ ଲୋକ ଡମକୁ ଗୁପ୍ତ କଥା କହୁନାହାଁନ୍ତି । ଏବେ ମିଡ଼ିଆ ଆଇନ ଓ ମୋରାଲିଟି (ନୈତିକତା)ର ଫାଇଲିନ୍ ହାବୁଡ଼ିବାକୁ ବାଧ । ପୁଲିସ ପାଖରେ କମ୍ପ୍ଲେନ୍ ନାହିଁ । ଏହା ଫୌଜଦାରି ଅପରାଧ ହେବ କି ନା ? ଏ ବିଷୟରେ ଜନମତର ରୂପ କିପରି ? ଭାଜପା କହେ - ଛାଡ଼ନା । ରେପ୍ ପରି ଧର୍ତ୍ତବ୍ୟ ଅପରାଧରେ କିଏ କାହା ସାଙ୍ଗରେ କେମିତି 'କମ୍ପ୍ରମାଇଜ୍' କରିବ ? କଂଗ୍ରେସର ମାପଚୁପ ହିସାବ । 'ମୋରାଲ୍-ଇମ୍ମୋରାଲ୍, ଆଇନ-ବେଆଇନ ଏସବୁ କଥା ଖବରକାଗଜ ପଢ଼ି କହି ପାରିବୁନି । ଆଇନଶୃଙ୍ଖଳା ଦାୟିତ୍ୱ ରାଜ୍ୟ ସରକାରର । ସେ ସରକାରଙ୍କୁ ପଚାର ।' ଗୋଆର ଭାଜପା ମୁଖ୍ୟମନ୍ତ୍ରୀ ମନୋହର ପାରିକର କହିଛନ୍ତି - ଆମେ 'ସୋ ମଟୋ କଗ୍‌ନିଜେନ୍ସ' ନେଇ ସାରିଲୁଣି । ଅନୁସନ୍ଧାନ ଚାଲୁଛି । ଆଇନ ଅନୁଯାୟୀ ଦୋଷୀ ନିଶ୍ଚୟ ଦଣ୍ଡ ପାଇବ ।

ହେଲେ, କୋର୍ଟକୁ ସାକ୍ଷୀ ନ ଗଲେ ?

ଆମର ବିଶ୍ୱାସ - କୌଣସି ଆଇନ ଏତେ ଟାଣ ନୁହେଁ ଯାହା ମୋରାଲିଟିକୁ ଭସାଇ ନେଇ ପାରିବ ଏବଂ ମୋରାଲିଟି ଏତେ ଦୁର୍ବଳ ନୁହେଁ ଯାହା ଅରୁଣ ତେଜପାଲଙ୍କ କଥାରେ ବଦଳି ଯିବ । ସେ ଦଣ୍ଡ ପାଇବା ଉଚିତ, ମାତ୍ର କିପରି ?

(୨୩.୧୧.୧୩.)

Digitized by srujanika@gmail.com

ଅମୃତ ଅଣ୍ଡା ମଧ୍ୟାହ୍ନ ଭୋଜନ

ଆମର ଗୋଟିଏ ଢଗ - ଗୋଦରା କୋଡ଼େ ଯେତେ ମାଡ଼େ ସେତେ। ବିଚରା କଷ୍ଟେମଷ୍ଟେ ଯେତିକି ଖୋଳିଥାଏ ନିଜ ହାତୀ ପାଦ ପକେଇ ତାଠୁଁ ଅଧିକ ସମତୁଲ କରିପକାଏ ! କେହି ତାକୁ ପଚାରନ୍ତିନି - ପୁଅରେ, ତୋ ମନରେ ଏପରି ଗଲୁ କାହିଁକି ଉଦୟ ହେଲା ? ନିଜ ଗୋଡ଼ ଦେଖି ନଥିଲୁ ନା ସେଇଆ ହେବ ବୋଲି ଜାଣି ନଥିଲୁ ? ଏମିତି ଦୃଶ୍ୟ ଦେଖିବା ଲୋକ ବରଂ ତାକୁ ବୋକାଟେ ଭାବି ହସି ଦେଇ ପଳାନ୍ତି।

ସବୁ ହସ 'ଆପ୍ରୁଭାଲ୍' ନୁହେଁ। ଏକଥା ସମସ୍ତେ ଜାଣନ୍ତି, କେବଳ ସେଇ ବୋକାଟିକୁ ଛାଡ଼ି।

ସରକାରଙ୍କ ମଧ୍ୟାହ୍ନ ଭୋଜନ ଯୋଜନାର କଷ୍ଟ-ଚିତ୍ର ଯାହୁଁ କେତେ କାହିଁ ଅଧିକ। କାରଣ ଇଏ ସମସ୍ତଙ୍କୁ ଛୁଉଁଛି। ଜଣେ ଇଚ୍ଛା ନକଲେ ବି ସରକାର ଆଣି ତାକୁ ଛୁଆଁଇ ଦିଅନ୍ତି। ପିଲା ବଞ୍ଚିବ ଓ ଶିକ୍ଷା ପାଇବ - ଏଥିପାଇଁ ଆମେ ଆଇନ କରିଛୁ। ନମାନି ଯିବ କୁଆଡ଼େ ? ସରକାରୀ ସ୍କୁଲ୍‌ରେ ପଢ଼ିବ ତ ତୁମକୁ ମିଡ୍-ଡେ' ମିଲ୍ ଖାଇବାକୁ ପଡ଼ିବ। ଇଚ୍ଛା ନାହିଁ ତ - ଭାଗୋ।

ଓଡ଼ିଶା ଉଦାହରଣ। ରାଜ୍ୟ ଫାଇନାଲି 'କ୍ଷୁଧାମୁକ୍ତ' ହେଲା ବୋଲି ସ୍ୱୟଂ ମୁଖ୍ୟମନ୍ତ୍ରୀ ଜଣେଇଲେ। ଆମେ ବି ଦେଖୁଛୁ - ସରକାର ଲୋକଙ୍କୁ ଚାଉଳ ଟଙ୍କାକରେ ଦେଲାଣି ଏବଂ ଏକାସାଙ୍ଗରେ ଦେଖୁଛୁ ଯେ ଠିକ୍ ସେଇ ଚାଉଳ 'ବିପିଏଲ'ଙ୍କ ପାଖରେ ବଳକା ହେବାରୁ ବଜାରରେ ସ୍ୱାଭାବିକ ଭାଉରେ ବିକ୍ରି ହେଉଛି। ସରକାରୀ ଆୟବ୍ୟୟ, ବଜେଟ୍ କି ବଦାନ୍ୟତା ଇତ୍ୟାଦି ହିସାବରେ ନ ପଶି, କେବଳ ଅକଲର ମାନସାଙ୍କରେ ପଚାରିବାକୁ ଚାହୁଁ - ବଜାର ଦର ମାଇନସ୍ ଏକ ଟଙ୍କା, ଯେତେ ହେଲା - ସବୁ ଗଲା କୁଆଡ଼େ ? ଯଦି ହିସାବ କରାଯାଏ ତାହା ଚିଟ୍-ଫଣ୍ଡ ଠକେଇଠୁଁ ବଡ଼ ହୋଇପାରେ।

Digitized by srujanika@gmail.com

ଯଦି ସମସ୍ତଙ୍କର ପେଟ ଘରେ ପୂରିଲା, ତା'ହେଲେ ପିଲାଙ୍କୁ ସ୍କୁଲରେ ଏ ମଧ୍ୟାହ୍ନ ଭୋଜନ ଦେବା ତାମସା ଚାଲିଛି କାହିଁକି ?

ମଧ୍ୟାହ୍ନ ଭୋଜନରେ ଶିକ୍ଷକଙ୍କ ଦାୟିତ୍ୱ କ'ଣ ? ଅର୍ଡର କହୁଚି - ସେ ଖାଦ୍ୟର ଗୁଣବତ୍ତା (quality) ଓ ପରିମାଣ (quantity) ଜଗିବେ। ବିଚରା ସାର୍, ପାଠ ପଢ଼ିଥିଲେ ପିଲାଙ୍କୁ ପଢ଼େଇବାକୁ - ଏବେ 'ଡାଏଟିସିଆନ୍' ଏବଂ ୱାଚ୍-ମ୍ୟାନ୍ ହେଲେ। ସେଥିପାଇଁ ଯେ ଅଲଗା ଯୋଗ୍ୟତା ଦରକାର - ଏତେ ଚିନ୍ତିବା ଲୋଡ଼ା ନାହିଁ। ହଁ କହି ସାଇନ୍ ମାରିଦେଲେ କାମ ଚଳିଯିବ ! ସାର୍‌ଙ୍କ ଦ୍ୱିତୀୟ ଦାୟିତ୍ୱ - ବଡ଼ ଅକ୍ଷରରେ ଦାଣ୍ଡ ଆଡ଼କୁ ମୁହଁ କରିଥିବା ସ୍କୁଲ କାନ୍ଥରେ ଖାଇବାକୁ 'ଏଣ୍ଟାଇଟଲ୍‌ଡ୍' (ହକ୍ ଥିବା) ସବୁ ପିଲାଙ୍କ ନାଁ ଲେଖିବେ ଏବଂ ସେମାନେ ହାଜିରା ମୁତାବକ ଖାଇଲେ କି ନା ତାହା ତଦାରଖ କରିବେ। ୩. ସ୍ୱାସ୍ଥ୍ୟରକ୍ଷାର ସର୍ତ୍ତ (ଭାରତୀୟ ପରିପ୍ରେକ୍ଷୀରେ ଏହାର ଅର୍ଥ କେବଳ ପ୍ରଭୁ ଜାଣନ୍ତି) ପାଳନପୂର୍ବକ ରୋଷେଇ ତଦାରଖ କରିବେ। ବୁଲା କୁକୁର ଇତ୍ୟାଦି ବାହ୍ୟ ଜନ୍ତୁ ଯେମିତି ରୋଷେଇଶାଳକୁ ନଯାଆନ୍ତି ତହିଁର ଦାୟିତ୍ୱ ନେବେ। ମଝିରେ ମଝିରେ ରୋଷେୟାର ହେଲ୍‌ଥ-ଚେକ୍‌ଅପ୍ କରାଇବେ ଏବଂ ପାଠପଢ଼ାରେ ଆଦୌ ହେଳା କରିବେ ନାହିଁ। ଶେଷକୁ, ପିଲା ଖାଇବା ଆଗରୁ ସେ ନିଜେ ଖାଦ୍ୟ ଚାଖିବେ। ସାର୍, ଆପଣଙ୍କ ଭାଗ୍ୟ ! ଆଗରୁ ସରକାରୀ ଯୋଜନା ସକାଶେ ସୁଇସାଇଡ୍ କରିବେ ବୋଲି ସାଇନ୍-ଫାଇନ୍ କରିଛନ୍ତି !

ଏ ସର୍କୁଲାର ବିରୁଦ୍ଧରେ ମଧ୍ୟପ୍ରଦେଶ-ଛତିଶଗଡ଼ ଶିକ୍ଷକ ସଂଘର ଉତ୍ତର ଥିଲା ନିଆରା। 'କଡ଼ା ନିୟମ' ମାନି ଯେମିତି ରୋଷେଇ ହେଉଛି ଆମେ ନିତି ଦେଖୁଛୁ। ବରଂ ପରାମର୍ଶ ଦେଉଛୁ ଯେ ଯିଏ ଏ ଯୋଜନା ଚଳୋଉଛି ସେ ନିଜେ ଚାଖୁ କି ଚାଖୁଣିଆ ନିଯୁକ୍ତ କରୁ। ଆମେ ସାର୍ ହେବାକୁ ଚାକିରି କରିଚୁ - ସହୀଦ ହେବାକୁ ନୁହେଁ ! ଏବେ ରୋଷେଇ ସରିବାମାତ୍ରେ ସେଥିରୁ କିଛି ଆଗେ ବୁଲା କୁକୁରଙ୍କ ପାଖକୁ ଫୋପାଡ଼ି ଦେଉଛୁ। ଯଦି ସେମାନେ ସଇସଲାମତ୍ ରହନ୍ତି ତେବେ ଯାଇଁ ଆମେ ଏ ଖାଦ୍ୟ ପିଲାଙ୍କୁ ଦେଉଛୁ।

ଜୁଲାଇ ୧୬, ୨୦୧୩ ଦିନ ବିହାର ଛାପ୍ରା ଜିଲ୍ଲାରେ ଏପରି ଭୋଜନ ଖାଇ ଏକ ପ୍ରାଥମିକ ବିଦ୍ୟାଳୟରେ ୨୩ ଜଣ ଶିଶୁଙ୍କ ତତ୍କାଳ ମୃତ୍ୟୁ ଘଟିଲା। ରୋଷେଇ ସରଞ୍ଜାମ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସ୍ୱାମୀଙ୍କ ଦୋକାନରୁ ଆସେ ଏବଂ ସେ ଜଣେ ସରକାରୀ ଦଳର ସ୍ଥାନୀୟ ଲେଭଲ୍ ନେତା। ଆମମାନଙ୍କ ଗାଁରେ ବି ଅବିକଳ ସେମିତି ହେଉଥାଏ। ସେ ଅଶୁଭ ଦିନ ସୋୟା-ବଡ଼ି ତରକାରି ତେଲ ବଦଳରେ ରନ୍ଧା ହୋଇଥିଲା ପେଷ୍ଟିସାଇଡ୍ (କୀଟନାଶକ ଔଷଧ)ରେ। ପିଲେ କହିଲେ - ଗନ୍ଧୋଉଚି। ଗୁରୁ-ମା' ନାଲିଆଖି ଦେଖେଇ କହିଲେ - ସବୁ ଆମ ଦୋକାନ ମାଲ। କିଛି ଖରାପ ହୋଇ ନ ପାରେ। ଘରେ ଏମିତି ଜାଫ୍ରାନ୍‌ପକା ପଲୋଉ ବିରିଆନି ଖାଉଚ ? ଚୁପ୍‌ଚାପ୍ ଖା' । (ଖାଦ୍ୟ ସୁରକ୍ଷା ଆଇନ : ମଧ୍ୟାହ୍ନ ଭୋଜନ ମରଣ – ଏହି ସ୍ତମ୍ଭ, 'ସୂର୍ଯ୍ୟପ୍ରଭା' ୩୧.୭.୧୩)

ଦେଶୀ ବିଦେଶୀ ତମାମ୍ ମିଡ଼ିଆରେ ବିହାର ଦୁର୍ଘଟଣାର ବହୁଳ ପ୍ରଚାର ପରେ ୟୁପିଏ (ଧରନ୍ତୁ, କଂଗ୍ରେସ) 'ଖାଦ୍ୟ ସୁରକ୍ଷା ଆଇନ'ର ପ୍ରେତଛାଇ ଦେଖୁଥିଲା ! ଆମ ଗଣତନ୍ତ୍ରର ସ୍ୱାଭାବିକ ପ୍ରକ୍ରିୟା

Digitized by srujanika@gmail.com

- ଇଏ ତାକୁ ସିଏ ୟାକୁ ଦୋଷ ଦେବା, ବ୍ୟବସ୍ଥା ସଜାଡ଼ିବାପାଇଁ ଦି' ଚାରିଟା ନୂଆ ଅର୍ଡର ଝାଡ଼ିଦେବା, ଦୋଷୀଙ୍କୁ ଖୋଜି ଅଦାଲତରେ ହାଜର କରେଇବା ଏବଂ ଶେଷରେ ମରଣ ପାଇଁ କ୍ଷତିପୂରଣ ଦେଇ ଫାଇଲ୍ କ୍ଲୋଜ୍ କରିବା ।

ଲୁଡୁମରା - ପିଲାଟେ ଅଣ୍ଡା ଶିଝୁଥିବା ହାଣ୍ଡିରେ ପଡ଼ି ମଲା । ହିଞ୍ଜିଳିରେ ୩୯ ପିଲା ଭାଗ୍ୟ ଭଲ - ବଞ୍ଚିଗଲେ । ଯେତେ ଖୋଜିବେ ସେତେ ଅଭିଯୋଗ ।

ମାତ୍ର କାହିଁକି ସରକାର ଏ ଯୋଜନା ଆପେ ବନ୍ଦ କରୁନି ? ବା ଏହାକୁ 'ଡିବିଟି' (ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର୍'ରେ ପୂରେଇ ବାପ-ମାଙ୍କ ଆକାଉଣ୍ଟ୍‌କୁ ଖାଦ୍ୟ ଓ ଅଣ୍ଡା ପଇସା ପଠେଇଦେଲେ ତ କାମ ସରନ୍ତା । ଝିଟିପିଟି ଖାଦ୍ୟରେ ପଡ଼ିବା କି ଅଣ୍ଡା କାଞ୍ଚିଆ ହେବା ଚାନ୍ସ ନଥିବ ।

(୨୫.୯.୧୩.)

Digitized by srujanika@gmail.com

ନୂଆ ପରୀକ୍ଷା

History can not comfort you, dear / Life does not cry on behalf.

ଜୀବନର ଅନ୍ତିମ ନିଷ୍ଠୁରତା ହେଲା ଯେ ଇତିହାସ କାହାରିକି ବୁଦ୍ଧି ଶିଖେଇ ପାରେନି ଏବଂ ଲୁହ ଗଡ଼େଇବା କାମ ପ୍ରକ୍ସିରେ ଚାଲେନି।

ଘୋଷଣା ଅନୁଯାୟୀ, ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ଓବିଏସଇ) ଆଗାମୀ ପ୍ଲସ୍-ଟୁ ପରୀକ୍ଷାର ଢାଞ୍ଚା ବଦଳାଇବ। ମୋଟ ୧୦୦ରୁ ୭୦ ନମ୍ବର 'ଅବ୍‌ଜେକ୍ଟିଭ୍' (ହଁ ନା ଟିକ୍ ମାର୍କ) ଏବଂ ୩୦ 'ସବ୍‌ଜେକ୍ଟିଭ୍' - ପ୍ରତି ପ୍ରଶ୍ନରେ ଧାଡ଼ିଏ ଦି' ଧାଡ଼ି ଲେଖିବାକୁ ପଡ଼ିବ।

୧୯୪୮ରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ତତ୍କାଳୀନ ପ୍ରଫେସର ସର୍ବପଲ୍ଲୀ ରାଧାକ୍ରିଷ୍ଣନ (ପରେ ରାଷ୍ଟ୍ରପତି)ଙ୍କ ଅଧ୍ୟକ୍ଷତାରେ ଗଠିତ 'ୟୁନିଭର୍ସିଟି ଏଜୁକେସନ କମିସନ' ମତ ଦେଲେ ଯେ ଦେଶରେ ଶିକ୍ଷାର ଯଦି ମାତ୍ର ଗୋଟିଏ ସଂସ୍କାର କରିବାକୁ କୁହାଯାଏ, ଆମେ କହିବୁ ତାହା ପରୀକ୍ଷାର ସଂସ୍କାର ହେଉ। ୧୯୬୨ର ସେହି ରିପୋର୍ଟରେ ଥିଲା: "The Mudaliar Commission on Secondary Education (1952-53) also recognised the lack of validity (ବୈଧତା), reliability (ବିଶ୍ୱସନୀୟତା) and objectivity (ବସ୍ତୁନିଷ୍ଠତା) in examinations."

ଏଠୁ ଆଉ ଷାଠିଏ ବର୍ଷ ପରେ - ଦେଶ ସାରା ତଥା ଓଡ଼ିଶାରେ ପରୀକ୍ଷାର ବ୍ୟବସ୍ଥା ଓ ପରିଚାଳନା ବଦଳିଛି କେତେ ଢଙ୍ଗରେ। ଉପର ତିନୋଟି ଉପାଦାନଗୁ କେତେ କେମିତି ମିଳିଛି ତାହା ଅନୁଧ୍ୟାନ କରିବା ନିହାତି ଦରକାର। ଦୁଇ ନାରୀ ଗୋଟିଏ ସନ୍ତାନକୁ ନିଜର କହି କଳି କରୁଥିବା ଗପ ପରି ଶିକ୍ଷା ସଂପର୍କୀୟ ସିଦ୍ଧାନ୍ତ ନେବା ସରକାରର ନା ଶିକ୍ଷାବିତ୍‌ଙ୍କର ଏହା କଳିବା କୁ କାହାରି ନାହିଁ।

Digitized by srujanika@gmail.com

ମାତ୍ର ଯାହା ଦେଖାଯାଏ - ସରକାର ସବୁ କଥା ସେକ୍ରେଟେରିଏଟ୍‌ରେ ବିଚାର କରନ୍ତି ଏବଂ ବାଜେ ପିଲା ଧୁମ୍ କପି କରି ଭଲ ପିଲାଙ୍କ ଭାଗ୍ୟ ଅନ୍ଧାର କରିପାରନ୍ତି। ଶିକ୍ଷା ନାଗରିକ ପାଇଁ ସାମ୍ବିଧାନିକ ଅଧିକାରରେ ଅନ୍ତର୍ଭୁକ୍ତ ହୁଏ ଏବଂ ସରକାରଗୁଡ଼ିକ ଆଶା କରନ୍ତି ଯେ ସମସ୍ତେ ପାଶ୍ କରନ୍ତୁ। ଦେଶର ଆର୍ଥିକ ଦୁରବସ୍ଥା ସଜାଡ଼ିବାକୁ ଗତ ମାସରେ ବିତ୍ତମନ୍ତ୍ରୀ ଚିଦାମ୍ବରମ ଆଶା କଲେ ଯେ ଫରେନ୍ ଏକ୍ସଚେଞ୍ଜ ରେସିଓ ସଜାଡ଼ିବାକୁ କୋଇଲା, ଷ୍ଟିଲ୍,, ଲୁହାପଥର. ଅଟୋମୋବାଇଲ୍ ପରି ଭାରତୀୟ ଶିକ୍ଷା ମଧ ରପ୍ତାନିଯୋଗ୍ୟ ହେଉ। ମାତ୍ର ଶିକ୍ଷାର ମୁକ୍ତ ରୂପ ଆମେ କେମିତି ଦେଖିବାକୁ ପାଉ? ପୃଥିବୀର ଶ୍ରେଷ୍ଠ ଦୁଇ ଶହ ବିଶ୍ୱବିଦ୍ୟାଳୟ ଭିତରେ ଭାରତରୁ ଗୋଟିଏ ବି ନାହିଁ।

ନୂଆ ପରୀକ୍ଷା ପଦ୍ଧତିରେ ପ୍ରଶ୍ନପତ୍ର ଲିକ୍ ପରି ସମସ୍ୟା ହୁଏତ ବନ୍ଦ ହୋଇପାରେ, ଏକାସାଙ୍ଗରେ ମନ୍ତ୍ରୀ ଇସ୍ତଫା ବି। ପରିଚାଳନାରେ ଅସଦାଚରଣ କି ଦୁର୍ନୀତି ବନ୍ଦ ହେବାର କୌଣସି ଗ୍ୟାରେଣ୍ଟି ନାହିଁ। ହଲ୍ ଝରକା ଆରପଟୁ ସୂଚନା ଅନୁଯାୟୀ ଟିକ୍-୭୦ ମାର୍କ ପକ୍କା। ଆଉ ନନ୍-ଟିକ୍ ୩୦ - ହେଲେ ହେଲା ନ ହେଲେ ନାହିଁ।

ସମାଧାନ

ଯୋଗରେ ସିଦ୍ଧି ସମୟ ଉପନୀତ ହୁଅନ୍ତେ ସାଧୁ ପ୍ରଭୁଙ୍କୁ ମାଗିଲେ - ମତେ ଦୟା ଦିଅ, ମାୟା ଦିଅ। ଲୋକଙ୍କ ଆର୍ତ୍ତି, ଶୋକ, ରୋଗ, ଦୁଃଖ ବଦନାମ ସବୁ ଦିଅ।

ପାଖରେ ଚେଲାଟିଏ ବସିଥାଏ। ବୋକା ପରି କିଛି ବୁଝି ପାରୁ ନ ଥାଏ। ସାଧୁ ହେଲେ କ'ଣ ଲୋକ ପାଗଳ ହୁଅନ୍ତି କି? ଏହିପରି ଧାରଣାରେ ସେ କହିଲା, 'କିହୋ ଗୁରୁ ଗୋସେଇଁ, ତମେ ଜଣେ ଲୋକ, ଏତେଗୁଡ଼ା କଥା ଏକାସାଙ୍ଗରେ ମାଗୁଚ - ଲାଜ ମାଡୁନି? ଠାକୁରଙ୍କ ପାଖରେ କିଛି ଛାଡ଼ିଦିଅ। ଅନ୍ୟ ଭକ୍ତ ମାଗିଲେ ସେ ପୁଣି କାହାକୁ କିଛି ଦେବେ କି ନା?'

ଗୁରୁ ଚିଡ଼ିଗଲେ ଓ କହିଲେ, 'ଚୁପ୍ ବେ, ମୋ ପ୍ରେୟାରର ସେକେଣ୍ଡ୍ ପାର୍ଟ ଶୁଣିନୁ। ସେଥିରେ ବଡ଼ ବଡ଼ କଥା ଅଛି।'

'କହୁନା।'

'ସମସ୍ତେ ଶାନ୍ତିରେ ବଞ୍ଚନ୍ତୁ। ନିଜେ ନର୍କର ଶେଷ ପାହାଚରେ ପଡ଼ି ଛଟପଟ ହେବି ପଛେ', ମୁଁ ଠାକୁରଙ୍କୁ ଡାକୁଚି, 'ହେ ପ୍ରଭୁ, ସଭିଙ୍କ ବେଦନା ତମେ ମୋତେ ଦେଇଦିଅ।'

'ଇଏ ଗୋଟେ କଥା? ଧାଡ଼ିକରେ ସମାଧାନ। ଜଣେ ମାତାଜୀ ଯୋଗାଡ଼ କରି ବାହା ହୋଇପଡୁନା। ଉପର ପ୍ରେୟାର୍ ମୁତାବକ ସବୁ ଆପେ ମିଳିଯିବ। ଭଗବାନଙ୍କୁ ଡିଷ୍ଟର୍ବ କରିବା ଦରକାର ନାହିଁ।'

ପାପିଷ୍ଠ ପାପିଷ୍ଠ କୁହାଟରେ ଗୁରୁ ଚେଲା ଉପରକୁ ଆଶାବାଡ଼ି ଫୋପାଡ଼ିଲେ ଏବଂ ଶେଷରେ ତାକୁ ଅଯୋଗ୍ୟ ଘୋଷଣା କରି ଆଶ୍ରମରୁ ରଷ୍ଟିକେଟ୍ କରିଦେଲେ।

(୨୮.୧୧.୧୩.)

Digitized by srujanika@gmail.com

ଆଗେ ତମେ ଏମିତି ନ ଥିଲ

ଯୁଗକୁ ଯୁଗ ଏହି ମତେ / ପରମାନନ୍ଦ ଏ ଜଗତେ

'ତମେ ଆଗେ କେତେ ରୋମାଣ୍ଟିକ୍ ଥିଲ । ଏବେ କ'ଣ ହେଲା ? ଜହ୍ନ ଯାଉଚି, ଦେଖୁନା । ମନ ହଉଚି, ହସୁନା । ତମେ ତ ଏମିତି ନ ଥିଲ !' ବୟସ ବଦଳିବାର ସ୍ୱୟମ୍ବର ସଭା ବିଷୟରେ ବଖାଣିବା ଲାଗି ଏଇ ଏକ ଚଳନ୍ତି ଜୋକ୍ । କାଳଜୟୀ ମଧ୍ୟ ।

ରୋମାନ୍ସ ଟପିଲେ ସଂସାରର ଯମ-ଗଳି ପାଇଁ ଗେଟ୍ ଆରମ୍ଭ ହୁଏ । କେଳି ଓ କୌତୁକର ଅବଶିଷ୍ଟାଂଶ ଯାହା ଥାଏ ତାହା ଗେଟ୍ ଆରପଟେ ଛାଡ଼ି ଆସିବାକୁ ପଡ଼େ । ଝିଅ ପାଇଁ ରୂପସାଜ କିଣିବା ଗରଜରେ ମା'ଙ୍କ ଶାଢ଼ି ବ୍ୟୟ କମିଯାଏ ।

ମାଣବସା ଗୁରୁବାର, ସହରରେ କିଣୁଥିବା ଧାନ ବେଣୀ - ଏ ରୋମାନ୍ସର ଏକ ସଜୀବ ଉଦାହରଣ । ଗାଉଁଲୀ ଜୀବନ ପାଇଁ ମାଣ ସଜେଇବା ଆବେଗ । ଦିନେ ତାହା ଥିଲା ସତ । କଅଁଳ କିଆରିରୁ ଆସିଥିବା ଖେତ ଧାନରେ କେତେ ପ୍ରକାର କୋଠି ବେଣୀ ସଜେଇ ବୋହୂ ଗୁପ୍ତରେ ମା'ଲକ୍ଷ୍ମୀଙ୍କୁ ପୂଜା କରୁଥିଲା । ଏବେ ପଚାଶ ବର୍ଷ ତଳର ମାଣ ବ୍ରିଫ୍‌କେଶ୍‌ରେ ପଶି ସହରକୁ ଆସିଲେ । ଏଠି ବି ନୂଆ ଧାନ, ଧାନ ବେଣୀ, ପିତଳ କଣ୍ଢେଇ ଇତ୍ୟାଦି ନ ହେଲେ ମାଣ ବସି ପାରିଲେନି । ସେଗୁଡ଼ିକର ସୁନ୍ଦର ବ୍ୟବସାୟ ମେଲିଲା ।

ପର ରୋମାନ୍ସ ତୁଲେଇବା ଭାରି କଷ୍ଟ । ଶାଶୂଙ୍କ ମାଣବସା ରୋମାନ୍ସକୁ ଅଲଗା ପରିବେଶ ଓ ସମୟରେ ବୋହୂ ପାଳିଲା ବେଳକୁ 'କଅଁଳ କିଆରି ଖେତର ଧାନ' ଇତ୍ୟାଦି ଧାରଣା ଆପେ ହଜି ଗଲା । ଲକ୍ଷ୍ମୀ ଗୁପ୍ତରୁ ମୁକ୍ତ ହେଲେ । ତାଙ୍କ ପୂଜା ଦିନ ଘରେ ଘରେ ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣ କେସେଟ୍ ବାଜିଲା ।

ଆଗେ ସବୁ କଥା ଭଲ ଥିଲା । ଗୋବର ଲିପା ଅଗଣା ବେଶି ବାସୁଥିଲା

Digitized by srujanika@gmail.com

ଫିନାଇଲ୍ ଧୁଆ ଫ୍ଲୋର୍‌ଠାରୁ। ଟିକିଏ ତେଲରେ ବୋଉ ଯେମିତି ଶାଗ କି ଆଇଁଷକୁ ଇକୁଆଲ୍ ଏଫିସିଏନ୍ସିରେ ରାନ୍ଧୁଥିଲା। ପତ୍ନୀ କହିବେ - ଆଗେ ପରିବାପତ୍ର ସୁଆଦିଆ ଥିଲା। ଏବେ ଛି ଛି। ଜାଣି ବିଷ ଖାଉଚୁ। ଆଗ ତେଲ କେମିତି ବାସୁଥିଲା ବା କେତେ କୋଲେଷ୍ଟ୍ରାଲ୍-ମୁକ୍ତ ଥିଲା - ଅସରନ୍ତି ଏ ବିବରଣୀ। ସମସ୍ତେ ମିଶି ଗୋଟିଏ କଥା କହୁଥାଉ - ବୁଝିଲ ନା, ଆଗେ ସବୁ ଭଲ ଥିଲା।

ସତରେ କିନ୍ତୁ ଅନେକ କଥା ଭଲ ନ ଥିଲା ବୋଲି ଆମେ ସେଗୁଡ଼ିକୁ ଛାଡ଼ିଛୁ। ନିରକ୍ଷର ନ ରହି ରୋଜଗାରକ୍ଷମ ହୋଇଛୁ। ଟେଲିଗ୍ରାମ୍‌ଠାରୁ ମୋବାଇଲ୍ ଫୋନ୍ ଉପକାରିଆ ଲାଗୁଛି।

ତା'ପରେ ସବୁ ଚାଲେ ନୂଆ ପରି। ଯଦି କନ୍ଦମୂଳ ଗନ୍ଧାଏ, ତାକୁ ସୁସ୍ୱାଦୁ ଓ ସୁଶୋଭିତ କରିବାକୁ ସମଲା ବାହାରିଲାଣି। ସ୍ମୃତିକୁ ଶାଶୂଙ୍କ ପାଖରେ ଜିମା ଦେଇ ଆମ ରୁଚି ବଦଳିଛି ଛାଁକୁ ଛାଁ। ବୋହୂ ଚାଇନିଜ୍ ଚାଉମିନ୍‌ରେ ଡିନର୍ ସଜାଏ। ସେଦିନ ବୋଉଙ୍କ ପାଇଁ ଶୁଦ୍ଧ ଶାକାହାରୀ ଖାଦ୍ୟ ପାର୍ସଲରେ ଆସେ। ଶାଶୂ ଦିନାକେତେ ବ୍ୟସ୍ତ ହେଉଥିଲେ ହୋଟେଲରେ ବ୍ୟବହାର ହେଉଥିବା ଚଟୁ ଡଙ୍କା ଫଳ ଝୋଳ ଇତ୍ୟାଦିର ଭେଜ୍ ନନ୍-ଭେଜ୍ ସତୀତ୍ୱ କଥା ଭାବି। ପିଲାଙ୍କୁ ଦିଲିଗିଲି ନ କରି ବା ଅନାହାରରେ ରହିଯିବା ଭୟ ଯୋଗୁ ସେ ଏବେ ପାର୍ସଲ୍‌ରୁ କିଛି କାଢ଼ି ଆଗେ ଭୋଗ ଦିଅନ୍ତି। ତା'ପରେ ମାଧବଙ୍କ ପ୍ରସାଦ ଭାବି ତାହା ସେବନ କରନ୍ତି।

ଶାଶୂ ଯେଉଁ କାରଣରୁ ଭେରିଫିକେସନ୍ ଛାଡ଼ି ମାଧବଙ୍କୁ ହୋଟେଲ ଭାତ ଖୋଇଦେଲେ, ଠିକ୍ ସେହି କାରଣରୁ ଶୋରିଷ ତେଲରୁ ସେଣ୍ଟ୍ କମି ଯାଉଥିଲା। ସମୟ ବିଗିଡ଼ିଲା କେମିତି ବା ବିଗାଡ଼ିଲା କିଏ ? ଏହା ଏକ ପିଢ଼ି ବଦଳା ଯାତନା। ସବୁ ଯୁଗରେ ନୂଆ ନୂଆ ପ୍ରଶ୍ନ ଓ ପ୍ରସଙ୍ଗ ନେଇ ଆସୁଥାଏ।

ଜଗନ୍ନାଥ ହେ ! ନିଜକୁ ନିଜେ ରକ୍ଷା କର

ମହାପ୍ରଭୁ ଜଗନ୍ନାଥଙ୍କ ରୋଷଶାଳା ଓ ପୁରୀ 'ସ୍ୱର୍ଗଦ୍ୱାର' - ଏ ଦୁଇଟି ସ୍ଥାନ ମାରାତ୍ମକ ଭାବେ ପ୍ରଦୂଷଣଯୁକ୍ତ। ରୋଷଶାଳାରୁ ନିର୍ଗତ ଜଳ ପେଢନଳା ଦେଇ ମୁନିସିପାଲ୍‌ଟି ଡ୍ରେନ୍‌ରେ ପଡ଼େ। ସେଠାରେ ନିୟମାନୁମୋଦିତ ଭାବେ 'ଟିଏସଏସ' (ଟୋଟାଲ ସସ୍‌ପେଣ୍ଡେଡ୍ ସଲିଡ୍)ର ମାତ୍ରା ଲିଟର୍ ପିଛା ସର୍ବାଧିକ ୨୦୦ ମିଲି ଗ୍ରାମ୍ ରହିବା କଥା। ମାତ୍ର ରହିଛି - ୪୮୩୦। 'ବିଓଡି' (ବାୟୋକେମିକାଲ ଅକ୍ସିଜେନ୍ ଡିମାଣ୍ଡ) ରହିବା କଥା ୭୫ ମି.ଗ୍ରା. - ଅଛି ୧୦ ହଜାର ୨୦୦। 'ସିଓଡି' (କେମିକାଲ ଅକ୍ସିଜେନ୍ ଡିମାଣ୍ଡ) ୨୫୦ ମି.ଗ୍ରା. ପରିବର୍ତ୍ତେ ଅଛି ୨୦ ହଜାର ୧୫୯।

ସେହିପରି ପଲ୍ୟୁସନ ବୋର୍ଡ ରିପୋର୍ଟ ଅନୁଯାୟୀ ସ୍ୱର୍ଗଦ୍ୱାରରେ ବାୟୁ ପ୍ରଦୂଷଣ ଅବସ୍ଥା ମଧ୍ୟ ଗୁରୁତର।

ଗତ ୨୨ ତାରିଖ ଦିନ 'ନେସନାଲ ଗ୍ରିନ୍ ଟ୍ରିବୁନାଲ' (କୋର୍ଟ) ରାଜ୍ୟ ସରକାରଙ୍କୁ ଆଦେଶ କରିଛନ୍ତି - ଛଅ ସପ୍ତାହ ଭିତରେ ଏ ଦୁର୍ଦ୍ଦଶା ସଜାଡ଼। ନ ହେଲେ ଜାଣିଥା' - ଆଇନ ତା ବାଟରେ ଯିବ।

ତେଣିକି ଜଗନ୍ନାଥ ଉପାସ ରହନ୍ତୁ କି ମୃତକଙ୍କ ଆତ୍ମା ସ୍ୱର୍ଗକୁ ନ ଯାଉ !

(୨୭.୧୧.୧୩.)

Digitized by srujanika@gmail.com

ନ ବୀ ନ ନି ର୍ମା ଲ୍ୟ

କଣିକାଏ ନିର୍ମାଲ୍ୟ - ପେଟ ପୂରେନି, ମାତ୍ର ମନ ତୋଷ

ହାଇକୋର୍ଟର ସ୍ୱତନ୍ତ୍ର ବେଞ୍ଚ୍ ପ୍ରତିଷ୍ଠା ଦାବିରେ ୨୬ ଅଗଷ୍ଟ ୨୦୧୩ ପଶ୍ଚିମ ଓଡ଼ିଶା ବନ୍ଦ ଦିନଟି କେଉଁ ଗୌରବ ବା ବିଶ୍ୱାସଘାତକତା ନେଇ ଇତିହାସରେ ସ୍ଥାନ ପାଇବ, ସେ କଥା ପ୍ରଭୁ ଜାଣନ୍ତି । ମାତ୍ର ସବୁ ଦଳର ପଲିଟିସିଆନ୍ ଜାଣନ୍ତି - 'ନୋ କୋର୍ଟ ନୋ ଭୋଟ୍' ପରି ଗୋଟେ ହାବେଳି କାହିଁକି ଉଠିଥିଲା । ଏ ସ୍ଲୋଗାନ୍ ସେ ଦିନର ବନ୍ଦ ସହିତ ଗାଁଗଣ୍ଡାରେ ପଶି ଗଲା । ଫାଣ୍ଡି ଲୋଡ଼ା ନ ପଡୁଥିବା ଲୋକେ ବି କହିଲେ - ଆମର ହାଇକୋର୍ଟ ଦରକାର !

ସ୍ଲୋଗାନ୍ ପପୁଲାର୍ ହେଉଥିଲା ଏବଂ ଏକାସାଙ୍ଗରେ ସୃଷ୍ଟି ହେଉଥିଲା ପଶ୍ଚିମାଞ୍ଚଳ ନେତାମାନଙ୍କ ମନରେ ଧଡ଼କ । 'ଷଣ୍ଢ ମାଇଲେ ମଲି, ଷଣ୍ଢକୁ ମାଇଲେ ମଲି' ପରି ଅବସ୍ଥାରେ ପଡ଼ିଗଲେ ସବୁ ଦଳ । ସେତେବେଳେ ଏହି ସ୍ତମ୍ଭରେ ଆମେ ଖେଦ କହିଥିଲୁ । : ହାଇକୋର୍ଟ ଇସ୍ୟୁକୁ ନେଇ ରାଜନୀତି ସାଙ୍ଗରେ ଯୋଡ଼ିବା ଉଦ୍ୟମ ଡେଞ୍ଜରସ୍ । ଆମର ଯୁକ୍ତି ଥିଲା - ଭାଇ ରାଜନୀତି ଭାରି ପଙ୍କୁଆ ଶେଉଳ । ଚାନ୍ସ ପାଇଲେ, ଚମଟ ମାରେ । ଯେହେତୁ ଇଲେକ୍ସନ୍-ଲୋଭ ସମ୍ବରଣ କରିବା ଗଣତନ୍ତ୍ର ପାଇଁ ଉଚିତ ଲକ୍ଷଣ ନୁହେଁ, ପୌର ନିର୍ବାଚନ ନାଁରେ ସରକାରକୁ ଫାଉଲ ମାରିବା ରାଜନୀତି ବିବର୍ଜିତ ଏକ ଅପରିପକ୍ୱ କଳ୍ପନା । 'ହାଇକୋର୍ଟ ବେଞ୍ଚ୍ ପ୍ରତିଷ୍ଠା ଦାବି ସୁଇସାଇଡ୍ କରିବ କି ?' ଏହା ଥିଲା ଆମର ପ୍ରଶ୍ନ ।

ମୁଖ୍ୟମନ୍ତ୍ରୀ କେନ୍ଦ୍ର ଆଇନମନ୍ତ୍ରୀଙ୍କୁ ଚିଠି ଲେଖିଦେଲେ । ହାଇକୋର୍ଟ ବାବଦରେ ରାଜ୍ୟ ସରକାରଙ୍କ ଫାଇଲ୍ ବରାଦ ସରିଲା । ତତ୍କାଳ ସୁଝୁରି ମାରି କିଲା ପାଖକୁ ଡାକିବା ପରି ତେର ଜାଗାରେ ବେଞ୍ଚ୍ ପ୍ରତିଷ୍ଠା ଦାବି ଉଠିଲା ।

Digitized by srujanika@gmail.com

ଦିନେ ଆମ ଗାଁ ପିଲେ ହୁରି କଲେ : ଏବେ ଆଉ ଏନଏସି କଥା କହିବୁନି। ଏକାସାଙ୍ଗରେ ଦାବି କରିବୁ - ଆମ ଗାଁରେ ବି 'ହାଇକୋର୍ଟ ବେଞ୍ଚ୍' ପ୍ରତିଷ୍ଠା ହେଉ। ହବ କି ନାହିଁ ବୋଲି ମତେ ଜି.କେ. ପଚାରିଲେ। ମୁଁ କହିଲି - ମନ ଗଲ୍ଲ ମାରିବାକୁ ଏହା ଉତ୍ତମ ଉପାୟ। ଭଲ ହବ। ଆଗେଇ ଚାଲ। ମୁଁ ସାଙ୍ଗରେ ଅଛି। ଓଡ଼ିଶାରେ 'ବେଞ୍ଚ୍' ପ୍ରତିଷ୍ଠାର ଭାଗ୍ୟ ଏହିପରି ହାସ୍ୟାସ୍ପଦ ହେଲାନି କି ?

ଫାଇଲିନ୍ ପରି ପଶ୍ଚିମ ଓଡ଼ିଶାରେ ମହାବାତ୍ୟା ଥିଲା ଅଟକି ଥିବା ୨୦ଟି ପୌର ନିର୍ବାଚନକୁ ନେଇ। ଅନ୍ତତଃ ବିରୋଧୀ ଭାଜପା ଏବଂ କଂଗ୍ରେସ ସେମିତି ପ୍ରଚାର କରୁଥିଲେ।

ଏ ବାତ୍ୟା ମୁକାବିଲା କରିବାକୁ ଚାରିଆଡ଼େ ଓଭ୍ରାପ୍ ଟିମ୍ ପରି ମନ୍ତ୍ରୀମାନଙ୍କୁ ରଖି ମୁଖ୍ୟମନ୍ତ୍ରୀ ନିଜେ ବୁଲୁଥିଲେ। ଗତ ଶୁକ୍ରବାର ଦିନ ପଶ୍ଚିମ ଓଡ଼ିଶାରେ ଦ୍ୱିତୀୟ ପର୍ଯ୍ୟାୟ ପୌର ନିର୍ବାଚନ ସରି ସେଥିରେ ବିଜୁ ଜନତା ଦଳର ସଫଳତା ଆଶାରୁ ଅଧିକ ହୋଇଗଲା। ୨୦ ପରିଷଦରୁ ଏକା ବିଜଦ ପାଇଛି ୧୫ଟିରେ ସୈଦ୍ଧାନ୍ତିକ ବିଜୟ। କଂଗ୍ରେସ-୧, ଭାଜପା-୧। ବାକି ତିନି - କେଜାଣି, ଏ ଲେଖା ପ୍ରକାଶ ପାଇବାବେଳକୁ ସେଗୁଡ଼ିକର ଭାଗ୍ୟ କ'ଣ ହୋଇଥିବ।

'ଶଙ୍ଖ ଚିହ୍ନ ଜୟ' ଯୁଗରେ ଏ ଗଣତିର କିଛି କ୍ଲାସିକାଲ୍ ମାନେ ନାହିଁ।

ପ୍ରମୁଖ ବିରୋଧୀ ଦଳ କଂଗ୍ରେସ ଓ ଭାଜପାର ଅସହାୟତା ମଲା ଏଣ୍ଡୁଅ ପରି ରାସ୍ତା କଡ଼ରେ ପଡ଼ିଛି। ପରାଜୟ ସଂପର୍କରେ ଭାଜପା କହେ - ଦଳ ଆତ୍ମନିରୀକ୍ଷଣ କରିବ। ପାଟଣାଗଡ଼ ଆମ ଇଜ୍ଜତ ବଞ୍ଚେଇ ଦେଇଛି। କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ନିରଞ୍ଜନ ପଟ୍ଟନାୟକ କହୁଛନ୍ତି - ଏବେକାର ଅଧ୍ୟକ୍ଷ ଜୟଦେବ ଜେନା 'ମୋରାଲ୍ ଗ୍ରାଉଣ୍ଡ୍'ରେ ଇସ୍ତଫା ଦେଉନାହାଁନ୍ତି କାହିଁକି ? ଜୟଦେବ ବାବୁ କହୁଛନ୍ତି - ଏକା ସାଙ୍ଗରେ ନିର୍ବାଚନ ହୋଇଥିଲେ ଦେଖିଥା'ନ୍ତା।

ପା ଲ ଟା କି ଲା !

ନିର୍ବାଚନ କମିଶନ ସ୍ୱୟଂ ଆଚରଣ ବିଧି ଉଲ୍ଲଙ୍ଘନ କରୁଛନ୍ତି - ମନ୍ତ୍ରୀ ଡକ୍ଟର ଦାମୋଦର ରାଉତ ।

ବିଧି କହୁଛି - ନିର୍ବାଚନ ପରିଚାଳନାରେ ନିର୍ବାଚନ ଆୟୋଗଠାରୁ ଆଉ କେହି ବଡ଼ ନାହିଁ। ସୁପ୍ରିମକୋର୍ଟ ବି ନୁହେଁ। ରାଜସ୍ୱ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ଆଚରଣ ବିଧି ଲଘଂନ କରିଥିବା ଅଭିଯୋଗ କଲା କଂଗ୍ରେସ ଓ ବିଜେପି। କମିସନ ନିଜ ସୋର୍ସରୁ ଜାଣିଲେ ଯେ ଅଭିଯୋଗ ସତ। ନୋଟିସ୍ ଜାରି ହେଲା। ଦାମ ବାବୁ ଦଳର ବରିଷ୍ଠ ନେତା। ଓଜନିଆ ଓ ସାପ ଲାଙ୍ଗୁଡ଼ରେ ହାତ ମାରିଲା ପରି କଥା କହନ୍ତି। କହି ଦେଲେ। ମନ୍ତ୍ରୀ ବଡ଼ ନା କମିସନ ବଡ଼ ? ଜାଣି ହେଉନି।

ମଣିଷ ସଭ୍ୟତାର ଏକ ନମ୍ବର ନିୟମ ହେଲା - ଜିତିବା ଲୋକ ଇତିହାସ ଲେଖେ। ପରାଜିତ ବିଷୟରେ ସେଥିରେ ଉଲ୍ଲେଖ ରହେ ଯେ - ମାତ୍ର ତାହା ବି ବିଜେତାର ମହିମା ବଖାଣିବାକୁ।

(୨୬.୧୧.୧୩.)

Digitized by srujanika@gmail.com

ବିଧାନସଭା ଆଲୁଦୋଷ

ରାଜ୍ୟ ବିଧାନସଭାର ଚଳିତ ଶୀତକାଳୀନ ଅଧିବେଶନ ବହୁ କାରଣରୁ ତାତ୍ପର୍ଯ୍ୟପୂର୍ଣ୍ଣ। ଗତ ଅଗଷ୍ଟ ମୌସୁମୀ ଅଧିବେଶନଠାରୁ ଏ ଭିତରେ ମନ୍ତ୍ରୀ ଓ ମନ୍ତ୍ରୀମଣ୍ଡଳୀମାନଙ୍କ ରୂପ ଭେକ ଢେର୍ ବଦଳି ଯାଇଛି।

ଆଲୋଚନା ପାଇଁ ଯେଉଁ ଦଳୀୟ ଖସଡ଼ାମାନ ଘୋଷଣା କରାଯାଇଛି ସେଥିରେ କଂଗ୍ରେସ ଓ ଭାଜପାର ରହିଛି - ଦରଦାମ ବୃଦ୍ଧି, ବେଆଇନ ମେରାମଣ୍ଡଳୀ ଭୂଷଣ କାରଖାନରେ ଦୁର୍ଘଟଣା ଓ ସେଥିରେ ସଂଖ୍ୟାହୀନ ଶ୍ରମିକଙ୍କ ମୃତ୍ୟୁ, ଅପରାଧୀମାନଙ୍କୁ ଆଇନ ପାଖରେ ହାଜର କରାଇବାକୁ ସରକାରର ଅନିଚ୍ଛୁକତା ବା ଅସାମର୍ଥ୍ୟପଣ, ଇତିଶ୍ରୀଙ୍କ ହତ୍ୟା, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଅବସ୍ଥା, ମୂଲ୍ୟବୃଦ୍ଧି, ଫାଇଲିନ ଇତ୍ୟାଦି। ସଚେତନ ଭାବେ ଯେ କେହି ବିଶ୍ୱାସ କରନ୍ତି ଯେ ଏଗୁଡ଼ିକ ଲାଇଭ୍-ବମ୍ ପରି ହୁଅନ୍ତା ଯେ ହେଲେ ସାଙ୍ଗରେ ବଡ଼ କିଛୁଟିଏ। ଏଯାବତ୍ ଦୁଇ ବିରୋଧୀଦଳ ଯେଉଁ ଢଙ୍ଗ ଓ ଆଚରଣ ଦେଖେଇ ଆସିଛନ୍ତି, ସେମିତି ହେଲେ ବିଧାନସଭା ଚାଲିବ ତା' ବାଟରେ ଏବଂ ବିରୋଧୀ ବୁଲୁଥିବେ ପଦାରେ!

ବିଜେତାର ଗପ ଇତିହାସ ହୁଏ ଏବଂ ପରାଜିତଙ୍କ ବାହାନା କେହି ଶୁଣନ୍ତିନି। ଯାକୁ ନେଇ ଆଉ ଗୋଟିଏ ବଡ଼ ଘଟଣା - ପୌର ନିର୍ବାଚନରେ ବିଜୁ ଜନତା ଦଳର ସଫଳତା। ଏହାର ପ୍ରଭାବୀ ରୂପ ଅଧିବେଶନରେ ପ୍ରତିଫଳିତ ହେବାକୁ ବାଧ୍ୟ। କାରଣ ଜନ ସମର୍ଥନର ପ୍ରମାଣ କୌଣସି ଗଣତାନ୍ତ୍ରିକ ସରକାର ପାଇଁ ଏକ ସ୍ୱାଭାବିକ ଦମ୍ଭ। ବିଜଦ ତାହାକୁ ପୁଞ୍ଜି କରି ବିଧାନସଭାରେ ଉପସ୍ଥିତ ରହିବ।

ଦ୍ୱିତୀୟ ଏବଂ ଗୁରୁତର ପ୍ରସଙ୍ଗ - ହୁଏତ, ଏହା ୨୦୧୪ ସାଧାରଣ ନିର୍ବାଚନ ପୂର୍ବର ଶେଷ ଅଧିବେଶନ ହୋଇପାରେ। ଆମେ ଉଭୟ

Digitized by srujanika@gmail.com

ବିରୋଧୀଦଳଙ୍କୁ ପ୍ରାର୍ଥନା କରିବୁ - ସେମାନେ ନିଶ୍ଚୟ ଅଧିବେଶନରେ ଉପସ୍ଥିତ ରହନ୍ତୁ।

ଯିଏ ଯେଝା ବାଟେ ଯେମିତି

ଶ୍ୟାମା ପ୍ରସାଦ କର। ଜଣେ ଯୁବାକାଳର ମିତ୍ର । ୧୯୬୫ ବ୍ୟାଚ୍ ସିନିଅର ଅପରେଟିଭ୍ ଟ୍ରେନି। ଘର - ଅଗୁଆଳ, ବରି - ଜିଲ୍ଲା : ଯାଜପୁର। ତାଙ୍କ ଭାଷାରେ - ଯେଉଁ ଲୋକ ପବନକୁ କୁଆଡ଼େ ଫିତାରେ ବାନ୍ଧି ପାରନ୍ତି ! ଅଶୀ ଦଶକରେ ରାଉରକେଲା ଇସ୍ପାତ କାରଖାନା ସମବାୟ ଆନ୍ଦୋଳନର ସେ ଥିଲେ ଜଣେ କର୍ଣ୍ଣଧାର। ଟ୍ରେଡ୍‌ୟୁନିଅନ୍ ନେତା ବି। ସାଥି ମିତ୍ରଙ୍କ ମହଲରେ ତାଙ୍କର ମଧୁର ପରିଚୟ ଆରମ୍ଭରେ ଥିଲା - ହ୍ୟାପ ଟାଉଟର୍‌ଟା। ପରେ ହେଲା - ପହୁଞ୍ଚାହୁଆ ଆଦ୍‌ମି।

ସେ ଥିଲେ ଜଣେ ଉତ୍ତମ ସଂଗଠକ। ତାଙ୍କ ଉପରେ ସମସ୍ତେ ରାଗୁଥିବେ, କିନ୍ତୁ ଭୋଟ୍ ପାଇବେ ସିଏ। ସର୍ବଜ୍ଞାନର ଭଣ୍ଡାର। ଯିଏ ଯାହା କହିଲେ, ପଦେ ତାଙ୍କର 'ରିପାର୍ଟି' (ମଧୁର ଆଶୁଭାଷ) ଥାଏ। 'ବ୍ରହ୍ମଚର୍ଯ୍ୟ' ସଂପର୍କରେ ତାଙ୍କ ଟିପ୍ପଣୀ - ବଳଦ କାହିଁକି ଅଧିକା ମୋଟା ହେଉନି ? ତା'ଠୁଁ ଷଣ୍ଢ କ'ଣ ଅଧିକ ବ୍ରହ୍ମଚାରୀ !

ଭାଷଣ, ୟୁନିଅନ ବାର୍ଗେନ, ଟେକ୍ନିକାଲ୍ ଡିସ୍‌କସନ୍, ମଦ ପିଇବା ଓ ମଜା କଥା କହିବାରେ ତାଙ୍କର ଇକୁଆଲ୍ ଏଫିସିଏନ୍ସି। ପ୍ଲାଣ୍ଟ କାମ ନାସ୍ତି। ତେବେ ବି ସେ 'ବେଷ୍ଟ୍-ଓ୍ୱାର୍କର' ଓ 'ନେହେରୁ ଆୱାର୍ଡ଼' ପାଆନ୍ତି। ପ୍ରତି ଥର ଗାଁରୁ ଫେରିଲା ବେଳକୁ ତାଙ୍କ କାନ୍ଧରେ ନୂଆ ପଇତା ବିରାଜିଥାଏ ଯାହା ଆଉ ଦି' ଚାରି ଦିନେ ହଜିଯାଏ। କିନ୍ତୁ ଗୁପ୍ତ ଭାବେ ନିଜ 'ବ୍ରାହ୍ମଣ'-ଗାରିମାକୁ ବିଶ୍ୱାସ କରନ୍ତି ଏବଂ ବିଶ୍ୱକର୍ମା ପୂଜାରେ ଲିଡର୍ ହୁଅନ୍ତି। ତାଙ୍କ ସଫଳତା ଯେତେ ଇଚ୍ଛା ସେତେ କହି ହେବ।

ସେ ଦିନେ ଖରାବେଳେ ଘରେ ହାଜର। 'ତମ ପାଖରେ ଅଛି, ମୁଁ ଜାଣିଛି। ମତେ ଟିକେ ହେଲ୍ପ କର। ନ ହେଲେ ଶ.. ଧରା ପଡ଼ିଯିବି।' ଦେଖିଲାବେଳକୁ ସେ ଏକ ମର୍ଯ୍ୟାଦାସଂପନ୍ନ ବୋଇତ ବନ୍ଦାଣ ସୋଭେନିର୍ (ପତ୍ରିକା)ରେ ହୋଇଛନ୍ତି ସଂପାଦକ ! ବାବୁ ଓଡ଼ିଆ ଅକ୍ଷର ଭୁଲି ଯାଇଥା'ନ୍ତି।

'ତମେ ନିଶ୍ଚେ ମିଟିଙ୍ଗ୍‌ରେ ପଣ୍ଡିତପଣିଆ ଦେଖେଇଥିବ।'

'ନାଇଁରେ, ସେଠି ଅମୁକ ସବୁକ ସବୁ ଟପ୍ ଅଫିସର ଥିଲେ। ସେମାନେ ବି ମୋରି ପରିକା ବୋକା।'

'ତମେ କେବେ ବୋକା ହେଲ ?'

'ବୁଦ୍ଧିଆ କି ବୋକା ହେବାକୁ ତାରିଖ ଦରକାର ହୁଏନି। ଆମେ ପ୍ରତି ମୋମେଣ୍ଟ୍‌ରେ ନୂଆ ନୂଆ ବନ୍ଧୁ ଏବଂ ନୂଆ ନୂଆ ବୋକା କି ବୁଦ୍ଧିଆ ହେଉ।'

ଶ୍ୟାମା ପ୍ରସାଦଙ୍କ ସହିତ କଥା ଲଢ଼େଇରେ ଜିତିବା ଅସମ୍ଭବ ଜାଣି ବି ଚିଡ଼େଇବା ଲାଗି

Digitized by srujanika@gmail.com

କହିଲି - କ'ଣ ଏଥର ଫିତା ଫିଟିଗଲା କି ? ଅଢ଼ାଗାରେ ହାତ ମାରି ଦେଲ। ବାତ୍‌ଫୁର୍‌ସି ସବୁଠିଁ ଚାଲେନି। ବହୁ ଜାଗାରେ ମଉଜ କରେଇଥିବା ମିତ୍ର ଗୋଟେ ବିପଦରେ ପଡ଼ି ଟିକେ ହେଲ୍ପ ଖୋଜିବାକୁ ଆସିଛି। ପୁଣି ଖରାବେଳେ। କେମିତି ଜଣେ ମନା କରିବ ?

ମୁଁ ତାଙ୍କୁ ଡାଇରେକ୍ଟ ସାହାଯ୍ୟ କରି ପାରି ନଥିଲି। ଲୁଚେଇ ଦେଲି ତାଙ୍କ ପୂର୍ବତନ ହଷ୍ଟେଲ ରୁମ୍-ମେଟ୍ ଦେବେନ୍ଦ୍ର ମହାନ୍ତି (ଗାଳ୍ପିକ ସ୍ତମ୍ଭକାର)ଙ୍କ ପାଖରେ। ମ୍ୟାଗାଜିନ ପ୍ରକାଶନ କାମ ସରିଲା। ଆଉ ବି' ତିନି ମାସ ପରେ ଦେଖିଲାବେଳକୁ ଶ୍ୟାମ କର ଆୱାର୍ଡ ପାଉଛନ୍ତି ବେଷ୍ଟ୍-ଏଡିଟର୍ ପାଇଁ।

ଏଇ ମାମଲାରେ ତାଙ୍କ ମତ ହେଲା - ସବୁ ତ ଦେବେନ୍ଦ୍ର କରିଛି। ଏଡିଟର୍ ପାଇଁ ତା ନାଁ ସଜେଷ୍ଟ୍ କରିଥିଲେ ସେ କ'ଣ ଆୱାର୍ଡ ଯୋଗାଡ଼ କରି ପାରିଥା'ନ୍ତା ? ସେ ଇଣ୍ଟେଲିଜେଣ୍ଟ ମାତ୍ର ବୋକାଟା। ଆମେ ଦୁହେଁ ଭଦ୍ରକ କଲେଜ୍ ଷ୍ଟୁଡେଣ୍ଟ୍। ସାଳନ୍ଦୀ ନଈ ଆଉ ହରେକୃଷ୍ଣ ମହତାବ ଆମ ଦିହିଁଙ୍କର ରୋମାଣ୍ଟିକ୍ ଏବଂ ଇଣ୍ଟେଲେକ୍‌ଚୁଆଲ୍ ମଡ଼େଲ।

'ଯେଝା ବାଟେ ଯିଏ ଯେମିତି ହୋ' - ଶୁଣିଥିଲି ତାଙ୍କ ମୁହଁରୁ ଅଶୀ ଦଶକର ଏକ ଖରାବେଳେ।

ଯେତେ ସଉକ ଓ ମଉଜରେ ଜୀବନ ଉପଭୋଗ କରି ବନ୍ଧୁ ଶ୍ୟାମା ପ୍ରସାଦଙ୍କର ଅପୂରା ବୟସରେ ସ୍ୱର୍ଗବାସ ହେଲା ୫.୧୦.୨୦୦୧ ଦିନ। ଚାକିରି ସରିବାକୁ ତାଙ୍କର ଆଉ ଦୁଇ ବର୍ଷ ବାକି ଥିଲା।

(୨୯.୧୧.୧୩)

Digitized by srujanika@gmail.com

ଓଡ଼ିଆ ସମ୍ବାଦପତ୍ର ଜଗତରେ ନିଜର ଅନନ୍ୟ ଶୈଳୀର ସମ୍ପାଦକୀୟ ଉପସ୍ଥାପନା ଶ୍ରୀଯୁକ୍ତ ରବି କାନୁନ୍‌ଗୋଙ୍କୁ ଅଭୂତପୂର୍ବ ଲୋକପ୍ରିୟତା ଆଣିଦେବା ସହ ଏକ ସ୍ୱତନ୍ତ୍ର ପାଠକ ଗୋଷ୍ଠୀ ସୃଷ୍ଟି କରିବାରେ ମଧ୍ୟ ସମର୍ଥ ହୋଇପାରିଛି । ସେହି ବର୍ଦ୍ଧିଷ୍ଣୁ ପ୍ରଶଂସକଙ୍କ ଆଦର, ଅନୁରୋଧ ଓ ଦାବିକୁ ସମ୍ମାନ ଦେବାକୁ ଯାଇ 'ସୂର୍ଯ୍ୟପ୍ରଭା'ରେ ଲେଖକଙ୍କ ପ୍ରକାଶିତ କେତୋଟି ସମ୍ପାଦକୀୟ ଲେଖାକୁ ନେଇ ଏହି ସଂକଳନଟି ପ୍ରସ୍ତୁତ କରାଯାଇଛି ।

ଏକାଧାରାରେ ଜଣେ ଗାଳ୍ପିକ, କବି, ବ୍ୟଙ୍ଗକାର, ସାମ୍ବାଦିକ, ସ୍ତମ୍ଭ ଲେଖକ ଭାବରେ ସୁନାମ ଅର୍ଜି ଥିବା ଏହି ବହୁମୁଖୀ ସାରସ୍ୱତ ସାଧକଙ୍କ କର୍ମ ପରିସର ରାଜନୀତି, ସମାଜସେବା ଓ ବୌଦ୍ଧିକ ଆନ୍ଦୋଳନରେ ମଧ୍ୟ ବିସ୍ତୃତ ରହିଛି । ୧୯୪୬ରେ ଜନ୍ମ ଗ୍ରହଣ କରିଥିବା ଶ୍ରୀଯୁକ୍ତ ରବି କାନୁନ୍‌ଗୋଙ୍କ ଜନ୍ମ କେନ୍ଦ୍ରାପଡ଼ା ଜିଲାର ଚଅଁପୁର ଗ୍ରାମରେ ହୋଇଥିଲେ ମଧ୍ୟ ତାଙ୍କର ଅଧିକାଂଶ ଜୀବନ କଟିଛି ଇସ୍ପାତନଗରୀ ରାଉରକେଲାରେ । ରାଉରକେଲା ଷ୍ଟିଲ ପ୍ଲାଣ୍ଟରୁ ନିଜ କର୍ମମୟ ଜୀବନରୁ ଅବସର ନେବା ମଧ୍ୟରେ ସେ ସେଠାକାର ଶ୍ରମିକ ସଂଗଠନ ଓ ବୌଦ୍ଧିକ ମଞ୍ଚର ଅଗ୍ରଣୀ ନେତା ରୂପେ ସକ୍ରିୟ ଭାବେ ସମ୍ପୃକ୍ତ ଥିଲେ । ସେ ବର୍ତ୍ତମାନ ମଧ୍ୟ ରାଉରକେଲା ଇଣ୍ଟେଲେକ୍‌ଚୁଆଲ ଫୋରମର ସାଧାରଣ ସଂପାଦକ ରହିବା ସହିତ ଅନ୍ୟାନ୍ୟ ଅନେକ ସଂସ୍ଥା ସହିତ ପ୍ରତ୍ୟକ୍ଷ ଭାବେ ଜଡ଼ିତ ।

ପ୍ରାୟ ସତୁରି ଦଶକରୁ ଓଡ଼ିଆ ସମ୍ବାଦପତ୍ର ଜଗତରେ ନିୟମିତ ସ୍ତମ୍ଭ ଲିଖନର ଅନ୍ୟତମ ପୁରୋଧା ଭାବେ ନିଜର ଅବଦାନ ଦେଇ ଆସିଥିବା ଶ୍ରୀଯୁକ୍ତ କାନୁନ୍‌ଗୋ ଅଧୁନା ଦୈନିକ 'ସୂର୍ଯ୍ୟପ୍ରଭା' ଓ ମାସିକ ସାହିତ୍ୟ ପତ୍ରିକା 'ପ୍ରଭା ସର୍ଜନା'ର ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି । ଗମ୍ଭୀର ପ୍ରସଙ୍ଗର ରମ୍ୟ ଉପସ୍ଥାପନା, ସ୍ୱଳ୍ପ ଶବ୍ଦରେ ଅନେକ କିଛି ବ୍ୟକ୍ତ କରିପାରିବାର ଅଦ୍ଭୁତ କ୍ଷମତା ତାଙ୍କର ଲେଖାକୁ ଏକ ନିଆରା ଛାପ ଦେଇଥାଏ । ତାଙ୍କ ସମ୍ପାଦକୀୟ ଗୁଡ଼ିକର ବୈଶିଷ୍ଟ୍ୟ

Digitized by srujanika@gmail.com

ହେଲା ଯେ ସେ ପାଠକର ନିଜସ୍ୱ ବୋଧଗମ୍ୟତା ତଥା ବିବେକସମ୍ପନ୍ନତାକୁ ଯଥେଷ୍ଟ ସମ୍ମାନ ଓ ଗୁରୁତ୍ୱ ଦେଇ ନିଜ ଅନୁଭବସିଦ୍ଧ ଆଲେଖ୍ୟଗୁଡ଼ିକୁ ଯଥାସମ୍ଭବ ସଂକ୍ଷିପ୍ତ ଓ ଉପଭୋଗ୍ୟ କରାଇପାରନ୍ତି। ଆପାତତଃ ଦୁର୍ବୋଧ ମନେହେଉଥିବା ତାଙ୍କର ସଂପାଦକୀୟଗୁଡ଼ିକର ବାହ୍ୟିକ ଅଂସଲଗ୍ନ ଶାବ୍ଦିକ ଛଟା ମଧ୍ୟରେ ଯୁକ୍ତିସିଦ୍ଧତାର ଏକ ଅନ୍ତର୍ନିହିତ ଧାରା ରହିଥାଏ ଯାହା ଆଲେଖ୍ୟଟିର ଅନ୍ତିମ ପର୍ଯ୍ୟାୟରେ ପାଠକଙ୍କୁ ସୁସ୍ପଷ୍ଟ ହୋଇ ଏକ ନିଆରା ପାଠକୀୟ ଅନୁଭୂତି ଆଣିଦେଇଥାଏ। ତାଙ୍କ ବ୍ୟଙ୍ଗରେ ଭରି ରହିଥାଏ ମାନବିକତାଭରା ଏକ ଅନ୍ତରଙ୍ଗ ଓ ନିଆରା ମଣିଷପଣିଆ। ସେଥିରେ କଟୁତା ନଥାଏ କିମ୍ବା ନଥାଏ ମନୁଷ୍ୟଦ୍ୱେଷୀ ହାମବଡ଼ାପଣିଆ। ଭୂମି ଉପରେ ଗୋଡ଼ ଥାପି ସେ ସମୀକ୍ଷା କରନ୍ତି ନଭମଣ୍ଡଳର ବିବିଧବର୍ଣ୍ଣା ଜଟିଳତାକୁ। ଗ୍ରାମୀଣ ରାଜନୀତି ଠାରୁ ଆରମ୍ଭ କରି ଜାତିସଂଘର କୂଟନୀତି ପର୍ଯ୍ୟନ୍ତ ଅବା ଚଷାଚଢ଼କଠୁଁ ଆରମ୍ଭ କରି ଇଣ୍ଟରନେଟର ପ୍ରାଦୁର୍ଭାବ ପର୍ଯ୍ୟନ୍ତ କେଉଁଟି ବି ତାଙ୍କ ଶାଣିତ ପର୍ଯ୍ୟବେକ୍ଷଣରୁ ବାଦ୍ ଯାଇପାରେ ନାହିଁ। ଶ୍ରୀଯୁକ୍ତ କାନୁନଗୋଙ୍କ ସ୍ୱୀୟ ଅମାୟିକ, ନିରାଡ଼ମ୍ବର ବ୍ୟକ୍ତିତ୍ୱର ଛଟା ପ୍ରତିଫଳିତ ହୋଇଥାଏ ତାଙ୍କର ପ୍ରତିଟି ସର୍ଜନାରେ। ଜୀବନାବେଗରେ ପ୍ରାଣବନ୍ତ ହୋଇଉଠନ୍ତି ତାଙ୍କର ପ୍ରତିଟି କବିତା, ଗଳ୍ପ ଓ ସମ୍ପାଦକୀୟ ସ୍ତମ୍ଭ । ତାଙ୍କର କଥୋପକଥନ ଶୈଳୀ ଅନୁରୂପ ତାଙ୍କର ସମ୍ପାଦକୀୟ ଆଲେଖ୍ୟ ମଧ୍ୟ ତୀକ୍ଷ୍ଣ ବିଶ୍ଳେଷଣଯୁକ୍ତ , ତଥ୍ୟାଶ୍ରିତ ଓ ଉପଭୋଗ୍ୟ ହୋଇଥାଏ। ତାଙ୍କ ଶୈଳୀର ଅନ୍ୟତମ ବୈଶିଷ୍ଟ୍ୟ ହେଲା ସେଗୁଡ଼ିକର ସାମ୍ପ୍ରତିକତା। ସମସାମୟିକ ଘଟଣାବଳୀର ଗତାନୁଗତିକ ଅବତାରଣା ପରିବର୍ତ୍ତେ ତାଙ୍କ ସମ୍ପାଦକୀୟ ବିଶ୍ଳେଷଣରେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଏକାକାର ହୋଇଯା'ନ୍ତି। ସେଗୁଡ଼ିକରେ ପାଠକ ପାଇଥାଏ ଏକ ବ୍ୟଙ୍ଗଭରା ବୌଦ୍ଧିକ ଉପସ୍ଥାପନା ଯାହା ପାଠକର ମନକୁ ମୋହାବିଷ୍ଟ କରିବା ସହିତ ବୁଦ୍ଧିକୁ ମଧ୍ୟ ଆନ୍ଦୋଳିତ କରିଥାଏ। ପ୍ରାଚୀନ ଐତିହ୍ୟ ଓ ପରମ୍ପରା ଉପରେ ପର୍ଯ୍ୟବସିତ ତାଙ୍କର ପ୍ରତ୍ୟେକଟି ଆଲେଖ୍ୟ ସ୍ୱତନ୍ତ୍ର ଆଦର ଓ ସ୍ୱୀକୃତି ପାଇଥାଏ । ସଂସାର-ବିଷୟ ଓ ମାନବ ପ୍ରକୃତି ଉପରେ ତାଙ୍କର ସମ୍ବେଦୀ ଅନ୍ତର୍ଦୃଷ୍ଟି ପ୍ରତିଟି ଲେଖାକୁ ଏକ ଅପୂର୍ବ ସାହିତ୍ୟିକ ବର୍ଣ୍ଣାଳୀରେ ପାଠକକୁ ଉଦ୍ଭାସିତ କରିଥାଏ । ଭାବ ପ୍ରକାଶନରେ ଭାଷାର ପାରମ୍ପରିକ ଚଉହଦିକୁ ପାର କରି ନିଜସ୍ୱ ଏକ ସ୍ୱତନ୍ତ୍ର ଶୈଳୀରେ ଶାଣିତ ତାଙ୍କର ସମ୍ପାଦକୀୟ ଆଲେଖ୍ୟଗୁଡ଼ିକ ସର୍ବକାଳୀନ ଓ ସ୍ୱୟଂସମ୍ପୂର୍ଣ୍ଣ।

ସି.ଏମ୍.ଡି
'ସୂର୍ଯ୍ୟପ୍ରଭା' ପ୍ରକାଶନୀ

ପ୍ରକାଶକ

Digitized by srujanika@gmail.com